ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ସେପ୍ଟେମ୍ବର ୧୬/୨୦୨୩ (୧୨+୮=୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, September 16/2023 Page 20 ₹ 7.00
୪୯ଶ ଭାଗ ୨୯୨ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 292 ମୂଲ୍ୟ₹୭/-



**ରୀତୁଙ୍କ ୪ ଗୋଲ୍ ସଫଳତା**

ଜାତୀୟ ସବ୍‌ଜୁନିୟର ବାଳିକା ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ଚଣ୍ଡିଗଡ଼ ବିପକ୍ଷ ମ୍ୟାଚରେ ଓଡ଼ିଶାର ରୀତୁ ବଡେକ୍ ୪ଟି ଗୋଲ୍ ସ୍କୋର କରିଛନ୍ତି।

୦୮

୦୪

**କୌଣସି ପୁରସ୍କାର ଉତ୍ସବରେ ଯୋଗ ଦିଅନ୍ତିନି ଅମୀର**

ଆମୀର ଖାନ୍ କୌଣସି ପୁରସ୍କାର ଉତ୍ସବରେ ଭାଗ ନିଅନ୍ତି ନାହିଁ। 'ଯୋ ଜିତା ୱହି ସିକନ୍ଦର' ବେଳେ ପାଇଥିବା ଝଟ୍‌କା ପରେ ସେ ଏହିଭଳି ଶପଥ ନେଇଥିଲେ।



# ସାରା ରାଜ୍ୟରେ ଗଡ଼ିବ 'ଲକ୍ଷ୍ମୀ' ବସ୍

## ରାଜଧାନୀ ସହ ଯୋଡ଼ିହେବ ପଞ୍ଚାୟତ

**ଭୁବନେଶ୍ୱର,୧୫।୯(ଅନିଲ ଦାସ)**

ଆଉ କିଛି ମାସ ପରେ ରାଜ୍ୟରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବ। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଗ୍ରାମାଞ୍ଚଳ ଉପରେ ଅଧିକ ଫୋକସ୍ କରିଛନ୍ତି। ଗ୍ରାମାଞ୍ଚଳ ପରିବହନ, ମହିଳା ସଶକ୍ତୀକରଣ, କୃଷି, ଜଳସେଚନ, ପାନୀୟ ଜଳ ଓ ଭିତ୍ତିଭୂମି ଉପରେ ଗୁରୁତ୍ୱ ଦେଇଛନ୍ତି। ମହିଳାମାନଙ୍କୁ ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବୀ କରିବା ସହ ରାଜ୍ୟରେ ନିରାପଦ ଯାତ୍ରୀ ପରିବହନ ସେବା ଯୋଗାଇ ଦେବା ସକାଶେ ସରକାର 'ଲୋକେଶନ ଆକ୍ସେସିବିଲିଟି ମଲ୍ଟିମୋଡାଲ୍ ଇନିସିଏଟିଭ୍ (ଲକ୍ଷ୍ମୀ) ଯୋଜନା ଆରମ୍ଭ କରିଛନ୍ତି। ରାଜ୍ୟ କ୍ୟାବିନେଟ୍‌ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଏହି ଯୋଜନାକୁ ଅନୁମୋଦନ କରାଯାଇଛି।

ଲକ୍ଷ୍ମୀ ଯୋଜନା ଗ୍ରାମାଞ୍ଚଳ ଲୋକଙ୍କୁ ଗ୍ରାମ ପଞ୍ଚାୟତସ୍ତରରୁ ରାଜଧାନୀ ଭୁବନେଶ୍ୱର ପର୍ଯ୍ୟନ୍ତ ଏକ ନିରବଚ୍ଛିନ୍ନ ପରିବହନ ସେବା ପ୍ରଦାନ କରିବ। ଏହି ଯୋଜନାରେ ସମସ୍ତ ଗ୍ରାମପଞ୍ଚାୟତ, ବ୍ଲକ୍ ମୁଖ୍ୟାଳୟ, ଜିଲା ମୁଖ୍ୟାଳୟ, ରାଜ୍ୟର ପ୍ରମୁଖ ସହର ଏବଂ ଅର୍ଥନୈତିକ ପେଣ୍ଠସ୍ଥଳକୁ ବସ୍ ଯୋଗେ ସଂଯୋଗ କରିବା ନିମନ୍ତେ ଲକ୍ଷ୍ୟ ରଖାଯାଇଛି। ସାରା ରାଜ୍ୟରେ ଲକ୍ଷ୍ମୀ ବସ୍ ପର୍ଯ୍ୟାୟ କ୍ରମେ ଚଳାଚଳ କରିବ। ଏହି ଯୋଜନାରେ ରାଜ୍ୟ ସରକାର ୧ ହଜାରରୁ ଅଧିକ ବସ୍ ଚଳାଇବାକୁ ଲକ୍ଷ୍ୟ ରଖିଛନ୍ତି। ଆସନ୍ତା ୧୦ ବର୍ଷ ପର୍ଯ୍ୟନ୍ତ ଏହା ଚାଲୁରହିବ। ଏହି ଯୋଜନା ସଫଳ ହେଲେ ଏହାକୁ ଆଉ ୨ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ବସ୍ ଚଳାଚଳ ଆରମ୍ଭ ହେବାର ପ୍ରଥମ ୩ ବର୍ଷରେ ଅର୍ଥାତ୍ ୨୦୨୩-୨୪ରୁ ୨୦୨୫-୨୬ ପର୍ଯ୍ୟନ୍ତ ପ୍ରାୟ ୩,୧୭୮ କୋଟି ଟଙ୍କା ଖର୍ଚ୍ଚ କରିବାକୁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ଯୋଜନାରେ ମହିଳା ସଶକ୍ତୀକରଣକୁ ପ୍ରାଥମିକତା ଦିଆଯିବ। ମିଶନ ଶକ୍ତି ମହିଳା ସ୍ୱୟଂସହାୟକ ଗୋଷ୍ଠୀଗୁଡ଼ିକୁ ଏଥିରେ ସାମିଲ କରାଯିବ। ସେମାନଙ୍କୁ ରକ୍ଷଣାବେକ୍ଷଣ ସମ୍ବନ୍ଧୀୟ ବିଭିନ୍ନ କାର୍ଯ୍ୟରେ ନିୟୋଜିତ କରାଯିବ। ଏଥିସହିତ କର୍ମକ୍ଷେତ୍ର ଏବଂ ବ୍ଲକଗୁଡ଼ିକରେ ମହିଳାମାନଙ୍କ ସୁରକ୍ଷାକୁ ସୁନିଶ୍ଚିତ କରାଯିବ। ଏହାଛଡ଼ା ଗ୍ରାମାଞ୍ଚଳର କୃଷିଜାତ ଦ୍ରବ୍ୟକୁ ଉତ୍ପାଦନସ୍ଥଳରୁ

**କ୍ୟାବିନେଟ୍ ନିଷ୍ପତ୍ତି**

- **ଉଚ୍ଛେଦ ହେବ ୩୫ ଟୋଲ୍‌ଗେଟ୍**
- **ଖାଦ୍ୟ ଓ ସଂଗ୍ରହଣ ନୀତି ୨୦୨୩-୨୪କୁ ମୋହର: ୭୯ ଲକ୍ଷ ମେଟ୍ରିକ୍ ଟନ ଧାନ ସଂଗ୍ରହ ଲକ୍ଷ୍ୟ**
- **୧୯ ପ୍ରସ୍ତାବକୁ ମଞ୍ଜୁରୀ**

ଉପଯୁକ୍ତ ସ୍ଥାନକୁ ଉନ୍ନତ ପରିବହନ ଦ୍ୱାରା ପହଞ୍ଚାଇବା ଏହି ଯୋଜନାର ଅନ୍ୟ ଏକ ଲକ୍ଷ୍ୟ ରହିଛି। ଏହାଦ୍ୱାରା ବିଭିନ୍ନ କୃଷିଜାତ ଏବଂ ଶୀଘ୍ର ନଷ୍ଟ ହୋଇଯାଉଥିବା ସାମଗ୍ରୀକୁ ଉତ୍ପାଦନକାରୀଙ୍କଠାରୁ ନିକଟବର୍ତ୍ତୀ ବଜାରକୁ ନିର୍ଦ୍ଧାରିତ ସମୟରେ ପହଞ୍ଚାଯାଇପାରିବ। ଏହି ଯୋଜନା ଅଧୀନରେ ମଣ୍ଡି ଏବଂ ବାଣିଜ୍ୟିକ କେନ୍ଦ୍ର ବିକାଶ କରାଯିବା ସହିତ ଗ୍ରାମାଞ୍ଚଳର ଜନସାଧାରଣଙ୍କ ସାମାଜିକ, ଆର୍ଥିକ ଏବଂ ସାମଗ୍ରିକ ଜୀବିକାକୁ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖାଯାଇଛି। ଅର୍ଥନୈତିକ ଅଭିବୃଦ୍ଧି ପାଇଁ ପରିବହନ ଏକ ପ୍ରମୁଖ ମାଧ୍ୟମ। ସଡ଼କ ଭିତ୍ତିଭୂମି ସୁଦୃଢ଼ କରାଯାଇଥିଲେ ମଧ୍ୟ ସେହି ଅନୁପାତରେ ସାର୍ବଜନୀନ ପରିବହନ ବ୍ୟବସ୍ଥା ଆରମ୍ଭ ହୋଇନାହିଁ। ଏହାକୁ ଦୃଷ୍ଟିରେ ରଖି ଗ୍ରାମାଞ୍ଚଳକୁ ଉତ୍ତମ ପରିବହନ ସେବା ଯୋଗାଇଦେବାକୁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି।

ଲକ୍ଷ୍ମୀ ଯୋଜନା ଅଧୀନରେ ଜିଲା ମୁଖ୍ୟାଳୟ ସହିତ ବ୍ଲକ ଓ ଗ୍ରାମପଞ୍ଚାୟତକୁ ସଂଯୋଗ କରାଯିବ। 'ଜଗନ୍ନାଥ ଏକ୍ସପ୍ରେସ୍' ମାଧ୍ୟମରେ ଜିଲା ମୁଖ୍ୟାଳୟକୁ ଭୁବନେଶ୍ୱର କିମ୍ବା ଭୁବନେଶ୍ୱର ଭାୟା ପୁରୀକୁ ଯୋଗାଯୋଗ ସୁବିଧା ପ୍ରଦାନ କରାଯିବ। 'ଲକ୍ଷ୍ମୀ ଏକ୍ସପ୍ରେସ୍' ମାଧ୍ୟମରେ ଜିଲା ମୁଖ୍ୟାଳୟ କିମ୍ବା ପ୍ରମୁଖ ସହର (ଆନ୍ତଃଜିଲା ଏବଂ ଆନ୍ତଃକ୍ଲଷ୍ଟର) ମଧ୍ୟରେ ଯୋଗାଯୋଗର ସୁବିଧା ଯୋଗାଇ ଦିଆଯିବ । ଶୁକ୍ରବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ୧୦ଟି ବିଭାଗର ୧୯ଟି ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ କରାଯାଇଛି । ଏଥିରେ ସର୍ବାଧିକ ୬ଟି ଜଳସମ୍ପଦ ବିଭାଗର ହୋଇଥିବା ବେଳେ ପୂର୍ତ୍ତ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ଅର୍ଥ, ଦକ୍ଷତାବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ୨ଟି ଲେଖାଏ ପ୍ରସ୍ତାବ ଏବଂ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା, ସଂସଦୀୟ ବ୍ୟାପାର, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସାଧାରଣ ପ୍ରଶାସନ, ବାଣିଜ୍ୟ ଓ ପରିବହନ ବିଭାଗର ଗୋଟିଏ ଲେଖାଏ ପ୍ରସ୍ତାବକୁ ଅନୁମୋଦନ ମିଳିଛି ।

ରାଜ୍ୟରେ ଖରିଫ ଓ ରବି ଋତୁରେ ଧାନ ସଂଗ୍ରହ ପାଇଁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ଦିଆଯାଇଥିବା ନୂଆ ଖାଦ୍ୟ ଓ ସଂଗ୍ରହଣ ନୀତି ୨୦୨୩-୨୪କୁ ରାଜ୍ୟ କ୍ୟାବିନେଟ୍ ମଞ୍ଜୁରୀ ପ୍ରଦାନ କରିଛି। ୨୦୨୩-୨୪ ଖରିଫ ବିପଣନ ବର୍ଷରେ ୭୯ଲକ୍ଷ ମେଟ୍ରିକ୍ ଟନ୍ ଧାନ(୫୪ ଲକ୍ଷ ମେଟ୍ରିକ ଟନ୍ ଚାଉଳ) ସଂଗ୍ରହ କରାଯିବ। ଖରିଫ ବର୍ଷ ୨୦୨୨-୨୩ରେ ☞ପୃଷ୍ଠା-୪

## ୫ମ କକ୍ଷପଥରେ ଆଦିତ୍ୟ-ଏଲ୍୧




**ବେଙ୍ଗାଲୁରୁ,୧୫।୯(ପି.ଟି.)**

ସୂର୍ଯ୍ୟଙ୍କ ଉପରେ ଅଧ୍ୟୟନ ପାଇଁ ଭାରତର ପ୍ରଥମ ମିଶନ ଆଦିତ୍ୟ-ଏଲ୍୧ର ଚତୁର୍ଥ ପୃଥିବୀ କୈନ୍ଦ୍ରିକ କକ୍ଷପଥ ଉତ୍ଥାନ ଶୁକ୍ରବାର ଭୋର ସମୟରେ ସଫଳତାର ସହ ସମ୍ପନ୍ନ ହୋଇଛି। ଏବେ ଏହା ପଞ୍ଚମ କକ୍ଷପଥରେ ପ୍ରବେଶ କରିଛି। ନୂଆ କକ୍ଷପଥର ପୃଥିବୀଠାରୁ ସର୍ବନିମ୍ନ ଦୂରତା ୨୫୬ କିଲୋମିଟର ହୋଇଥିବାବେଳେ ସର୍ବାଧିକ ଦୂରତା ୧,୨୧,୯୭୩ କିଲୋମିଟର ରହିବ। ଏହି ମାନୋଭର ସମୟରେ ଇସ୍ରୋର ମରିସସ୍, ବେଙ୍ଗାଲୁରୁ ଓ ପୋର୍ଟବ୍ଲେୟାରରେ ଥିବା ଗ୍ରାଉଣ୍ଡ ଷ୍ଟେଶନରୁ ମହାକାଶ ଯାନ ଉପରେ ନଜର ରଖାଯାଇଥିଲା। ୧୯ ତାରିଖ ରାତି ୨ଟାରେ ପରବର୍ତ୍ତୀ ମାନୋଭରରେ ଏହା ସିଧା ଏଲ୍୧ ପଏଣ୍ଟ ଦିଗରେ ଗତି କରିବ। ଆଦିତ୍ୟ-ଏଲ୍୧ ପୃଥିବୀଠାରୁ ୧୫ ଲକ୍ଷ କିଲୋମିଟର ଦୂରତା ଅତିକ୍ରମ କରିବା ପରେ ସୂର୍ଯ୍ୟ-ପୃଥିବୀର ଲାଗ୍ରାଙ୍ଗିଆନ୍ ପଏଣ୍ଟ (ଏଲ୍୧)ରେ ଅବସ୍ଥାପିତ ହୋଇ ସୂର୍ଯ୍ୟ ସମ୍ପର୍କରେ ଅଧ୍ୟୟନ କରିବ। ମହାକାଶ ଯାନର ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ମାନୋଭର ସେପ୍ଟେମ୍ବର ୩, ୫ ଏବଂ ୧୦ ତାରିଖରେ ହୋଇଥିଲା।

**ଆଜିର ସମ୍ପାଦକୀୟ** ନିଷ୍ପତ୍ତିରେ ପ୍ରଶ୍ନବାଚୀ



# ଜଳବାୟୁ ପରିବର୍ତ୍ତନରୁ ବିନାଶ

## ପରବର୍ତ୍ତୀ ପିଢ଼ି ପାଇଁ ସବୁଠୁ ବଡ଼ ଆହ୍ୱାନ



ଇଣ୍ଡୋନେସିଆର ଦକ୍ଷିଣ ସୁମାତ୍ରା ପ୍ରଦେଶସ୍ଥିତ ଉତ୍ତର ଇନ୍ଦ୍ରାଳୟ ଜଙ୍ଗଲ ଜଳୁଛି।

**କେଉଁଠି ଅନାବୃଷ୍ଟିଜନିତ ମରୁଡ଼ି ତ ପୁଣି କେଉଁ ଭୂଖଣ୍ଡ ଅତିବୃଷ୍ଟିର ବନ୍ୟାରେ ବୁଡ଼ିଗଲାଣି। ଅହେତୁକ ତାପମାତ୍ରା ବୃଦ୍ଧି, ଅମାନିଆ ଜଙ୍ଗଲ ନିଆଁ, ଅଦିନିଆ ଝଡ଼, ଅନିୟନ୍ତ୍ରିତ ନଈର ଉଛୁଳା ପାଣି, ଆକସ୍ମିକ ଭୂକମ୍ପ ଓ ଭୂସ୍ଖଳନ। ପାକିସ୍ତାନରୁ ଆମେରିକା, ଆଫ୍ରିକାରୁ ୟୁରୋପ ସବୁଠି ଦାଉ ସାଧୁଛି ଜଳବାୟୁ ପରିବର୍ତ୍ତନ। ଉତ୍ତର ପିଢ଼ି ସମ୍ମୁଖରେ ସବୁଠୁ ବଡ଼ ଆହ୍ୱାନ ରୂପେ ଛିଡ଼ା ହୋଇଥିବା ଏହି ବିପତ୍ତିକୁ ମଣିଷ ଡାକି ଆଣିଛି। ସୁଖ ସମୃଦ୍ଧି ଖୋଜୁଥିବା ମଣିଷ ହିଁ ଖୋଳୁଛି ନିଜ ମୃତ୍ୟୁର ଗାତ।**

**ନୂଆଦିଲ୍ଲୀ/ୱାଶିଂଟନ,୧୫।୯**
**(ପ୍ରସ୍ତୁତି: ଦୁର୍ଯ୍ୟୋଧନ ମିଶ୍ର)**

ମାତ୍ର ଦୁଇ ଚାରି ଦିନର ବ୍ୟବଧାନରେ ଉତ୍ତର ଆଫ୍ରିକାର ଦୁଇଟି ରାଷ୍ଟ୍ର ଅଭୂତପୂର୍ବ ବିପର୍ଯ୍ୟୟକୁ ସାମ୍ନା କରିଛି। ମରକ୍କୋର ବିନାଶକାରୀ ଭୂକମ୍ପରେ ୩୦୦୦ରୁ ଊର୍ଦ୍ଧ୍ୱଙ୍କ ମୃତ୍ୟୁ ଘଟିବା ପରେ ଲିବ୍ୟାରେ ଭୂମଧ୍ୟସାଗରୀୟ ଡାନିଏଲ୍ ଝଡ଼ ଓ ତଜ୍ଜନିତ ବନ୍ୟାବିପ୍ଳାବ ୨୦ ହଜାରରୁ ଅଧିକ ଲୋକଙ୍କ ଜୀବନ ନେଇଛି। ଗ୍ରୀସ୍, ଇଟାଲୀ, ସ୍ପେନ୍, ପର୍ତ୍ତୁଗାଲ, ଟ୍ୟୁନିସିଆ ଓ କାନାଡାର ବନାଗ୍ନି ଏବେ ବି ନିର୍ବାପିତ ହୋଇନି। ଭାରତ, ପାକିସ୍ତାନ, ଚାଇନା, ଜାପାନ, ତୁର୍କୀ ଓ ଆମେରିକା ସବୁଠି କରାଳ ବନ୍ୟାରେ ଜଳମଗ୍ନ ବିସ୍ତୃତ ଅଞ୍ଚଳ। ଏସବୁ ବିପତ୍ତି କେବଳ ମଣିଷ ଓ ଜୀବଜନ୍ତୁଙ୍କୁ ମୃତ୍ୟୁ ମୁଖକୁ ଠେଲିଦେଉନାହିଁ, ସମାଜ ପାଇଁ ପରିବେଶଗତ ଓ ଆର୍ଥିକ ଯନ୍ତ୍ରଣା ବୃଦ୍ଧିର କାରଣ ସାଜିଛି। ଯେଉଁ ଦେଶ ଯେତେ ଉନ୍ନତ, ସେହି ଦେଶକୁ ଏପରି ବିପତ୍ତି ପାଇଁ ସେତେ ଅଧିକ ଦାୟୀ କରାଯାଉଛି। କାରଣ ସଭ୍ୟତାର ବିକାଶ, ସହରୀକରଣ ଓ ଶିଳ୍ପାୟନ ନାମରେ ନିଆଯାଉଥିବା ପ୍ରତିଟି ପଦକ୍ଷେପ ବିନାଶର ପଥକୁ ପ୍ରଶସ୍ତ କରିଚାଲିଛି। ଖାଦ୍ୟ ଅସୁରକ୍ଷା, ଜଳବାୟୁ ବିସ୍ଥାପନ, ହିମବାହ ତରଳିବା ଓ ସମୁଦ୍ର ପତ୍ତନ ବୃଦ୍ଧି ଘୋର ମାନବୀୟ ସଙ୍କଟ ସୃଷ୍ଟି କରିଛି।

### ୨୦୨୩-ଅଗଷ୍ଟରେ ୧୭୪ ବର୍ଷର ରେକର୍ଡ ଭଙ୍ଗ

ପରିବେଶ ସମ୍ପର୍କିତ ତଥ୍ୟ ବିଜ୍ଞାନ ଓ ବିଶ୍ଳେଷଣକୁ ଫୋକସ୍ କରୁଥିବା ଆମେରିକାର ଅଣଲାଭକାରୀ ସଙ୍ଗଠନ ବର୍କେଲେ ଅର୍ଥର ଡେଟା ଅନୁସାରେ ବାହାରିନ୍, ବ୍ରାଜିଲ, ଚାଇନା, ଇରାନ, ଇରାକ, ଜାପାନ, ମେକ୍ସିକୋ, ରୁଷିଆ, ଫିଲିପାଇନ୍ସ ଓ ଶ୍ରୀଲଙ୍କା ସମେତ ୬୫ ଦେଶ (ପୃଥିବୀ ପୃଷ୍ଠର ୧୩%)ରେ ଗତ ଅଗଷ୍ଟ ମାସରେ ସର୍ବାଧିକ ତାପମାତ୍ରା ରେକର୍ଡ କରାଯାଇଥିଲା। ୨୦୧୬ର ଅଗଷ୍ଟରେ ପୂର୍ବରୁ ସର୍ବାଧିକ ତାପମାତ୍ରାରେ ରେକର୍ଡ କରାଯାଇଥିବାବେଳେ ଏଥର ନାଟକୀୟ ଭାବେ ୦.୩୧ ଡିଗ୍ରୀ ସେଲ୍‌ସିୟସ୍ ବୃଦ୍ଧି ଦେଖାଯାଇଛି। ଗବେଷକଙ୍କ ମତରେ ଭାରତ, ଜାପାନ, ଉତ୍ତର ଆଟ୍‌ଲାଣ୍ଟିକ୍, ପୂର୍ବ ବିଷୁବ ପ୍ରଶାନ୍ତ କ୍ଷେତ୍ର, ଉତ୍ତର-ଦକ୍ଷିଣ ଆମେରିକା, କେନ୍ଦ୍ରୀୟ ଆମେରିକା, ଆଫ୍ରିକା ଓ ମଧ୍ୟପ୍ରାଚ୍ୟ ଭଳି ବିଶ୍ୱର ଅବଶିଷ୍ଟ ୮୭% ଭାଗରେ ୧୯୫୧-୧୯୮୦ ତୁଳନାରେ ହାରାହାରି ତାପମାତ୍ରାଠାରୁ ଅତ୍ୟଧିକ ଗ୍ରୀଷ୍ମ ପ୍ରବାହ ଅନୁଭୂତ ହୋଇଥିଲା। ୨୦୨୩ରେ ଅଗଷ୍ଟ ମାସ ୧୭୪ ବର୍ଷର ରେକର୍ଡ ଭାଙ୍ଗିଥିବା ଗୁରୁବାର ଆମେରିକାର ନ୍ୟାଶନାଲ ଓସେନିକ୍ ଆଣ୍ଡ ଆଟ୍‌ମୋସ୍ପିଅରିକ୍ ଆଡ୍‌ମିନିଷ୍ଟ୍ରେଶନ୍ (ଏନ୍‌ଓଏଏ) ପକ୍ଷରୁ କୁହାଯାଇଛି।

### ବଢ଼ୁଛି ଜଳବାୟୁ ବିସ୍ଥାପନ

ବୈଶ୍ୱିକ ତାପମାତ୍ରା ବୃଦ୍ଧିକୁ ୨ ଡିଗ୍ରୀ ସେଲସିଅସ୍ ଭିତରେ ସୀମିତ ରଖିବା ପାଇଁ ୨୦୧୫ରେ ହୋଇଥିବା ପ୍ୟାରିସ୍ ଚୁକ୍ତିକୁ ପ୍ରାୟ କୌଣସି ଦେଶ ଠିକ୍ ଭାବେ ମାନୁ ନ ଥିବାରୁ ଜଳବାୟୁ ପରିବର୍ତ୍ତନର ଭୟାବହ ଦୁଷ୍ପରିଣାମ ମଣିଷକୁ ଭୋଗିବାକୁ ପଡୁଛି। ଲଗାଣ ବର୍ଷା ଓ ମରୁଡ଼ି ଭଳି ପାଣିପାଗର ଅତିଶୟ ଉଠାପକା ଅବସ୍ଥାରେ ପ୍ରତିବର୍ଷ ୨୦ କୋଟି ଲୋକ ଭିଟାମାଟି ଛାଡ଼ି ଅନ୍ୟ ରାଷ୍ଟ୍ରଗୁଡ଼ିକୁ ପଳାୟନ କରିବାକୁ ବାଧ ହେଉଛନ୍ତି। ଆଗକୁ ବିସ୍ଥାପିତ କ୍ଲାଇମେଟ୍ ରେଫ୍ୟୁଜିଙ୍କ ସଂଖ୍ୟା ଆହୁରି ବଢ଼ିପାରେ ବୋଲି ଜାତିସଂଘ ପକ୍ଷରୁ ସତର୍କ କରାଯାଇଛି। ମାଇଗ୍ରେଶନ୍ ଡେଟା ପୋର୍ଟାଲର ତଥ୍ୟାନୁସାରେ ୨୦୨୨ରେ ୮୮ ଦେଶର ପ୍ରାୟ ୮.୭ ନିୟୁତ ଲୋକ ବିପର୍ଯ୍ୟୟ ଯୋଗୁ ଆଭ୍ୟନ୍ତରୀଣ ବିସ୍ଥାପନର ଶିକାର ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ସର୍ବାଧିକ ପାକିସ୍ତାନ, ଫିଲିପାଇନ୍ସ, ଚାଇନା, ଭାରତ ଓ ନାଇଜେରିଆ ବାସିନ୍ଦା।

### ପ୍ରତି ୨ ଦିନରେ ଜଣେ ପରିବେଶ କର୍ମୀଙ୍କୁ ହତ୍ୟା

ଗତବର୍ଷ ବିଶ୍ୱରେ ଅନ୍ୟୂନ ୧୭୭ ଜଣ ପରିବେଶ କର୍ମୀଙ୍କୁ ହତ୍ୟା କରାଯାଇଥିଲା। ଅର୍ଥାତ୍ ପ୍ରତି ୨ ଦିନରେ ଜଣେ କ୍ଲାଇମେଟ୍ ଆକ୍ଟିଭିଷ୍ଟ ହତ୍ୟାର ଶିକାର ହୋଇଥିଲେ। ଏହି କ୍ଷେତ୍ରରେ ସବା ଆଗରେ ଥିଲା କଲମ୍ବିଆ, ଯେଉଁଠି ଆମାଜନ୍ ଚିରହରିତ୍ ଅରଣ୍ୟକୁ ସୁରକ୍ଷା ଦେବାକୁ ଯାଇ ୬୦ ଜଣ ପ୍ରାଣ ହରାଇଥିଲେ। ୨୦୧୨ରୁ ୨୦୨୨ ମଧ୍ୟରେ ବିଶ୍ୱରେ ୧,୯୧୦ ପରିବେଶ ସୁରକ୍ଷାଦାତାଙ୍କୁ ହତ୍ୟା କରାଯାଇଥିବା 'ଗ୍ଲୋବାଲ୍ ୱିଟ୍‌ନେସ୍' ପକ୍ଷରୁ ସୂଚନା ଦିଆଯାଇଛି।

### ବର୍ଷକରେ ୧,୬୦୦ ଭାରତୀୟଙ୍କ ମୃତ୍ୟୁ

ୱାର୍ଲ୍ଡ ମେଟେରୋଲୋଜିକାଲ୍ ଅର୍ଗାନାଇଜେଶନ୍‌ର ବାର୍ଷିକ ରିପୋର୍ଟ କହୁଛି, ୨୦୨୨ରେ ଏକ୍ସଟ୍ରିମ୍ ୱେଦରଜନିତ ବିପତ୍ତିରେ ୧,୬୦୦ ଭାରତୀୟଙ୍କ ମୃତ୍ୟୁ ଘଟିଛି। ୭୦୦ ଜଣ ବନ୍ୟା ଓ ଭୂସ୍ଖଳନରେ ପ୍ରାଣ ହରାଇଥିବାବେଳେ ବଜ୍ରପାତରେ ୯୦୦ ଲୋକଙ୍କ ମୃତ୍ୟୁ ଘଟିଥିଲା। ୧୯୭୦ରୁ ୨୦୨୧ ମଧ୍ୟରେ ବିଶ୍ୱବ୍ୟାପୀ ୧୨,୦୦୦ ବିପର୍ଯ୍ୟୟ ଘଟିଥିଲା। ଏଥିରେ ୨ ନିୟୁତରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଥିବାବେଳେ ୪.୩ ଟ୍ରିଲିୟନ୍ ଆମେରିକୀୟ ଡଲାର ଆର୍ଥିକ କ୍ଷତି ହୋଇଥିଲା।

## ୫୪ ଦେଶର ୫୦୦ ସ୍ଥାନରେ ବିକ୍ଷୋଭ



**ବ୍ରସେଲ୍ସ,୧୫।୯:** ପୃଥିବୀକୁ ଉତ୍ତପ୍ତ କରୁଥିବା ଜୀବାଶ୍ମ ଇନ୍ଧନକୁ ପର୍ଯ୍ୟାୟକ୍ରମେ ହ୍ରାସ କରିବା ଦାବିରେ ୫୪ ଦେଶରେ ଜଳବାୟୁ ବିକ୍ଷୋଭକାରୀମାନେ ଶୁକ୍ରବାର ରାସ୍ତାକୁ ଓହ୍ଲାଇଛନ୍ତି। ରବିବାର ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ସପ୍ତାହାନ୍ତ ବିକ୍ଷୋଭରେ ସେମାନେ ସାମିଲ ହୋଇଛନ୍ତି। ରବିବାର ନ୍ୟୁୟର୍କରେ ହେବାକୁ ଥିବା ଶୋଭାଯାତ୍ରାରେ ୧୫,୦୦୦ ବିକ୍ଷୋଭକାରୀ ଯୋଗଦେଇପାରନ୍ତି। ବିକ୍ଷୋଭକାରୀଙ୍କ ଉଦ୍ଦେଶ୍ୟ ହେଉଛି ସରକାରମାନଙ୍କ ଉପରେ ଚାପସୃଷ୍ଟି କରିବା। ବନ୍ୟା, ବନାଗ୍ନି ଓ ମରୁଡ଼ି ଆଦି ବିପର୍ଯ୍ୟୟରେ ମୃତ୍ୟୁସଂଖ୍ୟା ବଢ଼ିଚାଲିଥିବାବେଳେ ଅର୍ଥନୀତି ମଧ୍ୟ ଘୋର ପ୍ରଭାବିତ ହେଉଛି। ଏଥିପାଇଁ ସେମାନେ ପାକିସ୍ତାନଠୁ ନେଇ ନାଇଜେରିଆ ଏବଂ ଜାତିସଂଘ ପର୍ଯ୍ୟନ୍ତ ୫୦୦ ସ୍ଥାନରେ ବିକ୍ଷୋଭ ପ୍ରଦର୍ଶନ ଲାଗି ଯୋଜନା କରିଛନ୍ତି। ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି (ଆଇଏମ୍‌ଏଫ୍)ର ଆକଳନ ଅନୁସାରେ ଗତବର୍ଷ ସରକାରମାନେ ତୈଳ, ଗ୍ୟାସ୍ ଓ କୋଇଲା ସବ୍‌ସିଡି ବାବଦରେ ରେକର୍ଡ ପରିମାଣର ୭ ଟ୍ରିଲିୟନ୍ ଡଲାର ଖର୍ଚ୍ଚ କରିଛନ୍ତି। କିନ୍ତୁ ସୌରଶକ୍ତି ଭଳି ନବୀକରଣୀୟ ଉତ୍ସକୁ ବିଶେଷ ଗୁରୁତ୍ୱ ଦେଇନାହାନ୍ତି। ଜାତିସଂଘର ବିଶ୍ୱତାପନର ଭୟାବହ ପରିଣାମ ଉପରେ ସତର୍କ କରାଇଛି।

## ଗ୍ରେଟାଙ୍କ ନାଁରେ ଦ୍ୱିତୀୟ ମାମଲା



**ଷ୍ଟକ୍‌ହୋମ୍,୧୫।୯**

ସୁଇଡେନ୍‌ର କ୍ଲାଇମେଟ୍ ଆକ୍ଟିଭିଷ୍ଟ ଗ୍ରେଟା ଥନ୍‌ବର୍ଗଙ୍କ ବିରୋଧରେ ଶୁକ୍ରବାର ଟ୍ରାଫିକ୍ ଅବରୋଧ ଓ ପୋଲିସ ଶୃଙ୍ଖଳା ଅବମାନନା ଅଭିଯୋଗରେ ମାମଲା ରୁଜୁ କରାଯାଇଛି। ଦୁଇମାସ ମଧ୍ୟରେ ଏହା ହେଉଛି ତାଙ୍କ ନାଁରେ ଏହି ଧରଣର ଦ୍ୱିତୀୟ ମାମଲା। ୨୦ ବର୍ଷୀୟା ଗ୍ରେଟାଙ୍କୁ ଜୁଲାଇ ୨୪ରେ ୧,୫୦୦ କ୍ରାଉନ୍ସ (୧୩୪ ଡଲାର) ଜରିମାନା କରାଯାଇଥିଲା। ସୁଇଡେନ୍ ପାର୍ଲାମେଣ୍ଟ ବାହାରେ ବିକ୍ଷୋଭ ପ୍ରଦର୍ଶନକରି ଯୁବ ପରିବେଶବିତ୍‌ମାନଙ୍କ ପ୍ରତୀକ ପାଲଟିଥିବା ଫ୍ରାଇଡେଜ୍ ଫର୍ ଫ୍ୟୁଚର ପ୍ରତିଷ୍ଠାତା ଗ୍ରେଟା ସଦ୍ୟ ମାମଲାରେ ଦୋଷୀ ସାବ୍ୟସ୍ତ ହେଲେ ତାଙ୍କୁ ସର୍ବାଧିକ ୬ ମାସ ପର୍ଯ୍ୟନ୍ତ ଜେଲ୍‌ଦଣ୍ଡ ମିଳିପାରେ।

**ସଂକ୍ଷେପରେ**

## ୪୫ ହଜାର କୋଟିର ପ୍ରତିରକ୍ଷା ସରଞ୍ଜାମ କ୍ରୟକୁ ମଞ୍ଜୁରୀ

**ନୂଆଦିଲ୍ଲୀ,୧୫।୯(ପି.ଟି.)**

ଧ୍ରୁବାସ୍ତ୍ର ସ୍ୱଳ୍ପ ଦୂରଗାମୀ କ୍ଷେପଣାସ୍ତ୍ର, ୧୨ଟି ଏସ୍-୩୦ ଏମ୍‌କେଆଇ ଯୁଦ୍ଧବିମାନ ସମେତ ବିଭିନ୍ନ ଅସ୍ତ୍ର ସିଷ୍ଟମ କ୍ରୟ ଲାଗି ୪୫ ହଜାର କୋଟି ଟଙ୍କାର ପ୍ରସ୍ତାବକୁ ପ୍ରତିରକ୍ଷା ମନ୍ତ୍ରଣାଳୟ ଶୁକ୍ରବାର ମଞ୍ଜୁରୀ ଦେଇଛି। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ଅଧ୍ୟକ୍ଷତାରେ ଗଠିତ ପ୍ରତିରକ୍ଷା ଅଧିଗ୍ରହଣ ପରିଷଦ (ଡିଏସି) ମୋଟ ୯ଟି କ୍ରୟ ପ୍ରସ୍ତାବକୁ ଅନୁମୋଦନ କରିଛି। ଏହିସବୁ ସରଞ୍ଜାମ ଭାରତୀୟ ତଥା ସ୍ୱଦେଶୀ ଡିଜାଇନରେ ବିକଶିତ ଓ ଉତ୍ପାଦନକାରୀ କମ୍ପାନୀଠାରୁ କିଣାଯିବ। ଏହା ଭାରତୀୟ ପ୍ରତିରକ୍ଷା ଶିଳ୍ପର ବିକାଶରେ ସହାୟକ ହେବା ସହ ଆତ୍ମନିର୍ଭର ଭାରତ ଲକ୍ଷ୍ୟ ହାସଲ ହୋଇପାରିବ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ସୁରକ୍ଷା, ଗତିଶୀଳତା, ଆକ୍ରମଣ ସାମର୍ଥ୍ୟ ବଢ଼ାଇବା ସହ ଯନ୍ତ୍ରୀକୃତ ବଳ ତିଷ୍ଠି ରହିବା ସାମର୍ଥ୍ୟ ବଢ଼ାଇବା ଲକ୍ଷ୍ୟରେ ଡିଏସି ହାଲୁକା ସଶସ୍ତ୍ର ବହୁବିଧ ଉଦ୍ଦେଶ୍ୟମୂଳକ ଯାନ (ଏଲ୍‌ଏଏମ୍‌ଭି) ଏବଂ ଇଣ୍ଟିଗ୍ରେଟେଡ୍ ସର୍ଭିଲାନ୍ସ ଆଣ୍ଡ ଟାର୍ଗେଟିଂ ସିଷ୍ଟମ (ଇନ୍‌ସାଟ-ଏସ୍) କ୍ରୟକୁ ଅନୁମୋଦନ କରିଛି। କମାଣ ଏବଂ ରାଡାରକୁ ତୁରନ୍ତ ପରିବହନ କରି ନିୟୋଜିତ କରିବା ଲାଗି ହାଇମୋବିଲିଟି ଭେହିକଲ୍ ଗନ୍ ଟୋଇଙ୍ଗ ଭେହିକଲ୍ କିଣାଯିବ।

## ଜମି ବିବାଦରୁ ପରିବାରର ୩ ଜଣଙ୍କୁ ହତ୍ୟା

**ଲକ୍ଷ୍ନୌ,୧୫।୯**

ଉତ୍ତରପ୍ରଦେଶର କୌଶମ୍ବିରେ ଜମି ବିବାଦକୁ ନେଇ ପଡୋଶୀଙ୍କ ଗୁଳିରେ ଗୋଟିଏ ପରିବାରର ୩ ଜଣଙ୍କ ମୃତ୍ୟୁ ଘଟିଛି। ଗୁରୁବାର ରାତିରେ ମୋହିଉଦ୍ଦିନପୁର ଗ୍ରାମର ହୋରିଲାଲ୍ (୬୨), ତାଙ୍କ ଝିଅ ବ୍ରଜକାଳୀ(୨୨) ଏବଂ ଝିଅର ସ୍ୱାମୀ ଶିବସାଗର(୨୬) ଘର ବାହାରେ ଶୋଇଥିବାବେଳେ ସେମାନଙ୍କୁ ଗୁଳିକରି ହତ୍ୟା କରାଯାଇଛି। ଏଥିସହିତ ଉକ୍ତ ପରିବାରର ଦୁଇଟି ଘର ମଧ୍ୟ ଜାଳି ଦିଆଯାଇଛି। ହୋରିଲାଲ୍‌ଙ୍କର ମୋହିଉଦ୍ଦିନପୁର ଗ୍ରାମର ପଣ୍ଡା କ୍ରସିଂ ନିକଟରେ ଏକ ଜମି ରହିଥିବାବେଳେ କେତେଜଣ ସମ୍ପର୍କୀୟ ଏହାକୁ ସେମାନଙ୍କର ବୋଲି ଦାବି କରୁଥିଲେ। ହୋରିଲାଲ୍ ଉକ୍ତ ବିବାଦୀୟ ଜମିରେ ଏକ ଘର କରି ଝିଅ-ଜ୍ୱାଇଁଙ୍କ ସହ ସେଠାରେ ରହୁଥିଲେ।

## ନିପା ଆତଙ୍କ: କୋଝିକୋଡ଼୍‌ରେ ୨୪ ଯାଏ ଶିକ୍ଷାନୁଷ୍ଠାନ ବନ୍ଦ

**କୋଝିକୋଡ୍,୧୫।୯**

କେରଳରେ ନିପା ଭୂତାଣୁ ସଂକ୍ରମଣକୁ ନେଇ ଆତଙ୍କର ବାତାବରଣ ସୃଷ୍ଟି ହୋଇଛି। କୋଝିକୋଡ୍ ଜିଲାର ସମସ୍ତ ଶିକ୍ଷାନୁଷ୍ଠାନକୁ ୨୪ ତାରିଖ ପର୍ଯ୍ୟନ୍ତ ବନ୍ଦ ଘୋଷଣା କରାଯାଇଛି। ଶୁକ୍ରବାର ଆଉ ଜଣେ ନିପା ଭୂତାଣୁ ସଂକ୍ରମିତ ଚିହ୍ନଟ ହେବା ପରେ ସରକାର କଟକଣା କଡ଼ାକଡ଼ି କରିବାକୁ ନିଷ୍ପତ୍ତି ନେଇଛନ୍ତି। କେରଳରେ ନିପା ସଂକ୍ରମିତଙ୍କ ସଂଖ୍ୟା ୬ରେ ପହଞ୍ଚିଥିବାବେଳେ ଏହି ଭୂତାଣୁ ସଂକ୍ରମଣରେ ୨ ଜଣଙ୍କ ମୃତ୍ୟୁ ଘଟିଲାଣି। ରୋଗୀଙ୍କ ସଂସ୍ପର୍ଶରେ ଆସିଥିବା ଲୋକଙ୍କ ସଂଖ୍ୟା ୧,୦୮୦ରେ ପହଞ୍ଚିଛି। ସେମାନଙ୍କ ମଧ୍ୟରୁ ୩୨୭ ଜଣ ସ୍ୱାସ୍ଥ୍ୟକର୍ମୀ। କୋଝିକୋଡ୍ ବାହାରେ ୨୯ ଜଣ ମଧ୍ୟ ନିପା ରୋଗୀଙ୍କ ସଂସ୍ପର୍ଶରେ ଆସିଥିବା ଜଣାପଡ଼ିଛି।

## ରିପୋର୍ଟରେ ଭୁଲ୍ ବିବୃତି ଅପରାଧ ନୁହେଁ: ସୁପ୍ରିମକୋର୍ଟ

**ଏଡିଟର୍ସ ଗିଲ୍ଡ ସଦସ୍ୟଙ୍କ ଗିରଫଦାରି ଆଉ ୨ ସପ୍ତାହ ଅଟକିଲା**

**ନୂଆଦିଲ୍ଲୀ,୧୫।୯**

ମଣିପୁର ହିଂସାବେଳେ ସରକାରଙ୍କ ବିରୋଧରେ ଖବର ଛାପିଥିବାରୁ ଏଡିଟର୍ସ ଗିଲ୍ଡ ଓ ଏହାର ୪ ଜଣ ସଦସ୍ୟଙ୍କ ବିରୋଧରେ ମାମଲା ଦାଏର ହୋଇଛି। ସୈନ୍ୟବାହିନୀର ନିବେଦନକ୍ରମେ ଖବର ଛାପିଥିବା ଏକ ସାମ୍ବାଦିକ ସଂଗଠନ ବିଭିନ୍ନ ସମ୍ପ୍ରଦାୟ ମଧ୍ୟରେ ଶତ୍ରୁତା ବଢ଼ାଇଲା କିପରି ବୋଲି ସୁପ୍ରିମକୋର୍ଟ ଶୁକ୍ରବାର ପ୍ରଶ୍ନ କରିଛନ୍ତି। ମଣିପୁର ହିଂସା ସମ୍ପର୍କିତ ଅନୁସନ୍ଧାନମୂଳକ ଖବର ଛାପିଥିବା ଏଡିଟର୍ସ ଗିଲ୍ଡର ୪ ସଦସ୍ୟଙ୍କ ଗିରଫଦାରି ଉପରେ ଅନ୍ତରୀଣ ସୁରକ୍ଷାକୁ ସର୍ବୋଚ୍ଚ ଅଦାଲତ ଆଉ ୨ ସପ୍ତାହ ବଢ଼ାଇ ଦେଇଛନ୍ତି। ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଖଣ୍ଡପୀଠ କହିଛନ୍ତି, ଏକ ଲେଖାରେ ଭୁଲ୍ ବିବୃତି ରହିବା ୧୫୩ ଏ (ଭିନ୍ନ ସମ୍ପ୍ରଦାୟ ମଧ୍ୟରେ ଶତ୍ରୁତା ବଢ଼ାଇବା)ରେ ଅପରାଧ ନୁହେଁ। ତାହା ଭୁଲ୍ ମନ୍ତବ୍ୟ ହୋଇପାରେ। ଦେଶର ସାମ୍ବାଦିକମାନେ ଅନେକ ସମୟରେ ଭୁଲ୍ ବିବୃତି ଛାପିଥାନ୍ତି। ସବୁ ଖବରଦାତାଙ୍କ ବିରୋଧରେ ମକଦ୍ଦମା କରିପାରିବ କି ବୋଲି ଅଦାଲତ ପ୍ରଶ୍ନ କରିଥିଲେ।



ମେକ୍ସିକୋର ଗୁଆଡାଲାଜାରାରେ ଅନ୍ତର୍ଜାତୀୟ ଚାରୋ ଦିବସ ପାଳନ ବେଳେ ପାରମ୍ପରିକ ବେଶଭୂଷାରେ ନୃତ୍ୟ କରୁଛନ୍ତି ମହିଳା।

## ଚାଇନା ପ୍ରତିରକ୍ଷା ମନ୍ତ୍ରୀ ଗୃହବନ୍ଦୀ ଥିବା ଚର୍ଚ୍ଚା

**ଟୋକିଓ,୧୫।୯**



ଲି ଶାଙ୍ଗଫୁ

ଚାଇନାର ପ୍ରତିରକ୍ଷା ମନ୍ତ୍ରୀ ଲି ଶାଙ୍ଗଫୁ ଗୃହବନ୍ଦୀ ରହିଥିବା ନେଇ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ପ୍ରତିରକ୍ଷା ମନ୍ତ୍ରୀ କେଉଁଠି ଅଛନ୍ତି ବୋଲି ଜାପାନରେ ଥିବା ଆମେରିକା ରାଷ୍ଟ୍ରଦୂତ ସୋସିଆଲ ମିଡିଆରେ ପ୍ରଶ୍ନ ଉଠାଇଥିଲେ। ୨ ସପ୍ତାହ ହେଲା ଲି'ଙ୍କୁ ସର୍ବସାଧାରଣରେ ଦେଖିବାକୁ ମିଳି ନ ଥିବାରୁ ଏଭଳି ଚର୍ଚ୍ଚା ଜୋର୍ ଧରିଛି। ଭିଏତ୍‌ନାମକୁ ସେ ଗସ୍ତରେ ଯାଇଥିବାର ଦେଖାଯାଉ ନାହିଁ। ସିଙ୍ଗାପୁରର ନୌସେନା ମୁଖ୍ୟଙ୍କ ସହ ଲି'ଙ୍କର ବୈଠକ ଧାର୍ଯ୍ୟ ହୋଇଥିଲେ ମଧ୍ୟ ସେ ଅନୁପସ୍ଥିତ ରହିଥିଲେ। ସୋସିଆଲ ମିଡିଆରେ ଉକ୍ତ ପୋଷ୍ଟ ସହ ଏକ ହାସ୍‌ଟ୍ୟାଗ୍ ରହିଛି ଓ ୱିଲିୟମ ସେକ୍ସପିୟରଙ୍କ ହାମ୍‌ଲେଟ ନାଟକର ଏକ ସଂଳାପ 'ସମ୍‌ଥିଙ୍ଗ୍ ଇଜ୍ ରୋଟନ୍ ଇନ୍ ଦି ଷ୍ଟେଟ୍ ଅଫ୍ ଡେନ୍‌ମାର୍କ' ବୋଲି ଲେଖାଯାଇଛି। ଗତ ୮ ତାରିଖରେ ରହମ୍ ଏମାନୁଏଲ୍ ଚାଇନା ପ୍ରତିରକ୍ଷା ମନ୍ତ୍ରୀଙ୍କ ଅନୁପସ୍ଥିତିକୁ ଆଗଥା କ୍ରିଷ୍ଟିଙ୍କ ଉପନ୍ୟାସ ସହ ତୁଳନା କରିଥିଲେ। ତେବେ ଉକ୍ତ ଚର୍ଚ୍ଚା ଉପରେ ଚାଇନା ବହିର୍ବ୍ୟାପାର ଏବଂ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୌଣସି ମନ୍ତବ୍ୟ ଦିଆଯାଇ ନାହିଁ। ଲି ଶେଷ ଥର ପାଇଁ ଅଗଷ୍ଟ ୨୯ରେ ବେଜିଂରେ ଦେଖାଯାଇଥିଲେ। ଆଫ୍ରିକୀୟ ଦେଶଗୁଡ଼ିକର ସୁରକ୍ଷା ଫୋରମ୍‌କୁ ସେ ଉଦ୍‌ବୋଧନ ଦେଇଥିଲେ। ଅନ୍ୟ ଏକ ରିପୋର୍ଟ ଅନୁଯାୟୀ ଚାଇନା ପ୍ରତିରକ୍ଷା ମନ୍ତ୍ରୀଙ୍କ ବିରୋଧରେ ତଦନ୍ତ ଚାଲିଥିବା ଆମେରିକା ସରକାର ବିଶ୍ୱାସ କରୁଛନ୍ତି। ତେବେ କି ପ୍ରକାର ତଦନ୍ତ ତାହା ସ୍ପଷ୍ଟ ଭାବେ ଜଣାପଡ଼ିନାହିଁ। ଚାଇନା ପ୍ରତିରକ୍ଷା ମନ୍ତ୍ରୀଙ୍କ ରହସ୍ୟମୟ ଉଭାନକୁ ନେଇ ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗଙ୍କ ପ୍ରତି ଅଙ୍ଗୁଳି ଉଠିଛି।

## ଚନ୍ଦ୍ରରେ ଜଳ ସୃଷ୍ଟି ସମ୍ଭବ

**ଚନ୍ଦ୍ରଯାନ-୧ର ତଥ୍ୟ ଅନୁଧ୍ୟାନିକଲେ ବୈଜ୍ଞାନିକ**

**ବେଙ୍ଗାଲୁରୁ,୧୫।୯**



ପୃଥିବୀର ଉଚ୍ଚ ଶକ୍ତିଯୁକ୍ତ ଇଲେକ୍ଟ୍ରୋନ୍‌ଗୁଡ଼ିକରୁ ଚନ୍ଦ୍ର ପୃଷ୍ଠରେ ଜଳ ପ୍ରସ୍ତୁତ କରାଯାଇପାରିବ। ବୈଜ୍ଞାନିକମାନଙ୍କର ଏକ ଟିମ୍ ଭାରତର ଚନ୍ଦ୍ରଯାନ-୧ ଲୁନାର ମିଶନ ପଠାଇଥିବା ରିମୋଟ୍ ସେନ୍‌ସିଂ ଡେଟା ଅନୁଧ୍ୟାନରୁ ଏହା ଜାଣିବାକୁ ପାଇଛନ୍ତି। ଉକ୍ତ ଆବିଷ୍କାର ନେଚର ଆଷ୍ଟ୍ରୋଲୋଜି ପତ୍ରିକାରେ ପ୍ରକାଶ ପାଇଛି। ଆମେରିକାର ହାୱାଇ ୟୁନିଭର୍ସିଟିର ବୈଜ୍ଞାନିକମାନେ ଚନ୍ଦ୍ରଯାନ-୧ ପଠାଇଥିବା ତଥ୍ୟ ଉପରେ ଗବେଷଣା ଚଳାଇଥିଲେ। ପୃଥିବୀର ପ୍ଲାଜ୍ମା ଶିଟ୍‌ରେ ଥିବା ଇଲେକ୍ଟ୍ରୋନ୍‌ଗୁଡ଼ିକର ଚନ୍ଦ୍ରପୃଷ୍ଠରେ ଜଳବାୟୁ ପ୍ରକ୍ରିୟା ପ୍ରତି ଅବଦାନ ରହିବ। ଏବେ ପ୍ରୋଟୋନ୍ ଭଳି ଉଚ୍ଚଶକ୍ତି କଣିକାଯୁକ୍ତ ସୌରବାୟୁ ଚନ୍ଦ୍ରପୃଷ୍ଠରେ ମାଡ଼ ହେଉଛି। ଏହା ଚନ୍ଦ୍ରରେ ଜଳ ସୃଷ୍ଟିରେ ଅନ୍ୟତମ ପ୍ରାଥମିକ ଉପାୟ ହେବ ବୋଲି ବୈଜ୍ଞାନିକମାନେ ଚିନ୍ତା କରୁଛନ୍ତି। ପ୍ଲାନେଟାରି ସାଇଣ୍ଟିଷ୍ଟ ଶୁଇ ଲି'ଙ୍କ ନେତୃତ୍ୱରେ ବୈଜ୍ଞାନିକମାନଙ୍କ ଟିମ୍ ଏହି ଅନୁଧ୍ୟାନ ଚଳାଇଥିଲେ।

ଚନ୍ଦ୍ର ପୃଷ୍ଠରେ ସୂର୍ଯ୍ୟକିରଣ ପଡୁ ନ ଥିବା ଅଞ୍ଚଳରେ ଜଳ ବରଫ ଅବସ୍ଥାରେ ଗଚ୍ଛିତ ଥିବା ପୂର୍ବରୁ ଜଣାପଡ଼ିଥିଲା। ଏହି ବରଫ କେଉଁଠୁ ସୃଷ୍ଟି ହୋଇଛି, ତାହା ବୁଝିବାରେ ଏହି ଅଧ୍ୟୟନ ସହାୟକ ହେବ ବୋଲି କୁହାଯାଇଛି। ୨୦୦୮ରେ ଭାରତର ପ୍ରଥମ ଚନ୍ଦ୍ର ମିଶନ ଚନ୍ଦ୍ରଯାନ-୧ ଲଞ୍ଚ ହୋଇଥିଲା। ଚନ୍ଦ୍ରପୃଷ୍ଠରେ ଜଳ ଅଣୁ ସନ୍ଧାନରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ସେପ୍ଟେମ୍ବର ୧୬/୨୦୨୩ | Bhubaneswar, Saturday, September 16/2023




# ରାଜ୍ୟରେ ପ୍ରତିବର୍ଷ ବାଘ ଗଣନା

**ଭୁବନେଶ୍ୱର, ୧୫ା୯ (ଅସମାପିକା ସାହୁ)**

ରାଜ୍ୟରେ ଏବେ ପ୍ରତିବର୍ଷ ବାଘ ଗଣନା ହେବ। ଏଥିପାଇଁ ଶୁକ୍ରବାରଠାରୁ ଭୁବନେଶ୍ୱରର ଚନ୍ଦକା ଗୋଡ଼ିବାରିରେ ପ୍ରଥମ ପ୍ରଶିକ୍ଷକଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହା ଅକ୍ଟୋବର ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ। ପର୍ଯ୍ୟାୟକ୍ରମେ ୮ଟି ସର୍କଲର ଏସିଏଫ୍ ଏବଂ ଡିଏଫ୍ଓଙ୍କ ସମେତ ବନ ବିଭାଗ ଅଧିକାରୀ, ବନ କର୍ମଚାରୀଙ୍କୁ ପ୍ରଶିକ୍ଷଣ ଦିଆଯିବ। ଭାରତୀୟ ବନ୍ୟପ୍ରାଣୀ ପ୍ରତିଷ୍ଠାନର ୩ଜଣ ବୈଜ୍ଞାନିକ ☞ପୃଷ୍ଠା-୪

# ଚିକିତ୍ସିତ ହୋଇ ଫେରିବା ବାଟରେ ଦୁର୍ଘଟଣା: ୪ ମୃତ


ଦୁର୍ଘଟଣାଗ୍ରସ୍ତ ଆମ୍ବୁଲାନ୍ସ

**ପଟ୍ଟାମୁଣ୍ଡାଇ/ଆଳି, ୧୫ା୯ (କଳ୍ପତରୁ ନାୟକ/ ବନମାଳୀ ସେନାପତି)**

## ବେଙ୍ଗାଲୁରୁରୁ ଭୁବନେଶ୍ୱର ଫେରୁଥିଲେ

ଏମିତି ବି ଆସେ ମୃତ୍ୟୁ। ଚାହୁଁ ଚାହୁଁ ଚାଲିଗଲା ଅକାଳରେ ୨ ପରିବାରର ୪ ଜୀବନ। ବେଙ୍ଗାଲୁରୁ ଭିକ୍ଟୋରିଆ ହସ୍ପିଟାଲରେ ଚିକିତ୍ସା କରାଇ ଆମ୍ବୁଲାନ୍ସରେ ଫେରିବା ବାଟରେ ଆନ୍ଧ୍ରପ୍ରଦେଶର ଚିତୋରଠାରେ ରାସ୍ତାରେ ଠିଆ ହୋଇଥିବା ତେଲ ଟ୍ୟାଙ୍କରକୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ସ୍ୱାଇଁ, ଝିଅ, ଶ୍ୱଶୁର, ଦାଦା ଶ୍ୱଶୁରଙ୍କ ମୃତ୍ୟୁ ଘଟିଛି ଓ ଜଣେ ଆହତ ହୋଇଛନ୍ତି। ମୃତ ବ୍ୟକ୍ତିମାନେ ହେଲେ କେନ୍ଦ୍ରାପଡ଼ା ଜିଲା ଆଳି ଥାନା ଅଙ୍ଗାରଖ ଗ୍ରାମର ସ୍ୱାଇଁ ଉମେଶ ସାହୁ (୪୩), ପତ୍ନୀ ରଶ୍ମିତା ସାହୁ (୩୭) ଓରଫ ଲିଲିମା ଓ ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମର ଶ୍ୱଶୁର ତ୍ରିଲୋଚନ ନାୟକ (୫୫), ସାନଭାଇ ବିଜୟ ନାୟକ (୫୩) ବୋଲି ଜଣାପଡ଼ିଛି।

ଆଳି ଥାନା ସହିରା ପଞ୍ଚାୟତ ଅଙ୍ଗାରଖ ଗ୍ରାମର ଉମେଶ ଆସାମରେ ରହୁଥିବା ବେଳେ କିଛିଦିନ ପୂର୍ବେ ମାଲେସିଆ ଯିବା ନିମନ୍ତେ ତାଙ୍କର ଚିଠି ଆସିଥିଲା। ଅଗଷ୍ଟରେ ସେ ଘରେ ଥିବା ସମୟରେ ହଠାତ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ପ୍ରଥମେ ପଟ୍ଟାମୁଣ୍ଡାଇ ଉପଖଣ୍ଡ ଚିକିତ୍ସାଳୟର ଡାକ୍ତର ଦେଖିଥିଲେ। ପରେ ପରିବାର ଲୋକେ ତାଙ୍କୁ ଭୁବନେଶ୍ୱର କିମ୍ସ ଘରୋଇ ହସ୍ପିଟାଲକୁ ଚିକିତ୍ସା ନିମନ୍ତେ ନେଇଥିଲେ। ମାସେ ହେବ କିମ୍ସରେ ଚିକିତ୍ସା ହେବା ପରେ ଡାକ୍ତର ଉମେଶଙ୍କ ମସ୍ତିଷ୍କ ଇନ୍‌ଫେକ୍ସନ ହୋଇଯାଇଥିବା କହି ତାଙ୍କୁ ବେଙ୍ଗାଲୁରୁ ଭିକ୍ଟୋରିଆ ହସ୍ପିଟାଲକୁ ପଠାଇଥିଲେ। ବୁଧବାର ଉମେଶ, ପତ୍ନୀ ରଶ୍ମିତା ଓ ରଶ୍ମିତାଙ୍କ ବାପା ☞ପୃଷ୍ଠା-୪

# ସୃଷ୍ଟି ହେବ ୧୨୭୩ ଇଞ୍ଜିନିୟରିଂ ପଦବୀ

**ଭୁବନେଶ୍ୱର, ୧୫ା୯ (ଅନିଲ ଦାସ)**

ଓଡ଼ିଶା ଇଞ୍ଜିନିୟରିଂ ସର୍ଭିସ ଏବଂ ଓଡ଼ିଶା ଡିପ୍ଲୋମା ଇଞ୍ଜିନିୟରିଂ ସର୍ଭିସରେ ୧୨୭୩ଟି ନୂଆ ପଦବୀ ସୃଷ୍ଟି ହେବ। ପୂର୍ତ୍ତ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ ଶୁକ୍ରବାର ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଛି। ଓଡ଼ିଶା ଇଞ୍ଜିନିୟରିଂ ସର୍ଭିସରେ କ୍ୟାଡର ପଦବୀ ସଂଖ୍ୟା ୬୪୨ରୁ ୧୦୧୧କୁ ଏବଂ ଓଡ଼ିଶା ଡିପ୍ଲୋମା ଇଞ୍ଜିନିୟରିଂ ସର୍ଭିସ କ୍ୟାଡ଼ର ପଦବୀ ସଂଖ୍ୟା ୯୪୪ରୁ ୧୮୪୮କୁ ବୃଦ୍ଧି ପାଇବ। ଏହି କ୍ୟାଡର ପୁନର୍ଗଠନ ପରେ ଓଡ଼ିଶା ଇଞ୍ଜିନିୟରିଂ ସର୍ଭିସରେ ସିଧାସଳଖ ୧୬୬ଟି ଆସିଷ୍ଟାଣ୍ଟ ଏକଜିକ୍ୟୁଟିଭ ଇଞ୍ଜିନିୟର ଏବଂ ଓଡ଼ିଶା ଡିପ୍ଲୋମା ଇଞ୍ଜିନିୟରିଂ ସର୍ଭିସରେ ସିଧାସଳଖ ୩୦୯ଟି ଜୁନିୟର ଇଞ୍ଜିନିୟର ନିଯୁକ୍ତି ପାଇପାରିବେ। ଏଥିସହିତ ଇଞ୍ଜିନିୟରମାନଙ୍କ ପଦୋନ୍ନତି ମଧ୍ୟ ଅଧିକ ବ୍ୟାପକ ହୋଇପାରିବ। ପୂର୍ତ୍ତ ବିଭାଗ ଅଧୀନ ସମସ୍ତ ଇଞ୍ଜିନିୟରିଂ ପ୍ରତିଷ୍ଠାନ ଯଥା ଇଞ୍ଜିନିୟରିଂ ସେକ୍ସନରୁ ମୁଖ୍ୟ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ସମସ୍ତ ଅନୁଷ୍ଠାନର ସମ୍ପ୍ରସାରଣ ହେବ । ଏହାବ୍ୟତୀତ ରାଜ୍ୟର ସରକାରୀ ଉଦ୍ୟୋଗ ଯଥା- ଓଡ଼ିଶା ସେତୁ ଓ ନିର୍ମାଣ ନିଗମ, ଇଡ୍‌କୋ, ବିଡିଏ, ଓଡ଼ିଶା ରାଜ୍ୟ ଗୃହନିର୍ମାଣ ନିଗମ, ଓଡ଼ିଶା ପୋଲିସ ହାଉସିଂ ବୋର୍ଡ ନିଗମ, ସ୍ମାର୍ଟ ସିଟି ପ୍ରକଳ୍ପ, ବିଶ୍ୱବିଦ୍ୟାଳୟ , ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଆଦିର ପରିଚାଳନା ନିମନ୍ତେ ଆବଶ୍ୟକ ବୈଷୟିକ କର୍ମଚାରୀ(ସିଭିଲ୍ ଇଞ୍ଜିନିୟର)ମାନଙ୍କୁ ନିଯୁକ୍ତି ଦିଆଯାଇଛି। ଏହି ନୂଆ ଇଞ୍ଜିନିୟର ପଦବୀ ସୃଷ୍ଟି ଯୋଗୁ ରାଜ୍ୟ ସରକାରଙ୍କ ଉପରେ ବାର୍ଷିକ ୫୮.୬୦ କୋଟି ଟଙ୍କାର ଆର୍ଥିକ ବୋଝ ପଡ଼ିବ। ସେହିପରି ଓଡ଼ିଶା ସ୍ୱାସ୍ଥ୍ୟ ଗୋଇନ୍ଦା ଓ ☞ପୃଷ୍ଠା-୪

## ଓଡ଼ିଶା ସ୍ୱାସ୍ଥ୍ୟ ଗୋଇନ୍ଦା ସେବା ନିୟମାବଳୀ, ଓଡ଼ିଶା ସିଭିଲ ସର୍ଭିସେସ୍ ସଂଶୋଧନ ନିୟମକୁ କ୍ୟାବିନେଟ ମଞ୍ଜୁରୀ




**ଆଜିର ମନ୍ତବ୍ୟ**

ବୈଷୟିକ ଅଗ୍ରଗତି ଦେଶର ଅଦାଲତଗୁଡ଼ିକରେ ଗଡ଼ୁଥିବା ମାମଲା ସଂଖ୍ୟା ହ୍ରାସକରି ଲୋକଙ୍କ ଜୀବନକୁ ଆହୁରି ସହଜ କରିପାରିବ।
**-ଅର୍ଜୁନରାମ ମେଘୱାଲ, କେନ୍ଦ୍ର ଆଇନମନ୍ତ୍ରୀ**



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚାନ୍ଦରେ କଳଙ୍କ ସୂରୁଯ ଖୁଣ ଲୋ**
**ଦରିଆ ପାଣି ତ ଲୁଣିଆ।**
**କିଏ ଅକଳଙ୍କ ରହିଛି ଏଡ଼େ ଲୋ**
**ହୋଇକି ଅନ୍ଧାର କଣିଆ?**

ଚନ୍ଦ୍ର ଶିତଳତା ପ୍ରଦାନ କରେ, କିନ୍ତୁ ତା' ଦେହରେ ଦାଗ। ସୂର୍ଯ୍ୟ ବିନା ଜୀବଜଗତ ତିଷ୍ଠିବା ଅସମ୍ଭବ। ଏହା ଆଲୋକ ପ୍ରଦାନ କରି ଅନ୍ଧକାରକୁ ଦୂରୀଭୂତ କରିଥାଏ, କିନ୍ତୁ ଏହାର ତେଜ ପ୍ରଖର, ଯାହାକି ସହ୍ୟ କରିବା କଷ୍ଟକର। ସେହିପରି ଦରିଆ ବିଶାଳ ଅଥଚ ଏହାର ଜଳ ଲବଣାକ୍ତ। ଯେଉଁଠି ଗୁଣ ସେଇଠି ଖୁଣ। ଈଶ୍ୱର କାହାକୁ ସବୁ ଭଲ ଦେଇ ନ ଥାନ୍ତି। ସୁନ୍ଦରପଣରେ କେଉଁଠି ନା କେଉଁଠି ଶୂନ୍ୟସ୍ଥାନ ରହିଥାଏ। ଏପରି ସ୍ଥଳେ ମଣିଷ ନିଜକୁ ନିଟୋଳ ପବିତ୍ର ତଥା ସର୍ବଗୁଣ ସମ୍ପନ୍ନ ମନେକରିବା ବୋକାମି ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଚୋର ଚୋରି କରି ଯୋଉଠି**
**ରାତି ପାହି ଗଲା ସେଇଠି।**

ଚୋର ଅନ୍ଧାର ରାତିରେ ଚୋରି କରେ। କାଳେ ସକାଳ ହୋଇଯିବ ତାକୁ ଲୋକେ ଦେଖିଦେବେ, ସେ ତରତର ହେଉଥାଏ। ତେବେ ଏପରି ଭାବନା ମନରେ ନ ଥିଲେ ଅଚିରେ ଧରାପଡ଼ିଯିବାର ସମ୍ଭାବନା ରହିଥାଏ। ଅସତର୍କ ଭାବେ କାମ କଲେ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଟ୍ରେନ୍‌ରେ କଟି ସ୍ୱାମୀ ମୃତ, ସ୍ତ୍ରୀ ଆହତ

ରୂପସା(ବାଞ୍ଛାନିଧି ଦେ)/ ବସ୍ତା(ହରିଶଙ୍କର ପାଢୀ)

ଦକ୍ଷିଣ ପୂର୍ବ ରେଳପଥର ଖଡ଼ଗପୁର ଡିଭିଜନ ଅନ୍ତର୍ଗତ ରୂପସା ଓ ନୂଆଗାଁ ରେଳଷ୍ଟେଶନ ମଝି ଓଗାଳଷେଣ୍ଢ ପୋଲ ନିକଟରେ ଶୁକ୍ରବାର ଟ୍ରେନରେ କଟି ସ୍ୱାମୀଙ୍କ ମୃତ୍ୟୁ ଘଟିଥିବାବେଳେ ସ୍ତ୍ରୀ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ରୂପସା ଥାନା ଗଡ଼ପଦା ପଞ୍ଚାୟତ ଅନ୍ତର୍ଗତ ଲଛମନଖୁଣ୍ଟା ଗ୍ରାମର ପୂର୍ଣ୍ଣଚନ୍ଦ୍ର ନାଏକ (୬୨)।

ସ୍ୱାମୀ ପୂର୍ଣ୍ଣଚନ୍ଦ୍ର ଓ ସ୍ତ୍ରୀ ପୂର୍ଣ୍ଣିମା ଏକ କାମରେ ବାରାପାଳ ଗ୍ରାମକୁ ଆସିଥିଲେ। ରେଳଧାରଣା ପାରି ହେବା ବେଳେ ଡାଉନ ନୀଳାଚଳ ଏକ୍ସପ୍ରେସ ଟ୍ରେନ ଧକ୍କାରେ ସ୍ୱାମୀଙ୍କର ମୃତ୍ୟୁ ଘଟିଥିଲା। ସ୍ତ୍ରୀଙ୍କର ଦୁଇଟି ଯାକ ହାତ କଟିଯାଇଥିଲା। ଟ୍ରେନ୍ ଯୋଗେ ଆହତ ମହିଳାଙ୍କୁ ବସ୍ତା ଷ୍ଟେଶନ ନିଆଯାଇଥିଲା। ସେଠାରୁ ବସ୍ତା ଦମକଳବାହିନୀ ପହଞ୍ଚି ଆହତ ମହିଳାଙ୍କୁ ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ବାଲେଶ୍ୱର ଜିଆର୍‌ପି ଥାନା ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି।

# ଛେଳିକୁ ଗିଳିଲା ୧୦ ଫୁଟ୍‌ର ଅଜଗର



ନୀଳଗିରି,୧୫।୯(ପ୍ରଶାନ୍ତ ବିଶ୍ୱାଳ)

ଚାହୁଁ ଚାହୁଁ ଆଖି ଆଗରେ ଏକ ଛେଳିକୁ ଗିଳିଲା ୧୦ ଫୁଟିଆ ଅଜଗର। ଏଭଳି ଏକ ଘଟଣା ନୀଳଗିରିଥାନା ଅଧୀନ ବାଉଁଶବଣିଆ ପଞ୍ଚାୟତ ଢୋଲପୁର ଗ୍ରାମର ଦେଖିବାକୁ ମିଳିଛି। ଉକ୍ତ ଗ୍ରାମର ରମାକାନ୍ତ ସିଂ ଶୁକ୍ରବାର ସକାଳ ୮ଟା ବେଳେ ଛେଳି ଚରାଇବା ପାଇଁ ଯାଇଥିଲେ। ହେଲେ ନଟା ଭିତରୁ ହଠାତ୍ ଏକ ଅଜଗର ରମାଙ୍କର ଏକ ଛେଳିକୁ ଗିଳି ଦେଇଥିଲା। ପରେ ନିକଟ ଗ୍ରାମର ଲୋକଙ୍କୁ ଡାକି ଏକାଠି କଲା ବେଳକୁ ସାପ ଛେଳିଟିକୁ ସମ୍ପୂର୍ଣ୍ଣ ଭାବରେ ଗିଳିଦେଇଥିଲା। ସ୍ଥାନୀୟ ଲୋକେ କୁଲଡ଼ିହା ବନବିଭାଗକୁ ଅବଗତ କରାଇବାରୁ ବନ କର୍ମଚାରୀ ସାପକୁ ଉଦ୍ଧାର କରି କୁଲଡ଼ିହା ସଂରକ୍ଷିତ ଜଙ୍ଗଲ ନେଇ ଛାଡ଼ିଛନ୍ତି। ଗରିବ ଚାଷୀଜଣଙ୍କ ବନବିଭାଗ କର୍ତ୍ତୃପକ୍ଷଙ୍କୁ କ୍ଷତିପୂରଣ ଦାବି କରିଛନ୍ତି।

# ଦୋଷୀଙ୍କୁ ଆଜୀବନ ଜେଲ

## ଭାଇଙ୍କୁ ହତ୍ୟା ମାମଲା

କେନ୍ଦୁଝର,୧୫।୯ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଅତିରିକ୍ତ ଜିଲା ଜଜ ନମିତା ଦାସ ଶୁକ୍ରବାର ଏକ ହତ୍ୟା ଘଟଣାର ରାୟ ଶୁଣାଇଛନ୍ତି। ଅଭିଯୁକ୍ତ ଜଳ ମୁଣ୍ଡା(୩୫)ଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା ଓ ଅନାଦାୟେ ଅଧିକ ୧୦ ବର୍ଷ କାରାଦଣ୍ଡାଦେଶ ଶୁଣାଇଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ୨୦୧୫ ଜାନୁୟାରୀ ୧୫ରେ ପାଟଣା ଅଞ୍ଚଳର ଜଳ ମୁଣ୍ଡାଙ୍କ ସହିତ କୌଣସି କାରଣରୁ ତାଙ୍କ ଭାଇ ପାଟୁ ମୁଣ୍ଡାଙ୍କ ଝଗଡ଼ା ହୋଇଥିଲା। ଉତ୍ତ୍ୟକ୍ତ ହୋଇ ଜଳ ଏକ ବାଡ଼ିରେ ପାଟୁଙ୍କୁ ଆକ୍ରମଣ କରିଥିଲେ। ପାଟୁ ଗୁରୁତର ହୋଇଥିବା ବେଳେ ତାଙ୍କୁ ପ୍ରଥମେ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟ ଓ ପରେ ବାରିପଦା ଜିଲା ମୁଖ୍ୟ ଡାକ୍ତରଖାନାକୁ ଚିକିତ୍ସା ପାଇଁ ନିଆଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ପାଟଣା ପୋଲିସ ତାଙ୍କ ବାପା ପରଦନ ମୁଣ୍ଡାଙ୍କ ଏତଲାକୁ ଭିତ୍ତି କରି ଏକ ମାମଲା(ନଂ.୧୫/୧୫)ରୁଜୁ କରି ଜଳଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ୧୬ ଜଣ ସାକ୍ଷୀ ଓ ପୋଲିସ ତଦନ୍ତ ରିପୋର୍ଟକୁ ଭିତ୍ତିକରି ଜଜ୍ ଉପରୋକ୍ତ ରାୟ ଦେଇଥିବା ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ପ୍ରଫୁଲ୍ଲ ପାତ୍ର କହିଛନ୍ତି।

# ବୃଦ୍ଧଙ୍କ ସନ୍ଦେହଜନକ ମୃତ୍ୟୁ, ବଡ଼ପୁଅ ଅଟକ

ସୋର, ୧୫।୯ (ଜନ୍ମେଜୟ ମିଶ୍ର)

ସୋର ବ୍ଲକ ସରସଙ୍ଗ ପଞ୍ଚାୟତ ହାତୀଗଡିଆ ଗ୍ରାମରେ ଜଣେ ବୃଦ୍ଧଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ସୋର ପୋଲିସ ପହଞ୍ଚି ବଡ଼ ପୁଅଙ୍କୁ ଥାନାରେ ଅଟକ ରଖି ଘଟଣାର ତଦନ୍ତ ଆରମ୍ଭ କରିଛି। ଏହି ଗ୍ରାମର ରମେଶ ହାଁସଦା(୫୬)ଙ୍କ ସହିତ ତାଙ୍କ ବଡ଼ପୁଅ ବାପୁନୁ ହାଁସଦାଙ୍କର କୌଣସି କାରଣରୁ ଗୁରବାର ଝଗଡା ହୋଇଥିଲା। ରାତିରେ ବାପ ପୁଅ ସାଥୀ ହୋଇ ଶୋଇଥିଲେ। ସକାଳେ ରମେଶ ଉଠିବା ପରେ ପାଣି ମାଗି ପିଇଥିଲେ। ପରେ ଆଉ ଉଠି ନ ଥିଲେ। ଫଳରେ ଅପରାହ୍ନରେ ପରିବାର ଲୋକେ ସୋର ଥାନାକୁ ଖବର ଦେଇଥିଲେ। ଖବରପାଇ ସୋର ପୋଲିସ ପହଞ୍ଚି ରମେଶଙ୍କର ମୃତ୍ୟୁ ହୋଇଥିବା ଦେଖିବାକୁ ପାଇଥିଲେ। ପୋଲିସ ରମେଶଙ୍କ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ସୋର ଡାକ୍ତରଖାନାକୁ ଆଣିଥିବା ବେଳେ ବାପୁନୁଙ୍କୁ ଥାନାରେ ଅଟକ ରଖି ଘଟଣାର ତଦନ୍ତ ଆରମ୍ଭ କରିଛି।



ଅନୁଗୋଳର ଜଣେ ମୂର୍ତ୍ତି କାରିଗର ବିଶ୍ୱକର୍ମାଙ୍କ ମୂର୍ତ୍ତିରେ ଶେଷ ସ୍ପର୍ଶ ଦେଉଛନ୍ତି। (ଫଟୋ-ବୁବୁ)

# ସିଏଫ୍‌ଆଇ ସମ୍ପୂର୍ଣ୍ଣ କରିବାକୁ ଅଧିକ ସମୟ ମାଗିଲେ ଓଡ଼ିଶା, ଛତିଶଗଡ଼

## ମହାନଦୀ ଜଳ ବିବାଦ ମାମଲା

ନୂଆଦିଲ୍ଲୀ,୧୫।୯

ମହାନଦୀ ଜଳ ବିବାଦ ମାମଲାରେ ଓଡ଼ିଶା ଓ ଛତିଶଗଡ଼ କମନ ଫର୍ମାଟ ଇନ୍‌ଫର୍ମେଶନ (ସିଏଫ୍‌ଆଇ) ସମ୍ପୂର୍ଣ୍ଣ କରିବାକୁ ଟ୍ରିବ୍ୟୁନାଲଙ୍କୁ ଆଉ ୧୨ ସପ୍ତାହ ସମୟ ମାଗିଛନ୍ତି। ଟ୍ରିବ୍ୟୁନାଲର ରେଜିଷ୍ଟ୍ରାରଙ୍କୁ ଉଭୟ ରାଜ୍ୟ ଆବେଦନ କରି ସିଏଫ୍‌ଆଇ ନିମନ୍ତେ ତଥ୍ୟ ସଂଗ୍ରହ କରିବାର ବିଶାଳତା ସମ୍ପର୍କରେ ଜଣାଇଛନ୍ତି। ସିଏଫ୍‌ଆଇର ମୋଟ ୬୮ ପରିଶିଷ୍ଟ ମଧ୍ୟରୁ ଓଡ଼ିଶା ୫୯ଟିର ତଥ୍ୟ ଦାଖଲ କରିଛି। ଓଡ଼ିଶା ଆଉ ୯ଟି ପରିଶିଷ୍ଟ ପାଇଁ ତଥ୍ୟ ଦାଖଲ କରିବାକୁ ଥିବାବେଳେ ଛତିଶଗଡ଼ ୪ଟି ପରିଶିଷ୍ଟର ତଥ୍ୟ ସଂଗ୍ରହ କରି ନାହିଁ। ସିଏଫ୍‌ଆଇ ସମ୍ପୂର୍ଣ୍ଣ କରିବାକୁ ଉଭୟ ରାଜ୍ୟର ବୈଷୟିକ ଟିମ୍ ତଥ୍ୟ ସଂଗ୍ରହ ଜାରି ରଖିଥିବାରୁ ଆଉ ୧୨ ସପ୍ତାହ ଦେବା ଲାଗି ନିବେଦନ କରିଛନ୍ତି। ଗତ ମାସ ୧୨ ତାରିଖ ଶୁଣାଣି ବେଳେ ଟ୍ରିବ୍ୟୁନାଲ ଉଭୟ ରାଜ୍ୟକୁ ସିଏଫ୍‌ଆଇ ସମ୍ପୂର୍ଣ୍ଣ କରିବାକୁ ୪ ସପ୍ତାହ ସମୟ ଦେଇଥିଲେ। ଗତ ଏପ୍ରିଲ-ମେ'ରେ ଟ୍ରିବ୍ୟୁନାଲର ବିଚାରପତି, ମୂଲ୍ୟାଙ୍କନକର୍ତ୍ତା, ଓଡ଼ିଶା ଓ ଛତିଶଗଡ଼ର ଟିମ୍ ଦୁଇ ରାଜ୍ୟର ମହାନଦୀ ଅବବାହିକା ପରିଦର୍ଶନରେ ଯାଇ ବାସ୍ତବ ସ୍ଥିତି ଅନୁଧ୍ୟାନ କରିଥିଲେ।

# ନିର୍ଦ୍ଧାରିତ ସମୟରେ କାଗଜାତ ନ ଦେଲେ ଦଣ୍ଡିତ ହେବେ ପେନ୍‌ସନ ମଞ୍ଜୁରୀ କର୍ତ୍ତୃପକ୍ଷ

ଭୁବନେଶ୍ୱର,୧୫।୯ (ଅନିଲ ଦାସ)

**କ୍ୟାବିନେଟ୍ ନିଷ୍ପତ୍ତି**

- **୫୦୩ ଜଳସେଚନ ପ୍ରକଳ୍ପର ପୁନରୁଦ୍ଧାର ହେବ**
- **ଏନ୍‌ଆଇଏସ୍‌ଟି, ଏସ୍‌ଆଇଟି ହେବ ବିଶ୍ୱବିଦ୍ୟାଳୟ, ଆସିବ ସ୍ୱତନ୍ତ୍ର ଆଇନ**

ଓଡ଼ିଶା ବେସାମରିକ ସେବା (ପେନ୍‌ସନ) ନିୟମାବଳୀ, ୧୯୯୨ ସଂଶୋଧନ ପ୍ରସ୍ତାବକୁ କ୍ୟାବିନେଟ୍ ମଞ୍ଜୁରୀ ମିଳିଛି। ଏହି ସଂଶୋଧନ ଦ୍ୱାରା ଅବସର ନେଉଥିବା ସରକାରୀ କର୍ମଚାରୀଙ୍କ ଚୂଡ଼ାନ୍ତ ପେନ୍‌ସନ ପ୍ରଦାନ ପ୍ରକ୍ରିୟାକୁ ସରଳ କରାଯାଇଛି। ସରକାରୀ କର୍ମଚାରୀ ଅବସର ତାରିଖର ୬ ମାସ ପୂର୍ବରୁ ଚୂଡ଼ାନ୍ତ ପେନ୍‌ସନ ମଞ୍ଜୁର ନିମନ୍ତେ ନିର୍ଦ୍ଧାରିତ ପେନ୍‌ସନ ଫର୍ମ ଦାଖଲ କରିବେ। ଏହି ସମୟ ମଧ୍ୟରେ ପେନ୍‌ସନ ମଞ୍ଜୁରୀ କର୍ତ୍ତୃପକ୍ଷ ଅଥବା କାର୍ଯ୍ୟାଳୟ ମୁଖ୍ୟ ଚୂଡ଼ାନ୍ତ ପେନ୍‌ସନ ସ୍ଥିର କରିବେ ଏବଂ ପେନ୍‌ସନ ପ୍ରଦାନ ନିମନ୍ତେ କାଗଜାତ ମହାହିସାବରକ୍ଷକଙ୍କ ନିକଟକୁ ପଠାଇବେ। ଏଥିରେ ଖିଲାପ ହେଲେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ଜଳ ସମ୍ପଦ ବିଭାଗ ପକ୍ଷରୁ ଦିଆଯାଇଥିବା 'ବନ୍ଧ ଓ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଉନ୍ନତୀକରଣ ଯୋଜନା' ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ କରିଛି। ଏହି ଯୋଜନା ଚଳିତ ଆର୍ଥିକ ବର୍ଷରେ ଆରମ୍ଭ କରାଯାଇ ୨୦୨୫-୨୬ରେ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ୨୪୮ କୋଟି ଟଙ୍କା ଖର୍ଚ୍ଚ କରାଯାଇ ୧୬,୪୦୦ ହେକ୍ଟର ସେଚ ଅଞ୍ଚଳର ପୁନରୁଦ୍ଧାର କରାଯିବ। ଏହି ଯୋଜନାରେ ୫୦୩ କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ପୁନରୁଦ୍ଧାର ହେବ। ଜଳଭଣ୍ଡାରଗୁଡ଼ିକର ପରିକଳ୍ପିତ ମହଜୁଦ କ୍ଷମତାର ପୁନରୁଦ୍ଧାର ସହ କୃଷକମାନଙ୍କୁ ସୁନିଶ୍ଚିତ ଜଳସେଚନ ଯୋଗାଇବା ପାଇଁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। ଏହି ଯୋଜନା ସମ୍ପୂର୍ଣ୍ଣ ହେଲେ କ୍ଷୁଦ୍ର ଜଳସେଚନ ପ୍ରକଳ୍ପଗୁଡ଼ିକର ପରିକଳ୍ପିତ ଜଳଧାରଣ କ୍ଷମତା ବଢ଼ିବା ସହିତ କେନାଲର ତଳମୁଣ୍ଡ ଯାଏ ନିଶ୍ଚିତ ଜଳସେଚନ ସୁବିଧା ଯୋଗାଇ ଦିଆଯାଇ ପାରିବ।

ସେହିପରି ବ୍ରହ୍ମପୁରର ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି (ଏନ୍‌ଆଇଏସ୍‌ଟି) ଏବଂ ଭୁବନେଶ୍ୱରସ୍ଥିତ ସିଲିକନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି(ଏସ୍‌ଆଇଟି)କୁ ବିଶ୍ୱବିଦ୍ୟାଳୟ ମାନ୍ୟତା ପାଇଁ ଆସିବାକୁ ଥିବା ସ୍ୱତନ୍ତ୍ର ଆଇନକୁ କ୍ୟାବିନେଟ୍ ଅନୁମୋଦନ ମିଳିଛି।

# ବାଲେଶ୍ୱର, ନବରଙ୍ଗପୁର ଜିଲାରେ ନିର୍ମାଣ ହେବ ୩ ବ୍ୟାରେଜ

ଭୁବନେଶ୍ୱର,୧୫।୯ (ଅନିଲ ଦାସ)

ବାଲେଶ୍ୱର ଜିଲାର ବୁଢ଼ାବଳଙ୍ଗ, ନବରଙ୍ଗପୁର ଜିଲାର ତୁରୀ ଓ ଗୁଣ୍ଟଟ ନଦୀରେ ନିର୍ମାଣ ହେବ ୩ଟି ବ୍ୟାରେଜ। ଏନେଇ ଆହ୍ୱାନ କରାଯାଇଥିବା ଟେଣ୍ଡରକୁ ଶୁକ୍ରବାର କ୍ୟାବିନେଟ ମଞ୍ଜୁରୀ ମିଳିଛି।

ବୈଠକରୁ ମିଳିଥିବା ସୂଚନା ଅନୁଯାୟୀ ବାଲେଶ୍ୱର ଜିଲା ରେମୁଣା ବ୍ଲକର ଦରକୁଲି ଗ୍ରାମ ନିକଟ ବୁଢ଼ାବଳଙ୍ଗ ନଦୀରେ ବାଙ୍କତିରା ନାମକ ଏକ ବ୍ୟାରେଜ (ଆନିକଟ) ନିର୍ମାଣ ହେବ। ଏହି ପ୍ରକଳ୍ପ ମାଧ୍ୟମରେ ୭୩୦୦ ହେକ୍ଟର ଚାଷଜମିକୁ ଖରିଫ ଜଳସେଚନ ସୁବିଧା ଯୋଗାଇ ଦିଆଯିବ। ଏହି ପ୍ରକଳ୍ପ ନିର୍ମାଣ ପାଇଁ ୧୨୬ କୋଟି ୯୬ ଲକ୍ଷ ଟଙ୍କା ଏବଂ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ରକ୍ଷଣାବେକ୍ଷଣ ପାଇଁ ୧ କୋଟି ୮୯ ଲକ୍ଷ ଟଙ୍କାର ଟେଣ୍ଡରକୁ କ୍ୟାବିନେଟ ଅନୁମୋଦନ କରିଛି। ପ୍ରକଳ୍ପ କାର୍ଯ୍ୟ ୩୦ ମାସ ମଧ୍ୟରେ ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ରଖାଯାଇଛି।

ଉକ୍ତ ପ୍ରକଳ୍ପ ବାଲେଶ୍ୱର ଜିଲାର ୧୦୭ଟି ଗ୍ରାମ ଓ ମୟୂରଭଞ୍ଜ ଜିଲାର ୧୩ଟି ଗ୍ରାମର ୭୩୦୦ ହେକ୍ଟର ଚାଷଜମିକୁ ଭୂତଳ ପାଇପ ବ୍ୟବସ୍ଥା ଦ୍ୱାରା ଖରିଫ ଜଳସେଚନ ସୁବିଧା ଯୋଗାଇ ଦେବା ସହିତ ମାଛ ଚାଷ, ପ୍ରାଣୀଧନ ପାଳନ କାର୍ଯ୍ୟରେ ସାହାଯ୍ୟ କରିବ। ଏତଦ୍‌ବ୍ୟତୀତ ପ୍ରକଳ୍ପଟି ଭୂତଳ ଜଳର ପୁନଃଭରଣ ସହିତ ପୋଷଣୀୟ ଖାଦ୍ୟ ଉତ୍ପାଦନ ଏବଂ ସ୍ଥାନୀୟ ଲୋକମାନଙ୍କର ସାମାଜିକ ଓ ଆର୍ଥିକ ଉନ୍ନତି ଦିଗରେ ସହାୟକ ହେବ। ସେହିପରି ନବରଙ୍ଗପୁର ଜିଲାର ତୁରୀ ଓ ଗୁଣ୍ଟଟ ନଦୀ ଉପରେ ଗୋଟିଏ ଲେଖାଏଁ ବ୍ୟାରେଜ ନିର୍ମାଣ କରାଯିବ। ଏହି ପ୍ରକଳ୍ପ ଦ୍ୱାରା ନବରଙ୍ଗପୁର ଜିଲାର ୯୧୩୫ ହେକ୍ଟର ଚାଷୋପଯୋଗୀ ଜମିକୁ ଜଳସେଚନର ସୁବିଧା ଯୋଗାଇ ଦିଆଯିବ। ଏହି ପ୍ରକଳ୍ପର ନିର୍ମାଣ ପାଇଁ ୧୦୬ କୋଟି ୧୨ ଲକ୍ଷ ୭୦ ହଜାର ଟଙ୍କା ଏବଂ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ରକ୍ଷଣାବେକ୍ଷଣ ପାଇଁ ୨ କୋଟି ୭୬ ଲକ୍ଷ ଟଙ୍କାର ଟେଣ୍ଡରକୁ କ୍ୟାବିନେଟ ଅନୁମୋଦନ କରିଛି। ଏହି ପ୍ରକଳ୍ପ କାର୍ଯ୍ୟ ୩୦ ମାସ ମଧ୍ୟରେ ସମ୍ପୂର୍ଣ୍ଣ କରିବା ଲକ୍ଷ୍ୟ ରହିଛି। ଉକ୍ତ ପ୍ରକଳ୍ପ ଦ୍ୱାରା ୧୦ ହଜାର ଲୋକଙ୍କ ପାଇଁ ପାନୀୟ ଜଳ ସୁବିଧା ସହ ମାଛ ଚାଷ, ପ୍ରାଣୀଧନ ପାଳନ କାର୍ଯ୍ୟ କରିବା ସହିତ ସ୍ଥାନୀୟ ଲୋକମାନଙ୍କର ସାମାଜିକ ଓ ଆର୍ଥିକ ଉନ୍ନତି ଦିଗରେ ସାହାଯ୍ୟ କରିବ।

ଏହାଛଡ଼ା ବିଭିନ୍ନ ଜଳସେଚନ ପ୍ରକଳ୍ପର ଜଳସେଚନ କ୍ଷମତା ବୃଦ୍ଧି, ଜଳର ସୁଷମ ବଣ୍ଟନ ଓ ଅପଚୟ ଏଡ଼ାଇବା ଏବଂ ଅପେକ୍ଷାକୃତ କମ୍ ଭୂମି ଦ୍ୱାରା ସମସ୍ତ କାର୍ଯ୍ୟ ସମ୍ପନ୍ନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ରାଜ୍ୟ ସରକାର ଭୂତଳ ପାଇପ ଦ୍ୱାରା ଜଳସେଚନ ବ୍ୟବସ୍ଥା କରିଛନ୍ତି। ଏହି ପ୍ରକଳ୍ପ ମାଧ୍ୟମରେ ଭୂତଳ ପାଇପ ଡିଷ୍ଟ୍ରିବ୍ୟୁସନ ସିଷ୍ଟମ ନିର୍ମାଣ କରି ବାଲେଶ୍ୱର ଓ ମୟୂରଭଞ୍ଜ ଜିଲାର ୫୧୮୦ ହେକ୍ଟର ଚାଷଜମିକୁ ଜଳସେଚନ ଓ ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ ଅନ୍ତର୍ଗତ ବସ୍ତା ସେଚାଞ୍ଚଳର ଉନ୍ନୟନ ନିମନ୍ତେ ପ୍ରସ୍ତାବ ରହିଛି। ଏହି ପ୍ରକଳ୍ପର ନିର୍ମାଣ ପାଇଁ ୧୬୨ କୋଟି ୯୧ ଲକ୍ଷ ଟଙ୍କା ଏବଂ ପାଞ୍ଚବର୍ଷ ପର୍ଯ୍ୟନ୍ତ ରକ୍ଷଣାବେକ୍ଷଣ ନିମନ୍ତେ ୮ କୋଟି ୧୪ ଲକ୍ଷ ୫୫,୦୦୦ଟଙ୍କାର ଟେଣ୍ଡରକୁ କ୍ୟାବିନେଟ ଅନୁମୋଦନ କରିଛି। ଏହିପ୍ରକଳ୍ପ ୨୪ ମାସ ମଧ୍ୟରେ ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ରଖାଯାଇଛି। ଉକ୍ତ ପ୍ରକଳ୍ପ ବାଲେଶ୍ୱର ଜିଲାର ୩୨ଟି ଗ୍ରାମ ଓ ମୟୂରଭଞ୍ଜ ଜିଲାର ୨୪ଟି ଗ୍ରାମର ୫୧୮୦ ହେକ୍ଟର ଚାଷଜମିକୁ ଭୂତଳ ପାଇପ ଦ୍ୱାରା ଖରିଫ ଜଳସେଚନ ସୁବିଧା ଯୋଗାଇଦେବା ସହିତ ମାଛ ଚାଷ, ପ୍ରାଣୀଧନ ପାଳନ କାର୍ଯ୍ୟରେ ସାହାଯ୍ୟ କରିବ। ଏହାଛଡ଼ା ପ୍ରକଳ୍ପଟି ଭୂତଳ ଜଳର ସଂରକ୍ଷଣ ସହିତ ପୋଷଣୀୟ ଖାଦ୍ୟ ଉତ୍ପାଦନ ଏବଂ ସ୍ଥାନୀୟ ଲୋକମାନଙ୍କର ସାମାଜିକ ଓ ଆର୍ଥିକ ଉନ୍ନତି ଦିଗରେ ସହାୟକ ହେବ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଷଷ୍ଠସ୍ଥ ଚନ୍ଦ୍ରମଙ୍ଗଳ ଯୋଗ ଆପଣଙ୍କୁ ପରିଜନ ସହ ଭ୍ରମଣ ପାଇଁ ଅନୁପ୍ରେରିତ କରିବ। ସାମାଜିକ ସ୍ତରରେ ଅଥବା ସାଙ୍ଗଠନିକ କାର୍ଯ୍ୟରେ ପ୍ରଶଂସିତ ହେବେ। ପିଲାଙ୍କ ସ୍ୱାସ୍ଥ୍ୟ ସମସ୍ୟା ନେଇ ମାନସିକ ସ୍ଥିତି ବିପନ୍ନ ହୋଇପାରେ। ବିଦେଶୀଙ୍କ ସକାଶେ ଘରଭଡ଼ାକୁ କେନ୍ଦ୍ରକରି ସାମାନ୍ୟ ଝଗଡ଼ା ସୃଷ୍ଟି ହୋଇପାରେ।

**ବୃଷ**
ଭାଗ୍ୟସ୍ଥାନକୁ ରବି ଓ ବୁଧଙ୍କ ଦୃଷ୍ଟି ପ୍ରଭାବରେ ଅର୍ଥ ଓ ସମ୍ମାନ ମିଳିବା ଦିଗରେ ବିଶେଷ କଷ୍ଟ ସ୍ୱୀକାର କରିବାକୁ ପଡ଼ିବ ନାହିଁ। ବନ୍ଧୁ ଗହଣରେ ଅପ୍ରିୟ ସତ୍ୟ ଭାଷଣ ସମସ୍ୟା ସୃଷ୍ଟିର ଏକମାତ୍ର ମୁଖ୍ୟ କାରଣ ହୋଇପାରେ। ରାଜନୈତିକ କ୍ଷେତ୍ରରେ ସାଙ୍ଗଠନିକ କାର୍ଯ୍ୟ ସକାଶେ ତତ୍ପରତା ବଢ଼ିବ। କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ।

**ମିଥୁନ**
ଶନି ଓ ଚନ୍ଦ୍ରଙ୍କ ଷଡ଼ାଷ୍ଟକ ସ୍ଥିତି ହେତୁ ଦୀର୍ଘ ଦିନରୁ ଚିନ୍ତା କରିଥିବା କାମଗୁଡ଼ିକ ଆଜି ବାସ୍ତବରେ ଓଲଟା ହେବ। କିନ୍ତୁ ମୃଗଶିରା ନକ୍ଷତ୍ରର ବନ୍ଧୁମାନଙ୍କ ମେଳରେ ଆଜିର ମନୋରଞ୍ଜନ କାର୍ଯ୍ୟକ୍ରମ ପ୍ରୀତିପ୍ରଦ ହେବ। କଳା, ସାହିତ୍ୟ ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ। ସନ୍ତାନଙ୍କ ଗୌରବରେ ଗୌରବାନ୍ୱିତ ହୋଇପାରନ୍ତି।

**କର୍କଟ**
ଅଷ୍ଟମ ଶନିଙ୍କ ସ୍ଥିତି ଜନିତ ଆଜି ଦିନଟିରେ କୌଣସି ଅତୀତ ଘଟଣାର ସମୀକ୍ଷା କରିବେ। କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ଆବଶ୍ୟକତା ପୂରଣ କରିବା ଦିଗରେ ଋଣ ସୂତ୍ରରେ ଅର୍ଥଲାଭ କରିବେ। ସାହିତ୍ୟ, କଳା, ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ।

**ସିଂହ**
ରାଶି ପ୍ରତି ଶନିଙ୍କ ଦୃଷ୍ଟି କାରଣରୁ ବିଭିନ୍ନ ସମସ୍ୟା ମଧ୍ୟରେ କୌଣସି ନିଶ୍ଚିତ କାର୍ଯ୍ୟପନ୍ଥା ଗ୍ରହଣ କରିପାରିବେ ନାହିଁ। ଭଲ କଥା କହିଲେ ମଧ୍ୟ ବନ୍ଧୁ ତାହାକୁ ଭୁଲ୍ ଦୃଷ୍ଟିକୋଣରୁ ବିଚାର କରିପାରନ୍ତି। ଆଜିର ଯାତ୍ରା ପ୍ରଶାସନ, ଆଇନ କଳା ସାହିତ୍ୟ କ୍ଷେତ୍ର ମନ୍ଦ ହେବନି। ଅର୍ଥ ଅଭାବ ଥିଲେ ମଧ୍ୟ ତାହାକୁ ସୁଧାରିନେଇ ପାରିବେ।

**କନ୍ୟା**
ମଙ୍ଗଳଙ୍କ କୁପ୍ରଭାବରୁ ପ୍ରତ୍ୟେକ କ୍ଷେତ୍ରରେ ଉପସ୍ଥିତ ବୁଦ୍ଧି ପ୍ରୟୋଗ କରି ମଧ୍ୟ କାମ ହାସଲ କଷ୍ଟକର ହେବ। ପୂର୍ବଶତ୍ରୁତା ଯୋଗୁ ପ୍ରତିଟି ପରିସ୍ଥିତି ଗମ୍ଭୀର ରହିବ, ଏଣୁ ହଠାତ୍ ପ୍ରତିକ୍ରିୟା ପ୍ରକାଶ କରନ୍ତୁ ନାହିଁ। ବନ୍ଧୁ ପ୍ରତିଶ୍ରୁତି ରକ୍ଷାକରି ଠିକ୍ ସମୟରେ ଆସିବେ ଏବଂ ଆବଶ୍ୟକ ସାହାଯ୍ୟ ମଧ୍ୟ କରିବେ। ବାଣିଜ୍ୟ, ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିପାରେ।

**ତୁଳା**
ଶୁକ୍ର ପ୍ରଭାବରେ ବିଭିନ୍ନ ଉପାୟ ଅବଲମ୍ବନ କରି ଲୋକସମ୍ପର୍କ ବୃଦ୍ଧି କରିପାରିବେ। ବନ୍ଧୁଙ୍କ ଦ୍ୱାରା କୌଣସି ଖବର ପାଇ ବିସ୍ମିତ ହେବେ। ସରକାରୀ ସ୍ତରରେ ଅଟକି ରହିଥିବା କାମ ପଦସ୍ଥ ବ୍ୟକ୍ତିବିଶେଷଙ୍କ ସହାୟତାରେ ସମ୍ପନ୍ନ ହୋଇଯିବ। ସ୍ୱାସ୍ଥ୍ୟରେ ସାମାନ୍ୟ ଅବନତି ଦେଖାଯିବା ଫଳରେ ଟେନସନ୍ କିଛି ମାତ୍ରାରେ ଲାଗିରହିପାରେ।

**ବିଛା**
ବୁଧାଦିତ୍ୟ ଯୋଗ ପ୍ରଭାବରୁ କର୍ମକ୍ଷେତ୍ରରେ ଦୁଃସାହସିକ ପଦକ୍ଷେପ ନେଇ ପ୍ରଶଂସିତ ହେବେ। ଦୀର୍ଘଦିନରୁ ଅପେକ୍ଷା କରିଥିବା କାମ ସମ୍ପର୍କରେ କିଛି ଆଶାଜନକ ଖବର ପାଇ ଖୁସି ହୋଇଯିବେ। ରାଜନୀତି, ପ୍ରଶାସନ ପାଇଁ ଦିନଟି ବହୁତ ଭଲ। ଅନୁରାଧାର ଦୁର୍ଭାବନାଜନିତ ଅନ୍ୟକୁ ସହଜରେ ବିଶ୍ୱାସ କରିପାରିବେ ନାହିଁ।

**ଧନୁ**
ଭାଗ୍ୟଭାବରେ ଶୁଭଯୋଗରୁ ମନୋବଳ ଟାଣ ରହିବ। ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିବେ। ଘର ସାଜସଜ୍ଜାରେ ବ୍ୟସ୍ତ ରହିପାରନ୍ତି। ଆଜିର ଦୂରଯାତ୍ରା ସଫଳ ହେବ ଓ ଆଶା ମଧ୍ୟ ପୂରଣ ହେବ। ଉତ୍ତରାଷାଢ଼ା ନକ୍ଷତ୍ରର ପାରିବାରିକ କ୍ଷେତ୍ରରେ ଅସ୍ଥିରତାହିଁ ମାନସିକ ଅଶାନ୍ତିର କାରଣ ହୋଇପାରେ।

**ମକର**
ଶୁକ୍ରଙ୍କ ପ୍ରତ୍ୟକ୍ଷ ଦୃଷ୍ଟିରୁ କାମ ହାସଲ ହେବା କାରଣରୁ ମାନସିକ ସ୍ଥିତି ଏକ ପ୍ରକାର ଭଲ ରହିବ। ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରୁହନ୍ତୁ, ନତୁବା ଅଦଳବଦଳ ହୋଇଯାଇପାରେ। ବନ୍ଧୁଙ୍କ ଫେରିବାର ବିଳମ୍ବତାକୁ ଲକ୍ଷ୍ୟକରି ବ୍ୟସ୍ତ ହୋଇପଡ଼ିବେ। କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ।

**କୁମ୍ଭ**
ସ୍ୱଗୃହୀ ଶନିଙ୍କ ହେତୁ କର୍ମକ୍ଷେତ୍ରରେ ସହକର୍ମୀଙ୍କୁ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ। ଭାବପ୍ରବଣତା ଯୋଗୁ ମନୋବଳ କ୍ରମଶଃ ହ୍ରାସ ପାଇବ ଏବଂ ବ୍ୟବସାୟରେ ସଫଳତା ହାସଲ କରିବେ। ଆର୍ଥିକ ଦୁଃସ୍ଥିତି ଚିନ୍ତାଜନକ ପରିଣାମ ସୃଷ୍ଟି କରିପାରେ। ବ୍ୟବସାୟ କ୍ଷେତ୍ର ଗତାନୁଗତିକ ରୀତିରେ ଗଡ଼ି ଚାଲିବ।

**ମୀନ**
ଗୁରୁ ପାପଯୁକ୍ତ ହେତୁ କୌଣସି କ୍ଷେତ୍ରରେ ତରବରିଆ ପଦକ୍ଷେପ ନେବା ଠିକ୍ ହେବ ନାହିଁ। କର୍ମକ୍ଷେତ୍ରରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି। ଦୀର୍ଘ ପଥ ଭ୍ରମଣହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ। ଆଜିହିଁ ଶେଷ କରିବାକୁ ଭାବୁଥିବା କାମଟିକୁ ଶେଷ କରିପାରିବା କଷ୍ଟକର ହେବ।

ଆଜି ଭାଦ୍ରବ ଶୁକ୍ଳ ପ୍ରତିପଦା ଯୁକ୍ତ ଦ୍ୱିତୀୟା ଶନିବାର, ଶ୍ରୀମନ୍ଦିରରେ ଦାବାଗ୍ନି ଲୀଳା, ସେପ୍ଟେମ୍ବର ୧୬ ତାରିଖ, ବିଶ୍ୱ ଓଜୋନ ଦିବସ, ମାସାନ୍ତ, ରାଶି ନକ୍ଷତ୍ର-ହସ୍ତା/କନ୍ୟା, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ଦିବା ଘ.୧୦।୧୦ ଗତେ ଘ.୧୨।୫୪ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ. ୦୮।୩୯ ଗତେ ଘ.୧୦।୧୦ ମଧ୍ୟେ ରାହୁକାଳ ॥

# ୩ ଜିଲାରେ ସ୍କ୍ରବ୍ ଟାଇଫସ୍ ଆତଙ୍କ

ଭୁବନେଶ୍ୱର, (ଅଭିଜିତ ଦାସ)/ବଲାଙ୍ଗୀର (ବୀରେନ୍ଦ୍ର ଝାଙ୍କର) /ବରଗଡ (ପ୍ରେମାନନ୍ଦ ଖମାରୀ) /ସୁନ୍ଦରଗଡ,୧୫।୯ (ଜୟ ନାରାୟଣ ମେଣ୍ଡୁଲି)

ରାଜ୍ୟରେ ଏବେ ଡେଙ୍ଗୁ ସହ ଚିନ୍ତା ବଢ଼ାଇଛି ସ୍କ୍ରବ୍ ଟାଇଫସ୍। ଗତ କିଛିଦିନ ହେବ ଚିଗର ନାମକ ବିଷାକ୍ତ ପୋକ କାମୁଡାରୁ ଏହି ସ୍କ୍ରବ ଟାଇଫସ୍ ରୋଗ ରାଜ୍ୟରେ ବ୍ୟାପୁଥିବାବେଳେ ଏଥିରେ ୨୫୦ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ ହୋଇଥିବାବେଳେ ୬ଜଣଙ୍କ ଜୀବନ ଯାଇଛି। ତେବେ ଏହାକୁ ନେଇ ବରଗଡ, ସୁନ୍ଦରଗଡ ଓ ବଲାଙ୍ଗୀର ଜିଲାରେ ଏକପ୍ରକାର ଆତଙ୍କିତ ପରିସ୍ଥିତି ଲାଗି ରହିଥିବାବେଳେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ରାଜ୍ୟର ସମସ୍ତ ଜିଲା ହସ୍ପିଟାଲରେ ଆଣ୍ଟିବାୟୋଟିକ୍ ଓ ଔଷଧ ମହଜୁଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି।

ମିଳିଥିବା ସୂଚନା ଅନୁଯାୟୀ, ଏହି ରୋଗରେ ବରଗଡରେ ୫ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଦୁଇଦିନ ତଳେ ସୁନ୍ଦରଗଡରେ ଜଣଙ୍କର ଜୀବନ ଯାଇଛି। ଗତ ୧୩ ତାରିଖ ସୁଦ୍ଧା ବରଗଡ ଜିଲାରେ ୧୭୮ଟି ରକ୍ତ ନମୁନା ପରୀକ୍ଷା କରାଯାଇଥିବାବେଳେ ୪ଜଣ ସ୍କ୍ରବ୍ ଟାଇଫସ୍ ରୋଗୀ ଚିହ୍ନଟ ହୋଇଛନ୍ତି। ୧୪ ତାରିଖ ସୁଦ୍ଧା ବଲାଙ୍ଗୀର ଜିଲାରେ ୪୮୦ରକ୍ତ ନମୁନା ପରୀକ୍ଷା କରାଯାଇଥିବାବେଳେ ୮୦ ଜଣ ଓ ସୁନ୍ଦରଗଡ ଜିଲାରେ ୮୨୩ ରକ୍ତ ନମୁନାରୁ ୧୬୯ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି।

ସୁନ୍ଦରଗଡ ଜିଲାର ଭାରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ କାହ୍ନୁ ଚରଣ ନାୟକ କହିଛନ୍ତି, ଜିଲାରେ ଜଣେ ମୃତ୍ୟୁ ହୋଇଥିବାବେଳେ ମୃତକଙ୍କ ରିପୋର୍ଟ ସ୍ୱାସ୍ଥ୍ୟ ବିଭାଗକୁ ପଠାଯାଇଛି। ବର୍ତ୍ତମାନ ଜିଲାର ମଝାପଡା ଅଞ୍ଚଳରେ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଉଛି। ହସ୍ପିଟାଲରେ ସମସ୍ତ ପ୍ରକାର ସୁବିଧା କରାଯାଇଛି। ଅନ୍ୟପକ୍ଷରେ ସ୍କ୍ରବ୍ ଟାଇଫସ୍ ବ୍ୟାପିବାକୁ ରୋକିବା ସହ ଆବଶ୍ୟକ ଚିକିତ୍ସା ଯୋଗାଇ ଦେବାକୁ ଗତ ୧୩ ତାରିଖରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ରାଜ୍ୟର ସମସ୍ତ ଜିଲାର ସିଡିଏମ୍‌ଓଙ୍କୁ ଚିଠି ମାଧ୍ୟମରେ ନିର୍ଦ୍ଦେଶ ଦେଇଥିଲେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ।

## ସତର୍କ କଲେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ହସ୍ପିଟାଲରେ ଟେଷ୍ଟିଂ କିଟ୍ ଓ ଔଷଧ ମହଜୁଦ୍ ରଖିବା ସହ ଡାକ୍ତରୀ ଦଳଙ୍କ ଦ୍ୱାରା ରୋଗର ସର୍ଭେଲାନ୍ସ କରିବାକୁ କୁହାଯାଇଛି। ଏ ସମ୍ପର୍କରେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନିରଞ୍ଜନ ମିଶ୍ର କହିଛନ୍ତି, ସ୍କ୍ରବ ଟାଇଫସ ରୋଗ ବର୍ତ୍ତମାନ ସର୍ଭେଲାନ୍ସ ଭିତରେ ରହିଛି। ଗତବର୍ଷ ୧୦ ହଜାର ସ୍କ୍ରବ୍ ଟାଇଫସ ଟେଷ୍ଟ ହୋଇଥିଲା। ଚଳିତବର୍ଷ ଜୁଲାଇ ସୁଦ୍ଧା ୮ ହଜାରରୁ ଅଧିକ ଟେଷ୍ଟ ହୋଇସାରିଛି। ବର୍ତ୍ତମାନ ରାଜ୍ୟର ପ୍ରାୟ ସବୁ ଜିଲାରୁ ସ୍କ୍ରବ ଟାଇଫସ କେସ୍ ଆସୁଛି। ତେବେ ଗତବର୍ଷ କେନ୍ଦୁଝର ଜିଲାରୁ ସର୍ବାଧିକ କେସ୍ ଆସିଥିବାବେଳେ ଚଳିତବର୍ଷ ବରଗଡ, ବଲାଙ୍ଗୀର ଓ ସୁନ୍ଦରଗଡ ଜିଲାରୁ ଆସୁଛି। ପ୍ରତି ଜିଲାର ଡାକ୍ତରମାନଙ୍କୁ ସତର୍କ ରହିବା ପାଇଁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଏହା ସହ ସ୍କ୍ରବ ଟାଇଫସ ରୋଗରେ ମୃତ୍ୟୁ ହୋଇଥିବା ମୃତକଙ୍କ ରିପୋର୍ଟ ବିଭାଗ ପକ୍ଷରୁ ଯାଞ୍ଚ କରାଯାଉଛି। ଏହି ରୋଗ ସାଧାରଣତଃ ଚିଗର ନାମକ କୀଟ କାମୁଡ଼ିଲେ ହେଉଛି। ବିଲ ବା ଜଙ୍ଗଲ ଯାଉଥିବା ଲୋକଙ୍କୁ ଏହା ହେଉଛି। ଏହି ରୋଗର ଲକ୍ଷଣ ହେଉଛି ଜ୍ୱର ଲାଗି ☞ପୃଷ୍ଠା-୪

# ୭ ଘଣ୍ଟା ଉପାସ ରହିଲେ ମହାପ୍ରଭୁ

ପୁରୀ,୧୫।୯(ଅଜିତ ମହାନ୍ତି)

ଶ୍ରୀମନ୍ଦିରରେ ଶୁକ୍ରବାର ମହାପ୍ରଭୁଙ୍କ ନୀତିରେ ବିଭ୍ରାଟ ଘଟିଛି। ଏପରିକି ଦୁଇଥର ବଡ଼ ମହାସ୍ନାନ କରାଯାଇଛି। ଫଳରେ ଦାରୁଦିଅଁଙ୍କୁ ଦୀର୍ଘ ୭ଘଣ୍ଟା ଉପବାସ ରହିବାକୁ ପଡ଼ିଛି। ସେହିପରି ଜଗତ ଠାକୁରଙ୍କ ଦର୍ଶନ ଓ ମହାପ୍ରସାଦ ନ ପାଇ ଅନେକ ଭକ୍ତଙ୍କୁ ନିରାଶ ହୋଇ ଫେରିବାକୁ ପଡ଼ିଛି। ଜଣେ ସେବାନିବୃତ୍ତ ସିଂହାରୀ ସେବକଙ୍କ ପାଇଁ ନୀତିରେ ବିଭ୍ରାଟ ଉପୁଜିଥିବା କୁହାଯାଉଥିବାବେଳେ ପ୍ରଶାସନ ଓ ସେବାୟତଙ୍କ ମଧ୍ୟରେ ସମନ୍ୱୟ ଅଭାବକୁ ଭକ୍ତମାନେ ଦାୟୀ କରିବା ସହ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଜଣେ ସେବାନିବୃତ୍ତ ସେବାୟତ କିପରି ରତ୍ନସିଂହାସନ ପର୍ଯ୍ୟନ୍ତ ପହଞ୍ଚିଲେ ଏବଂ ଏ ସମ୍ପର୍କରେ ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀ, କମାଣ୍ଡର କିମ୍ବା ଜେଟିପି କେହି ଜାଣିପାରିଲେ ନାହିଁ ତାହା ପ୍ରଶ୍ନବାଚୀ ହୋଇଛି। ଏ ନେଇ ତୁରନ୍ତ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଭକ୍ତ ଓ ସେବାୟତଙ୍କ ପକ୍ଷରୁ ଦାବି ହେଉଛି।

ସୂଚନା ଅନୁଯାୟୀ, ଶୁକ୍ରବାର ଭୋର ୫.୫୫ରେ ଭିତରଚ୍ଛୁ ମହାପାତ୍ରଙ୍କ ଦ୍ୱାରା ଦ୍ୱାରଫିଟା ନୀତି ହୋଇଥିଲା। ପରେ ୬.୩୫ରେ ଭିତରଶୋଧ, ୬.୫୫ରେ ମଙ୍ଗଳ ଆଳତି, ୭ଟାରେ ରୋଷହୋମ ଓ ୭.୦୫ରେ ମଇଲମ ହୋଇଥିଲା। ମାତ୍ର ତା' ପରଠାରୁ ବିଶୃଙ୍ଖଳା ଯୋଗୁ ମହାପ୍ରଭୁଙ୍କ ଅନ୍ୟାନ୍ୟ ନୀତି ପ୍ରାୟ ୭ଘଣ୍ଟା ଧରି ବନ୍ଦ ରହିଥିଲା। ସେବାୟତଙ୍କ ଅଭିଯୋଗ ଅନୁଯାୟୀ, ପୂର୍ବରୁ ସିଂହାରୀ ସେବାୟତ ଶଙ୍ଖମିତ୍ର ସିଂହାରୀଙ୍କୁ ସେବାରୁ ନିବୃତ୍ତ କରାଯାଇଥିଲା। ଏହାସତ୍ତ୍ୱେ ସେ ଶୁକ୍ରବାର ଶ୍ରୀମନ୍ଦିରରେ ପହଞ୍ଚି ରତ୍ନସିଂହାସନ ନିକଟକୁ ଯାଇ ସୁଭଦ୍ରାଙ୍କ ବାଡ଼ରେ ମଙ୍ଗଳ ଆଳତି କରିଥିଲେ। ଏହାକୁ ନେଇ ବିବାଦ ସୃଷ୍ଟି ହେବା ସହ ଉଗ୍ର ରୂପ ନେଇଥିଲା। ସମ୍ପୃକ୍ତ ସିଂହାରୀ ସେବକ ଅନ୍ୟ ଏକ ଜାତିରେ ବିବାହ କରିଥିବାରୁ ନିଯୋଗ ପକ୍ଷରୁ ତାଙ୍କୁ ନିଲମ୍ବିତ କରାଯାଇଥିଲା। ଏହାସତ୍ତ୍ୱେ ସେ ମହାପ୍ରଭୁଙ୍କ ସେବା କରିବାରୁ ବିବାଦ ଘନେଇଥିଲା। ଏଥିଯୋଗୁ ନୀତିକାନ୍ତି ସବୁ ସେଇଠୁ ବନ୍ଦ ରହିଥିଲା। ପ୍ରାୟ ୭ଘଣ୍ଟା ଧରି ଏଭଳି ସ୍ଥିତି ଲାଗିରହିଥିଲା। ବିବାଦ ବଢୁଥିବା ଓ ନୀତିକାନ୍ତିରେ ବିଳମ୍ବ ହେଉଥିବା ଖବର ପାଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ମନ୍ଦିରକୁ ଯାଇ ସେବାୟତମାନଙ୍କ ସହିତ ଆଲୋଚନା କରିଥିଲେ। ଏହାପରେ ନୀତିକାନ୍ତି ସ୍ୱାଭାବିକ ହୋଇଥିଲା।

### ଶ୍ରୀମନ୍ଦିରରେ ନୀତି ବିଭ୍ରାଟ

- ସେବାନିବୃତ୍ତ ସିଂହାରୀ ସେବକଙ୍କ ପାଇଁ ବିଶୃଙ୍ଖଳା
- ୨ ଥର ହେଲା ବଡ଼ ମହାସ୍ନାନ, ସବୁ ନୀତି ବିଳମ୍ବ
- ଦର୍ଶନ, ମହାପ୍ରସାଦ ନ ପାଇ ଫେରିଲେ ଭକ୍ତ




ତେବେ ସକାଳ ୮ଟାରେ ଗୋପାଳବଲ୍ଲଭ ନୀତି ହେବା ପରିବର୍ତ୍ତେ ବହୁ ବିଳମ୍ବରେ ଅର୍ଥାତ ସନ୍ଧ୍ୟା ୫ଟା ପରେ ହୋଇଥିଲା। ସେହିପରି ଅନ୍ୟାନ୍ୟ ନୀତିରେ ମଧ୍ୟ ବିଳମ୍ବ ଘଟିଥିଲା। ସପ୍ତପୁରୀ ନୀତି ଦିନ ପରିବର୍ତ୍ତେ ରାତି ପ୍ରାୟ ୭ଟାରେ ହୋଇଥିଲା। ଅପରାହ୍ନ ୨ଟାରେ ଥରେ ବଡ଼ମହାସ୍ନାନ ହୋଇ ନୀତି ଆଗଉଥିଲା। ତେବେ ଏହି ସମୟରେ କେହି ବାନ୍ତି କରିଦେବାରୁ ନୀତି ବନ୍ଦ ରଖାଯାଇ ପୁଣି ଠାକୁରଙ୍କ ବଡ଼ମହାସ୍ନାନ କରାଯାଇଥିଲା। ଏହି ନୀତି ବିଭ୍ରାଟ ସମ୍ପର୍କରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ କହିଛନ୍ତି ଯେ, ଅନେକ ଲୋକ ଧୋତି ପିନ୍ଧିକି ଯାଉଛନ୍ତି। ତେଣୁ ଗର୍ଭଗୃହକୁ କିଏ କେତେବେଳେ ଯାଉଛନ୍ତି ତାହା ଜାଣିବା ସମ୍ଭବ ହେଉନାହିଁ। ସମ୍ପୃକ୍ତ ସେବାୟତ କିଭଳି ମନ୍ଦିରକୁ ଯାଇ ପାଳି କଲେ ସେନେଇ ତର୍ଜମା କରାଯାଇ ପଦକ୍ଷେପ ନିଆଯିବ। ନୀତିକାନ୍ତି ବିଳମ୍ବ ଘଟଣାରେ ସମ୍ପୃକ୍ତ ସମସ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ। ନିଯୋଗଗୁଡ଼ିକ ମଧ୍ୟରେ ଯେଉଁ ଭୁଲ ବୁଝାମଣା ହୋଇଥିଲା ତାହା ଆଲୋଚନା କରାଯାଇ ସମାଧାନ କରାଯାଇଛି। ସମ୍ପୃକ୍ତ ସେବକ ବାସନ୍ଦ ନେଇ କୌଣସି ତଥ୍ୟ ଉପସ୍ଥାପିତ ହୋଇନାହିଁ। ତଦନ୍ତରେ ସେ ସବୁ ଜଣାପଡିବ। ମହାପ୍ରଭୁଙ୍କ ମହାସ୍ନାନ ପରେ ନୀତି ପୁଣି ଆଗେଇଥିଲା ବୋଲି ଦାସ ପ୍ରକାଶ କରିଛନ୍ତି। ବରିଷ୍ଠ ସେବାୟତ ବିନାୟକ ଦାସମହାପାତ୍ରଙ୍କ ସମେତ ଅନେକ ସେବାୟତ ଏହି ଘଟଣାକୁ ସ୍ୱୀକାର କରିଛନ୍ତି। ☞ପୃଷ୍ଠା-୪



ମାନବୀୟ ପ୍ରଗତିର ପୂର୍ଣ୍ଣାଙ୍ଗ ପରିଣତି ପାଇଁ ମନୁଷ୍ୟ ପକ୍ଷରେ ୟୁରୋପୀୟ ସଭ୍ୟତାର ମାନସିକ, ପ୍ରାଣିକ ଓ ଶାରୀରିକ ଉତ୍କର୍ଷର ଗୁରୁତ୍ୱ ଏବଂ ଭାରତୀୟ ସଭ୍ୟତାର ଆଧ୍ୟାତ୍ମିକ ଓ ଚୈତ୍ତିକ ବିକାଶର ପ୍ରେରଣା– ଉଭୟବିଧ ପ୍ରବୃତ୍ତିର ସମ୍ୟକ ଆବଶ୍ୟକତା ରହିଅଛି। **–ଶ୍ରୀଅରବିନ୍ଦ**

# ନିଷ୍ପତ୍ତିରେ ପ୍ରଶ୍ନବାଚୀ



## ଦିଲ୍ଲୀକା ବାବୁ

**ଦିଲୀପ ଚେରିଏନ୍**

ସରକାରୀ ନିଷ୍ପତ୍ତିରେ ସ୍ଥିରତା ବା ସୁସଙ୍ଗତି ଦାୟିତ୍ୱପୂର୍ଣ୍ଣ ଶାସନର ଏକ ମୌଳିକ ନୀତି। ସରକାରଙ୍କ ପ୍ରତ୍ୟେକ ନିଷ୍ପତ୍ତି ଯତ୍ନର ସହ ବିଚାର କରାଯିବା ପରେ ତାହାକୁ ଗ୍ରହଣ କରାଯିବା ଦେଖାଯାଇଛି ଓ ଏହା ସରକାରଙ୍କ ପାଇଁ ଅଧିକ ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ହରିୟାଣା ମୁଖ୍ୟମନ୍ତ୍ରୀ ମନୋହର ଲାଲ୍ ଖଟ୍ଟରଙ୍କ ଦ୍ୱାରା କରାଯାଇଥିବା ଏକ ପ୍ରମୁଖ ନିଯୁକ୍ତିକୁ ହଠାତ୍ ବଦଳେଇଦିଆଯିବା ଦ୍ୱାରା ବାସ୍ତବରେ ନିଷ୍ପତ୍ତି ନିର୍ଦ୍ଧାରଣ ପ୍ରକ୍ରିୟାରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗୃହ, ଜେଲ, ଅପରାଧ ଅନୁସନ୍ଧାନ ଏବଂ ନ୍ୟାୟିକ ପ୍ରଶାସନ ସମେତ ଅନେକ ଗୁରୁତ୍ୱପୂର୍ଣ୍ଣ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ (ଏସିଏସ୍)ଭାବେ ସୁଧୀର ରାଜପାଲଙ୍କ ନିଯୁକ୍ତିକୁ ରାଜ୍ୟ ସରକାର ଆନୁଷ୍ଠାନିକ ଭାବେ ଘୋଷଣା କରିଥିଲେ। ମାତ୍ର କିଛି ଘଣ୍ଟା ମଧ୍ୟରେ ଏହି ଆଦେଶକୁ ପ୍ରତ୍ୟାହାର କରି ରାଜପାଲଙ୍କୁ ବିଦ୍ୟାଳୟ ଶିକ୍ଷା ବିଭାଗ ଏବଂ ସହଯୋଗ ବିଭାଗର ଏସିଏସ୍ ଭାବେ ନିଯୁକ୍ତ କରିବା ସକାଶେ ନୂଆ ନିର୍ଦ୍ଦେଶ ଜାରି କରାଯାଇଥିଲା। ଆଉ ଜଣେ ଆଇଏଏସ୍ ଅଧିକାରୀ ଟି.ଭି.ଏସ୍.ଏନ୍. ପ୍ରସାଦ ଗୃହ ବିଭାଗର ଏସିଏସ୍ ଭାବେ ଦାୟିତ୍ୱ ଗ୍ରହଣ କଲେ। ପର୍ଯ୍ୟବେକ୍ଷକମାନେ ଦର୍ଶାଇଛନ୍ତି ଯେ, ହରିୟାଣା ସରକାରଙ୍କ ପାଇଁ ଅନେକ ପ୍ରଶାସନିକ ଆହ୍ୱାନ ରହିଛି। ଏହା ରାଜପାଲଙ୍କ ନିଯୁକ୍ତିକୁ ଓଲଟପାଲଟ କରିବା ଲାଗି ସରକାରଙ୍କୁ ପ୍ରେରିତ କରିଥାଇପାରେ ବୋଲି ସେମାନେ ସୂଚିତ କରିଛନ୍ତି। ଏଭଳି ନିଷ୍ପତ୍ତି ପରିବର୍ତ୍ତନର ମୂଳ କାରଣକୁ ନେଇ ଅନେକେ ଦ୍ୱନ୍ଦ୍ୱରେ ଅଛନ୍ତି। ତେବେ ଖଟ୍ଟରଙ୍କ ପାଇଁ ବିଶ୍ୱସନୀୟତା ବଜାୟ ରଖିବା ଅତ୍ୟନ୍ତ ଜରୁରୀ। ନିଷ୍ପତ୍ତି ଶୀଘ୍ର ବଦଳାଇଦେବା ଦ୍ୱାରା ବିଶ୍ୱାସ କ୍ଷୁଣ୍ଣ ହୋଇପାରେ; ବିଶେଷକରି ଖୁବ୍ ଶୀଘ୍ର ହେବାକୁ ଥିବା ନିର୍ବାଚନରେ ଏହା ଘଟିବାର ସମ୍ଭାବନା ଅଧିକ।

### ଜି୨୦ର ପଥପ୍ରଦର୍ଶକ

ନିକଟରେ ନୂଆଦିଲ୍ଲୀରେ ଜି୨୦ ଶିଖର ସମ୍ମିଳନୀ ଶେଷ ହୋଇଛି। ଭାରତର କୂଟନୈତିକ ବିଜୟର ବିରାଟ ପରିବର୍ତ୍ତନର ମୁହୂର୍ତ୍ତ ତଥା ଦିଲ୍ଲୀ ଘୋଷଣାନାମାକୁ ଜି୨୦ର ସମସ୍ତ ସଦସ୍ୟ ସମର୍ବସମ୍ମତି କ୍ରମେ ଗ୍ରହଣ କରିବା ଘଟଣା ସ୍ମରଣୀୟ ହୋଇ ରହିବ। ଏଥିରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ଅଛନ୍ତି ଭାରତର ଜି୨୦ର ପଥପ୍ରଦର୍ଶକ ତଥା କୂଟନୈତିକ ଉତ୍କୃଷ୍ଟତାର ପ୍ରକୃତ ସଞ୍ଚାଳକ ଭାବେ ଜଣାଶୁଣା ଅମିତାଭ କାନ୍ତ। ଜଣେ ସରକାରୀ କର୍ମଚାରୀ ତଥା ନୀତି ଆୟୋଗର ଶୀର୍ଷ ନେତୃତ୍ୱ ନେବାରେ ଚିତ୍ତାକର୍ଷକ ରେକର୍ଡ ଥିବାରୁ ଭାରତର ସ୍ୱାର୍ଥ ପାଇଁ ପ୍ରତିନିଧିତ୍ୱ କରିବା ଏବଂ ଏକ ସମନ୍ୱିତ ରଣନୀତି ସୁନିଶ୍ଚିତ କରିବା ଲାଗି ତାଙ୍କୁ ଚୟନ କରାଯାଇଥିଲା, ଯାହାକୁ ସେ ଚମତ୍କାର ଭାବରେ ପ୍ରତିପାଦନ କରିଛନ୍ତି। ଏହି ସଫଳତା କେବଳ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଏସ୍.ଏନ୍. ଜୟଶଙ୍କରଙ୍କ ଯୋଗୁ ହୋଇନାହିଁ, ବରଂ ଅନେକ ଉତ୍ସର୍ଗୀକୃତ ବାବୁଙ୍କ ପାଇଁ ଏହା ସମ୍ଭବ ହୋଇଛି ବୋଲି କାନ୍ତ ନିଜେ ଦର୍ଶାଇଛନ୍ତି। ଆଇଏଏସ୍, ଆଇଏଫ୍ଏସ୍ ଏବଂ ଆଇଆଇଏସ୍ ଅଧିକାରୀଙ୍କ ଏକ ମିଳିତ ମଞ୍ଚ ୨୦୦ ଘଣ୍ଟାରୁ ଅଧିକ ସମୟ ଧରି କରାଯାଇଥିବା ଲଗାତର ବୁଝାମଣା ପ୍ରକ୍ରିୟା, ୩୦୦ ଦ୍ୱିପାକ୍ଷିକ ବୈଠକ ଏବଂ ଏକ ସହଭାଗୀ ଲକ୍ଷ୍ୟ ଦିଗରେ ୧୫ଟି ଚିଠା ସଂଶୋଧନ ପାଇଁ କାର୍ଯ୍ୟ କରିଥିଲେ। କାନ୍ତଙ୍କ ବ୍ୟତୀତ ଏହି କାର୍ଯ୍ୟରେ ଜଡ଼ିତ ଥିବା ଅଧିକାରୀମାନେ ହେଲେ ପୂର୍ବତନ ବୈଦେଶିକ ସଚିବ ହର୍ଷବର୍ଦ୍ଧନ ଶ୍ରୀଙ୍ଗଲା ଏବଂ ନାଗରାଜ ନାଇଡୁ କାକାନୁର, ଇନମ ଗମ୍ଭୀର, ଆଶିଷ କୁମାର ସିହ୍ନା, ଲିଲି ପାଣ୍ଡେ ଏବଂ ଅଭୟ ଠାକୁର। କାନ୍ତଙ୍କ ଭଳି ଅଧିକାରୀମାନଙ୍କ ଅମଲାତାନ୍ତ୍ରିକ ପ୍ରତିଭାକୁ ବ୍ୟବହାର କରିବା, ଜଟିଳ ଭୌଗୋଳିକ ନୀତିକୁ ସଞ୍ଚାଳନ କରିବା ଏବଂ ବିଶ୍ୱର ସୁରକ୍ଷା ସମସ୍ୟାକୁ ସମାଧାନ କରିବା କ୍ଷମତା ଭବିଷ୍ୟତର ପଥ ନିର୍ଣ୍ଣୟ କରିବ। କୁହାଯାଇପାରେ ଯେ,ଏହି ପଥ ପ୍ରଦର୍ଶକମାନେ ସଫଳତାର ସହିତ ଭାରତୀୟ କୂଟନୀତି ଶିଖରକୁ ଯାଇପାରିଛନ୍ତି।

### ଚୟନ ଅଭିଯାନ

ଏକ ମାସର ବ୍ୟବଧାନ ପରେ ପବ୍ଲିକ ଏଣ୍ଟରପ୍ରାଇଜେସ ସିଲେକ୍ସନ ବୋର୍ଡ (ପିଇଏସ୍‌ବି) ବିଭିନ୍ନ କେନ୍ଦ୍ରୀୟ ପବ୍ଲିକ୍ ସେକ୍ଟର ଅଣ୍ଡରଟେକିଂ (ପିଏସ୍‌ୟୁ)ରେ ବୋର୍ଡ ସ୍ତରୀୟ ପଦବୀ ପାଇଁ ଚୟନ ସାକ୍ଷାତକାର ଆରମ୍ଭ କରିଛି। ଅଗଷ୍ଟ ୯, ୨୦୨୩ ରେ ରାଷ୍ଟ୍ରୀୟ କେମିକାଲ୍ସ ଆଣ୍ଡ୍ ଫର୍ଟିଲାଇଜର ନିର୍ଦ୍ଦେଶକ (ବୈଷୟିକ) ଲାଗି ପିଇଏସ୍‌ବି ଶେଷ ସୁପାରିସ କରିଥିଲା। ସୂତ୍ର ଅନୁଯାୟୀ, ଚଳିତ ମାସ ପାଇଁ ସ୍ଥିର କରାଯାଇଥିବା ଚୟନ ସାକ୍ଷାତକାର ମଧ୍ୟରେ ଅଛି ଇଣ୍ଡିଆନ ଅଏଲର ନିର୍ଦ୍ଦେଶକ (ଆର୍ ଆଣ୍ଡ୍ ବି) , ମହାନଦୀ କୋଲ୍ଡ ଫିଲ୍ଡର ସିଏମ୍‌ଡି ଏବଂ ପାୱାରଗ୍ରୀଡ୍ (ପିଜିସିଆଇଏଲ୍) ସିଏମ୍‌ଡି ଭଳି ବୋର୍ଡ ସ୍ତରୀୟ ପଦବୀ। ତେବେ ପାୱାର ଗ୍ରୀଡ୍ ମୁଖ୍ୟ କେ.ଶ୍ରୀକାନ୍ତ ୩୧ ଡିସେମ୍ବର ୨୦୨୩ରେ ଅବସର ନେବାକୁ ଥିବାରୁ ଏହି ପଦବୀର ନିଯୁକ୍ତି ଗୁରୁତ୍ୱପୂର୍ଣ୍ଣ। ଅଗଷ୍ଟରେ ବୋର୍ଡ ସ୍ତରୀୟ ପଦବୀ ପାଇଁ କେବଳ ୩ଟି ଚୟନ ସାକ୍ଷାତକାର ହୋଇଥିଲା ଏବଂ ଏହି ସଂଖ୍ୟା ଚଳିତ ବର୍ଷର ସବୁଠୁ କମ୍। ମୋଟ ଉପରେ ପିଏସ୍‌ଇବି ଚଳିତ ବର୍ଷ ବୋର୍ଡ ସ୍ତରୀୟ ପଦବୀ ପାଇଁ ୭୩ଟି ଚୟନ ସାକ୍ଷାତକାର ଆୟୋଜନ କରିଛି। ଫେବୃୟାରୀରେ ୧୩, ମାର୍ଚ୍ଚରେ ୧୪,ଏପ୍ରିଲରେ ୯, ମେ ଏବଂ ଜୁନ୍‌ରେ ପ୍ରତ୍ୟେକ ୧୦ଟି ଚୟନ ସାକ୍ଷାତକାର କରାଯାଇଛି। ଅପରପକ୍ଷେ, ଜାନୁୟାରୀରେ ଏହି ସଂଖ୍ୟା ୬ଟି ଥିଲାବେଳେ ଅଗଷ୍ଟରେ ସର୍ବନିମ୍ନ ୩ଟି ଚୟନ ସାକ୍ଷାତକାର କରାଯାଇଛି। ଚୟନ ପ୍ରକ୍ରିୟା ପୁଣି ଥରେ ଗତିଶୀଳ ହୋଇଛି ଏବଂ ଆଶା କରାଯାଏ, ଏହା ଏକ ନିୟମିତ ପ୍ରଶାସନିକ ପ୍ରକ୍ରିୟାଠାରୁ ଅଧିକ ପଦକ୍ଷେପ ନେବାର ଏକ ସଙ୍କେତ।

Email: dilipcherian@gmail.com

# ନାଁରୁ କ'ଣ ମିଳିବ



**ମାୟାଧର ନାୟକ**

ଆମ ଦେଶରେ ବେଶି ଠାକୁରାଣୀ ଠାକୁରଙ୍କ ନାଁରେ ମା'ବାପାମାନେ ସେମାନଙ୍କ ପିଲାଙ୍କ ନାମ ରଖନ୍ତି। ଆଉ ମଧ୍ୟ କିଛି ଆଧୁନିକ ନାଁ ଦିଅନ୍ତି। ବିଦ୍ୟାଭୂଷଣ ନାଁ ଥାଇ ମୂର୍ଖ, ଦିବ୍ୟଲୋଚନ ନାଁ ଥାଇ ଦୃଷ୍ଟି ବାଧିତ, ଗୋରାଚାନ୍ଦ ନାଁ ନେଇ ତ୍ରିପଣ୍ଡ କାଳିଆ ଏଇଭଳି ବହୁ ଉଦାହରଣ ଅଛି। ନାଁ କେବଳ ଚିହ୍ନଟ ପାଇଁ ସେ ମଣିଷ ହେଉ କି ଭୌଗୋଳିକ କ୍ଷେତ୍ରଫଳ ହେଉ। ଥରେ ଯେଉଁ ନାଁରେ ବର୍ଷବର୍ଷ ଧରି ଚିହ୍ନୁଛେ ଡାକୁଛେ ସେ ନାଁ ବଦଳାଇ ଦେଲେ ସମସ୍ତେ ଅଡୁଆରେ ପଡ଼ିଯାଆନ୍ତି। ଏବେ ଦେଶର ନାଁ 'ଇଣ୍ଡିଆ' ବଦଳରେ 'ଭାରତ' ଲେଖିବା। ଆମେ ସିନା ପାର୍ଲାମେଣ୍ଟରେ ଏକ ତୃତୀୟାଂଶ ଭୋଟରେ ବଦଳ ନାଁକୁ ଗୃହୀତ କରାଇନେବା, କିନ୍ତୁ ବିଦେଶୀମାନଙ୍କ ସହ ଯେତେ ଚୁକ୍ତିପତ୍ର ହୋଇଛି ସେମାନେ ଇଣ୍ଡିଆ ସ୍ଥାନରେ ଭାରତ ଲେଖିବେ କି ? ଆମେରିକା ପ୍ରଶ୍ନ ଉଠାଇଲାଣି। ଏଭଳି ଉଦ୍ଭଟ ଚିନ୍ତା ଆସିଲା କାହିଁକି ? ବିରୋଧୀମାନେ 'ଇଣ୍ଡିଆ' କଲାପରେ ଏନ୍‌ଡିଏବାଲା ଅଡୁଆରେ ପଡ଼ିଗଲେ କି? ଇଣ୍ଡିଆ ମେଣ୍ଟ କହିଲେଣି – ଆମେ ବି ଇଣ୍ଡିଆ ବଦଳାଇ 'ଭାରତ' ମେଣ୍ଟ ନାଁ ଦେବୁ।

ଦେଶ ସ୍ୱାଧୀନ ପରେ ୧୯୪୯ବେଳେ ସମ୍ବିଧାନ ପ୍ରଣୟନବେଳେ ବହୁ ନାଁ ଆସିଥିଲା। 'ଭାରତ', ହିନ୍ଦୁସ୍ତାନ, ହିନ୍ଦ୍, ଭାରତଭୂମି, ଭାରତବର୍ଷ ନାଁକୁ ବିଚାରକୁ ନିଆଯାଇଥିଲା। ଶେଷରେ ନିଷ୍ପତ୍ତି ହେଲା ''ଇଣ୍ଡିଆ ଦ୍ୟାଟ୍ ଇଜ୍ ଭାରତ''। ୟୁନିୟନ୍ ଅଫ୍ ଷ୍ଟେଟ୍ସ। ସମ୍ବିଧାନର ଧାରା ୧(୧)ରେ ''ଇଣ୍ଡିଆନ୍ କନ୍‌ଷ୍ଟିଚ୍ୟୁସନ୍' ରହିଲା। ପ୍ରସିଦ୍ଧ କବି ସେକ୍ସପିୟର ତାଙ୍କ 'ରୋମିଓ ଏବଂ ଜୁଲିଏଟ୍'ରେ ଲେଖିଥିଲେ ହ୍ୱାଟ୍ ଇଜ୍ ଇନ୍ ନେମ୍ ? ନାଁରେ କ'ଣ ଅଛି ? ଆମେ ଯେତେ ନାଁ ବଦଳାଇ ଦେଲେ ବି ଇଣ୍ଡିଆ ଥିଲାବେଳେ ଯେଉଁ ଭୂଖଣ୍ଡ ଥିଲା ଭାରତ ନାଁ ରଖିଲେ ବି ସେଇ ଭୂଖଣ୍ଡ ରହିବ। ନାଁ ବଦଳିଗଲେ କ'ଣ ଲୋକଙ୍କ ଚିନ୍ତାଧାରା – ଅବସ୍ଥା ବଦଳିଯିବ ?

ଦେଶ ବର୍ତ୍ତମାନ ଦୁଇଟି ନାଁରେ ପରିଚିତ। ଇଣ୍ଡିଆନ୍ ଗଭର୍ନମେଣ୍ଟ ଅଫିସିଆଲ୍ ନାଁ ଇଂଲିଶରେ ଇଣ୍ଡିଆ ବିଶ୍ୱସାରା ପ୍ରଚଳିତ, ହିନ୍ଦୀ ନାଁ ଭାରତ ଦେଶ ଭିତରେ ପ୍ରଚଳିତ। ବମ୍ବେକୁ ମୁମ୍ବାଇ, ମାଡ୍ରାସକୁ ଚେନ୍ନାଇ ଭଳି ବର୍ତ୍ତମାନ ଆମେ ବହୁ ରାସ୍ତା, ରେଲଷ୍ଟେଶନ ନାଁ ବଦଳାଇ ଦେଉଛେ।

ଏବେ ନାମ ବିଧିବଦ୍ଧ ଭାବେ ପରିବର୍ତ୍ତନ ହୋଇନି, କିନ୍ତୁ ଜି ୨୦ ସମ୍ମିଳନୀରେ ପ୍ରେସିଡେଣ୍ଟ ଅଫ୍ ଭାରତ, ପ୍ରାଇମିନିଷ୍ଟର ଅଫ୍ ଭାରତ ଲେଖିସାରିଲେଣି। ଏହା ଠିକ୍ ଲାଗୁନି। ଏତେ ତରତର କାହିଁକି ? ସେପ୍ଟେମ୍ବର ୧୮ରୁ ୨୨ ସଂସଦର ପାଞ୍ଚ ଦିନିଆ ସ୍ୱତନ୍ତ୍ର ଅଧିବେଶନ ଡକାହୋଇଛି। ଏ ଅଧିବେଶନରେ ଏକ ଦେଶ ଏକ ନିର୍ବାଚନ ବିଲ୍, ଇଣ୍ଡିଆ ବଦଳରେ ଭାରତ ନାମକରଣ ବିଲ୍ ଆସିବ ବୋଲି କୁହାଯାଉଛି। ସ୍ମରଣଯୋଗ୍ୟ ଯେ,ଅତୀତରେ ନାମ ବଦଳ ବିଲ୍ ଆସିଥିଲା ଏବଂ ତାହା କାଟ୍ ଖାଇଯାଇଥିଲା। ସଂଖ୍ୟା ଦୃଷ୍ଟିରୁ ବିଲ୍ ପାସ୍ ହୋଇଯାଇପାରେ। ଏହାଦ୍ୱାରା ଦେଶର ଲାଭ କ୍ଷତି ମଧ୍ୟ ହିସାବ କରିବାକୁ ହେବ। ଟଙ୍କାରେ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ ଅଛି। ପୁରୁଣା ନୋଟ୍‌କୁ ବନ୍ଦକରି ନୂଆ ନୋଟ୍ ଛପାଇବେ କି ? ପୁଣି ନୋଟବନ୍ଦୀ ହେବ କି ? ଯେଉଁ ସରକାରୀ ସଂସ୍ଥାଗୁଡ଼ିକରେ 'ଇଣ୍ଡିଆ' ନାଁରେ ସରକାରୀ/ବେସରକାରୀ କାର୍ଯ୍ୟ ଚାଲୁଥିଲା ସେସବୁ ବଦଳାଇ 'ଭାରତ' ଲେଖିଲାବେଳକୁ ସମୟ ଓ ଅର୍ଥ ଖର୍ଚ୍ଚ ହେବ। ପ୍ରାୟ ୨୦ହଜାର କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଆକଳନ କରାଯାଉଛି। ରାଜକୋଷରୁ ଏତେଟଙ୍କା ଖର୍ଚ୍ଚ କରିବାପାଇଁ ସରକାର ଦେଶବାସୀଙ୍କ ମତାମତ ନେବେନି ? ନୋଟବନ୍ଦୀବେଳେ ଯେଭଳି ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହୋଇଥିଲା ଏକ ଦେଶ ଏକ ନିର୍ବାଚନ, ଇଣ୍ଡିଆ ବଦଳରେ ଭାରତ ବିଲ୍ ପାସ୍ କରି ସମ୍ବିଧାନ ସ୍ୱୀକୃତି ପାଇଗଲେ ଦେଶରେ ନାନା ବିଭ୍ରାଟ ସୃଷ୍ଟି ହେବ। ଅସଲ ବିଲ୍ ଏକ ଦେଶ ଏକ ନିର୍ବାଚନ ସବୁଠୁ ବେଶି ବିଭ୍ରାଟ ସୃଷ୍ଟି କରିବ। ନଭେମ୍ବରରେ ୬ଟି ରାଜ୍ୟରେ ନିର୍ବାଚନ ହେବ। ୨୪ ମହାଭାରତ ଏତେ ସହଜ ହେବନି। କିଛି ରାଜ୍ୟରେ ବର୍ଷେ ଦୁଇବର୍ଷ ପୂର୍ବରୁ ନିର୍ବାଚନ ହୋଇଯାଇଛି। ସେ ସରକାରଗୁଡ଼ିକୁ ରାଷ୍ଟ୍ରପତି ଶାସନ ଜାରିକରି ଭାଙ୍ଗିଦେଇ ଏକ ସଙ୍ଗରେ ୨୪ ଏପ୍ରିଲ–ମେ ବେଳକୁ କେନ୍ଦ୍ରସରକାର ସବୁ ରାଜ୍ୟରେ ନିର୍ବାଚନ କରିବେ। ଏହା ଅସାମ୍ବିଧାନିକ ହୋଇଥିଲେ ସୁପ୍ରିମକୋର୍ଟ ଅଙ୍କୁଶ ଲଗେଇ ଦେଇପାରନ୍ତି।





ଏବେ ଯାହା ଜଣାପଡିଛି ଏକ ଦେଶ ଏକ ନିର୍ବାଚନ ହେଲେ ୧୦ଲକ୍ଷ କୋଟି ଟଙ୍କା ଖର୍ଚ୍ଚ ହୋଇପାରେ! ଏକ ସଙ୍ଗେ ଲୋକ ସଭା, ବିଧାନସଭା, ପୌରସଭା, ଜିଲାପରିଷଦ, ପଞ୍ଚାୟତ ସମିତି, ଗ୍ରାମପଞ୍ଚାୟତ ନିର୍ବାଚନ ହେବ। ଇଭିଏମ୍ ପ୍ରସ୍ତୁତ କରିବାକୁ ହେବ। ସବୁ ରାଜନୈତିକ ଦଳ, ସ୍ୱାଧୀନ ପ୍ରାର୍ଥୀଙ୍କ ଖର୍ଚ୍ଚ କେତେ ଲକ୍ଷକୋଟି ଟଙ୍କା ଖର୍ଚ୍ଚ ହେବ ତାହାର ହିସାବ କେହି ଦେଇପାରିବେ ନାହିଁ। ୨୪ ସାଧାରଣ ନିର୍ବାଚନରେ ଏକ ଯୁଦ୍ଧ ପରିସ୍ଥିତି ସୃଷ୍ଟି ହେବା କିଛି ଅସମ୍ଭବ ନୁହେଁ। ଏ ଯୁଦ୍ଧ କୌଣସି ବିଦେଶୀ ଶକ୍ତି ବିରୋଧରେ ନୁହେଁ, ନିଜ ନିଜ ଭିତରେ ରାଜନୈତିକ କ୍ଷମତା ଲାଗି ହେବ ।

ଏକଦେଶ ଏକ ନିର୍ବାଚନ, ପୁଣି ଇଣ୍ଡିଆ ନାଁ ବଦଳାଇ 'ଭାରତ – ଏ ଦୁଇଟି ବିଲ୍‌କୁ ସରକାର ସ୍ୱତନ୍ତ୍ର ଅଧିବେଶନରେ ପାସ୍ କରେଇନେଇପାରନ୍ତି, ହେଲେ ଦେଶର ଅର୍ଥନୀତି ଧ୍ୱଂସମୁଖୀ ହେବ। ବିଶ୍ୱବ୍ୟାପୀ ଯେଉଁ ଅର୍ଥନୈତିକ ମାନ୍ଦାବସ୍ଥା ଚାଲିଛି – ଆମ ଦେଶ ସେଥିରୁ ବାଦ୍ ଯିବନି। ପୁଣି ଆଗକୁ ରୋଗ–ଭୋକ ମାଡିଆସୁଛି ସେଥିରୁ ମୁକୁଳିବା ପାଇଁ ଅର୍ଥର ଅଭାବ ପଡିବ।

୧୯୬୦ ପୂର୍ବ ପର୍ଯ୍ୟନ୍ତ ଏକ ସଙ୍ଗେ ଲୋକ ସଭା, ବିଧାନସଭା ନିର୍ବାଚନ ହୋଇଆସୁଥିଲା। ୧୯୬୦ ଶେଷବେଳକୁ ସମ୍ବିଧାନର ୩୫୬ ଧାରାକୁ ପ୍ରୟୋଗକରି ରାଜ୍ୟସରକାରକୁ ଭାଙ୍ଗିଦେଲେ। ସେ ରାଜ୍ୟରେ ନିର୍ବାଚନ ହେଲା। ଏହାଦ୍ୱାରା ଗଣତନ୍ତ୍ର, ସଂଘୀୟବ୍ୟବସ୍ଥା କ୍ଷତିଗ୍ରସ୍ତ ହେଲା। ଏକ ସଙ୍ଗେ ନିର୍ବାଚନ ଅର୍ଥ 'ଘୋଡ଼ା ବେପାର'। ନେତାମାନେ ଏ ଦଳ ସେ ଦଳ ଡେଇଁବେ। ଦେଶରେ ଦଳବଦଳ ଡିଆଁଡିଇଁ କରୁଥିବାବେଳେ 'ବିଶ୍ୱଗୁରୁ' ପଦବୀକୁ ଚାଇନା ଛଡାଇନେଲାଣି। ବିଶ୍ୱ ଜିଡିପିରେ ଚାଇନାର ୨୦ ଟ୍ରିଲିଅନ୍ ଡଲାର, ଆମେରିକାର ୨୫ ଟ୍ରିଲିଅନ୍ ଡଲାର, ଜାପାନର ୫ ଟ୍ରିଲିଅନ୍ ଡଲାର, ଇଣ୍ଡିଆର ୩ ଟ୍ରିଲିଅନ୍ ଡଲାର ପଛକୁ ପଛ ଆଉ ସବୁଦେଶ ଅଛନ୍ତି। ଆମ ଜିଡିପି ଖସୁଥିଲା ବେଳେ ଚାଇନା ମାଡିଚାଲିଛି। ଚାଇନାର ଉତ୍ପାଦନ ଦ୍ରବ୍ୟ ସାରା ବିଶ୍ୱ ବଜାରକୁ ଦଖଲ କରିନେଇଛି। ଏବେ ଚାଇନା ପ୍ରକୃତ ବିଶ୍ୱଗୁରୁ! ସମୃଦ୍ଧ ଅର୍ଥନୀତିକୁ ଛାଡି କୌଣସି ଦେଶ ଆଗକୁ ଯାଇପାରିବ ନାହିଁ। ରାଜନୀତିରେ ସବୁଦେଶରେ ହଟଚମଟ ସୃଷ୍ଟି ହୁଏ। ଆମ ଦେଶରେ ମଧ୍ୟ ହଟଚମଟ ସୃଷ୍ଟି ହେଉଛି। ଏହି ପ୍ରଚାରରେ ଭୋକ ମରିବନି କି ରୋଗ ଭଲ ହୋଇଯିବନି। ରାଜକୋଷରୁ ଅଯଥା ଖର୍ଚ୍ଚ ନ କରି ସ୍ୱାସ୍ଥ୍ୟ, ଶିକ୍ଷା, ନିଯୁକ୍ତି, ଖାଦ୍ୟ ଯୋଜନାରେ ମନଦେବା ସବୁଠୁ ଶ୍ରେୟସ୍କର।

**ଯାଜପୁର ରୋଡ, ଯାଜପୁର**
**ମୋ: ୯୮୬୧୦୩୪୧୬୩**

# ଆମ ସଂସ୍କୃତିର କେତୋଟି ବିଚାର



**ଉମାଶଙ୍କର ପ୍ରସାଦ**

ଆମ ସଂସ୍କୃତିରେ ଏକ ସ୍ୱାତନ୍ତ୍ର୍ୟ ହେଉଛି 'ତେନତ୍ୟକ୍ତେନ ଭୁଞ୍ଜିଥା' ଅର୍ଥାତ୍ ତ୍ୟାଗପୂର୍ବକ ଉପଭୋଗ କର। ଏକାକୀ ଉପଭୋଗ ନ କରି ସମୂହ ଭାବରେ ଦୁଃଖ ସୁଖକୁ ବାଣ୍ଟିନେବା ପାଇଁ ଆମକୁ ପିଲାଟି ଦିନରୁ ଶିଖା ହୋଇଛି। ଯେଭଳି 'ପ୍ରସାଦ ବାଣ୍ଟିଣ ଖାଇବ, ଅଳ୍ପ ବହୁତ ନ କହିବ', 'ଏକତାର ବଳ ବା ଦଳର ବଳ'। ଏପରି ଅନେକ ଆପ୍ତବାକ୍ୟରେ ଆମ କୈଶୋର ସମୃଦ୍ଧ। କଣିକାଏ ନିର୍ମାଲ୍ୟରେ ବୈକୁଣ୍ଠ ପ୍ରାପ୍ତି ବୋଲି ସେଇ ବିଶ୍ୱାସରେ ଆମେ ବଞ୍ଚିଛୁ ଆଜିଯାଏ। ତେବେ ଏଭଳି ସମୂହ ଭାବନା ତ୍ୟାଗର ନାମାନ୍ତର ନୁହେଁ କର୍ତ୍ତବ୍ୟର ଅନ୍ୟତମ ରୂପ। ତେବେ ତ୍ୟାଗ ଆଉ କର୍ତ୍ତବ୍ୟକୁ ନେଇ ଦୁଇ କିମ୍ବଦନ୍ତୀ ପୁରୁଷ ଯେ କି ଗାନ୍ଧୀ ଓ ମାର୍କସ। ମାର୍କସ କହିଲେ 'ନ ଥିଲା ଲୋକ ଥିଲା ଲୋକଙ୍କଠୁ ଛଡ଼େଇ ନିଅନ୍ତୁ କିନ୍ତୁ ଗାନ୍ଧୀ କହିଲେ, ଥିଲାବାଲା ନ ଥିଲାବାଲା ଲୋକଙ୍କୁ ଆପଣାର ମଣି ହାତଧରି ତଳୁ ଉପରକୁ ଉଠାଇ ନେଲେ ରକ୍ତାକ୍ତ ବିପ୍ଳବକୁ ଏଡ଼ାଇ ଦିଆ ଯାଇପାରନ୍ତା ଓ ସାମୂହିକ ସଦ୍‌ଭାବ ପ୍ରତିଷ୍ଠା ସହଜ ହୋଇପାରନ୍ତା। ତେବେ ଏ କଥା ଆଜିର ସମାଜରେ କେତେଦୂର ସମ୍ଭବ? ତେବେ ଏବକାର ସମାଜରେ କେତୋଟି ବିଚାର ଉପରେ ଆଲୋଚନା କରିବା। ଆଜି ଆଉ କେହି ଚିଠି ଲେଖିବାକୁ ପସନ୍ଦ କରୁ ନାହାନ୍ତି। ତେଣୁ ଚିଠି ଲେଖା ସାତସପନ ହେଲାଣି। ଚିଠି ଯେ କେତେ ପ୍ରତୀକ୍ଷାର ଅନ୍ତ ଘଟାଏ ଏ କଥା ଆମ ପିଲାଏ ଜାଣି ପାରୁନାହାନ୍ତି। ୩ ଏପ୍ରିଲ ୧୯୭୩ରେ ବିଜ୍ଞାନୀ ମାର୍ଟିନ କୁପର ପ୍ରଥମେ 'ମୋଟୋରୋଲା' ମୋବାଇଲ ପ୍ରସ୍ତୁତ କରିବା ସହ ତାଙ୍କର ଜଣେ ପ୍ରତିଦ୍ୱନ୍ଦ୍ୱୀ ଡ. ଜୋଏଲସ୍ ଏଙ୍ଗଲଙ୍କ ସହ କଥା ହୋଇଥିଲେ। ସେହିପରି ପ୍ରଥମେ ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ଜ୍ୟୋତିବସୁ ନୋକିଆ ହ୍ୟାଣ୍ଡ ସେଟ୍‌ରେ କେନ୍ଦ୍ରୀୟ ଦୂରସଂଚାର ମନ୍ତ୍ରୀ ସୁଖରାମଙ୍କ ସହିତ ବାର୍ତ୍ତାଳାପ କରିଥିଲେ। ସେହି ଦିନଠାରୁ ମୋବାଇଲ ତାର କାୟା ବିସ୍ତାର କରିବା ସହ ଆଜିର ଯୁବପିଢ଼ି ତଥା ସମସ୍ତଙ୍କୁ ହ୍ୱାଟ୍ସ ଆପ, ଏସ୍‌ଏମ୍‌ଏସ୍, ଇନ୍‌ଷ୍ଟାଗ୍ରାମ ଓ ଟୁଇଟର ଭିତରେ ସୀମିତ କରି ଦେଇଛି। ଡାକଘର ଆଉ ସମ୍ପର୍କର ସେତୁ ହୋଇ ରହିନାହିଁ।

ଏହି ମୋବାଇଲର ବ୍ୟବହାର ଫଳରେ ବର୍ଣ୍ଣଶୁଦ୍ଧିର ସଙ୍କଟ ବଢ଼ିବାରେ ଲାଗିଛି। ଓଡ଼ିଆ ଭାଷାକୁ ନେଇ ବହୁତ ସଭା ସମିତି ଆଲୋଚନା ଚକ୍ର ହେଉଛି। ଆକାର, ଇ, ଈ ର ପାର୍ଥକ୍ୟ, ଶ, ଷ,ସ ର ବ୍ୟବହାରକୁ ନେଇ ନାନା ମତ ଖବରକାଗଜର ପୃଷ୍ଠା ମଣ୍ଡନ କରୁଛି। କେଉଁ ବନାନକୁ ସାଧାରଣ ଲୋକେ ବ୍ୟବହାର କରିବେ, ଏମିତି ସର୍ବସମ୍ମତ ମତ ବାହାରିପାରୁନି, ମାତ୍ର ମୋବାଇଲରେ ବନାନ ଅଛି କି? ଆମ ଭାଷା ଯେ କେତେ ବିପଦଗ୍ରସ୍ତ ଏକଥା ଆମେ ଜାଣି ଅଜଣା ହେଉଛୁ। ଏହା ହେଉଛି ବର୍ତ୍ତମାନ ସଂସ୍କୃତିର ବିଚାର। ଆଜି ଏଇ ଭାଷାରୁ ସମସ୍ତ ସମସ୍ୟା ମନରେ ଉଙ୍କି ମାରୁଛି! ପିଲାଙ୍କ ଭିତରେ ନିଜ ବିଦ୍ୟାଳୟକୁ ନେଇ କଥାବାର୍ତ୍ତା ''ତୁମ ସ୍କୁଲରେ ସୁଇମିଂ ପୁଲ୍ ଅଛି? ଆମ ସ୍କୁଲରେ ହର୍ଷ ରାଇଡିଂ ଟ୍ରେନିଂ ଦିଆଯାଉଛି। ମୋ ଜାଣିବାରେ ଷଷ୍ଠ ଦଶକ ଶେଷ ପର୍ଯ୍ୟନ୍ତ ଗାଁର ହାଇସ୍କୁଲରେ ଇଂଲିଶ ପଢ଼ା ଖୁବ୍ ଭଲ ହେଉଥିଲା। ତେବେ ଆଜି କାହିଁକି ଓଡ଼ିଆ ସ୍କୁଲରେ ସେହି ନାମକରା ପିଲାଙ୍କ ପୁଅ ଝିଅ ବା ନାତି ନାତୁଣୀମାନେ ପଢୁନାହାନ୍ତି? ଯିଏ ବି ଭଲ ପିଲା ପଢୁଛନ୍ତି ସେମାନେ ନିଜ ଭିତରେ କାହିଁକି ଇଂଲିଶ ମାଧ୍ୟମ ସ୍କୁଲରେ ପଢ଼ିଲେନି ବୋଲି ହୀନମନ୍ୟତା ନେଇ ବଢୁଛନ୍ତି।



ଆମ ସନାତନ ସଂସ୍କୃତିରେ ପରିଷ୍କାର ପରିଚ୍ଛନ୍ନତାର ସ୍ଥାନ ଉଚ୍ଚରେ। ସେଦିନ ଜଗଜ୍ଜନନୀ ମା' ଲକ୍ଷ୍ମୀ ଠାକୁରାଣୀ ଗାଁ ଭ୍ରମଣରେ ଯିବା ସମୟରେ କାହାର ଦୁଆରେ ଶୁଚି ନ ଦେଖି ଶ୍ରୀୟା ଚଣ୍ଡାଳୁଣିର ଶୁଦ୍ଧପୂତ ପରିଷ୍କାର ପରିଚ୍ଛନତା କୁଡ଼ିଆ ଭିତରେ ଉଭା ହୋଇଥିଲେ। ଆଜି ଆଉ ଲିପା ପୋଛା ନାହିଁ। ଯଦି ଘରେ କାମବାଲା ନ ଆସିଥାଏ ଓ ବଡ଼ ବଡ଼ ବାବୁଙ୍କ ସହାୟକ ଅନୁପସ୍ଥିତ ରହେ ତେବେ ସେ ଘର ୩/୪ ଦିନ ଧରି ଓଳା ନ ହୋଇ ରହିଥାଏ। ବାବୁ, ବାବୁଆଣୀମାନେ ତିନିମହଲା କୋଠାରୁ ଅଳିଆ ପଲିଥିନ ରାସ୍ତା ଉପରକୁ ଫୋପାଡ଼ି ଦେଇ ପରିବେଶ ପ୍ରଦୂଷଣ କରୁଛନ୍ତି। ହେଲେ ସେମାନଙ୍କ ଘରେ ଲକ୍ଷ୍ମୀ ବିରାଜମାନ କରିଥାନ୍ତି, ଏହା ହେଉଛି ଆଜିର କଳି ଯୁଗର ପ୍ରଭାବ! ଘର ସଫା ସୁତରା ରଖିବା ମଫସଲିଆ ବିଚାର ନୁହେଁ । ଏଥିରେ ସ୍ୱାସ୍ଥ୍ୟରକ୍ଷା ସହିତ ମନସ୍ତତ୍ତ୍ୱ ମଧ୍ୟ ସଂଶ୍ଲିଷ୍ଟ।

ଆଜିର ନାରୀ ସମାଜ ନିଜର ବିପର୍ଯ୍ୟୟ ପାଇଁ ନିଜେ ଦାୟୀ। ଦିନେ ଝିଅର ଚାଲିଚଳଣି ଜାମା ଲୁଗାରେ ପରିବାରର ଚାଲିଚଳଣି ଫୁଟି ଉଠୁଥିଲା। ପରିବାରର ସମ୍ପଦ କନ୍ୟାରତ୍ନଟି ପରମ୍ପରାରେ ରକ୍ଷାକର୍ତ୍ତା ଥିଲା। ଆଉ ଆଜି ଯେତେ ନୂଆ ନୂଆ ଚଳଚ୍ଚିତ୍ର ଆସୁଛି ସେତେ ନୂଆ ପୋଷାକ ସିଲେଇ ହେଉଛି। ଆଉ ସମ୍ଭ୍ରାନ୍ତ ବଂଶର ପୁଅ ଝିଅମାନେ ଉକ୍ତ ପୋଷାକଟିକୁ ଯଥାଶୀଘ୍ର ଆଣିବା ଦରକାର ହୋଇପଡିଛି, କାଳ ବିଳମ୍ବ ହେଲେ ଷ୍ଟାଇଲ ବଦଳିବାର ଭୟ ଅଛି। କିନ୍ତୁ ସେମାନେ ବିଚାର କରିବା ଦରକାର ଯେଉଁ, ଜୋତା, ପୋଷାକ, ଚଷମାର ଶୈଳୀ ଏତେ କ୍ଷଣସ୍ଥାୟୀ ତା' ପଛରେ ଏତେ ଉର୍ଦ୍ଧ୍ୱଶ୍ୱାସରେ ଧାଇଁବାର ମାନେ କ'ଣ ଅଛି? ତଥ୍ୟ ଜାଣିବାର ଅଧିକାର କଥା ଭାଷଣରେ କହୁଥିବା ମଣିଷମାନେ ନିଜ ଜେଜେବାପା, ମାଆଙ୍କ ନାମ ଜାଣନ୍ତିନି, ନିଜର ଗୋତ୍ର ବି ଜାଣନ୍ତିନି! ଆଜିକାର ପିଲାମାନେ କ୍ଷୀର ପ୍ୟାକେଟ୍‌ରୁ ଆସେ ବୋଲି ଜାଣନ୍ତି। ତେବେ ବିଚାର କରନ୍ତୁ ଆମ ସଂସ୍କୃତି ଓ ସଭ୍ୟତା କେତେ ନିମ୍ନସ୍ତରକୁ ଗଲାଣି।

ଆଜିର ପିଲାଏ ଇଣ୍ଟରନେଟ୍ ଉପରେ ନିର୍ଭରଶୀଳ। ଏହି ବ୍ୟବସ୍ଥା ଖୁବ୍ ଭଲ କିନ୍ତୁ ସେଥିରେ ଆମେ ଯେଉଁ ତଥ୍ୟ ରଖିବା ସେତିକି ତ ଆମକୁ ଉପଲବ୍ଧ ହେବ! ତେବେ ଏହି ବ୍ୟବସ୍ଥା ଆମ ବିଚାରକୁ ପ୍ରଭାବିତ କରୁଛି, ଅନେକ ତଥ୍ୟ ଆମ ହାତ ପାଖକୁ ଆସୁଛି ସହଜରେ। ମାତ୍ର ତଥ୍ୟ ତ ଜ୍ଞାନ ନୁହେଁ! ଆସନ୍ତୁ ପାଠ କଥା ବିଚାର କରିବା– ବିଦ୍ୟା ପରା ନମ୍ରତା ଦିଏ। ''ନମ୍ରନ୍ତି ଫଳିନଃ ବୃକ୍ଷା ନମ୍ରନ୍ତି ଗୁଣିନୋ ଜନାଃ'' ଫଳ ଭାରରେ ବୃକ୍ଷଟି ନଇଁଯାଏ। ଏହି ଫଳନ୍ତି ବୃକ୍ଷ ଅନ୍ୟର ଫୋପଡ଼ ସହେ। ତେବେ ଗଛ କ'ଣ ଫୋପଡ଼କୁ ଡରି ଫଳ କାମନା କରେ ନାହିଁ କି? ଆଜି ଅତି ପାଠୁଆ ପୁଅ ସମସ୍ତଙ୍କ ସ୍ୱପ୍ନକୁ ପୁଞ୍ଜିକରି ବିଦେଶଯାଏ, ଆଉ ଘର ମାଟି ମାଡ଼ିବାକୁ ସଙ୍କୋଚ ବୋଧ କରେ ! ଆଜୀବନ ଦୁଃଖ କଷ୍ଟ ସହି ଯେଉଁ ବାପ ମାଆ ତାକୁ ଭେଣ୍ଡା କରିଥାନ୍ତି , ସେମାନଙ୍କ ପାଇଁ ବିଦେଶୀ ପୁଅ କିଛି ଅର୍ଥ ପଠାଇ ନିଜର ବଡ଼ପଣ ଦେଖାଇ ହୁଏ। ତେବେ ଆସନ୍ତୁ ଆମର ଏହି ବିଚାର ଧାରାକୁ ପରିବର୍ତ୍ତନ କରି ଆମ ସଂସ୍କୃତି ଓ ପରମ୍ପରାର ରକ୍ଷା କରିବା।

**ମୋ–୯୬୩୭୦୬୭୫୫୬୨**

## ଏଇ ଭାରତରେ

ପାର୍କିନସନରେ ପୀଡ଼ିତ, ବୟସ ୬୨, ତଥାପି ପ୍ରତିଦିନ ଖେଚୁଡ଼ି ପ୍ରସ୍ତୁତ କରି ୧୦୦ ଜଣ ରୋଗୀଙ୍କୁ ମାଗଣାରେ ଖାଇବାକୁ ଦେଉଛନ୍ତି କିରନ କମଦାର। ସେ ମହାରାଷ୍ଟ୍ରର ପାଲଘରସ୍ଥିତ ଡି.ଏମ୍. ପେଟିଟ୍ ଗଭର୍ନମେଣ୍ଟ ହସ୍ପିଟାଲରେ ରୋଗୀମାନଙ୍କୁ ଖେଚୁଡ଼ି ଖାଇବାକୁ ଦେଉଛନ୍ତି। ଏହି କାର୍ଯ୍ୟ ସେ ୩ ବର୍ଷ ହେଲା କରି ଆସୁଛନ୍ତି। ସବୁଠୁ ବଡ଼ କଥା ହେଉଛି, ରୋଗୀଙ୍କୁ ଖାଦ୍ୟ ଦେବାରେ ଗୋଟିଏ ଦିନ ବି ବନ୍ଦ କରିନାହାନ୍ତି। ହସ୍ପିଟାଲକୁ ଆଖପାଖ ୧୫ଟି ଗାଁରୁ ରୋଗୀମାନେ ଆସନ୍ତି। ଅପରାହ୍ନ ୨ଟାରେ ଓପିଡି ବନ୍ଦ ହେବା ପରେ ସେମାନେ କିରନଙ୍କ ବାଟକୁ ଚାହିଁ ବସିଥାନ୍ତି। ସେ ମଧ୍ୟ ଠିକ୍ ସମୟରେ ଏକ ଟ୍ରଲିରେ ଖାଦ୍ୟ ନେଇ ପହଞ୍ଚିଯାଇଥାନ୍ତି। ତାଙ୍କ ଘର ପାଖରୁ ହସ୍ପିଟାଲ ୪ କି.ମି. ଦୂର ହେଲେ ମଧ୍ୟ ପ୍ରତିଦିନ ସେ ଠିକ୍ ସମୟରେ ସେଠାରେ ପହଞ୍ଚିଯାଆନ୍ତି। ପରେ ହସ୍ପିଟାଲର ପ୍ରତ୍ୟେକ ରୁମ୍‌କୁ ଯାଇ ରୋଗୀମାନଙ୍କୁ ଖେଚୁଡ଼ି ଦେଇଥାନ୍ତି। ସେ ନିୟମିତ ସକାଳ ୫ଟାରୁ ଉଠି ଖାଦ୍ୟ ପ୍ରସ୍ତୁତ କରୁଛନ୍ତି। ଏହି କାର୍ଯ୍ୟରେ ତାଙ୍କ ସ୍ୱାମୀ ଓ ପରିବାର ସଦସ୍ୟମାନେ ସହଯୋଗ କରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୧୬ ସେପ୍ଟେମ୍ବର ୧୯୯୮**

- ବାନାଞ୍ଚଳ ବିଲ୍‌କୁ ବିହାର ସରକାର ବିରୋଧ କରିବା ପରିପ୍ରେକ୍ଷୀରେ ରାବ୍ରୀଦେବୀଙ୍କ ନେତୃତ୍ୱରେ ପରିଚାଳିତ ଆର୍‌ଜେଡି ସରକାରଠାରୁ ଜେଏମ୍‌ଏମ୍ (ଏସ୍)ର ସମର୍ଥନ ପ୍ରତ୍ୟାହାର।
- ଆସାମର କୋକ୍ରାଝର ଜିଲାରେ ମୁଖ୍ୟତଃ ବୋଡୋ ଉଗ୍ରପନ୍ଥୀ ଓ ସାନ୍ତାଳ ଅଧିବାସୀଙ୍କ ମଧ୍ୟରେ ଜାତିଆଣ ଦଙ୍ଗା ଘଟି ୨୬ ନିହତ।
- ଉଭୟ ଇସ୍ରାଏଲ ଓ ଆମେରିକାର ମିଳିତ ସହଯୋଗରେ ନିର୍ମିତ ଆରୋ–୨ ନାମକ କ୍ଷେପଣାସ୍ତ୍ର ତେଲ ଆଭିଭ କ୍ଷେପଣାସ୍ତ୍ର ଘାଟିରୁ ସଫଳ ପରୀକ୍ଷଣ।

## ଚିରନ୍ତନୀ

ଖୋଜୁଥିଲୁ ଦିନେ କିଶୋର–କୁସୁମ–ପଥେ
ଲଭିବାକୁ ପରା ମଳୟ ପରଶେ ମୋତେ?
ମୁଁ ସେହି ଜୀବନ ନୁହେଁ ନୁହେଁ ଆନ କେହି
ବାସ୍ତବ ରୂପ ଦେଖ ମୋର ଆଖି ଫେଇ।
–(ଜୀବନର ସ୍ୱର୍ଣ୍ଣ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 4 | 5 | | | | 6 | 9 | |
| 2 | | | | 8 | 4 | | | |
| | 1 | | | | | 2 | | |
| 7 | | | | 2 | | | | |
| | | | 5 | | 9 | | 2 | |
| | 8 | | 4 | | | | | 7 |
| | | 4 | | 3 | 7 | | 5 | |
| | 6 | | | 5 | | | | |
| | 2 | | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 3 | 2 | 9 | 8 | 1 | 6 | 5 | 4 |
| 8 | 5 | 9 | 2 | 4 | 6 | 7 | 1 | 3 |
| 6 | 4 | 1 | 3 | 5 | 7 | 2 | 8 | 9 |
| 5 | 9 | 8 | 1 | 2 | 3 | 4 | 7 | 6 |
| 2 | 1 | 7 | 4 | 6 | 5 | 9 | 3 | 8 |
| 4 | 6 | 3 | 8 | 7 | 9 | 1 | 2 | 5 |
| 1 | 8 | 6 | 5 | 9 | 2 | 3 | 4 | 7 |
| 3 | 7 | 4 | 6 | 1 | 8 | 5 | 9 | 2 |
| 9 | 2 | 5 | 7 | 3 | 4 | 8 | 6 | 1 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ମୋ ବସ୍ ସେବା ପ୍ରଚଳନ ହେଉ

ମହାଶୟ,

ପୁରୀ ଜିଲା ବ୍ରହ୍ମଗିରି ବ୍ଲକ ସାତପଡ଼ା, ଚିଲିକାକୁ ପ୍ରାୟ ୩ ଦିଗରୁ ଘେରିରହିଛି ବଙ୍ଗୋପସାଗରର ସୁବର୍ଣ୍ଣ ଜଳରାଶି। ସେଥିପାଇଁ ପୃଥିବୀର ପ୍ରାୟ ସବୁ ପ୍ରାନ୍ତରରୁ ପର୍ଯ୍ୟଟକମାନେ ଚିଲିକାକୁ ଆସିଥାନ୍ତି ଓ ଏହାର ମନୋରମ ଦୃଶ୍ୟକୁ ଅତି ପାଖରୁ ଉପଭୋଗ କରିଥାନ୍ତି। ଏହା ପୁରୀଠାରୁ ପ୍ରାୟ ୬୦ କି.ମି. ଦୂରରେ ଅବସ୍ଥିତ। ତେଣୁ ପୁରୀକୁ ଆସୁଥିବା ପ୍ରାୟ ସମସ୍ତ ପର୍ଯ୍ୟଟକଙ୍କର ଏଠାକୁ ଆଗମନ ନିଶ୍ଚିତ ରୂପେ ହୋଇଥାଏ। କିନ୍ତୁ କ୍ଷୋଭର ବିଷୟ ଏହିକି ଯେ, ଏଠାକୁ ଆସୁଥିବା ଅଗଣିତ ପର୍ଯ୍ୟଟକମାନଙ୍କର ସୁଗମନାଗମନ ପାଇଁ ସରକାରଙ୍କ ତରଫରୁ କୌଣସି ବିଶେଷ ବନ୍ଦୋବସ୍ତ କରାଯାଇନାହିଁ। ତେଣୁ ସରକାର ଲୋକପ୍ରିୟତା ଏବଂ ଯାତ୍ରୀ ସେବା କ୍ଷେତ୍ରରେ ଶୀର୍ଷରେ ପହଞ୍ଚିଥିବା ରୁଟ୍ ପରିଚାଳନାଗତ ମୋ ବସ୍ ସେବାକୁ ସୁଲଭ ଯାତ୍ରୀ ପରିବହନ ପାଇଁ ରାଜଧାନୀ ଭୁବନେଶ୍ୱରଠାରୁ ସାତପଡା ଏବଂ ପୁରୀଠାରୁ ସାତପଡା ବନ୍ଦୋବସ୍ତ କରିବା ଅତ୍ୟନ୍ତ ଆବଶ୍ୟକ ମନେହୁଏ। ଏହାଦ୍ୱାରା ସାତପଡାକୁ ଯାତ୍ରୀ ପରିବହନ ସୁଗମ ହୋଇପାରିବା ସହ ସରକାରଙ୍କର ରାଜସ୍ୱ ବୃଦ୍ଧି ମଧ୍ୟ ହୋଇପାରିବ। ତେଣୁ ସରକାର ଏ ଦିଗରେ ଉଚିତ ପଦକ୍ଷେପ ନେଇ ଯାତ୍ରୀମାନଙ୍କର ସାତପଡ଼ା ଯାତ୍ରାକୁ ସୁଗମ କରିବା ଦିଗରେ ବିହିତ ପଦକ୍ଷେପ ଗ୍ରହଣ କରିବା ପାଇଁ ଅନୁରୋଧ ।

**– ଧର୍ମରାଜ ପଟ୍ଟନାୟକ, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ବାଇକ୍ ଦୁର୍ଘଟଣାରେ ୨ ଯୁବକଙ୍କ ମୃତ୍ୟୁ

**ପଡିଆ, ୧୫ା୯(ଭାସ୍କର ରାଓ):** କୌଣସି ଏକ କାମରେ କାଲଧାପଲି ଗ୍ରାମକୁ ବାଇକ୍‌ରେ ଯାଉଥିବା ବେଳେ ଦୁର୍ଘଟଣା ଘଟି ୨ ଜଣ ଯୁବକଙ୍କ ଘଟଣା ସ୍ଥଳରେ ମୃତ୍ୟୁ ହୋଇଛି। ସେମାନେ ହେଲେ ପଡିଆ ପଞ୍ଚାୟତ ଅନ୍ତର୍ଗତ କମାର ଗ୍ରାମର ମୁନା କାରାମି (୨୨) ଓ ନାଗରାଜଗୁଡା ଗ୍ରାମର କୋରାପୁ ରମେଶ (୨୭)। ଉଭୟେ ଗୁରୁବାର କୌଣସି କାମରେ କାଲଧାପଲି ଗ୍ରାମକୁ ବାଇକ୍‌ରେ ଯାଇ ସେଠାରୁ ରାତି ୭ଟାରେ ଫେରୁଥିଲେ।। କମାରଗୁଡା ଗ୍ରାମ ନିକଟସ୍ଥ ନନ୍ଦାଗୁଡା ଗ୍ରାମ ନିକଟରେ ନୀଳଗିରି ଚାରା ବୋଝେଇ ହୋଇ ରାସ୍ତା ପାର୍ଶ୍ୱରେ ଛିଡା ହୋଇଥିବା ଏକ ଟ୍ରାକ୍ଟର ସହ ଏମାନଙ୍କ ବାଇକ୍ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ମୁନା ଓ କୋରାପୁଙ୍କ ଘଟଣା ସ୍ଥଳେ ମୃତ୍ୟୁ ହୋଇଥିଲା। ଖବରପାଇ ପଡିଆ ପୋଲିସ ପହଞ୍ଚି ମୃତଦେହ ଜବତ କରି କାଲିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା।

### ଅଟୋ ଓଲଟି ବାପା ମୃତ, ପୁଅ ଗୁରୁତର

**ଆସିକା,୧୫ା୯ (ସୁରେନ୍ଦ୍ର ନାଥ ସାହୁ):** ଗଞ୍ଜାମ ଜିଲା କୋଦିନଡା ଥାନା ଭେଟନଇ-ଭେଜିପୁଟ ମଧ୍ୟରେ ଗୁରୁବାର ରାତିରେ ଏକ ଅଟୋ ରିକ୍ସା ଓଲଟି ପଡିଥିଲା। ଏଥିରେ ଅଟୋ ଚାଳକ ଯୁଧିଷ୍ଠିର ପାତ୍ର(୫୮)ଙ୍କ ମୃତ୍ୟୁ ଘଟିଥିବା ବେଳେ ତାଙ୍କ ପୁଅ ରାକେଶ କୁମାର ପାତ୍ର ଗୁରୁତର ଆହତ ହୋଇଛନ୍ତି। ସେମାନେ ନୟାଗଡ଼ ଜିଲା ଓଡଗାଁ ଥାନା କୁରାଳ ଗ୍ରାମର ବୋଲି ଜଣାପଡିଛି। ବ୍ରହ୍ମପୁରରୁ ବଜାର କାମ ସାରି ବାପ-ପୁଅ ଅଟୋରେ ଫେରୁଥିଲେ। ଦ୍ରୁତଗତି ଯୋଗୁ ଅଟୋଟି ଭାରସାମ୍ୟ ହରାଇ ରାସ୍ତାକଡ ଚାଷଜମିକୁ ଓଲଟି ପଡିଥିଲା। ଫଳରେ ଅଟୋ ତଳେ ଚାପି ହୋଇ ଯୁଧିଷ୍ଠିରଙ୍କ ମୃତ୍ୟୁ ଘଟିଥିଲା ବେଳେ ରାକେଶ ଗୁରୁତର ହୋଇଥିଲେ। ଉଭୟଙ୍କୁ ସ୍ଥାନୀୟ ଲୋକେ ଆସିକା ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଯୁଧିଷ୍ଠିରଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଘଟଣା ସମ୍ପର୍କରେ ଆହତ ରାକେଶ କୋଦିନଡା ଥାନାରେ ଶୁକ୍ରବାର ଅଭିଯୋଗ କରିଛନ୍ତି। ପୋଲିସ ନଂ.୨୫୬/୨୩ରେ ଏକ ମାମଲା ରୁଜୁ କରିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି।

### ରାସ୍ତାରେ ଜଳିଗଲା ବାଇକ୍

**ଆଗରପଡ଼ା, ୧୫ା୯(ସୁଶାନ୍ତ କୁମାର ଦାଶ):** ଭଦ୍ରକ ଜିଲା ବନ୍ତ ବ୍ଲକ ଆଗରପଡ଼ା କୃଷ୍ଣଚରଣ ବିଦ୍ୟାମନ୍ଦିରଠାରେ ଶୁକ୍ରବାର ପୂର୍ବାହ୍ନରେ ରାସ୍ତାରେ ଏକ ବାଇକ୍ ଜଳିଯାଇଛି। ଆଗରପଡ଼ା ଥାନା ରଇଁତିରା ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ଗଜେନ୍ଦ୍ର କୁମାର ରାଉଳ ଏବଂ ମୁଣ୍ଡଳୀ ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ଜଗବନ୍ଧୁ ରାଉତ ବାଇକ୍‌ରେ ଆଗରପଡ଼ା ବଜାର ଅତିକ୍ରାନ୍ତ କରୁଥିବା ବେଳେ ଉକ୍ତ ବିଦ୍ୟାମନ୍ଦିରଠାରେ ଗାଡ଼ିରେ ନିଆଁ ଲାଗିଯାଇଥିଲା। ଏହି ସମୟରେ ସେମାନେ ବାଇକ୍‌ରୁ ଡେଇଁ ପଡ଼ିଥିଲେ। ଆଗରପଡ଼ା ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଗାଡ଼ିଟି ମାତ୍ର ଦେଢ଼ବର୍ଷ ହେବ କିଣିଥିବା ବେଳେ ଠିକ୍ ସମୟରେ ଶୋରୁମ୍‌ରେ ସର୍ଭିସିଂ କରନ୍ତି। ଏହା କମ୍ପାନୀ କୌଣସି ତ୍ରୁଟି ଏବଂ କ୍ଷତିପୂରଣ ବାବଦରେ କମ୍ପାନୀ ଅଧିକାରୀଙ୍କୁ ଜଣାଇବେ ବୋଲି ଗଜେନ୍ଦ୍ର କହିଛନ୍ତି।

## ଦଶମନ୍ତପୁର ବ୍ଲକର ୬ ପଞ୍ଚାୟତରେ ଝାଡ଼ାବାନ୍ତି

# ୨ ମୃତ, ୨୩ ଆକ୍ରାନ୍ତ

**ଦଶମନ୍ତପୁର,୧୫ା୯(ଅରବିନ୍ଦ ନାୟକ)**

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକର ୬ଟି ପଞ୍ଚାୟତରେ ଝାଡାବାନ୍ତି ଦେଖାଦେଇଛି। ଏଥିରେ ୨ ଜଣଙ୍କ ମୃତ୍ୟୁ ଘଟିଛି। ୨୩ ଜଣ ଆକ୍ରାନ୍ତ ହୋଇଥିବା ଜଣାପଡିଛି। ମୃତକ ହେଲେ ମୁର୍କାର ପଞ୍ଚାୟତର ଆଉଟଦୋରା ଗ୍ରାମର ମନ ନାଚିକା (୬୦) ଓ ଅରତ ୱାଡେକା। ମନଙ୍କ ୧୦ତାରିଖରେ ମୃତ୍ୟୁ ଘଟିଥିବା ବେଳେ ୧୪ ତାରିଖରେ ଅରତଙ୍କ ଝାଡାବାନ୍ତିରେ ମୃତ୍ୟୁ ହୋଇଛି। ଫଟକିଜାମ ଗ୍ରାମ ଆଦିବାସୀ ସାହିର କେଶବ ମୁଦୁଲି(୭୦)ଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଆକ୍ରାନ୍ତମାନେ ହେଲେ ପରଜାବେଡାପଦର ପଞ୍ଚାୟତ ସେମ୍ଭି ଗ୍ରାମର ସୁମିତ୍ରା ଟାକ୍ରି ଏବଂ ସୁକାନ୍ତି ଟାକ୍ରି, ଦଶମନ୍ତପୁର ପଞ୍ଚାୟତ ଗୌଡକନ୍ତି ଗ୍ରାମର ସନାଇ ଗୌଡ, ମହୁଗାଁ ଗ୍ରାମର କୋମଲୋଚନ ପୂଜାରୀ, ଅଇଲା ଗୌଡ, ଡୁମ୍ବାଗୁଡ଼ା ପଞ୍ଚାୟତ ହାତୀମୁଣ୍ଡା ଗ୍ରାମର



ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଆକ୍ରାନ୍ତ।

ଜୁନେସ ବିଶୋୟୀ, ବେଲଗଛ ଗ୍ରାମର ରୋଷାଇ ମିଣିଆକା, ଭିତର ବାଗ୍ରି ଗ୍ରାମର ସୁକାନ୍ତି କମାର, ନାଳମାରି ଗ୍ରାମର କବିତା ଜାନୀ ଓ ପିଙ୍କି ଜାନି ଝାଡାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି। ଗ୍ରାମର ଅନ୍ୟ ୨ ଜଣ ଆକ୍ରାନ୍ତଙ୍କୁ ସେହି ଗ୍ରାମର ସମାଜିକ କର୍ମୀ ଲୋଚନ ବିଶୋୟୀ ଔଷଧ କିଣି ନେଇ ଦେବାରୁ ଏହାକୁ ଖାଇ ସେମାନେ ସୁସ୍ଥ ଅଛନ୍ତି। ସେହିପରି ମୁର୍କାର ପଞ୍ଚାୟତ ପୋଝାର ଗ୍ରାମର ସେବତୀ ମିଣିଆକାଓ ବିରିଗୁଡ଼ା ଗ୍ରାମର ଅଜିନ୍ଦ୍ର ମୁଦୁଲି, ପିଣ୍ଡାପଦର ପଞ୍ଚାୟତ ନାରଗଛ ଗ୍ରାମର ଜାନା ସାଉଁନ୍ତା, ଚିକାମ୍ବ ପଞ୍ଚାୟତ ଫଟକିଜାମ ଗ୍ରାମ ଆଦିବାସୀ ସାହିର ୯ ଜଣ ଜୁନେସ୍ ଜାନି, ଉଜଳା ଜାନି, ମନ ମୁଦୁଲି, ପାଇକିଣି ଜାନ, ବଦଳି ଜାନି, ନମିତା ପରଜା, ବବିତା ଜାନି, ବୃନ୍ଦା ସାଉଁନ୍ତା ଏବଂ ମଞ୍ଜୁଳା କମାରଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ପାର୍ଥ ସାରଥୀ ପଣ୍ଡାଙ୍କ ତତ୍ତ୍ୱାବଧାନରେ ୧୦୮ ଆମ୍ବୁଲାନ୍ସରେ ଆଣି ଦଶମନ୍ତପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ କରାଯାଉଛି। ତେବେ ଝାଡାବାନ୍ତି ରୋଗର ସୂଚନା ପାଇ ଏମ୍‌ପି ପ୍ରତିନିଧି ରାଜେନ୍ଦ୍ର ହୁଇକା ରୋଗୀଙ୍କ ନିକଟରେ ପହଞ୍ଚି ସେମାନଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଛନ୍ତି। ଫଟକିଜାମ, ନାଳମାରି ଓ ଆଉଟଦୋରା ଗ୍ରାମରେ ମେଡିକାଲ ଟିମ ପହଞ୍ଚି ଗ୍ରାମବାସୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ମାଗଣାରେ ଔଷଧ ବଣ୍ଟନ କରିଛନ୍ତି।

# ୧୮ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା, ୧୫ ଗ୍ରାମ ସୁନା ମିଳିଲା



କର୍ମଚାରୀମାନେ ଗଣିତ କରୁଛନ୍ତି।

## ମା'ତାରିଣୀଙ୍କ ହୁଣ୍ଡି ଗଣତି

**ଘଟଗାଁ,୧୫ା୯ (ରାଜେନ୍ଦ୍ର କୁମାର ପଟ୍ଟନାୟକ)**

କେନ୍ଦୁଝର ଜିଲା ଘଟଗାଁବାସିନୀ ମା' ତାରିଣୀଙ୍କ ହୁଣ୍ଡି ଶୁକ୍ରବାର ଖୋଲାଯାଇ ଗଣତି କରାଯାଇଛି। ଗଣତି ଅନୁଯାୟୀ, ୧୮ଲକ୍ଷ ୬୫ ହଜାର ୩୯୭ ଟଙ୍କା, ୧୫ ଗ୍ରାମ ୫୯୦ ମିଲିଗ୍ରାମ ସୁନା ଓ ୫୮୭ ଗ୍ରାମ ୪୪୦ ମିଲିଗ୍ରାମ ରୁପା ମିଳିଛି। ସମ୍ବଲପୁର ଦେବୋତ୍ତର ବିଭାଗ ଡିଭିଜନାଲ ଇନ୍ସପେକ୍ଟର ଦକ୍ଷିଣ କୁମାର ମାରାଣ୍ଡି, ଦେବୋତ୍ତର ନିରୀକ୍ଷକ ତ୍ରିଲୋଚନ ନାଏକ, ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୀବ କୁମାର ମହାପାତ୍ର, ପୋଲିସ କର୍ମଚାରୀ ଉପେନ୍ଦ୍ର କୁମାର ନାଏକ ପ୍ରମୁଖଙ୍କ ଉପସ୍ଥିତିରେ ମନ୍ଦିର ବେଢ଼ା ଭିତର ଓ ବାହାର ମୋଟ ୧୩ ଗୋଟି ହୁଣ୍ଡି ଖୋଲାଯାଇଥିଲା। ମନ୍ଦିର ବରିଷ୍ଠ କର୍ମଚାରୀ ଅବନୀ ଜେନା, ଶରତ ବେହେରା, ହରେକୃଷ୍ଣ ପଲେଇ, ମହେଶ୍ୱର ଦେହୁରୀ, ମହେଶ୍ୱର ସାହୁ, ରଞ୍ଜନ ସାହୁ, ଅରୁଣ ନାୟକ, ଶ୍ରୀକାନ୍ତ ଦେହୁରୀ, ନବୀନ ମହାନ୍ତ, ଲକ୍ଷ୍ମୀଧର ମହାନ୍ତ, ଦେବଦତ୍ତ ବଳ, ତରଣୀସେନ ରାଉତ, ହରିହର ମହାନ୍ତ ନାରାୟଣ ମୁଖି, ଚନ୍ଦନ ବେହେରା, ଚକ୍ରଧର ନାଏକ, ବିଷ୍ଣୁ ଚରଣ ନାଏକ, ସନିଆ ମୁଖି, ଷ୍ଟେଟ୍ ବ୍ୟାଙ୍କ କର୍ମଚାରୀ ପାୟଲ ମଲ୍ଲିକ, ସିପୁନ ସାହୁ ପ୍ରମୁଖ ଗଣତି କରିଥିଲେ।

# ଭାରତୀୟ ପ୍ରଜାତନ୍ତ୍ରର ଅନନ୍ୟ ପରମ୍ପରା ରହିଛି: ଧର୍ମେନ୍ଦ୍ର



ପୁସ୍ତକ ଉନ୍ମୋଚନ ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଯୋଗଗୁରୁ ବାବା ରାମ ଦେବ ଓ ଅନ୍ୟମାନେ।

## 'ସାଠ୍ କେ ହେମନ୍ତ' ପୁସ୍ତକ ଉନ୍ମୋଚିତ

**ଭୁବନେଶ୍ୱର, ୧୫ା୯(ସୁନିତ୍ ମିଶ୍ର)**

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୁକ୍ରବାର ଉତ୍ତରପ୍ରଦେଶର ବାରାଣସୀଠାରେ ବିଶିଷ୍ଟ ସାମ୍ବାଦିକ, ଲେଖକ ଓ ସାହିତ୍ୟିକ ହେମନ୍ତ ଶର୍ମାଙ୍କ ଉପରେ ଲିଖିତ ସଂକଳନ 'ସାଠ୍ କେ ହେମନ୍ତ' ପୁସ୍ତକର ଉନ୍ମୋଚନ ସମାରୋହରେ ଯୋଗଦେଇଛନ୍ତି। ଶର୍ମାଙ୍କୁ ଶୁଭେଚ୍ଛା ଜଣାଇବା ସହ ଧର୍ମେନ୍ଦ୍ର କହିଛନ୍ତି, ଭାରତୀୟ ପ୍ରଜାତନ୍ତ୍ରର ଅନନ୍ୟ ପରମ୍ପରା ରହିଛି। ଏହି ପରମ୍ପରାରେ କାଶୀ ହେଉଛି ଏକ ମନ୍ଥନସ୍ଥଳ। କାଶୀ ଏକ ପୁରାତନ ଜୀବନ୍ତ ସଭ୍ୟତା। ଦୁନିଆକୁ ଅନେକ କିଛି ଦେଇଥିବା ଏହି ପବିତ୍ର ସ୍ଥାନ ଗୁରୁର ପରମ୍ପରାକୁ ଜନ୍ମ ଦେଇଛି। ହେମନ୍ତ ଶର୍ମାଙ୍କ ଉପରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍)ର ସରସଂଘ ଚାଳକ ମୋହନ ଭାଗବତଙ୍କ ଠାରୁ ଆରମ୍ଭ କରି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଏବଂ ବିଶିଷ୍ଟ ବ୍ୟକ୍ତି 'ସାଠ୍ କେ ହେମନ୍ତ' ପୁସ୍ତକରେ ନିଜର ଟିପ୍ପଣୀ ଦେଇଛନ୍ତି। ଶର୍ମାଙ୍କ ଉପରେ ଏହି ସଂକଳନ ପ୍ରକାଶନ ହେବା ଖୁସିର ବିଷୟ। ତେବେ ତାଙ୍କର ବ୍ୟକ୍ତିତ୍ୱକୁ କିଛି କ୍ଷଣରେ ପ୍ରକାଶ କରାଯାଇପାରିବ ନାହିଁ। ଉନ୍ମୋଚିତ ପୁସ୍ତକଟି ଭାରତୀୟ ଜ୍ଞାନ ପରମ୍ପରାରେ ଏକ ନୂଆ ଅଧ୍ୟାୟ କିପରି ଯୋଡିବ, ଏହା ଆମ ସମସ୍ତଙ୍କର ଦାୟିତ୍ୱ ହେବା ଉଚିତ। ଏହି ପୁସ୍ତକଟି ଆଦୃତ ହେବା ନେଇ ଧର୍ମେନ୍ଦ୍ର କାମନା କରିଛନ୍ତି। ଉଲ୍ଲେଖଯୋଗ୍ୟ, ଏହି କାର୍ଯ୍ୟକ୍ରମରେ ଯୋଗଗୁରୁ ରାମଦେବ, ଉତ୍ତରପ୍ରଦେଶ ଉପମୁଖ୍ୟମନ୍ତ୍ରୀ ବ୍ରଜେଶ ପାଠକ ଓ ଏମ୍‌ପି ପ୍ରଫେସର ରାମଗୋପାଳ ଯାଦବ ପ୍ରମୁଖ ଉପସ୍ଥିତ ଥିଲେ।

# ପୂଜା ପାଇଁ ବିଏମ୍‌ସି ଆଦାୟ କରିବନି ଗ୍ରାଉଣ୍ଡ ରେଣ୍ଟ

**ଭୁବନେଶ୍ୱର, ୧୫ା୯(ସୁନିତ୍ ମିଶ୍ର)**

ଚଳିତ ବର୍ଷ ପାର୍ବଣ ସମୟରେ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଅଞ୍ଚଳରେ ସାର୍ବଜନୀନ ପୂଜା ଉତ୍ସବ ପାଇଁ ଗ୍ରାଉଣ୍ଡ ରେଣ୍ଟ ଆଦାୟ ନ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଛନ୍ତି। ବିଭିନ୍ନ ପୂଜା ସମିତି ଓ ସ୍ଥାନୀୟ ବିଧାୟକଙ୍କ ଅନୁରୋଧକ୍ରମେ ଜନସାଧାରଣଙ୍କ ସାଂସ୍କୃତିକ ଓ ଆଧ୍ୟାତ୍ମିକ ଭାବନାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଏହି ନିଷ୍ପତ୍ତି ନେଇଛନ୍ତି। ଏହାଦ୍ୱାରା ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳରେ ଆସନ୍ତା ପାର୍ବଣ ଋତୁ ସମୟରେ ସରକାରୀ ଜାଗାରେ ସାମୟିକ ଭାବେ ଆୟୋଜିତ ହେଉଥିବା ବିଭିନ୍ନ ପୂଜା ଉତ୍ସବ ପାଇଁ କୌଣସି ଗ୍ରାଉଣ୍ଡ ରେଣ୍ଟ ଆଦାୟ କରାଯିବ ନାହିଁ। ଚଳିତ ବର୍ଷ ଆଗାମୀ ଦିନରେ ଗଣେଶ ପୂଜା, ଦୁର୍ଗାପୂଜା, କାଳୀପୂଜା, ଲକ୍ଷ୍ମୀପୂଜା ଓ କାର୍ତ୍ତିକେଶ୍ୱରପୂଜା ଆଦି ପୂଜା ଅନୁଷ୍ଠିତ ହେବାର ଅଛି। ଏସବୁ ପୂଜା ପାଇଁ କୌଣସି ଗ୍ରାଉଣ୍ଡ ରେଣ୍ଟ ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ଆଦାୟ କରାଯିବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି।

## ମାହାଙ୍ଗା ଅନୁସୂଚିତ ଜାତି ଯୁବକ ହତ୍ୟା ମାମଲା

# ମୁଖ୍ୟ ଅଭିଯୁକ୍ତଙ୍କ ଜାମିନ ଆବେଦନ ଖାରଜ

**କଟକ,୧୫ା୯ (କାର୍ତ୍ତିକ ସାହୁ)**

କଟକ ଜିଲା ମାହାଙ୍ଗା ଥାନା ଅନ୍ତର୍ଗତ ନୁର୍ତ୍ତାଙ୍ଗ ଗ୍ରାମର ଅନୁସୂଚିତ ଜାତି ଯୁବକଙ୍କୁ ସଂଘବଦ୍ଧ ହତ୍ୟା କରାଯିବା ମାମଲାର ମୁଖ୍ୟ ଅଭିଯୁକ୍ତ ପ୍ରମୋଦ ବିଶ୍ୱାଳଙ୍କ ଜାମିନ ଆବେଦନକୁ ହାଇକୋର୍ଟ ଖାରଜ କରି ଦେଇଛନ୍ତି। ଅଭିଯୁକ୍ତ ଜାମିନରେ ଗଲେ ସାକ୍ଷୀଙ୍କୁ ପ୍ରଭାବିତ କରିବା ସହ ଅପରାଧ ଘଟାଇବା ଆଶଙ୍କା ରହିଛି। ତେଣୁ ବିଚାରପତି ବି. ପି. ରାଉତରାୟଙ୍କ ଜଣିକିଆ ଖଣ୍ଡପୀଠ ମାମଲାର ଶୁଣାଣି କରି ଅଭିଯୁକ୍ତଙ୍କୁ ଜାମିନ୍ ପ୍ରଦାନ କରାଯିବ ନାହିଁ ବୋଲି ନିର୍ଦ୍ଦେଶରେ ସ୍ପଷ୍ଟ କରିଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ୨୦୧୮ ଡିସେମ୍ବର ୧୩ ତାରିଖ ରାତି ୯ଟାରେ ନୁର୍ତ୍ତାଙ୍ଗ ଗ୍ରାମର ବିକାଶ କୁମାର ଜେନା ଓ ପରେଶ କୁମାର ଜେନା ଧାନ କଟା ପାଇଁ ଲୋକ ଯୋଗାଡ଼ କରିବାକୁ ଜଙ୍କୋଟି ଗ୍ରାମକୁ ଯାଇଥିଲେ। ସେଠାରୁ ଫେରିବାବେଳେ ନୁର୍ତ୍ତାଙ୍ଗ ଗ୍ରାମର ପ୍ରମୋଦ ବିଶ୍ୱାଳ ୭ରୁ ଅଧିକ ସହଯୋଗୀଙ୍କ ସହାୟତାରେ ବିକାଶଙ୍କୁ ସଂଘବଦ୍ଧ ଆକ୍ରମଣ କରିଥିଲେ। ଫଳରେ ଘଟଣାସ୍ଥଳରେ ବିକାଶଙ୍କ ମୃତ୍ୟୁ ଘଟିଥିଲା। ହେଲେ ପରେଶ ଅଳ୍ପକେ ବର୍ତ୍ତି ଯାଇଥିଲେ। ରାଜନୈତିକ ଶତ୍ରୁତାକୁ କେନ୍ଦ୍ରକରି ଏହି ହତ୍ୟାକାଣ୍ଡ ଘଟିଥିଲା। ବିକାଶଙ୍କ ଭାଇ ମାନସ ଏନେଇ ମାହାଙ୍ଗା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ହତ୍ୟା ମାମଲା ରୁଜୁ କରିବା ସହ ୭ଜଣଙ୍କୁ ଗିରଫ କରିଥିଲା। ହେଲେ ମୁଖ୍ୟ ଅଭିଯୁକ୍ତ ପ୍ରମୋଦ ସେବେଠାରୁ ଫେରାର ଥିଲେ। ପୁଣି ୨୦୨୧ରେ ନୁର୍ତ୍ତାଙ୍ଗ ଗ୍ରାମରେ ରାଜନୈତିକ ଶତ୍ରୁତାକୁ କେନ୍ଦ୍ରକରି ଡବଲ ମର୍ଡର ଘଟଣା ଘଟିଥିଲା। ଏହି ହତ୍ୟାକାଣ୍ଡରେ ମଧ୍ୟ ପ୍ରମୋଦ ସମ୍ପୃକ୍ତ ଥିବା ପୋଲିସ ତଦନ୍ତରୁ ଜଣାପଡ଼ିଥିଲା। ଏହାପରେ ପୋଲିସ ପ୍ରମୋଦଙ୍କୁ ଗିରଫ କରିଥିଲା। ଏଥିସହ ଦୁଇଟି ହତ୍ୟା ମାମଲାରେ ପ୍ରମୋଦଙ୍କ ନାମରେ ପୋଲିସ ଚାର୍ଜଶିଟ ଦାଖଲ କରିଥିଲା। ପ୍ରାୟ ୩ବର୍ଷ ହେବ ପ୍ରମୋଦ ଜେଲରେ ଥାଇ ହାଇକୋର୍ଟରେ ଜାମିନ ଆବେଦନ କରିଥିଲେ। ପ୍ରତିପକ୍ଷଙ୍କ ପକ୍ଷରୁ ଆଇନଜୀବୀ ରାକେଶ କୁମାର ମଲ୍ଲିକ ମାମଲା ପରିଚାଳନା କରୁଥିଲେ।

# ପ୍ରଧାନ ଶିକ୍ଷକଙ୍କୁ ୨୦ ବର୍ଷ ଜେଲ

## ୫ ଛାତ୍ରୀଙ୍କୁ ଯୌନ ନିର୍ଯାତନା ମାମଲା

**ବଲାଙ୍ଗୀର/ଦେଓଗାଁ, ୧୫ା୯(ବୀରେନ୍ଦ୍ର କୁମାର ଝାଙ୍କର/କୃଷ୍ଣପ୍ରସାଦ ପାଣିଗ୍ରାହୀ)**

ବଲାଙ୍ଗୀର ଜିଲା ପୋକ୍‌ସୋ କୋର୍ଟରେ ଶୁକ୍ରବାର ୫ ଜଣ ଛାତ୍ରୀଙ୍କୁ ପ୍ରଧାନ ଶିକ୍ଷକଙ୍କ ଯୌନ ନିର୍ଯାତନା ମାମଲାର ରାୟ ପ୍ରକାଶ ପାଇଥିଲା। ପୋକ୍‌ସୋ କୋର୍ଟ ବିଚାରପତି ଗୋପବନ୍ଧୁ ଗଡ଼ନାୟକ ଏହି ମାମଲାର ବିଚାର କରି ଅଭିଯୁକ୍ତ ପ୍ରଧାନ ଶିକ୍ଷକ ବିଶ୍ୱନାଥ ବୁଦ୍ଧିଆ (୫୯)ଙ୍କୁ ଦୋଷୀ ସାବ୍ୟସ୍ତ କରି ୨୦ ବର୍ଷ ଜେଲ ଦଣ୍ଡାଦେଶ ସହ ୫୦ ହଜାର ଟଙ୍କା ଜରିମାନା ଆଦେଶ ଶୁଣାଇଛନ୍ତି। ଜରିମାନା ଅନାଦାୟରେ ଆହୁରି ୨ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି। ବଲାଙ୍ଗୀର ଜିଲା ଦେଓଗାଁ ଥାନା ମୁରସିଂ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ୫ ଛାତ୍ରୀଙ୍କୁ ଯୌନ ନିର୍ଯାତନା ଦେଉଥିବା ନେଇ ଦେଓଗାଁ ଥାନାରେ ଗତ ୨୫ ଅଗଷ୍ଟ ୨୦୨୨ରେ ଅଭିଯୋଗ ହୋଇଥିଲା। ଅଭିଯୋଗ ପାଇବା ପରେ ସେହିଦିନ ଅଭିଯୁକ୍ତ ପ୍ରଧାନ ଶିକ୍ଷକ ବୁଦ୍ଧିଆଙ୍କୁ ପୋଲିସ ଗିରଫ କରିଥିଲା। ପରେ ତାଙ୍କ ବିରୋଧରେ ପୋଲିସ ଭାରତୀୟ ଦଣ୍ଡବିଧି ଆଇନର ଧାରା ୩୫୪, ୩୫୪ (ଏ), ୩୭୬ ଏବି, ୩୭୬ (୨) ଏବଂ ୬ ଓ ୮ ପୋକ୍‌ସୋ ଆକ୍ଟରେ ଏକ ମାମଲା (ନଂ.୧୪୯/୨୨) ରୁଜୁ କରିଥିଲା। ଏହି ମାମଲାର ବିଚାର କରି ପୋକ୍‌ସୋ କୋର୍ଟ ବିଚାରପତି ଗଡ଼ନାୟକ ଅଭିଯୁକ୍ତ ପ୍ରଧାନ ଶିକ୍ଷକ ବୁଦ୍ଧିଆଙ୍କୁ ଦୋଷୀ ସାବ୍ୟସ୍ତ କରି ଦଣ୍ଡାଦେଶ ପ୍ରଦାନ କରିଥିଲେ। ଏହାସହିତ ପୀଡ଼ିତା ଜଣେ ଛାତ୍ରୀଙ୍କୁ ୪ ଲକ୍ଷ ଏବଂ ଅନ୍ୟ ୪ ପୀଡ଼ିତାଙ୍କୁ ୫୦ ହଜାର ଟଙ୍କା ଲେଖାଏଁ ସହାୟତା ରାଶି ପ୍ରଦାନ କରିବାକୁ ଜିଲା ଆଇନସେବା ପ୍ରାଧିକରଣ ସଚିବଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ଏହି ମାମଲାକୁ ପୋକ୍‌ସୋ କୋର୍ଟ ଆଡ୍‌ଭୋକେଟ୍ ପ୍ରିୟରଞ୍ଜନ ବହିଦାର ପରିଚାଳନା କରିଥିଲେ। ଦୋଷୀ ସାବ୍ୟସ୍ତ ପ୍ରଧାନ ଶିକ୍ଷକ ଗିରଫ ହେଲା ଦିନଠାରୁ ବଲାଙ୍ଗୀର ଜିଲା ମୁଖ୍ୟ କାରାଗାରରେ ରହିଥିବା ଜଣାପଡ଼ିଛି।

# ସହପାଠୀଙ୍କୁ ପଢ଼ାଉଛନ୍ତି ମେଧାବୀ

## ଆନ୍ଦୋଳନରେ ଶିକ୍ଷୟିତ୍ରୀଶିକ୍ଷକ

**ବଇଣ୍ଡା,୧୫ା୯(ପରିକ୍ଷିତ ସାହୁ)**

ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେଶନର ଆହ୍ୱାନ କ୍ରମେ ୩ ଦଫା ଦାବି ପୂରଣ ପାଇଁ ଅନୁଗୋଳ ଜିଲା ଆଠମଲ୍ଲିକ ଓ କିଶୋରନଗର ବ୍ଲକର ଶିକ୍ଷୟିତ୍ରୀଶିକ୍ଷକମାନେ ବ୍ଲକଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ ଚଳାଇଛନ୍ତି। ଏହି ଆନ୍ଦୋଳନରେ ଆଠମଲ୍ଲିକ ବ୍ଲକର ୧୯୩ ବିଦ୍ୟାଳୟର ୫୭୬ ଜଣ ଏବଂ କିଶୋରନଗର ବ୍ଲକର ୧୬୩ ବିଦ୍ୟାଳୟର ୩୫୨ ଶିକ୍ଷୟିତ୍ରୀଶିକ୍ଷକ ସାମିଲ ହୋଇଛନ୍ତି। ଫଳରେ ଏସବୁ ସ୍କୁଲରେ ପାଠପଢା ଗୁରୁତର ପ୍ରଭାବିତ ହୋଇଛି। ଏପରି କି ଅନେକ ସ୍କୁଲରେ ଜଣେ ହେଲେ ବି ଶିକ୍ଷୟିତ୍ରୀ ଶିକ୍ଷକ ନ ଥିବାରୁ ସେଠାରେ ଶିକ୍ଷାଦାନ ଏକ ପ୍ରକାର ଠପ୍ ହୋଇଯାଇଛି। ଏପରି କେତେକ ବିଦ୍ୟାଳୟରେ ସହପାଠୀମାନଙ୍କୁ ମେଧାବୀ ଛାତ୍ରୀଛାତ୍ରମାନେ ପାଠ ପଢାଉଥିବା ଦେଖିବାକୁ ମିଳୁଛି।



ଆଠମଲ୍ଲିକ ବ୍ଲକର ଏକ ସ୍କୁଲରେ ସହପାଠୀମାନଙ୍କୁ ଜଣେ ମେଧାବୀ ଛାତ୍ରୀ ପଢ଼ାଉଛନ୍ତି।

ପ୍ରକାଶ ଯେ, ଗତ ୮ ତାରିଖରୁ ଶିକ୍ଷୟିତ୍ରୀ ଶିକ୍ଷକମାନେ ଆନ୍ଦୋଳନ ଚଳାଇଥିବାରୁ ଏହି ୨ ବ୍ଲକର ସମସ୍ତ ପ୍ରାଥମିକ ଓ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଶିକ୍ଷାଦାନ ବିପର୍ଯ୍ୟସ୍ତ ହୋଇପଡ଼ିଛି। କିଶୋରନଗର ବ୍ଲକର ୧୬୧ ବିଦ୍ୟାଳୟରେ ମାତ୍ର ଜଣେ ଲେଖାଏ ଶିକ୍ଷକ ପାଠ ପଢାଇବା ପାଇଁ ଆସୁଥିବା ଜଣାପଡିଛି। ଅନ୍ୟ ଶିକ୍ଷକମାନେ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ସେହିପରି ଆଠମଲ୍ଲିକ ବ୍ଲକର ଅନେକ ବିଦ୍ୟାଳୟରେ ଜଣେ ଲେଖାଏ ଶିକ୍ଷକ ଆସି ପଢାଉଥିବାବେଳେ ବିଦ୍ୟାଳୟର ମେଧାବୀ ଛାତ୍ରୀଛାତ୍ରମାନେ ସେମାନଙ୍କ ସହପାଠୀଙ୍କୁ ପାଠ ପଢାଉଥିବା ଦେଖିବାକୁ ମିଳିଛି। ଏ ନେଇ କିଶୋରନଗର ବ୍ଲକ ଶିକ୍ଷକ ସଂଘ ସଭାପତି ଦିଲୀପ ପ୍ରଧାନ ଓ ଆଠମଲ୍ଲିକ ବ୍ଲକ ଶିକ୍ଷକ ସଂଘ ସଭାପତି ପଦ୍ମନାଭ ରାଉତ କହିଛନ୍ତି, ସରକାର ଶିକ୍ଷକଙ୍କ ଦାବିକୁ ନ ମାନିବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁ ରହିବ।

# ୫ଥର ବାତିଲ ହେଲା ଜନଶୁଣାଣି

- ପ୍ଲାଣ୍ଟ ସ୍ଥାପନକୁ ବିରୋଧ କରି ୬୦ ଗିରଫ
- ଜଙ୍ଗଲ ନଷ୍ଟ କରି ବିଷର ପାହାଡ଼ ସୃଷ୍ଟି ଉଦ୍ୟମ

**ସମ୍ବଲପୁର,୧୫ା୯(ଶୁଭାଶିଷ ପାଢ଼ୀ)**

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ବାଣ୍ଡିମରାଠାରେ ବର୍ଜ୍ୟବସ୍ତୁ ପରିଚାଳନା ପ୍ଲାଣ୍ଟ ପାଇଁ ରାମ୍‌କୀ ଏନ୍‌ଭିରୋ ସର୍ଭିସେସ ନାମକ କମ୍ପାନୀକୁ ଜମି ଦେବା ଲାଗି ଶୁକ୍ରବାର ପ୍ରଶାସନ ପକ୍ଷରୁ ଆୟୋଜିତ ଜନଶୁଣାଣି ବାତିଲ ହୋଇଛି। ଏହାକୁ ମିଶାଇ ଜନଶୁଣାଣି ୫ଥର ବାତିଲ ହୋଇଛି। ବାଣ୍ଡିମରା ସ୍କୁଲ ପଡିଆରେ ଜନଶୁଣାଣି ଆୟୋଜିତ ହେଉଥିବା ଖବର ପାଇ ହଜାର ସଂଖ୍ୟାରେ ମହିଳାପୁରୁଷ ପହଞ୍ଚି ଗେଟ୍ ସମ୍ମୁଖରେ ଧାରଣାରେ ବସିଥିଲେ। ପୂର୍ବାହ୍ନ ୧୦ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ପୋଲିସ ଓ ଆନ୍ଦୋଳନକାରୀ




ଜନଶୁଣାଣି ସ୍ଥଳରେ ବିରୋଧର ସମ୍ମୁଖୀନ ହେଉଛନ୍ତି ଅଧିକାରୀ।

ମଧ୍ୟରେ ଛକାପଞ୍ଝା ଲାଗି ରହିଥିଲା। ଏପରି କି ଧସ୍ତାଧସ୍ତି ମଧ୍ୟ ହୋଇଥିଲା। ପ୍ରଶାସନିକ ଅଧିକାରୀ ଆୟୋଜନ ସ୍ଥଳକୁ ଯିବା ସମୟରେ ଲୋକମାନେ ସେମାନଙ୍କ ଗାଡିକୁ ଘେରି ଯାଇଥିଲେ। ପରେ ପୋଲିସ ସୁରକ୍ଷାରେ ଏଡିଏମ୍ ବ୍ରଜବନ୍ଧୁ ଭୋଇ, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ହିରଣ୍ୟକ ନାୟକ ପ୍ରମୁଖ ଅଧିକାରୀ ପହଞ୍ଚିଥିଲେ। ଏହି ଘଟଣାରେ ପୋଲିସ ୬୦ଜଣଙ୍କୁ ଗିରଫ ପରେ ଥାନାକୁ ଆଣି ବ୍ୟକ୍ତିଗତ ଜାମିନରେ ଛାଡିଥିଲା।

ଲୋକଙ୍କ ତରଫରୁ ସାମାଜିକ କର୍ମୀ ବିରଞ୍ଚି ସାହୁ ଓ ଗୋପୀନାଥ ମାଝି ଅଭିଯୋଗ କରିଥିଲେ, କମ୍ପାନୀକୁ ୬୩ଏକର ଜମି ଦେବା ପାଇଁ ପ୍ରସ୍ତାବ ରହିଛି ଯେଉଁଠି ଘଞ୍ଚ ଜଙ୍ଗଲ ରହିଛି। ବନ ସୁରକ୍ଷା ସମିତି ଦାୟିତ୍ୱରେ ଏହି ଜଙ୍ଗଲ ରହିଛି। ସ୍ଥାନୀୟ ଲୋକେ ଜଙ୍ଗଲଜାତ ଦ୍ରବ୍ୟ, କାଠ ଆଣି ପରିବାର ପ୍ରତିପୋଷଣ କରୁଛନ୍ତି। ସବୁଜ ବାତାବରଣରେ ଆଖପାଖ ଏକାଧିକ ଗ୍ରାମବାସୀ ଜୀବନ ବିତାଉଛନ୍ତି। ଏଭଳି ପରିସ୍ଥିତିରେ ଜଙ୍ଗଲ କିସମ ଜମିକୁ କମ୍ପାନୀ ହାତକୁ ନେବାକୁ ଯୋଜନା ଚାଲିଛି। କମ୍ପାନୀ ଘଞ୍ଚ ଜଙ୍ଗଲକୁ ନଷ୍ଟ କରି ପାଉଶଁର ବିଷାକ୍ତ ପାହାଡ ସୃଷ୍ଟି କରିବାକୁ ଯୋଜନା କରିଛି। ହେଲେ ଏଠାରେ ବର୍ଜ୍ୟବସ୍ତୁ ପ୍ଲାଣ୍ଟ କରିବାକୁ ଦିଆଯିବ ନାହିଁ। ଲୋକମାନେ ଦୀର୍ଘ ୪ ବର୍ଷ ହେବ ବିରୋଧ କରିଆସୁଛନ୍ତି। ହେଲେ ପ୍ରଶାସନ ଓ ରାଜ୍ୟ ସରକାର ବାରମ୍ବାର କାହିଁକି ଜନଶୁଣାଣି କରୁଛନ୍ତି ବୋଲି ସେମାନେ ପ୍ରଶ୍ନ କରିଥିଲେ। ପୋଲିସ ଲଗାଇ ବଳପୂର୍ବକ ମଞ୍ଜୁରୀ କରିଦେବାକୁ ଯୋଜନା ଚାଲିଛି। ଆଗାମୀ ଦିନରେ ମଧ୍ୟ ଆନ୍ଦୋଳନ ଜାରି ରହିବ ବୋଲି ଚେତାବନୀ ଦେଇଥିଲେ। ବିରୋଧ ସମାବେଶରେ ଦଳମତ ନିର୍ବିଶେଷରେ ଜନପ୍ରତିନିଧି, ନେତା, ଜନତା, ଜଙ୍ଗଲ ପ୍ରେମୀ, ବନସୁରକ୍ଷା ସମିତି ସଦସ୍ୟ ସାମିଲ ଥିଲେ।

# ୨୧ ହଜାର କୋଟିର ଅତିରିକ୍ତ ବଜେଟକୁ ମନ୍ତ୍ରୀ ପରିଷଦର ଅନୁମୋଦନ

**ଭୁବନେଶ୍ୱର,୧୫।୯(ଅନିଲ ଦାସ):** ଆସନ୍ତା ୨୨ ତାରିଖରେ ବିଧାନସଭାର ସ୍ୱଳ୍ପକାଳୀନ ମୌସୁମୀ ଅଧିବେଶନ ଅନୁଷ୍ଠିତ ହେବ। ପ୍ରଥମ ଦିବସରେ ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ଅତିରିକ୍ତ ଖର୍ଚ୍ଚ ଦାବିକୁ ବିଧାନସଭାର ଅନୁମୋଦନ ପାଇଁ ଉପସ୍ଥାପନ କରାଯିବ। ଏଥିରେ ପ୍ରାୟ ୨୧ ହଜାର କୋଟି ଟଙ୍କାର ଅତିରିକ୍ତ ବଜେଟ ଉପସ୍ଥାପନ ହେବ। ଏହାକୁ ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନଠାରେ ଅନୁଷ୍ଠିତ ରାଜ୍ୟ ମନ୍ତ୍ରିପରିଷଦ ବୈଠକରେ ଅନୁମୋଦନ କରାଯାଇଛି।

# କ୍ଷତିପୂରଣ ଦାବି କଲା ସୁଆର ମହାସୁଆର ନିଯୋଗ

**ନୀତି ବିଭ୍ରାଟ ପାଇଁ ୬, ୩୨, ୫୦୦ ଶହ ଟଙ୍କା କ୍ଷତି**

**ପୁରୀ, ୧୫।୯(ଅଜିତ ମହାନ୍ତି):** ସେବାରୁ ନିବୃତ୍ତ ଥିବା ସିଂହାରୀ ସେବାୟତ ଶୁକ୍ରବାର ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁଙ୍କ ମଙ୍ଗଳ ଆଳତି କରିବା ଘଟଣା ନେଇ ବିବାଦ ସୃଷ୍ଟି ହୋଇଛି। ଏଥିଯୋଗୁ ମହାପ୍ରଭୁ ୭ଘଣ୍ଟା ଉପବାସ ରହିଥିଲେ। ମହାପ୍ରଭୁଙ୍କ ନୀତି ବିଶୃଙ୍ଖଳା ଯୋଗୁ ସୁଆର ମହାସୁଆର ନିଯୋଗ ବ୍ୟାପକ କ୍ଷତି ସହିଥିବା ଅଭିଯୋଗ କରିଛି। ନୀତି ବିଶୃଙ୍ଖଳା ପାଇଁ ଭୋଗ ପ୍ରସ୍ତୁତି ହୋଇପାରି ନ ଥିଲା। ଫଳରେ ସୁଆର ମହାସୁଆରମାନେ ବହୁତ କ୍ଷତି ସହିଥିଲେ। ନୀତି ବିଳମ୍ବ କାରଣରୁ ସବୁ ବରାଦି ଭୋଗ ଅର୍ଡର ନିଯୋଗ ପକ୍ଷରୁ ବାତିଲ କରାଯିବା ସହ ଲୋକଙ୍କୁ ଟଙ୍କା ଫେରସ୍ତ କରାଯାଇଥିଲା। ଏଥିପାଇଁ ନିଯୋଗର ୬ଲକ୍ଷ ୩୨ ହଜାର ୫ଶହ ଟଙ୍କା କ୍ଷତି ହୋଇଥିବା ଦର୍ଶାଯାଇଛି। ସୁଆର ମହାସୁଆର ନିଯୋଗ ପକ୍ଷରୁ ଶ୍ରୀମନ୍ଦିର ପ୍ରଶାସନକୁ ଏକ ଚିଠି ମାଧ୍ୟମରେ କ୍ଷତିପୂରଣ ସମ୍ପର୍କରେ ସୂଚନା ଦିଆଯାଇଛି। ନିଯୋଗ ପକ୍ଷରୁ ଚିଠିରେ ଉଲ୍ଲେଖ କରାଯାଇଛି ଯେ, ଶୁକ୍ରବାର ସାତପୁରୀ ଅମାବାସ୍ୟା ଥିବାରୁ ବହୁତ ମାତ୍ରାରେ ବରାଦି ଅର୍ଡର ରଖାଯାଇଥିଲା। ତେବେ ନୀତି ବିଭ୍ରାଟ କାରଣରୁ ଭୋଗ ରନ୍ଧା ନ ହେବା ଯୋଗୁ ସସସ୍ତ ଅର୍ଡର ଫେରସ୍ତ କରାଯାଇଛି। ଫଳରେ ସୂପକାରମାନଙ୍କର ୬ଲକ୍ଷ ୩୨ ହଜାର ୫୦୦ ଟଙ୍କା କ୍ଷତି ହୋଇଛି। ତେଣୁ ପ୍ରଶାସନ ଉପଯୁକ୍ତ କ୍ଷତିପୂରଣ ଦେବାକୁ ନିଯୋଗ ସମ୍ପାଦକ ନାରାୟଣ ମହାସୁଆର ନିବେଦନ କରିଛନ୍ତି।

# ବୃଦ୍ଧଙ୍କ ଝୁଲନ୍ତା ମୃତଦେହ ଜବତ

**ବୋଲଗଡ଼,୧୫।୯(ଦେବବ୍ରତ ହୋତା):** ବୋଲଗଡ଼ ଥାନା ଗୋବର୍ଦ୍ଧନପୁର ଫାଣ୍ଡି ଅନ୍ତର୍ଗତ କଳାଙ୍ଗ ଗ୍ରାମର ଅନତି ଦୂରରେ ଥିବା ହାଇସ୍କୁଲ ନିକଟରୁ ଶୁକ୍ରବାର ପୋଲିସ ଜଣେ ବୃଦ୍ଧଙ୍କ ଝୁଲନ୍ତା ମୃତଦେହ ଜବତ କରିଛି। ମୃତକ ହେଲେ କଳାଙ୍ଗ ଗ୍ରାମର ଦୁର୍ଯ୍ୟୋଧନ ସାହୁ (୬୨)। ତେବେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରିବା ସହ ପୋଲିସ ଘଟଣାର ତଦନ୍ତ ଚଳାଇଛି।

# ସ୍କୁଲ୍ ଭ୍ୟାନ୍ ଓଲଟିଲା

**ସୁନାବେଡା, ୧୫।୯(କୃତ୍ତିବାସ ପ୍ରଧାନ):** ଅଳ୍ପକେ ବର୍ତ୍ତିଲେ ସ୍କୁଲ୍ ଛାତ୍ର। ଘଟଣା ଘଟିଛି ସୁନାବେଡ଼ା ହାଲ୍ ଟାଉନସିପ୍ ୱାଇ ଜୋନ୍ ନିକଟରେ। ଶୁକ୍ରବାର ସକାଳୁ ଏକ ଘରୋଇ ସ୍କୁଲ ଭ୍ୟାନ୍ ଭାରସାମ୍ୟ ହରାଇ ଓଲଟିପଡ଼ିଥିଲା। ସୌଭାଗ୍ୟବଶତଃ ପିଲାମାନଙ୍କ କିଛି କ୍ଷତି ହୋଇନାହିଁ। ଶୁକ୍ରବାର ଭ୍ୟାନଟି ୱାଇ ଜୋନ୍‌ରେ ପହଞ୍ଚି ପିଲାଙ୍କୁ ସ୍କୁଲ ନେଇଥିଲା। ତେବେ କିଛି ବାଟ ଯିବା ପରେ ଭ୍ୟାନଟି ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ହାଲ୍ ପ୍ରଶାସନ ପକ୍ଷରୁ ୱାଇ ଜୋନ୍ ନିକଟରେ ୨୬ନଂ. ଜାତୀୟ ରାଜପଥକୁ ଯୋଡୁଥିବା ହାଲ୍‌ର ଦୁଇଟି ରାସ୍ତା ମଧ୍ୟରୁ ଗୋଟିଏ ରାସ୍ତାକୁ ଦୀର୍ଘ ବର୍ଷ ହେବ ବନ୍ଦ କରି ରଖାଯାଇଛି। ଫଳରେ ଏଠାରେ ଗାଡ଼ିଗୁଡିକ ଏକ ଅଣ ଓସାରିଆ ରାସ୍ତା ଦେଇ ଅପର ପାର୍ଶ୍ୱ ରାସ୍ତାକୁ ଯାଉଛନ୍ତି। ଯାହା ଦ୍ୱାରା ବିଭିନ୍ନ ସମୟରେ ଏପରି ଛୋଟ ବଡ଼ ଦୁର୍ଘଟଣା ଘଟୁଛି। ଦୁର୍ଘଟଣା ଖବର ପାଇ ହାଲ୍ ସୁରକ୍ଷା କର୍ମୀ ଓ ଅଧିକାରୀ ପହଞ୍ଚି ଓଲଟିଥିବା ଭ୍ୟାନ୍‌କୁ ଉଠାଇଥିଲେ। ଯଥାଶୀଘ୍ର ବନ୍ଦ ଥିବା ରାସ୍ତା ଓ ଗେଟ୍ ଖୋଲିବାକୁ ଟାଉନସିପ୍ ଲୋକେ ଦାବି କରିଛନ୍ତି।

# ଟ୍ରାଫିକ ସମସ୍ୟା ଅସମ୍ଭାଳ, ଲୋକେ ହୀନସ୍ତା

**ଯୋଡ଼ା,୧୫।୯(ମାନସ ମହାନ୍ତି )**

- ଅଧାପନ୍ତରିଆ ୫୨୦ ନମ୍ବର ଜାତୀୟ ରାଜପଥ
- ଲହଣ୍ଡା-କଳାପାହାଡ଼ ରାସ୍ତାରେ ୧୫ ଘଣ୍ଟା ଯାତାୟାତ ଠପ୍

କେନ୍ଦୁଝର ଜିଲା ଯୋଡ଼ା ଦେଇ ଯାଇଥିବା ରିମୁଳି-ରାଜାମୁଣ୍ଡା ୫୨୦ ନଂ. ଜାତୀୟ ରାଜପଥର ଲହଣ୍ଡା ରେଳ ଓଭରବ୍ରିଜ୍ ତଳ ରାସ୍ତା ଅଧାପନ୍ତରିଆ ଅବସ୍ଥାରେ ରହିଛି। ଫଳରେ ଉକ୍ତ ସ୍ଥାନରେ ଟ୍ରାଫିକ୍ ସମସ୍ୟା ଉତ୍କଟ ରୂପ ଧାରଣ କରିଥିବା ବେଳେ ଲୋକେ ହୀନସ୍ତା ହେଉଛନ୍ତି। ଲହଣ୍ଡା-କଳାପାହାଡ଼ ରାସ୍ତାରେ ଗୁରୁବାର ରାତିରୁ ଶୁକ୍ରବାର ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଖଣିଜ ବୋଝେଇ ଭାରିଯାନଗୁଡ଼ିକ ସମ୍ପୂର୍ଣ୍ଣ କବ୍‌ଜା କରି ରଖିଥିବାରୁ ଯୋଡ଼ା, ବଡ଼ବିଲ ଅଞ୍ଚଳକୁ ୧୫ ଘଣ୍ଟା ଯାତାୟାତ ଠପ୍ ହୋଇଯାଇଥିଲା। ଟ୍ରାଫିକ ଜାମ୍‌ରେ ସ୍କୁଲ ବସ୍, ଆମ୍ବୁଲାନ୍ସ, ଏପରିକିବାଇକ୍‌ଆରୋହୀ ଘଣ୍ଟା ଘଣ୍ଟା ଧରି ଅସହାୟ ଭାବେ ଛିଡ଼ା ହୋଇ ରହିଥିବା ଦେଖିବାକୁ ମିଳିଥିଲା। ପୋଲିସ ସହାୟତାରେ ଦୀର୍ଘ ସମୟ ପରେ ପରିସ୍ଥିତିରେ ସୁଧାର ଆସିଥିଲା।

ଯୋଡ଼ା ଖଣି ଅଞ୍ଚଳକୁ ଏହି ଜାତୀୟ ରାଜପଥ ସଂଯୋଗ ହୋଇଥିବାରୁ ଟ୍ରକ୍ ଯୋଗେ ରାଜ୍ୟ ଓ ରାଜ୍ୟ ବାହାରକୁ ଖଣିଜ ପରିବହନ ହୋଇଥାଏ। ଯୋଡ଼ା ଖଣି ମଣ୍ଡଳ ସମେତ ସୁନ୍ଦରଗଡ଼ ଜିଲା କୋଇଡ଼ା ଖଣି କ୍ଷେତ୍ରରୁ ମଧ ଏହି ଜାତୀୟ ରାଜପଥ ଦେଇ ଖଣିଜ ପରିବହନ କରାଯାଉଛି। ଜାତୀୟ ରାଜପଥ ବିଭାଗ ପକ୍ଷରୁ ଗୁଆଲିଠାରୁ ଯୋଡ଼ା ଓ ରିମୁଳି ମଧ୍ୟରେ ଟ୍ରକ୍ ପାର୍କିଂ ସ୍ଥଳ ନିର୍ମାଣ କରାଯାଇ ନ ଥିବାରୁ ଟ୍ରକ୍ ରାସ୍ତା କଡ଼ରେ ପାର୍କିଂ କରୁଛନ୍ତି। ସିଙ୍ଗଲ ୱେ ରାସ୍ତା କଡ଼ରେ ଟ୍ରକ୍ ପାର୍କିଂ କରାଯାଉଥିବାରୁ ପ୍ରତିଦିନ ଟ୍ରାଫିକ୍ ସମସ୍ୟା ଦେଖାଯାଉଛି। ବିଭିନ୍ନ ସମୟରେ ଦୁର୍ଘଟଣା ଘଟି ଧନଜୀବନ ହାନି ହେଉଛି। ଜାତୀୟ ରାଜପଥର ଲହଣ୍ଡା, କଳାପାହାଡ଼, ବିଲେଇପଦା ପର୍ଯ୍ୟନ୍ତ ପୂର୍ବରୁ ଥିବା ସିଙ୍ଗଲ ରୋଡ୍ ପ୍ରାୟ ୨ କି.ମି. ବ୍ୟାପି ରାସ୍ତା ଏଯାବତ ନିର୍ମାଣ ହୋଇ ପାରିନାହିଁ। ଏଥିରେ ରେଳ ଓଭର ବ୍ରିଜ ବାଧକ ସାଜିଥିବା କୁହାଯାଉଛି। ଅଣଓସାରିଆ ରାସ୍ତା ଯୋଗୁ ଗୁରୁବାର ରାତି ପ୍ରାୟ ୯ଟାରୁ ଶୁକ୍ରବାର ୧୨ଟା ପର୍ଯ୍ୟନ୍ତ ଖଣିଜ ବୋଝେଇ ଭାରିଯାନଗୁଡ଼ିକ ରାସ୍ତାରେ ଅଟକି ରହିଥିଲା। ବିଶେଷ ଭାବେ ରେଲୱେ ଓଭରବ୍ରିଜ ତଳ ଅଣଓସାରିଆ ରାସ୍ତା ଯୋଗୁ ଗୋଟିଏ ପଟୁ ଅନ୍ୟ ପଟକୁ ଯାତାୟାତ ବାଧାପ୍ରାପ୍ତ ହେଉଛି।



ରାସ୍ତାରେ ଅଟକି ରହିଥିବା ଗାଡ଼ି।

ଜାତୀୟ ରାଜପଥ ବିଭାଗର ଖାମଖିଆଲି ମନୋଭାବ ଯୋଗୁ ରାସ୍ତା ନିର୍ମାଣ କାର୍ଯ୍ୟ ଗତ ପ୍ରାୟ ୨ ବର୍ଷ ହେବ ଅଟକି ରହିଛି। ବିଲେଇପଦାଠାରେ ଏକ ଅଣ୍ଡର ପାସ ନିର୍ମାଣ, ଯୋଡ଼ା କଳାପାହାଡ଼ଠାରେ ଏକ ସର୍ଭିସ ରୋଡ୍ ଏବଂ ଯୋଡ଼ା କଳାପାହାଡ଼ରୁ ଲହଣ୍ଡା ପର୍ଯ୍ୟନ୍ତ ୪ ଲେନ୍ ରାସ୍ତା ନିର୍ମାଣ କରିବା ପାଇଁ ଦାବି ହେଉଥିଲେ ହେଁ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଚୁପ୍ ରହିଛନ୍ତି। ଜାତୀୟ ରାଜପଥର ୪ ଲେନ୍ ନିର୍ମାଣ ଘୋଷଣା ପ୍ରହସନରେ ପରିଣତ ହୋଇଛି ବୋଲି ସ୍ଥାନୀୟ ଦେଓଝର ପଞ୍ଚାୟତର ପୂର୍ବତନ ସରପଞ୍ଚ ମଙ୍ଗଳ ମୁଣ୍ଡା କହିଛନ୍ତି। ଏହା ଯୋଡା ଖଣି ଅଞ୍ଚଳର ମୁଖ୍ୟ ରାସ୍ତା ହୋଇଥିବାରୁ ଜାତୀୟ ରାଜପଥର ୪ଲେନ ନିର୍ମାଣ କାର୍ଯ୍ୟକୁ ତୁରନ୍ତ ସମ୍ପୂର୍ଣ୍ଣ କରିବା ପାଇଁ ଜନସାଧାରଣରେ ଦାବି ହେଉଛି।

# କୌଣସି ପୁରସ୍କାର ଉତ୍ସବରେ ଯୋଗ ଦିଅନ୍ତିନି ଅମୀର

**ମୁମ୍ବାଇ:** ବଲିଉଡରେ ଗୋଟିଏ କିମ୍ବା ଦୁଇଟି ନୁହେଁ, ଅନେକ ବ୍ଲକବଷ୍ଟର ଫିଲ୍ମ ଦେଇଥିବା ଆମୀର ଖାନ୍ କୌଣସି ପୁରସ୍କାର ଉତ୍ସବରେ ଭାଗ ନିଅନ୍ତି ନାହିଁ। କାରଣ ୩୧ ବର୍ଷ ତଳେ ତାଙ୍କ ସହ ଏମିତି କିଛି ଘଟିଥିଲା, ଯାହା ପରେ ସେ କୌଣସି ପୁରସ୍କାର ଉତ୍ସବକୁ ଯୋଗଦେବେ ନାହିଁ ବୋଲି ସେ ଶପଥ ନେଇଥିଲେ।

୧୯୯୨ରେ ଆମୀରଙ୍କ ଫିଲ୍ମ 'ଯୋ ଜିତା ୱହି ସିକନ୍ଦର' ମୁକ୍ତିଲାଭ କରିଥିଲା। ଏହି ଫିଲ୍ମ ବକ୍ସ ଅଫିସରେ ଭଲ ପ୍ରଦର୍ଶନ କରିଥିଲା। ଏହି ହିଟ୍ ଫିଲ୍ମର ନିର୍ଦ୍ଦେଶନା ଦେଇଥିଲେ ଆମୀର ଖାନ। ଏହି ଫିଲ୍ମ ନିର୍ମାଣ ପାଇଁ ୨ କୋଟି ଟଙ୍କା ଖର୍ଚ୍ଚ କରାଯାଇଥିଲା। ଏଥିସହିତ ଏହି ଫିଲ୍ମରୁ ୬.୬୦କୋଟି ସଂଗ୍ରହ କରାଯାଇଥିଲା। ସମାଲୋଚକମାନେ ବି ଏହି ଫିଲ୍ମରେ ଆମୀରଙ୍କ ଅଭିନୟକୁ ପ୍ରଶଂସା କରିଥିଲେ। ତେଣୁ ସେ ଶ୍ରେଷ୍ଠ ଅଭିନେତା ଆଖ୍ୟା ପାଇବେ ବୋଲି ଆଶାବାଦୀ ଥିଲେ। ମାତ୍ର ଆମୀରଙ୍କୁ ପୁରସ୍କାର ମିଳି ନ ଥିଲା। ସେହିଦିନଠାରୁ ସେ କୌଣସି ପୁରସ୍କାର ଉତ୍ସବରେ ଯୋଗଦେବେନି ବୋଲି ଶପଥ ନେଇଥିଲେ।



# କୋଲ୍ ଇଣ୍ଡିଆ ଅଧ୍ୟକ୍ଷଙ୍କ ଖଣି ପରିଦର୍ଶନ

**ସମ୍ବଲପୁର,୧୫।୯(ବି.ଶଙ୍କର)**

**ଏମ୍‌ସିଏଲ୍ ମୁଖ୍ୟାଳୟରେ ସମୀକ୍ଷା ବୈଠକ**

କୋଲ୍ ଇଣ୍ଡିଆ ଅଧ୍ୟକ୍ଷ ପିଏମ୍ ପ୍ରସାଦ ଶୁକ୍ରବାର ଝାରସୁଗୁଡ଼ା ଓ ସୁନ୍ଦରଗଡ଼ ଜିଲାସ୍ଥିତ ମହାନଦୀ କୋଲଫିଲ୍ଡ ଲିଃ (ଏମ୍‌ସିଏଲ୍)ର ବିଭିନ୍ନ ଖଣି ଅଞ୍ଚଳ ପରିଦର୍ଶନ କରିଛନ୍ତି। ଅଧ୍ୟକ୍ଷ ପ୍ରସାଦ ବସୁନ୍ଧରା ଓ ମହାଲକ୍ଷ୍ମୀ ଅଞ୍ଚଳରେ ଖଣିରୁ ଖନନ ହେଉଥିବା କାର୍ଯ୍ୟ ନିରୀକ୍ଷଣ କରିଥିଲେ। ଏହି ଗସ୍ତ ସମୟରେ ସେ କୁଲଦା ଓ ଗର୍ଜନବାହାଲ ଓପନକାଷ୍ଟ ଖଣି ଯାଞ୍ଚ କରିଥିଲେ। ଉଲ୍ଲେଖନୀୟ ପ୍ରଦର୍ଶନ ଓ ନିରାପତ୍ତା କ୍ଷେତ୍ରରେ ଉତ୍ସର୍ଗ ପାଇଁ ଅଧ୍ୟକ୍ଷ ପ୍ରସାଦ କର୍ମଚାରୀମାନଙ୍କୁ ପ୍ରଶଂସା ସହ ପୁରସ୍କୃତ କରିଥିଲେ। ସିଆରମାଲ ଓପନ୍‌କାଷ୍ଟ କୋଇଲା ଖଣି ଓ ମହାଲକ୍ଷ୍ମୀ ଅଞ୍ଚଳରେ ଥିବା ସରଦେଗା ରେଳପଥ ପରିଦର୍ଶନ କରିଥିଲେ। ଏମ୍‌ସିଏଲ୍ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଓମ୍ ପ୍ରକାଶ ସିଂ, କାର୍ମିକ ନିର୍ଦ୍ଦେଶକ କେଶବ ରାଓ, ସିଭିଓ ପି.କେ. ପଟେଲ, ବୈଷୟିକ ନିର୍ଦ୍ଦେଶକ ଜେ.କେ. ବୋରା, ଅର୍ଥ ନିର୍ଦ୍ଦେଶକ ଏ.କେ. ବେହୁରା, ବୈଷୟିକ ଯୋଜନା ଓ ପରିଯୋଜନା ନିର୍ଦ୍ଦେଶକ ଏ.ଏସ୍. ବାପଟ ଉପସ୍ଥିତ ଥିଲେ। ଖଣି ଅଞ୍ଚଳ ବୁଲି ଦେଖିବା ପରେ ଭାରତ ସରକାରଙ୍କ କୋଇଲା ମନ୍ତ୍ରଣାଳୟ ସଚିବ ଅମୃତଲାଲ ମୀନାଙ୍କ ଅଧ୍ୟକ୍ଷତାରେ ବୁର୍ଲା ଜାଗୃତି ବିହାରସ୍ଥିତ ଏମ୍‌ସିଏଲ୍ ମୁଖ୍ୟାଳୟ ସମ୍ମିଳନୀ କକ୍ଷଠାରେ ସମୀକ୍ଷା ବୈଠକ ହୋଇଥିଲା। ଏଥିରେ କୋଇଲା କ୍ଷେତ୍ର, ଉତ୍ପାଦନ ଓ କୋଇଲା ପ୍ରେରଣ, କାର୍ଯ୍ୟଦକ୍ଷତା ଉପରେ ଗୁରୁତ୍ୱାରୋପ କରାଯାଇଥିଲା।


କୋଲ ଇଣ୍ଡିଆ ଅଧ୍ୟକ୍ଷ ଏମ୍‌ସିଏଲ୍‌ର ବିଭିନ୍ନ ଖଣି ଅଞ୍ଚଳ ପରିଦର୍ଶନ କରି ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

# ବୌଦ୍ଧ ଜିଲାର ୨୦୨ ବିଦ୍ୟାଳୟରେ ଝୁଲୁଛି ତାଲା

**ବୌଦ୍ଧ, ୧୫।୯(ଅଜିତ୍ କୁମାର ବାରିକ)**

**ଆନ୍ଦୋଳନରେ ଶିକ୍ଷକ, ପାଠପଢ଼ା ଠପ୍**

୩ ଦଫା ଦାବି ନେଇ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେଶନ ପକ୍ଷରୁ ଆନ୍ଦୋଳନ ଡାକରା ଯୋଗୁ ସାରା ରାଜ୍ୟରେ ଶିକ୍ଷାଦାନ ପୂରା ବେହାଲ ହୋଇପଡ଼ିଛି। ବିଦ୍ୟାଳୟକୁ ନ ଯାଇ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକମାନେ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଛନ୍ତି। ଶିକ୍ଷକ ଆନ୍ଦୋଳନ ଯୋଗୁ ବୌଦ୍ଧ ଜିଲାରେ ପାଠପଢ଼ା ଠପ୍ ହୋଇଯାଇଥିବା ବେଳେ ୨୦୨ଟି ବିଦ୍ୟାଳୟରେ ତାଲା ଝୁଲୁଥିବା ଦେଖିବାକୁ ମିଳିଛି। ଏହି ଆନ୍ଦୋଳନରେ ଜିଲାର ବିଭିନ୍ନ ବର୍ଗର ପ୍ରାୟ ୧୫ ଶହ ଶିକ୍ଷୟିତ୍ରୀ ଶିକ୍ଷକ ସାମିଲ ହୋଇଛନ୍ତି।

ଶିକ୍ଷା ବିଭାଗ ସୂତ୍ରରୁ ମିଳିଥିବା ତଥ୍ୟ ଅନୁଯାୟୀ, ଜିଲାରେ ଥିବା ୬୪୦ଟି ବିଦ୍ୟାଳୟ ମଧ୍ୟରୁ ୨୦୨ଟି ବିଦ୍ୟାଳୟରେ ତାଲା ଝୁଲୁଛି। କଣ୍ଟାମାଳ ବ୍ଲକରେ ଥିବା ୨୨୧ ବିଦ୍ୟାଳୟରୁ ୫୭ଟି ଓ ବୌଦ୍ଧ ବ୍ଲକରେ ଥିବା ୨୨୬ ବିଦ୍ୟାଳୟରୁ ୬୪ଟିରେ ତାଲା ପଡ଼ିଥିବା ଜଣାପଡ଼ିଛି। ସେହିପରି ହରଭଙ୍ଗା ବ୍ଲକର ୧୯୩ ବିଦ୍ୟାଳୟରୁ ୮୧ଟିରେ ତାଲା ଝୁଲୁଥିବା ଜଣାପଡ଼ିଛି। ତାଲା ପଡ଼ିଥିବା ବିଦ୍ୟାଳୟଗୁଡ଼ିକରେ ମଧ୍ୟାହ୍ନଭୋଜନ ମଧ୍ୟ ବନ୍ଦ ରହିଛି। କଣ୍ଟାମାଳ ବ୍ଲକରେ ଥିବା ୮୩୪ ଶିକ୍ଷକଙ୍କ ମଧ୍ୟରୁ ୪୦୦ ଶିକ୍ଷକ ଆନ୍ଦୋଳନରେ ସାମିଲ ହୋଇଥିବା ବେଳେ ବୌଦ୍ଧ ବ୍ଲକରେ ୭୬୦ ଶିକ୍ଷକଙ୍କ ମଧ୍ୟରୁ ୪୬୬ ଶିକ୍ଷୟିତ୍ରୀ ଶିକ୍ଷକ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ହରଭଙ୍ଗା ବ୍ଲକରେ ୬୫୬ ଶିକ୍ଷକଙ୍କ ମଧ୍ୟରୁ ୪୦୦ରୁ ଅଧିକ ଶିକ୍ଷକ ଆନ୍ଦୋଳନରେ ସାମିଲ ହୋଇଥିବା ଜଣାପଡ଼ିଛି। ଶିକ୍ଷକଙ୍କ ଆନ୍ଦୋଳନ ଯୋଗୁ ଶିକ୍ଷା ବ୍ୟବସ୍ଥା ଭୁଶୁଡ଼ି ପଡ଼ିଛି। ଛାତ୍ରୀଛାତ୍ର ବିଦ୍ୟାଳୟ ନ ଯାଇ ଘରେ ବସି ରହିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ପୁରୁଣା ପେନ୍‌ସନ ପୁନଃ ପ୍ରଚଳନ, କନିଷ୍ଠ ଶିକ୍ଷକମାନଙ୍କୁ ନିୟମିତ କରିବା ସମେତ ଅନ୍ୟାନ୍ୟ ଦାବି ନେଇ ଗତ ୭ ତାରିଖଠାରୁ ଶିକ୍ଷକମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି।



ହରଭଙ୍ଗା ବିଇଓ ଅଫିସ୍ ଆଗରେ ଶିକ୍ଷକମାନେ ଧାରଣାରେ ବସିଛନ୍ତି।

# ମାନସିକ ନଡ଼ିଆ ବିକ୍ରି ଟେଣ୍ଡର ନିୟମ ବଦଳିଲା

**ଘଟଗାଁ,୧୫।୯(ରାଜେନ୍ଦ୍ର ପଟ୍ଟନାୟକ)**

**ଘଟଗାଁ ମା' ତାରିଣୀ ମନ୍ଦିର**

- ୧ ବର୍ଷ ପରିବର୍ତ୍ତେ ୩ ବର୍ଷିଆ ହେବ ନିଲାମ
- ଖୋଲା ବିକ୍ରିକୁ ବ୍ୟବସାୟୀ ଆସୁନାହାନ୍ତି

କେନ୍ଦୁଝର ଜିଲା ଘଟଗାଁ ମା' ତାରିଣୀଙ୍କ ମାନସିକ ଭୋଗ ନଡ଼ିଆ ବିକ୍ରିପାଇଁ କୌଣସି ଟେଣ୍ଡରଧାରୀ ଅଂଶଗ୍ରହଣ କରୁ ନ ଥିବାରୁ ଗୋଦାମରେ ୧୨ ଲକ୍ଷରୁ ଊର୍ଦ୍ଧ୍ୱ ନଡ଼ିଆ ଗଚ୍ଛିତ ହୋଇଛି। ମନ୍ଦିର ପ୍ରଶାସନ ବର୍ଷକ ପାଇଁ ୪ ଥର ଟେଣ୍ଡର ଡାକିବା ସହିତ ନିଲାମ ପ୍ରକ୍ରିୟା କରିଥିଲେ। ଏଥିରେ କେହି ଅଂଶଗ୍ରହଣ କରୁ ନ ଥିବାରୁ ଭୁବନେଶ୍ୱର ଦେବୋତ୍ତର କମିଶନର ନିୟମ ବଦଳାଇଛନ୍ତି। ୧ ବର୍ଷ ପରିବର୍ତ୍ତେ ୩ ବର୍ଷ ପାଇଁ ଟେଣ୍ଡର ଆହ୍ୱାନ କରିବା ଲାଗି ମନ୍ଦିର ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି।

ଅନ୍ୟପକ୍ଷରେ କମିଶନରଙ୍କ ନିର୍ଦ୍ଦେଶକ୍ରମେ ଗତ ୧୦ ତାରିଖଠାରୁ ଭୋଗ ନଡ଼ିଆ ଖୋଲା ବଜାର ବିକ୍ରି ଆରମ୍ଭ ହୋଇଛି। ୪ ଟଙ୍କା ୬୦ ପଇସାରେ ବିକ୍ରି ହେଉଥିବା ବେଳେ ଏହା ୨୫ ତାରିଖ ପର୍ଯ୍ୟନ୍ତ ଚାଲିବ। ମାତ୍ର ଖୋଲା ବଜାରକୁ କେହି ବ୍ୟବସାୟୀ ଆସୁ ନ ଥିବାରୁ ଆଶାନୁରୂପକ ନଡ଼ିଆ ବିକ୍ରି ହେଉନାହିଁ। କେବଳ ନଡ଼ିଆକୋରା ବ୍ୟବସାୟୀ ୨୦୦୦ରୁ ୨୫୦୦ ମଧ୍ୟରେ ନଡ଼ିଆ ବାଛି କିଣୁଥିବା ଦେଖିବାକୁ ମିଳୁଛି। ନଡ଼ିଆ ଗଚ୍ଛିତ ପରିମାଣକୁ ନଜରରେ ରଖି ଦେବୋତ୍ତର କମିଶନର ଭୋଗ ନଡ଼ିଆ ଟେଣ୍ଡର ପାଇଁ ୪.୬୫ ପଇସା ମୂଲ୍ୟ ଧାର୍ଯ୍ୟ କରି ୧ ବର୍ଷ ପରିବର୍ତ୍ତେ ୩ ବର୍ଷ ଟେଣ୍ଡର ଆହ୍ୱାନ ପାଇଁ ଜଣାଇଛନ୍ତି। ଏ ସମ୍ପର୍କରେ ମନ୍ଦିର ପ୍ରଶାସନ ୨୦୨୩ ଅକ୍ଟୋବର ୧୦ରୁ ୨୦୨୬ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ମାନସିକ ଭୋଗ ନଡ଼ିଆ ସମସ୍ତ ପ୍ରକାର ନଡ଼ିଆ ବିକ୍ରି ପାଇଁ ଟେଣ୍ଡର ନୋଟିସ କରିଛନ୍ତି। ଏଥିରେ ଭାଗନେବାକୁ ହେଲେ ଟେଣ୍ଡରଧାରୀ ମନ୍ଦିର କାର୍ଯ୍ୟାଳୟରୁ ୫୦୦ ଟଙ୍କା ମୂଲ୍ୟରେ ଟେଣ୍ଡର ଫର୍ମ ଓ ନିୟମାବଳୀ କ୍ରୟକରି ଅମାନତ ଦେୟ ବାବଦକୁ ୧ ଲକ୍ଷ ଟଙ୍କା ଡ୍ରାଫ୍ଟ କରି ମା' ତାରିଣୀଙ୍କ ନାମରେ ଦେବୋତ୍ତର କମିଶନର କାର୍ଯ୍ୟାଳୟ ଭୁବନେଶ୍ୱରକୁ ପଠାଇବା ପାଇଁ କୁହାଯାଇଛି। ନଚେତ ପୋଷ୍ଟାଲରେ ନିଜେ କାର୍ଯ୍ୟାଳୟରେ ଦେଇପାରିବେ ବୋଲି ଉଲ୍ଲେଖ ରହିଛି। ଏହି ନୂତନ ଟେଣ୍ଡର ପ୍ରକ୍ରିୟାରେ ଅଂଶଗ୍ରହଣ ପାଇଁ ଅକ୍ଟୋବର ୨୬ ତାରିଖ ଦିନ ଧାର୍ଯ୍ୟ ହୋଇଛି। ତେବେ ମନ୍ଦିର ପ୍ରଶାସନ ୧ ବର୍ଷ ପରିବର୍ତ୍ତେ ୩ ବର୍ଷ ପାଇଁ ଅବଧି ବୃଦ୍ଧିକରି ଟେଣ୍ଡର ଆହ୍ୱାନ କରିବା ପ୍ରଥମ ଘଟଣା ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

# ପୋଖରୀରେ ବୁଡ଼ି ବୃଦ୍ଧ ମୃତ

**ବେଗୁନିଆ,୧୫।୯(ହରପ୍ରସନ୍ନ ପଣ୍ଡା):** ପୋଖରୀରେ ବୁଡ଼ିଯିବାରୁ ଶୁକ୍ରବାର ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବେଗୁନିଆ ଥାନା ଭୁଆଶୁଣିପାଟଣା ଗ୍ରାମର ଇନ୍ଦ୍ରମଣି ଜାଲି(୭୬)। ସୂଚନା ମୁତାବକ, ଘର ନିକଟ ଏକ ପୋଖରୀକୁ ଶୁକ୍ରବାର ପୂର୍ବାହ୍ନରେ ସ୍ନାନ କରିବା ପାଇଁ ଇନ୍ଦ୍ରମଣି ଯାଇଥିଲେ। ଘରକୁ ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ ମଧ ତାଙ୍କୁ ପାଇ ନ ଥିଲେ। ଖବରପାଇ ବେଗୁନିଆ ଅଗ୍ନିଶମ କର୍ମଚାରୀ ପହଞ୍ଚି ପୋଖରୀରୁ ଇନ୍ଦ୍ରମଣିଙ୍କୁ ଉଦ୍ଧାର କରି ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବେଗୁନିଆ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ସମ୍ପର୍କରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୯/୨୩) ରୁଜୁକରି ତଦନ୍ତ ଚଳାଇଛି।

## ପ୍ରଥମ ପୃଷ୍ଠାରୁ...

### ରାଜ୍ୟରେ ପ୍ରତିବର୍ଷ ...

ପ୍ରଶିକ୍ଷଣ ଦେଉଛନ୍ତି। ଏହାପରେ ଅକ୍ଟୋବର ୧୫ରୁ ୩୧ ତାରିଖ ପର୍ଯ୍ୟନ୍ତ ବାଘ ଚଲାପଥ ସର୍ଭେ ହେବ। ଏହାସହ ପାଦଚିହ୍ନ ସର୍ଭେ ମଧ କରାଯିବ। ନଭେମ୍ବର ପ୍ରଥମ ସପ୍ତାହରୁ ଜାନୁୟାରୀ ୧୫ ପର୍ଯ୍ୟନ୍ତ ପ୍ରାୟ ୧ ହଜାର କ୍ୟାମେରା ଟ୍ରାପ୍ ୮ଟି ସର୍କଲରେ ଲଗାଯିବ। ବାଘଙ୍କ ମଳର ନମୁନା ସଂଗ୍ରହ କରାଯାଇ ଡିଏନ୍‌ଏ ସାମ୍ପଲିଂ କରାଯିବ। ଜାନୁୟାରୀ ୩୧ ସୁଦ୍ଧା ବାଘର ଠିକ୍ ସଂଖ୍ୟା ନେଇ କେନ୍ଦ୍ର ସରକାରଙ୍କୁ ରିପୋର୍ଟ ଦିଆଯିବ ବୋଲି ବନ୍ୟପ୍ରାଣୀ ପିସିସିଏଫ୍ ସୁଶୀଲ କୁମାର ପୋପଲି ସୂଚନା ଦେଇଛନ୍ତି।

### ସୃଷ୍ଟି ହେବ ୧୨୭୩ ...

ଗୁରୁତ୍ୱପୂର୍ଣ୍ଣ ପରିସଂଖ୍ୟାନ ସେବା(ନିଯୁକ୍ତି ଓ ସେବା ସର୍ତ୍ତାବଳୀ) ନିୟମାବଳୀ-୨୦୨୩କୁ କ୍ୟାବିନେଟ୍ ମଞ୍ଜୁରୀ ମିଳିଛି। ଓଡ଼ିଶା ଷ୍ଟାଫ ସିଲେକ୍ସନ କମିଶନ ଏହି ପରିସଂଖ୍ୟାନ ସହାୟକ ପଦବୀ ପାଇଁ ନିଯୁକ୍ତି ପ୍ରକ୍ରିୟା କରିବେ। ଏହି ପଦବୀ ପାଇଁ ଶିକ୍ଷାଗତ ଯୋଗ୍ୟତା ଯୁକ୍ତ୨ କମ୍ପ୍ୟୁଟର ପରିବର୍ତ୍ତେ ସ୍ନାତକ ଡିଗ୍ରୀ ସହ ଗଣିତ କିମ୍ବା ପରିସଂଖ୍ୟାନ ସହିତ କମ୍ପ୍ୟୁଟର ଅଭିଜ୍ଞତାକୁ ବାଧ୍ୟତାମୂଳକ କରାଯାଇଛି। ଏହି ପଦବୀ ପାଇଁ ଆବେଦନ ବୟସ ୧୮ରୁ ୨୧ବର୍ଷକୁ ବୃଦ୍ଧି କରାଯାଇଛି। ସେହିପରି ଷୋଡ଼ଶ ବିଧାନସଭାର ତ୍ରୟୋଦଶ ଅଧିବେଶନରେ ଆହୁତ ପ୍ରସ୍ତାବକୁ କ୍ୟାବିନେଟ୍ ମଞ୍ଜୁରୀ ମିଳିଛି। ଏଥିସହିତ ଓଡ଼ିଶା ଜିଏସ୍‌ଟି ଆଇନ-୨୦୧୭ର ସଂଶୋଧନ ପ୍ରସ୍ତାବକୁ କ୍ୟାବିନେଟ୍ ମଞ୍ଜୁରୀ ମିଳିଛି। ଅନଲାଇନ୍ ମନି ଗେମିଂ ଯୋଗାଣ ପାଇଁ ଭାରତ ବାହାରେ ଥିବା କୌଣସି ସ୍ଥାନରୁ ଭାରତର ଜଣେ ବ୍ୟକ୍ତିଙ୍କୁ ବାଧ୍ୟତାମୂଳକ ପଞ୍ଜୀକରଣ ନେବା ପାଇଁ ବ୍ୟବସ୍ଥା କରାଯିବ।

କ୍ୟାବିନେଟ୍ ବୈଠକରେ ଓଡ଼ିଶା ସିଭିଲ ସର୍ଭିସେସ୍ (ଯୋଗାଣ ନିରୀକ୍ଷକଙ୍କର ନିଯୁକ୍ତି ପ୍ରକ୍ରିୟା ଏବଂ ଚାକିରୀ ସର୍ତ୍ତାବଳୀ) ସଂଶୋଧନ ନିୟମ- ୨୦୨୩ ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି। ଏହି ନିୟମରେ ଥିବା ବ୍ୟବସ୍ଥା ଅନୁଯାୟୀ ଓଡ଼ିଶା ଲୋକସେବା ଆୟୋଗ ଦ୍ୱାରା ପରିଚାଳିତ ପ୍ରତିଯୋଗିତାମୂଳକ ପରୀକ୍ଷା ମାଧ୍ୟମରେ ପ୍ରତ୍ୟକ୍ଷ ନିଯୁକ୍ତି ଦ୍ୱାରା ପଦବୀ ପୂରଣ ହେବ। ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ବିଭାଗ ସହିତ ପରାମର୍ଶ କରି ଆୟୋଗ ନିଷ୍ପତ୍ତି ନେବ। ନିଯୁକ୍ତ ପ୍ରତ୍ୟେକ ବ୍ୟକ୍ତି ଏହି ପଦବୀରେ ଯୋଗଦେବା ଦିନଠାରୁ ୨ ବର୍ଷପର୍ଯ୍ୟନ୍ତ ପ୍ରୋବେଶନରେ ରହିବେ। ଏହାଦ୍ୱାରା ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଅଧୀନ ଯୋଗାଣ ନିରୀକ୍ଷକ କ୍ୟାଡରର କାର୍ଯ୍ୟ ତଥା ସୁପରିଚାଳନା ତ୍ୱରାନ୍ୱିତ ହୋଇପାରିବ।

### ୭ ଘଣ୍ଟା ଉପାସ ...

ସେମାନେ ପ୍ରଶାସନ ଉପରକୁ ଅଙ୍ଗୁଳି ଉଠାଇଛନ୍ତି। ଅପରପକ୍ଷରେ ସେବା ନିବୃତ୍ତ ବା ବାସନ୍ଦ ନେଇ ସେ ନିଯୋଗ ପକ୍ଷରୁ କିଛି ଚିଠି ପାଇ ନ ଥିବା ସମ୍ପୃକ୍ତ ସେବାୟତ ଶଙ୍ଖମିତ୍ର ସିଂହାରୀ କହିଛନ୍ତି। ତାଙ୍କର ଆଜି ପାଳି ଥିବାରୁ ସେ ପାଳି ଖଟିବାକୁ ଯାଇଥିଲେ। ସେ ଅନ୍ୟ ଜାତିରେ ବିବାହ କରିଥିବା ଅଭିଯୋଗକୁ ଅସ୍ୱୀକାର କରିଛନ୍ତି।

ସେ ଶାଢ଼ିବନ୍ଧା ସେବକଙ୍କ ଝିଅଙ୍କୁ ବିବାହ କରିଥିବା ଶଙ୍ଖମିତ୍ର କହିଛନ୍ତି। ଉଲ୍ଲେଖଯୋଗ୍ୟ, ପୂର୍ବରୁ ଅନେକଥର ମହାପ୍ରଭୁଙ୍କ ନୀତିକାନ୍ତିରେ ବିଳମ୍ବ ହେଉଥିବା ବେଳେ କେବଳ ତଦନ୍ତ ଓ ତର୍ଜମା କଥା କହି ଶ୍ରୀମନ୍ଦିର ପ୍ରଶାସନ ନିଜ ମୁଣ୍ଡରୁ ଦୋଷ ଛଡାଇ ଦେଉଛି। ମାତ୍ର କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। ଫଳରେ ପରବର୍ତ୍ତୀ ସମୟରେ ପୁଣି ମହାପ୍ରଭୁଙ୍କ ନୀତିରେ ବିଭ୍ରାଟ ଘଟୁଛି ଓ ବିଭିନ୍ନ ନୀତି ବିଳମ୍ବ ହେଉଛି। ତେଣୁ ଶ୍ରୀମନ୍ଦିର ପ୍ରଶାସନ ନୀତିକାନ୍ତିରେ ବିଭ୍ରାଟ କରୁଥିବା ସେବାୟତ ଏବଂ ଅଧିକାରୀମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉଚିତ ବୋଲି ଅନେକ ଭକ୍ତ ମତ ଦେଇଛନ୍ତି।

### ସାରା ରାଜ୍ୟରେ ...

୭୯.୧୬ଲକ୍ଷ ମେଟ୍ରିକ ଟନ୍ ଧାନ(୫୩.୫୭ ଲକ୍ଷ ମେଟ୍ରିକ ଟନ୍ ଚାଉଳ) ସଂଗ୍ରହ କରାଯାଇଥିଲା। ଚଳିତବର୍ଷ ଅକ୍ଟୋବର ପହିଲାରୁ ୨୦୨୪ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ଖାଦ୍ୟ ଓ ସଂଗ୍ରହଣ ନୀତି ୨୦୨୩-୨୪ ବଳବତ୍ତର ରହିବ। ନଭେମ୍ବରରୁ ମାର୍ଚ୍ଚ ପର୍ଯ୍ୟନ୍ତ ଖରିଫ ଧାନ ଓ ୨୦୨୪ ମେ' ଓ ଜୁନ୍‌ରେ ରବି ଋତୁ ଧାନ ସଂଗ୍ରହ କରାଯିବ। ପଞ୍ଜୀକୃତ ଚାଷୀମାନେ ଯଦି ଧାର୍ଯ୍ୟଲକ୍ଷ୍ୟ ୭୯ଲକ୍ଷ ମେଟ୍ରିକ ଟନ୍‌ଠୁ ଅଧିକ ଧାନ ମଣ୍ଡିକୁ ଆଣିବେ ତାହାକୁ ରାଜ୍ୟ ସରକାର କ୍ରୟ କରିବେ ବୋଲି ନିଷ୍ପତ୍ତି ନିଆଯାଇଛି। କେବଳ ପଞ୍ଜୀକୃତ ଚାଷୀଙ୍କଠୁ ବଳକା ଧାନ ସଂଗ୍ରହ କରାଯିବ। ଧାନ ବିକ୍ରି ପାଇଁ ଆଧାର ଏକମାତ୍ର ପରିଚୟପତ୍ର ହେବ। ଚାଷୀଙ୍କ ବାୟୋମେଟ୍ରିକ ଚିହ୍ନଟୀକରଣ ବ୍ୟବସ୍ଥା କରାଯିବ। ଚାଷୀଙ୍କୁ କୁଇଣ୍ଟାଲ ପିଛା ସାଧାରଣ ଧାନ ଓ ଗ୍ରେଡ୍-ଏ' ଧାନ ପାଇଁ ଯଥାକ୍ରମେ ୨୧୮୩ ଟଙ୍କା ଓ ୨୨୦୩ଟଙ୍କା ସର୍ବନିମ୍ନ ସହାୟକ ମୂଲ୍ୟ ପ୍ରଦାନ କରାଯିବ। ଖିଲାପି ମିଲରଙ୍କୁ ଚଳିତଥର ଧାନ ସଂଗ୍ରହ ପାଇଁ ଅନୁମତି ଦିଆଯିବ ନାହିଁ। ପି-ପାସ୍ ମାଧ୍ୟମରେ ଚାଷୀଙ୍କୁ ୪୮ଘଣ୍ଟା ମଧ୍ୟରେ ସେମାନଙ୍କ ପ୍ରାପ୍ୟ ପ୍ରଦାନ କରାଯିବ ବୋଲି କୁହାଯାଇଛି । ରାଜ୍ୟରେ ପୂର୍ତ୍ତ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା ତଥା ଓଡ଼ିଶା ସେତୁ ଏବଂ ନିର୍ମାଣ ନିଗମ ଦ୍ୱାରା ପରିଚାଳିତ ୩୫ଟି ଟୋଲ୍‌ଗେଟ୍‌କୁ ଉଚ୍ଛେଦ କରିବା ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ ମିଳିଛି ।

### ୩ ଜିଲାରେ ସ୍କ୍ରବ୍...

ରହିବା, ମୁଣ୍ଡ ବିନ୍ଧା ହେବା। ପୋକ କାମୁଡିବାର ୩ ସପ୍ତାହ ମଧ୍ୟରେ ଜ୍ୱର ହୁଏ । ୧୦ ଦିନ ଭିତରେ ଜ୍ୱର ଭଲ ହେବା କଥା। ଯଦି ଜ୍ୱର ଭଲ ନ ହୁଏ, ରୋଗ ଜଟିଳ ହେଲେ ମୃତ୍ୟୁ ଆଶଙ୍କା ରହିଛି। ଏହା ଯୋଗୁ ନିମୋନିଆ, କିଡନୀ, ଲିଭର ଓ ବ୍ରେନ୍ ଆଫେକ୍ଟ ହେବାର ଅଧିକ ଆଶଙ୍କା ରହିଛି। ଏଣୁ ବିଲ ବାଡିରେ କାମ କରୁଥିବା ଲୋକ, ଜଙ୍ଗଲ ଯାଉଥିବା ଲୋକ ଫୁଲ୍ ହାତ ଶାର୍ଟ ପିନ୍ଧନ୍ତୁ ଓ ସତର୍କ ରୁହନ୍ତୁ ବୋଲି ଡା. ମିଶ୍ର ପରାମର୍ଶ ଦେଇଛନ୍ତି।

### ଚିକିତ୍ସିତ ହୋଇ ଫେରିବା ...

ତ୍ରିଲୋଚନ, ଦାଦା ବିଜୟଙ୍କୁ ନେଇ କିମ୍ସର ଏକ ଆମ୍ବୁଲାନ୍ସ ବେଙ୍ଗାଲୁରୁ ଭିକ୍ଟୋରିଆ ହସ୍ପିଟାଲ ଯାଇଥିଲା। ସେଠାରେ ଡାକ୍ତର ଉମେଶଙ୍କ ମସ୍ତିଷ୍କ ଇନ୍‌ଫେକ୍ସନ ହୋଇନାହିଁ ବରଂ କିଡ୍‌ନୀ ନଷ୍ଟ ହୋଇଥିବା କହି ଗୁରୁବାର ଫେରାଇ ଦେଇଥିଲେ। ସେମାନେ ଉକ୍ତ ଆମ୍ବୁଲାନ୍ସରେ ଫେରୁଥିବା ବେଳେ ଶୁକ୍ରବାର ଭୋରୁ ବେଙ୍ଗାଲୁରୁ-ତିରୁପତି ଜାତୀୟ ରାଜପଥ ଆନ୍ଧ୍ରପ୍ରଦେଶର ଚିତୋର ଜିଲା ତାୱାନାମପାଲ୍ଲୀ ମଣ୍ଡଳ ଅନ୍ତର୍ଗତ ତେଲ୍ଲାଗୁଣ୍ଡଲାପାଲ୍ଲୀ ଅଞ୍ଚଳରେ ରାସ୍ତାରେ ଠିଆ ହୋଇଥିବା ଗୋଟିଏ ତେଲ ଟ୍ୟାଙ୍କରକୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ଲିଲିମା, ଉମେଶ, ତ୍ରିଲୋଚନ ଓ ବିଜୟଙ୍କ ମୃତ୍ୟୁ ହୋଇଥିଲା ବୋଲି ବିଜୟଙ୍କ ପରିବାର ପକ୍ଷରୁ ଜଣାପଡ଼ିଛି। ସ୍ଥାନୀୟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତ ଓ ଆହତଙ୍କୁ ଚିତୋର ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରିଥିବା ଜଣାପଡ଼ିଛି। ଏହାକୁ ନେଇ ଆଳି ଓ ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଶୋକରଛାୟା ଖେଳିଯାଇଛି।


ଉମେଶ ସାହୁ


ରଶ୍ମିତା ସାହୁ


ତ୍ରିଲୋଚନ ନାୟକ


ବିଜୟ ନାୟକ

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# କଂଗ୍ରେସରେ ଜୟଦେବ ନିର୍ବାଚନମଣ୍ଡଳୀର ନେତା, କର୍ମୀ

**ଭୁବନେଶ୍ୱର, ୧୫।୯(ସୁନିତ୍ ମିଶ୍ର):** ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକଙ୍କ ନେତୃତ୍ୱ ପ୍ରତି ଆସ୍ଥା ପ୍ରକଟକରି ଜୟଦେବ ନିର୍ବାଚନମଣ୍ଡଳୀର ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଆର୍ତ୍ତତ୍ରାଣ କାଣ୍ଡିଙ୍କ ସମେତ ବିଭିନ୍ନ ଦଳରୁ ଆସିଥିବା ବହୁ କର୍ମୀ ଶୁକ୍ରବାର କଂଗ୍ରେସରେ ଯୋଗ ଦେଇଛନ୍ତି। ଏହି ଉପଲକ୍ଷେ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟଠାରେ ଆୟୋଜିତ ମିଶ୍ରଣ ପର୍ବ କାର୍ଯ୍ୟକ୍ରମରେ ପିସିସି ସଭାପତି ସମସ୍ତଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ଦଳରେ ଗ୍ରହଣ କରିଛନ୍ତି। ସେମାନଙ୍କ ଯୋଗଦାନ ଜୟଦେବ ନିର୍ବାଚନମଣ୍ଡଳୀରେ କଂଗ୍ରେସକୁ ସୁଦୃଢ଼ କରିବ ବୋଲି ଶରତ କହିଛନ୍ତି। ଖୋର୍ଦ୍ଧା ଜିଲା କଂଗ୍ରେସ କମିଟି ସଭାପତି ସୁରେଶ କୁମାର ରାଉତରାୟ ସମସ୍ତଙ୍କୁ ସ୍ୱାଗତ କରିବା ସହ ଆଗାମୀ ଦିନରେ ଦଳ ପାଇଁ ଉତ୍ସର୍ଗୀକୃତ ଭାବେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଛନ୍ତି। ଆର୍ତ୍ତତ୍ରାଣ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ଦଳ ତାଙ୍କୁ ଯେଉଁ ଦାୟିତ୍ୱ ଦେବ ସେ ତାକୁ ନିଷ୍ଠାର ସହ ପାଳନ କରିବେ।

# ଲୋକ ସଭା, ରାଜ୍ୟ ବିଧାନସଭା ନିର୍ବାଚନ ଉପରେ ଆଲୋଚନା ହେବ

**ହାଇଦ୍ରାବାଦ,୧୫।୯**

ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କ ଅଧ୍ୟକ୍ଷତାରେ ନବଗଠିତ କଂଗ୍ରେସ କାର୍ଯ୍ୟକାରୀ କମିଟି (ସିଡବ୍ଲ୍ୟୁସି)ର ପ୍ରଥମ ବୈଠକ ଶନିବାର ହାଇଦ୍ରାବାଦରେ ଅନୁଷ୍ଠିତ ହେବାକୁ ଯାଉଛି। ଏହି ବୈଠକରେ ଦଳର ବରିଷ୍ଠ ନେତାମାନେ ୫ ରାଜ୍ୟରେ ହେବାକୁ ଥିବା ବିଧାନସଭା ନିର୍ବାଚନ ଏବଂ ୨୦୨୪ ଲୋକ ସଭା ନିର୍ବାଚନ ସମ୍ପର୍କରେ ବିଚାର ବିମର୍ଶ କରିବେ ବୋଲି ଏକ ସୂତ୍ରରୁ ଜଣାପଡ଼ିଛି। ଏହା ବ୍ୟତୀତ କନ୍ୟାକୁମାରୀରୁ କଶ୍ମୀର ଭାରତ ଯୋଡ଼ୋ ଯାତ୍ରାର ସଫଳତା ପରେ ଦ୍ୱିତୀୟ ପର୍ଯ୍ୟାୟ ପଦଯାତ୍ରା (ଭାରତ ଯୋଡ଼ୋ ଯାତ୍ରା ୨.୦) ଆରମ୍ଭ କରିବା ନେଇ କମିଟି ଆଲୋଚନା କରିପାରେ ବୋଲି କୁହାଯାଉଛି। ଖାର୍ଗେଙ୍କ ଅଧ୍ୟକ୍ଷତାରେ ଦଳର ଶୀର୍ଷ ନୀତି ନିର୍ଦ୍ଧାରକ ସଂସ୍ଥା ସିଡବ୍ଲ୍ୟୁସିର ପୁନର୍ଗଠନ କରାଯାଇଥିଲା। ଏଥିରେ ୩୯ ନିୟମିତ ସଦସ୍ୟ ରହିଛନ୍ତି। ଦୁଇଦିନ ଚାଲିବାକୁ ଥିବା ଏହି ବୈଠକର ଦ୍ୱିତୀୟ ଦିନରେ ସବୁ ରାଜ୍ୟର କଂଗ୍ରେସ ସଭାପତି ଏବଂ ବିଧାୟକ ଦଳ ନେତା ଯୋଗଦେବେ। ୧୭ ସନ୍ଧ୍ୟାରେ ତେଲଙ୍ଗାନା ଜାତୀୟ ସଂହତି ଦିବସ ପାଳନ ଅବସରରେ କଂଗ୍ରେସ ହାଇଦ୍ରାବାଦରେ ଏକ ମେଗା ରାଲିର ଆୟୋଜନ କରୁଛି। ସେଠାରେ ତେଲଙ୍ଗାନା ବିଧାନସଭା ନିର୍ବାଚନ ପାଇଁ ଦଳ ପକ୍ଷରୁ ୫ ଗ୍ୟାରେଣ୍ଟି ଘୋଷଣା କରାଯିବ। ନିର୍ବାଚନ ହେବାକୁ ଥିବା ତେଲଙ୍ଗାନାରେ ଦଳର ପ୍ରଚାରକୁ ବଢ଼ାଇବା ଉଦ୍ଦେଶ୍ୟରେ ହାଇଦ୍ରାବାଦରେ ସିଡବ୍ଲ୍ୟୁସିର ପ୍ରଥମ ବୈଠକ ବସୁଛି। ନିର୍ବାଚନରେ ବିଆର୍‌ଏସ୍ ସରକାରକୁ କ୍ଷମତାରୁ ହଟାଇବା ଲାଗି ବାର୍ତ୍ତା ଦିଆଯିବ। ସିଡବ୍ଲ୍ୟୁସି ବୈଠକରେ ରାଜସ୍ଥାନ, ମଧ୍ୟପ୍ରଦେଶ, ଛତିଶଗଡ଼, ତେଲଙ୍ଗାନା ଓ ମିଜୋରାମ ବିଧାନସଭା ନିର୍ବାଚନ ସମେତ ୨୦୨୪ ଲୋକ ସଭା ନିର୍ବାଚନରେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏକୁ ପରାସ୍ତ କରିବା ନିମନ୍ତେ ରଣକୌଶଳ ସ୍ଥିର କରାଯିବ ବୋଲି ଜଣାପଡ଼ିଛି।

### ଆଜି ନୂଆ ସିଡବ୍ଲ୍ୟୁସିର ପ୍ରଥମ ବୈଠକ



ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମାଙ୍କ ସ୍ତ୍ରୀ ରିଙ୍କି ଭୂୟାଁ ଶର୍ମାଙ୍କୁ ରିହାତିରେ ଜମି ଯୋଗାଣର ତଦନ୍ତ ଦାବି ନେଇ କଂଗ୍ରେସ ବିଧାୟକମାନେ ଗୌହାଟୀଠାରେ ଶୁକ୍ରବାର ପ୍ଲାକାର୍ଡ ଧରି ବିରୋଧ ପ୍ରଦର୍ଶନ କରୁଛନ୍ତି।


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**ମୁଦ୍ରା ଫାଇନାନ୍ସ**
**PM ମୁଦ୍ରା ଯୋଜନା ଅଧୀନରେ**
1 ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ।
**2% ସୁଧ, 40% ରିହାତି**
**ମହିଳାଙ୍କ ପାଇଁ ବିଶେଷ ରିହାତି**
ଅନ୍‌ଲାଇନ୍ ସୁବିଧା।
**ମୁଦ୍ରା ଫାଇନାନ୍ସ**
Mob. 7382841797

**BIJAYA FINANCE**
Bijaya Finance ସମସ୍ତ ପ୍ରକାର Loan ୧୦ ଦିନ ମଧ୍ୟରେ ଯୋଗାଇ ଦେଉଛି। ବ୍ୟବସାୟ, Personal, କୃଷି, ଶିକ୍ଷା, କୁକୁଡ଼ାଫାର୍ମ, ଗାଈପାଳନ ଓ ମାଛ ଚାଷ ଇତ୍ୟାଦି ସମସ୍ତ ପ୍ରକାର Loan ଘରେ ବସି ପାଆନ୍ତୁ। ସୁଧ ୨%
Mob:7656825212
7656825011

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ବାଚସ୍ପତି ନିର୍ବାଚନ ବର୍ଜନ କରିବ ଭାଜପା: ନାଉରୀ

### ନୂଆଁଖାଇ ପରଦିନ ଥିବାରୁ ଏଭଳି ନିଷ୍ପତ୍ତି

**ସମ୍ବଲପୁର,୧୫।୯ (ଶୁଭାଶିଷ ପାଢ଼ୀ)**

ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ପରଦିନ ଅର୍ଥାତ୍ ସେପ୍ଟେମ୍ବର ୨୧ରେ ସରକାର ବିଧାନସଭାର ବାଚସ୍ପତି ପଦ ପାଇଁ ନିର୍ବାଚନ କରିବାକୁ ଦିନ ଧାର୍ଯ୍ୟ କରିଛନ୍ତି। ଭାବାବେଗ ସହିତ ଜଡିତ ଏହି ପର୍ବକୁ ଲୋକେ ଉତ୍ସାହର ସହ ପାଳନ କରିଥାନ୍ତି। ଏଭଳି ସ୍ଥିତିରେ ରାଜ୍ୟ ସରକାର ଜାଣିଶୁଣି ୨୧ ତାରିଖ ନିର୍ବାଚନ ରଖିଛନ୍ତି। ଏହାକୁ ଭାଜପା ବର୍ଜନ କରୁଛି। ବାଚସ୍ପତି ନିର୍ବାଚନରେ କୌଣସି ଭାଜପା ବିଧାୟକ ଯୋଗଦେବେ ନାହିଁ ବୋଲି ସମ୍ବଲପୁର କଚେରିସ୍ଥିତ ଦଳୀୟ କାର୍ଯ୍ୟାଳୟରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ବିଧାୟକ ତଥା ରାଜ୍ୟ ଉପସଭାପତି ନାଉରୀ ନାଏକ କହିଛନ୍ତି।



ଖବରଦାତା ସମ୍ମିଳନୀରେ ବିଧାୟକ ନାଉରୀ ନାୟକ ଓ ଅନ୍ୟମାନେ।

ସେ ଆହୁରି କହିଛନ୍ତି, ସେପ୍ଟେମ୍ବର ୧୮ରେ ନାମାଙ୍କନ ପତ୍ର ଦାଖଲ ଓ ୨୧ରେ ନିର୍ବାଚନ ହେବ ବୋଲି ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇସାରିଛି। ଏହାକୁ ପୂର୍ବରୁ ବିରୋଧ କରାଯିବା ସହ ସମୟ ପରିବର୍ତ୍ତନ କରିବାକୁ କୁହାଯାଇଥିଲା। ହେଲେ ସରକାର ନିଜ ଜିଦ୍‌ରେ ଅଟଳ ରହିଛନ୍ତି। ପଶ୍ଚିମ ଓଡ଼ିଶାବାସୀଙ୍କ ପାଇଁ ନୂଆଁଖାଇର ଯେତିକି ଗୁରୁତ୍ୱ ରହିଛି ପରଦିନ ଅର୍ଥାତ୍ ନୂଆଁଖାଇ ଭେଟ୍‌ଘାଟ୍‌ର ମଧ୍ୟ ସେତିକି ମହତ୍ତ୍ୱ ରହିଛି। ତେଣୁ ପଶ୍ଚିମ ଓଡ଼ିଶାର କୌଣସି ବିଧାୟକ ଭୁବନେଶ୍ୱର ଯାଇ ବିଧାନସଭାରେ ଉପସ୍ଥିତ ରହିବା ସମ୍ଭବପର ନୁହେଁ। ଏଭଳି ନିଷ୍ପତ୍ତି ସମ୍ପୂର୍ଣ୍ଣ ଅଗଣତାନ୍ତ୍ରିକ ଓ ଜିଦ୍‌ଖୋର୍ ମନୋବୃତ୍ତିକୁ ଦର୍ଶାଉଛି। ଅପରପକ୍ଷେ ଶାସକ ଦଳର ବିଧାୟକମାନେ ମଧ୍ୟ ଏହି ପ୍ରସଙ୍ଗରେ କାହିଁକି ଚୁପ୍ ଅଛନ୍ତି ବୋଲି ନାଉରୀ ପ୍ରଶ୍ନ କରିଛନ୍ତି। ଖବରଦାତା ସମ୍ମିଳନୀରେ ଭାଜପା ଜିଲା ସଭାପତି ଗିରିଶ ପଟେଲ, କ୍ଷେତ୍ରୀୟ ପ୍ରବକ୍ତା ମାନସ ରଞ୍ଜନ ବକ୍ସି, ଜିଲା ଗଣମାଧ୍ୟମ ସଂଯୋଜକ ସଞ୍ଜୟ ଷଡ଼ଙ୍ଗୀ, ଜିଲା ଯୁବ ମୋର୍ଚ୍ଚା ସଭାପତି ଅଶ୍ୱିନୀ ମାଝି ଓ ମହିଳା ମୋର୍ଚ୍ଚା ସଭାନେତ୍ରୀ ଅନ୍ନପୂର୍ଣ୍ଣା ବାରିକ ଉପସ୍ଥିତ ଥିଲେ।

# କାରିଗରଙ୍କ ପାଇଁ 'ବିଶ୍ୱକର୍ମା ଯୋଜନା' ଆରମ୍ଭ କରିବ କେନ୍ଦ୍ର: ପ୍ରତାପ

**ଭୁବନେଶ୍ୱର, ୧୫।୯(ସୁନିତ୍ ମିଶ୍ର)**

କାରିଗରମାନେ ସମାଜର ସୌନ୍ଦର୍ଯ୍ୟକରଣ କରୁଛନ୍ତି। କିନ୍ତୁ ତାଙ୍କ ବିଷୟରେ କେହି ଚିନ୍ତାକରୁ ନ ଥିବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି 'ବିଶ୍ୱକର୍ମା ଯୋଜନା'ର ଘୋଷଣା କରିଛନ୍ତି। ଏହି ଯୋଜନା ଦ୍ୱାରା ଗ୍ରାମୀଣ ଓ ସହରାଞ୍ଚଳର ପାରମ୍ପରିକ କାରିଗର ଓ ଶିଳ୍ପକାରମାନେ ଉପକୃତ ହେବେ। କୌଳିକ ବୃତ୍ତିକୁ ଆପଣାଇ ଯେଉଁମାନେ ଜୀବିକାର୍ଜନ କରୁଛନ୍ତି ସେମାନଙ୍କ କୌଶଳ ଅଭ୍ୟାସକୁ ସୁଦୃଢ଼ କରିବା ପାଇଁ 'ବିଶ୍ୱକର୍ମା ଯୋଜନା'ରେ ଆର୍ଥିକ ସହାୟତା ଯୋଗାଇ ଦିଆଯିବ। ଏଭଳି ଅଭିନବ ଓ କ୍ରାନ୍ତିକାରୀ ଯୋଜନା ଦ୍ୱାରା ସାଧାରଣ କାରିଗରମାନେ ଉପକୃତ ହେବେ। ପଣ୍ଡିତ ଦିନ୍‌ଦୟାଲ ଉପାଧ୍ୟାୟଙ୍କ ଅନ୍ତ୍ୟୋଦୟର ବିଚାର ଉପରେ ଆଧାରିତ 'ବିଶ୍ୱକର୍ମା ଯୋଜନା' ଦ୍ୱାରା ସମାଜର ତଳସ୍ତରର ଲୋକମାନେ ଲାଭାନ୍ୱିତ ହେବେ ବୋଲି ଭାଜପା ଏମ୍‌ପି ପ୍ରତାପ ଷଡ଼ଙ୍ଗୀ ସୂଚନା ଦେଇଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପ୍ରତାପ କହିଛନ୍ତି, ସମାଜର ତଳସ୍ତରର ଲୋକଙ୍କ ଆବଶ୍ୟକତା ପୂରଣ, ସେମାନଙ୍କୁ ଆତ୍ମନିର୍ଭର କରାଇବା ଏବଂ ରାଷ୍ଟ୍ରୀୟ ବିକାଶରେ ସହଭାଗିତାକୁ ସୁନିଶ୍ଚିତ କରିବା ଦିଗରେ କେନ୍ଦ୍ର ସରକାର ଗୁରୁତ୍ୱ ଦେଇଆସୁଛନ୍ତି। ଏଥିପାଇଁ ଆସନ୍ତା ୧୭ରେ ପ୍ରଧାନମନ୍ତ୍ରୀ 'ବିଶ୍ୱକର୍ମା ଯୋଜନାର' ଆରମ୍ଭ କରିବେ। ଏହାସହ ଦେଶର ବିଭିନ୍ନ ସ୍ଥାନରେ ଉକ୍ତ ଯୋଜନାର ଏକା ସାଙ୍ଗରେ ଶୁଭାରମ୍ଭ ହେବ। ଓଡ଼ିଶାର ୩ ସ୍ଥାନ ଯଥା ସମ୍ବଲପୁରରେ କେନ୍ଦ୍ରମନ୍ତ୍ରୀ ଜନ୍ ବାର୍ଲା, ପୁରୀରେ ମହେନ୍ଦ୍ର ଭାଇ ମୁଞ୍ଜାପରା ଏବଂ ଭୁବନେଶ୍ୱରରେ ଅଶ୍ୱିନୀ ବୈଷ୍ଣବ ଉପସ୍ଥିତ ରହି ଉକ୍ତ ଯୋଜନାର ଶୁଭାରମ୍ଭ କରିବେ। ଏହି ଯୋଜନାରେ କାରିଗରମାନଙ୍କୁ ପିଏମ୍ ବିଶ୍ୱକର୍ମା ସାର୍ଟିଫିକେଟ ଓ ଆଇଡି କାର୍ଡ ମିଳିବ। ଏଥିରେ ମାତ୍ର ୫ ପ୍ରତିଶତ ରିହାତିମୂଳକ ସୁଧ ହାରରେ ହିତାଧିକାରୀଙ୍କୁ ପ୍ରଥମ ପର୍ଯ୍ୟାୟରେ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଏବଂ ୨ୟ ପର୍ଯ୍ୟାୟରେ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯିବ ବୋଲି ପ୍ରତାପ କହିଛନ୍ତି।

### ଓଡ଼ିଶାର ୩ ସ୍ଥାନରେ ଶୁଭାରମ୍ଭ ହେବ, ଯୋଗଦେବେ ୩ କେନ୍ଦ୍ରମନ୍ତ୍ରୀ


# Classified Everyday 0674-2580101, 2549949



REAL ESTATE
**SALE**

3BHK flat sale Esplanade back side (Rasulgarh) and Kalinga Nagar. 8457092465. D-1324

Duplex sale at Bhubaneswar @ 57lakhs only. Contact-9777433701. D-75213

ଭୁବନେଶ୍ୱର ତମାଣ୍ଡୋ ବଜାର ନିକଟରେ **30' road, boundary,** ଇଲେକ୍ଟ୍ରିସିଟି ଥାଇ ପ୍ଲଟ୍ କିଣନ୍ତୁ। **7894216209.** D-75215

ନଖରା ତ୍ରିନାଥବଜାର ମହୀଧରପଡ଼ା ପାଖରେ SC plot 7400sqft 11,00,000/-(outright) 7978663279. D-75208

Bhubaneswar ଜଟଣୀ- ପିପିଲି ରୋଡ୍‌ରେ 7,20,000/- ପ୍ଲଟ୍ କିଣି ଘର କରନ୍ତୁ। 9938016295. D-75214

Outright and Sharing land available for Duplex/ Apartment Projects around Bhubaneswar/ Cuttack/ Khordha/ Puri. 8984071303. D-1319

ଭୁବନେଶ୍ୱର, ଗ୍ୟାରେଜ ଛକରେ 30' ରୋଡ୍ ଥାଇ ଘରବାଡ଼ି, ପାଚେରି ପ୍ଲଟ୍ ବିକ୍ରି ହେବ। 9827119799. D-1303

**Patia (KIIT) ଦାରୁଠେଙ୍ଗ ODM Global School ପାଚେରିକୁ ଲାଗି ବାସୋପଯୋଗୀ ପ୍ଲଟ୍ କିଣନ୍ତୁ। 9337830407.** D-75212

New Cancer Hospital ନାଇଜର, ଜଟଣୀ yellow zone BDA ୨୦୦ ଫୁଟ ରାସ୍ତାକୁ ଲାଗି ବର୍ଗଫୁଟ ୩୦୦-୮୦୦ରେ ଜାଗା ବିକ୍ରି ହେଉଛି। 7008323065. D-75146



1300sqft. single house at Pragati Enclave Chandrasekhar Bhubaneswar, with garage, for residence / corporate guesthouse contact 7978605216 D-75302

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



Newly open SPA positively health benefits with expert therapist. 9938843929. D-75147

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-75037

Full body massage in homely atmosphere in all therapy. Mob: 8114881641. D-73443



All type of Gemstones, Astrology, Crystal, Vastu, Rudraksh, Yantra, Kavach at Wholesale-Retail @8093050401. D-1248

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**AFFIDAVIT**

I Sri Yashasvi Baneswar Mishra, Age:-22 S/o- Managovinda Mishra, At- AM1-01, Little Row, Covent Garden, Adhalia, Cuttack, Odisha-754001 change my name from YASHASVI B MISHRA to YASHASVI BANESWAR MISHRA for my class 10 mark certificate of CBSE Board and my Degree Certificate of Engineering College & all purpose. D-1325

I, Tushar Ranjan Ratha, S/o Debaraj Ratha, At-Arjunpur, P.O.- Villigram, P.S- Nimapara, Dist.- Puri, by virtue of the affidavit sworn before the Executive Magistrate, Bhubaneswar on dtd. 20.5.2023 bearing No.- (60AA559159) on the deed of "Adoption Acknowledgement & Gift" executed earlier vide Registration No.-11521200383 dt. 7.3.2012 in Office Subregistrar, Nimapara, I shall be henceforth known as Tushar Ranjan Ratha, S/o Debaraj Ratha instead of Tushar Ranjan Sarangi, S/o Narayan Sarangi for all purpose. D-46565

By virtue of an affidavit sworn before the Notary Public, Sambalpur, I, Pankajini Nayak, W/o. Late Haraprasad Nayak, R/o. Modipara, Ps. Town, Dist. Sambalpur-768002 declare that my actual name is Pankajini Nayak which was mentioned in my Aadhaar card. But in other documents my name has been mentioned as Pankajini Naik. That Pankajini Nayak and Pankajini Naik are the names of same and single person. D-1326

I MAHENDRA CHAUDHURI, S/o Late Manika Chaudhuri residing at- Nigamananda Lane, Simlipada, Angul Town, P.O/ Dist.- Angul, Odisha, 759122, declare by this affidavit No- 2206, date- 07.09.2023. That now onwards I shall be known as MAHENDRA KUMAR CHOUDHRY for all future purposes. D-1321

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

I, ANITA CHAUDHURI, W/o Mahendra Kumar Choudhry residing at Nigamananda Lane, Simlipada, Angul Town, P.O/ Dist.-Angul, Odisha, 759122, declare by this affidavit No.- 2205, date- 07.09.2023. That now onwords I shall be known as ANITA CHOWDHARY for all future purposes. D-1322

I, MOHINI DEVI CHAUDHURI, W/o Late Manika Chaudhuri residing at Nigamananda Lane, Simlipada, Angul Town, P.O/ Dist.- Angul, Odisha, 759122, declare by this affidavit No.-2204, date- 07.09.2023. That now onwards I shall be known as MOHINIDEVI CHOWDHARY for all future purposes. D-1323

ଧରିତ୍ରୀ DHARITRI **Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

**LEGAL NOTICE**

In the Court of Senior Civil Judge, Talcher, Publication Notice U/O 5 Rule 20 CPC Succession misc case- 03/ 2022

ଅତୁଲ୍ୟ ନାଏକ ଓ ଅନ୍ୟମାନେ .... petitioner
Vrs
ଏରିଆ ପର୍ସୋନାଲ ମ୍ୟାନେଜର, ଏନ.ଏସ.ସି.ଏଚ. ଏମ.ସି.ଏଲ ....... Op
ଦରଖାସ୍ତ U/S ୩୭୨ ହିନ୍ଦୁ ସକ୍‌ସେସନ ଆକ୍ଟ

ଏତଦ୍ୱାରା ଜଣାଇ ଦିଆଯାଉଛି ଯେ, ଦରଖାସ୍ତକାରୀ ଅତୁଲ୍ୟ ନାଏକ, ସ୍ୱା-କୃତାର୍ଥ ନାଏକ, କୃତାର୍ଥ ନାଏକ, ପିତା- ୰ ଲକ୍ଷ୍ମଣ ନାଏକ, ସା- ଭାଲୁଗାଡ଼ିଆ, ପୋ- କୁମୁଣ୍ଡା, ଥାନା- କୋଲିୟରୀ, ଜିଲ୍ଲା- ଅନୁଗୋଳ, ସିଭିଲ ଜଜ ସିନିୟର ଡିଭିଜନ ତାଳଚେରଙ୍କ ଅଦାଲତରେ ଉପରୋକ୍ତ ମକଦ୍ଦମା ଦାଖଲ କରିଛନ୍ତି। ଏଥିରେ ଏରିଆ ପର୍ସୋନାଲ ମ୍ୟାନେଜର, ଏନ.ଏସ.ସି.ଏଚ. ଡେରା, ଏମ.ସି.ଏଲ ତାଳଚେରଙ୍କୁ ପକ୍ଷ କରିଛନ୍ତି। ଉପରୋକ୍ତ ଦରଖାସ୍ତକାରୀମାନେ ଗୋକୁଳା ନାଏକଙ୍କର ଉତ୍ତରାଧିକାରୀ ବୋଲି ଅଭିଯୋଗ କରିଛନ୍ତି ଏବଂ ତାଙ୍କର ବକେୟା ରାଶି ଟ.୧୦,୦୦,୦୦୦/- ଅପରପକ୍ଷ ଏମ.ସି. ଏଲଙ୍କଠାରୁ ପାଇବା ନିମନ୍ତେ ଦରଖାସ୍ତ କରିଛନ୍ତି। ଏଣୁ ଏହି ଖବରକାଗଜ ମାଧ୍ୟମରେ ଜଣାଇଦିଆଯାଉଛି ଯେ, ଏଥିରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତା'ହେଲେ ଯଥାଶୀଘ୍ର ଉଚିତ ସମୟ ମଧ୍ୟରେ ଉପରୋକ୍ତ ଅଦାଲତରେ ଜଣାଇବା ହେବେ। ଅନ୍ୟ ପକ୍ଷେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।
ସ୍ୱା./- ସିନିୟର ସିଭିଲ ଜଜ, ତାଳଚେର
ଧ-୧୩୧୬

**ମନେ ପଡ଼ନ୍ତି**

ସ୍ମୃତିରେ ...
**ଗାନ୍ଧୀ ମଣିଷ ଦୋଳଗୋବିନ୍ଦ**



**ପଞ୍ଚମ ଶ୍ରାଦ୍ଧବାର୍ଷିକୀ**
ତା: ୧୬.୦୯.୨୦୨୩ (ଶନିବାର)

ଆପଣଙ୍କୁ ସ୍ମରଣ କରି କୃତଜ୍ଞତା ଜଣାଉଛୁ।
ଦେବରାଜ, ଅମ୍ବିକା, ପୁଷ୍ପରାଜ, ପୁଷ୍ପାଞ୍ଜଳି, ପୃଥ୍ୱୀରାଜ, ସ୍ନିଗ୍ଧା, ପ୍ରଜ୍ଞରାଜ, ସବିତା, ସତ୍ୟଭାମା, ସର୍ବେଶ୍ୱର, ହୈମବତୀ, ଅରିନ୍ଦମ, ନିବେଦିତା, ବିଜୟ, ସବିତା, ସଂଜୟ, ଟୁକୁନି
ମହାତ୍ମାଗାନ୍ଧୀ ଅହିଂସା ଐତିହ୍ୟ ଟ୍ରଷ୍ଟ ପକ୍ଷରୁ ଡଃ ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର, ଡଃ ବୁଦ୍ଧ ଦେବ ମିଶ୍ର
ଧ-୧୩୩୧

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



**୰ଶିକ୍ଷାବିତ୍ ସ୍ୱର୍ଗତ ଶତ୍ରୁଘ୍ନ ଭୁତିଆ**
ଉତର କୁଞ୍ଜକାନ୍ତ, ଢେଙ୍କାନାଳ ଟାଉନ
ଆବିର୍ଭାବ-୧୧।୦୮।୧୯୪୩
ତିରୋଧାନ- ୨୮।୦୮।୨୦୨୨

ଚାହୁଁ ଚାହୁଁ ଏକବର୍ଷ ବିତିଗଲାଣି। ତୁମର ଆଦର୍ଶ, କର୍ତ୍ତବ୍ୟନିଷ୍ଠା, ସଚ୍ଚୋଟତା, ପରୋପକାରିତା, ସ୍ନେହ, ଶ୍ରଦ୍ଧା ଚିରସ୍ମରଣୀୟ ହୋଇ ରହିବ ଏବଂ ଆମମାନଙ୍କୁ ସତ୍‌ମାର୍ଗରେ ପରିଚାଳିତ କରିବ। ଆପଣଙ୍କର ଅମ୍ଳାନ ଓ ଅମରାତ୍ମା ଶାନ୍ତି ଓ ସଦ୍‌ଗତି ଲାଭ କରୁ, ଏହା ହିଁ ଈଶ୍ୱରଙ୍କ ନିକଟରେ ଆମର ପ୍ରାର୍ଥନା।

**ଶୋକସନ୍ତପ୍ତ: ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ।**
ଧ-୭୪୦୯୩

# ପାପୁଲିଏ ଛାଇ

ଗଳ୍ପ

**ମହାଶ୍ୱେତା ସାହୁ**

ହରେକୃଷ୍ଣ... କୃଷ୍ଣ... କୃଷ୍ଣ... ହରେକୃଷ୍ଣ...ର ଧ୍ୱନି ତାଳରେ ଜଣେ ପାଗଳ ପରି ନାଚୁଥିଲା। ଅଷ୍ଟପ୍ରହରୀ ଚାଲିଥିଲା। ରବି ସେଇଠି ଅନେଇଲା କଟାସ ପରି ସଭିଙ୍କୁ ତନ୍ନତନ୍ନ କରି। ସବୁ ଅଚିହ୍ନା ଲୋକ ଭିତରେ ସେ ଖୋଜୁଥିଲା ଗୋଟେ ଚିହ୍ନା ମୁହଁ।

ସେ ଗୋଟିଏ ମୁହଁ ଉଣ୍ଡାଳିବାରେ ବ୍ୟସ୍ତଥିଲା, ଆକୁଳ ଭାବେ ନାଚିନାଚି ଖୋଜୁଥିଲା କୀର୍ତ୍ତନର ସବୁ କୋଣଅନୁକୋଣରେ। ତା'ର ଏ ଦୃଷ୍ଟି ଅନ୍ୟମାନଙ୍କୁ ସାମାନ୍ୟ ଅସଜଡ଼ା ମଧ୍ୟ କରିଦେଲା। ଠରାଠରି ହେଲେ କେଇଜଣ।

- ତୁ' ଚୋରଟା କିରେ ? ତୋର ଏଠି କାମ କ'ଣ ? କୋଉଠୁ ଆଇଚୁ ତୁ' ? ଅସଂଖ୍ୟ ପ୍ରଶ୍ନବାଣ ଥିଲା ସନ୍ଦିଗ୍ଧ ରୁକ୍ଷ କଣ୍ଠରେ।

ରବି ନିରୁତ୍ତର ହୋଇ ପଥର ପରି ବସିପଡ଼ିଲା ତଳେ। ଯେମିତି ତା' ଓଠର ଭାଷା ହଜିଯାଇଛି, କେଉଁଠି ତା'ର ଅଲିଅଳ ରାଜଜେମା ହଜିଯିବା ପରେ। ସେ ସେମିତି ମୁଣ୍ଡ ପୋତି ବସି ରହିଲା। ଦି'ଟା ଟୋକା ତାକୁ ବଡାଫାଳିଆରେ ଦି'ପାହାର ଦେଇ ଧମକାଇଲେ ସବୁ ସତ ଉଖ୍‌କାଳି ଦେବାକୁ। ମାତ୍ର ରବି ସେମିତି ବସିରହିଲା ମୁଣ୍ଡ ପୋତି। ଯେମିତି ତା' ଗଣ୍ଡିରୁ ଚେର ଲମ୍ବିଯାଇଛି ପାତାଳକୁ। ତାକୁ ସେ ଉପାଡ଼ି ଉଠିପାରୁନାହିଁ ନିଜ ବସିବା ଥାନରୁ।

ବ୍ୟାକୁଳ ଭାବେ ଅନେଇଲା ସଭିଙ୍କୁ। କିଏ ତାକୁ ଗୋଟେ ଧକ୍କା ଦେଲା ଜୋର୍‌ରେ। ସେ ଓଲଟି ପଡ଼ିଲା ଭୂଇଁରେ ଓଲଟ ଅସରପା ପରି ଚାରିକାତ ମେଲାଇ। ନାକରୁ ଧାରେ ରକ୍ତ ବୋହି ଆସିଲା, ସେ ନାକରୁ ବୋହି ଆସୁଥିବା ରକ୍ତଧାରକୁ କାନ୍ଧ ଗାମୁଛାରେ ପୋଛିଲା। କହିଲା– "ଗଣ୍ଡେ ଖାଇବାକୁ ଦିଅ! ପ୍ରଚୁର ଭୋକ...।"

ଗହଳି ଆଡ଼େଇ ଗୋଟେ ସ୍ତ୍ରୀଲୋକ ବଢ଼ାଇ ଦେଲା କଦଳୀପତ୍ର ଓ ତା' ଉପରେ ଅରୁଆଭାତ, ଡାଲମା ଓ ଟମାଟୋ ଖଜୁରିକୋଳି ଖଟା। ତୋଫା ଧଳାଭାତରୁ ଗୋଟେ ମହମହ ଅପୂର୍ବ ବାସ୍ନା ତାକୁ ବିଭୋର କରିପକାଇଲା। ସେ କାହାକୁ ଅନେଇଲା ନାହିଁ। ମୁହଁ ମାଡ଼ି ଭାତ ଖାଇଚାଲିଲା ଖାଇଚାଲିଲା– ଯେମିତି ବର୍ଷ ବର୍ଷ ଧରି ସେ ଖାଇନାହିଁ।

ସ୍ତ୍ରୀଲୋକଟି ତା'ର ରୁଣୁଝୁଣୁ କରୁଥିବା



ପୁଳାଏ ନାଲି ପାଣିଚୁଡ଼ି ପିନ୍ଧାହାତରେ ବାଢ଼ି ଚାଲୁଥିଲା ଥରକୁ ଥର ଭାତ। ପୁଳାଏ ନାଲିଚୁଡ଼ି ଭିତରେ ସୁନାର ବାଲା ଦି'ଟା ଗୋରା ହାତରେ ଅପୂର୍ବ ଦିଶୁଥିଲା। ମଝି ଆଙ୍ଗୁଠିରେ ଧଳା ପଥରବସା ମୁଦି, ଯାହା ଚିକ୍‌ଚିକ୍ କରୁଥିଲା ଆଲୁଅରେ। ସେ ସ୍ତ୍ରୀଲୋକଟାର ମୁହଁକୁ ଦେଖୁ ନ ଥିଲା। ତା'ର ହାତକୁ ଲକ୍ଷ୍ମୀଠାକୁରାଣୀଙ୍କ ହାତ ଭାବି ତା' ହାତକୁ ଧରି ପ୍ରଣାମ କଲା।

ସ୍ତ୍ରୀଲୋକଟା ନୋଟାଏ ପାଣି ଆଣି ଥୋଇଲା ରବି ଆଗରେ। ଢକଢକ କରି ପାଣିତକ ପିଇଲା ରବି। ଅଇଁଠାପତ୍ରକୁ ଗୁଡ଼ାଇ ଧରି ବାହାରିଗଲା ରାସ୍ତାକୁ। ରାସ୍ତାରେ ଗଦାଏ କୁକୁର ବଳକା ଖାଦ୍ୟ ପାଇବା ଆଶାରେ ଜୋର୍ ଜୋର୍ ଭୁକୁଥିଲେ। ରବି ସେଠି ପତ୍ରଟାକୁ ଫିଙ୍ଗିଦେଇ ଭୁକୁଥିବା, ଯୁଦ୍ଧ ଓ ପ୍ରତିଦ୍ୱନ୍ଦ୍ୱିତା କରୁଥିବା କୁକୁରମାନଙ୍କ ଭିତରୁ ନିଜକୁ ଜଣେ କରି ଖୋଜିଲା– ସେ କିଏ ?

ରବି ଚାଲୁଥିଲା, ତା' ପାଦ ଥକୁ ନ ଥିଲା। ବୋଧହୁଏ ପାଦ ତା'ର ତିଆରି ଯେମିତି ଚାଲିବା ପାଇଁ। ନିଜକୁ ବୁଝାଇବା ପାଇଁ ବ୍ୟାକୁଳତାର ସହ ଗୀତ ଗାଇଲା–

"କାହା ବୋଲେ ଗଲା ପୁତ୍ର ବାହୁଡ଼ି ନଇଲା ଲୋ କୋଇଲି... ଖଣ୍ଡକ୍ଷୀର ଦେବି ମୁଁ କାହାକୁ... ଖାଇବାର ପୁତ୍ର ଗଲା ମଥୁରାପୁରକୁ ଲୋ କୋଇଲି..." କଇଁ କଇଁ ହୋଇ କାନ୍ଦି ଉଠିଲା... ଗଲା ବର୍ଷ ବର୍ଷ ଧରି ହାତପାଦ ଜାକି ସ୍ତ୍ରୀ ତା'ର ଚୁଲିମୂଳେ ନିଜକୁ ହଜେଇ ଦେଇଛି।

ତା' ଆଖିରେ କରୁଣା, ଦୟା, ଘୃଣା, ମମତା, କୋହ, ମୋହ, ରାଗ ଅଭିମାନ ସବୁ ନିର୍ବାପିତ। କିଛି ତା'ର ଲୋଡ଼ାନାହିଁ। ଜୀବନତକ ଅଛି ଖାଲି ଜିଇକି– ଆଉ ସେ ନିଜେ ମଧ୍ୟ। ପୁତ୍ରୀ ଗଲା ପରଠାରୁ ସେ ମଧ୍ୟ ଜୀବନ ଜିଇବାର ଆଶ୍ରା ପାଉନି।

ଖରସ୍ରୋତାର ବନ୍ଧ ତଳେ ତା'ର ଘର। ନୁଆଁଣିଆ ଚାଳମାଟିର ଘର। ପୁଳାଏ ମାଟି ଖସିପଡ଼ିଛି ତା'ର କାନ୍ଥରୁ। କାନ୍ଥ ତଳକୁ ତା'ର ତାଟିବାଡ଼ ବରଡ଼ାଘେରା ରୋଷେଇ ଘର। ଦି'ଟା ଚୁଲି। ବଡ଼ ଚୁଲିରେ ଧାନ ଉଷାଏଁ, ଗାଈଗୋରୁ ପାଇଁ କୁଣ୍ଡୁଛି କରେ। ଛୋଟ ଚୁଲିରେ ରୋଷେଇ।

ରୋଷେଇ ଘର ତାଟି ଦେଇ ମାଡ଼ିଯାଇଚି ମଥାନ ଉପରକୁ ପୁଳାଏ ଜହ୍ନି, ପୋଇ, କଖାରୁର ଡଙ୍କପତ୍ର। ଦୁଆର ଟପିଲେ ପଡ଼େ ବିରାଟ କୃଷ୍ଣଚୂଡ଼ା ଗଛ ଓ ତା'ର ନାଲି ନାଲି ପୁଳାଏ ଫୁଲ ଭିତରୁ ଛିଟିକି ପଡ଼େ ସୁନାରଙ୍ଗ ପରି ସୂର୍ଯ୍ୟଦେବତାଙ୍କ କିରଣ। ତା'ରି କଡ଼ରୁ ଦିଶେ ଜହ୍ନର ମୁହଁ।

ଘର ପଛପଟେ ଗୋଟେ ପାଳଧୁଆ ଗଛ। ବୈଶାଖ ମାସର ଖଣ୍ଡିଆଭୂତ ଉଡ଼ାଇ ନେଇଚି ତା'ର ସମସ୍ତ ସବୁଜିମାକୁ। ତା'ର ଐଶ୍ୱର୍ଯ୍ୟଭରା ସବୁଜିମା ପତ୍ରମଣ୍ଡଳକୁ। ଥୁଣ୍ଟା ପରି ଅପେକ୍ଷା କରିଛି ରବି ପରି କାହାର ଫେରିବାକୁ।

ଚୁଲି ପାଖରେ ନିର୍ମଳାର କାନ୍ଦଣା ଛାତି ବିଦାରିଦିଏ। ଏ କାନ୍ଦଣାର ସମୟ ନ ଥାଏ। ବାରବର୍ଷ ବିବାହ ପରେ ଗୋଟିଏ କନ୍ୟା ସନ୍ତାନ ପ୍ରାପ୍ତି। ତା'ର ମରୁଭୂମି ଜୀବନରେ ବନ୍ୟା ଆସିଥିଲା ପରି ମନେହେଉଥିଲା। କେତେ ପୂଜାପାଠ, ବାରବ୍ରତ ପରେ ଝିଅ ଆସିଲା, ଅପରୂପା ସୁନ୍ଦରୀ... ଚନ୍ଦ୍ର ପରି ବଢ଼ୁଥିଲା।

କାର୍ତ୍ତିକ ପୂନେଇଁ ଡଙ୍ଗା ବୁଡ଼ାଇ ଗଲା ଯେ, ଆଉ ଫେରିଲା ନାହିଁ ଘରକୁ। କିଏ କହିଲା ନଦୀରେ ବୁଡ଼ିଗଲା... କିଏ କହିଲା କିଏ ତାକୁ ନେଇଗଲା। ତା'ର ଖୋଜ କି ଖବର ଆଜିଯାଏ ମିଳିଲା ନାହିଁ। ଏହା ଭିତରେ ବର୍ଷେ ପାର କରିଗଲାଣି। ପାଗଳ ପରି ରବି ଖୋଜେ ପ୍ରତି ଗାଁ... ଗାଁ...।

ତାକୁ ବାରବାର ଶୁଭେ ତା' ଝିଅର ଡାକ– ବାପା... ବାପା... ବୋଲି। ରବି ଓ ନିର୍ମଳା ଦୁହେଁ ଅନେକ ଦିନରୁ ମରିଯାଇଛନ୍ତି ଯେମିତି। ନିର୍ମଳା ରୋଷେଇ କରି ଗାଁ ଯାକ ଡାକେ, କାଳେ କୋଉଠି ଖେଳୁଖେଳୁ ଭୁଲିଯାଇଥିବା ରାସ୍ତାରୁ ପୁଣି ଫେରି ଆସିବ ଘରକୁ। ପ୍ରତିଦିନ ଖିରି ହୁଏ ତା' ଘରେ। ତା' ଝିଅର ପ୍ରିୟ। କୋଉଠି ଭୋଜିଭାତ ହେଲେ ଧାଇଁଯାଏ ଖିରି ଆଣିବା ପାଇଁ।

ରବି ସେ ପାଇଁ ପ୍ରତି ଗାଁର ଅଷ୍ଟପ୍ରହରୀ, ଭୋଜିଭାତରେ ଖୋଜେ ତା' ଝିଅକୁ। ମାଡ଼ଖାଏ, ଅପମାନ, ତିରସ୍କାର... ତା' ଝିଅ ଆଗରେ ଏସବୁ ମୂଲ୍ୟହୀନ। କିଏ ପାଗଳ କହେ, କିଏ କହେ ଚୋର... ତାକୁ ଫରକ ପଡ଼େନି।

ପ୍ରତି ରାତିରେ ପୋଖରୀ କୂଳରେ ନିର୍ମଳାର କାନ୍ଦ ଫଟାଇଦିଏ ଗାଁର ମା'ମାନଙ୍କୁ। ପ୍ରତି ରାତିରେ ଖିରି ଏକ ପୋଖରୀ ଭିତରେ ପକାଇଲା ବେଳେ ବାହୁନି ବାହୁନି ଯେଉଁ କାନ୍ଦ କାନ୍ଦେ, ଲାଗେ ରାତିର ଛାତି ସହ ଶୁଣିବା ଲୋକର ଛାତି ମଧ୍ୟ ଫାଟିଯାଉଛି।

ବେଳେବେଳେ ଆସେ ମନ୍ଦିର ବେଢ଼ାକୁ। ହତବାକ୍ ପରି ଗପେ ଝିଅର ଜନ୍ମଠାରୁ ତା'ର ହଜିବା ପର୍ଯ୍ୟନ୍ତ, ତା'ର ସ୍ମୃତି। ଖଣ୍ଡେ କନାରେ ତିଆରି ମଳିଚିଆ କଣ୍ଢେଇକୁ କାନି ପକାଇ ଶୁଆଇଦିଏ। ସେଇଠି ଶୋଇ ଶୋଇ କହେ– ଝିଅ ମୋର ଡାକୁଛି...। ରଡ଼ିକରି କମ୍ପମାନ କରେ ନଈକୂଳେ। ଆକାଶରେ କଳାଘୁମର ମେଘ, ଆଲୁରା ମୁଣ୍ଡରେ ଫୁରୁଫୁରୁ ଧଳା କେଶ। ଛାତି ଶୂନ୍ୟ।

କୋଳଶୂନ୍ୟ। ପୁଣି ଫେରେ ଘରକୁ, ପାଳଧୁଆ ଗଛର ଗଣ୍ଡିରେ ମୁଣ୍ଡ ପିଟି କାନ୍ଦେ। ନିଜକୁ ନିଜେ ବୁଝାଇ ଗାଇଉଠେ– "କାହା ବୋଲେ ଗଲାପୁତ୍ର ବାହୁଡ଼ି ନଇଲା... ଲୋ କୋଇଲି... ଖଣ୍ଡକ୍ଷୀର ଦେବି ମୁଁ କାହାକୁ।" ଏ ଶୂନ୍ୟତା ସାରା ଗାଁକୁ ଗ୍ରାସେ... ପ୍ରତି ରାତି ଶୂନ୍ୟ ପ୍ରହରରେ ଏହି ଧ୍ୱନି, ପୁଣି ଶାନ୍ତ ପଡ଼ିଯାଏ।

ମୋ: ୮୩୨୭୭୫୭୬୧୯

## ପୁସ୍ତକ ପରିଚୟ

### ଯଶଧାରିଣୀ ଯଶୋଧାରା



**ଲେଖକ:** ଶଶିକାନ୍ତ ମିଶ୍ର
**ପ୍ରକାଶକ:** ବିଦ୍ୟାପୁରୀ, ବାଲୁବଜାର, କଟକ–୨
**ପ୍ରଥମ ପ୍ରକାଶ:** ୨୦୨୩, **ମୂଲ୍ୟ:** ଟ. ୨୨୦/–

ବୁଦ୍ଧପତ୍ନୀ ଯଶୋଧାରାଙ୍କ ଜୀବନ କାହାଣୀକୁ କେନ୍ଦ୍ରରେ ରଖି ଆଲୋଚ୍ୟ ଉପନ୍ୟାସଟି ପରିକଳ୍ପିତ। ମୋଟ ୨୯ଟି ପରିଚ୍ଛେଦରେ ୧୭୬ ପୃଷ୍ଠାର ପାଠ୍ୟ ହେଉଛି ଉପନ୍ୟାସଟିର କଳେବର। ମଧ୍ୟରାତ୍ରି, ମ୍ଳାନଚନ୍ଦ୍ରର ଆଭାରେ ବିଧୌତ କପିଳବାସ୍ତୁର ରାଜପ୍ରାସାଦ। ଆକାଶରେ ବିଚ୍ଛୁରିତ ଅସଂଖ୍ୟ ତାରା। ପ୍ରାସାଦର ପ୍ରଦୀପଗୁଡ଼ିକ ପ୍ରାୟ ନିର୍ବାପିତ। ନିଦ୍ରାଚ୍ଛନ୍ନ ସଶସ୍ତ୍ର ପ୍ରହରୀ। ନିସ୍ତବ୍ଧ ନିରବତା। ଶୟନକକ୍ଷରେ ନିଦ୍ରିତା ପତ୍ନୀ ଯଶୋଧାରା ଓ ଶିଶୁପୁତ୍ର ରାହୁଲଙ୍କୁ ପିଠିକରି ପ୍ରାସାଦ ଛାଡ଼ୁଛନ୍ତି ବୁଦ୍ଧ। ଏଇଠୁ ଆରମ୍ଭ ହୋଇଛି ଉପନ୍ୟାସର କାହାଣୀ ଓ ସରିଛି ସେଇଠି, ଯେତେବେଳେ ବୁଦ୍ଧଙ୍କ ପାଖରେ ପହଞ୍ଚାଇଛନ୍ତି ଆନନ୍ଦ ଯଶୋଧାରାଙ୍କ ପରିନିର୍ବାଣପ୍ରାପ୍ତିର ଖବର। ଚୈତନ୍ୟର ମହାସାଗରରେ ଲୀନ ବୁଦ୍ଧ ଓ ଯଶୋଧାରା, ଏକ ଓ ଅଭିନ୍ନ। ଜୀବନଚକ୍ରରେ ଜୀବନର ଲୀଳାଖେଳା, ସାଧନା ଓ ଜୀବନ୍ମୁକ୍ତି– ଏହାରି ଭିତରେ ଉପନ୍ୟାସଟି ଏକ ବିରାଟ ବିସ୍ମୟ ହୋଇ ପାଠକଙ୍କୁ ମୁଗ୍ଧ ଓ ରୋମାଞ୍ଚିତ କରେ। ଆଧ୍ୟାତ୍ମିକ ଉପଲବ୍ଧିର ଏକ ସୁଦୀର୍ଘ ଯାତ୍ରା ଭିତରେ ବୁଦ୍ଧ, ଯଶୋଧାରା, ସ୍ୱୟଂ ଲେଖକ ଓ ଉପନ୍ୟାସର ଅଗଣିତ ପାଠିକାପାଠକ ଏକ ସମୂହ ଅଖଣ୍ଡ ଆନନ୍ଦଗର୍ଭୀ ପୁଲକରେ ଏକ ହୋଇଯାଆନ୍ତି– ଏହାହିଁ ଉପନ୍ୟାସଟିର ଫଳଶ୍ରୁତି। ଆଶା, ବହିଟି ଜନାଦୃତି ଲାଭ କରିବ ଓ ବହୁଦିନଯାଏଁ ମାନବସ୍ମୃତିକୁ ବିହ୍ୱଳ କରିରଖିବ।

**ସମକାଳୀନ ଓଡ଼ିଆ କଥାସାହିତ୍ୟରେ**

### ଦଳିତ ଚେତନା



**ଲେଖକ:** ଡ. ଦେବ ପ୍ରସାଦ ସାମଲ
**ପ୍ରକାଶକ:** ପ୍ରବାହ, ଯାଜପୁର–୭
**ପ୍ରଥମ ପ୍ରକାଶ:** ୨୦୨୩, **ମୂଲ୍ୟ:** ଟ. ୨୦୦/–

ଆଲୋଚ୍ୟ ପୁସ୍ତକଟି ଦଳିତ ସାହିତ୍ୟ ସମ୍ବନ୍ଧିତ ଏକ ଗବେଷଣାଗ୍ରନ୍ଥ, ଯାହାକୁ କ୍ଷୁଦ୍ର–ଗବେଷଣା–ପ୍ରକଳ୍ପ ମାଧ୍ୟମରେ ଲେଖକ ପ୍ରସ୍ତୁତ କରିଛନ୍ତି। 'ପ୍ରାକ୍‌କଥନ'ରେ କହିଛନ୍ତି: "ସମକାଳୀନ ଓଡ଼ିଆ ଗଳ୍ପ ଓ ଉପନ୍ୟାସ କ୍ଷେତ୍ରରେ ଦଳିତ ସାହିତ୍ୟର ଚିନ୍ତା ଚେତନାର ଅନ୍ୱେଷଣ ଏହି ଗବେଷଣା ନିବନ୍ଧର ଲକ୍ଷ୍ୟ। ପ୍ରକଳ୍ପଟି ମୋଟ ଚାରିଟି ପରିଚ୍ଛେଦରେ ସମାହିତ। ତା' ସହିତ ରହିଛି ଉପସଂହାର, ପରିଶିଷ୍ଟ ଓ ଗ୍ରନ୍ଥସୂଚୀ। ପ୍ରଥମ ଅଧ୍ୟାୟରେ ଦଳିତ ସାହିତ୍ୟର ସଂଜ୍ଞା, ସ୍ୱରୂପ ଓ ପରିସର, ଦ୍ୱିତୀୟରେ ସମକାଳୀନ ଓଡ଼ିଆ ସାହିତ୍ୟରେ ଦଳିତ ଚେତନା (କବିତା, ନାଟକ, ଏକାଙ୍କିକା, ଆତ୍ମକଥା, ପ୍ରଥମ ଓ ଆଲୋଚନା ଅନ୍ତର୍ଭୁକ୍ତ), ତୃତୀୟରେ ସମକାଳୀନ ଓଡ଼ିଆ ଉପନ୍ୟାସରେ ଦଳିତ ଚେତନା ଓ ଚତୁର୍ଥ ଅଧ୍ୟାୟରେ ସମକାଳୀନ ଓଡ଼ିଆ ଗଳ୍ପରେ ଦଳିତ ଚେତନା ଆଲୋଚିତ ହୋଇଛି। ଉପସଂହାରରେ ଲେଖକ କହିଛନ୍ତି: "ଦଳିତ ସାହିତ୍ୟ ହେଉଛି ଏକ ପ୍ରତିରୋଧୀ ସାହିତ୍ୟ। ସାହିତ୍ୟ ଏଠାରେ ସମାଜ ପରିବର୍ତ୍ତନର ଅସ୍ତ୍ର ଭାବରେ ନିୟୋଜିତ। ଜାତି ବ୍ୟବସ୍ଥା ବିରୋଧୀ ସମାଜ ବ୍ୟବସ୍ଥାର ପ୍ରତିଷ୍ଠା ଏଠାରେ ଅଭିଳଷିତ। x x ଓଡ଼ିଆ ସାହିତ୍ୟର ପ୍ରାୟ ପ୍ରତ୍ୟେକ ବିଭାଗରେ ସମକାଳରେ ଏହି ଧାରା ପ୍ରବାହିତ।" ସମକାଳର ଭାରତୀୟ ଓ ଓଡ଼ିଆ ଦଳିତ ଉପନ୍ୟାସ ଏବଂ ଗଳ୍ପ ସମ୍ପର୍କରେ ତଥ୍ୟନିଷ୍ଠ ଆକଳନରେ ସମୃଦ୍ଧ ଏହି ପୁସ୍ତକଟି ପାଠକ ଓ ଗବେଷକଙ୍କ ପାଇଁ ଉପାଦେୟ ସାବ୍ୟସ୍ତ ହେବ ବୋଲି ଆଶା କରାଯାଏ।

## କାଳକାଳକୁ



"ଅପରିପକ୍ୱ କବି ଅନୁକରଣ କରନ୍ତି ଓ ପରିପକ୍ୱ କବି ଅନୁକରଣକୁ ନିଜସ୍ୱ କରିଦିଅନ୍ତି।"
– ଟି.ଏସ୍. ଏଲିୟଟ୍

**ଥୋମାସ୍ ଷ୍ଟର୍ନସ ଏଲିୟଟ୍‌ଙ୍କ** ଜନ୍ମ ୨୬ ସେପ୍ଟେମ୍ବର ୧୮୮୮ରେ, ଆମେରିକାର ମସୌରୀରେ ଓ ପରଲୋକ ୪ ଜାନୁୟାରୀ ୧୯୬୫ରେ ଲଣ୍ଡନରେ। ଏକାଧାରରେ କବି, ପ୍ରାବନ୍ଧିକ, ନାଟ୍ୟକାର, ସମ୍ପାଦକ ଓ ପ୍ରକାଶକ ଏହି ଅମିତ ଶକ୍ତିଧାରୀ ଲେଖକଙ୍କର ପ୍ରଖ୍ୟାତ ପୁସ୍ତକଗୁଡ଼ିକ ମଧ୍ୟରୁ କତିପୟ ହେଉଛି– 'ଦ ଲଭ୍ ସଂଗ୍ ଅଫ୍ ଜେ. ଆଲଫ୍ରେଡ୍ ପ୍ରୁଫକ୍' (୧୯୧୫), 'ମର୍ଡର ଇନ୍ ଦ କ୍ୟାଥେଡ୍ରାଲ୍' (୧୯୩୫), 'ଦ ୱେଷ୍ଟ ଲ୍ୟାଣ୍ଡ' (୧୯୨୨) ଓ 'ଦ ହଲୋ ମ୍ୟାନ୍' (୧୯୨୫)। ବିଂଶ ଶତାବ୍ଦୀର ଆଧୁନିକ ଇଂଲିଶ୍ କବିତାରେ ଏଲିୟଟ୍ ଥିଲେ ଉଜ୍ଜ୍ୱଳତମ ମଧ୍ୟମଣି। ଭାଷା–ପରିଚାଳନା ଓ ଶୈଳୀନ୍ୟାସର ଅନନ୍ୟ ପଦ୍ଧତି ଦ୍ୱାରା ସେ ଇଂଲିଶ୍ କବିତାକୁ ଦେଇଥିଲେ ଅଭିନବ ଶୌର୍ଯ୍ୟ। ବିଶ୍ୱ ସାହିତ୍ୟକୁ ବିରଳ ଅବଦାନ ପାଇଁ ୧୯୪୮ରେ ତାଙ୍କୁ ମିଳିଥିଲା ପୃଥିବୀର ଶ୍ରେଷ୍ଠ ସାରସ୍ୱତ–ଗୌରବ 'ନୋବେଲ ପୁରସ୍କାର'। ସେ କହନ୍ତି: "ଗତବର୍ଷର ଶବ୍ଦରେ ଥାଏ ଗତବର୍ଷର ଭାଷା, ଅଲଗା ବର୍ଷର ଶବ୍ଦରେ ଥାଏ ଏକ ନୂଆ ସ୍ୱରର ଅପେକ୍ଷା।"

## କବିତା

### ଯାଦୁଘର

**ଡ. ପ୍ରସନ୍ନ କୁମାର ମହାଂତି**

ଏଡ଼େ ବଡ଼ କୋଠାଘର
ଏଇଟା କାହାର ?

– ଥିଲେ ବଡ଼ ଶିଳ୍ପପତି
ଆଉ ନାହାଂତି।
ଆଉ ରାଜଉଆସ ପରି
ସେ ପାଖ ଘରଟା ?

– ବଡ଼ ରାଜନେତା ଥିଲେ
ଗଲାବର୍ଷ ଚାଲିଗଲେ।
କାଂଥସାରା ବାବାରେ
କେତେ ମାନପତ୍ର, ପୁରସ୍କାର
କାହାର ? କାହାର ?

– ଥିଲେ ବଡ଼ କବି
ଏବେ ଗଲେ ସ୍ୱର୍ଗଦ୍ୱାର।
ଏ ଚିକ୍‌କଣିଆ କିଏ କି
ରାଜା ମାର୍କେ ଚେହେରା
ଫଟୋରେ କି ଠାଣି!

– ସିନେମାର ସୁପରଷ୍ଟାର୍
ସିଏ କେବେଠୁ ଗଲେଣି!
କେଡ଼େ ବିରାଟ ଆଶ୍ରମ
ଆଶ୍ରମ କି କୋଣାର୍କ ମଂଦିର
କିଏ ଏଇ ଆଶ୍ରମର ବାବା ?

– ଖଣି ଭଳି ବାହାରିଲା ଟଂକା ସୁନା
ବାବାଂକର ହୃଦ୍‌ଘାତରେ କାଳ ହେଲା
ଆଉ ଏବେ ଆଶ୍ରମରେ ତାଲା!
ଆଉ ଏ କୁଡ଼ିଆଟା
ଏଡ଼େ ଶୂନ୍‌ଶାନ୍, ଘରେ କେହି ନାଇଁ ?

– ଯାଇଛଂତି କିସା ଗୌତମୀ
ମୁଠାଏ ସୋରିଷ ପାଇଁ!

ମୋ: ୯୪୩୭୩୫୭୦୫୦

### ଏଣ୍ଡୁଅ

**ମଧୁସୂଦନ ଦାଶ**

ମୁଣ୍ଡ ଟେକେ, ଟୁଂଗାରେ ବି
ଅତର୍କିତ ଆକ୍ରମଣ ଆଂଶକା କରି।
ରଂଗ ବଦଳାଏ
ଆଉ କାହାର ରଂଗ ବଦଳା ଦେଖି।
ମୃତବତ୍ ପଡ଼ିରହେ
ମୃତ୍ୟୁକୁ ସାମ୍‌ନା କରି।
ପଡ଼େ ଉଠେ, ଉଠେ ପଡ଼େ
ସବୁ ଭୟକୁ ଡରି ଡରି।
ତା'ର ବଂଚିବା ଯେତିକି
ମରିବା ବେଶି
ଜିତିବା ଯେତିକି ହାରିବା ବେଶି।
ମୁଁ ବି ଜିଏ ଏଣ୍ଡୁଅ ଜୀବନ।

ମୋ' ସ୍ୱାର୍ଥ ହାସଲ ପାଇଁ
ମୁଣ୍ଡ ଟୁଂଗାରେ, ମୁଣ୍ଡ ହଲାଏ ବି।
ମୋ' ସ୍ୱପ୍ନକୁ ରଙ୍ଗ ଦେବା ପାଇଁ
ମୁଁ ମୋ' ରଙ୍ଗ ବଦଳାଏ।
ମୁଁ ବି ପଡ଼େ ଉଠେ
ଉଠେ ପଡ଼େ, ମୋ' ପାପର
ଓଜନକୁ ବୋହି ନ ପାରି।

ମୁଁ ବଞ୍ଚେ କମ୍, ମରେ ବେଶି
ହସେ କମ୍, କାନ୍ଦେ ବେଶି।

ମୋ: ୯୪୩୭୩୩୨୪୯୮

### ପ୍ରେମିକା

**ସୁନନ୍ଦା ମହାନ୍ତି**

ଗାଁ ମୋ' ପ୍ରେମିକା
ତା' ମୁଠାଏ ମାଟି ବାସ୍ନାରେ
ହୃଦୟ ପୁଲକିତ
ବର୍ଷା ଯେତେ କଚାଡ଼ୁ, ଗରଜୁ
ମାଟିର ବାସ୍ନା ସେତେ ପୁଲକିତ।

ମାଆ ମୋ' ପ୍ରେମିକା
ତା' ଶାଢ଼ି ପଣତର ତୃଷ୍ଣା
କରୁଥାଏ ଜୀବନସାରା ଆହ୍ଲାଦିତ
ଯେତେ ପଚାର ନ ପଚାର
ଛାଡ଼ ହାତ ନ ଦିଅ ଭାତ।

ମାଆ ମମତା ଉହ୍ଲେଇରେ ଢଳା
ଅମୃତ ଘୃତ,
ବାସଭରା ପାରିଜାତ
ମାଆ ଆଉ ଗାଁ ପରି
ପ୍ରେମିକା ପଣରେ ଏଯାବତ୍
ବରଗଛ ଓହଳରେ
ଆଖି ଥାଏ ଲାଖି
ଡାଳ ପତ୍ର ଫୁଲ ଫଳ ଦେଇ
ଛାଇ ଦେବା ଦସ୍ତୁରରେ।

ପ୍ରେମିକା ପଣରେ ଭରପୂର
ବରଗଛର ହଳଦୀବସନ୍ତ
ମାଆ ଶାଢ଼ି ଜାଣି
ବଡ଼ମନ୍ଦିର ନେତ
ଗାଁ'ର ମାଟି ଗୋଡ଼ି
ପାଣି ପବନ ନଈ
ମର୍ତ୍ତ୍ୟ ବ୍ରହ୍ମକମଳ, ସ୍ୱର୍ଗ ପାରିଜାତ
କୈବଲ୍ୟ ନିର୍ମାଲ୍ୟ ଗୀତା ଭାଗବତ।

ମୋ: ୯୦୪୦୯୭୭୩୨୭

ଗୀତି–କବିତା

### ପ୍ରିୟା, ତୁମେ ମୋର

**ଅଧ୍ୟାପକ ବିଷ୍ଣୁମୋହନ**

ପ୍ରିୟା ହୃଦୟର
ଫଗୁଣ ମୋହର
ଥାଅ ପଛେ ଯେତେ ଦୂର,
ଚିର ଇପ୍‌ସିତ
ଆଶାର କିରଣ
ମିଳନ ମଧୁର ସୁର।

ସୁପ୍ତମନର ଦୃପ୍ତ ଛବି ଗୋ
ଆଖିର କଜଳ ଧାର,
ବେଦନାର ବୋଝ
ଯାହା ଅଛି ସବୁ
କରିବି ହୃଦୟ ହାର।

ବାଦଲ ବରଷା ପରି
ଆମେ ଦୁହେଁ
ଏକ ବିନା ଅନ୍ୟ ନାହିଁ,
ମହାଯାତ୍ରାରେ ଲୋତକ ତୁମର
ଫୁଲର ହାର ମୋ' ପାଇଁ।

ଏ/୫୮, କ୍ରିଷ୍ଣାଗାର୍ଡନ୍–୨
ଖଣ୍ଡଗିରି, ଭୁବନେଶ୍ୱର–୧୦

# ପ୍ରାର୍ଥନା

ଲଘୁଗଳ୍ପ

**ଅନୁଲିପ୍ତା ମିଶ୍ର**

ଆମ ଦୁହିଁଙ୍କର ନିତିଦିନିଆ ଯିବାଆସିବା ବାଟ ଥିଲା ସେଇଟା। ସୁମିତ୍ରାକୁ ନେଇ ତା' ଅଫିସରେ ଛାଡ଼ି ମୁଁ ମୋ' ଅଫିସ ଯାଏ। ସବୁଦିନ ପରି ସେଦିନ ମଧ୍ୟ ଠେଲାଗାଡ଼ିରେ ବରା, ପିଆଜି ଓ ଅନ୍ୟାନ୍ୟ ଛଣାଜିନିଷ ବିକୁଥିବା ସେ ଲୋକଟିକୁ ଦେଖି ସୁମିତ୍ରା ଦୁଃଖୀ ହୋଇ କହିଲା, "ଦେଖ ତ ଆଜି ବି କେହି ଲୋକ ନାହାନ୍ତି। ହେଲେ କେତେ ଖାଦ୍ୟ ଜିନିଷ ତିଆରି କରି ରଖିଛି ଲୋକଟି। କେତେବେଳେ ବିକ୍ରି ହବ ଏସବୁ!"

ସୁମିତ୍ରାର ଏଇ ସରଳତା, ଅନ୍ୟର ଦୁଃଖରେ ଦୁଃଖୀ ହେବା ଓ ଅପର ପାଇଁ ଚିନ୍ତା କରିବା ଗୁଣସବୁ ମତେ ଖୁବ୍ ଭଲ ଲାଗେ।

ବଜାର ପାଖରୁ ଟିକେ ଦୂରରେ ଆମ ଯିବା ବାଟରେ କିଛିଦିନ ହେବ ଏ ଠେଲାଗାଡ଼ିବାଲାକୁ ଆବିଷ୍କାର କଲୁ ଆମେ ଦୁହେଁ। ବେଳେବେଳେ ଲୋକଟି ଛଣାଛଣି କରି ଗରାଖଙ୍କୁ ଅପେକ୍ଷା କରି ବସିଥାଏ ତ କେବେ ଛଣାଛଣିରେ ଲାଗିଥାଏ। କିନ୍ତୁ ଜଣେ ବି ଗରାଖ ସେଠି ନଥା'ନ୍ତି। ବଜାର ଭିତରେ ଥିବା ଠେଲାଗାଡ଼ି ପାଖରେ ଅସମ୍ଭବ ଭିଡ଼ ଥିଲାବେଳେ ଏଠି କାହାରିକୁ ନଦେଖି ସୁମିତ୍ରା ଦୁଃଖୀ ହୋଇଯାଏ।

ସୁମିତ୍ରା କଥାଶୁଣି ମତେ ହସ ଲାଗେ...

ସୁମିତ୍ରା କୁହେ, "ଆଚ୍ଛା ଲୋକଟାର କ'ଣ ବୁଦ୍ଧି ନାହିଁ, ବଜାର ଭିତରେ ଠିଆ ନ ହୋଇ ଏଠି କାଇଁ ଠିଆ ହୋଇଛି ଯେ! କିଛି ତ ବିକ୍ରି ହଉନି ତା'ର।"

ମୁଁ ଥଟ୍ଟା କରି କୁହେ, "ମୁଁ ଏଇଠି ଗାଡ଼ି ରଖୁଛି। ଯାଅ ତୁମେ ତାକୁ ବୁଦ୍ଧି ଦେଇ ଆସ।" ଏଥର ସୁମିତ୍ରା ରାଗିଯାଏ।

ପ୍ରଥମେ ମୁଁ ଭାବୁଥିଲି ସୁମିତ୍ରା ଏସବୁ ମଜାରେ କହୁଛି, କିନ୍ତୁ ପରେ ଜାଣିପାରିଲି ସୁମିତ୍ରା ସତରେ ସେ ଲୋକଟା ପାଇଁ ଦୁଃଖ କରୁଛି।

ଦିନେ ଅଫିସ ଗଲାବେଳେ ଠେଲାଗାଡ଼ି ଆଗରେ ଲୋକଟିଏ ଖାଉଥିବାର ଦେଖି ସୁମିତ୍ରାର ଖୁସି କହିଲେ ନସରେ। ଅଫିସରେ ପହଞ୍ଚିବା ପର୍ଯ୍ୟନ୍ତ ତା' ଖୁସି ସଂକ୍ରମିତ ହେଉଥିଲା ମୋ' ଯାଏଁ।

ମୁଁ ସୁମିତ୍ରାକୁ ବୁଝାଏ, "ଏବେ ଲୋକ ନାହାନ୍ତି... ଆଗରୁ ଆସି ଖାଇଥିବେ କିମ୍ବା ପରେ ଆସି ଖାଇବେ।"

ସୁମିତ୍ରା ଅସନ୍ତୁଷ୍ଟ ହୋଇ କୁହେ, "ସବୁ ତ ଥୁଆହୋଇଛି। ଦଶଟା ପରେ କିଏ ଆସି ଏସବୁ ଖାଇବ ଯେ!"

ସେଦିନ ସେଇ ସମାନ ଅବସ୍ଥା ଦେଖି ସୁମିତ୍ରା ଯେତେବେଳେ ଦୁଃଖ ପ୍ରକାଶ କଲା ମୁଁ ସାମାନ୍ୟ ରାଗିଯାଇ କହିଲି, "ତୁମେ ତ କିଛି କରିପାରିବନି। ତା'ର ବିକ୍ରି ହେଲା କି ନ ହେଲା ତୁମର ଏତେ ଚିନ୍ତା କାହିଁକି ?"

ସୁମିତ୍ରା କିଛି ନ କହି ଚୁପ୍ ରହିଲା।



ପରଦିନ ଅଫିସ ଗଲାବେଳେ ମଧ୍ୟ ସୁମିତ୍ରା ସେ ବିଷୟରେ କିଛି କହିଲାନି।

କିଛିଦିନ ପରେ ମୁଁ ହଠାତ୍ ଅନୁଭବ କଲି ସେ ଠେଲାଗାଡ଼ି ଆଗରେ ଖାଇବାକୁ ଲୋକଙ୍କ ଭିଡ଼ ଜମୁଛି। ଲୋକମାନେ ଖୁସି ମନରେ ଖାଉଛନ୍ତି ଓ ଖାଇବା ନଉଛନ୍ତି। ଲୋକଙ୍କ ଭିଡ଼ରେ ସେ ଠେଲାଗାଡ଼ି ମାଲିକର ମୁହଁ ଆମକୁ ଆଉ ଦୃଶ୍ୟ ହେଉ ନ ଥିଲା।

ଏସବୁ ଦେଖି ସୁମିତ୍ରା ନିଶ୍ଚୟ ଖୁସି ହେଉଥିବ, କିନ୍ତୁ କେଜାଣି କାହିଁକି ମତେ ସେ ବିଷୟରେ କିଛି କହୁ ନ ଥିଲା।

କିନ୍ତୁ ସେଦିନ ଅଫିସ ଗଲାବେଳେ ନିଜକୁ ଅଟକାଇନପାରିପଚାରିଲି, "ଆଚ୍ଛାତୁମେକ'ଣଯାଦୁ କଲ କି ସୁମିତ୍ରା! ଏଠି ଏଥର ଭିଡ଼ ଜମିଲାଣି ଯେ!"

କିଛି ସମୟ ଚୁପ୍ ରହିବା ପରେ ସୁମିତ୍ରା କହିଲା– "ତୁମେ କହୁଥିଲ ପରା ମୁଁ କିଛି କରିପାରିବିନି।"

"ନିଷ୍କପଟ ହୃଦୟରେ ପୂର୍ଣ୍ଣ ବିଶ୍ୱାସ ରଖି ଈଶ୍ୱରଙ୍କୁ ପ୍ରାର୍ଥନା କଲେ ଈଶ୍ୱର ନିଶ୍ଚୟ ଡାକ ଶୁଣନ୍ତି। ମୋ' ଡାକ ବି ଶୁଣିଲେ।"

ତେବେ ତୁମେ କ'ଣ ସେ ଅଜଣା ଲୋକଟା ପାଇଁ ଈଶ୍ୱରଙ୍କୁ ପ୍ରାର୍ଥନା କରୁଥିଲ।

"ଆମେ ସମସ୍ତେ ତ ଈଶ୍ୱରଙ୍କ ସନ୍ତାନ। ଜଣା ଅଜଣା କ'ଣ ? କିଏ ଜାଣେ କୋଉଠି ଆମ ପାଇଁ ବି କିଏ ପ୍ରାର୍ଥନା କରୁଥିବ।"

କହୁଥିଲା ସୁମିତ୍ରା...

ଅଫିସରେ ପହଞ୍ଚିବା ପର୍ଯ୍ୟନ୍ତ ସୁମିତ୍ରାର କଥା ମୋ' କାନରେ ପ୍ରତିଧ୍ୱନିତ ହେଉଥିଲା– "ନିଷ୍କପଟ ହୃଦୟରେ ପୂର୍ଣ୍ଣ ବିଶ୍ୱାସ ରଖି ଈଶ୍ୱରଙ୍କୁ ପ୍ରାର୍ଥନା କଲେ ସେ ନିଶ୍ଚୟ ଡାକ ଶୁଣନ୍ତି।"

ମୋ: ୯୯୩୮୪୦୦୨୦୫

ଧରିତ୍ରୀ
DHARITRI
www.orissakhabar.com/ www.dharitri.com | ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶନିବାର, ସେପ୍ଟେମ୍ବର ୧୬/୨୦୨୩ Bhubaneswar, Saturday, September 16/ 2023

# ୧୯୭୯: ୱେଷ୍ଟଇଣ୍ଡିଜ ଟାଇଟଲ ବଜାୟ ରଖିଲା

ଆଇସିସି ଦିନିକିଆ କ୍ରିକେଟ ବିଶ୍ୱକପ୍‌ର ଦ୍ୱିତୀୟ ସଂସ୍କରଣ ସେହି ଇଂଲଣ୍ଡରେ ୧୯୭୯ରେ ଅନୁଷ୍ଠିତ ହୋଇଥିଲା। ୯ରୁ ୨୩ ଜୁନ୍ ପର୍ଯ୍ୟନ୍ତ ଅନୁଷ୍ଠିତ ପ୍ରୁଡେନ୍ସିଆଲ୍ କପ୍‌ରେ ୱେଷ୍ଟଇଣ୍ଡିଜ ଆଧିପତ୍ୟ ବଜାୟ ରଖି ପୁଣି ଟାଇଟଲ ହାସଲ କରିଥିଲା। ପ୍ରତିଯୋଗିତାର ପ୍ରଥମ ଦୁଇ ସଂସ୍କରଣରେ ୱେଷ୍ଟଇଣ୍ଡିଜ ଚାମ୍ପିୟନ ହୋଇଥିଲା। ପ୍ରତିଯୋଗିତାରେ ୮ ଦଳକୁ ନେଇ ମୋଟ ୧୫ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମ ସଂସ୍କରଣ ଅପେକ୍ଷା ଏଥର ନୂଆ କଥା ଥିଲା କାନାଡା କ୍ୱାଲିଫାୟର ଟୁର୍ନାମେଣ୍ଟରେ ଭଲ ପ୍ରଦର୍ଶନ କରି ବିଶ୍ୱକପ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲା। ୧୯୭୫ରେ ଖେଳିଥିବା ଇଷ୍ଟଆଫ୍ରିକା ସ୍ଥାନରେ ଏହି ଦଳକୁ ସୁଯୋଗ ମିଳିଥିଲା। ଟୁର୍ନାମେଣ୍ଟର ଫର୍ମାଟ ସମାନ ଥିଲା। ଦୁଇ ଗ୍ରୁପ୍‌ର ଶ୍ରେଷ୍ଠ ୨ଟି ଲେଖାଏ ଦଳ ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲେ। ଭାରତର ପ୍ରଦର୍ଶନ ଏହି ବିଶ୍ୱକପ୍‌ରେ ଅତ୍ୟନ୍ତ ଦୟନୀୟ ରହିଥିଲା। ଗ୍ରୁପ୍ 'ବି'ରେ ଦଳ ୩ଟି ଲିଗ୍ ମ୍ୟାଚ ଖେଳି ସବୁଥିରେ ପରାଜିତ ହୋଇଥିଲା। ଏହି ଗ୍ରୁପ୍‌ରୁ ୱେଷ୍ଟଇଣ୍ଡିଜ ଓ ନ୍ୟୁଜିଲାଣ୍ଡ ଏବଂ ଗ୍ରୁପ୍ 'ଏ'ରୁ ଇଂଲଣ୍ଡ ଓ ପାକିସ୍ତାନ ସେମିଫାଇନାଲରେ ପ୍ରବେଶ କରିଥିଲେ। ଲିଗ୍ ପର୍ଯ୍ୟାୟରୁ କଟି ଯାଇଥିବା ଅନ୍ୟ ୩ ଦଳ ହେଲେ ଅଷ୍ଟ୍ରେଲିଆ, କାନାଡା ଓ ଶ୍ରୀଲଙ୍କା। ସେମିଫାଇନାଲରେ ପାକିସ୍ତାନକୁ ୪୩ ରନରେ ହରାଇ ୱେଷ୍ଟଇଣ୍ଡିଜ ଏବଂ ନ୍ୟୁଜିଲାଣ୍ଡକୁ ୯ ରନରେ ହରାଇ ଇଂଲଣ୍ଡ ଟାଇଟଲ ପର୍ଯ୍ୟାୟରେ ପହଞ୍ଚିଥିଲା। ଲର୍ଡ୍ସରେ ଅନୁଷ୍ଠିତ ଫାଇନାଲରେ ଇଂଲଣ୍ଡକୁ ୯୨ ରନରେ ହରାଇ ୱେଷ୍ଟଇଣ୍ଡିଜ ଚାମ୍ପିୟନ ହୋଇଥିଲା। ୱେଷ୍ଟଇଣ୍ଡିଜର ଗର୍ଡନ ଗ୍ରିନିଜ୍ ୨୫୩ ରନକରି ଟପ୍ ସ୍କୋରର ହୋଇଥିଲେ। ଏହି ଦଳର ଭିଭିଆନ ରିଚାର୍ଡ୍ସ ୨୧୭ ଓ ଇଂଲଣ୍ଡର ଗ୍ରାହାମ୍ ଗୁଚ୍ ୨୧୦ ରନକରି ପରବର୍ତ୍ତୀ ୨ ସ୍ଥାନରେ ରହିଥିଲେ। ସେହିପରି ଇଂଲଣ୍ଡର ମାଇକ ହେଣ୍ଡ୍ରିକ ୧୦ ଉଇକେଟ ନେଇ ସର୍ବାଧିକ ଉଇକେଟ ହାସଲକାରୀ ହୋଇଥିଲେ। ୩ ଜଣ ଖେଳାଳି ୯ ଉଇକେଟ ଲେଖାଏ ପାଇଥିଲେ ହେଁ ନ୍ୟୁଜିଲାଣ୍ଡର ବ୍ରାଏନ ମ୍ୟାକକେନି ଓ ପାକିସ୍ତାନର ଅସିଫ ଇକବାଲ ତାଳିକାର ପରବର୍ତ୍ତୀ ୨ ସ୍ଥାନ ଅଧିକାର କରିଥିଲେ।

**ଦିନିକିଆ ବିଶ୍ୱକପ**

ICC MEN'S CRICKET WORLD CUP INDIA 2023

**ଆଉ ୧୯ ଦିନ**


୧୯୭୯ରେ ବିଶ୍ୱକପ ବିଜୟୀ ୱେଷ୍ଟଇଣ୍ଡିଜ ଦଳ।

## ଭାରତ ଦ୍ୱିତୀୟ ସ୍ଥାନକୁ ଉନ୍ନୀତ

**ଦୁବାଇ, ୧୫।୯ (ପି.ଟି.):** ଏସିଆ କପ୍ ଫାଇନାଲରେ ପ୍ରବେଶ କରିବା ପରେ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଦିନିକିଆ ର୍‍ୟାଙ୍କିଙ୍ଗ୍ ତାଲିକାରେ ଭାରତ ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ଅନ୍ୟପକ୍ଷରେ ଟୁର୍ନାମେଣ୍ଟର ସୁପର ଫୋର ପର୍ଯ୍ୟାୟରୁ ବିଦାୟ ନେଇଥିବା ପାକିସ୍ତାନ ୧୧୫ପଏଣ୍ଟ ସହ ପ୍ରଥମ ସ୍ଥାନରୁ ଖସି ତୃତୀୟ ସ୍ଥାନକୁ ଚାଲିଆସିଛି। ଭାରତ(୧୧୬)ଠାରୁ ଦୁଇ ପଏଣ୍ଟ ବ୍ୟବଧାନ ଆଗରେ ଅଷ୍ଟ୍ରେଲିଆ ବର୍ତ୍ତମାନ ନମ୍ବର ୱାନ ସ୍ଥାନ ଅଧିକାର କରିଛି। ଏହି ଦୁଇ ଦଳ ଅକ୍ଟୋବର ୮ରେ ଚେନ୍ନାଇଠାରେ ସେମାନଙ୍କର ବିଶ୍ୱକପ୍ ଓପନର ପୂର୍ବରୁ ସେପ୍ଟେମ୍ବର ୨୨ରୁ ଭାରତରେ ୩ ମ୍ୟାଚ ବିଶିଷ୍ଟ ଅନ୍ତର୍ଜାତୀୟ ଦିନିକିଆ ସିରିଜ ଖେଳିବେ। ଭାରତ ରବିବାର ଆୟୋଜକ ଶ୍ରୀଲଙ୍କା ବିପକ୍ଷରେ ଏସିଆ କପ୍ ଫାଇନାଲ ଖେଳିବ।

# ଓଡ଼ିଶାର ବୃହତ୍ ବିଜୟ

**ଜାତୀୟ ସବ୍‌ଜୁନିୟର ବାଳିକା ଫୁଟ୍‌ବଲ**

ଭୁବନେଶ୍ୱର, ୧୫।୯
(ବିଜୟ ରଣା)

କର୍ନାଟକର ବେଲ୍‌ଗାଁଓଠାରେ ଅନୁଷ୍ଠିତ ଜାତୀୟ ସବ୍ ଜୁନିୟର ବାଳିକା ଫୁଟ୍‌ବଲ ୨୦୨୩-୨୪ (ଟିଅର୍-୨ ଗ୍ରୁପ୍ ପର୍ଯ୍ୟାୟ)ର ଏକ ମ୍ୟାଚରେ ଓଡ଼ିଶା ୮-୦ ଗୋଲ୍‌ରେ ଚଣ୍ଡିଗଡ଼କୁ ପରାସ୍ତ କରି ବିପୁଳ ବିଜୟ ହାସଲ କରିଛି। ଦଳ ପକ୍ଷରୁ ରୀତୁ ବଡେକ୍ (୯ମ, ୨୫ତମ, ୩୫+୧ତମ, ୬୨ତମ ମିନିଟ) ବ୍ୟକ୍ତିଗତ ୪ଟି ଗୋଲ୍ ସ୍କୋର କରିଥିବା ବେଳେ ଅଧିନାୟକ ଆଞ୍ଚଲ ସିଂ ୧୧ଶ, ୫୧ତମ ଓ ୬୦ତମ ମିନିଟରେ ତିନୋଟି ଗୋଲ୍ ଦେଇଥିଲେ। ବନ୍ଦନା ନାୟକ ୨୮ତମ ମିନିଟ୍‌ରେ ଗୋଟିଏ ଗୋଲ୍ ଦେଇଥିଲେ। ଓଡ଼ିଶା ଦଳର ଏହି ପ୍ରଦର୍ଶନକୁ ନେଇ ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ସମ୍ପାଦକ ଆଶୀର୍ବାଦ ବେହେରାଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଓ ସଦସ୍ୟଗଣ ଅଭିନନ୍ଦନ ଜଣାଇବା ସହ ଆଗାମୀ ମ୍ୟାଚଗୁଡ଼ିକ ଲାଗି ଶୁଭକାମନା ଜଣାଇଛନ୍ତି।



ଆଞ୍ଚଲ ସିଂ



ରୀତୁ ବଡେକ୍

# ଏସିଆନ ଗେମ୍ସରେ କିଟ୍ ଓ କିସ୍‌ର ୧୪ ଖେଳାଳି

**ଗୋଟିଏ ଶିକ୍ଷାନୁଷ୍ଠାନରୁ ଏତେ ସଂଖ୍ୟକ କ୍ରୀଡ଼ାବିତ୍ ଭାଗନେବା ଭାରତରେ ପ୍ରଥମ**

ଭୁବନେଶ୍ୱର, ୧୫।୯
(ତପନ ସ୍ୱାଇଁ)

ଚାଇନାର ହାଙ୍ଗଝୋଠାରେ ଚଳିତ ମାସ ୨୩ରୁ ଅକ୍ଟୋବର ୮ ପର୍ଯ୍ୟନ୍ତ ଏସିଆନ ଗେମ୍ସ ଅନୁଷ୍ଠିତ ହେବ। ଏହି ମେଗା ପ୍ରତିଯୋଗିତାରେ କିଟ୍ ଓ କିସ୍‌ର ୧୪ଜଣ କ୍ରୀଡ଼ାବିତ୍ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବେ। ଦେଶର ଗୋଟିଏ ଶିକ୍ଷାନୁଷ୍ଠାନରୁ ଏତେ ସଂଖ୍ୟକ କ୍ରୀଡ଼ାବିତ୍ ଏସିଆନ ଗେମ୍ସରେ ଅଂଶ ଗ୍ରହଣ କରିବା ଏହା ପ୍ରଥମ ବୋଲି ଶୁକ୍ରବାର ଏଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ କିଟ୍ କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ ପ୍ରକାଶ କରିଛନ୍ତି। ତାଙ୍କ ସୂଚନା ଅନୁସାରେ କିଟ୍ ଛାତ୍ରୀ ସି.ଏ. ଭବାନୀ ଦେବୀ ଫେନ୍‌ସିଂ (ମହିଳା) ବର୍ଗରେ ଉଭୟ ବ୍ୟକ୍ତିଗତ ଓ ଦଳଗତ ସାବ୍‌ରେ ଇଭେଣ୍ଟରେ ଭାଗ ନେବାକୁ ଯାଉଥିବାବେଳେ ଭାରତୀୟ ହକି ଦଳରେ ଅମିତ ରୋହିଦାସ ସ୍ଥାନ ପାଇଛନ୍ତି। ସେହିପରି ସନ୍ତରଣରେ ସାଜନ ପ୍ରକାଶ, ନୌଚାଳନାର ମହିଳା ଲାଇଟୱେଟ୍ ଡବଲ୍ ସ୍କଲ ରୋଇଂରେ ଆଂଶିକା ଭାରତୀ, ଆଥ୍‌ଲେଟିକ୍ସର ୨୦ କି.ମି. ୱାକ୍‌ରେ ପ୍ରିୟଙ୍କା (ମହିଳା) ଓ ସନ୍ଦୀପ କୁମାର (ପୁରୁଷ), ଜାଭେଲିନ୍ ଥ୍ରୋରେ କିଶୋର ଜେନା ଓ ତେଜିନ୍ଦର ପାଲ୍ ଭାରତର ପ୍ରତିନିଧିତ୍ୱ କରିବେ। ସେହିପରି ମହିଳା ରଗ୍‌ବୀ ୭ଏସ୍ ଦଳରେ କିସ୍‌ର ୪ ଛାତ୍ରୀ ଡୁମୁନି ମାରାଣ୍ଡି, ତାରୁଲତା ନାଏକ, ମାମା ନାଏକ ଏବଂ ହୁପି ମାଝି ସ୍ଥାନ ପାଇଛନ୍ତି। ଡେକାଥଲନରେ ତେଜସ୍ୱୀ ଶଙ୍କର ଏବଂ ୨୦୦ମିଟର ଦୌଡ଼ରେ ଅମ୍ଲାନ ବୋରଗୋହେନ ମନୋନୀତ ହୋଇଛନ୍ତି। ଏସିଆନ ଗେମ୍ସ ପାଇଁ ମନୋନୀତ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଥିଲେ କିଟ୍ ଓ କିସ୍ ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ। ଏହି କ୍ରୀଡ଼ାବିତ୍‌ମାନେ କେବଳ କିଟ୍ ଓ କିସ୍ ପାଇଁ ନୁହନ୍ତି ସମଗ୍ର ଓଡ଼ିଶାର ଗର୍ବ ଓ ଗୌରବ ବୋଲି ସେ କହିଛନ୍ତି। ସେ ଓଡ଼ିଶାରେ କ୍ରୀଡ଼ା ଓ କ୍ରୀଡ଼ାବିତ୍‌ଙ୍କୁ ପ୍ରୋତ୍ସାହନ କ୍ଷେତ୍ରରେ ରାଜ୍ୟ ସରକାରଙ୍କ କାର୍ଯ୍ୟକୁ ପ୍ରଶଂସା କରିବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଇଥିଲେ। ଏସିଆନ ଗେମ୍ସରେ ଅଂଶ ଗ୍ରହଣ କରିବାକୁ ଯାଉଥିବା ଓଡ଼ିଶାର ଖେଳାଳିଙ୍କ ପାଇଁ ରାଜ୍ୟ ସରକାର ଆର୍ଥିକ ପ୍ରୋତ୍ସାହନ ଘୋଷଣା କରିଥିବାବେଳେ ଏଥିରେ କିଟ୍ ଓ କିସ୍‌ର ୭ଜଣ ଅଛନ୍ତି। କ୍ରୀଡ଼ା ଓ କ୍ରୀଡ଼ାବିତ୍‌ଙ୍କ ପ୍ରତି ମୁଖ୍ୟମନ୍ତ୍ରୀଙ୍କ ଭଲ ପାଇବା ଓ ପ୍ରତିବଦ୍ଧତା ଯୋଗୁ ଆଜି ବିଶ୍ୱ କ୍ରୀଡ଼ା ମାନଚିତ୍ରରେ ଓଡ଼ିଶା ନିଜର ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛି। ଓଡ଼ିଶାକୁ ଏକ କ୍ରୀଡ଼ା ହବ୍‌ରେ ପରିଣତ କରିବା ପଛରେ କିଟ୍ ଓ କିସ୍‌ର ମଧ୍ୟ ଯୋଗଦାନ ରହିଛି ବୋଲି ଅଚ୍ୟୁତ କହିଥିଲେ। କିଟ୍ ଓ କିସ୍‌ରେ ଥିବା ଅନ୍ତର୍ଜାତୀୟ ମାନର ଅତ୍ୟାଧୁନିକ କ୍ରୀଡ଼ା ଭିତ୍ତିଭୂମି ଏବଂ ଅଭିଜ୍ଞ ଓ ଦକ୍ଷ କୋଚ୍ ବିଶେଷକରି କ୍ରୀଡ଼ାବିତ୍‌ଙ୍କୁ ପ୍ରୋତ୍ସାହନ ଯୋଗୁ କିଟ୍ ଓ କିସ୍‌ରୁ ୫ହଜାରରୁ ଊର୍ଦ୍ଧ୍ୱ ରାଜ୍ୟ, ଜାତୀୟ ଓ ଅନ୍ତର୍ଜାତୀୟସ୍ତରର ଖେଳାଳି ସୃଷ୍ଟି ହୋଇପାରିଛନ୍ତି। ଏହି ଅନୁଷ୍ଠାନରୁ ୧୩ଜଣ ଅଲିମ୍ପିଆନ୍ ବାହାରି ପାରିଛନ୍ତି। ଏହା ବ୍ୟତୀତ କ୍ରୀଡ଼ା ଓ କ୍ରୀଡ଼ାବିତ୍‌ଙ୍କୁ ପ୍ରୋତ୍ସାହନ ସହ ଭାରତରେ ଏକ କ୍ରୀଡ଼ା ବାତାବରଣ ସୃଷ୍ଟି କରିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ମଧ୍ୟ ଅଚ୍ୟୁତ ଧନ୍ୟବାଦ ଜଣାଇଛନ୍ତି। କିସ୍‌ର କ୍ରୀଡ଼ା ପରାମର୍ଶଦାତା ଉପେନ୍ଦ୍ର କୁମାର ମହାନ୍ତି ଭାରତୀୟ ଦଳରେ ଓଡ଼ିଶା ରଗ୍‌ବୀ ଖେଳାଳିଙ୍କ ପ୍ରାଧାନ୍ୟ ଉପରେ ଆଲୋକପାତ କରିଥିଲେ।



ଖବରଦାତା ସମ୍ମିଳନୀରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଓ ଅନ୍ୟମାନେ।

# ଭାରତର ଭଲ ପ୍ରଦର୍ଶନ ନେଇ ଶ୍ରଦ୍ଧାଞ୍ଜଳି ଆଶାବାଦୀ

ଭୁବନେଶ୍ୱର, ୧୫।୯
(ତପନ ସ୍ୱାଇଁ)

୧୭ ବର୍ଷରୁ କମ୍ ଏଏଫ୍‌ସି ମହିଳା ଏସିଆନ କପ୍ ଯୋଗ୍ୟତାର ଦ୍ୱିତୀୟ ପର୍ଯ୍ୟାୟ ଥାଇଲାଣ୍ଡରେ ଅନୁଷ୍ଠିତ ହେବ। ସେଥିପାଇଁ ଭାରତୀୟ ଦଳ ଶନିବାର ଗୋଆରୁ ମୁମ୍ବାଇ ବାଟଦେଇ ଥାଇଲାଣ୍ଡ ଯାତ୍ରା କରିବ। ୧୭ ବର୍ଷରୁ କମ୍ ମହିଳା ଫୁଟବଲ ବିଶ୍ୱକପ୍ ପାଇଁ ଏଏଫ୍‌ସି ଯୋଗ୍ୟତା ହାସଲ ନିହାତି ଆବଶ୍ୟକ। ତେଣୁ ସର୍ବଭାରତୀୟ ଫୁଟବଲ ଫେଡେରେଶନ (ଏଆଇଏଫ୍‌ଏଫ୍) ଶକ୍ତିଶାଳୀ ଦଳ ଗଠନ ପାଇଁ ପ୍ରୟାସ ଜାରି ରଖିଛି। ଥାଇଲାଣ୍ଡ ଯାତ୍ରା କରୁଥିବା ଭାରତୀୟ ଦଳରେ ୨୩ ଖେଳାଳିଙ୍କ ସହ କୋଚ୍ ଓ ଅଫିସିଆଲଙ୍କୁ ମିଶାଇ ମୋଟ ୨୯ ଜଣ ରହିଛନ୍ତି। ଓଡ଼ିଶାର ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଖେଳାଳି ଶ୍ରଦ୍ଧାଞ୍ଜଳି ସାମନ୍ତରାୟ ଏବେ ଭାରତୀୟ ୧୭ ବର୍ଷରୁ କମ୍ ମହିଳା ଫୁଟବଲ ଦଳର ସହକାରୀ କୋଚ୍ ଅଛନ୍ତି। ଟ୍ରେନିଂ ବହୁତ ଭଲ ହୋଇଛି। ପିଲାମାନେ ମଧ୍ୟ ଶ୍ରେଷ୍ଠ ପ୍ରଦର୍ଶନରେ ବ୍ୟଗ୍ର। ତେଣୁ ଭାରତୀୟ ଦଳର ଭଲ ପ୍ରଦର୍ଶନ ପାଇଁ ମୁଁ ଆଶାବାଦୀ ଅଛି ବୋଲି ଶ୍ରଦ୍ଧାଞ୍ଜଳି ପ୍ରକାଶ କରିଛନ୍ତି। ଦଳର ପ୍ରଶିକ୍ଷଣ ଓ ଶିବିର ପରିଚାଳନା ପାଇଁ ଏଆଇଏଫ୍‌ଏଫ୍ ସମସ୍ତ ବ୍ୟବସ୍ଥା କରିଥିବାରୁ ଶ୍ରଦ୍ଧାଞ୍ଜଳି କୃତଜ୍ଞତା ଜଣାଇଛନ୍ତି। ଏଏଫ୍‌ସି ମହିଳା ଏସିଆନ କପ୍‌ର ଦ୍ୱିତୀୟ ପର୍ଯ୍ୟାୟ ଯୋଗ୍ୟତାରେ ଭାରତ ଏହାର ପ୍ରଥମ ମ୍ୟାଚ କୋରିଆ ସହିତ ୧୯ ତାରିଖରେ ଖେଳିବ। ଏହାପରେ ଥାଇଲାଣ୍ଡକୁ ୨୧ ଓ ଇରାନକୁ ୨୩ ତାରିଖରେ ଭେଟିବ। ଭଲ ଗୋଲ ବ୍ୟବଧାନରେ ଗ୍ରୁପ୍ ଚାମ୍ପିୟନ ହେଲେ ଭାରତ ଦ୍ୱିତୀୟ ଯୋଗ୍ୟତା ପର୍ଯ୍ୟାୟ ଅତିକ୍ରମ କରିପାରିବ। ପ୍ରକାଶଯୋଗ୍ୟ ଯେ, ଗତବର୍ଷ ଭାରତ ପ୍ରଥମ ଯୋଗ୍ୟତା ପର୍ଯ୍ୟାୟ ଅତିକ୍ରମ କରିଥିବାରୁ ଖେଳାଳି ଓ ସପୋର୍ଟ ଷ୍ଟାଫ୍‌ମାନେ ପ୍ରଶଂସିତ ହୋଇଥିଲେ।


ଶ୍ରଦ୍ଧାଞ୍ଜଳି ସାମନ୍ତରାୟ

## ଅଷ୍ଟ୍ରେଲିଆକୁ ୧୬୪ ରନରେ ହରାଇଲା ଦକ୍ଷିଣ ଆଫ୍ରିକା

**ସେଞ୍ଚୁରିଅନ, ୧୫।୯ (ଏପି):** ଅଷ୍ଟ୍ରେଲିଆ ବିପକ୍ଷ ଚତୁର୍ଥ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚକୁ ଦକ୍ଷିଣ ଆଫ୍ରିକା ୧୬୪ରନରେ ଜିତି ନେଇଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଦକ୍ଷିଣ ଆଫ୍ରିକା ହେନ୍‌ରିଚ କ୍ଲାସେନଙ୍କ ବିସ୍ଫୋରକ ୮୩ବଲ୍‌ରୁ ୧୭୪ରନ ସହାୟତାରେ ୫ ଉଇକେଟ ବିନିମୟରେ ୪୧୬ ରନ କରିଥିଲା। ଜବାବରେ ଅଷ୍ଟ୍ରେଲିଆ ୩୪.୫ ଓଭରରେ ୨୫୨ ରନ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ଉଇକେଟକିପର ଆଲେକ୍ସ କାରେ ସର୍ବାଧିକ ୯୯ରନ କରିଥିଲେ। ଦକ୍ଷିଣ ଆଫ୍ରିକାର ଲୁନ୍‌ଗି ଏନ୍‌ଗିଡି ୫୧ ରନ ବିନିମୟରେ ୪ ଏବଂ କାଗିସୋ ରାବାଡ଼ା ୪୧ ରନ ଦେଇ ୩ ଉଇକେଟ ନେଇଥିଲେ। ଦକ୍ଷିଣ ଆଫ୍ରିକା ଏହି ବିଜୟ ଦ୍ୱାରା ୫ ମ୍ୟାଚ ବିଶିଷ୍ଟ ସିରିଜକୁ ୨-୨ ସ୍ତରକୁ ନେଇ ଆସିଛି। ଦୁଇ ଦଳ ମଧ୍ୟରେ ୫ମ ତଥା ଅନ୍ତିମ ଦିନିକିଆ ରବିବାର ଖେଳାଯିବ।

# ରାଜ୍ୟ ମହିଳା ହକି: ସୁନ୍ଦରଗଡ଼ ଚାମ୍ପିୟନ

ଭୁବନେଶ୍ୱର, ୧୫।୯
(ତପନ ସ୍ୱାଇଁ)

ହକି ଆସୋସିଏଶନ ଅଫ୍ ଓଡ଼ିଶା ଓ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ରାଜ୍ୟ ସିନିୟର ମହିଳା ହକି ଚାମ୍ପିୟନଶିପ୍‌ରେ ସୁନ୍ଦରଗଡ଼ ଚାମ୍ପିୟନ ହୋଇଛି। ଶୁକ୍ରବାର ଅନୁଷ୍ଠିତ ଫାଇନାଲରେ ସୁନ୍ଦରଗଡ଼ ୬-୨ ଗୋଲରେ ଓଡ଼ିଶା ସେକ୍ରେଟାରିଏଟକୁ ପରାସ୍ତ କରିଛି। ତୃତୀୟ ସ୍ଥାନ ପାଇଁ ଅନୁଷ୍ଠିତ ମ୍ୟାଚରେ କିଟ୍ ଓ କିସ୍‌କୁ ୫-୨ ଗୋଲରେ ପରାସ୍ତ କରି ଓଡ଼ିଶା ପୋଲିସ ବ୍ରୋଞ୍ଜ ପଦକ ପାଇଛି। ସୁନ୍ଦରଗଡ଼ର ନେହା ଲାକ୍ରା ଇମର୍ଜିଂ ପ୍ଲେୟର, ଓଡ଼ିଶା ପୋଲିସର ପ୍ରିୟଙ୍କା ଏକ୍କା ଶ୍ରେଷ୍ଠ ଡିଫେଣ୍ଡର, କିଟ୍ ଓ କିସ୍‌ର ସୁସ୍ମିତା ପାନ୍ନା ଶ୍ରେଷ୍ଠ ଷ୍ଟ୍ରାଇକର, ଓଡ଼ିଶା ସେକ୍ରେଟାରିଏଟର ପ୍ରେମାଞ୍ଜଳି ଟପ୍ପୋ ଶ୍ରେଷ୍ଠ ମିଡ୍ ଫିଲ୍ଡର ଓ ସୁନେଲି ଓରାମ ଶ୍ରେଷ୍ଠ ଗୋଲକିପର ଏବଂ ସୁନ୍ଦରଗଡ଼ର ଫିଲିସିଆ ଟପ୍ପୋ ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ ପୁରସ୍କାର ପାଇଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ରାଜ୍ୟ କ୍ରୀଡ଼ା ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସ, ଯୁଗ୍ମ ସଚିବ ଶୈଳେନ୍ଦ୍ର କୁମାର ଜେନା, ହକି ଆସୋସିଏଶନ ଅଫ୍ ଓଡ଼ିଶା ସଭାପତି ଦିଲୀପ ତିର୍କୀ, ସମ୍ପାଦକ ଶାନ୍ତନୁ ସାହୁ, କୋଷାଧ୍ୟକ୍ଷ ପ୍ରଦୀପ୍ତ କୁମାର ମହାନ୍ତି, କୋଚ୍ ଏଡଗାର ମାସ୍କାରେନହାସ, ଓଡ଼ିଶା ନାଭାଲ ଟାଟା ହକି ହାଇ ପରଫର୍ମାନ୍ସ ସେଣ୍ଟର ପ୍ରକଳ୍ପ ନିର୍ଦ୍ଦେଶକ ରାଜୀବ ସେଠ୍ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ।

# ପଙ୍ଘାଲଙ୍କୁ କାରଣ ଦର୍ଶାଅ ନୋଟିସ୍

**ନୂଆଦିଲ୍ଲୀ, ୧୫।୯ (ପି.ଟି.)**

ଭାରତର ବକ୍ସିଂ ମହାସଂଘ (ବିଏଫ୍‌ଆଇ) ବିଶ୍ୱଚାମ୍ପିୟନଶିପ୍ ରୌପ୍ୟ ବିଜେତା ଅମିତ ପଙ୍ଘାଲ ଏବଂ ଅନ୍ୟ ଦୁଇ ବକ୍ସରଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛି। ଚାଇନାରେ ଏସିଆନ ଗେମ୍ସ ପ୍ରି-ଟ୍ରେନିଂ କ୍ୟାମ୍ପ ପାଇଁ ଗସ୍ତର ଦିନକ ପୂର୍ବରୁ ସେମାନେ ବିନା ଅନୁମତିରେ କ୍ୟାମ୍ପ ଛାଡ଼ି ଚାଲିଯାଇଥିଲେ। ପଙ୍ଘାଲ (୫୧କେଜି), ରାଜ୍ୟଗୋଷ୍ଠୀ କ୍ରୀଡ଼ା ରୌପ୍ୟ ବିଜେତା ସାଗର ଆହ୍ଲାୱତ (+୯୨କେଜି) ଓ ଜାତୀୟ ଚାମ୍ପିୟନ ରୋହିତ ମୋର୍ (୫୭କେଜି) ପ୍ରମୁଖଙ୍କ ନାମ ଏସିଆନ ଗେମ୍ସ ପାଇଁ ରିଜର୍ଭ ତାଲିକାରେ ରହିଥିଲା। ସେମାନେ ସେପ୍ଟେମ୍ବର ୪ରେ ବିନା ଅନୁମତିରେ ଏନ୍‌ଆଇଏସ୍ ପଟିଆଲା ଗ୍ରାଉଣ୍ଡ ଛାଡ଼ି ଚାଲିଯାଇଥିଲେ। ଏହି ବକ୍ସରମାନେ ବର୍ତ୍ତମାନ ଚାଇନାରେ ଅଛନ୍ତି।






4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ସେପ୍ଟେମ୍ବର ୧୬/୨୦୨୩ (୧୨+୮= ୨୦ ପୃଷ୍ଠା) Bhubaneswar, Saturday, September 16/2023 Page 20 ₹ 7.00




**ମା'ଙ୍କ ପାଇଁ କାମ ମାଗୁଛନ୍ତି ଇଶା**

ବଲିଉଡ ଅଭିନେତ୍ରୀ ହେମାମାଳିନୀ ପୁଣିଥରେ ବଡ଼ ପରଦାକୁ ଫେରିବାକୁ ଚାହୁଁଛନ୍ତି। ଝିଅ ଇଶା ଏହି ସୂଚନା ଦେବା ସହ ମାଆଙ୍କ ପାଇଁ କାମ ମାଗିଛନ୍ତି।

୦୨

୦୮

**ଶୁବମନ ଗିଲ୍‌ଙ୍କ ଶତକ**

ବାଂଲାଦେଶ ବିପକ୍ଷ ଏସିଆକପ୍ ସୁପର-୪ ମ୍ୟାଚରେ ଶତକ ହାସଲ କରିଛନ୍ତି ଭାରତୀୟ ବ୍ୟାଟର ଶୁବମନ ଗିଲ୍।





ଜମ୍ମୁ-କଶ୍ମୀରର ଅନନ୍ତନାଗସ୍ଥିତ କୋକେରନାଗରେ ଶୁକ୍ରବାର ଆତଙ୍କବାଦୀଙ୍କ ସହ ଯବାନଙ୍କ ଗୁଳି ବିନିମୟବେଳେ ମାର୍ଚ୍ଚ ଫାଷ୍ଟ।

# ଅବିବାହିତ, ବିଧବା ଝିଅ ମୃତ ବାପାଙ୍କ ସମ୍ପତ୍ତି ପାଇବାକୁ ହକ୍‌ଦାର

## ଛାଡ଼ପତ୍ର ପାଇଥିବା ଝିଅ ବଞ୍ଚିତ ହେବେ: ହାଇକୋର୍ଟ

ନୂଆଦିଲ୍ଲୀ,୧୫।୯

ଜଣେ ଅବିବାହିତ କିମ୍ବା ବିଧବା ହୋଇଥିବା ଝିଅ ସେମାନଙ୍କ ସ୍ୱର୍ଗବାସୀ ବାପାଙ୍କ ସମ୍ପତ୍ତି ଉପରେ ଅଧିକାର ଦାବି କରିପାରିବେ। ତେବେ ଛାଡ଼ପତ୍ର ପାଇଥିବା ଝିଅ ଭରଣପୋଷଣ ପାଉଥିବାରୁ ସେ ବାପଘର ସମ୍ପତ୍ତି ଉପରେ ଦାବି କରିପାରିବେ ନାହିଁ ବୋଲି ଦିଲ୍ଲୀ ହାଇକୋର୍ଟ ଏକ ପିଟିଶନ୍‌କୁ ଖାରଜ କରିଦେବା ଅବସରରେ କହିଛନ୍ତି। ଛାଡ଼ପତ୍ର ପାଇଥିବା ଜଣେ ମହିଳା ତାଙ୍କ ମାଆ ଏବଂ ଭାଇଙ୍କଠାରୁ ଭରଣପୋଷଣ ଦାବି କରିଥିବାବେଳେ ପରିବାର ଅଦାଲତ ତାଙ୍କ ଆବେଦନକୁ ଖାରଜ କରିଦେଇଥିଲେ। ଫାମିଲି କୋର୍ଟଙ୍କ ରାୟକୁ ମହିଳା ଜଣକ ଦିଲ୍ଲୀ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ହିନ୍ଦୁ ପୋଷ୍ୟ ଗ୍ରହଣ ଏବଂ ଭରଣପୋଷଣ ଆଇନର ଧାରା ୨୧ ଅନୁଯାୟୀ କେବଳ ନିର୍ଭରଶୀଳ ସଦସ୍ୟ ଭରଣପୋଷଣ ଦାବି କରିପାରିବେ। ଏଥିରେ ୯ ପ୍ରକାର ସମ୍ପର୍କକୁ ମୃତ ବାପାଙ୍କ ସମ୍ପତ୍ତି ପାଇବାକୁ ହକ୍‌ଦାର ବୋଲି କୁହାଯାଇଥିବାବେଳେ ଛାଡ଼ପତ୍ର ପାଇଥିବା ଝିଅଙ୍କୁ ରଖାଯାଇ ନାହିଁ ବୋଲି ବିଚାରପତି ସୁରେଶ କୁମାର କୈତ୍ ଏବଂ ନୀନା ବଂଶଲ କ୍ରିଷ୍ଣାଙ୍କ ଖଣ୍ଡପୀଠ କହିଛନ୍ତି।



ଆବେଦନକାରୀ ମହିଳାଙ୍କ ବାପାଙ୍କର ୧୯୯୯ରେ ପରଲୋକ ଘଟିଥିଲା। ବାପାଙ୍କର ୪ ଉତ୍ତରାଧିକାରୀ ହେଲେ ତାଙ୍କ ସ୍ତ୍ରୀ, ପୁଅ ଏବଂ ୨ ଝିଅ। ହେଲେ ତାଙ୍କୁ ଉତ୍ତରାଧିକାର ଭାଗ ମିଳି ନ ଥିବା ସେ ଅଭିଯୋଗ କରିଥିଲେ। ମହିଳା ଜଣକ ସମ୍ପତ୍ତିରୁ ଭାଗ ପାଇବାକୁ ଦାବି ନ କଲେ, ତାଙ୍କୁ ଭରଣପୋଷଣ ବାବଦକୁ ମାସିକ ୪୫,୦୦୦ ଟଙ୍କା ଦେବାକୁ ମାଆ ଏବଂ ଭାଇ ରାଜି ହୋଇଥିଲେ। ୨୦୧୪ ନଭେମ୍ବର ପର୍ଯ୍ୟନ୍ତ ସେ ନିୟମିତ ଭରଣପୋଷଣ ପାଇଆସୁଥିଲେ। ତା ପରେ ବାପଘର ଭରଣପୋଷଣ ଦେବା ବନ୍ଦ କରିଦେଇଥିଲେ ବୋଲି ମହିଳା ଜଣକ ଅଭିଯୋଗରେ ଦର୍ଶାଇଛନ୍ତି। ସ୍ୱାମୀ ତାଙ୍କଠାରୁ ଅଲଗା ହୋଇଯିବା ପରେ ୨୦୦୧ ସେପ୍ଟେମ୍ବରରେ ସେମାନଙ୍କ ମଧ୍ୟରେ ଛାଡ଼ପତ୍ର ହୋଇଥିଲା। ସେତେବେଳେ ସ୍ୱାମୀଙ୍କଠାରୁ ଭରଣପୋଷଣ ପାଇବା କଥା ପରିବାର ଅଦାଲତ ବିଚାରକୁ ନେଇ ନ ଥିଲେ। ଏହା ପରେ ସ୍ୱାମୀଙ୍କର କୌଣସି ଖବର ମିଳୁ ନ ଥିବାରୁ ମହିଳା ଜଣକ ଭରଣପୋଷଣ ପାଇଁ ଦାବି କରିପାରି ନାହାନ୍ତି। ଏହା ଏକ ଜଟିଳ ସ୍ଥିତି ହେଲେ ମଧ୍ୟ ହିନ୍ଦୁ ଭରଣପୋଷଣ ଆଇନରେ ଛାଡ଼ପତ୍ର ପାଇଥିବା ଝିଅ ବାପଘରୁ ଭରଣପୋଷଣ ପାଇବାକୁ ହକ୍‌ଦାର ନୁହନ୍ତି ବୋଲି ହାଇକୋର୍ଟ ତାଙ୍କ ରାୟରେ କହିଛନ୍ତି।

# ରାଜ୍ୟରେ ଡେଙ୍ଗୁ ସ୍ଥିତି ସଙ୍ଗିନ

## ୬ ହଜାରରୁ ଊର୍ଦ୍ଧ୍ୱ ଆକ୍ରାନ୍ତ

ଭୁବନେଶ୍ୱର,୧୫।୯(ଅଭିଜିତ ଦାସ)

ରାଜ୍ୟରେ ଡେଙ୍ଗୁ ସ୍ଥିତି ଦିନକୁ ଦିନ ସଙ୍ଗିନ ହେବାରେ ଲାଗିଛି। ଜ୍ୱର ହେଲେ ଲୋକଙ୍କୁ ଡେଙ୍ଗୁ ଭୟ ଘାରୁଛି। ଘରେ ଘରେ ଜ୍ୱର ବ୍ୟାପୁଥିବାବେଳେ ଡାକ୍ତରଖାନାରେ ଭିଡ଼ ଜମୁଛି। ଟିକେଟ କାଉଣ୍ଟରଠାରୁ ଆରମ୍ଭ କରି ଡାକ୍ତରଙ୍କ ଚାମ୍ବର ଓ ଟେଷ୍ଟିଂ ସେଣ୍ଟରରେ ଜ୍ୱର ରୋଗୀଙ୍କ ଲମ୍ବା ଧାଡ଼ି ଲାଗୁଛି। ସ୍ଥିତି ଏପରି ହେଉଛି ଅଧିକାଂଶ ରୋଗୀ ଏତେ ସମୟ ଅପେକ୍ଷା ନ କରି କେବଳ ମେଡିସିନ୍ ଧରି ଘରକୁ ଫେରୁଥିବା ଦେଖିବାକୁ ମିଳୁଛି। ପୁଣି ଯେତିକି ନମୁନା ପରୀକ୍ଷା ହେଉଛି ସେଥିରୁ ଡେଙ୍ଗୁ ପଜିଟିଭ୍ ହାର ମଧ୍ୟ ବଢ଼ି ଚାଲିଛି। ଏଥିରୁ ଡେଙ୍ଗୁ ମୁକାବିଲା କ୍ଷେତ୍ରରେ ସ୍ୱାସ୍ଥ୍ୟ ବିଭାଗର ପଦକ୍ଷେପ ଗ୍ରହଣ କାଟୁ କରୁ ନ ଥିବା ବାରି ହୋଇପଡୁଛି। ସ୍ଥିତି ନିୟନ୍ତ୍ରଣରେ ଥିବା ବିଭାଗ କହୁଥିବାବେଳେ ଇତିମଧ୍ୟରେ ରାଜ୍ୟରେ ଆକ୍ରାନ୍ତଙ୍କ ସଂଖ୍ୟା ୬ ହଜାର ପାର୍ କରିଛି। ଗତବର୍ଷ ଭଳି ଚଳିତବର୍ଷ ମଧ୍ୟ ଖୋର୍ଦ୍ଧା ଜିଲା ଡେଙ୍ଗୁ ହଟସ୍ପଟ୍ ପାଲଟିଥିବାବେଳେ ଏହା ତଳକୁ ଥିବା ପୁରୀ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ହୁ ହୁ ବଢ଼ିବାରେ ଲାଗିଛି।

ଜନସ୍ୱାସ୍ଥ୍ୟ ବିଭାଗର ତଥ୍ୟ ଅନୁଯାୟୀ, ରାଜ୍ୟର ବିଭିନ୍ନ ଜିଲାରେ ୧୪ ତାରିଖ ସୁଦ୍ଧା





୭୭,୦୦୧ ରକ୍ତ ନମୁନା ପରୀକ୍ଷଣ ହୋଇଥିବାବେଳେ ସେଥିରୁ ୬୦୬୮ ଡେଙ୍ଗୁ ପଜିଟିଭ ବାହାରିଛି। ଗତବର୍ଷ ୩ ହଜାର ୪୮୨ ଜଣ ଡେଙ୍ଗୁ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ଚଳିତବର୍ଷ ଏହି ସଂଖ୍ୟାରେ ୨ ଗୁଣା ବୃଦ୍ଧି ହୋଇଛି। ତେବେ ଖୋର୍ଦ୍ଧା ଜିଲାରେ ସର୍ବାଧିକ ୨ ହଜାର ୬୦୪ ଜଣ ଡେଙ୍ଗୁ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେହିପରି ପୁରୀ ଜିଲାରେ ୬୭୨, କଟକରେ ୫୫୭, ବାଲେଶ୍ୱରରେ ୫୬୨, ଜଗତସିଂହପୁରରେ ୩୦୮ ଓ ନୟାଗଡ ଜିଲାରେ ୨୨୪ ଡେଙ୍ଗୁ ରୋଗୀ ରହିଛନ୍ତି। ୧୦ଟି ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୨୦ ତଳକୁ ଥିବାବେଳେ ବୌଦ୍ଧ ଜିଲାରେ ଜଣେ ପଜିଟିଭ ଚିହ୍ନଟ ହୋଇଛନ୍ତି। ଇତି ମଧ୍ୟରେ ପୁରୀ ଓ ବାଲେଶ୍ୱର ଜିଲାରେ କ୍ରମଶଃ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗଛି। ଅନ୍ୟପକ୍ଷରେ ଅଧିକାଂଶ ଡେଙ୍ଗୁ ରୋଗୀ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି)ର ନୟାପଲ୍ଲୀ, ଶହୀଦନଗର ଓ ୟୁନିଟ-୯ ଅଞ୍ଚଳରେ ଚିହ୍ନଟ ହୋଇଥିବାବେଳେ ଉଭୟ ବିଏମ୍‌ସି ଓ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସେପରି ଦୃଢ଼ ଓ ସଫଳ ପଦକ୍ଷେପ ଗ୍ରହଣ କରାଯାଇ ନ ଥିବା ଅଭିଯୋଗ ହେଉଛି। ଚଳିତବର୍ଷ ଜୁନ୍‌ରୁ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ବିଭାଗ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଜରିଆରେ ଡେଙ୍ଗୁ ରୋକିବା ପାଇଁ ପଦକ୍ଷେପ ନିଆଯାଉଥିବା କୁହାଯାଉଥିଲେ ମଧ୍ୟ ଆକ୍ରାନ୍ତଙ୍କ ଉପରେ ରୋକ୍ ଲାଗିପାରୁନାହିଁ। ସେହିପରି ପୂର୍ବରୁ ସେପ୍ଟେମ୍ବର ଯାଏ ସତର୍କତା ଜାରି କରାଯାଇଥିବାବେଳେ ଏବେ ବିଭାଗ ପକ୍ଷରୁ ଅକ୍ଟୋବର ଯାଏ ସଚେତନ ରହିବାକୁ ନିର୍ଦ୍ଦେଶ ଜାରି କରାଯାଇଛି।

# ଆଜି ୪ ଓଡ଼ିଆ ପାଇବେ 'କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ଅମ୍ରିତ ପୁରସ୍କାର'

ଭୁବନେଶ୍ୱର,୧୫।୯ (ଶର୍ମିଷ୍ଠା ପାଣିଗ୍ରାହୀ)

ପର୍‌ଫର୍‌ମିଙ୍ଗ ଆର୍ଟ କ୍ଷେତ୍ରରେ ଜୀବନବ୍ୟାପୀ ସାଧନା ପାଇଁ ଓଡ଼ିଶାର ୪ ବରିଷ୍ଠ କଳାକାର ପାଇବେ 'କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ଅମ୍ରିତ ପୁରସ୍କାର'। ଶନିବାର କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ନୂଆଦିଲ୍ଲୀ ବିଜ୍ଞାନ ଭବନରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ଉପରାଷ୍ଟ୍ରପତି ଜଗଦୀପ୍ ଧନଖର ପୁରସ୍କୃତ କରିବେ। ସର୍ବଭାରତୀୟ ସ୍ତରରେ ୮୪ଜଣ ବର୍ଷୀୟାନ କଳାକାର ଏହି ପୁରସ୍କାର ପାଉଛନ୍ତି। ଏମାନଙ୍କ ମଧ୍ୟରେ ଓଡ଼ିଶାର ୪ଜଣ ହେଲେ - ନାଟକ କ୍ଷେତ୍ରରେ ଅନନ୍ତ ମହାପାତ୍ର, ଲୋକସଙ୍ଗୀତ ବ୍ରହ୍ମବୀଣା ପାଇଁ ଆନନ୍ଦ ବାଗ, ଛଉନୃତ୍ୟ ପାଇଁ ସିଦ୍ଧେଶ୍ୱର ଦାସ ଓ ଗୋଟିପୁଅ ନୃତ୍ୟ ପାଇଁ ଗୋବିନ୍ଦ ଚନ୍ଦ୍ର ପାଲ୍। ପୁରସ୍କାର ବାବଦରେ ପ୍ରତ୍ୟେକଙ୍କୁ ୧ଲକ୍ଷ ଟଙ୍କାର ପୁରସ୍କାର ରାଶି ସହ ତାମ୍ରପାତ୍ର ଓ ଅଙ୍ଗବସ୍ତ୍ର ପ୍ରଦାନ କରାଯିବ। ଏ ନେଇ ଏକାଡେମୀ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ଜାତୀୟ ପୁରସ୍କାର ପାଇ ନ ଥିବା ୭୫ବର୍ଷରୁ ଊର୍ଦ୍ଧ୍ୱ ବୟସର କଳାକାରଙ୍କୁ ଏହି ପୁରସ୍କାର ଦିଆଯାଉଛି।

# ସିପା, ଲିପାଙ୍କୁ ପୋଷ୍ୟ ସନ୍ତାନ ଗ୍ରହଣକଲେ ବେଙ୍ଗାଲୁରୁ ଦମ୍ପତି

କଟକ,୧୫।୯(ସୁପ୍ରିୟା ପ୍ରିୟଦର୍ଶିନୀ)

ଶିଶୁକନ୍ୟା ସିପା ଓ ଲିପାଙ୍କୁ ମିଳିଲା ନୂଆ ଠିକଣା। ବେଙ୍ଗାଲୁରୁର ରାହୁଲ ଆଇଜାକ୍ ଓ ଆଞ୍ଜେଲିନ କୁଟ୍ଟାବିଲା କଟକସ୍ଥିତ ବସୁନ୍ଧରାରୁ ଆଇନଗତ ଭାବେ ସିପା ଓ ଲିପା ଦୁଇ ଭଉଣୀଙ୍କୁ ପୋଷ୍ୟସନ୍ତାନ ଭାବେ ଗ୍ରହଣ କରିଛନ୍ତି। କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀ ଏଥିପାଇଁ ବେଙ୍ଗାଲୁରୁ ଦମ୍ପତିଙ୍କୁ ଅନୁମତି ପ୍ରଦାନ କରିଛନ୍ତି। ଶୁକ୍ରବାର ପୂର୍ବାହ୍ନରେ ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହଠାରେ ଅତିରିକ୍ତ ଜିଲାପାଳ (ଉନ୍ନୟନ ଓ ରାଜସ୍ୱ) ଉମାକାନ୍ତ ରାଜଙ୍କ ଉପସ୍ଥିତିରେ ଶିଶୁକନ୍ୟାଦ୍ୱୟଙ୍କୁ ସେମାନଙ୍କ ନୂତନ ମାତାପିତାଙ୍କୁ ହସ୍ତାନ୍ତର କରାଯାଇଥିଲା। ଶିଶୁକନ୍ୟାଦ୍ୱୟଙ୍କୁ ପରିବାର, ମାତାପିତା ଓ ପରିଚୟ ମିଳିପାରିଥିବାରୁ ଅତିରିକ୍ତ ଜିଲାପାଳ ରାଜ୍ ସନ୍ତୋଷ ବ୍ୟକ୍ତ କରିଥିଲେ। ରାହୁଲ ଓ ଆଞ୍ଜେଲିନଙ୍କ ଏଭଳି କାର୍ଯ୍ୟ ନିଶ୍ଚିତ ଭାବେ ପ୍ରଶଂସନୀୟ ବୋଲି ସେ ମତ ଦେଇଥିଲେ।



ସିପା ଓ ଲିପାଙ୍କୁ ପୋଷ୍ୟସନ୍ତାନ ଭାବେ ଗ୍ରହଣ କରିଥିବା ବେଙ୍ଗାଲୁରୁ ଦମ୍ପତି।

ସୂଚନାଯୋଗ୍ୟ, ୨୦୨୧ରେ ଜଗତପୁର ଅଞ୍ଚଳରୁ ଶିଶୁକନ୍ୟାଦ୍ୱୟଙ୍କୁ ବସୁନ୍ଧରା ପକ୍ଷରୁ ଉଦ୍ଧାର କରାଯାଇଥିଲା। ଜଣଙ୍କର ବୟସ ଅଢ଼େଇବର୍ଷ ହୋଇଥିବାବେଳେ ଅନ୍ୟ ଜଣଙ୍କ ବୟସ ୪ ବର୍ଷ। ୨୦୨୨ ଜାନୁଆରୀ ୧୦ରେ ରାହୁଲ ଓ ଆଞ୍ଜେଲିନ ଉଭୟ ଶିଶୁକନ୍ୟାଙ୍କୁ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରିବା ପାଇଁ ଆବେଦନ କରିଥିଲେ। ଏହାପରେ କେନ୍ଦ୍ରୀୟ ପୋଷ୍ୟସନ୍ତାନ ସଂସାଧନ କର୍ତ୍ତୃପକ୍ଷ ବିନା ଆପତ୍ତିରେ ଏହି ଦମ୍ପତିଙ୍କୁ ପୋଷ୍ୟ ସନ୍ତାନ ଗ୍ରହଣ କରିବା ନିମନ୍ତେ ଗତ ଜୁଲାଇ ୧୫ରେ ଅନୁମତି ପ୍ରଦାନ କରିଥିଲେ। ସିପା ଓ ଲିପାଙ୍କ ବାପା ପେସାରେ ଜଣେ ମାର୍କେଟିଂ ମ୍ୟାନେଜର ଓ ମାତା ବରିଷ୍ଠ ପରିସଂଖ୍ୟାନ ପରିଚାଳନା ଅଧିକାରୀ ଭାବେ କାର୍ଯ୍ୟରତ ବୋଲି ଜଣାପଡ଼ିଛି। ଏ ସମ୍ପର୍କରେ ରାହୁଲ ଓ ଆଞ୍ଜେଲିନ କହିଛନ୍ତି, ସିପା ଏବଂ ଲିପା ସେମାନଙ୍କୁ ଖୁବ୍ ଭଲ ପାଉଛନ୍ତି। ସେମାନେ ମଧ୍ୟ ଦୁଇ ଶିଶୁକନ୍ୟାଙ୍କୁ ଅଧିକ ଭଲ ପାଉଛନ୍ତି। ସିପା ଓ ଲିପାଙ୍କର ନୂତନ ଜୀବନ ଯାତ୍ରାରେ ପ୍ରଶାସନର ସହଯୋଗ ଏକ ନୂତନ ପ୍ରେରଣା ଯୋଗାଇବ।




# ମୋଦି ସବୁଠୁ ଲୋକପ୍ରିୟ ବିଶ୍ୱନେତା

## ଗ୍ଲୋବାଲ ଲିଡର ଆପ୍ରୁଭାଲ୍ ସର୍ଭେ



ନୂଆଦିଲ୍ଲୀ,୧୫।୯

ଜି୨୦ ସମିଟ୍‌ର ସଫଳ ଆୟୋଜନ ପରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପୁଣିଥରେ ସବୁଠୁ ଲୋକପ୍ରିୟ ବିଶ୍ୱନେତାର ପରିଚୟ ହାସଲ କରିଛନ୍ତି। ତାଙ୍କ ପ୍ରତି ସର୍ବାଧିକ ୭୬ ପ୍ରତିଶତ ସ୍ୱୀକୃତି ରେଟିଂ ରହିଥିବା ଗ୍ଲୋବାଲ ଲିଡର ଆପ୍ରୁଭାଲ୍ ସର୍ଭେରେ କୁହାଯାଇଛି। ମର୍ନିଂ କନ୍‌ସଲ୍ଟ ପ୍ରକାଶ କରିଥିବା ଉକ୍ତ ସର୍ବେକ୍ଷଣ ଅନୁଯାୟୀ ଲୋକପ୍ରିୟ ନେତା ତାଲିକାର ଦ୍ୱିତୀୟ ସ୍ଥାନରେ ସୁଇଜରଲାଣ୍ଡ ରାଷ୍ଟ୍ରପତି ଆଲାଇନ୍ ବେର୍‌ସେଟ୍ ରହିଛନ୍ତି। ତାଙ୍କ ପ୍ରତି ଅନୁମୋଦନ ରେଟିଂ ମୋଦିଙ୍କଠାରୁ ୧୨ ପ୍ରତିଶତ କମ୍ ରହିଛି। ଆପ୍ରୁଭାଲ ରେଟିଂରେ ୪୦% ସହ ଆମେରିକା ରାଷ୍ଟ୍ରପତି ତାଲିକାର ସପ୍ତମ ସ୍ଥାନରେ ରହିଛନ୍ତି। ସେପ୍ଟେମ୍ବର ୬ରୁ ୧୨ ତାରିଖ ମଧ୍ୟରେ ଏହି ତଥ୍ୟ ସଂଗ୍ରହ କରାଯାଇଥିଲା। ମୋଦିଙ୍କ ପ୍ରତି ଅସ୍ୱୀକୃତି ହାର ସର୍ବନିମ୍ନ ୧୮ ପ୍ରତିଶତ ରହିଛି। ତାଲିକାର ଶୀର୍ଷ ୧୦ ନେତାଙ୍କ ମଧ୍ୟରେ କାନାଡ଼ାର ଜଷ୍ଟିନ୍ ଟ୍ରୁଡୁ ରହିଛନ୍ତି। ତାଙ୍କ ପ୍ରତି ୫୮ ପ୍ରତିଶତ ସ୍ୱୀକୃତି ରହିଛି। ରାଜନୈତିକ ଗୋଇନ୍ଦା ଗବେଷଣା ସଂସ୍ଥା ୨୨ ଜଣ ବିଶ୍ୱ ନେତାଙ୍କ ଉପରେ ଏହି ସର୍ଭେ କରିଥିଲା। ଦକ୍ଷିଣ କୋରିଆ ରାଷ୍ଟ୍ରପତି ୟୁନ୍ ସେଓକ୍-ୟୋଉଲ୍, ଚେକ୍ ରିପବ୍ଲିକ୍ ରାଷ୍ଟ୍ରପତି ପେଟ୍ର ପାଭେଲଙ୍କ ପ୍ରତି ସର୍ବନିମ୍ନ ସ୍ୱୀକୃତି ରହିଛି।

# ରାମଚରିତ ମାନସ 'ପଟାସିୟମ ସିୟାନାଇଡ୍' ଭଳି ବିଷାକ୍ତ

## ବିହାର ମନ୍ତ୍ରୀଙ୍କ ବିବାଦୀୟ ମନ୍ତବ୍ୟ


ଚନ୍ଦ୍ରଶେଖର ସାନି

ପାଟନା,୧୫।୯

ରାମଚରିତ ମାନସ ଭଳି ପୁରାତନ ଗ୍ରନ୍ଥ 'ପଟାସିୟମ ସିୟାନାଇଡ୍' ସଦୃଶ ବିଷାକ୍ତ ବୋଲି ମନ୍ତବ୍ୟ ଦେଇ ବିହାର ଶିକ୍ଷାମନ୍ତ୍ରୀ ଚନ୍ଦ୍ରଶେଖର ସାନି ବିବାଦ ସୃଷ୍ଟି କରିଛନ୍ତି। ଗୁରୁବାର ବିଳମ୍ବିତ ରାତିରେ ଏକ ଉତ୍ସବରେ ଯୋଗଦେବା ଅବସରରେ ଏହି ଆର୍‌ଜେଡି ନେତା ଦେଇଥିବା ମନ୍ତବ୍ୟର ଭିଡିଓ କ୍ଲିପ୍ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଚନ୍ଦ୍ରଶେଖର କହିଛନ୍ତି, ଏହା କେବଳ ତାଙ୍କ ମତ ନୁହେଁ, ହିନ୍ଦୀ ସାହିତ୍ୟିକ ନାଗାର୍ଜୁନ ଏବଂ ସମାଜବାଦୀ ଚିନ୍ତାନାୟକ ରାମ ମନୋହର ଲୋହିଆ ମଧ୍ୟ ରାମଚରିତ ମାନସରେ ଅନେକ ପଶ୍ଚାତ୍‌ଗାମୀ ଚିନ୍ତାଧାରା ରହିଥିବା କହିଥିଲେ। ଉକ୍ତ ଗ୍ରନ୍ଥରେ ଅନେକ ଭଲ କଥା ଥିବା ଆର୍‌ଜେଡି ନେତା ସ୍ୱୀକାର କରିଛନ୍ତି। ଯଦି ଆମେ ୫୫ ପ୍ରକାର ସୁସ୍ୱାଦୁ ବ୍ୟଞ୍ଜନ ପରଷିବା ସହ ସେଥିରେ ପୋଟାସିୟମ ସିୟାନାଇଡ୍ ଛିଞ୍ଚିଦେବା, ତାହା ଆଉ ଖାଦ୍ୟ ଯୋଗ୍ୟ ରହିବ ନାହିଁ ବୋଲି ସେ କହିଛନ୍ତି।

# ମହାକାଶ ଗଲେ ଜଣେ ଆମେରିକୀୟ, ୨ ଋଷୀୟ


କାଜାଖସ୍ତାନର ବୈକାନୁର କସ୍‌ମୋଡ୍ରୋମ୍ ଲଞ୍ଚପ୍ୟାଡ୍‌ରୁ ସୋୟୁଜ୍ ଏମ୍‌ଏସ୍-୨୪ ସ୍ପେସ୍‌କ୍ରାଫ୍ଟର ଯାତ୍ରା ଆରମ୍ଭ ବେଳର ଦୃଶ୍ୟ।

ମସ୍କୋ,୧୫।୯

ଜଣେ ଆମେରିକୀୟ ଓ ୨ ଋଷୀୟ ଶୁକ୍ରବାର କାଜାଖସ୍ତାନରୁ ଋଷିଆର ଏକ ସ୍ପେସ୍‌କ୍ରାଫ୍ଟରେ ଇଣ୍ଟରନ୍ୟାଶନାଲ୍ ସ୍ପେସ୍ ଷ୍ଟେଶନ୍ (ଆଇଏସ୍‌ଏସ୍)କୁ ଯାତ୍ରା କରିଛନ୍ତି। ଆମେରିକାର ମହାକାଶ ଗବେଷଣା ସଂସ୍ଥା ନାସା ପକ୍ଷରୁ ମହାକାଶଚାରୀ ଲୋରାଲ ଓ'ହାରାଙ୍କ ସହ ଋଷିଆର ଓଲେଗ୍ କୋନୋନେଙ୍କୋ ଓ ନିକୋଲାଇ ଚୁବ୍ ବୈକାନୁର କସ୍‌ମୋଡ୍ରୋମ୍‌ରୁ ସୋୟୁଜ୍ କ୍ୟାପ୍‌ସୁଲରେ ଯାତ୍ରା ଆରମ୍ଭ କରିଛନ୍ତି। ଆଇଏସ୍‌ଏସ୍‌ରେ ଓ'ହାରା ୬ ମାସ ବିତାଇବେ ଏବଂ ଅନ୍ୟ ୨ ଜଣ ସେଠାରେ ବର୍ଷେ ରହିବେ। ଏହି ୩ ଜଣ ଗତବର୍ଷ ସ୍ପେସ୍ ଷ୍ଟେଶନକୁ ଯିବାର କାର୍ଯ୍ୟକ୍ରମ ରହିଥିଲା। ତେବେ କୌଣସି କାରଣରୁ ଉକ୍ତ ମିଶନକୁ ସ୍ଥଗିତ ରଖାଯାଇଥିଲା।


ମହାକାଶଚାରୀ ଲୋରାଲ ଓ'ହାରାଙ୍କ ସହ ଓଲେଗ୍ କୋନୋନେଙ୍କୋ ଓ ନିକୋଲାଇ ଚୁବ୍।

# ଅନନ୍ତନାଗରେ ଗୁଳି ବିନିମୟ ଜାରି

## ଏନ୍‌କାଉଣ୍ଟର ୩ୟ ଦିନରେ ଆହତ ଯବାନଙ୍କ ମୃତ୍ୟୁ

ନୂଆଦିଲ୍ଲୀ,୧୫।୯(ପି.ଟି.)

ଜମ୍ମୁ-କଶ୍ମୀରର ଅନନ୍ତନାଗ ଜିଲାରେ ବୁଧବାର ସୁରକ୍ଷା ବଳ ଏବଂ ଆତଙ୍କବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟି ଜଣେ ସେନା କଲୋନେଲ, ଜଣେ ମେଜର ଏବଂ ଜଣେ ପୋଲିସ ଅଫିସର ଶହୀଦ ହୋଇଥିଲେ। ଏହି ଗୁଳିବିନିମୟ ବେଳେ ଆହତ ହୋଇଥିବା ଜଣେ ଯବାନ ଶୁକ୍ରବାର ଆଖି ବୁଜିଛନ୍ତି। ଏହାକୁ ମିଶାଇ ଶହୀଦ ଯବାନଙ୍କ ସଂଖ୍ୟା ୪ରେ ପହଞ୍ଚିଛି। ବୁଧବାରଠାରୁ ଅନନ୍ତନାଗ ଜିଲାରେ ଏନ୍‌କାଉଣ୍ଟର ଜାରି ରହିଛି। ସୁରକ୍ଷା ବଳ ଜିଲାର କୋକେରନାଗ ଜଙ୍ଗଲ ଅଞ୍ଚଳକୁ ଚାରିପଟୁ ଘେରି ଆତଙ୍କବାଦୀମାନଙ୍କୁ ଧରିବା ପାଇଁ ତଲାସି ଅଭିଯାନକୁ ଜୋର୍‌ଦାର କରିଛନ୍ତି। ଶୁକ୍ରବାର ସକାଳେ ଜଙ୍ଗଲ ଅଞ୍ଚଳରୁ ବିସ୍ଫୋରଣ ଏବଂ ଗୁଳି ବିନିମୟର ଶବ୍ଦ ଶୁଣିବାକୁ ମିଳିଥିଲା, ଯାହା ଅପରାହ୍ଣ ପର୍ଯ୍ୟନ୍ତ ଜାରି ରହିଥିଲା। ଆତଙ୍କବାଦୀଙ୍କ ଗୁଳିରେ କଲୋନେଲ ମନପ୍ରୀତ୍ ସିଂ, ମେଜର ଆଶିଷ ଏବଂ ଡିଏସ୍‌ପି ହୁମାୟୁନ୍ ଭଟ୍ଟ ପ୍ରାଣ ହରାଇଥିବାବେଳେ ଚତୁର୍ଥ ଶହୀଦଙ୍କ ପରିଚୟ ଜଣାପଡ଼ି ନାହିଁ।


ଅନନ୍ତନାଗରେ ଏନ୍‌କାଉଣ୍ଟରରେ ଶହୀଦ ହୋଇଥିବା କଲୋନେଲ ମନପ୍ରୀତ୍ ସିଂଙ୍କ ଶେଷକୃତ୍ୟ ଶୁକ୍ରବାର ତାଙ୍କ ଜନ୍ମସ୍ଥାନ ମୋହାଲିରେ ସମ୍ପନ୍ନ ହେବା ପୂର୍ବରୁ ମରଶରୀର ନିକଟରେ ଶୋକାକୁଳ ପରିବାର ସଦସ୍ୟ ଓ ସମ୍ପର୍କୀୟମାନେ।

# ୨ ଜଣଙ୍କୁ ମୃତ୍ୟୁ ଦଣ୍ଡାଦେଶ ଦେଲେ ଏନ୍‌ଆଇଏ କୋର୍ଟ

ନୂଆଦିଲ୍ଲୀ,୧୫।୯

ଉତ୍ତର ପ୍ରଦେଶର ଜଣେ ଅବସରପ୍ରାପ୍ତ ସ୍କୁଲ ପ୍ରିନ୍ସିପାଲଙ୍କୁ ହତ୍ୟା କରିବା ଅଭିଯୋଗରେ ଶୁକ୍ରବାର ଲକ୍ଷ୍ନୌସ୍ଥିତ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ)ର ଏକ ସ୍ୱତନ୍ତ୍ର ଅଦାଲତ ୨ ଜଣଙ୍କୁ ମୃତ୍ୟୁ ଦଣ୍ଡାଦେଶ ଦେଇଛନ୍ତି। କାନପୁର ବାସିନ୍ଦା ତଥା ଆତଙ୍କବାଦୀ ସଙ୍ଗଠନ ଇସ୍‌ଲାମିକ୍ ଷ୍ଟେଟ୍ (ଆଇଏସ୍) ସଦସ୍ୟ ଅତିଫ୍ ମୁଜାଫର ଓ ଫୈଜାଲ ଖାନ୍ ୨୦୧୬ ଅକ୍ଟୋବର ୨୪ରେ ପ୍ୟୋଣ୍ଡି ଗ୍ରାମ ନିକଟରେ ପ୍ରିନ୍ସିପାଲ ରମେଶ ବାବୁ ଶୁକ୍ଲାଙ୍କୁ ହତ୍ୟା କରିଥିବା ଅଭିଯୋଗ ହୋଇଥିଲା।

# ରାହୁଲ ନବୀନଙ୍କୁ ଇଡି ମୁଖ୍ୟ ଦାୟିତ୍ୱ

## ସଞ୍ଜୟ ମିଶ୍ରାଙ୍କ କାର୍ଯ୍ୟକାଳ ଶେଷ

ନୂଆଦିଲ୍ଲୀ,୧୫।୯(ପି.ଟି.)

ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ମୁଖ୍ୟ ସଞ୍ଜୟ ମିଶ୍ରାଙ୍କ କାର୍ଯ୍ୟକାଳ ଶୁକ୍ରବାର ଶେଷ ହୋଇଛି। ଏଥିସହ ୧୯୯୩ ବ୍ୟାଚ୍ ଭାରତୀୟ ରାଜସ୍ୱ ସେବା (ଆଇଆର୍‌ଏସ୍) ଅଧିକାରୀ ରାହୁଲ ନବୀନଙ୍କୁ ଇଡି ମୁଖ୍ୟ ଦାୟିତ୍ୱ ଦିଆଯାଇଛି। ଏକ ସରକାରୀ ନିର୍ଦ୍ଦେଶନାମା ଅନୁସାରେ ଇଡିର ଜଣେ ନିୟମିତ ନିର୍ଦ୍ଦେଶକ ନିଯୁକ୍ତ ନ ହେବା ଯାଏ ସ୍ୱତନ୍ତ୍ର ନିର୍ଦ୍ଦେଶକ ଥିବା ନବୀନ ଏହି ଦାୟିତ୍ୱ ତୁଲାଇବେ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନବୀନଙ୍କୁ ଏହି ନିଯୁକ୍ତି ଦେଇଥିବା ଏଥିରେ କୁହାଯାଇଛି। ପ୍ରକାଶ ଯେ, ଗତ ଜୁଲାଇ ୨୬ରେ ସୁପ୍ରିମକୋର୍ଟ ସଞ୍ଜୟଙ୍କୁ ସେପ୍ଟେମ୍ବର ୧୫ ପର୍ଯ୍ୟନ୍ତ ଇଡି ମୁଖ୍ୟ ଭାବେ କାର୍ଯ୍ୟ କରିବାକୁ ଅନୁମତି ପ୍ରଦାନ କରିଥିଲେ। କିନ୍ତୁ ଏହା ପରେ ତାଙ୍କ ଅବଧି ଆଉ ବଢ଼ାଯିବ ନାହିଁ ବୋଲି ମଧ୍ୟ ସ୍ପଷ୍ଟ କରିଥିଲେ। ୧୯୮୪ ବ୍ୟାଚ୍ ଆଇଆର୍‌ଏସ୍ ଅଧିକାରୀ ସଞ୍ଜୟଙ୍କ କାର୍ଯ୍ୟକାଳ ଏହା ପୂର୍ବରୁ ଦୁଇଥର ବୃଦ୍ଧି କରାଯାଇଥିବାରୁ ତୃତୀୟ ଥର ବୃଦ୍ଧିକୁ ସର୍ବୋଚ୍ଚ ଅଦାଲତ ବେଆଇନ ଦର୍ଶାଇଥିଲେ।


ରାହୁଲ ନବୀନ

## ବିଶ୍ୱ ଓଜୋନ ଦିବସ

# ଓଜୋନ ରହିଲେ ଜୀବନ ରହିବ

'ଓଜନ' ଓ 'ଓଜୋନ' – ଏହି ଶବ୍ଦ ଦୁଇଟା ପରସ୍ପରଠାରୁ ସମ୍ପୂର୍ଣ୍ଣ ଅଲଗା । 'ଓଜନ' କହିଲେ ମାପକୁ ବୁଝାଏ, କିନ୍ତୁ 'ଓଜୋନ' ହେଉଛି ବାଷ୍ପ, ଯେଉଁ ବାଷ୍ପ ବାୟୁମଣ୍ଡଳରେ ରହି ଆମ ଜୀବନକୁ ରକ୍ଷା କରୁଛି । ଆମେ ବଞ୍ଚିବା ପାଇଁ ଅମ୍ଳଜାନ ବାଷ୍ପ ଗ୍ରହଣ କରୁ । ଅମ୍ଳଜାନ ବାଷ୍ପରେ ଅମ୍ଳଜାନ ଅଣୁ ଥାଏ । ପ୍ରତ୍ୟେକ ଅମ୍ଳଜାନ ଅଣୁରେ ଦୁଇଟା ଅମ୍ଳଜାନ ପରମାଣୁ (କଣିକା) ଥାଏ । କିନ୍ତୁ ଦୁଇଟା ବଦଳରେ ତିନିଟା ଅମ୍ଳଜାନ କଣିକା ମିଶିଲେ ଓଜୋନ ବାଷ୍ପ ତିଆରି ହୁଏ। ଓଜୋନ ବାଷ୍ପରେ ଓଜୋନ ଅଣୁ ଥାଏ । ଓଜୋନ ବାଷ୍ପକୁ ପ୍ରକୃତି ତିଆରି କରିଛି ଓ ଆମ ପାଇଁ ବାୟୁମଣ୍ଡଳରେ ରଖିଛି । ବାୟୁମଣ୍ଡଳର ସମତାପ ମଣ୍ଡଳରେ ଭୂଇଁଠାରୁ ୮ କି.ମି. ରୁ ୫୦ କି.ମି. ଉଚ୍ଚତା ଭିତରେ ଓଜୋନ ବାଷ୍ପର ମୋଟା ସ୍ତର ରହିଛି । ତାହାକୁ ଆମେ 'ଓଜୋନ ସ୍ତର' ବୋଲି କହୁ । ଆଲୋକ ଓ ଉତ୍ତାପ ସହିତ ସୂର୍ଯ୍ୟକିରଣରେ ଅନେକ ପ୍ରକାର ରଶ୍ମି ପୃଥିବୀକୁ ଆସୁଛି । ସବୁ ରଶ୍ମି ଆମ ପାଇଁ ଉପକାରୀ ନୁହେଁ । କେତେକ ଅତି ମାରାତ୍ମକ । ସୂର୍ଯ୍ୟକିରଣରେ ଆସୁଥିବା କେତେକ ମାରାତ୍ମକ ବିକିରଣକୁ ଓଜୋନର ସ୍ତର ଭୂପୃଷ୍ଠକୁ ଛାଡେ ନାହିଁ । ସେଭଳି ଏକ ମାରାତ୍ମକ ବିକିରଣ ହେଉଛି 'ଅତିବାଇଗଣି-ଖ' (ୟୁ.ଭି.-ବି) । ଏହି ବିକିରଣ ଆମ ଶରୀରରେ ଚର୍ମରେ କର୍କଟ, ବାର୍ଦ୍ଧକ୍ୟ ଓ ଆଖିରେ ପରଳ ସୃଷ୍ଟି କରିପାରେ । ଏହି ବିକିରଣ ମଧ୍ୟ କୃଷି ଉତ୍ପାଦନ ଉପରେ କୁପ୍ରଭାବ ପକାଇଥାଏ । ସୂର୍ଯ୍ୟ କିରଣରେ ଏହି ଅତିବାଇଗଣି ବିକିରଣ ରହିଲେ ଗଛର ପତ୍ର ଛୋଟ ହୁଏ ଓ ଫୁଲ ଧରିବାରେ ବିଳମ୍ବ ହୁଏ । ମାଛ ଯାଆଁଳା ଠିକ୍ ଭାବରେ ବଢ଼ିପାରନ୍ତି ନାହିଁ । ଅତିବାଇଗଣି ବିକିରଣ ଦ୍ୱାରା ଘର, ଲୁଗାପଟା ଓ ଆସବାବ ଉପକରଣର ରଙ୍ଗ ଶୀଘ୍ର ଫିକା ପଡ଼ିଯାଏ । ପ୍ରତିବର୍ଷ ପ୍ରାୟ ୧,୩୦,୦୦୦ ବ୍ୟକ୍ତି ଚର୍ମକର୍କଟ ଦ୍ୱାରା ଆକ୍ରାନ୍ତ ହୁଅନ୍ତି ଓ ୬୬,୦୦୦ ବ୍ୟକ୍ତି ଚର୍ମକର୍କଟରେ ପ୍ରାଣ ହରାନ୍ତି । ତେଣୁ 'ଅତିବାଇଗଣି-ଖ' ବିକିରଣ ଆମ ପାଇଁ ବିପଦ । କିନ୍ତୁ ବାୟୁମଣ୍ଡଳରେ ଥିବା ଓଜୋନସ୍ତର ଏହି ମାରାତ୍ମକ ବିକିରଣକୁ ଶୋଷିନିଏ । ଓଜୋନସ୍ତର ନଥିଲେ ପୃଥିବୀପୃଷ୍ଠରେ ହୁଏତ ଆଜିର ଜୀବଜଗତ ସମ୍ଭବ ହୋଇପାରି ନଥାନ୍ତା । ତେଣୁ ଓଜୋନସ୍ତର ଆମର ରକ୍ଷାକାରୀ ଚଦର ପରି କାର୍ଯ୍ୟ କରୁଛି ।

୧୯୧୩ ମସିହାରେ ଓଜୋନ ସ୍ତର ଅଛି ବୋଲି ଜଣାପଡ଼ିଲା। ୧୯୭୦ ଦଶକରେ ଜଣାପଡ଼ିଲା ଯେ ବାୟୁମଣ୍ଡଳରେ ରହିଥିବା ଓଜୋନ ବାଷ୍ପର ସ୍ତର ପତଳା ହେଉଛି । ପତଳା ସ୍ତରକୁ 'ଓଜୋନ ଗର୍ତ୍ତ' (ଓଜୋନ୍ ହୋଲ୍) ବୋଲି କୁହାଗଲା । ଏହା ସମସ୍ତଙ୍କୁ ଭୟଭୀତ କରିଥିଲା । ସ୍ତର ପତଳା ହେବା ପଛରେ ରହିଥିବା କାରଣ ଖୋଜା ଚାଲିଲା। ଅନେକ କାରଣ ଭିତରୁ ମୁଖ୍ୟ କାରଣ ଥିଲା ସି.ଏଫ୍.ସି. (କ୍ଲୋରୋ-ଫ୍ଲୋରୋ-କାର୍ବନ୍) ବାଷ୍ପର ବହୁଳ ବ୍ୟବହାର । ବିଭିନ୍ନ ସୌଖୀନଦ୍ରବ୍ୟ, ଫୋମ୍, ଏରୋସୋଲ ସ୍ପ୍ରେ, ରେଫ୍ରିଜରେଟର ଓ ଏ.ସି. ଇତ୍ୟାଦିରେ ଏହି ସି.ଏଫ୍.ସି. ବାଷ୍ପ ବ୍ୟବହାର କରାଯାଏ । ଆମେ ବ୍ୟବହାର କରୁଥିବା ସି.ଏଫ୍.ସି. ବାଷ୍ପ ଦ୍ୱାରା ଓଜୋନ ବାଷ୍ପର ଅଣୁ ଭାଙ୍ଗିଯାଏ ଓ ବାୟୁମଣ୍ଡଳର ଓଜୋନ ସ୍ତର ନଷ୍ଟ ହୁଏ । ସି.ଏଫ୍.ସି. ବାଷ୍ପ ବ୍ୟତୀତ ମିଥାଇଲ ବ୍ରୋମାଇଡ୍ କୀଟନାଶକର ବ୍ୟବହାର ମଧ୍ୟ ଓଜୋନସ୍ତରକୁ ନଷ୍ଟ କରିବାରେ ସହାୟତା କରେ । ହାଲୋନ୍, କାର୍ବନ୍-ଟେଟ୍ରା କ୍ଲୋରାଇଡ୍, ମିଥାଇଲ କ୍ଲୋରୋଫର୍ମ, ହାଇଡ୍ରୋ କ୍ଲୋରୋଫ୍ଲୋରୋକାର୍ବନ୍ ଇତ୍ୟାଦିର ଉପସ୍ଥିତି ମଧ୍ୟ ଓଜୋନ ସ୍ତରକୁ ନଷ୍ଟ କରୁଛି । ତେଣୁ ଓଜୋନସ୍ତରକୁ ନଷ୍ଟ କରୁଥିବା ବିଭିନ୍ନ କାରକଗୁଡିକ ସମ୍ପର୍କରେ ଆମେ ସମସ୍ତେ ଜାଣିବା ଜରୁରୀ । ଆମେ ସଚେତନ ହେଲେ ଏହି ବାଷ୍ପର ବ୍ୟବହାର ଉପରେ କଟକଣା ଲାଗିପାରିବ । ସେହି ସଚେତନତା ସୃଷ୍ଟି କରିବା ସକାଶେ ମିଳିତ ଜାତିସଂଘର ପ୍ରସ୍ତାବ ଅନୁଯାୟୀ ୧୯୯୫ ମସିହାରୁ ପ୍ରତିବର୍ଷ ସେପ୍ଟେମ୍ବର ୧୬ ତାରିଖକୁ ସାରା ପୃଥିବୀରେ 'ବିଶ୍ୱ ଓଜୋନ ଦିବସ' ନାମରେ ପାଳନ କରାଯାଇ ଆସୁଛି । ଏବେ ମାରାତ୍ମକ ସି.ଏଫ୍.ସି. ବାଷ୍ପ ବଦଳରେ କମ୍ ବିପଦପୂର୍ଣ୍ଣ ବାଷ୍ପ ଏଚ୍. ସି.ଏଫ୍.ସି. ବ୍ୟବହୃତ ହେଉଛି ।

ଆଜି ବାୟୁମଣ୍ଡଳରେ ଓଜୋନ ବାଷ୍ପର ସ୍ତରକୁ ସୁରକ୍ଷିତ ରଖିବା ପଛରେ ଯାହାର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି, ତାହାର ନାମ 'ମଂଟ୍ରିଲ ପ୍ରୋଟକଲ' । ୧୯୮୭ ମସିହା ସେପ୍ଟେମ୍ବର ୧୬ ତାରିଖରେ ୩୬ଟି ଦେଶକୁ ନେଇ କାନାଡାର ମଂଟ୍ରିଲ୍‌ଠାରେ ଏକ ଚୁକ୍ତି (ରାଜିନାମା) ସ୍ୱାକ୍ଷରିତ ହୋଇଥିଲା । ଏହି ରାଜିନାମାକୁ କୁହାଯାଏ 'ମଂଟ୍ରିଲ ପ୍ରୋଟକଲ' । ଓଜୋନ କ୍ଷୟକୁ ରୋକିବା ପାଇଁ ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଏଥିରେ ବର୍ଣ୍ଣନା କରାଯାଇଥିଲା । ଏହି ଚୁକ୍ତିକୁ ସମ୍ମାନ ଜଣାଇ ସାରା ପୃଥିବୀରେ ଓଜୋନସ୍ତରକୁ ନଷ୍ଟ କରୁଥିବା ରାସାୟନିକ ଦ୍ରବ୍ୟଗୁଡିକର ଉତ୍ପାଦନକୁ ବନ୍ଦ ରଖାଯାଇଛି । ସେଥିପାଇଁ ଆଜି ଓଜୋନସ୍ତରକୁ ସୁରକ୍ଷିତ ରଖାଯାଇ ପାରିଛି । ସେହି ଚୁକ୍ତିକୁ ସମ୍ମାନ ଜଣାଇ ୨୦୨୩ ମସିହାରେ ବିଶ୍ୱ ଓଜୋନ ଦିବସ ପାଇଁ ଏକ ବାର୍ତ୍ତା ରଖାଯାଇଛି, ଯାହାକୁ ଇଂଲିଶରେ କୁହାଯାଉଛି – 'ଫିକ୍‌ସିଙ୍ଗ୍ ଦ ଓଜୋନ୍ ଲେୟାର ଆଣ୍ଡ୍ ରିଡ୍ୟୁସିଙ୍ଗ୍ କ୍ଲାଇମେଟ୍ ଚେଞ୍ଜ' । ତେଣୁ ଆଜି ବାର୍ତ୍ତା ମାଧ୍ୟମରେ ଓଜୋନ ସ୍ତରକୁ ସୁସ୍ଥ କରିବା ସହିତ ଜଳବାୟୁର ପରିବର୍ତ୍ତନକୁ କମ୍ କରିବା ସକାଶେ ପୃଥିବୀବାସୀଙ୍କୁ ଆହ୍ୱାନ ଦିଆଯାଉଛି । ୧୯୮୦ ମସିହାରେ ଏହି ସ୍ତର ଯେଉଁ ଅବସ୍ଥାରେ ଥିଲା, ୨୦୬୬ ମସିହା ସୁଦ୍ଧା ସେହି ଅବସ୍ଥାକୁ ଆଣିବା ପାଇଁ ଚେଷ୍ଟା କରାଯାଉଛି । ୨୧୦୦ ମସିହା ସୁଦ୍ଧା ବାୟୁମଣ୍ଡଳର ହାରାହାରି ତାପମାତ୍ରାକୁ ଅଧଡିଗ୍ରୀ ସେଲସିୟସ୍ କମ୍ କରିବା ଯୋଜନା ରହିଛି । ବାୟୁମଣ୍ଡଳର ହାରାହାରି ତାପମାତ୍ରାରେ ଅଧଡିଗ୍ରୀ ସେଲସିୟସ୍ କମିଗଲେ ଅନେକ ସମସ୍ୟାର ସମାଧାନ ହୋଇପାରିବ । ଦୀର୍ଘ ବର୍ଷ ଧରି 'ମଂଟ୍ରିଲ ଚୁକ୍ତି' ଆମର ସ୍ୱାସ୍ଥ୍ୟ ଓ ପରିବେଶକୁ ଉପଶମ କରିଆସିଛି । ଆଜି ୨୦୨୩ ପରେ ମଧ୍ୟ ଅନେକ ଦ୍ରବ୍ୟର ଉତ୍ପାଦନକୁ ବନ୍ଦ ରଖିବାର ପ୍ରସ୍ତାବ ରହିଛି । 'ମଣ୍ଟ୍ରିଲ ପ୍ରୋଟୋକଲ'ରେ କେତେକ ସୁଧାର ଅଣାଯାଇ କମ୍ ବିପଦପୂର୍ଣ୍ଣ ବାଷ୍ପ ଏଚ୍. ସି.ଏଫ୍.ସି.ର ଉତ୍ପାଦନ ଓ ବ୍ୟବହାରକୁ ମଧ୍ୟ ଆହୁରି କମ୍ କରାଯାଉଛି । 'ମଣ୍ଟ୍ରିଲ ପ୍ରୋଟୋକଲ' ନ ଥିଲେ ଆଜି ବାୟୁମଣ୍ଡଳର ତାପମାତ୍ରା ମଧ୍ୟ ଆହୁରି ବୃଦ୍ଧିପାଇଥାନ୍ତା ।

ପ୍ରତିବର୍ଷ ବାର୍ତ୍ତା ବଦଳିପାରେ, ପ୍ରତିବର୍ଷ କାର୍ଯ୍ୟ ବଦଳିପାରେ, କିନ୍ତୁ ସବୁ ବାର୍ତ୍ତା ଓ କାର୍ଯ୍ୟ ପଛରେ ଗୋଟିଏ ଉଦ୍ଦେଶ୍ୟ ରହିଥିବ । ତାହା ହେଉଛି – ଓଜୋନ ସ୍ତରର ସୁରକ୍ଷା । ଓଜୋନ ସ୍ତର ଜୀବଜଗତର ଜୀବନ ରକ୍ଷାକାରୀ ସ୍ତର । ଏହାକୁ ସାଇତି ରଖିବା ଆମ ସମସ୍ତଙ୍କର କର୍ତ୍ତବ୍ୟ । କେବଳ ଆଜି ନୁହେଁ, ସବୁ ଦିନ ଏହାକୁ ମନେ ରଖିବା । ଏହି ବିଷୟରେ ଆମେ ନିଜେ ସଚେତନ ହେବା ଓ ଅନ୍ୟକୁ ସଚେତନ କରିବା । ନ ହେଲେ ଆମର ସୁନ୍ଦର ପୃଥିବୀ ଗ୍ରହ ବାସ ଉପଯୋଗୀ ରହିପାରିବ ନାହିଁ । ଓଜୋନ ସ୍ତର ନ ରହିଲେ, ଆମେ ରହିବା ନାହିଁ ।

–ଡ. କମଳାକାନ୍ତ ଜେନା,
ପ୍ରାଧ୍ୟାପକ, ପଦାର୍ଥ ବିଜ୍ଞାନ ବିଭାଗ, ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ, ଭଦ୍ରକ
ମୋ : ୯୪୩୯୫୦୧୬୫୧



**ଓଜୋନ ସ୍ତର ଜୀବଜଗତର ଜୀବନ ରକ୍ଷାକାରୀ ସ୍ତର । ଏହାକୁ ସାଇତି ରଖିବା ଆମ ସମସ୍ତଙ୍କର କର୍ତ୍ତବ୍ୟ । କେବଳ ଆଜି ନୁହେଁ, ସବୁ ଦିନ ଏହାକୁ ମନେ ରଖିବା ।**

## ଫୁରସତ୍

# ମା'ଙ୍କ ପାଇଁ କାମ ମାଗୁଛନ୍ତି ଇଶା



**ମୁମ୍ବାଇ:** ବଲିଉଡ ଇଣ୍ଡଷ୍ଟ୍ରିର ନାମୀ ନାୟିକା ହେମାମାଳିନୀ କିଛି ଦଶକ ଧରି ଅଭିନୟର ଯାଦୁରେ ଦର୍ଶକଙ୍କ ନିକଟତର ହେବା ସହ ରାଜନୀତିରେ ନିଜ ପାଇଁ ତିଆରି କରିଛନ୍ତି ସ୍ୱତନ୍ତ୍ର ପରିଚୟ। ଶେଷଥର ପାଇଁ ତାଙ୍କୁ ୨୦୨୦ରେ ମୁଭି 'ଶିମଲା ମିର୍ଚ୍ଚ'ରେ ଦେଖିବାକୁ ମିଳିଥିଲା। ଏବେ ପୁଣିଥରେ ବଡ ପରଦାକୁ ଫେରିବାକୁ ଚାହୁଁଛନ୍ତି ଡ୍ରିମ୍‌ଗର୍ଲ। ଏକଥା ହେମା ନୁହେଁ ତାଙ୍କ ଝିଅ ଇଶା ଏକ ସାକ୍ଷାତକାରରେ କହିଛନ୍ତି। ତାଙ୍କ ମାଆ ଏବେ ଭଲ ରୋଲ୍ ଓ ସ୍କ୍ରିପ୍ଟ ଅପେକ୍ଷାରେ ଅଛନ୍ତି। ନିକଟରେ ଏକ ଇଣ୍ଟରଭ୍ୟୁରେ ଇଶା ତାଙ୍କ ମାଆଙ୍କ ବଡ ପରଦା ଲେଉଟାଣିକୁ ନେଇ କଥା ହୋଇଥିଲେ। ପୂର୍ବରୁ ହେମାମାଳିନୀ ଏହାକୁ ଗୁରୁତ୍ୱ ଦେଉ ନ ଥିବାବେଳେ ଏବେ ପୁଣିଥରେ ବଡ ପରଦାକୁ କମ୍‌ବ୍ୟାକ କରିବାକୁ ଇଚ୍ଛା ପ୍ରକାଶ କରିଛନ୍ତି। ଯଦି ଡ୍ରିମ୍‌ଗର୍ଲ କମ୍‌ବ୍ୟାକ କରନ୍ତି ତେବେ ଏହା ତାଙ୍କ ପ୍ରଶଂସକଙ୍କ ପାଇଁ ସବୁଠାରୁ ବଡ ସର୍‌ପ୍ରାଇଜ ହେବ।

# ଏକସଙ୍ଗେ ୭ ଯୁବତୀଙ୍କୁ ବିବାହ



**କାମ୍ପାଲା:** ଉଗାଣ୍ଡାର ଜଣେ ବ୍ୟବସାୟୀ ଗୋଟିଏ ଦିନରେ ୭ ଯୁବତୀଙ୍କୁ ବିବାହ କରି ଚର୍ଚ୍ଚାକୁ ଆସିଛନ୍ତି। ସେହି ବ୍ୟବସାୟୀଙ୍କ ନାମ ହବିବ ଏନ୍ସିକୋନେ(୪୩)। ସେ ଜଣେ ପ୍ରସିଦ୍ଧ ଟ୍ରାଡିଶନାଲ ହିଲର। ଝିଅମାନେ ତାଙ୍କ ପ୍ରସ୍ତାବରେ ରାଜି ହେବା ପରେ ହବିବ ଏକ ଗ୍ରାଣ୍ଡ ରିସେପ୍ସନ ଆୟୋଜନ କରିଥିଲେ, ଯାହାଙ୍କ ମହାନତା ଅତିଥିମାନଙ୍କୁ ଆଶ୍ଚର୍ଯ୍ୟ କରିଥିଲା। ଏକ ରିପୋର୍ଟ ଅନୁଯାୟୀ, ହବିବ ତାଙ୍କର ପ୍ରତ୍ୟେକ ସ୍ତ୍ରୀଙ୍କୁ ଏକ ନୂଆ କାର୍ ଉପହାର ଦେଇଛନ୍ତି। ସେ ତାଙ୍କ ଶାଶୁ ଏବଂ ଶ୍ୱଶୁରଙ୍କୁ ଅନେକ ଉପହାର ମଧ୍ୟ ଦେଇଛନ୍ତି। ତାଙ୍କ ୭ ସ୍ତ୍ରୀଙ୍କ ମଧ୍ୟରେ ଦୁଇ ଭଉଣୀ ମଧ୍ୟ ଅଛନ୍ତି। ଏହା ହବିବଙ୍କ ପ୍ରଥମ ବିବାହ ନୁହେଁ। ତାଙ୍କର ପୂର୍ବରୁ ଜଣେ ସ୍ତ୍ରୀ ଅଛନ୍ତି। ତାଙ୍କ ନାମ ମୁସାନୁସା। କନ୍ୟାମାନଙ୍କ ସହ କନ୍ୟାଯାତ୍ରୀମାନେ ୪୦ ଲିମୋ ଏବଂ ୩୦ ମୋଟରସାଇକେଲରେ ବିବାହ ମଣ୍ଡପରେ ପହଞ୍ଚିଥିଲେ। ରିସେପ୍ସନ ପରେ ହବିବ ଏକ ବଡ଼ ଗାଡିରେ କନ୍ୟାମାନଙ୍କ ସହିତ ତାଙ୍କ ଘରେ ପହଞ୍ଚିଥିଲେ। ରିସେପ୍ସନରେ ହବିବ ତାଙ୍କ ସ୍ତ୍ରୀଙ୍କୁ ପ୍ରଶଂସା କରି ଅତିଥିମାନଙ୍କୁ କହିଥିଲେ, 'ମୋର ପତ୍ନୀମାନେ ପରସ୍ପର ପ୍ରତି ଈର୍ଷା କରନ୍ତି ନାହିଁ। ଏକ ବଡ଼ ଖୁସି ପରିବାର ଗଠନ ପାଇଁ ସମସ୍ତଙ୍କୁ ଏକାଥରକେ ବିବାହ କରିଥିବା ହବିବ କହିଛନ୍ତି।

ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ସନ୍ତୋଷ



@ ଅଟଳକିଶୋର



@ ପୂରଣ



@ ଜଗୁଲି



@ ମହେଶ୍ୱର

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ଅଭିଯୁକ୍ତ ମଙ୍ଗୁଙ୍କୁ ଏନ୍‌କାଉଣ୍ଟର

କଟକ,୧୫।୯ (କାର୍ତ୍ତିକ ସାହୁ)/ ଫୁଲନଖରା (ସତ୍ୟପ୍ରକାଶ ଦାସମହାପାତ୍ର)

କଟକ ସଦର ଥାନା ଭାଣପୁର ଗ୍ରାମର ମଙ୍ଗୁ ଓରଫ ମନୋଜ ମହାରଣାଙ୍କୁ ପୋଲିସ ଏନ୍‌କାଉଣ୍ଟର କରିଛି। ତାଙ୍କ ବାମପଟ ଆଣ୍ଠୁରେ ଗୁଳି ବାଜିଛି। କନ୍ଦରପୁର ଓ ସଦର ଥାନା ପୋଲିସ ମିଳିତ ଭାବେ ଶୁକ୍ରବାର ରାତିରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଗତ ୬ ତାରିଖ କନ୍ଦରପୁର ଥାନା ଅନ୍ତର୍ଗତ ମତ୍ତଗଜପୁରଠାରେ ଫାଙ୍କା ଗୁଳିଚାଳନା କରି ଜଣେ ସୁନାବେପାରୀଙ୍କଠାରୁ ଲୁଟ୍ ଘଟଣାରେ ମଙ୍ଗୁଙ୍କ ସମ୍ପୃକ୍ତି ରହିଥିବା ପୋଲିସ ସୂତ୍ରରୁ ପ୍ରକାଶ। ପୋଲିସ ଆହତ ମଙ୍ଗୁଙ୍କୁ ଚିକିତ୍ସା ପାଇଁ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରିଛି।



## ସୁନା ବ୍ୟବସାୟୀଙ୍କଠାରୁ ଲୁଟ୍ ମାମଲାରେ ସମ୍ପୃକ୍ତ

ତାଙ୍କୁ ଧରିବା ପାଇଁ ପୋଲିସ ଯୋଜନା ପ୍ରସ୍ତୁତ କରିଥିବା ବେଳେ ସଦର ଥାନା ଅନ୍ତର୍ଗତ ଉତ୍ତମାପୁରସ୍ଥିତ ତୋଟାସାହିରେ ଏହି ଏନ୍‌କାଉଣ୍ଟର କରିଥିଲା।

ସୂଚନା ଅନୁସାରେ, ମତ୍ତଗଜପୁର ରେଲଷ୍ଟେଶନ ନିକଟ ତାଳଦଣ୍ଡା କେନାଲ ବନ୍ଧ ରାସ୍ତାରେ ଗତ ୬ ତାରିଖ ସ୍ପଷ୍ଟ ଦିବାଲୋକରେ ୪ ଦୁର୍ବୃତ୍ତ ଫାଙ୍କା ଗୁଳିଚାଳନା ଦ୍ୱାରା ଭୟଭୀତ କରାଇ ଜଣେ ସୁନା ବ୍ୟବସାୟୀଙ୍କଠାରୁ ଲକ୍ଷାଧିକ ଟଙ୍କାର ସୁନା, ରୁପା ଅଳଙ୍କାର ଲୁଟି ନେଇଥିଲେ। ଲୁଟ୍‌ର ଶିକାର କନ୍ଦରପୁର ହାଟସାହିର ଅଲେଖ ପାତ୍ରଙ୍କ ପୁଅ ବିକି ଓରଫ ବିକାଶ ପାତ୍ର (୨୫)ଙ୍କ ଅଭିଯୋଗକ୍ରମେ କନ୍ଦରପୁର ଥାନାରେ ମାମଲା (ନଂ ୧୭୧/୨୦୨୩) ରୁଜୁ ହୋଇଥିଲା। ପୋଲିସ ମାମଲାର ତଦନ୍ତ କରି ଅପରାଧୀମାନଙ୍କୁ ଧରିବାକୁ ଚେଷ୍ଟା ଚଳାଇଛି। ତେବେ ଘଟଣାରେ ମଙ୍ଗୁ ସମ୍ପୃକ୍ତି ଧରାପଡ଼ିବା ପରେ ପୋଲିସ ଆଗ ତାଙ୍କୁ ଧରିବା ଦିଗରେ ଉଦ୍ୟମ କରିଥିଲା। ଏହି ମାମଲାର ପର୍ଦ୍ଦାଫାଶ କରିବା ପାଇଁ ଗଠିତ ସ୍ପେଶାଲ ସ୍କ୍ୱାଡ୍ ଖୁବ୍‌ଶୀଘ୍ର ଅଭିଯୁକ୍ତମାନଙ୍କୁ ଧରିବାରେ ସଫଳ ହେବେ ବୋଲି ଡିସିପି ପିନାକ ମିଶ୍ର କହିଥିଲେ।

# ଚାକିରି ନାଁରେ ୧୦ ଲକ୍ଷ ଟଙ୍କା ଠକେଇ

ଭୁବନେଶ୍ୱର,୧୫।୯ (ସୂର୍ଯ୍ୟକାନ୍ତବେହେରା)

ଘରୋଇ ହସ୍ପିଟାଲରେ ଚାକିରି ନାଁରେ ୧୦ ଲକ୍ଷରୁ ଅଧିକ ଟଙ୍କା ଠକେଇ ହୋଇଛି। ଠକାମିର ଶିକାର ଯୁବତୀଯୁବକ ଏନେଇ ନୟାପଲ୍ଲୀ ଥାନାରେ ଆଶିଷ କୁମାର ନାୟକ ଅଭିଯୋଗ କରିଛନ୍ତି। ଗତ କିଛି ମାସ ତଳେ ଆଶିଷ ସିଆର୍‌ପିଏଫ୍ ଛକ ନିକଟରେ ଏକ ଅଫିସ ଖୋଲି ଚାକିରି ଦେବାକୁ ଅନ୍‌ଲାଇନରେ ବିଜ୍ଞାପନ ଦେଇଥିଲେ। ଏହାକୁ ଦେଖି ବେକାର ଯୁବତୀଯୁବକ ଉକ୍ତ ବିଜ୍ଞାପନରେ ଦିଆଯାଇଥିବା ନମ୍ବରରେ ଉକ୍ତ ଯୁବକଙ୍କୁ ଯୋଗାଯୋଗ କରିଥିଲେ। ବିଭିନ୍ନ ଘରୋଇ ହସ୍ପିଟାଲ୍‌ରେ ଚାକିରି କରାଇବାକୁ ପ୍ରତିଶ୍ରୁତି ଦେଇ ଲକ୍ଷାଧିକ ଟଙ୍କା ଠକିନେଇ ଅଫିସ୍ ବନ୍ଦ କରିଦେଇଥିଲେ।



ଶୁକ୍ରବାର ଶ୍ରୀମନ୍ଦିରରେ ନୀତି ବିଳମ୍ବ ଯୋଗୁ ରାତିରେ ଅମାବାସ୍ୟା ନାରାୟଣଙ୍କ ସାଗରବିଜେ ନୀତି ସମ୍ପନ୍ନ କରାଯାଉଛି। (ଫଟୋ–ଯଜ୍ଞେଶ୍ୱର ମହାନ୍ତି)

# ମହାପ୍ରଭୁଙ୍କୁ ଲାଗିହେଲା ସପ୍ତପୁରୀ ଭୋଗ

ପୁରୀ, ୧୫।୯(ଅଜିତ ମହାନ୍ତି)

ଭାଦ୍ରବ ମାସର ଅମାବାସ୍ୟାକୁ ସପ୍ତପୁରୀ ଅମାବାସ୍ୟା ବା କୁଶଗ୍ରହଣୀ ଅମାବାସ୍ୟା ଭାବେ ପାଳନ କରାଯାଏ। ଏହି ଅମାବାସ୍ୟା ତିଥିରେ ଓଡ଼ିଆ ଜାତିର ଆରାଧ୍ୟ ଠାକୁର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରେ ସପ୍ତପୁରୀ ଭୋଗ ଲାଗିଥାଏ। ଅମାବାସ୍ୟା (ମଳ) ଅବସରରେ ଶୁକ୍ରବାର ଶ୍ରୀମନ୍ଦିରରେ ବିଶେଷ ପୂଜାନୀତି ଅନୁଷ୍ଠିତ ହେବା ସହ ସପ୍ତପୁରୀ (ସାତପୁର) ପିଠା ପ୍ରସ୍ତୁତ କରାଯାଇ ଠାକୁରଙ୍କୁ ଭୋଗଲାଗି କରାଯାଇଛି। ସପ୍ତପୁରୀ ପୀଠା ଭୋଗ ନୀତି ପୂର୍ବରୁ ଗୁରୁବାର ଅଠରନଳା ନିକଟସ୍ଥ ଆଲାମଚଣ୍ଡୀ ମନ୍ଦିରରୁ ସପ୍ତପୁରୀ ଅମାବାସ୍ୟାରେ ସପ୍ତପୁରୀ ଭୋଗ ପାଇଁ ଆବଶ୍ୟକ ତାଡ଼ ଶ୍ରୀମନ୍ଦିରକୁ ଆସିଥିଲା। ସପ୍ତପୁରୀ ଅମାବାସ୍ୟା ଅବସରରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ସାତପୁରୀ ପିଠା ଲାଗି ହୋଇଛି। ଏଥିସହ ଶ୍ରୀମନ୍ଦିରରେ ଚାଲିଥିବା ଶ୍ରୀକୃଷ୍ଣ ଲୀଳାରେ ବସ୍ତ୍ର ହରଣ ନୀତି ମଧ୍ୟ ସମ୍ପନ୍ନ ହୋଇଛି।

## ଶ୍ରୀମନ୍ଦିରରେ ବସ୍ତ୍ର ହରଣ ନୀତି ସମ୍ପନ୍ନ

ଶ୍ରୀବିଗ୍ରହମାନଙ୍କ ଅବକାଶ ନୀତି ପରେ ତିନିବାଡ଼ରେ ବେଶ ବଢି ୬ ମୂର୍ତ୍ତି ଅଳଙ୍କାର ଲାଗି ହୋଇଥିଲା। ରୋଷରେ ରୋଷଘରେ ହୋମ ସମ୍ପନ୍ନ ହୋଇ ସାତପୁରୀ ପିଠା ପ୍ରସ୍ତୁତ କରାଯାଇଥିଲା। ସକାଳ ଧୂପ ପରେ ସାତପୁରୀ ଭୋଗ ଟାଟ ରୋଷଘରୁ ମହାପ୍ରଭୁଙ୍କ ନିକଟକୁ ଆସିଥିଲା। ପରେ ମୁଦିରସ୍ତ ପ୍ରସାଦ ଲାଗି କରିବା ପରେ ପୂଜାପଣ୍ଡା ଷୋଡ଼ଶ ଉପଚାରରେ ଭୋଗ ମଣୋହି କରିଥିଲେ। ଭିତର ଆଳତି ବଢିବା ପରେ ପୂଜାପଣ୍ଡା, ମୁଦିରସ୍ତ ଏବଂ ପତି ମହାପାତ୍ର ୩ ବାଡ଼ରେ ଟାଟଥାଇ ବନ୍ଦାପନା କରିଥିଲେ। ସେହିପରି ଶ୍ରୀମନ୍ଦିରରେ ଶ୍ରୀ ବିଗ୍ରହମାନଙ୍କ ମଧ୍ୟାହ୍ନ ଧୂପ ସମ୍ପନ୍ନ ହେବା ପରେ ଶ୍ରୀମନ୍ଦିରରୁ ସପ୍ତପୁରୀ ଟାଟ ରାଜନଅରକୁ ବିଜେ କରିଥିଲେ। ଘଣ୍ଟ, ଛତା, କାହାଳୀ ସହ ସପ୍ତପୁରୀ ପିଠା ଗଜପତି ମହାରାଜାଙ୍କ ଉଦ୍ଦେଶ୍ୟରେ ଶ୍ରୀନଅରକୁ ବିଜେ କରିଥିଲା।

ସେହିପରି କୃଷ୍ଣଲୀଳା କ୍ରମରେ ଶ୍ରୀମନ୍ଦିରରେ ବସ୍ତ୍ରହରଣ ଲୀଳା ସମ୍ପନ୍ନ ହୋଇଛି। ସନ୍ଧ୍ୟାଧୂପ ନୀତି ବଢିବା ପରେ ମଦନମୋହନ ସିଂହାସନକୁ ବିଜେ କରିଥିଲେ। ସେଠାରୁ ଆଜ୍ଞାମାଳ ପାଇ ନାଟ ମନ୍ଦିର ନିକଟରେ ଥିବା ଖଟକୁ ବିଜେ ହୋଇଥିଲେ। ସେଠାରେ ବସ୍ତ୍ରହରଣ ଲୀଳା ହୋଇଥିଲା। ଦ୍ୱାପର ଯୁଗରେ ଗୋପପୁରରେ ଗୋପୀମାନେ ଗାଧୋଉଥିବାବେଳେ ଗୋପୀମାନଙ୍କ ବସ୍ତ୍ର ଶ୍ରୀକୃଷ୍ଣ ହରଣ କରିନେଇଥିଲେ। ସେହି ସ୍ମୃତିରେ ଶ୍ରୀମନ୍ଦିରରେ ଏହି ଲୀଳା ଅନୁଷ୍ଠିତ ହୋଇଥାଏ। ଏହି ନୀତି ପରେ ଠାକୁରଙ୍କୁ ଶୀତଳ ଭୋଗ ମଣୋହି କରାଯିବା ସହ ବନ୍ଦାପନା ଅନୁଷ୍ଠିତ ହୋଇଥିଲା। ନୀତି ସମ୍ପନ୍ନ ହେବା ପରେ ମଦନମୋହନ ଦକ୍ଷିଣୀଘରକୁ ବିଜେ କରିଥିଲେ। ତେବେ ପୂର୍ବାହ୍ନରେ ବିବାଦକୁ ନେଇ ନୀତି ବିଭ୍ରାଟ କାରଣରୁ ସମସ୍ତ ନୀତିରେ ବିଳମ୍ବ ଘଟିଥିଲା।

# ହାଇଫେଙ୍କ ଟେକ୍ନୋଲୋଜି ନିର୍ଦ୍ଦେଶକ ଗିରଫ

ଭୁବନେଶ୍ୱର,୧୫।୯ (ସୂର୍ଯ୍ୟକାନ୍ତ ବେହେରା)

ଫ୍ରାଞ୍ଚାଇଜ୍ ଦେବା ଆଳରେ ୨.୫ କୋଟି ଠକେଇ ମାମଲାରେ କମିଶନରେଟ ପୋଲିସର ସ୍ପେଶାଲ କ୍ରାଇମ୍ ୟୁନିଟ୍ 'ହାଇଫେଙ୍କ ଟେକ୍ନୋଲୋଜି ପ୍ରାଇଭେଟ ଲିଃ'ର ନିର୍ଦ୍ଦେଶକ ସଚ୍ଚିଦାନନ୍ଦ ଭୋଇଙ୍କୁ ଗିରଫ କରିଛି। ତାଙ୍କ ଘର ବଡଗଡ ଜିଲା ଅଇଁଠାପାଲ୍ଲୀ ଅଞ୍ଚଳରେ। ପୋଲିସ ତାଙ୍କଠାରୁ ଏକ ଟାଟା ସଫାରୀ ଗାଡି ଜବତ କରିଛି। ସଚ୍ଚିଦାନନ୍ଦ ବି.ଟେକ୍ ସହ ଏମ୍‌ବିଏ ପଢ଼ିଛନ୍ତି। ଏହି ମାମଲାରେ ନିର୍ଦ୍ଦେଶକ ଥିବା ତାଙ୍କ ସ୍ତ୍ରୀ ଅନୀତା ପୋରୱାଲଙ୍କର ମଧ୍ୟ ସମ୍ପୃକ୍ତି ରହିଛି। ତାଙ୍କ କମ୍ପାନୀ ସହ ପ୍ରଧାନମନ୍ତ୍ରୀ ରୋଜଗାର ଯୋଜନା ଓ ଷ୍ଟାର୍ଟଅପ୍‌ର ସହଭାଗିତା ଥିବା ମିଥ୍ୟା କଥା କହି ଗାଡି, ଯନ୍ତ୍ରପାତି, ଡ୍ରାଇଭର, ମେକାନିକ ଯୋଗାଣ ଲାଗି ଫ୍ରାଞ୍ଚାଇଜ୍ ଦେବା ଆଳରେ ନିବେଶକଙ୍କଠାରୁ ଏହି ଟଙ୍କା ଠକିଥିଲେ। ଅଭିଯୁକ୍ତଙ୍କୁ ଶନିବାର କୋର୍ଟ ଚାଲାଣ କରାଯିବ। ଏଥିସହ ଅଧିକ ତଦନ୍ତ ପାଇଁ ରିମାଣ୍ଡରେ ଆଣିବାକୁ ଯୋଜନା ରହିଥିବା ସୂଚନା ଦିଆଯାଇଛି।

## ୨.୫ କୋଟି ଠକେଇ




ସଚ୍ଚିଦାନନ୍ଦ ବ୍ୟବସାୟ କରିବା ପାଇଁ ୨୦୧୭ରୁ ଏସ୍‌ପ୍ଲାନେଡ ମଲ୍‌ରେ ଅଫିସ୍ ଖୋଲି କାର୍ଯ୍ୟ କରୁଥିଲେ। ବହୁ କର୍ମଚାରୀ ନିଯୁକ୍ତି ସହ ବିସ୍ତୃତ ମାର୍କେଟିଂ ଅଭିଯାନ ମାଧ୍ୟମରେ ଲୋକଙ୍କୁ ବଡ ବଡ ହୋଟେଲକୁ ଡକାଇ ସମ୍ମିଳନୀ କରୁଥିଲେ। ପ୍ରଧାନମନ୍ତ୍ରୀ ରୋଜଗାର ଯୋଜନା, ଷ୍ଟାର୍ଟଅପ୍ ଓ ଷ୍ଟାଣ୍ଡ୍ ଅପ୍ ଓଡିଶାର ପ୍ରମୁଖ କାର୍ଯ୍ୟକ୍ରମ ବୋଲି ନିବେଶଙ୍କୁ କହି ୧୦ ଲକ୍ଷ ଟଙ୍କା ନିବେଶ କଲେ ମାସିକ ଆୟର ୩୦% ରୋଜଗାରରେ ୧.୩ ଲକ୍ଷ ମିଳିବ ବୋଲି ପ୍ରବର୍ତ୍ତାଇ ଠକେଇ କରିଥିଲେ। ଏନେଇ ବାଲେଶ୍ୱରର ସନ୍ତୋଷ ବେହେରାଙ୍କ ସମେତ ୧୨ଜଣ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୫/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

URGENTLY REQUIRED
ACCOUNTANT (Talley)
DATA ENTRY OPERATOR
(Talley & MS Office)
Attend Interview at
NISHAMANI PALACE
Bomikhal, Bhubaneswar-10
On any day.
Ph.No. 7978586205 / 9338554697

ASRIBADA PANCHAKARMA
HERBAL SPA
Female therapist required
Kesarimall, Bhubaneswar
Contact:8926173473

VACANCY
OM Surgical and Chemicals
needs Accountants having knowledge of Tally and Accounting Software, GST returns filling, compliances and minimum requirement of Income Tax, (Salary negotiable).
Send CV at omsurgical@yahoo.co.in
Mob. No.: 9437014935

ସିକ୍ୟୁରିଟି ଗାର୍ଡ଼ ଆବଶ୍ୟକ
ସିକ୍ୟୁରିଟି ଗାର୍ଡ଼ର ବଡ଼ ଧରଣର ନିଯୁକ୍ତି
ଓଡ଼ିଶାର ସବୁ ଜିଲ୍ଲାରେ ନିଯୁକ୍ତି
ଦରମା : ୧୨୦୦୦/- ରୁ ୧୮,୦୦୦/-
ରହିବା ପାଇଁ ଘର, ଖାଇବା ମେସ୍
Real King Security Service
8984433623

# ପିଇଟି ଶିକ୍ଷକଙ୍କ ମାଡ଼ରେ ଛାତ୍ର ଗୁରୁତର

ନିମାପଡ଼ା,୧୫।୯(ଚିତ୍ତରଞ୍ଜନ ସାହୁ)

ରାଜ୍ୟ ସରକାର ବିଦ୍ୟାଳୟଗୁଡ଼ିକୁ ଦଣ୍ଡମୁକ୍ତ ଅଞ୍ଚଳ ଘୋଷଣା କରିଥିବା ବେଳେ ପୁରୀ ଜିଲା ନିମାପଡ଼ା ଅଞ୍ଚଳରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଏକ ଘରୋଇ ବିଦ୍ୟାଳୟରେ ଅଧ୍ୟୟନରତ ସପ୍ତମ ଶ୍ରେଣୀର ଜଣେ ଛାତ୍ରଙ୍କୁ ପିଇଟି ଶିକ୍ଷକ ମାଡ଼ ମାରିଥିବା ନେଇ ଶୁକ୍ରବାର ନିମାପଡ଼ା ଥାନାରେ ଅଭିଯୋଗ ହୋଇଛି। ଆହତ ଛାତ୍ର ନିମାପଡ଼ାର ଏକ ମେଡିକାଲରେ ଚିକିତ୍ସିତ ହେବା ପରେ ଘରକୁ ଫେରିଛନ୍ତି। ଅଭିଯୋଗ ମୁତାବକ, ଗତ ବୁଧବାର ଛାତ୍ର ଜଣଙ୍କ ବିଦ୍ୟାଳୟକୁ ଯାଇଥିବା ବେଳେ କୌଣସି କାରଣକୁ ନେଇ ପିଇଟି ଶିକ୍ଷକ ତାଙ୍କୁ ମାଡ଼ ମାରିଥିଲେ। ଫଳରେ ଛାତ୍ର ଜଣଙ୍କ ଆହତ ହେବା ସହିତ ଭୟଭୀତ ହୋଇଯାଇଥିଲେ। ଫଳରେ ଦୁଇଦିନ ହେବ ଛାତ୍ର ଜଣଙ୍କ ସ୍କୁଲକୁ ଯାଇନାହାନ୍ତି ବୋଲି ଅଭିଯୋଗପତ୍ରରେ ଦର୍ଶାଯାଇଛି। ସମ୍ପୃକ୍ତ ପିଇଟି ଶିକ୍ଷକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ସମ୍ପୃକ୍ତ ଛାତ୍ରଙ୍କ ବାପା ଦାବି କରିଛନ୍ତି। ଏ ସମ୍ପର୍କରେ ଉକ୍ତ ବିଦ୍ୟାଳୟର ଅଧ୍ୟକ୍ଷ କହିଛନ୍ତି, ଛାତ୍ରଙ୍କୁ ମାଡ଼ ମାରିଥିବା ପିଇଟି ଶିକ୍ଷକଙ୍କୁ ସସ୍‌ପେଣ୍ଡ କରାଯିବ। ସେହିପରି ଥାନା ଅଧିକାରୀ ବାମଦେବ ସ୍ୱାଇଁ କହିଛନ୍ତି, ଘଟଣା ସମ୍ପର୍କରେ ଥାନାରେ ଅଭିଯୋଗ ହୋଇଛି। ତଦନ୍ତ ପରେ ପଦକ୍ଷେପ ନିଆଯିବ।



ଓଡ଼ିଶା ଗସ୍ତରେ ଆସିଥିବା ଗୋଆ ରାଜ୍ୟପାଳ ପି.ଏସ୍. ଶ୍ରୀଧରନ୍ ପିଲାଇ ଶନିବାର ରାଜଭବନରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍‌ଙ୍କୁ ସୌଜନ୍ୟମୂଳକ ସାକ୍ଷାତ୍ କରୁଛନ୍ତି।




ଅନ୍ତର୍ଜାତୀୟ ଉପକୂଳ ସ୍ୱଚ୍ଛତା ଦିବସ ଉପଲକ୍ଷେ ଶୁକ୍ରବାର ପୁରୀ ବେଳାଭୂମିରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ସଚେତନତା ବାର୍ତ୍ତା ସମ୍ବଳିତ ବାଲୁକା କଳା।



## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଜାତୀୟ ସମ୍ବାଦପତ୍ର ସମ୍ପାଦକ ସଂଘ ଓ ଓଡ଼ିଶା ସାମ୍ବାଦିକ ସଙ୍ଗଠନର ମିଳିତ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ସାମ୍ବାଦିକତା କର୍ମଶାଳା, ଗୀତଗୋବିନ୍ଦ ସଦନ, ପୂର୍ବାହ୍ନ ୧୦ଟା।
- ମନୋମାନିନୀ ବର୍ଣ୍ଣାଳୀ-୨୩ର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ସମାରୋହ, ସୂଚନା ଭବନ, ପୂର୍ବାହ୍ନ ୧୦ଟା।
- ୬ ଦଫା ଦାବିରେ ସଫେଇ କର୍ମଚାରୀଙ୍କ ଘେରାଉ ଏବଂ ସ୍ମାରକପତ୍ର ପ୍ରଦାନ, ଶ୍ରମ କମିଶନରଙ୍କ କାର୍ଯ୍ୟାଳୟ ସମ୍ମୁଖ, ପୂର୍ବାହ୍ନ ୧୧ଟା।
- ଅଖିଳ ଭାରତ ଛାତ୍ର ସଂଘ (ଏଆଇଏସ୍ଏଫ୍) ପକ୍ଷରୁ ଛାତ୍ର ଅଧିକାର ସମାବେଶ, ରାଜମହଲ ଛକ, ପୂର୍ବାହ୍ନ ୧୧ଟା ୧୫।
- ବିଶିଷ୍ଟ ଜୈବଚାଷୀ ନଟବର ଷଡ଼ଙ୍ଗୀଙ୍କ ଲିଖିତ ସଦ୍ୟତମ ପୁସ୍ତକ 'ମାଟିର କଥା' ଲୋକାର୍ପଣ ଉତ୍ସବ, ଲୋହିଆ ଏକାଡେମୀ, ସନ୍ଧ୍ୟା ୫ଟା ୩୦।
- ପ୍ରଫେସର ବିଜୟିନୀ ମହାନ୍ତିଙ୍କ ୧୦ମ ଶ୍ରାଦ୍ଧବାର୍ଷିକୀ ଅବସରରେ ଦଶମ ବିଜୟିନୀ ସ୍ମୃତିସଭା ଓ ମାଗାଜିନ୍ 'ବିଜୟିନୀ-୨୦୨୩' ଉନ୍ମୋଚନ, ଓଡ଼ିଶୀ ରିସର୍ଚ୍ଚ ସେଣ୍ଟର, ଜାଭିୟର୍ସ ଛକ, ସନ୍ଧ୍ୟା ୬ଟା।
- ଅମୂଲ୍ୟ ଜୀବନ ଫାଉଣ୍ଡେଶନ ପକ୍ଷରୁ ସଙ୍କଳ୍ପ କାର୍ଯ୍ୟକ୍ରମ, ମେ'ଫେୟାର କନ୍‌ଭେନ୍‌ସନ ହଲ୍, ସନ୍ଧ୍ୟା ୬ଟା ୩୦।
- ମିରର୍ ନାଟ୍ୟାନୁଷ୍ଠାନ ପକ୍ଷରୁ ନାଟକ 'ସମାନ୍ତର' ପରିବେଷଣ, ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୭ଟା ୩୦।

# ୟୁକ୍ରେନ୍ ଫେରନ୍ତା ମେଡିକାଲ ଛାତ୍ରୀଛାତ୍ରଙ୍କୁ ଠକେଇ

ଭୁବନେଶ୍ୱର,୧୫।୯ (ସତ୍ୟଜିତ୍ ରାଉତ)

ୟୁକ୍ରେନ୍ ଫେରନ୍ତା ମେଡିକାଲ୍ ଛାତ୍ରୀଛାତ୍ରଙ୍କୁ ଠକେଇ ଅଭିଯୋଗରେ ଶହୀଦନଗର ଥାନା ପୋଲିସ ଭୁବନେଶ୍ୱରସ୍ଥିତ 'ଗ୍ଲୋବାଲ୍ ଫୋକସ୍ ଏଜୁକେଶନ୍ ପ୍ରାଇଭେଟ୍ ଲିଃ'ର ପୂର୍ବତନ ନିର୍ଦ୍ଦେଶକଙ୍କୁ ଶୁକ୍ରବାର ଗିରଫ କରିଛି। ସେ ହେଲେ ବାଲିଅନ୍ତା ଥାନା ଅନ୍ତର୍ଗତ ରଙ୍ଗବଜାରରେ ରହୁଥିବା ଭଦ୍ରକ ଜିଲା ଭଣ୍ଡାରୀପୋଖରୀ ଥାନା ଅଞ୍ଚଳର ସ୍ୱାଧୀନ ମହାପାତ୍ର (୩୧)। ଅଭିଯୁକ୍ତ ସ୍ୱାଧୀନଙ୍କୁ କୋର୍ଟଚାଲାଣ କରାଯିବା ପରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ମାମଲାରେ ପୋଲିସ ଅଧିକ ତଦନ୍ତ ଜାରି ରଖିଛି।

ସୂଚନା ଅନୁଯାୟୀ, ଶହୀଦନଗର ଭୋଇ ନଗରରେ ଗ୍ଲୋବାଲ୍ ଫୋକସ୍ ଏଜୁକେଶନ୍ ସଂସ୍ଥାର ଅଫିସ ରହିଛି। ଏହି ସଂସ୍ଥା ଗତ ୫ବର୍ଷ ହେଲା ବିଦେଶୀ ଏଜୁକେଶନ୍ କନ୍‌ସଲ୍‌ଟାଣ୍ଟ ଭାବେ କାର୍ଯ୍ୟ କରୁଛି। ସଂସ୍ଥା ବିଦେଶର ବିଭିନ୍ନ ବିଶ୍ୱବିଦ୍ୟାଳୟରେ ଏମ୍‌ବିବିଏସ୍, ଇଞ୍ଜିନିୟରିଂ ଓ ମ୍ୟାନେଜ୍‌ମେଣ୍ଟ ପଢ଼ିବାକୁ ଛାତ୍ରୀଛାତ୍ରଙ୍କୁ ସହଯୋଗ କରିଥାଏ। ଅଭିଯୁକ୍ତ ସ୍ୱାଧୀନ ୨୦୧୯ ଏପ୍ରିଲ୍ ୨୯ରୁ ଚଳିତବର୍ଷ ଫେବୃୟାରୀ ୨୧ ପର୍ଯ୍ୟନ୍ତ ସଂସ୍ଥାରେ କାର୍ଯ୍ୟ କରୁଥିବାବେଳେ ଉକ୍ତ ସଂସ୍ଥା ସହାୟତାରେ ୟୁକ୍ରେନ୍ ବିଶ୍ୱବିଦ୍ୟାଳୟରେ ପଢୁଥିବା ଓଡ଼ିଶାର ଛାତ୍ରୀଛାତ୍ରଙ୍କୁ ସ୍ୱାଧୀନ ଠକିଥିବା ଅଭିଯୋଗ ହୋଇଥିଲା। ୟୁକ୍ରେନ୍-ରୁଷିୟା ଯୁଦ୍ଧ ସମୟରେ ୟୁକ୍ରେନ୍ ବିଶ୍ୱ ବିଦ୍ୟାଳୟରୁ ମେଡିକାଲ ପାଠ ଅଧାରୁ ଛାଡ଼ି ଓଡ଼ିଶା ଫେରି ଆସିଥିବା

### ଗ୍ଲୋବାଲ୍ ଫୋକସ୍ ଏଜୁକେଶନ୍‌ର ପୂର୍ବତନ ନିର୍ଦ୍ଦେଶକ ଗିରଫ



ଗିରଫ ସ୍ୱାଧୀନ ମହାପାତ୍ର।

୬୫ ଛାତ୍ରୀଛାତ୍ରଙ୍କୁ ସେମାନଙ୍କ ଟିସି (ଟ୍ରାନ୍ସକ୍ରିପ୍ଟସ୍ ଏଣ୍ଡ୍ ସାର୍ଟିଫିକେଟ୍‌ସ) ସେଠାରୁ ନେଇ ଆସିବାକୁ କହି ସ୍ୱାଧୀନ ଫସାଇଥିଲେ। ୨୦୨୨ ନଭେମ୍ବରରୁ ଡିସେମ୍ବର ମଧ୍ୟରେ ୬୫ ଛାତ୍ରୀଛାତ୍ରଙ୍କଠାରୁ କମ୍ପାନୀକୁ ନ ଜଣାଇ ସ୍ୱାଧୀନ ଏଥିପାଇଁ ମୋଟ ୪୩ ଲକ୍ଷ ୭୨ ହଜାର ୧୫ ଟଙ୍କା ନେଇଥିଲେ। ସ୍ୱାଧୀନ ତାଙ୍କ ମା'ଙ୍କ ଆକାଉଣ୍ଟ ଜରିଆରେ ଏସବୁ ଟଙ୍କା ଗ୍ରହଣ କରିଥିଲେ। ତେବେ ଟଙ୍କା ନେବା ପରେ ସେ ଛାତ୍ରୀଛାତ୍ରଙ୍କୁ ଟିସି ଆଣିବାର ବାହାନା ଦେଖାଇ ଦିନ ଗଡ଼ାଇ ଚାଲିଥିଲେ। ଟଙ୍କା ଦେଇଥିବା ଛାତ୍ରୀଛାତ୍ର ଏନେଇ କମ୍ପାନୀରେ ଅଭିଯୋଗ କରିଥିଲେ। ବିବାଦ ପରେ ସ୍ୱାଧୀନ ଉକ୍ତ କମ୍ପାନୀ ଛାଡ଼ି ଦେଇଥିଲେ। ସଂସ୍ଥାର ପରିଚାଳନା ନିର୍ଦ୍ଦେଶକ (ଏମ୍‌ଡି) ମିର୍ଜା ଅବଦୁଲ୍ ଜାହିର୍ ବାଗ୍ ଏନେଇ ଥାନାରେ ଏତଲା ଦେବା ପରେ ପୋଲିସ ସେପ୍ଟେମ୍ବର ୯ରେ ଏକ ମାମଲା (ନଂ.୩୩୨/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।



ଭଞ୍ଜକଳା ମଣ୍ଡପରେ ଶୁକ୍ରବାର ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗୁରୁ ଯୁଧିଷ୍ଠିର ନାୟକ ଓ ସରିତା ମିଶ୍ରଙ୍କୁ 'ବିମୋହନା କଳା ସମ୍ମାନ' ପ୍ରଦାନ କରାଯାଉଛି।

## ଯୁଧିଷ୍ଠିର, ସରିତାଙ୍କୁ 'ବିମୋହନା କଳା ସମ୍ମାନ'

ଭୁବନେଶ୍ୱର,୧୫।୯ (ଶର୍ମିଷ୍ଠା ପାଣିଗ୍ରାହୀ)

ବିମୋହନା କ୍ରିଏଟିଭ୍ ପକ୍ଷରୁ ସପ୍ତମ ବିମୋହନା କଳା ସମ୍ମାନ ୨୦୨୩ ଶୁକ୍ରବାର ସ୍ଥାନୀୟ ଭଞ୍ଜକଳା ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗୁରୁ ଯୁଧିଷ୍ଠିର ନାୟକ ଓ ସରିତା ମିଶ୍ରଙ୍କୁ 'ବିମୋହନା କଳା ସମ୍ମାନ'ରେ ସମ୍ମାନିତ କରାଯାଇଛି। ଅତିଥି ଭାବେ ପ୍ରଫେସର ନିବେଦିତା ପଣି, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଶୁଭଶ୍ରୀ ମୁଖାର୍ଜୀ ପ୍ରମୁଖ ଉପସ୍ଥିତ ଥିଲେ। ସାଂସ୍କୃତିକ ସନ୍ଧ୍ୟା ଆରମ୍ଭରେ ସତ୍ୟବାନ ସେଠୀ ଓ ତାଙ୍କ ସାଥୀଙ୍କ ଦ୍ୱାରା କ୍ଲାସିକାଲ୍ ଫ୍ୟୁଜନ୍, ସରିତା ମିଶ୍ର, ଦୀପ୍ତି ରାଉରାୟଙ୍କ ଦ୍ୱାରା ଏକକ ଓଡ଼ିଶୀ ନୃତ୍ୟ ପରିବେଷିତ ହୋଇଥିଲା। ଭୁବନେଶ୍ୱରର ନୃତ୍ୟଶିଳ୍ପୀ ଅନିକେତ ପଲ୍ଲଭ ନାୟକ ଓ ବିଶ୍ୱରୂପା ଦିକ୍ଷିତଙ୍କ ଦ୍ୱାରା ଯୁଗ୍ମ ନୃତ୍ୟ ପରିବେଷିତ ହୋଇଥିଲା। ଗୁରୁ ଲିଙ୍ଗରାଜ ପ୍ରଧାନଓ ସାଥୀଙ୍କ ଦ୍ୱାରା ଦଳଗତ ଓଡ଼ିଶୀ ନୃତ୍ୟ ଅନ୍ତିମ ପ୍ରସ୍ତୁତି ଥିଲା। ଅପରାହ୍ନରେ ୧୩ରୁ ଅଧିକ ଯୁବ ଓଡ଼ିଶୀ ନୃତ୍ୟଶିଳ୍ପୀ ନୃତ୍ୟ ପରିବେଷଣ କରିଥିଲେ।

# ଆଜି ସିଏନ୍‌ବିଟି ଲୋକାର୍ପଣ କରିବେ ମୁଖ୍ୟମନ୍ତ୍ରୀ



ସିଡିଏ ଅଧ୍ୟକ୍ଷ ଅନିଲ ସାମଲ, ସିଏମ୍‌ସି ମେୟର ସୁବାସ ସିଂ ଓ କମିଶନର ନିଖିଲ ପଓ୍ୱନ କଲ୍ୟାଣଙ୍କ ସହ ଅନ୍ୟମାନେ ସିଏନ୍‌ବିଟିର ଚୂଡ଼ାନ୍ତ ପ୍ରସ୍ତୁତିର ସମୀକ୍ଷା କରୁଛନ୍ତି।

କଟକ,୧୪।୯ (ସୁପ୍ରିୟା ପ୍ରିୟଦର୍ଶିନୀ)

ଖାନ୍ ନଗରଠାରେ ଥିବା ଅତ୍ୟାଧୁନିକ କଟକ ନେତାଜୀ ବସ୍ ଟର୍ମିନାଲ(ସିଏନ୍‌ବିଟି) ଶନିବାର ଲୋକାର୍ପଣ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅପରାହ୍ନରେ ଏହାକୁ ଲୋକାର୍ପଣ କରିବା ସହ ଅନ୍ୟ ୧୩ଟି ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ଏହି ସମସ୍ତ ପ୍ରକଳ୍ପର ମୂଲ୍ୟ ୫୪୦.୬୦ କୋଟି ଟଙ୍କା ହେବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଏହି ବସ୍ ଟର୍ମିନାଲରେ ୧୯୨ଟି ବସ୍ ରହିପାରିବ। ଏଥିସହ ଯାତ୍ରୀଙ୍କ ପାଇଁ ପ୍ରତୀକ୍ଷା, ଗୃହ, ଆହାର କେନ୍ଦ୍ର, ହାଇଜେନିକ ଷ୍ଟଲ, ମହିଳା ଓ ପୁରୁଷଙ୍କ ପାଇଁ ସ୍ୱତନ୍ତ୍ର ଟିକେଟ କାଉଣ୍ଟର ସୁବିଧା ରହିଛି। ଏହି ମେଗା ପ୍ରକଳ୍ପର ଉଦ୍‌ଘାଟନ ନିମନ୍ତେ ସିଡିଏ, ଜିଲା ପ୍ରଶାସନ, ସିଏମ୍‌ସି ପକ୍ଷରୁ ଶୁକ୍ରବାର ଚୂଡ଼ାନ୍ତ ପ୍ରସ୍ତୁତିର ସମୀକ୍ଷା କରାଯାଇଛି। ମେୟର ସୁବାସ ସିଂ, ବିଧାୟକ ସୌଭିକ୍ ବିଶ୍ୱାଳ, ଜିଲାପାଳ ଭବାନୀ ଶଙ୍କର ଚୟନୀ, ସିଏମ୍‌ସି କମିଶନର୍ ନିଖିଲ ପଓ୍ୱନ କଲ୍ୟାଣ, ସିଡିଏ ଅଧ୍ୟକ୍ଷ ଅନିଲ ସାମଲ ପ୍ରମୁଖ ବସ୍ ଟର୍ମିନାଲ ପରିଦର୍ଶନ କରି ସମସ୍ତ କାର୍ଯ୍ୟକ୍ରମ କିପରି ସୁଚାରୁ ରୂପେ କାର୍ଯ୍ୟକ୍ଷମ ହେବ ତାହାର ସମୀକ୍ଷା କରିଥିଲେ। ବିଶେଷକରି ସିଏନ୍‌ବିଟିକୁ ବସ୍ ପ୍ରବେଶ ଓ ପ୍ରସ୍ଥାନ ଉପରେ ଗୁରୁତ୍ୱ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ କଟକ ଆଗମନରେ ଯେପରି କୌଣସି ତ୍ରୁଟି ନ ରହିବ ତାହା ଉପରେ ଧ୍ୟାନ ଦିଆଯାଇଥିଲା।

### ୨୦ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ

ଅପରାହ୍ନ ସାଢେ ୪ଟାରେ ହେଲିକପ୍ଟରରେ ଆସି ସନ୍‌ସାଇନ ପଡିଆରେ ମୁଖ୍ୟମନ୍ତ୍ରୀ ଓହ୍ଲାଇବେ। ସେଠାରୁ ସିଏନ୍‌ବିଟିକୁ ଯିବେ। ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ଦୃଷ୍ଟି ରଖି କମିଶନରେଟ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡାକଡ଼ି କରାଯାଇଛି। ଟର୍ମିନାଲରେ ଶୁକ୍ରବାର କାର୍‌କେଡ୍ ଅଭ୍ୟାସ କରାଯାଇଛି। ୨୦ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିବାବେଳେ ୧୦୦ ଜଣ ପୋଲିସ ଅଧିକାରୀ ସୁରକ୍ଷା ଦାୟିତ୍ୱରେ ରହିବେ। ଭିଡ଼ ନିୟନ୍ତ୍ରଣ ପାଇଁ ଟ୍ରାଫିକ ବ୍ୟବସ୍ଥା ସୁବ୍ୟବସ୍ଥିତ କରାଯାଇଥିବା କଟକ ଡିସିପି ପିନାକ ମିଶ୍ର ସୂଚନା ଦେଇଛନ୍ତି।

## ବିରୋଧ ସତ୍ତ୍ୱେ ହଟିଲା ଜବରଦଖଲ

ଭୁବନେଶ୍ୱର, ୧୫।୯ (ବନ୍ଦନା ସେଠୀ)

ପ୍ରବଳ ବିରୋଧ ସତ୍ତ୍ୱେ ଶହୀଦନଗର ଅଞ୍ଚଳରୁ ଜବରଦଖଲ ହଟିଛି। ଶୁକ୍ରବାର ବିଡିଏର ଏନ୍‌ଫୋର୍ସମେଣ୍ଟ ଟିମ୍ ପକ୍ଷରୁ ଏହି ଉଚ୍ଛେଦ କରାଯାଇଥିଲା। ଶହୀଦନଗର ମୌଜାରେ ଥିବା ସରକାରୀ ପ୍ଲଟ ନଂ. ୬୭୬ରେ ଦୀର୍ଘଦିନ ଧରି ଏକ ପରିବାର ଜୋର ଜବରଦସ୍ତ ଘର ନିର୍ମାଣ କରି ରହି ଆସୁଥିଲେ। ସାଧାରଣ ପ୍ରଶାସନ ବିଭାଗର ରିକ୍ୱିଜିଶନକ୍ରମେ ବିଡିଏ ପକ୍ଷରୁ ଏହି ଉଚ୍ଛେଦ ଆରମ୍ଭ ହୋଇଥିଲା। ଉଚ୍ଛେଦ ସମୟରେ ଜବରଦଖଲକାରୀ ପ୍ରବଳ ବିରୋଧ କରିଥିଲେ। ଫଳରେ କିଛି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବାରୁ କିଛି ସମୟ ଧରି ଉଚ୍ଛେଦ ଅଟକିଥିଲା। ପରେ ପୋଲିସର ହସ୍ତକ୍ଷେପ ଯୋଗୁ ପୁନର୍ବାର ଉଚ୍ଛେଦ କାର୍ଯ୍ୟ କରାଯାଇ ଥିଲା। ଏଥିରେ ୪ଟି ଆଜବେଷ୍ଟସ ଘର, ଗୋଟିଏ ଶୌଚାଳୟ ଓ ଗୋଟିଏ କ୍ୟାବିନକୁ ଭଙ୍ଗା ଯାଇ ପ୍ରାୟ ୧୫ଶହ ବର୍ଗଫୁଟର ଜମିକୁ ଜବରଦଖଲମୁକ୍ତ କରାଯାଇଛି। ଆଇନଶୃଙ୍ଖଳା ପରିସ୍ଥିତି ପାଇଁ ଗୋଟିଏ ସେକ୍ସନ ରିଜର୍ଭ ପୋଲିସ ଓ ଗୋଟିଏ ସେକ୍ସନ ମହିଳା ପୋଲିସ ମୁତୟନ କରାଯାଇଥିଲା। ଉଚ୍ଛେଦ ବେଳେ ବିଡିଏ ଏନଫୋର୍ସମେଣ୍ଟ ଅଫିସର (ଓଏସଡି) ଦେବରାଜ ସେଠୀ, ବିଡିଏ ଲିଆସନ ଅଫିସର ଶୁଭ୍ରାଂଶୁ ଶେଖର ମହାନ୍ତି ଓ ଜିଏର ସହକାରୀ ନିର୍ଦ୍ଦେଶକ ଅମୀୟ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଜମି ଦେବା ନାଁରେ ୪ କୋଟି ଠକେଇ, ଦମ୍ପତି ଗିରଫ

ଭୁବନେଶ୍ୱର,୧୫।୯ (ସୂର୍ଯ୍ୟକାନ୍ତ ବେହେରା)

ଜମି ଦେବା ନାଁରେ ଜଣେ ବ୍ୟବସାୟୀଙ୍କଠାରୁ ୪ କୋଟି ଟଙ୍କା ଠକେଇ ଅଭିଯୋଗରେ ବଡଗଡ ଥାନା ପୋଲିସ ଏକ ଦମ୍ପତିଙ୍କୁ ଗିରଫ କରି କୋର୍ଟ ଚାଲଣ କରିଛି। ସେମାନେ ହେଲେ ଗଞ୍ଜାମର କେ.ଭୁବନ ମୋହନ ପାତ୍ର ଓ କେ. ପ୍ରତ୍ୟୁଷା ଦେବୀ ପାତ୍ର। ସେମାନଙ୍କଠାରୁ ୩୦୦ଗ୍ରାମ ଓଜନର ସୁନାଗହଣା, ୪୫୦ ଗ୍ରାମ ଓଜନର ରୁପା ଗହଣା, ୬୯ହଜାର ଟଙ୍କା ଓ ଏକ କାର ଜବତ ହୋଇଛି। ପଚରାଉଚରାବେଳେ ଅଭିଯୁକ୍ତମାନେ ଠକେଇ ଟଙ୍କାରେ ସୁନା ଓ ରୁପା ଅଳଙ୍କାର କିଣିଥିବା ପୋଲିସ ଆଗରେ କହିଛନ୍ତି।

ଅଭିଯୋଗକାରୀ ବ୍ୟବସାୟୀଙ୍କର ଗଞ୍ଜାମ ବୁଗୁଡା ଅଞ୍ଚଳରେ ଗଣେଶ ଜୁଏଲାରୀ ଶୋ-ରୁମ୍ ରହିଛି। ସେ ପ୍ରାୟ ସମୟ ଅଳଙ୍କାର ବ୍ୟବସାୟ ନିମନ୍ତେ ଭୁବନେଶ୍ୱରକୁ ଆସୁଥିବାବେଳେ ଭୁବନ ଓ ପ୍ରତ୍ୟୁଷାଙ୍କ ସହିତ ଚିହ୍ନାପରିଚୟ ହୋଇଥିଲା। ଗୋଟିଏ ଜିଲାର ବାସିନ୍ଦା ହୋଇଥିବାରୁ ସେମାନଙ୍କ ମଧ୍ୟରେ





ଗିରଫ କେ.ଭୁବନ ମୋହନ ପାତ୍ର ଓ କେ. ପ୍ରତ୍ୟୁଷା ଦେବୀ ପାତ୍ର।

- ସୁନା ଅଳଙ୍କାର, ୬୯ ହଜାର ଟଙ୍କା, କାର ଜବତ
- ଠକେଇ ଟଙ୍କାରେ ଅୟସ କରୁଥିଲେ

ଘନିଷ୍ଠତା ବଢିଥିଲା। ଗତ ମାର୍ଚ୍ଚ ୨୦୨୧ରେ ଭୁବନେଶ୍ୱରରେ ଏକ କୋଠାଘର ଥିବା ଜମିକୁ ୫ କୋଟି ଟଙ୍କା ମୂଲ୍ୟରେ କିଣିବା ଲାଗି ଅଭିଯୋଗକାରୀଙ୍କୁ ଅଭିଯୁକ୍ତ ଦମ୍ପତି ପ୍ରସ୍ତାବ ଦେଇଥିଲେ। ପରେ ଏହା ୪କୋଟି ଟଙ୍କାରେ ସ୍ଥିର ହେବା ପରେ ବ୍ୟବସାୟୀ ଜଣକ ୨୦୨୩ ମଧ୍ୟରେ ସମସ୍ତ ୪ କୋଟି ଟଙ୍କା ଦେଇଥିଲେ। ହେଲେ ଅଭିଯୁକ୍ତ ଦମ୍ପତି ଜମି ରେଜିଷ୍ଟ୍ରେଶନ ନ କରି ସମୟ ଗଡ଼ାଇବା ସହ ହତ୍ୟା ଧମକ ଦେଇଥିଲେ। ଏନେଇ ଅଭିଯୋଗକାରୀ ଥାନାରେ ଅଭିଯୋଗ କରିବେ ବୋଲି କହିବାରୁ ସେମାନେ ତାଙ୍କୁ ରେଜିଷ୍ଟ୍ରେଶନ କରାଇଦେବା ଲାଗି ପ୍ରତିଶ୍ରୁତି ଦେଇ ଭୁବନେଶ୍ୱର ଡିଏସ୍ଆର୍ କାର୍ଯ୍ୟାଳୟକୁ ଡାକି ଆଉ ଅଧିକ ୫୦ ଲକ୍ଷ ଟଙ୍କା ଦେବାକୁ ଦାବି କରିଥିଲେ। ହେଲେ ସେ ମନା କରିବାରୁ ଅଭିଯୁକ୍ତ ଦ୍ୱୟ ସହଯୋଗୀଙ୍କ ସହ ମିଶି ହତ୍ୟା ଉଦ୍ୟମ କରୁଥିଲେ। ଅଭିଯୋଗ ପରେ ବଡଗଡ ଥାନା ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।

## ପୋଷ୍ଟର ମାରିବାରୁ ୧.୫ ଲକ୍ଷ ଟଙ୍କା ଜରିମାନା

ଭୁବନେଶ୍ୱର, ୧୫।୯ (ବନ୍ଦନା ସେଠୀ)

କାନ୍ଥବାଡ଼ରେ ପୋଷ୍ଟର ମାରି ପୁଣି ଦଣ୍ଡ ଗଣିଛନ୍ତି ୩ ଅନୁଷ୍ଠାନ। ସେଥି ମଧ୍ୟରୁ 'ସ୍ମାର୍ଟ ଏକାଡେମୀ' ଏବଂ 'ମଦର ପବ୍ଲିକ ସ୍କୁଲ'କୁ ୫୦ ହଜାର ଟଙ୍କା ଲେଖାଏ ଜରିମାନା କରାଯାଇଥିବାବେଳେ 'କନ୍‌ଭେନ୍‌ଷ୍ଟାନ୍ସ ଡେଭ୍‌ଲପରର୍ସ ପ୍ରାଇଭେଟ ଲିମିଟେଡ୍'କୁ ୧ଲକ୍ଷ ୫ହଜାର ଟଙ୍କା ଜରିମାନା କରାଯାଇଛି। ଏଥିସହ ସମସ୍ତ ଅନୁଷ୍ଠାନ ନାମରେ ବିଏମ୍‌ସି ପକ୍ଷରୁ ସ୍ଥାନୀୟ ଥାନାରେ ମାମଲା ଦାୟର କରାଯାଇଛି। ସହରରେ କାନ୍ଥବାଡ଼, ଇଲେକ୍ଟ୍ରିକ୍ ଖୁଣ୍ଟ ଆଦିରେ କୌଣସି ପୋଷ୍ଟର ନ ମାରିବାକୁ ବିଏମ୍‌ସି ବାରମ୍ବାର ସଚେତନ କରିବା ସହ ତାଗିଦ୍ କରି ଆସୁଛି। ମାତ୍ର କିଛି ଅମାନିଆ ଏହାକୁ ଅଣଦେଖା କରିବା ସହ ବାରମ୍ବାର ନିୟମ ଉଲଂଘନ କରୁଛନ୍ତି।

# କେନ୍ଦ୍ରାଞ୍ଚଳ ଉପନିର୍ଦ୍ଦେଶକଙ୍କ ସୂଚନା, ଲୋକସମ୍ପର୍କ କାର୍ଯ୍ୟାଳୟ ପରିଦର୍ଶନ



ଭୁବନେଶ୍ୱର, ୧୫।୯ (ବନ୍ଦନା ସେଠୀ)

କେନ୍ଦ୍ରାଞ୍ଚଳ ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟର ଉପନିର୍ଦ୍ଦେଶକ ହେମନ୍ତ କୁମାର ନାୟକ ଶୁକ୍ରବାର ଭୁବନେଶ୍ୱର ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପରିଦର୍ଶନ କରିଥିଲେ। କାର୍ଯ୍ୟାଳୟର ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିବା ସହ ବିଭାଗର ନିର୍ଦ୍ଦେଶ ଅନୁଯାୟୀ ପ୍ରତ୍ୟେକ ଅଧିକାରୀ ଓ କର୍ମଚାରୀ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ସୂଚନା ଓ ଲୋକ ସମ୍ପର୍କ ବିଭାଗ ସରକାରଙ୍କ ଏକ ପ୍ରମୁଖ ବିଭାଗ। ସରକାରଙ୍କ ସମସ୍ତ ଯୋଜନା ଓ କାର୍ଯ୍ୟକ୍ରମର ପ୍ରଚାର ପ୍ରସାର କରିବା ସହ ବିଭିନ୍ନ ଯୋଜନାଗୁଡିକର ସୁଫଳ ଯେପରି ସାଧାରଣ ଲୋକଙ୍କ ହିତରେ ଲାଗି ପାରିବ ସେଥିପାଇଁ ବିଭାଗର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ତେଣୁ ସାଧାରଣ ଜନତା, ସରକାର ଓ ପ୍ରଶାସନ ସହ ସମନ୍ୱୟ ରକ୍ଷା କରି ଏକ ସେତି ଭଳି କାର୍ଯ୍ୟ କରିବାକୁ ଉପ ନିର୍ଦ୍ଦେଶକ ପରାମର୍ଶ ଦେଇଥିଲେ। ଏହାପରେ ସେ ବାଲିପାଟଣାସ୍ଥିତ କାର୍ଯ୍ୟାଳୟର ସୂଚନା କେନ୍ଦ୍ର ଓ ପାଠାଗାରକୁ ଯାଇ ପୁସ୍ତକ ପାଠକ ପଞ୍ଜିକରଣ, ଉପକରଣ ପୁସ୍ତିକା ଏବଂ ରେକର୍ଡପତ୍ର ଯାଞ୍ଚ କରିଥିଲେ। ଏହି ଗସ୍ତ ଓ ସମୀକ୍ଷାରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜିତେନ୍ଦ୍ରିୟ ଜେନା, ଗୌରଚନ୍ଦ୍ର ମହାପାତ୍ର, ବରିଷ୍ଠ ରାଜସ୍ୱ ସହାୟକ ମେରିଲୀନା ସାମନ୍ତରାୟ ଏବଂ କର୍ମଚାରୀବୃନ୍ଦ ଉପସ୍ଥିତ ଥିଲେ।

# ବ୍ୟାଘ୍ର ଗଣନା ପ୍ରଶିକ୍ଷଣ ଶିବିର

ବାରଙ୍ଗ,୧୫।୯(ଲିଙ୍ଗରାଜ ରାଉତ)

ଚନ୍ଦକା-ଡ଼ମପଡା ଅଭୟାରଣ୍ୟର ଗୋଡ଼ିବାରିସ୍ଥିତ କନଫେରେନ୍ସ ହଲରେ ଶୁକ୍ରବାର ରାଜ୍ୟସ୍ତରୀୟ ବ୍ୟାଘ୍ର ଗଣନା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚନ୍ଦକା, ନନ୍ଦନକାନନ ସମେତ ରାଜ୍ୟର ୨୦ଟି ଡିଭିଜନର ୨୫ଜଣ ବନଅଧିକାରୀ ପ୍ରଶିକ୍ଷଣରେ ସାମିଲ ହୋଇଥିଲେ। ଏହାକୁ ବନ୍ୟପ୍ରାଣୀ ପ୍ରଧାନ ମୁଖ୍ୟ ବନ୍ୟ ସଂରକ୍ଷଣ ସୁଶୀଲ କୁମାର ପୋପ୍ଲି ଉଦ୍‌ଘାଟନ କରିଥିଲେ। ଜଙ୍ଗଲ ମଧ୍ୟରେ ଥିବା ବାଘମାନଙ୍କ ଗତିବିଧିକୁ ଲକ୍ଷ୍ୟ କରାଯାଇ କିପରି ଗଣନା କରାଯିବ ତାହାର ପଦ୍ଧତି ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା। ପ୍ରଶିକ୍ଷଣ ନେଇ ସେମାନଙ୍କ ଦାୟିତ୍ୱରେ ଥିବା ଡିଭିଜନର ବନକର୍ମଚାରୀମାନଙ୍କୁ ପରବର୍ତ୍ତୀ ସମୟରେ ବାଘଗଣନା ଉପରେ ପ୍ରଶିକ୍ଷଣ ଦେବେ। ଏହା ଦ୍ୱାରା ନିୟୋଜିତ କର୍ମଚାରୀମାନଙ୍କୁ ବାଘ ଗଣନା ସମୟରେ ସହାୟକ ହେବ।




ଆଞ୍ଚଳିକ ବିଜ୍ଞାନ କେନ୍ଦ୍ରରେ ଇଞ୍ଜିନିୟର୍ସ ଡେ' ପାଳନ ଅବସରରେ ଛାତ୍ରୀଛାତ୍ରଙ୍କୁ ପ୍ରକଳ୍ପ ସମ୍ପର୍କରେ ବୁଝାଯାଉଛି।

# ତାଳପତ୍ର ପୋଥି ସଂରକ୍ଷଣ ନେଇ ତାଲିମ

ଭୁବନେଶ୍ୱର,୧୫।୯(ଶର୍ମିଷ୍ଠା ପାଣିଗ୍ରାହୀ)

ପ୍ରାଚୀନ ତାଳପତ୍ର ପୋଥି ସଂରକ୍ଷଣ ନିମନ୍ତେ ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ପକ୍ଷରୁ ଏକ ୧୫ ଦିନିଆ ତାଲିମ କାର୍ଯ୍ୟକ୍ରମ ଶୁକ୍ରବାର ଆରମ୍ଭ ହୋଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ଦିଲୀପ ରାଉତରାଏ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି କହିଲେ, ଆମର ପ୍ରାଚୀନ ସାହିତ୍ୟର ସୁରକ୍ଷା ସହ ଏହା ଉପରେ ଅଧିକ ଗବେଷଣା ନିମନ୍ତେ ଏପରି କାର୍ଯ୍ୟକ୍ରମ ବିଶେଷ ସହାୟକ ହେବ। ପ୍ରାଚୀନ ତାଳପତ୍ର ପୋଥିଗୁଡ଼ିକର ସଂରକ୍ଷଣ ସହ ଏସବୁ ଲୋକଲୋଚନକୁ ଆସିଲେ ଉତ୍ତରପିଢ଼ି ଆମ ସାହିତ୍ୟ, ସଂସ୍କୃତି ଓ ପରମ୍ପରା ସମ୍ପର୍କରେ ଅଧିକ ଜ୍ଞାନ ଓ ତଥ୍ୟ ଲାଭ କରିପାରିବେ। ମୁଖ୍ୟବକ୍ତା ଭାଷାବିତ୍ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ କହିଲେ, ସରକାରଙ୍କ ଏପରି ପ୍ରୟାସ ଦ୍ୱାରା ଆମର ପ୍ରାଚୀନ ଦୁର୍ଲଭ ପୋଥି ସଂରକ୍ଷିତ ରହିବା ସହ ଆମର ଗୌରବମୟ ଇତିହାସ ବାବଦରେ ବିଶ୍ୱବାସୀ ଜାଣିପାରିବେ। ସ୍ୱତନ୍ତ୍ର ଶାସନ ସଚିବ ମଧୁସୂଦନ ଦାସ, ଯୁଗ୍ମ ନିର୍ଦ୍ଦେଶିକା ଅତସି ଦାସ, ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ କୁଳସଚିବ ଅନାମିକା ଅଧିକାରୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମ ଅକ୍ଟୋବର ୨ ପର୍ଯ୍ୟନ୍ତ ଚାଲିବ। ଏଥିରେ ରାଜ୍ୟର ବିଭିନ୍ନ ବିଶ୍ୱବିଦ୍ୟାଳୟର ୯୪ଜଣ ସ୍ନାତକୋତ୍ତର, ଏମ୍.ଫିଲ୍ ଏବଂ ପିଏଚ୍‌ଡି ବିଦ୍ୟାର୍ଥୀ ଯୋଗଦେଇ ପ୍ରାଚୀନ ପୋଥିଗୁଡ଼ିକର ସଂରକ୍ଷଣ ନିମନ୍ତେ ବ୍ୟବହାରିକ ତାଲିମ ଗ୍ରହଣ କରୁଛନ୍ତି।




ଅତିଥିମାନେ 'ଟିପିକାଲ୍ ସିଲେକସନ୍ସ ଫ୍ରମ୍ ଓଡ଼ିଆ ଲିଟରେଚର'ର ଭାଗ-୧ ଏବଂ ଭାଗ-୨ ପୁସ୍ତକ ଉନ୍ମୋଚନ କରୁଛନ୍ତି।

### ରାଜ୍ୟ ସଂଗ୍ରହାଳୟରେ ୧୫ ଦିନିଆ ପ୍ରଶିକ୍ଷଣ

ପର୍ଯ୍ୟାୟକ୍ରମେ ଅଧିକ ବିଦ୍ୟାର୍ଥୀଙ୍କୁ ଏହି କାର୍ଯ୍ୟକ୍ରମରେ ସାମିଲ କରାଯିବ। ବିଶେଷଜ୍ଞ ଭାବେ ଯୋଗଦେଇ ଡ. ଗୌରାଙ୍ଗ ଚରଣ ଦାସ, ଡ. ପ୍ରଦୀପ୍ତ କୁମାର ପଣ୍ଡା, ଡ. ଫଣୀନ୍ଦ୍ର ଭୂଷଣ ନନ୍ଦ, ଡ. ସନ୍ତୋଷ କୁମାର ରଥ, ଡ. ରମେଶ ଚନ୍ଦ୍ର ମଲ୍ଲିକ, ଡ. ସନ୍ତୋଷ କୁମାର ତ୍ରିପାଠୀ, ଅରୁଣ କୁମାର ନାୟକ, ବିଭାସ କୁମାର, ଜ୍ୟୋତି ରାଜ୍, ପରବିନ୍ଦର୍ କୌର, ଅନୁରାଧା ଚୌଧୁରୀ, ଆଜ୍‌ଫର୍ ଅହମ୍ମଦ୍ ପ୍ରମୁଖ ବିଦ୍ୟାର୍ଥୀଙ୍କୁ ପୋଥି ସଂରକ୍ଷଣ ନେଇ ପ୍ରଶିକ୍ଷଣ ଦେବେ। ଏହି ଅବସରରେ 'ଟିପିକାଲ୍ ସିଲେକସନ୍ସ ଫ୍ରମ୍ ଓଡ଼ିଆ ଲିଟରେଚର'ର ଭାଗ-୧ ଏବଂ ଭାଗ-୨ ପୁସ୍ତକ ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ସଂଗ୍ରହାଳୟ ଅଧୀକ୍ଷକ ଭାଗ୍ୟଲିପି ମଲ୍ଲ ତାଳପତ୍ର ପୋଥିର ସଂରକ୍ଷଣ ଏବଂ କ୍ୟୁରେଟର ଭାରତୀ ପାଲ୍ ଓଡ଼ିଆ ଲିପିର କ୍ରମବିକାଶ ଉପରେ ପାୱାର ପଏଣ୍ଟ ମାଧ୍ୟମରେ ତଥ୍ୟ ଉପସ୍ଥାପନ କରିଥିଲେ। ସାହିତ୍ୟିକ ଓ ଗବେଷକ ରାମହରି ଜେନା, ନିବେଦିତା ମହାନ୍ତି, ମମତା ଦାଶ ପ୍ରମୁଖ ଉପସ୍ଥିତ ରହିଥିଲେ।

## ସଂକ୍ଷେପରେ

### ୨୦ରେ ସଂପୁରର ନୂଆଖାଇ ପର୍ବ ଲଗ୍ନଧାର୍ଯ୍ୟ

ବୋଲଗଡ଼,୧୫।୯(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଅନ୍ତର୍ଗତ ସଂପୁର ଗ୍ରାମର ପ୍ରସିଦ୍ଧ ନୂଆଖାଇ ପର୍ବ ପାଳନ ପାଇଁ ଆସନ୍ତା ୨୦ ତାରିଖ ସକାଳ ୯ଟା ୫୫ରେ ପ୍ରସାଦ ଲାଗି ନିମନ୍ତେ ଜ୍ୟୋତିଷ ଗଣନା ଅନୁଯାୟୀ ଲଗ୍ନଧାର୍ଯ୍ୟ ହୋଇଛି। ବିଧିପୂର୍ବକ ନୂତନ ଧାନ ସଂଗ୍ରହ, ଚାଉଳ ପ୍ରସ୍ତୁତ, ନୂଆ ଚୁଡ଼ା ପ୍ରସ୍ତୁତ ସରିଥିବା ବେଳେ ଅନ୍ୟାନ୍ୟ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ପବିତ୍ର ନୂଆଖାଇ ପର୍ବ ପଶ୍ଚିମ ଓଡ଼ିଶାରେ ମହାଆଡ଼ମ୍ବରରେ ପାଳନ ହେଉଥିବା ବେଳେ ସଂପୁର ଗ୍ରାମରେ ଏହି ପର୍ବକୁ ପ୍ରତ୍ୟେକ ବର୍ଷ ଆଡ଼ମ୍ବର ସହକାରେ ପାଳନ କରାଯାଇଥାଏ। ଏହି ପର୍ବ ଅବସରରେ ଆୟୋଜିତ ହେବାକୁ ଥିବା ସଂପୁର ନୂଆଖାଇ ମହୋତ୍ସବରେ ଗ୍ରାମର କଳା ସଂସ୍କୃତି ପରମ୍ପରାକୁ ଉଜ୍ଜୀବିତ ରଖିବା ପାଇଁ ଅପରାହ୍ନରେ ଗ୍ରାମ କଳାକାରଙ୍କ ଦ୍ୱାରା ଦଣ୍ଡନାଚ, ପାଲା, ଭାଗବତ, ବାଳିକା ରାମନାଟକ, ପାଇକଆଖଡ଼ା ଆଦି ପରିବେଷଣ କରାଯିବ ବୋଲି ଗ୍ରାମବାସୀ କହିଛନ୍ତି। ସନ୍ଧ୍ୟାରେ ଓଡ଼ିଶୀ ଓ ସମ୍ବଲପୁରୀ ନୃତ୍ୟ, ଭଜନ ପରିବେଷଣ ସହିତ ଅତିଥିମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସୂଚନାଥାଉ କି, ସମ୍ବଲପୁର ରାଣୀ ମୁକ୍ତାଦେଈ ପାଞ୍ଚଗଡ଼(ସଂପୁର) ଶାସିକା ଥିବାବେଳେ ୧୮୧୭ ମସିହାରୁ ବର୍ତ୍ତମାନ ପର୍ଯ୍ୟନ୍ତ ଗ୍ରାମବାସୀ ଏହି ପର୍ବ ଆଡ଼ମ୍ବରରେ ପାଳନ କରିଆସୁଅଛନ୍ତି।

### ୫୦ ମିଟର ବନ୍ଧୁକ ଚାଳନାରେ ଅନନ୍ୟାଙ୍କୁ ବ୍ରୋଞ୍ଜ୍



ବୋଲଗଡ଼,୧୫।୯(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ବୋଲଗଡ଼ ଗ୍ରାମର ଅନନ୍ୟା ପ୍ରିୟଦର୍ଶିନୀ ଜାତୀୟସ୍ତରରେ ୫୦ ମିଟର ବନ୍ଧୁକ ଚାଳନାରେ ବ୍ରୋଞ୍ଜ୍ ପଦକ ହାସଲ କରି ଓଡ଼ିଶାର ନାଁ ରଖିଛନ୍ତି। ମଧ୍ୟପ୍ରଦେଶର ଇନ୍ଦୋରଠାରେ ଆୟୋଜିତ ୩୨ତମ ମାଭାଲାଙ୍କର ଶୁଟିଂ ଚାମ୍ପିୟନଶିପ୍‌ରେ ସେପ୍ଟେମ୍ବର ୧୦ରେ ଭାଗନେଇ ସେ ପଦକ ହାସଲ କରିଛନ୍ତି। ସୂଚନାଥାଉ କି, ଅନନ୍ୟାଙ୍କ ବାପା ହେଉଛନ୍ତି ପ୍ରଶାନ୍ତ କୁମାର ପରିଡ଼ା ଏବଂ ମା’ ମୀନାକ୍ଷୀ। ଅନନ୍ୟାଙ୍କ ଏହି ସଫଳତା ପାଇଁ ପରିବାର ସହ ବୋଲଗଡ଼ ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି। ଆଗାମୀ ଦିନରେ ଏସିଆନ୍ ଗେମ୍ସ ଖେଳିବା ନେଇ ଆଶା ରଖିଛନ୍ତି ଅନନ୍ୟା। ତାଙ୍କର ଏହି ସଫଳତା ପାଇଁ ବୋଲଗଡ଼ ଅଞ୍ଚଳର ବହୁ ବିଶିଷ୍ଟବ୍ୟକ୍ତି ଶୁଭେଚ୍ଛା ଜଣାଇଛନ୍ତି।

### ଧାରଣାରେ ପ୍ରାଥମିକ ଶିକ୍ଷକ, ପାଠପଢ଼ା ଠପ୍

ଟାଙ୍ଗୀ,୧୫।୯(ରଘୁନାଥ ସାହୁ)

ଦିନକୁ ଦିନ ତୀବ୍ର ହେବାରେ ଲାଗିଛି ପ୍ରାଥମିକ ଶିକ୍ଷକଙ୍କ ଆନ୍ଦୋଳନ। ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚାଲିଥିବା ଧାରଣା ଅଷ୍ଟମ ଦିନରେ ପହଞ୍ଚିଛି। ଚିଲିକା ବ୍ଲକ ଅନ୍ତର୍ଗତ ୮୦ଟି ବିଦ୍ୟାଳୟରେ ତାଲା ଝୁଲୁଛି। ପାଠପଢା ସହିତ ମଧ୍ୟାହ୍ନ ଭୋଜନ ସମ୍ପୂର୍ଣ୍ଣ ବନ୍ଦ ରହିଛି। ଛାତ୍ରୀଛାତ୍ରମାନେ ବିଦ୍ୟାଳୟକୁ ଆସି ଫେରୁଛନ୍ତି। ୩ଦଫା ଦାବି ନେଇ ଶିକ୍ଷକ ସଂଘ ପକ୍ଷରୁ ଜାରି ରହିଥିବା ଆନ୍ଦୋଳନକୁ ବିଭିନ୍ନ ରାଜନୈତିକ ଦଳ ଓ ସଙ୍ଗଠନ ସମର୍ଥନ କରିଛନ୍ତି। ଚିଲିକା ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୩୯୮ଜଣ ଶିକ୍ଷୟିତ୍ରୀଶିକ୍ଷକ ସାମୁହିକ ଛୁଟି ନେଇ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଫଳରେ ଶିକ୍ଷାଦାନ ବିପର୍ଯ୍ୟସ୍ତ ହୋଇପଡିଛି। ଧାରଣାସ୍ଥଳରେ ଶିକ୍ଷକନେତା ଶ୍ରୀକାନ୍ତ ପାଇକରାୟ, ଗୁଣନିଧି ବେହେରା, ପୁର୍ଣ୍ଣାନନ୍ଦ ସାହୁ, ପ୍ରଦୀପ କୁମାର ସାସମଲ, ଦେବରାଜ ପରିଡ଼ା, ଜିତେନ୍ଦ୍ର ମାନସିଂହ, ନରେନ୍ଦ୍ର କୁମାର ବାଘସିଂହ, ଦମୟନ୍ତୀ ବିଶ୍ୱାଳ, ମିନତୀ ପଣ୍ଡା ପ୍ରମୁଖ ନେତୃତ୍ୱ ନେଇଥିଲେ।

# ଗ୍ରାମ୍ୟ ରାସ୍ତା ନିର୍ମାଣ ଦାବିରେ ରାସ୍ତାରୋକୋ

କୋଣାର୍କ,୧୫।୯(ଜ୍ୟୋତିରାଜ ମହାନ୍ତି):

ବନାଖଣ୍ଡି ପଞ୍ଚାୟତ ଯନ୍ତନା ବାଲିସାହି ଗ୍ରାମକୁ ତୁରନ୍ତ ରାସ୍ତା ନିର୍ମାଣ ଦାବିରେ ଶୁକ୍ରବାର ସରପଞ୍ଚ ପ୍ରଜ୍ଞା ପାରମିତା ନାୟକଙ୍କ ନେତୃତ୍ୱରେ ଶତାଧିକ ଗ୍ରାମବାସୀ କୋଣାର୍କ-ଭୁବନେଶ୍ୱର ମୁଖ୍ୟ ରାସ୍ତା ବନାଖଣ୍ଡି ଛକରେ ରାସ୍ତାରୋକୋ କରିଥିଲେ। ଆନ୍ଦୋଳନକୁ ସମର୍ଥନ ଜଣାଇ କଂଗ୍ରେସ ରାଜ୍ୟ ସାଧାରଣ ସମ୍ପାଦକ ବିଶ୍ୱଭୂଷଣ ଦାସ ଓ ଗୋପ ବ୍ଲକ ଉପାଧ୍ୟକ୍ଷ ବନରଞ୍ଜନ ପଟ୍ଟନାୟକ ମଧ୍ୟ ଏଥିରେ ସାମିଲ ହୋଇଥିଲେ। ଫଳରେ ଉଭୟ ପଟୁ ଆସୁଥିବା ଯାନବାହନ ଅଟକି ରହିଥିଲା। ଖବରପାଇ କୋଣାର୍କ ଓ ରାମଚଣ୍ଡୀ ପୋଲିସ ସହିତ ଗୋପ ଅତିରିକ୍ତ ତହସିଲଦାର ସୌମେନ୍ଦ୍ର ତେଜ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ସୁଫଳ ମିଳି ନ ଥିଲା। ପୋଲିସ ଗ୍ରାମବାସୀଙ୍କ ଦାବିକୁ ମାନି ଡୋଜର ଓ ଟ୍ରାକ୍ଟର ନେଇ ରାସ୍ତା କାର୍ଯ୍ୟ ଆରମ୍ଭ କରିବା ମାତ୍ରେ ଅନ୍ୟଗୋଷ୍ଠୀ କାର୍ଯ୍ୟକୁ ବିରୋଧ କରି ଅଟକାଇଥିଲେ। ଫଳରେ ପୋଲିସ ଘଟଣାସ୍ଥଳରୁ ଫେରି ଆସିଥିଲା। ପରିସ୍ଥିତି ଅଣାୟତ୍ତ ହେବାରୁ ଗୋପ ବ୍ଲକ ଅତିରିକ୍ତ ବିଡିଓ ଦୀପକ କୁମାର ଜେନା ପହଞ୍ଚି ଆନ୍ଦୋଳକାରୀଙ୍କୁ ବୁଝାଇବା ସହ ମନ୍ତ୍ରୀ ତୁଷାରକାନ୍ତି ବେହେରା ପ୍ରତିଶ୍ରୁତି ଦେଇଛନ୍ତି ଆସନ୍ତା ରବିବାର କୋଣାର୍କ ଯାତ୍ରୀନିବାସରେ ଉଭୟ ପକ୍ଷଙ୍କୁ ନେଇ ଏକ ବୈଠକ କରାଯାଇ ସମସ୍ୟାର ସମାଧାନ କରାଯିବ ବୋଲି କହିବା ପରେ ଏବଂ ସରପଞ୍ଚ ମନ୍ତ୍ରୀଙ୍କ ସହିତ ଫୋନରେ ଆଲୋଚନା କରିବାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ସୂଚନାଥାଉ କି, କୋଣାର୍କ ଥାନା ଅଧୀନ ବନାଖଣ୍ଡି ପଞ୍ଚାୟତର ଯନ୍ତନା ବାଲିସାହି ଗ୍ରାମକୁ ରାସ୍ତା ନିର୍ମାଣ ନିମନ୍ତେ ପ୍ରଶାସନିକ କାର୍ଯ୍ୟାଦେଶ ମିଳିଥିଲେ ମଧ୍ୟ ଦୁଇ ଗୋଷ୍ଠୀ ମଧ୍ୟରେ ଛକାପଞ୍ଝାକୁ ନେଇ ଏହି ରାସ୍ତା ନିର୍ମାଣରେ ବିଳମ୍ବ ହୋଇଛି। ବନାଖଣ୍ଡି ପଞ୍ଚାୟତର ଯନ୍ତନା ବାଲିସାହି ଗ୍ରାମରେ ୧୫ରୁ ଊର୍ଦ୍ଧ୍ୱ ପରିବାର ବସବାସ କରୁଥିବା ବେଳେ ଏପର୍ଯ୍ୟନ୍ତ ପ୍ରଶାସନ ପକ୍ଷରୁ ଯାତାୟାତ ନିମନ୍ତେ ରାସ୍ତା ନିର୍ମାଣ ହୋଇପାରୁ ନ ଥିବାରୁ ବହୁ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି ଏହି ପରିବାର।



୩ ଦଫା ଦାବିରେ ବେଗୁନିଆ ବ୍ଲକ୍ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ପ୍ରାଥମିକ ଶିକ୍ଷୟିତ୍ରୀ ଶିକ୍ଷକମାନେ ଧାରଣାରେ ବସିଛନ୍ତି।

## ଭାଜପାର ବୁଥ୍ ସଶକ୍ତୀକରଣ ବୈଠକ



ନିରାକାରପୁର,୧୫।୯(ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ବଡ଼ପୋଖରିଆ ମଣ୍ଡଳ କମାଗୁରୁ ପଞ୍ଚାୟତର ଏକ ଫାର୍ମ ହାଉସ୍‌ଠାରେ ଶୁକ୍ରବାର ଭାଜପାର ୧୬୫ ଓ ୧୬୬ ବୁଥ୍ କମିଟି ଗଠନ ଏବଂ ବୁଥ୍ ସଶକ୍ତୀକରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଭାରତୀୟ ଜନତା ପାର୍ଟିର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାଳୁଚରଣ ଖଣ୍ଡାୟତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ବଡ଼ପୋଖରିଆ ମଣ୍ଡଳ ସଭାପତି ବିପିନ କୁମାର ପାଲ୍‌ଟାସିଂହ, ଯୁବ ସଙ୍ଗଠକ ଗଙ୍ଗାଧର ଚମ୍ପତିରାୟ, ଜିଲା ସଂଯୋଜକ କିଶୋର ଚନ୍ଦ୍ର ବରାଳ, ଆଶିଷ ବରିଶଳ, ଶିକ୍ଷାବିତ୍ ଲକ୍ଷ୍ମୀ ନାରାୟଣ ମହାନ୍ତିଙ୍କ ସମେତ ଶତାଧିକ ମହିଳା ଓ ପୁରୁଷ ଭାଜପା କର୍ମୀ ଯୋଗଦେଇଥିଲେ। ହରେକୃଷ୍ଣ ମହାନ୍ତି ଧନ୍ୟବାଦ ଦେଇଥିଲେ।

## ପ୍ରତ୍ୟକ୍ଷ ଛାତ୍ର ସଂସଦ ନିର୍ବାଚନ ଦାବିକଲା ଏଆଇଡିଏସ୍‌ଓ

ଭୁବନେଶ୍ୱର,୧୫।୯ (ଅନୁରାଧା ମହାରଣା)

ସାରା ରାଜ୍ୟରେ ଗଣତାନ୍ତ୍ରିକ ପ୍ରକ୍ରିୟାରେ ପ୍ରତ୍ୟକ୍ଷ ଛାତ୍ର ସଂସଦ ନିର୍ବାଚନ ଦାବି କରିଛି ଏଆଇଡିଏସ୍‌ଓ। ରାଜ୍ୟ କମିଟିର ଆହ୍ୱାନ କ୍ରମେ ସାରା ଓଡ଼ିଶାରେ ପ୍ରତିବାଦ ଦିବସ ପାଳନ ପରିପ୍ରେକ୍ଷୀରେ ସଂଗଠନର ଭୁବନେଶ୍ୱର ସିଟି କମିଟି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ରାଜ୍ୟ ସଚିବାଳୟ ସମ୍ମୁଖରେ ଅନୁଷ୍ଠିତ ଏହି ବିକ୍ଷୋଭରେ ଚଳିତ ଶିକ୍ଷାବର୍ଷ ପାଇଁ ରାଜ୍ୟ ସରକାର ଆକାଡେମିକ କ୍ୟାଲେଣ୍ଡର ପ୍ରକାଶ କରିଛନ୍ତି। ମାତ୍ର ସେଥିରେ ଛାତ୍ର ସଂସଦ ନିର୍ବାଚନ ସମ୍ପର୍କରେ କାହିଁକି କିଛି ଉଲ୍ଲେଖ କରିନାହାନ୍ତି ବୋଲି ଆନ୍ଦୋଳନକାରୀମାନେ ପ୍ରଶ୍ନ କରିଛନ୍ତି। ଛାତ୍ର ସଂସଦ ଶିକ୍ଷାନୁଷ୍ଠାନର ଶୈକ୍ଷିକ ଓ ସାଂସ୍କୃତିକ ବାତାବରଣର ସୁରକ୍ଷା, ଛାତ୍ରୀଛାତ୍ର, ଶିକ୍ଷକ, ଅଧ୍ୟାପକ ତଥା ଶିକ୍ଷାନୁଷ୍ଠାନର ସମସ୍ୟା ସମାଧାନ କରିବା ପାଇଁ କର୍ତ୍ତୃପକ୍ଷଙ୍କ ନିକଟରେ ଦାବି ଉପସ୍ଥାପନ କରୁଥିଲା। ଆବଶ୍ୟକ ସ୍ଥଳେ ଛାତ୍ର ଆନ୍ଦୋଳନ ମାଧ୍ୟମରେ ଦାବି ହାସଲ କରିବାରେ ସମର୍ଥ ହେଉଥିଲା। ମାତ୍ର ବର୍ତ୍ତମାନ କଲେଜ ଓ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଅଧ୍ୟାପକ ଅଭାବ, ପରୀକ୍ଷା ପରିଚାଳନା ଓ ଫଳ ପ୍ରକାଶନରେ ବ୍ୟାପକ ଅନିୟମିତତା, ଫି’ ବୃଦ୍ଧି ଆଦି ବିରୋଧରେ କେହି ସ୍ୱର ଉତ୍ତୋଳନ କରିପାରୁନାହାନ୍ତି। ଏହି ଅଗଣତାନ୍ତ୍ରିକ ନିଷ୍ପତ୍ତି ପ୍ରତ୍ୟାହାର କରି ଅବିଳମ୍ବେ ପୂର୍ବଭଳି ପ୍ରତ୍ୟକ୍ଷ ଛାତ୍ର ସଂସଦ ନିର୍ବାଚନ କରିବାକୁ ଏଆଇଡିଏସ୍‌ଓ ପକ୍ଷରୁ ଦାବି କରାଯାଇଛି। ଏହି ଆନ୍ଦୋଳନରେ ଏଆଇଡିଏସ୍‌ଓ ରାଜ୍ୟ ସମ୍ପାଦକ ସିଦ୍ଧାର୍ଥ ରଥ, ଭୁବନେଶ୍ୱର ସିଟି କମିଟି ସଭାପତି ନସିମ ସରକାର, ସମ୍ପାଦିକା ସ୍ୱସ୍ତି ସଂଗୀତା ଦଳାଇ, ଉପସଭାପତି ସପ୍ତର୍ଶିନୀ ରାଉଳ, ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ବିନୋଦ ସେଠୀ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ସଙ୍ଗଠିକା ସୁଚରିତା ଜେନା, ପ୍ରତାପ ଶାସନ କଲେଜର ଛାତ୍ର ନେତା ସାର୍ଥକ ରଥ, ମହର୍ଷି କଲେଜ ଛାତ୍ରୀ ଅର୍ଚ୍ଚିତା ନାଏକ ପ୍ରମୁଖ ସାମିଲ ହୋଇଥିଲେ।

# ପ୍ଲାଟ୍‌ଫର୍ମରେ ରେଳ କୁଲିଙ୍କ ବିକ୍ଷୋଭ

ଭୁବନେଶ୍ୱର,୧୫।୯ (ଅନୁରାଧା ମହାରଣା)

ବିଭିନ୍ନ ଦାବି ନେଇ ଏଆଇଟିୟୁସି ସହ ଅନୁବନ୍ଧିତ ଇଷ୍ଟକୋଷ୍ଟ ରେଲ୍‌ୱେ ପୋର୍ଟର୍ସ ୟୁନିୟନ ପକ୍ଷରୁ ଶୁକ୍ରବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଭୁବନେଶ୍ୱର ରେଳ ଷ୍ଟେଶନର ସମସ୍ତ କୁଲି ଷ୍ଟେଶନ ସମ୍ମୁଖ କୁଲି ମନ୍ଦିର ନିକଟରୁ ଶୋଭାଯାତ୍ରାରେ ବାହାରି ପ୍ଲାଟ୍‌ଫର୍ମ ପରିକ୍ରମା କରି ଷ୍ଟେଶନ ମ୍ୟାନେଜରଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପୋର୍ଟର୍ସ ୟୁନିୟନର କାର୍ଯ୍ୟକାରୀ ସଭାପତି ସୁର ଜେନା ଓ ଏଆଇଟିୟୁସିର ରାଜ୍ୟ ସାଧାରଣ ସମ୍ପାଦକ ବିଜୟ ଜେନା ଉଦ୍‌ବୋଧନ ଦେଇ ଇଂରେଜ ଅମଳରୁ ରେଲ୍‌ୱେ ପ୍ରତିଷ୍ଠା ଦିନଠାରୁ କୁଲିମାନେ ରେଳ ସେବାର ଅନ୍ୟତମ ପ୍ରତୀକ ଭାବେ ବିବେଚିତ ହୋଇଆସୁଥିଲେ ସୁଦ୍ଧା ଚରମ ଅବହେଳାର ଶିକାର ହେଉଛନ୍ତି ବୋଲି ମତ ପ୍ରକାଶ କରିଥିଲେ। ଏହାପରେ ଏହି ଦୁଇ ନେତାଙ୍କ ନେତୃତ୍ୱରେ ଏକ ପ୍ରତିନିଧିଦଳ ଡିଭିଜନାଲ ମ୍ୟାନେଜରଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଭୁବନେଶ୍ୱର ରେଳଷ୍ଟେଶନର ଷ୍ଟେଶନ ମ୍ୟାନେଜରଙ୍କୁ ପ୍ରଦାନ କରିଥିଲେ। ରେଲ୍‌ୱେ କୁଲିଙ୍କ ପାଇଁ ପୂର୍ବଭଳି ଭୁବନେଶ୍ୱର ରେଳ ଷ୍ଟେଶନରେ ସ୍ଥାୟୀ ବିଶ୍ରାମ ଗୃହ, ସେମାନଙ୍କୁ ପାର୍ଶଲ କାମ ଓ ବର୍ଷକରେ ହଳେ ବ୍ୟାଜ୍ ପୋଷାକ ଯୋଗାଇଦେବା ଏବଂ କ୍ରମଶଃ ଗ୍ୟାଙ୍ଗମ୍ୟାନକୁ ପଦୋନ୍ନତିର ବ୍ୟବସ୍ଥା ସହିତ ପ୍ରତ୍ୟେକ କୁଲିଙ୍କୁ ପ୍ରତୀକାତ୍ମକ ମାସିକ ଦରମା ଓ ଇପିଏଫ ସୁବିଧା, ସ୍ୱାସ୍ଥ୍ୟବୀମା ଓ ସେମାନଙ୍କ ପରିବାର ବର୍ଗଙ୍କୁ ରେଲ୍‌ୱେ ଡାକ୍ତରଖାନାରେ ଚିକିତ୍ସା ସୁବିଧା ଲାଗି ଦାବି କରାଯାଇଛି। ବିକେଏମ୍‌ୟୁର ସହ ସମ୍ପାଦକ ଶଙ୍କର ବାରିକ, ପୋର୍ଟର୍ସ ୟୁନିୟନର ସାଧାରଣ ସମ୍ପାଦକ ଶିବ ବେହେରା, ଗନ୍ଧର୍ବ ବେହେରା, ସୁବାସ ପାତ୍ର, ପଞ୍ଚାନନ ସାହୁ, ବଳରାମ ଜାଲି, ଗଉରା ଜାଲି ପ୍ରମୁଖ ଏହି ଆନ୍ଦୋଳନର ନେତୃତ୍ୱ ନେଇଥିଲେ।




ବିଭିନ୍ନ ଦାବିରେ ଶୁକ୍ରବାର ଭୁବନେଶ୍ୱର ରେଳ ଷ୍ଟେଶନ ମ୍ୟାନେଜରଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ସର୍ବନିମ୍ନ ମଜୁରି ବୃଦ୍ଧି ପାଇଁ କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନର ଦାବି

ଭୁବନେଶ୍ୱର, ୧୫।୯ (ବନ୍ଦନା ସେଠୀ)

ଦେଶରେ ଦରଦାମ ବୃଦ୍ଧିପାଉଥିଲାବେଳେ ପ୍ରାୟ ଦୁଇ ଦଶନ୍ଧି ଧରି ରାଜ୍ୟ ସରକାର ଶ୍ରମିକମାନଙ୍କ ସର୍ବନିମ୍ନ ମଜୁରି ବୃଦ୍ଧି କରିନାହାନ୍ତି। ଏହାଦ୍ୱାରା ଶ୍ରମିକଙ୍କ ଜୀବନ ଜୀବିକା ବହୁ ମାତ୍ରାରେ ପ୍ରଭାବିତ ହେଉଥିବାବେଳେ ସରକାର ସବୁ ଜାଣି ମଧ୍ୟ ଅଜଣା ସାଜିଛନ୍ତି ବୋଲି କେନ୍ଦ୍ରୀୟ ଶ୍ରମିକ ସଂଗଠନଗୁଡ଼ିକ ପକ୍ଷରୁ ଅଭିଯୋଗ କରାଯାଇଛି। ଶୁକ୍ରବାର ଆଇଏନ୍‌ଟିୟୁସି କାର୍ଯ୍ୟାଳୟରେ ଏଚ୍‌ଏମଏସ୍‌ର ସଭାପତି କୃଷ୍ଣ ଚନ୍ଦ୍ର ପାତ୍ରଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇ ଯାଇଛି। ଶ୍ରମିକମାନଙ୍କର ସବନିମ୍ନ ମଜୁରୀ ବୃଦ୍ଧି ନ କରି ପ୍ରତି ୬ ମାସରେ ଥରେ କେବଳ ଭିଡିଏକୁ ୫ କିମ୍ବା ୭ଟଙ୍କା ବୃଦ୍ଧି କରି ସର୍ବନିମ୍ନ ମଜୁରୀ ବଢିଥିବା ଦର୍ଶାଉଛନ୍ତି। ଯାହାକି ସମ୍ପୂର୍ଣ୍ଣ ଭୁଲ୍। ସର୍ବନିମ୍ନ ମଜୁରୀ ପ୍ରତି ୫ବର୍ଷରେ ଥରେ ବଢିବା କଥା କିନ୍ତୁ ସରକାରଙ୍କୁ ସ୍ମାରକ ପତ୍ର ଦିଆଯାଇଥିଲେ ବି ଏହା ଉପରେ ନିରବ ରହୁଛନ୍ତି। ଏପରିକି ସର୍ବନିମ୍ନ ମଜୁରୀ ବୋର୍ଡ ମିଟିଂ ମଧ୍ୟ ଡକାଯାଉ ନ ଥିବା ଅତ୍ୟନ୍ତ ପରିତାପର ବିଷୟ। ଆସନ୍ତା ଅକ୍ଟୋବରରେ ସରକାର ସର୍ବନିମ୍ନ ମଜୁରୀ ବୃଦ୍ଧି ନ କଲେ ବା ଶ୍ରମିକ ସଂଗଠନମାନଙ୍କ ସହ ଆଲୋଚନା ନ କଲେ ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି ମତ ପ୍ରକାଶ ପାଇଛି।

## ‘୬ମାସ କାମ କରି ଆଉ ୬ମାସ ବେକାର’

### ଅସ୍ଥାୟୀ ଲଞ୍ଚ ଡ୍ରାଇଭର ଓ ଖଲାସୀଙ୍କ ଧାରଣା

ଭୁବନେଶ୍ୱର,୧୫।୯ (ଅନୁରାଧା ମହାରଣା)

୬ ମାସ ପରିବର୍ତ୍ତେ ୧୨ ମାସର ନିଯୁକ୍ତି ପ୍ରଦାନ ଦାବିରେ ଅସ୍ଥାୟୀ ଲଞ୍ଚ ଡ୍ରାଇଭର ଓ ଖଲାସୀ ମହାସଂଘ ପକ୍ଷରୁ ବୁଧବାର ଆନ୍ଦୋଳନ କରାଯାଇଛି। ବିପଦବେଳେ ଜୀବନକୁ ବାଜି ଲଗାଇ ଜନସାଧାରଣଙ୍କୁ ସେବା ଯୋଗାଉଥିଲେ ମଧ୍ୟ ୬ମାସ କାମ କରି ଆଉ ୬ମାସ ବେକାର ରହୁଥିବା କହିଛନ୍ତି। ଓଡ଼ିଶା ସରକାରଙ୍କ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ ଅଧୀନରେ ୧୯ ଜିଲାରେ କାର୍ଯ୍ୟରତ ୫୦୮ ଲଞ୍ଚ ଡ୍ରାଇଭର ଓ ଖଲାସୀ ବର୍ଷ ବର୍ଷ ଧରି ୬ ମାସିଆ ଠିକା କର୍ମଚାରୀ ଭାବେ ବନ୍ୟା ଓ ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ସମୟରେ କାମ କରୁଛନ୍ତି। ଜଣେ ଡ୍ରାଇଭର ୧୧,୧୦୦ ଟଙ୍କା ଓ ଖଲାସୀ ୧୦, ୧୦୦ ଟଙ୍କା ଦରମା ପାଉଛନ୍ତି । ୬ ମାସ କାମ କରି ବର୍ଷକ ପରିବାର ଚଳାଇବା କଷ୍ଟକର ହୋଇପଡୁଛି। ଏବେ ମଧ୍ୟ ଏହି ବିଭାଗରେ ସ୍ଥାୟୀ କର୍ମଚାରୀ କାର୍ଯ୍ୟ କରୁଛନ୍ତି। ଯଦି ସେମାନଙ୍କ ପାଇଁ ବର୍ଷସାରା କାମ ଅଛି, ସରକାର ଚାହିଁଲେ ଅସ୍ଥାୟୀ କର୍ମଚାରୀଙ୍କୁ ମଧ୍ୟ ବର୍ଷସାରା କାମ ଦେଇପାରିବେ। ବିଭିନ୍ନ ବ୍ଲକ ଓ ତହସିଲରେ କାମ କରୁଥିବା ଲଞ୍ଚ ଡ୍ରାଇଭର ଓ ଖଲାସୀଙ୍କୁ ସେଠାରେ ଖାଲିଥିବା ପଦବୀରେ ଯୋଗ୍ୟତା ଅନୁସାରେ କାର୍ଯ୍ୟରେ ଲଗାଇପାରିବେ ଓ ବନ୍ୟା ସମୟରେ ବୋଟ ଚଳାଇବା ଭଳି ବିଭିନ୍ନ କାର୍ଯ୍ୟରେ ନିୟୋଜିତ କରିପାରିବେ ବୋଲି ସେମାନେ କହିଛନ୍ତି।

## ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝି ଆର୍ଥିକ ସହାୟତା ପ୍ରଦାନ

ଜଟଣୀ,୧୫।୯(ରବୀନ୍ଦ୍ରନାଥ ମହାକୁଡ଼)

ପାଣ୍ଡବ ଜେନା ଫାଉଣ୍ଡେସନ ଅଧ୍ୟକ୍ଷ ଡ. ସନ୍ତୋଷ ଜେନା ଶୁକ୍ରବାର ଜଟଣୀ ପୌରାଞ୍ଚଳର କେତେଜଣ ପୀଡ଼ିତଙ୍କୁ ଭେଟି ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଜେନା ଗାନ୍ଧୀନଗର ଅଞ୍ଚଳର ହେମନ୍ତ କୁମାର ପଟ୍ଟନାୟକ ଅସୁସ୍ଥ ଥିବା ଖବରପାଇ ତାଙ୍କ ବାସଭବନରେ ପହଞ୍ଚି ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ସେହିପରି ହାଟବଜାର ଅଞ୍ଚଳରେ ରହୁଥିବା ପ୍ରମୋଦ କୁମାର ସିଂଙ୍କ ମା’ଙ୍କ ଅସୁସ୍ଥ ଥିବା ଖବରପାଇ ଡ. ଜେନା ତାଙ୍କ ବାସଭବନରେ ପହଞ୍ଚି ସ୍ୱାସ୍ଥ୍ୟାବସ୍ଥା ବୁଝିବା ସହିତ କିଛି ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଏହି ଅବସରରେ ବରିଷ୍ଠ ବିଜେଡି ସଙ୍ଗଠକ ପ୍ରଶାନ୍ତ କୁମାର ମିଶ୍ର, ଦୁର୍ଗାଶଙ୍କର ଭଞ୍ଜଦେଓ, ଘନଶ୍ୟାମ ସାହୁ, ଚିତ୍ତରଞ୍ଜନ ସେଠୀ, ଚିକୁନୁ ବଡ଼ଜେନା, ରତିକାନ୍ତ ଦାସ, ଜ୍ୟୋତ୍ସ୍ନାମୟୀ ରଣସିଂ, ମଣ୍ଟୁ ରଣସିଂହ, ଲକ୍ଷ୍ମୀଧର ମହାକୁଡ଼, ସନ୍ତୋଷ କୁମାର ଦାସ, ଅଜୟ କୁମାର ସାହୁ, ନିମାଇଁ ସାହୁଙ୍କ ସହିତ ବହୁ ସଦସ୍ୟ ଉପସ୍ଥିତ ଥିଲେ।



# ୧୦ ଦଫା ଦାବିରେ ଏନ୍‌ଏସି କାର୍ଯ୍ୟାଳୟ ଆଗରେ ବିକ୍ଷୋଭ

କୋଣାର୍କ,୧୫।୯(ଜ୍ୟୋତିରାଜ ମହାନ୍ତି)

ଓଡ଼ିଶା କ୍ଷୁଦ୍ର ଓ ରାସ୍ତାପାର୍ଶ୍ୱ ଉଠା ବ୍ୟବସାୟୀ ସଂଘ କୋଣାର୍କ ଶାଖା ପକ୍ଷରୁ ୧୦ଦଫା ଦାବି ପୂରଣ ପାଇଁ ଶୁକ୍ରବାର ସ୍ଥାନୀୟ ଏନ୍‌ଏସି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। କୋଣାର୍କ ଶାଖା ସଭାପତି ଲକ୍ଷ୍ମୀଧର ସ୍ୱାଇଁଙ୍କ ନେତୃତ୍ୱରେ ଶାଖାର କର୍ମକର୍ତ୍ତାମାନେ ସ୍ଥାନୀୟ ଶ୍ରୀଜଗନ୍ନାଥ ମନ୍ଦିର ସମ୍ମୁଖରୁ ଶୋଭାଯାତ୍ରାରେ ବାହାରି ଦାବି ପୂରଣ ପାଇଁ ସ୍ଲୋଗାନ ଦେଇ ବଜାର ପରିକ୍ରମା କରିବା ସହ ଏନ୍‌ଏସି ଅଫିସ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଅଖିଳ ଭାରତ କୃଷକ ସଭାର ରାଜ୍ୟ ଉପସଭାପତି ପ୍ରଦୀପ୍ତ କୁମାର ମହାନ୍ତି, ଶ୍ରମିକ ନେତା ମନୋରଞ୍ଜନ ପରିଡା, ଅଖିଳ ଭାରତ କୃଷକ ସଭାର ପୁରୀ ଜିଲା ସମ୍ପାଦକ ବ୍ରଜବନ୍ଧୁ ପରିଡା, ଶ୍ରମିକ ନେତା ପ୍ରସନ୍ନ ଦାସ, କୋଣାର୍କ ଶାଖାର ସମ୍ପାଦକ ସନ୍ତୋଷ କୁମାର ବେହେରା ପ୍ରମୁଖ ଯୋଗଦେଇ ୧୦ ଦଫା ଦାବି ଏଆଇଟିୟୁସି କାର୍ଯ୍ୟାଳୟକୁ ତୁରନ୍ତ ପକ୍କା ରାସ୍ତା ନିର୍ମାଣ, ରାସ୍ତାପାର୍ଶ୍ୱ ଉଠା ବ୍ୟବସାୟୀଙ୍କ ଜୀବିକା ସୁରକ୍ଷା ପାଇଁ କେନ୍ଦ୍ର ସରକାରଙ୍କର ପ୍ରସ୍ତାବିତ ଆଇନକୁ କୋଣାର୍କ ଏନ୍‌ଏସି ପକ୍ଷରୁ ଅନୁକରଣ କରିବା, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଓଡ଼ିଶା କ୍ଷୁଦ୍ର ରାସ୍ତାପାର୍ଶ୍ୱ ଉଠା ବ୍ୟବସାୟୀ ସଂଘ କୋଣାର୍କ ଶାଖାର ଅନ୍ୟୁନ ୩ଜଣ ପ୍ରତିନିଧି ଟାଉନ ଭେଣ୍ଡିଂ କମିଟି ସାମିଲ କରିବା, ରାସ୍ତାପାର୍ଶ୍ୱ ଉଠା ବ୍ୟବସାୟୀ ସଂଘ କୋଣାର୍କ ଶାଖାର କର୍ମକର୍ତ୍ତାଙ୍କୁ ରାଷ୍ଟ୍ରୀୟ ସ୍ୱାସ୍ଥ୍ୟବୀମା ଯୋଜନାରେ ସାମିଲ କରିବା, ବ୍ୟବସାୟୀମାନଙ୍କୁ ଥଇଥାନ ନିମନ୍ତେ ଭେଣ୍ଡିଂ ଜୋନ ପ୍ରତିଷ୍ଠା କରିବା, ପର୍ଯ୍ୟଟକଙ୍କ ହିତ ନିମନ୍ତେ ରାସ୍ତାର ମଧ୍ୟ ଭାଗରେ ବ୍ୟବସାୟ କରୁଥିବା ବ୍ୟବସାୟୀମାନଙ୍କୁ ହଟାଇ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରିବା, ବ୍ୟବସାୟୀଙ୍କୁ ଟ୍ରେଡ୍ ଲାଇସେନ୍ସ ଓ ପରିଚୟ ପତ୍ର ପ୍ରଦାନ, ବ୍ୟବସାୟୀଙ୍କୁ ସୁଧ ମୁକ୍ତ ଋଣ ପ୍ରଦାନ ଏବଂ ଯେଉଁ ବ୍ୟବସାୟୀଙ୍କଠାରୁ ନିୟମିତ ଟିକସ ଆଦାୟ ଆଦି ଦାବି ପୂରଣ କରିବା ପାଇଁ ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ କରିବାକୁ କହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୦ ଦଫା ଦାବି ସମ୍ବଳିତ ଦାବିପତ୍ର ଏନ୍‌ଏସି କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କୋଣାର୍କ ଶାଖାର ଅଙ୍ଗଦ ମଲ୍ଲିକ, ଶଶାଙ୍କ ନାୟକ, ସୁବାସ ବେହେରା, ରାଜ କିଶୋର ପରିଡ଼ାଙ୍କ ସମେତ କର୍ମକର୍ତ୍ତାମାନେ ସାମିଲ ହୋଇଥିଲେ।



**ସଂକ୍ଷେପରେ**

## ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ଉପଦେଷ୍ଟାଙ୍କ ସମୀକ୍ଷା

ପିପିଲି,୧୫।୯(ଦୁର୍ଗାମାଧବ ମିଶ୍ର)

ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ଉପଦେଷ୍ଟା ସବିତା ମହାପାତ୍ର ବୁଧବାର ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାର ସମୀକ୍ଷା କରିଛନ୍ତି। ଗ୍ରାମ୍ୟ ଉନ୍ନୟନ ବିଭାଗ ମାଧ୍ୟମରେ ପିପିଲି ଚନ୍ଦ୍ରାଦେଇପୁର ପଞ୍ଚାୟତର କମାକନ୍ତିଆଠାରେ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାର ମଙ୍ଗଳପୁର-କମାକନ୍ତିଆ ପ୍ରକଳ୍ପ ବୁଲି ଦେଖିଥିଲେ। ୨୦୨୫ ସୁଦ୍ଧା ୬ ହଜାର କିଲୋମିଟର ରାସ୍ତା ନିର୍ମାଣ ପାଇଁ ବିଭାଗ ଲକ୍ଷ୍ୟ ରଖିଥିବାବେଳେ ସ୍ଥାନୀୟ ଜନସାଧାରଣଙ୍କ ସହଯୋଗର ଆଶ୍ୟକତା ରହିଛି । ଏଥିସହ ସ୍ଥାନୀୟ ସରପଞ୍ଚ ଓ ବିଧାୟକ ରାସ୍ତା ନିର୍ମାଣ ପାଇଁ ଜମି ସମସ୍ୟା ସମାଧାନ କରିବାର ଆବଶ୍ୟକତା ରହିଛି ବୋଲି ଉପଦେଷ୍ଟା ମହାପାତ୍ର କହିଥିଲେ। ଅନ୍ୟପଟେ କମାକନ୍ତିଆ ରାସ୍ତାର କିଛି ସ୍ଥାନରେ ଜଳ ନିଷ୍କାସନରେ ସମସ୍ୟା ସୃଷ୍ଟି ହେଉଥିବାବେଳେ ଏଠାରେ ଡ୍ରେନେଜ ବ୍ୟବସ୍ଥା କରାଯିବାକୁ ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରିବେ ବୋଲି ସେ କହିଥିଲେ। ଏହି ଗସ୍ତ ସମୟରେ ବିଭାଗୀୟ ମନ୍ତ୍ରୀ ଓ ଠିକାଦାର ଉପସ୍ଥିତ ଥିଲେ।

## ଜାତୀୟ ପତାକାକୁ ଅବମାନନା ଘଟଣା: କାର୍ଯ୍ୟାନୁଷ୍ଠାନ ଶୂନ୍ୟ

ଗୋପ,୧୫।୯(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ ଥାନା ଅଧୀନ ବଉଲାଙ୍ଗ ପଞ୍ଚାୟତସ୍ଥିତ କରମଙ୍ଗା ସେବା ସମବାୟ ସମିତିରେ ସ୍ୱାଧୀନତା ଦିବସରେ ଜାତୀୟ ପତାକାକୁ ଅବମାନନା କରାଯାଇଥିବା ଅଭିଯୋଗ ହୋଇଥିଲା। ଏନେଇ ସେବା ସମବାୟ ସମିତି ସଭାପତି ପ୍ରିୟବ୍ରତ କୁଅଁର ପୁରୀ ଜିଲା ସହକାରୀ ଉପନିବନ୍ଧକ, ସମ୍ମିଳିତ ପୁରୀ ନିମାପଡ଼ା କେନ୍ଦ୍ର ସମବାୟ ବ୍ୟାଙ୍କ, ଗୋପ ଶାଖା ପରିଚାଳକ ଓ ପୁରୀ ଜିଲାପାଳଙ୍କୁ ଲିଖିତ ଭାବେ ଅଭିଯୋଗ କରି ତାଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିବାକୁ ଜଣାଇଥିଲେ। ହେଲେ ଏହି ଘଟଣାକୁ ମାସେ ପୁରୁଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନି। ପ୍ରକାଶ ଯେ, ଗତ ଅଗଷ୍ଟ ୧୫ରେ ଜାତୀୟ ପତାକାକୁ ଅବମାନନା କରି ରାତି ୯ଟା ପରେ ପତାକା ଅବତରଣ କରିଥିଲେ। ଏନେଇ ବିଭିନ୍ନ ମହଲରୁ ତୀବ୍ର ଅସନ୍ତୋଷ ପରେ ସମିତି ପକ୍ଷରୁ ଏକ ବୈଠକ ବସିଥିଲା। ସେଥିରେ ସମ୍ପାଦକ ସ୍ୱାଇଁଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିଥିବା ସଭାପତି କୁଅଁର କହିଥିଲେ। ଏ ସମ୍ପର୍କରେ ପୁରୀ ଜିଲା ସମବାୟ ବିଭାଗ ସହକାରୀ ନିବନ୍ଧକ ସରୂପ କରଙ୍କୁ ପଚାରିବାରେ, ସଭାପତିଙ୍କ ଅଭିଯୋଗ ହସ୍ତଗତ ହୋଇଛି, ତଦନ୍ତ ଲାଗି ଏରିଆ ଅଫିସରଙ୍କୁ ଦାୟିତ୍ୱ ଦିଆଯାଇଛି। ଏ ସମ୍ପର୍କରେ ଏରିଆ ଅଫିସର ସତ୍ୟବ୍ରତ ସ୍ୱାଇଁଙ୍କୁ ପଚାରିବାରେ, ତାଙ୍କ ନିକଟରେ ଏପର୍ଯ୍ୟନ୍ତ କୌଣସି ନିର୍ଦ୍ଦେଶ ପହଞ୍ଚିନି। ନିର୍ଦ୍ଦେଶ ଆସିଲେ ତଦନ୍ତ କରାଯାଇ ରିପୋର୍ଟ ଦିଆଯିବ ବୋଲି କହିଥିଲେ।

# ନିର୍ବାଚନ ସୁପରିଚାଳନା ଉପରେ ଗୁରୁତ୍ୱ

**ପ୍ରଶାସନ ପକ୍ଷରୁ ପ୍ରାକ୍ ପ୍ରସ୍ତୁତି ବୈଠକ**

ପୁରୀ, ୧୫।୯(ଅଜିତ ମହାନ୍ତି):

ପୁରୀ ଜିଲାରେ ଆଗାମୀ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ଏକ ପ୍ରାକ୍ ପ୍ରସ୍ତୁତି ବୈଠକ ଶୁକ୍ରବାର ସର୍କିଟ ହାଉସ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷତା କରି ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ କହିଛନ୍ତି, ନିର୍ବାଚନ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ। ଏଥିପାଇଁ ପ୍ରାକ୍ ପ୍ରସ୍ତୁତି ଅତ୍ୟନ୍ତ ଜରୁରୀ। ଏଥିପାଇଁ ଜିଲା ନିର୍ବାଚନ ପରିଚାଳନା ବା ଡିଷ୍ଟ୍ରିକ୍ଟ ଇଲେକ୍ସନ ମ୍ୟାନେଜମେଣ୍ଟ ପ୍ଲାନ ପ୍ରସ୍ତୁତ କରିବା ଜରୁରୀ। ଜିଲା ପ୍ରୋଫାଇଲ, ମ୍ୟାପ, ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତି, ବିଏଲ୍ଓ ନିଯୁକ୍ତି, ସୁରକ୍ଷା ଓ ଆଇନଶୃଙ୍ଖଳା ବ୍ୟବସ୍ଥା, ପରିବହନ ପାଇଁ ଗାଡ଼ି ବ୍ୟବସ୍ଥା, ମତଦାନ କେନ୍ଦ୍ର ସ୍ଥିତି ଓ ଅବସ୍ଥିତି, ମତଦାତାଙ୍କ ପାଇଁ ସୁବିଧା, ମତଦାନ କେନ୍ଦ୍ରରେ ରାମ୍ପ ବ୍ୟବସ୍ଥା, ଇଭିଏମ୍ ରଖିବା ବ୍ୟବସ୍ଥା, ପୋଲିଂପାର୍ଟିକୁ ତାଲିମ, ମିଡିଆ ମ୍ୟାନେଜମେଣ୍ଟ ପ୍ଲାନ ଇତ୍ୟାଦି ପ୍ରସ୍ତୁତି ସମ୍ପର୍କରେ ସାହୁ ବିଶଦ ଆଲୋଚନା କରିଥିଲେ। ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତି, ନୂତନ ଭୋଟରଙ୍କୁ ସାମିଲ, ବିଏଲ୍ଓ ଏବଂ ଅନ୍ୟାନ୍ୟ କର୍ମଚାରୀଙ୍କୁ ନିର୍ବାଚନ ଦାୟିତ୍ୱ ସମୟରେ ସେମାନଙ୍କ ଅବସର ସମୟକୁ ଅନୁଧ୍ୟାନ କରିବା ସହ ଭୋଟରତାଲିକାରେ ଯୋଗପାଇଁ ଭୋଟର ହେଲ୍ପ ଲାଇନ ଆପ୍ ବ୍ୟବହାର ଉପରେ ଉପଜିଲାପାଳ ଭବତାରଣ ସାହୁ ଗୁରୁତ୍ୱ ଦେଇଥିଲେ। ପୁରୀ ପୌରନିର୍ବାହୀ ଅଧିକାରୀ ତଥା ରାଜ୍ୟ ନିର୍ବାଚନ ମାଷ୍ଟର ଟ୍ରେନର ସରୋଜ କୁମାର ସ୍ୱାଇଁ ଭୋଟର ତାଲିକା ପ୍ରସ୍ତୁତି, ମତଦାନ କେନ୍ଦ୍ରର ବ୍ୟବସ୍ଥା, ମତଦାତାଙ୍କୁ ସୁବିଧା ପ୍ରଦାନ, ଏଇଆରଓମାନଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ, ସେକ୍ଟର ଅଫିସର, ବିଏଲ୍ଓମାନଙ୍କ ଦାୟିତ୍ୱ ଇତ୍ୟାଦି ସମ୍ପର୍କରେ ମତ ଦେଇଥିଲେ। ଅତିରିକ୍ତ ଜିଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକରେ ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ଡ. ଶରତ ଚନ୍ଦ୍ର ମହାପାତ୍ର, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ଜ୍ୟୋତିଶଙ୍କର ମହାପାତ୍ର, ଡେପୁଟି କଲେକ୍ଟର ରାକେଶ କୁମାର ପଣ୍ଡା, ରାମଚନ୍ଦ୍ର ପଟ୍ଟନାୟକ, ସହକାରୀ ଜିଲାପାଳ ରାଜବଲ୍ଲଭ ନାୟକଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ, ତହସିଲଦାର ଏବଂ ବିଡିଓମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଜିଲାରେ ବର୍ତ୍ତମାନ ମୋଟ ଭୋଟରଙ୍କ ସଂଖ୍ୟା ୧୩୫୯୪୫୯। ଏଥିମଧ୍ୟରେ ପୁରୁଷଙ୍କ ସଂଖ୍ୟା ୭୦୩୧୫୩, ମହିଳାଙ୍କ ସଂଖ୍ୟା ୬୫୬୨୨୮ ଏବଂ ଅନ୍ୟାନ୍ୟ ୭୮ ଜଣ ଭୋଟର ରହିଛନ୍ତି।




ବରିଷ୍ଠ ଇପିଏଫ୍ ପେନ୍ସନ୍‌ଧାରୀ ସଂଘର ସଦସ୍ୟମାନେ ବିଭିନ୍ନ ଦାବିନେଇ ଶୁକ୍ରବାର ପୁରୀ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି ।

# ବିନାନୁମତିରେ ସଭା, ଶୋଭାଯାତ୍ରା ମନା

**୯୦ ଦିନ ପାଇଁ ପୋଲିସ ଆଇନର ୩୦ ଧାରା ବଳବତ୍ତର**

ପୁରୀ, ୧୫।୯(ଅଜିତ ମହାନ୍ତି):

ପୋଲିସ ଆଇନର ୩୦ ଧାରା ପୁରୀ ଜିଲାରେ ଲାଗୁ କରାଯାଇଛି। ଆସନ୍ତା ଡିସେମ୍ବର ୩ ତାରିଖ ଅର୍ଥାତ୍ ୯୦ ଦିନ ପର୍ଯ୍ୟନ୍ତ ଏହା ବଳବତ୍ତର ରହିବ। ଜିଲାର ସମସ୍ତ ଥାନା ଅଞ୍ଚଳ, ପୁରୀ ପୌରାଞ୍ଚଳ, ପିପିଲି, କୋଣାର୍କ ଓ ନିମାପଡ଼ା ଏନ୍ଏସି ଅଞ୍ଚଳରେ ଏହି ଧାରା ବଳବତ୍ତର ରହିବ। ଏହି ସମୟ ମଧ୍ୟରେ ବିନା ଅନୁମତିରେ ସଭା, ଶୋଭାଯାତ୍ରା, ମାଇକ ବ୍ୟବହାରକୁ ବେଆଇନ ଘୋଷଣା କରାଯାଇଛି ବୋଲି ଏସ୍‌ପି କନୱର ବିଶାଲ ସିଂ ସୂଚନା ଦେଇଛନ୍ତି।

# ନିଲମ୍ବନ ସମ୍ପର୍କରେ ଜାଣିନାହିଁ: ଶଙ୍ଖମିତ୍ର

ପୁରୀ, ୧୫।୯(ଅଜିତ୍ ମହାନ୍ତି):



ସେବାରୁ ନିବୃତ୍ତ ଥିବା ସିଂହାରୀ ସେବାୟତ ଶୁକ୍ରବାର ରତ୍ନ ସିଂହାସନ ଉପରକୁ ଯାଇ ନୀତି କରିବାକୁ ନେଇ ବିବାଦ ଦେଖାଦେଇଛି। ଫଳରେ ଦୀର୍ଘ ସମୟ ଧରି ମହାପ୍ରଭୁ ଅଖିଆ ଅପିଆ ରହିଥିଲେ। ଅଭିଯୋଗ ଅନୁଯାୟୀ ସମ୍ପୃକ୍ତ ସିଂହାରୀ ସେବକ ଅନ୍ୟ ଏକ ଜାତିରେ ବିବାହ କରିଥିବାରୁ ନିଯୋଗ ପକ୍ଷରୁ ତାଙ୍କୁ ନିଲମ୍ବିତ କରାଯାଇଥିଲା। ଏହା ସତ୍ତ୍ୱେ ସେ ମହାପ୍ରଭୁଙ୍କ ସେବା କରିବାରୁ ବିବାଦ ଉପୁଜିଛି। ତେବେ ଏକ ଖବରଦାତା ସମ୍ମିଳନୀରେ ସମ୍ପୃକ୍ତ ସିଂହାରୀ ସେବକ ଶଙ୍ଖମିତ୍ର ସିଂହାରୀ ତାଙ୍କ ପ୍ରତିକ୍ରିୟା ରଖିଛନ୍ତି। ଶଙ୍ଖମିତ୍ର କହିଛନ୍ତି, ଶ୍ରୀମନ୍ଦିର ସ୍ୱତ୍ୱଲିପିରେ ସେବା ସମ୍ପର୍କରେ ଉଲ୍ଲେଖ ରହିଛି। ସେହି ଅନୁଯାୟୀ ତାଙ୍କର ଆଜି ପାଳି ରହିଥିଲା। ତେଣୁ ସେ ପାଳି ଖଟିବାକୁ ନିର୍ଦ୍ଧାରିତ ସମୟରେ ଶ୍ରୀମନ୍ଦିରକୁ ଯାଇଥିଲେ। ସେ ଓ ଅନ୍ୟ ଦୁଇଜଣ ସିଂହରୀ ସେବାୟତ ରତ୍ନସିଂହାସନକୁ ଯାଇ ଶ୍ରୀବିଗ୍ରହମାନଙ୍କ ମଙ୍ଗଳ ଆଳତି କରିଥିଲେ। ପରେ ବେଶ ମଇଲମ କରିଥିଲେ। ସମସ୍ତ ସେବାୟତ ତାଙ୍କୁ ସହଯୋଗ କରିଥିଲେ। ତେବେ ମଇଲମ ସାରି ପ୍ରାୟ ୩ ଘଣ୍ଟା ବସିବା ପରେ କେତେଜଣ ସେବାୟତ ଆସି ତାଙ୍କୁ ନିଯୋଗ ପକ୍ଷରୁ ସେବାରୁ ନିଲମ୍ବନ କରାଯାଇଥିବା କହିଥିଲେ। ପୂଜାପଣ୍ଡା ସେବକମାନଙ୍କ ପକ୍ଷରୁ ତାଙ୍କୁ ବିରୋଧ କରାଯାଉଛି। ତେବେ ତାଙ୍କୁ ନିଲମ୍ବନ କରାଯାଇଥିବା ନେଇ କୌଣସି ସୂଚନା କିମ୍ବା ଚିଠି ନିଯୋଗ ପକ୍ଷରୁ ଦିଆଯାଇନାହିଁ। ସେହିପରି ସେ ଅନ୍ୟ ଜାତିରେ ବିବାହ କରିଥିବା କଥାକୁ ଅସ୍ୱୀକାର କରିଛନ୍ତି। ସେ ଶାଢ଼ିବନ୍ଧା ସେବକଙ୍କ ଝିଅଙ୍କୁ ବିବାହ କରିଥିବା କହିଛନ୍ତି। ୨୦୨୨ରେ ସେ ବିବାହ କରିବା ପରେ ରଥ ଉପରେ ସୁନାବେଶ ସମୟରେ ପାଳି କରିଛନ୍ତି। ତେଣୁ ବିବାହ କଥାକୁ ନେଇ ତାଙ୍କୁ ନିଲମ୍ବନ କରାଯାଇଥିବା ଯେଉଁ ଚର୍ଚ୍ଚା ହେଉଛି ତାହା ମିଛ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏହାର ତଦନ୍ତ କରାଯାଉ। ମହାପ୍ରଭୁଙ୍କୁ ଛୁଇଁବାର ଅଧିକାର ତାଙ୍କର ରହିଛି। ତେବେ କ'ଣ ପାଇଁ ପୂଜାପଣ୍ଡାମାନେ ମହାପ୍ରଭୁଙ୍କ ମହାସ୍ନାନ କଲେ ତାହା ସେମାନେ ଜାଣିଥିବେ। ଶ୍ରୀମନ୍ଦିର ପ୍ରଶାସନ ଉପରେ ତାଙ୍କର ବିଶ୍ୱାସ ରହିଛି ଓ ତାଙ୍କୁ ନ୍ୟାୟ ମିଳିବ ବୋଲି ଶଙ୍ଖମିତ୍ର ପ୍ରକାଶ କରିଛନ୍ତି।

# ଶିକ୍ଷକଙ୍କ ତାଲା ବନ୍ଦ ଆନ୍ଦୋଳନ ଜାରି

**ସମର୍ଥନ ଜଣାଇଲେ ବିଭିନ୍ନ ଦଳର ନେତା**

ପିପିଲି,(ଦୁର୍ଗାମାଧବ ମିଶ୍ର/ (ପ୍ରଭାତ କୁମାର ମହାପାତ୍ର)/ ସାକ୍ଷୀଗୋପାଳ(ଭରତ ରାଉତ) ୧୫।୯:

ପ୍ରାଥମିକ ଶିକ୍ଷକମାନେ ୩ଦଫା ଦାବି ନେଇ ଜାରି ରଖିଥିବା ଆନ୍ଦୋଳନ ଶୁକ୍ରବାର ଅଷ୍ଟମ ଦିନରେ ପହଞ୍ଚିଛି। ପ୍ରାଥମିକ ବିଦ୍ୟାଳୟଗୁଡ଼ିକ ବନ୍ଦ ଥିବାରୁ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଓ ଶିକ୍ଷା ବ୍ୟବସ୍ଥା ଅନ୍ଧାର ଆଡ଼କୁ ଗତି କରୁଛି। ଆଗକୁ ପରୀକ୍ଷା ରହିଛି। ତେଣୁ ପିଲାମାନଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ଶୁକ୍ରବାର ଆନ୍ଦୋଳନସ୍ଥଳରେ ବିଜେଡି ନେତା ଓ ଭାଜପା ନେତା ପହଞ୍ଚି ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହିତ ଆଲୋଚନା କରିଥିଲେ। ଅସୁସ୍ଥତା ଯୋଗୁ ବିଧାୟକ ରୁଦ୍ରପ୍ରତାପ ମହାରଥୀ ଆନ୍ଦୋଳନସ୍ଥଳକୁ ନ ଆସିପାରି ତାଙ୍କ ପ୍ରତିନିଧିଙ୍କୁ ପଠାଇଥିଲେ। ପିପିଲି ୨୪ ନମ୍ବର ଜୋନର ଜିଲାପରିଷଦ ସଭ୍ୟ ଧରଣୀଧର ସାହୁ, ବ୍ଲକ ଉପାଧ୍ୟକ୍ଷ ପ୍ରଫୁଲ୍ଲ ପ୍ରଧାନ, ବ୍ଲକ ଅଧ୍ୟକ୍ଷଙ୍କ ପ୍ରତିନିଧି ଶୁଭାଶିଷ ମିଶ୍ର ଏବଂ ଜିଲା ବିଜେଡି ଉପସଭାପତି ଦେବାଶିଷ ନନ୍ଦ ପହଞ୍ଚି କହିଥିଲେ, ମୁଖ୍ୟମନ୍ତ୍ରୀଙ୍କ ନିକଟରେ ବିଧାୟକ ରୁଦ୍ରପ୍ରତାପ ମହାରଥୀ ଦାବି ପହଞ୍ଚାଇବେ। ତେଣୁ ଶିକ୍ଷୟିତ୍ରୀ ଶିକ୍ଷକମାନେ ଆନ୍ଦୋଳନରୁ ଓହରିଯିବାକୁ ସେମାନେ ଅନୁରୋଧ କରିଥିଲେ। ସେହିପରି ଭାଜପା ରାଜ୍ୟ ମହିଳା ସଭାପତି ପ୍ରଭାତୀ ପରିଡ଼ା ଆନ୍ଦୋଳନକୁ ସମର୍ଥନ କରିଛନ୍ତି। ଶିକ୍ଷକମାନଙ୍କ ଦାବି ଯୁକ୍ତିଯୁକ୍ତ ଏବଂ ସରକାର ଶୀଘ୍ର ପୂରଣ କରନ୍ତୁ ବୋଲି ସେ କହିଥିଲେ। ତେବେ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁ ରହିବ ବୋଲି ନିଖିଳ ଉତ୍କଳ ପ୍ରାଥମିକ ସଂଘର ସଭାପତି ସୁକାନ୍ତ ନାୟକ, ସମ୍ପାଦକ କୃଷ୍ଣଚନ୍ଦ୍ର ସାହୁ, ଜିଲା ଯୁଗ୍ମ ସମ୍ପାଦକ ଜିତେନ୍ଦ୍ର ନାୟକ, ଏନ୍‌ପିଏସ୍ ସଂଘ ସଭାପତି ଜୟପ୍ରକାଶ ପ୍ରଧାନ, ସମ୍ପାଦକ ଲକ୍ଷ୍ମୀଧର ସାହୁ, ରାଜ୍ୟ ମହାସଚିବ ବିକ୍ରମ ରଥ, ଉପଦେଷ୍ଟା ଚିନ୍ତାମଣି ଓଝା, ବୈକୁଣ୍ଠ ବିଶ୍ୱାଳ, ଦୁଷ୍ମନ୍ତ ବଳିୟାରସିଂହ, ରଶ୍ମିରଞ୍ଜନ ସେଠୀ, ପ୍ରଭାତ ଦାଶ ପ୍ରମୁଖ ଘୋଷଣା କରିଥିଲେ। ସତ୍ୟବାଦୀ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ତରଫରୁ ବ୍ଲକ୍ ପ୍ରାଥମିକ ଶିକ୍ଷକ ୟୁନିୟନର ସଭାପତି ପ୍ରହ୍ଲାଦ ଦାସ ଓ ସମ୍ପାଦକ ବିଜୟ ନନ୍ଦଙ୍କ ନେତୃତ୍ୱରେ ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶିକ୍ଷକଙ୍କ କାର୍ଯ୍ୟବନ୍ଦ ଚାଲୁ ରହିଛି। ଆନ୍ଦୋଳନରେ ୩୦୦ରୁ ଊର୍ଦ୍ଧ୍ୱ ଶିକ୍ଷକ ସାମିଲ୍ ହୋଇଛନ୍ତି। ୧୩୦ରୁ ଊର୍ଦ୍ଧ୍ୱ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ତାଲା ପଡିଛି ଓ ମଧ୍ୟାହ୍ନ ଭୋଜନ ବନ୍ଦ ରହିଛି।



ପିପିଲିଠାରେ ଧାରଣାରତ ଶିକ୍ଷକମାନେ ବିଧାୟକଙ୍କ ପ୍ରତିନିଧିଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି ।

# ନିମାପଡ଼ା କୋର୍ଟ ତାଲୁକ ଆଇନ ସେବା କମିଟିର ସଚେତନତା ଶିବିର




ଶିବିରରେ ବିଚାରବିଭାଗୀୟ ଅଧିକାରୀମାନେ ।

ନିମାପଡ଼ା,୧୫।୯(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା କୋର୍ଟ ତାଲୁକ ଆଇନସେବା କମିଟି ପକ୍ଷରୁ ଏକ ସଚେତନତା ଶିବିର ସିଭିଲ କୋର୍ଟ ପରିସରରେ ଗୁରୁବାର ଅନୁଷ୍ଠିତ ହୋଇଥିଲା। ଶିବିରରେ ଅତିଥି ଭାବେ ବିଚାରପତି, ତାଲୁକ ଆଇନସେବା କମିଟିର ଅଧ୍ୟକ୍ଷ ଅତିରିକ୍ତ ଜିଲା ଦୌରାଜଜ୍ ଲୋକନାଥ ସାହୁ, ସବ୍‌ଜଜ୍ ସଂଘମିତ୍ରା ବିଶ୍ୱାଳ, ସିଭିଲ ଜଜ୍ ସୌମ୍ୟ ରଏ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ (ଜେଏମ୍ଏଫ୍‌ସି) ମିଳନ ତାଣ୍ଡି ପ୍ରମୁଖ ଯୋଗଦେଇ ଶିବିରର ତାତ୍ପର୍ଯ୍ୟ, ଲକ୍ଷ୍ୟ ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟତଃ ଯୌନ ନିର୍ଯାତନା ସୁରକ୍ଷା ଆଇନ, ଏହି ଆଇନର ଉପାଦେୟତା, ବିଭିନ୍ନ ଦିଗ ଓ କାର୍ଯ୍ୟକାରିତା ସମ୍ପର୍କରେ ଅତିଥିମାନେ ବିଶଦ ଆଲୋଚନା କରିଥିଲେ। ଶିବିରରେ ସମସ୍ତ କୋର୍ଟର କର୍ମଚାରୀ ଯୋଗଦେଇଥିଲେ।

# ୫ଦିନ ହେଲା ଜଳଯୋଗାଣ ବନ୍ଦ

**ବିଦ୍ୟୁତ୍ କାର୍ଯ୍ୟାଳୟରେ ତାଲା ପକାଇଲେ ସରପଞ୍ଚ**

କଣାସ, ୧୫।୯ (ବିଭୂତି ଭୂଷଣ ତ୍ରିପାଠୀ)

ରାଜ୍ୟ ସରକାର ପ୍ରତ୍ୟେକ ପରିବାରକୁ ବିଦ୍ୟୁତ ଓ ପାନୀୟଜଳ ଯୋଗାଦେବପାଇଁ ଡେଙ୍ଗୁରା ପିଟୁଥିବା ବେଳେ ପୁରୀ ଜିଲା କଣାସ ବ୍ଲକର ବିଦ୍ୟୁତ୍ ବିଭାଗର ଅର୍ଥ ଦେଇପାରି ନ ଥିବାରୁ ୫ଦିନ ହେଲା ପାଇପଜଳ ଯୋଗାଣ ପ୍ରକଳ୍ପ ବନ୍ଦ ରହିଛି। ଫଳରେ ଜନସାଧାରଣ ଜଳ ପାଇଁ ଡହଳ ବିକଳ ହେଉଥିବା ଦେଖାଯାଇଛି। ଶୁକ୍ରବାର କଣାସ ସରପଞ୍ଚ ଭଗବାନ ସୁବୁଦ୍ଧି, ବଡାସ ସରପଞ୍ଚ ବ୍ରଜକିଶୋର ପାଢ଼ୀ, କାଦୁଆ ସରପଞ୍ଚ ଦୁଃଶାସନ ସ୍ୱାଇଁ, ଚୁପୁରିଙ୍ଗି ସରପଞ୍ଚ ଜଗବନ୍ଧୁ ସେଠୀ, ଗଡସାହି ସରପଞ୍ଚ ବିଭୂତି ଭୂଷଣ ବେବର୍ତ୍ତା, ଗଡିଶାଗୋଦା ସରପଞ୍ଚ ମଧୁସୂଦନ ଜେନା ପ୍ରମୁଖ ବିଦ୍ୟୁତ୍ କଟାଯିବା ପ୍ରତିବାଦରେ କଣାସ ବିଦ୍ୟୁତ୍ କାର୍ଯ୍ୟାଳୟରେ ତାଲା ପକାଇବାରୁ ଉତ୍ତେଜନା ଦେଖାଦେଇଥିଲା।

ଖବର ନେବାରେ ଜଣାପଡିଛି ବେଣାଗାଁ ପାଇପଲାଇନ ପ୍ରକଳ୍ପ ଉପରେ ୧୭୨୫୦୩ ଟଙ୍କା, ଗୋପିନାଥପୁର ପାଇପ ଲାଇନ ପ୍ରକଳ୍ପ ଉପରେ ମାର୍ଚ୍ଚସୁଦ୍ଧା ୮୨୫୦୩ ଟଙ୍କା, ହରଷପଡା ପାଇପଲାଇନ ପ୍ରକଳ୍ପ ଉପରେ ୧,୬.୭୬୨ ଟଙ୍କା, ଗଡିଶାଗୋଦା ପାଇପ ଲାଇନ ପ୍ରକଳ୍ପ ଉପରେ ୯୧, ୦୬୦ ଟଙ୍କା, କାଦୁଆ ପାଇପଲାଇନ ପ୍ରକଳ୍ପ ଉପରେ ୧,୨୯,୯୭୫ ଟଙ୍କା, ଚୁପୁରିଙ୍ଗି ପାଇପଲାଇନ ପ୍ରକଳ୍ପ ଉପରେ ୧,୩୯୨ଟଙ୍କା ବାକି ପଡ଼ିଛି। ଉକ୍ତ ଅର୍ଥ ସରପଞ୍ଚମାନେ ଜମା ନ କରିବା ହେତୁ ଉକ୍ତ ପାଇପଲାଇନ ପ୍ରକଳ୍ପରୁ ବିଦ୍ୟୁତ୍ ସଂଯୋଗ ୪ଦିନ ହେଲା କାଟିଦେଇଥିବା ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀ ହିମାଂଶୁ ବରାଳ ପ୍ରକାଶ କରିଥିଲେ। ଉକ୍ତ ଟଙ୍କା ପଞ୍ଚାୟତର ଜିପିପି ଫଣ୍ଡରୁ ଜମା କରାଯାଉଥିବାରୁ ଉକ୍ତ ଆକାଉଣ୍ଟକୁ ଦୀର୍ଘ ଏକ ବର୍ଷ ହେଲା ଅର୍ଥ ଆସି ନ ଥିବାରୁ ଟଙ୍କା ଜମାକରାଯାଇପାରି ନ ଥିବା ସରପଞ୍ଚମାନେ କହିଥିଲେ। ସରକାର ପଇସା ଦେବେ କିନ୍ତୁ ଜନସାଧାରଣଙ୍କୁ କାହିଁକି ଜଳ ଯୋଗାଣରୁ ବଞ୍ଚିତ କରାଯାଉଛି ବୋଲି ସରପଞ୍ଚମାନେ ପ୍ରଶ୍ନ କରିଥିଲେ। ପାଇପଜଳ ଯୋଗାଣ କନିଷ୍ଠ ଯନ୍ତ୍ରୀ ରଞ୍ଜନ କୁମାର ସାମନ୍ତରାୟଙ୍କୁ ଏ ସମ୍ପର୍କରେ ପଚାରିବାରୁ କହିଛନ୍ତି, ପୂର୍ବରୁ ସମସ୍ତ ପାଇପଲାଇନ ପ୍ରକଳ୍ପରେ ମିଟର ଲାଗିଥିଲା। ମୋତେ କିମ୍ବା ବିଡିଓ, ସରପଞ୍ଚମାନଙ୍କୁ ନ ଜଣାଇ ବିଦ୍ୟୁତ୍ ବିଭାଗ ସ୍ମାର୍ଟମିଟର ଲଗାଇଦେଇଛି। ଫଳରେ ମିଟରଗୁଡିକ ଠିକ୍ ଭାବେ କାର୍ଯ୍ୟକରୁନଥିବାରୁ ଅଧିକ ବିଲ୍ ଉଠୁଛି। ଆଉ କେତେକ ପଞ୍ଚାୟତରେ ବସିଥିବା ପାଇପଲାଇନ ପ୍ରକଳ୍ପରେ ବିଦ୍ୟୁତ୍ ସଂଯୋଗ କାଟିଦିଆଯିବ ବୋଲି ସରପଞ୍ଚମାନଙ୍କୁ ମେସେଜ୍ ଦିଆଯାଇଛି। ଜିଲାପାଳ ତୁରନ୍ତ ଏଥିପ୍ରତି ଦୃଷ୍ଟିଦେବାକୁ କଣାସ ବ୍ଲକର ସମସ୍ତ ସରପଞ୍ଚ ଦାବି କରିଛନ୍ତି।



ବିଦ୍ୟୁତ୍ କାର୍ଯ୍ୟାଳୟରେ ସରପଞ୍ଚମାନେ ତାଲା ପକାଉଛନ୍ତି।

# ୧୦ ଦଫା ଦାବିରେ ଏନ୍ଏସି କାର୍ଯ୍ୟାଳୟ ଆଗରେ ବିକ୍ଷୋଭ

କୋଣାର୍କ,୧୫।୯(ଜ୍ୟୋତିରାଜ ମହାନ୍ତି):

ଓଡ଼ିଶା କ୍ଷୁଦ୍ର ଓ ରାସ୍ତାପାର୍ଶ୍ୱ ଉଠା ବ୍ୟବସାୟୀ ସଂଘ କୋଣାର୍କ ଶାଖା ପକ୍ଷରୁ ୧୦ଦଫା ଦାବି ପୂରଣ ପାଇଁ ଶୁକ୍ରବାର ସ୍ଥାନୀୟ ଏନ୍ଏସି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। କୋଣାର୍କ ଶାଖା ସଭାପତି ଲକ୍ଷ୍ମୀଧର ସ୍ୱାଇଁଙ୍କ ନେତୃତ୍ୱରେ ଶାଖାର କର୍ମକର୍ତ୍ତାମାନେ ସ୍ଥାନୀୟ ଶ୍ରୀଜଗନ୍ନାଥ ମନ୍ଦିର ସମ୍ମୁଖରୁ ଶୋଭାଯାତ୍ରାରେ ବାହାରି ଦାବି ପୂରଣ ପାଇଁ ସ୍ଲୋଗାନ ଦେଇ ବଜାର ପରିକ୍ରମା କରିବା ସହ ଏନ୍ଏସି ଅଫିସ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଅଖିଳ ଭାରତ କୃଷକ ସଭାର ରାଜ୍ୟ ଉପସଭାପତି ପ୍ରଦୀପ୍ତ କୁମାର ମହାନ୍ତି, ଶ୍ରମିକ ନେତା ମନୋରଞ୍ଜନ ପରିଡା, ଅଖିଳ ଭାରତ କୃଷକ ସଭାର ପୁରୀ ଜିଲା ସମ୍ପାଦକ ବ୍ରଜବନ୍ଧୁ ପରିଡା, ଶ୍ରମିକ ନେତା ପ୍ରସନ୍ନ ଦାସ, କୋଣାର୍କ ଶାଖାର ସମ୍ପାଦକ ସନ୍ତୋଷ କୁମାର ବେହେରା ପ୍ରମୁଖ ଯୋଗଦେଇ ୧୦ ଦଫା ଦାବି ଏଆଇଟିୟୁସି କାର୍ଯ୍ୟାଳୟକୁ ତୁରନ୍ତ ପକ୍କା ରାସ୍ତା ନିର୍ମାଣ, ରାସ୍ତାପାର୍ଶ୍ୱ ଉଠା ବ୍ୟବସାୟୀଙ୍କ ଜୀବିକା ସୁରକ୍ଷା ପାଇଁ କେନ୍ଦ୍ର ସରକାରଙ୍କର ପ୍ରସ୍ତାବିତ ଆଇନକୁ କୋଣାର୍କ ଏନ୍ଏସି ପକ୍ଷରୁ ଅନୁକରଣ କରିବା, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଓଡ଼ିଶା କ୍ଷୁଦ୍ର ରାସ୍ତାପାର୍ଶ୍ୱ ଉଠା ବ୍ୟବସାୟୀ ସଂଘ କୋଣାର୍କ ଶାଖାର ଅନ୍ୟୂନ ୩ଜଣ ପ୍ରତିନିଧି ଟାଉନ ଭେଣ୍ଡିଂ କମିଟି ସାମିଲ କରିବା, ରାସ୍ତାପାର୍ଶ୍ୱ ଉଠା ବ୍ୟବସାୟୀ ସଂଘ କୋଣାର୍କ ଶାଖାର କର୍ମକର୍ତ୍ତାଙ୍କୁ ରାଷ୍ଟ୍ରୀୟ ସ୍ୱାସ୍ଥ୍ୟବୀମା ଯୋଜନାରେ ସାମିଲ କରିବା, ବ୍ୟବସାୟୀମାନଙ୍କୁ ଥଇଥାନ ନିମନ୍ତେ ଭେଣ୍ଡିଂ ଜୋନ ପ୍ରତିଷ୍ଠା କରିବା, ପର୍ଯ୍ୟଟକଙ୍କ ହିତ ନିମନ୍ତେ ରାସ୍ତାର ମଧ୍ୟ ଭାଗରେ ବ୍ୟବସାୟ କରୁଥିବା ବ୍ୟବସାୟୀମାନଙ୍କୁ ହଟାଇ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରିବା, ବ୍ୟବସାୟୀଙ୍କୁ ଟ୍ରେଡ୍ ଲାଇସେନ୍ସ ଓ ପରିଚୟ ପତ୍ର ପ୍ରଦାନ, ବ୍ୟବସାୟୀଙ୍କୁ ସୁଧ ମୁକ୍ତ ଋଣ ପ୍ରଦାନ ଏବଂ ଯେଉଁ ବ୍ୟବସାୟୀଙ୍କଠାରୁ ନିୟମିତ ଟିକସ ଆଦାୟ ଆଦି ଦାବି ପୂରଣ କରିବା ପାଇଁ ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ କରିବାକୁ କହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୦ ଦଫା ଦାବି ସମ୍ବଳିତ ଦାବିପତ୍ର ଏନ୍ଏସି କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କୋଣାର୍କ ଶାଖାର ଅଙ୍ଗଦ ମଲ୍ଲିକ, ଶଶାଙ୍କ ନାୟକ, ସୁବାସ ବେହେରା, ରାଜ କିଶୋର ପରିଡ଼ାଙ୍କ ସମେତ କର୍ମକର୍ତ୍ତାମାନେ ସାମିଲ ହୋଇଥିଲେ।




ଏନ୍ଏସି କାର୍ଯ୍ୟାଳୟ ଆଗରେ ଓଡ଼ିଶା କ୍ଷୁଦ୍ର ଓ ରାସ୍ତାପାର୍ଶ୍ୱ ଉଠା ବ୍ୟବସାୟୀ ସଂଘ କୋଣାର୍କ ଶାଖା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।

# ଆଜି ସିଏନ୍‌ବିଟି ଲୋକାର୍ପଣ କରିବେ ମୁଖ୍ୟମନ୍ତ୍ରୀ

କଟକ,୧୫।୯(ସୁପ୍ରିୟା ପ୍ରିୟଦର୍ଶିନୀ)



ନବନିର୍ମିତ କଟକ ନେତାଜୀ ବସ୍ ଟର୍ମିନାଲ।

■ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ, ଉଦ୍‌ଘାଟନ
■ଚୂଡ଼ାନ୍ତ ପ୍ରସ୍ତୁତିର ସମୀକ୍ଷା କଲେ ବିଧାୟକ, ମେୟର

ଖାନ୍‌ନଗରଠାରେ ଥିବା ଅତ୍ୟାଧୁନିକ କଟକ ନେତାଜୀ ବସ୍ ଟର୍ମିନାଲ (ସିଏନ୍‌ବିଟି) ଶନିବାର ଲୋକାର୍ପଣ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅପରାହ୍ନରେ ଏହାକୁ ଲୋକାର୍ପଣ କରିବା ସହ ଅନ୍ୟ ୧୩ଟି ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ଏହି ସମସ୍ତ ପ୍ରକଳ୍ପର ମୂଲ୍ୟ ୫୪୦.୬୦ କୋଟି ଟଙ୍କା ହେବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

ଖାନ୍‌ନଗରସ୍ଥିତ ବସ୍ ଟର୍ମିନାଲ ପାଇଁ ୯୦.୨ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ସେହିପରି ନରଣପୁରଠାରେ ୮୮.୩୧ କୋଟି ଟଙ୍କା ବ୍ୟୟରେ ନିର୍ମିତ ସୁଲଭ ଗୃହ ପ୍ରକଳ୍ପ, ୯.୭୨ କୋଟି ବ୍ୟୟରେ ପର୍ଯ୍ୟଟନ ବିଭାଗ ଦ୍ୱାରା ନିର୍ମିତ ସିଲଭରସିଟି ବୋଟ୍ କ୍ଲବ୍, ୫.୨୩ କୋଟି ବ୍ୟୟରେ ତାଳଦଣ୍ଡା କେନାଲ ପାର୍ଶ୍ୱରେ ନିର୍ମିତ ଫୁଡ୍‌କୋର୍ଟ ଓ ୱାଟର ସ୍ପୋର୍ଟସ୍ ଜୋନ୍ ଏବଂ କେନାଲ ଫ୍ରଣ୍ଟ ଡେଭଲପମେଣ୍ଟ, ୩.୨୨ କୋଟି ବ୍ୟୟରେ ନିର୍ମିତ ଅର୍ବାନ ହାଟ, ୨୩.୩୫ କୋଟି ବ୍ୟୟରେ ପୂର୍ତ୍ତ ବିଭାଗ ଦ୍ୱାରା ତାଳଦଣ୍ଡା ଉପରେ ନିର୍ମିତ ଏକାଧିକ ପୋଲ, ୬୬.୬୫ କୋଟି ବ୍ୟୟରେ ନିର୍ମିତ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ମହାନଦୀ କ୍ୟାମ୍ପସର ଏକାଡେମିକ ବ୍ଲକ ଓ ହଷ୍ଟେଲ-୧ ଏବଂ ୨, ୩୦ କୋଟି ବ୍ୟୟରେ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟର ନୂତନ ପାଠାଗାର ଏବଂ ୨୩.୮୫ କୋଟି ଟଙ୍କା ବ୍ୟୟରେ ଡିଏଭି ଏସ୍‌ସିବି ମେଡିକାଲ ପବ୍ଲିକ ସ୍କୁଲ ଆଦି ଉଦ୍‌ଘାଟନ ହେବ। ସେହିପରି ୧୨୩ କୋଟି ବ୍ୟୟରେ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟର ସ୍ୱାସ୍ଥ୍ୟକେନ୍ଦ୍ର, ଗେଷ୍ଟ ହାଉସ୍, କ୍ରିକେଟ୍ ଷ୍ଟାଡିୟମର ଭିତ୍ତିପ୍ରସ୍ତର ସ୍ଥାପନ ହେବ। ସିଏମ୍‌ସି ପକ୍ଷରୁ ୪୫.୧୯ କୋଟି ଟଙ୍କା ବ୍ୟୟରେ ତାଳଦଣ୍ଡା କେନାଲର ସୌନ୍ଦର୍ଯ୍ୟକରଣ ଓ ସର୍ବସାଧାରଣଙ୍କ ନିମନ୍ତେ ଏକାଧିକ ପ୍ରକଳ୍ପ ଯଥା ଫୁଟ୍‌ପାଥ୍, ପାର୍କ, ସଂଗ୍ରହାଳୟ, ଭେଣ୍ଡିଂଜୋନ୍, ପାନୀୟ ଜଳ ପ୍ରକଳ୍ପ, ଶୌଚାଳୟ ଓ ବସ୍ ଷ୍ଟପ୍‌ର ଭିତ୍ତିପ୍ରସ୍ତର ସ୍ଥାପନ କରାଯିବ। ସେହିପରି ପୂର୍ତ୍ତ ବିଭାଗ ପକ୍ଷରୁ ୮.୯୫ କୋଟି ଟଙ୍କା ବ୍ୟୟରେ ଜାତୀୟ ରାଜପଥରୁ ପୂର୍ବପଟ ରେଲୱେ ଷ୍ଟେଶନକୁ ସଂଯୋଗ କରୁଥିବା ୪ ଲେନ୍ ବିଶିଷ୍ଟ ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ କରାଯିବ।

ଏହି ବସ୍ ଟର୍ମିନାଲରେ ୧୯୨ଟି ବସ୍ ରହିପାରିବ। ଏଥିସହ ଯାତ୍ରୀଙ୍କ ପାଇଁ ପ୍ରତୀକ୍ଷା, ଗୃହ, ଆହାର କେନ୍ଦ୍ର, ହାଇଜେନିକ ଷ୍ଟଲ, ମହିଳା ଓ ପୁରୁଷଙ୍କ ପାଇଁ ସ୍ୱତନ୍ତ୍ର ଟିକେଟ କାଉଣ୍ଟର ସୁବିଧା ରହିଛି। ଏହି ମେଗା ପ୍ରକଳ୍ପର ଉଦ୍‌ଘାଟନ ନିମନ୍ତେ ସିଡିଏ, ଜିଲା ପ୍ରଶାସନ, ସିଏମ୍‌ସି ପକ୍ଷରୁ ଶୁକ୍ରବାର ଚୂଡ଼ାନ୍ତ ପ୍ରସ୍ତୁତିର ସମୀକ୍ଷା କରାଯାଇଛି। ମେୟର ସୁବାସ ସିଂ, ବିଧାୟକ ସୌଭିକ୍ ବିଶ୍ୱାଳ, ଜିଲାପାଳ ଭବାନୀ ଶଙ୍କର ଚୟନୀ, ସିଏମ୍‌ସି କମିଶନର୍ ନିଖିଲ ପଓ୍ୱନ କଲ୍ୟାଣ, ସିଡିଏ ଅଧ୍ୟକ୍ଷ ଅନିଲ ସାମଲ ପ୍ରମୁଖ ବସ୍ ଟର୍ମିନାଲ ପରିଦର୍ଶନ କରି ସମସ୍ତ କାର୍ଯ୍ୟକ୍ରମ କିପରି ସୁଚାରୁ ରୂପେ କାର୍ଯ୍ୟକ୍ଷମ ହେବ ତାହାର ସମୀକ୍ଷା କରିଥିଲେ। ବିଶେଷକରି ସିଏନ୍‌ବିଟିକୁ ବସ୍ ପ୍ରବେଶ ଓ ପ୍ରସ୍ଥାନ ଉପରେ ଗୁରୁତ୍ୱ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ କଟକ ଆଗମନରେ ଯେପରି କୌଣସି ତ୍ରୁଟି ନ ରହିବ ତାହା ଉପରେ ଧ୍ୟାନ ଦିଆଯାଇଥିଲା।



ସିଡିଏ ଅଧ୍ୟକ୍ଷ, ମେୟର ଓ କମିଶନରଙ୍କ ସହ ଅନ୍ୟମାନେ ସିଏନ୍‌ବିଟିରେ ଚୂଡ଼ାନ୍ତ ପ୍ରସ୍ତୁତିର ସମୀକ୍ଷା କରୁଛନ୍ତି।

## ୨୦ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ

ଅପରାହ୍ନ ସାଢେ ୪ଟାରେ ହେଲିକପ୍ଟରରେ ଆସି ସନ୍‌ସାଇନ ପଡିଆରେ ମୁଖ୍ୟମନ୍ତ୍ରୀ ଓହ୍ଲାଇବେ। ସେଠାରୁ ସିଏନ୍‌ବିଟିକୁ ଯିବେ। ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ଦୃଷ୍ଟି ରଖି କମିଶନରେଟ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡାକଡ଼ି କରାଯାଇଛି। ଟର୍ମିନାଲରେ ଶୁକ୍ରବାର କାର୍‌କେଡ ଅଭ୍ୟାସ କରାଯାଇଛି। ୨୦ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିବାବେଳେ ୧୦୦ ଜଣ ପୋଲିସ ଅଧିକାରୀ ସୁରକ୍ଷା ଦାୟିତ୍ୱରେ ରହିବେ। ଭିଡ଼ ନିୟନ୍ତ୍ରଣ ପାଇଁ ଟ୍ରାଫିକ ବ୍ୟବସ୍ଥା ସୁବ୍ୟବସ୍ଥିତ କରାଯାଇଥିବା କଟକ ଡିସିପି ପିନାକ ମିଶ୍ର ସୂଚନା ଦେଇଛନ୍ତି।

# ବୈଜ୍ଞାନିକ ଡ. ଶେଷ କିଷାନ ପାଇବେ ଭାରତ ଗୌରବ ସମ୍ମାନ



ଖବରଦାତା ସମ୍ମିଳନୀରେ ସମ୍ମାନ ପ୍ରଦାନ ସମ୍ପର୍କରେ ସୂଚନା ଦିଆଯାଉଛି।

କଟକ,୧୫।୯(ସୁପ୍ରିୟା ପ୍ରିୟଦର୍ଶିନୀ)

### ୧୯ରେ ଭାରତ ମସଲାର ପ୍ରତିଷ୍ଠା ଦିବସ

ଦୀର୍ଘ ୨୩ବର୍ଷ ଧରି ନିରନ୍ତର ଭାବେ ଦେଶ ବିଦେଶରେ ସୁନାମ ଅର୍ଜନ କରିଥିବା ଭାରତ ମସଲା କମ୍ପାନୀ ଆସନ୍ତା ୧୯ ତାରିଖ ଗଣେଶ ପୂଜାରେ ୨୪ତମ ପ୍ରତିଷ୍ଠା ଦିବସ ପାଳନ କରିବ। ପୂଜ୍ୟପୂଜା ପରମ୍ପରାକୁ ବଜାୟ ରଖି ଓଡ଼ିଶାର ନାମକୁ ବିଭିନ୍ନ କ୍ଷେତ୍ରରେ ସଫଳତାର ଶୀର୍ଷରେ ପହଞ୍ଚାଇଥିବା ବ୍ୟକ୍ତିଙ୍କୁ ଏହି ଅବସରରେ ସମ୍ମାନିତ କରାଯିବ। ଚଳିତବର୍ଷ ବିଜ୍ଞାନକ୍ଷେତ୍ରରେ ଯୁବ ବୈଜ୍ଞାନିକ ଡ. ଶେଷ କିଷାନଙ୍କୁ ଭାରତ ଗୌରବ ସମ୍ମାନରେ ସମ୍ମାନିତ କରାଯିବ। ସେହିପରି ସାହିତ୍ୟ କ୍ଷେତ୍ରରେ ସୁନାମଧନ୍ୟ ଲେଖିକା ବନଜା ଦେବୀଙ୍କୁ କଥା ଭାରତ ସମ୍ମାନ, ସେବା କ୍ଷେତ୍ରରେ ସଦ୍‌ଗୁରୁ ହସ୍ପିଟାଲର ପରିଚାଳନା ନିର୍ଦ୍ଦେଶକ ଡ. ପ୍ରଦୀପ କୁମାର ମହାନ୍ତିଙ୍କୁ ସେବା ଭାରତ ସମ୍ମାନ, କଳା କ୍ଷେତ୍ରରେ ସଙ୍ଗୀତ ନିର୍ଦ୍ଦେଶକ ପ୍ରେମ୍ ଆନନ୍ଦଙ୍କୁ ସଂସ୍କୃତି ଭାରତ ସମ୍ମାନ, ଶିକ୍ଷା କ୍ଷେତ୍ରରେ ସବ୍ୟସାଚୀ ପାତ୍ର, ମିତ୍ରବର ସିଂ ଓ ହିମାଂଶୁ ପାତ୍ରଙ୍କୁ ବିଦ୍ୟା ଭାରତ ସମ୍ମାନରେ ସମ୍ମାନିତ କରାଯିବ। ଏନେଇ ଓସିଏ କନ୍‌ଫରେନ୍ସ ହଲ୍‌ରେ ଶୁକ୍ରବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଭାରତ ମସଲା କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡା ସୂଚନା ଦେଇଛନ୍ତି। ଏହି ସମ୍ମିଳନୀରେ ଭାରତ ମସଲା ଓ ଜୟ ଭାରତ ଫାଉଣ୍ଡେଶନର ଅଧ୍ୟକ୍ଷ ସୁରେନ୍ଦ୍ର ନାଥ ପଣ୍ଡା, ଜୟ ଭାରତ ଫାଉଣ୍ଡେଶନ ଟ୍ରଷ୍ଟି ପ୍ରଫୁଲ୍ଲ କୁମାର ସିଂହ, ଜିଏମ୍ (ଫାଇନାନ୍ସ) ଅଶ୍ୱିନୀ କୁମାର ଦାଶ, ଭାରତ ମସଲା ଟ୍ରଷ୍ଟି ସୁମନ୍ତ କୁମାର ପଣ୍ଡା, ଜିଏମ୍ (ଅପରେଶନ୍) ଅରୁଣ କୁମାର ନାୟକ, ଜିଏମ୍ (ପ୍ରଡକ୍ସନ) ନବକୃଷ୍ଣ ପ୍ରଧାନ, ଭାରତ ମସଲାର ନିର୍ଦ୍ଦେଶକ ଶ୍ରୀମନ୍ତ କୁମାର ପଣ୍ଡା, ଦିଗନ୍ତ କୁମାର ପଣ୍ଡା ଓ ଆଶୁତୋଷ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### କଳାବ୍ୟାଜ୍ ପିନ୍ଧି କାର୍ଯ୍ୟକଲେ ଜେଲ୍ କର୍ମଚାରୀ

ମଙ୍ଗୁଳି-ଜଗତପୁର,୧୫।୯(ମାନସ ସାମଲ)

୫ ଦଫା ଦାବି ନେଇ ଚୌଦ୍ୱାର ମଣ୍ଡଳ କାରାଗାର ସମ୍ମୁଖରେ କର୍ମଚାରୀମାନେ ଶୁକ୍ରବାର କଳାବ୍ୟାଜ୍ ପିନ୍ଧି କାର୍ଯ୍ୟ କରିଛନ୍ତି। ୱାର୍ଡରମାନଙ୍କ ଗ୍ରେଡ୍ ପେ' ୧୯୦୦ରୁ ୨୦୦୦ ଟଙ୍କା, ପୁରୁଣା ପଦୋନ୍ନତି ନିୟମ ଲାଗୁ କରିବା, ଉପଖଣ୍ଡ ସ୍ତରକୁ ବଦଳି ନିୟମ କୋହଳ ସମେତ ଅନ୍ୟ ଦାବି ପୂରଣ ପାଇଁ ସଂଘ ଦାବି କରିଛି। ଜେଲ୍ କର୍ମଚାରୀମାନେ କଳାବ୍ୟାଜ୍ ପିନ୍ଧି ୧୩ରୁ ଆସନ୍ତା ୨୪ତାରିଖ ପର୍ଯ୍ୟନ୍ତ ପ୍ରତିବାଦ କରିବେ। ଏହି ସମୟ ମଧ୍ୟରେ ସରକାର ଦାବି ପୂରଣ ପାଇଁ ପଦକ୍ଷେପ ନ ନେଲେ ୨୫ ତାରିଖରୁ ଆମରଣ ଅନଶନ କରିବ ବୋଲି ସଂଘ ଚେତାବନୀ ଦେଇଛି। ଚୌଦ୍ୱାର ମଣ୍ଡଳ କାରାଗାର କମିଟି ସଭାପତି ଅଜିତ୍ ନାୟକ, ସମ୍ପାଦକ ମନୋଜ କୁମାର ସେଠି, ଉପ ସଭାପତି ବିମଳକାନ୍ତ ଜେନା, କୋଷାଧ୍ୟକ୍ଷ ରାକେଶ କୁମାର କର, ସହ ସମ୍ପାଦକ ନବ ନିର୍ମୁକ୍ତି ଦାସ ପ୍ରମୁଖ ପ୍ରତିବାଦରେ ସାମିଲ ହୋଇଥିଲେ।

### ପଞ୍ଚାୟତ ଅଫିସକୁ ବୋମାମାଡ଼

କଟକ ସଦର,୧୫।୯(ସୁଶାନ୍ତ କୁମାର ଜେନା)

କିଶନ ନଗର ଥାନା ଅନ୍ତର୍ଗତ ପ୍ରହରାଜପୁର ପଞ୍ଚାୟତ ଅଫିସ ଉପରକୁ ଗୁରୁବାର ରାତିରେ ବୋମାମାଡ ହୋଇଛି। ହେଲେ ଏଥିରେ କୌଣସି କ୍ଷତି ଘଟିନାହିଁ। ଏ ନେଇ ସ୍ଥାନୀୟ ସରପଞ୍ଚ ଅବ୍‌ଦୁଲ ୱାହିଦ୍ ଖାଁ ଅଭିଯୋଗ କରିବା ପରେ ପୋଲିସ ୩ଜଣଙ୍କ ନାଁରେ ଏକ ମାମଲା(ନଂ.୨୦୯/୨୩) ରୁଜୁ କରିଛି। ସରପଞ୍ଚଙ୍କ କହିବାନୁଯାୟୀ, ଗୁରୁବାର ରାତିରେ ପଞ୍ଚାୟତ ଅଫିସ ଫାଟକ ନିକଟରେ କେହି ବୋମା ମାଡ଼ କରି ପଳାଇଥିବା ଜାଣି ତୁରନ୍ତ ଘଟଣା ସ୍ଥଳରେ ପହଞ୍ଚିଥିଲି। ଅଫିସ ଖୋଲି ସମର୍ଥକମାନଙ୍କ ସହ ଆଲୋଚନା କରିବା ପରେ ଥାନାରେ ଏତଲା ଦେଇଥିଲି। ହଠାତ୍ ସ୍ଥାନୀୟ ଅଞ୍ଚଳର ୨ ଜଣ ଯୁବକ ସେଠାରେ ପହଞ୍ଚି ବୋମା ମାଡ଼ କରିଥିବା କହିବା ସହ ତାଙ୍କୁ ଗାଳିଗୁଲଜ କରିଥିଲେ। ଏହି ସମୟରେ ଠେଲାପେଲା ହୋଇ ଦୀପକ ଦଳାଇ ନାମକ ବ୍ୟକ୍ତି ଆହତ ହୋଇଥିଲେ। ସ୍ଥାନୀୟ ଅଞ୍ଚଳବାସୀଙ୍କ କହିବାନୁଯାୟୀ, ବୋମାମାଡ କରିଥିବା ଦୁର୍ବୃତ୍ତମାନେ ଓ ସରପଞ୍ଚ ଗୋଟିଏ ଦଳର ସମର୍ଥକ। କିଛି ମାସ ହେବ ପଡିଆରା ଜାହିରକୁ ନେଇ ସେମାନଙ୍କ ମଧ୍ୟରେ ଛକାପଞ୍ଝା ଲାଗିରହିଥିଲା। ଫଳସ୍ୱରୂପ ଏଭଳି ବୋମାମାଡ଼ ହୋଇଛି। ଏ ସମ୍ପର୍କରେ ଥାନାଧିକାରୀ ରଶ୍ମି ରଞ୍ଜନ ଦାଶ କହିଛନ୍ତି, ଅଭିଯୁକ୍ତମାନଙ୍କୁ ଖୁବ୍‌ଶୀଘ୍ର ଧରାଯିବ।

# ଛାତ୍ରସଂସଦ ନିର୍ବାଚନ ଦାବିରେ ବିକ୍ଷୋଭ

କଟକ,୧୫।୯(ସୁପ୍ରିୟା ପ୍ରିୟଦର୍ଶିନୀ)

ଛାତ୍ର ସଂସଦ ନିର୍ବାଚନ ଦାବିରେ ଏଆଇଡିଏସ୍‌ଓ ପକ୍ଷରୁ ଶୁକ୍ରବାର ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସଙ୍ଗଠନର କଟକ ଜିଲା କମିଟି ସଭାପତି ଇଶା ଧର, ଉପ ସଭାପତି ଶିବାନୀ ସାହୁ, ସମ୍ପାଦକ ତରୁଣସେନ ନାୟକ, ସମ୍ପାଦକ ମଣ୍ଡଳୀ ସଦସ୍ୟା ଶୁଭସ୍ମିତା ସାହୁ, ଜ୍ୟୋସ୍ନାରାଣୀ ଦାସ, ସରୋଜ ମାନସିଂ, ରାଜେଶ ରାଉତ, ଛାତ୍ରନେତା ମୁସ୍କାନ ତବସ୍ସୁମ୍, ସତ୍ୟବ୍ରତ ମୁଦୁଲି ପ୍ରମୁଖ ବିକ୍ଷୋଭର ନେତୃତ୍ୱ ନେଇଥିଲେ। ଛାତ୍ରନେତାମାନେ କହିଥିଲେ, ଛାତ୍ରୀଛାତ୍ରମାନଙ୍କର ଗଣତାନ୍ତ୍ରିକ ଅଧିକାରକୁ କ୍ଷୁର୍ଣ୍ଣ କରିବାକୁ ସରକାର ଦୀର୍ଘଦିନ ଧରି ଷଡଯନ୍ତ୍ର କରିଆସୁଛନ୍ତି। ଆନ୍ଦୋଳନ ଦମନ କରିବା ପାଇଁ ସରକାର ବିଭିନ୍ନ ପନ୍ଥା ଅବଲମ୍ବନ କରୁଛନ୍ତି। ସରକାର ଯଦି ଗଣତାନ୍ତ୍ରିକ ପ୍ରକ୍ରିୟାରେ ପୂର୍ବଭଳି ପ୍ରତ୍ୟକ୍ଷ ଛାତ୍ର ସଂସଦ ନିର୍ବାଚନ କରିବା ପ୍ରକ୍ରିୟା ଗ୍ରହଣ ନ କରନ୍ତି ତେବେ ଛାତ୍ର ଆନ୍ଦୋଳନକୁ ଶକ୍ତିଶାଳୀ କରାଯିବ ବୋଲି ସଙ୍ଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି।



ସିଡିଏ ସେକ୍ଟର-୧ସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟରେ ଅନୁଷ୍ଠିତ ରାଷ୍ଟ୍ରୀୟ ଏକତା ପର୍ବରେ ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

# ବ୍ୟାଘ୍ରଗଣନା ପ୍ରଶିକ୍ଷଣ ଶିବିର

ବାରଙ୍ଗ,୧୫।୯(ଲିଙ୍ଗରାଜ ରାଉତ)

ଚନ୍ଦକା-ଡମପଡା ଅଭୟାରଣ୍ୟର ଗୋଡିବାରିଠାରେ ଥିବା କନ୍‌ଫେରେନ୍ସ ହଲରେ ରାଜ୍ୟସ୍ତରୀୟ ବ୍ୟାଘ୍ରଗଣନାପ୍ରଶିକ୍ଷଣ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହାକୁ ବନ୍ୟପ୍ରାଣୀ ପ୍ରଧାନ ମୁଖ୍ୟ ବନ୍ୟ ସଂରକ୍ଷଣ ସୁଶିଲ କୁମାର ପୋପ୍ଲି ଉଦ୍‌ଘାଟନ କରିଥିଲେ। ଏଥିରେ ଚନ୍ଦକା, ନନ୍ଦନକାନନ ସମେତ ରାଜ୍ୟର୨୦ଟି ଡିଭିଜନର ୨୫ଜଣ ବନ ଅଧିକାରୀ ସାମିଲ ହୋଇଥିଲେ। ଜଙ୍ଗଲ ମଧ୍ୟରେ ବ୍ୟାଘ୍ର ଗଣନାରେ କିପରି କରାଯିବ ତାହାର ପଦ୍ଧତି ଉପରେ ସେମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ସେମାନେ ପ୍ରଶିକ୍ଷଣ ନେଇ ସେମାନଙ୍କ ଦାୟିତ୍ୱରେ ଥିବା ଡିଭିଜନର ବନକର୍ମଚାରୀଙ୍କୁ ପରବର୍ତ୍ତୀ ସମୟରେ ବାଘଗଣନା ଉପରେ ପ୍ରଶିକ୍ଷଣ ଦେବେ।

# ଶୈଳବାଳା କଲେଜରେ ରକ୍ତଦାନ ଶିବିର




ରକ୍ତଦାନ ଶିବିରରେ ଅତିଥି ଓ ଛାତ୍ରୀମାନେ।

କଟକ,୧୫।୯ (କାର୍ତ୍ତିକ ସାହୁ)

ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଓ ଆଇକ୍ୟୁଏସିର ମିଳିତ ଆନୁକୂଲ୍ୟରେ ରକ୍ତଦାନ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରୁ ୪୬ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଏହାକୁ ମହାବିଦ୍ୟାଳୟ ଅଧ୍ୟକ୍ଷା ପ୍ରଫେସର ଡ. ଗାୟତ୍ରୀ ବିଶ୍ୱାଳ ଉଦ୍‌ଘାଟନ କରିଥିଲେ। ଫାଷ୍ଟଏଡ୍ ମାଷ୍ଟର ଟ୍ରେନର ଡ. ବିକାଶ ପ୍ରସାଦ ଓ ରେଡ୍‌କ୍ରସ୍ ଅଧ୍ୟାପିକା ଡ. ଅମିତା ମହାନ୍ତି ଅତିଥି ରୂପେ ଯୋଗଦେଇ ପ୍ରାରମ୍ଭିକ ଚିକିତ୍ସାର ଗୁରୁତ୍ୱ ଓ କୌଶଳ ଶିକ୍ଷା ଦେଇଥିଲେ। ଯୁକ୍ତ ୩ ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ଡ. ଯୋଗମାୟା ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏସ୍‌ସିବି ମେଡିକାଲ ରକ୍ତଭଣ୍ଡାରର ଡା. ନିର୍ମଳା ଦାସ, ସହାୟକ ପ୍ରମୋଦ କୁମାର ଦାସ, ଲୀଳାବତୀ ଜେନା, ରଶ୍ମିରଞ୍ଜନ ପ୍ରଧାନ, ଆଲୋକ କୁମାର ବସନ୍ତରା, ଭାସ୍କର ରାଓ ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ। ପ୍ରାଣୀବିଜ୍ଞାନ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ତଥା ଏନ୍‌ଏସ୍‌ଏସ୍ ସଦସ୍ୟା ଶିବାନୀ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ମହାବିଦ୍ୟାଳୟର ଅଧ୍ୟାପିକା, ଅଧ୍ୟାପକ ଓ ସ୍ୱେଚ୍ଛାସେବୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବିଭିନ୍ନ ଉନ୍ନୟନ ପ୍ରକଳ୍ପ ଉଦ୍‌ଘାଟିତ

ଚୌଦ୍ୱାର,୧୫।୯(ଆଶୁତୋଷ ଦାସ)

ଇମ୍ଫା ଶିଳ୍ପଗୋଷ୍ଠୀର ସାମାଜିକ ଓ ଦାୟିତ୍ୱବୋଧ ଶାଖା ବଂଶୀଧର ଓ ଇଲାପଣ୍ଡା ଫାଉଣ୍ଡେଶନ ପକ୍ଷରୁ ଗୁରୁବାର ଟାଙ୍ଗୀ-ଚୌଦ୍ୱାର ବ୍ଲକ୍‌ର କେତେକ ଗ୍ରାମରେ ବିଭିନ୍ନ ଉନ୍ନୟନ ପ୍ରକଳ୍ପ ଉଦ୍‌ଘାଟିତ ହୋଇଯାଇଛି। କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମଙ୍ଗରାଜପୁର ପଞ୍ଚାୟତ ଅଧୀନ ବେରେଣା ଗ୍ରାମରେ ଗୋଷ୍ଠୀ କେନ୍ଦ୍ର, ଶଙ୍କରପୁରଠାରେ ଗୋଷ୍ଠୀ ଶୌଚାଳୟ ଏବଂ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟନ କରିଥିଲେ। ଏଥିସହ ମହିସାଲଣ୍ଡା ପଞ୍ଚାୟତ ଅଧୀନ ଆମ୍ବିଲିଝରୀ ଗ୍ରାମର ଅଧିବାସୀମାନଙ୍କୁ ୩୦୦ ମଶାରି ବଣ୍ଟନ କରିଥିଲେ। ଇମ୍ଫାର ଉପ ସଭାପତି ବିନୟ କୁମାର ଅଗ୍ରୱାଲାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଜେଡ଼ି ନେତା ସେକ୍ ସାହାଜାନ୍, ଜିଲା ପରିଷଦ ସଦସ୍ୟ ବିଶ୍ୱଜିତ୍ ପ୍ରଧାନ, ମଙ୍ଗରାଜପୁର ସରପଞ୍ଚ ଦେବେନ୍ଦ୍ର କୁମାର ପାଣ୍ଡବ, ସମିତି ସଭ୍ୟା ମମତା ସାମାଡ଼, ଶଙ୍କରପୁର ସରପଞ୍ଚ ପ୍ରମୋଦିନୀ ଖଟୁଆ, ସମିତି ସଭ୍ୟ ସୁକାନ୍ତ ରାଉତ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଇମ୍ଫାର ଜିଏମ୍ ଜି.ଏସ୍.ପି ରାଓ, ସିନିୟର ମ୍ୟାନେଜର ମାନସ ରଞ୍ଜନ ପ୍ରଧାନ, ବିଆଇପିଏଫର ଚୌଦ୍ୱାର ଶାଖା ମୁଖ୍ୟ ଆଶିଷ ଦାସଙ୍କ ସମେତ ସମସ୍ତ ସଦସ୍ୟ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଇମ୍ଫାର ଲୋକ ସମ୍ପର୍କ ଡିଜିଏମ୍ ଧ୍ରୁବ ଚରଣ ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ସହ ଅନ୍ୟମାନେ।

# 'ନବଭାରତ ଗଠନରେ ବିଶ୍ୱେଶ୍ୱରାୟାଙ୍କ ଅବଦାନ ଅବିସ୍ମରଣୀୟ'

କଟକ,୧୫।୯ (କାର୍ତ୍ତିକ ସାହୁ)

ଦି ଓଡ଼ିଶା ଇଞ୍ଜିନିୟର୍ସ ଫୋରମ ପକ୍ଷରୁ ୫୬ତମ ଇଞ୍ଜିନିୟର୍ସ ଦିବସ କଟକ ସାରଳା ଭବନରେ ଶୁକ୍ରବାର ପାଳିତ ହୋଇଯାଇଛି। ଫୋରମ୍‌ର ସଭାପତି ଇଂ. ପ୍ରଭାକର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ହାଇକୋର୍ଟର ବରିଷ୍ଠ ବିଚାରପତି ଡ. ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ଉଦ୍‌ଘାଟନ କରି ନବଭାରତ ଗଠନରେ ବିଶ୍ୱେଶ୍ୱରାୟାଙ୍କ ଅବଦାନ ଅବିସ୍ମରଣୀୟ ବୋଲି କହିଥିଲେ। ସମ୍ମାନିତ ଅତିଥି ଇଂ. ଲଳିତ ଦାସ କହିଥିଲେ, ଇଞ୍ଜିନିୟରମାନେ ଅଧ୍ୟୟନ କରିଥିବା ଶିକ୍ଷାଠାରୁ ସେମାନଙ୍କର ସୃଜନଶୀଳତା ଓ ବୁଦ୍ଧିମତ୍ତାର ଅଧିକ ଆବଶ୍ୟକତା ରହିଛି। ସଭାପତି ଇଂ. ସ୍ୱାଇଁ ତାଙ୍କ ବକ୍ତବ୍ୟରେ ବିଶ୍ୱେଶ୍ୱରାୟାଙ୍କୁ ଇଞ୍ଜିନିୟରିଂ ଜଗତର ପ୍ରବାଦପୁରୁଷ ରୂପେ ବର୍ଣ୍ଣନା କରିଥିଲେ। ଏହି ଅବସରରେ ଓଡ଼ିଶା ଜଳ ସମ୍ପଦ ବିଭାଗର ପୂର୍ବତନ ସର୍ବୋଚ୍ଚ ଯନ୍ତ୍ରୀ ଗୋବିନ୍ଦ ଚନ୍ଦ୍ର ସାହୁଙ୍କୁ ବିଶ୍ୱେଶ୍ୱରାୟା ସମ୍ମାନ ପ୍ରଦାନ କରାଯାଇଥିଲା। ଏଥିସହ ବିଭିନ୍ନ ବୈଷୟିକ ବିଭାଗରେ କୃତିତ୍ୱ ପାଇଁ ଇଂ. ଗଜାନନ ଏସ୍. କାଲେ, ଇଂ. ବିରଞ୍ଚି ନାରାୟଣ ମିଶ୍ର, ଡ. ଅଶୋକ କୁମାର ସାହୁ ଓ ଡ. ଉମାକାନ୍ତ ପାଣିଙ୍କୁ 'ଗୁଣବତ୍ତା ଯାନ୍ତ୍ରିକ ସମ୍ମାନ' ପ୍ରଦାନ କରାଯାଇଥିଲା। ଫୋରମର ବୈଷୟିକ ପତ୍ରିକା ଭର୍ଟେକ୍ସ ଉନ୍ମୋଚିତ ହୋଇଥିଲା। ଫୋରମର କାର୍ଯ୍ୟକାରୀ ସଭାପତି ଇଂ. ବିମଳ ଚନ୍ଦ୍ର ଦାଶ ସ୍ୱାଗତ ଭାଷଣ, ଭର୍ଟେକ୍ସର ମୁଖ୍ୟ ସମ୍ପାଦକ ପ୍ରଫେସର ପ୍ରଭାତ କୁମାର ପାଢୀ ଅତିଥି ପରିଚୟ, ଫୋରମର ସମ୍ପାଦକ ଇଂ. କ୍ଷୀରୋଦ ମହାପାତ୍ର ବିବରଣୀ ପାଠ କରିଥିଲେ। ଇଂ. ସୁଚିତ୍ରା ସାହୁ, ସୁଶାନ୍ତ ସେଠୀ ମାନପତ୍ର ପାଠ କରିଥିଲେ। ଇଂ. ପବିତ୍ର ସାହୁ ଧନ୍ୟବାଦ ଦେଇଥିଲେ। ଇଂ ରମାକାନ୍ତ ପ୍ରଧାନ, ଇଂ ପ୍ରମୋଦ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ସାରଳା ଭବନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଇଂ. ଗୋବିନ୍ଦ ଚନ୍ଦ୍ର ସାହୁଙ୍କୁ ବିଶ୍ୱେଶ୍ୱରାୟା ସମ୍ମାନ ପ୍ରଦାନ କରାଯାଉଛି।

### ଇଞ୍ଜିନିୟର୍ସ ଦିବସ ପାଳିତ

ଭାରତରତ୍ନ ବିଶ୍ୱେଶ୍ୱରାୟଙ୍କ ଜୟନ୍ତୀ ଅବସରରେ ରାଜ୍ୟ ନୌବାଣିଜ୍ୟ ସଂଗ୍ରହାଳୟ ସମ୍ମିଳନୀ କକ୍ଷରେ ପୂର୍ଣ୍ଣିମା ଫାଉଣ୍ଡେଶନ ପକ୍ଷରୁ ଇଞ୍ଜିନିୟର୍ସ ଦିବସ ପାଳିତ ହୋଇଯାଇଛି। ଏହାକୁ ହାଇକୋର୍ଟର ପୂର୍ବତନ ବିଚାରପତି ବୀରକିଶୋର ମିଶ୍ର ଉଦ୍‌ଘାଟନ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ପ୍ରଫେସର ସତ୍ୟକାମ ମିଶ୍ର, ମୁଖ୍ୟବକ୍ତା ରାଜ୍ୟ ଜଳ ସମ୍ପଦ ବିଭାଗର ଅତିରିକ୍ତ ମୁଖ୍ୟଯନ୍ତ୍ରୀ ପୂର୍ଣ୍ଣଚନ୍ଦ୍ର ରଥ, ସମ୍ମାନିତ ଅତିଥି ଭାବେ ଇଂ. ରମାବଲ୍ଲଭ ସ୍ୱାଇଁ, କଟକ ଜିଲା ଖାଉଟି ବିବାଦ ସମାଧାନ ଆୟୋଗର ଅଧ୍ୟକ୍ଷ ଦେବାଶିଷ ନାୟକ, ଅଧୀକ୍ଷଣ ଯନ୍ତ୍ରୀ ରାଜେଶ ଚନ୍ଦ୍ର ମହାନ୍ତି, ଅନୁଷ୍ଠାନର ସଭାପତି ଇଂ. ପ୍ରମୋଦ କୁମାର ନାୟକ ଯୋଗଦେଇଥିଲେ। ଫାଉଣ୍ଡେଶନର ସମ୍ପାଦକ ଇଂ. ଆଲୋକ ଭୂୟାଁ ଏଥିରେ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ରାଜ୍ୟ ପୂର୍ତ୍ତ ବିଭାଗର ଅତିରିକ୍ତ ମୁଖ୍ୟଯନ୍ତ୍ରୀ ପ୍ରଦୀପ କୁମାର ରଥ, ଅଧୀକ୍ଷଣ ଯନ୍ତ୍ରୀ ମନୋଜ କୁମାର ମହାନନ୍ଦ, ଇଂ. ଚିନ୍ମୟୀ ମିଶ୍ର, ଇଂ. ପ୍ରମୋଦ କୁମାର ବେହେରା, ଇଂ. ବିଜୟ କେତନ ପଣ୍ଡା, ଇଂ. ପ୍ରଭାସ କୁମାର ମାଝି ଓ ମିନତୀ ମହାପାତ୍ରଙ୍କୁ ଚଳିତ ବର୍ଷର ଯନ୍ତ୍ରୀ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ନିରୁପମା ପତି, ଶର୍ମିଷ୍ଠା ମହାପାତ୍ର, ଇଂ. ଶିଖା ଦାଶ ଓ ବର୍ଷାରାଣୀ ଲେଙ୍କା ମାନପତ୍ର ପାଠ କରିଥିଲେ। ଆଇନଜୀବୀ ଇଂ. ଆକାଶ ଭୂୟାଁ ଅତିଥି ପରିଚୟ ଓ ଇଂ. ଦେବୀ ପ୍ରସାଦ ନନ୍ଦ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ସରକାରଙ୍କ ସହ ଅଭିଭାବକ ମହାସଂଘର ଆଲୋଚନା

ଭୁବନେଶ୍ୱର, ୧୫।୯(ଅସମାପିକା ସାହୁ) – ଓଡ଼ିଶା ଅଭିଭାବକ ମହାସଂଘ ପ୍ରତିନିଧି ମଣ୍ଡଳୀ ୭ ଦଫା ଦାବି ନେଇ ଗଣଶିକ୍ଷା ବିଭାଗ ସହିତ ଆଲୋଚନା କରିଛନ୍ତି। ଲୋକସେବା ଭବନରେ ଆୟୋଜିତ ଏହି ଆଲୋଚନାରେ ମନ୍ତ୍ରୀ ସୁଦାମ ମାର୍ଣ୍ଡି, ସଚିବ ଆଶ୍ୱଥୀ ଏସ୍, ଓସେପା ପ୍ରକଳ୍ପ ନିର୍ଦ୍ଦେଶକ ଅନୁପମ ସାହଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ମହାସଂଘ ପକ୍ଷରୁ ଅଧ୍ୟକ୍ଷ ବାସୁଦେବ ଭଟ୍ଟ, ସହ-ଅଧ୍ୟକ୍ଷ ପ୍ରସନ୍ନ ବିଷୋୟୀ, ଭୁମୋହନ ପଟ୍ଟନାୟକ, ଅଶୋକ ପଟ୍ଟନାୟକ ବିଭିନ୍ନ ଦାବି ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଘରୋଇ ବିଦ୍ୟାଳୟରେ ମିଳୁଥିବା ସୁବିଧା ଅନୁଯାୟୀ ଦେୟ ନିର୍ଦ୍ଧାରଣ, କୋଭିଡ୍ ମହାମାରୀ ସମୟରେ ହାଇକୋର୍ଟଙ୍କ ସ୍କୁଲ ଫି' ଛାଡ଼ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବା ନେଇ ଶ୍ୱେତପତ୍ର ପ୍ରକାଶ, ସବୁଶ୍ରେଣୀରେ ଏନ୍‌ସିଇଆର୍‌ଟି ବହି ବ୍ୟବହାର ଓ ସ୍କୁଲ ବ୍ୟାଗ୍ ଓଜନ ନିୟମର କଡ଼ାକଡ଼ି ଅନୁପାଳନ, ଆର୍‌ଟିଇରେ ପଢୁଥିବା ସବୁ ପିଲାଙ୍କୁ ନିୟମ ଅନୁଯାୟୀ ମାଗଣାରେ ସ୍କୁଲ୍ ଡ୍ରେସ, ବହି, ଜୋତା ଆଦି ପ୍ରଦାନ, ବିନା ସ୍ୱୀକୃତିରେ ଚାଲୁଥିବା ବିଦ୍ୟାଳୟ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ, ଆର୍ଥିକ ଅନିୟମିତତାର ଅଭିଯୋଗ ଆସୁଥିବା ବିଦ୍ୟାଳୟର ସ୍ୱତନ୍ତ୍ର ଅଡିଟ୍, ଦଶମରୁ ଏକାଦଶ ଶ୍ରେଣୀକୁ ଉତ୍ତୀର୍ଣ୍ଣ ହେଉଥିବା ସବୁ ଛାତ୍ରୀଛାତ୍ରଙ୍କୁ କ୍ଲାସ୍ ପ୍ରମୋଶନ୍ ନିୟମ ଅନୁସାରେ ସେହି ସ୍କୁଲରେ ନାମଲେଖା ଆଦି ସଂକ୍ରାନ୍ତରେ ଆଲୋଚନା ହୋଇଥିଲା। ସେହିପରି ଆଲୋଚନାରେ କୋଚିଂ ସେଣ୍ଟରଗୁଡ଼ିକୁ ନିୟନ୍ତ୍ରଣକୁ ଆଣିବା ପାଇଁ ପଦକ୍ଷେପ ନେବାକୁ ସହମତି ହୋଇଥିଲା। ଏଥିସହ ଅନ୍ୟ ଦାବିଗୁଡ଼ିକ ଉପରେ ପଦକ୍ଷେପ ନିଆଯିବାକୁ ନିଷ୍ପତ୍ତି ହୋଇଥିବା ମହାସଂଘ ପକ୍ଷରୁ କୁହାଯାଇଛି।

### ୫୦ ମିଟର ବନ୍ଧୁକ ଚାଳନାରେ ଅନନ୍ୟାଙ୍କୁ ବ୍ରୋଞ୍ଜ୍

ବୋଲଗଡ଼, ୧୫।୯(ଦେବବ୍ରତ ହୋତା): ବୋଲଗଡ଼ ବ୍ଲକ ବୋଲଗଡ଼ ଗ୍ରାମର ଅନନ୍ୟା ପ୍ରିୟଦର୍ଶିନୀ ଜାତୀୟସ୍ତରରେ ୫୦ ମିଟର ବନ୍ଧୁକ ଚାଳନାରେ ବ୍ରୋଞ୍ଜ୍ ପଦକ ହାସଲ କରି ଓଡ଼ିଶାର ନାଁ ରଖିଛନ୍ତି। ମଧ୍ୟପ୍ରଦେଶର ଇନ୍ଦୋରଠାରେ ଆୟୋଜିତ ୩୨ତମ ମାଭାଲାଙ୍କର ଶୁଟିଂ ଚାମ୍ପିୟନଶିପ୍‌ରେ ସେପ୍ଟେମ୍ବର ୧୦ରେ ଭାଗନେଇ ସେ ପଦକ ହାସଲ କରିଛନ୍ତି। ଅନନ୍ୟାଙ୍କ ଏହି ସଫଳତା ପାଇଁ ପରିବାର ସହ ବୋଲଗଡ଼ ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି। ଆଗାମୀ ଦିନରେ ଏସିଆନ୍ ଗେମ୍ସ ଖେଳିବା ନେଇ ଆଶା ରଖିଛନ୍ତି ଅନନ୍ୟା।

# ପ୍ରତ୍ୟକ୍ଷ ଛାତ୍ର ସଂସଦ ନିର୍ବାଚନ ଦାବିରେ ଆନ୍ଦୋଳନ

ଭୁବନେଶ୍ୱର, ୧୫।୯ (ଅନୁରାଧା ମହାରଣା)

ସାରା ରାଜ୍ୟରେ ଗଣତାନ୍ତ୍ରିକ ପ୍ରକ୍ରିୟାରେ ପ୍ରତ୍ୟକ୍ଷ ଛାତ୍ର ସଂସଦ ନିର୍ବାଚନ ଦାବି କରିଛି ଏଆଇଡିଏସ୍‌ଓ। ରାଜ୍ୟ କମିଟିର ଆହ୍ୱାନ କ୍ରମେ ସାରା ଓଡ଼ିଶାରେ ପ୍ରତିବାଦ ଦିବସ ପାଳନ ପରିପ୍ରେକ୍ଷୀରେ ସଂଗଠନର ଭୁବନେଶ୍ୱର ସିଟି କମିଟି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ରାଜ୍ୟ ସଚିବାଳୟ ସମ୍ମୁଖରେ ଅନୁଷ୍ଠିତ ଏହି ବିକ୍ଷୋଭରେ ଚଳିତ ଶିକ୍ଷାବର୍ଷ ପାଇଁ ରାଜ୍ୟ ସରକାର ଏକାଡେମିକ କ୍ୟାଲେଣ୍ଡର ପ୍ରକାଶ କରିଛନ୍ତି। ମାତ୍ର ସେଥିରେ ଛାତ୍ର ସଂସଦ ନିର୍ବାଚନ ସମ୍ପର୍କରେ କାହିଁକି କିଛି ଉଲ୍ଲେଖ କରିନାହାନ୍ତି ବୋଲି ଆନ୍ଦୋଳନକାରୀମାନେ ପ୍ରଶ୍ନ କରିଛନ୍ତି। ଛାତ୍ର ସଂସଦ ଶିକ୍ଷାନୁଷ୍ଠାନର ଶୈକ୍ଷିକ ଓ ସାଂସ୍କୃତିକ ବାତାବରଣର ସୁରକ୍ଷା, ଛାତ୍ରୀଛାତ୍ର, ଶିକ୍ଷକ, ଅଧ୍ୟାପକ ତଥା ଶିକ୍ଷାନୁଷ୍ଠାନର ସମସ୍ୟା ସମାଧାନ କରିବା ପାଇଁ କର୍ତ୍ତୃପକ୍ଷଙ୍କ ନିକଟରେ ଦାବି ଉପସ୍ଥାପନ କରୁଥିଲା। ଆବଶ୍ୟକ ସ୍ଥଳେ ଛାତ୍ର ଆନ୍ଦୋଳନ ମାଧ୍ୟମରେ ଦାବି ହାସଲ କରିବାରେ ସମର୍ଥ ହେଉଥିଲା। ମାତ୍ର ବର୍ତ୍ତମାନ କଲେଜ ଓ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଅଧ୍ୟାପକ ଅଭାବ, ପରୀକ୍ଷା ପରିଚାଳନା ଓ ଫଳ ପ୍ରକାଶନରେ ବ୍ୟାପକ ଅନିୟମିତତା, ଫି' ବୃଦ୍ଧି ଆଦି ବିରୋଧରେ କେହି ସ୍ୱର ଉତ୍ତୋଳନ କରିପାରୁନାହାନ୍ତି। ଏହି ଅଗଣତାନ୍ତ୍ରିକ ନିଷ୍ପତ୍ତି ପ୍ରତ୍ୟାହାର କରି ଅବିଳମ୍ବେ ପୂର୍ବଭଳି ପ୍ରତ୍ୟକ୍ଷ ଛାତ୍ର ସଂସଦ ନିର୍ବାଚନ କରିବାକୁ ଏଆଇଡିଏସ୍‌ଓ ପକ୍ଷରୁ ଦାବି କରାଯାଇଛି। ଏହି ଆନ୍ଦୋଳନରେ ଏଆଇଡିଏସ୍‌ଓ ରାଜ୍ୟ ସମ୍ପାଦକ ସିଦ୍ଧାର୍ଥ ରଥ, ଭୁବନେଶ୍ୱର ସିଟି କମିଟି ସଭାପତି ନସିମ ସରକାର, ସମ୍ପାଦିକା ସ୍ୱସ୍ତି ସଂଗୀତା ଦଳାଇ, ଉପସଭାପତି ସପ୍ତର୍ଶିନୀ ରାଉଳ, ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ବିନୋଦ ସେଠୀ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ସଙ୍ଗଠିକା ସୁଚରିତା ଜେନା, ପ୍ରତାପ ଶାସନ କଲେଜର ଛାତ୍ର ନେତା ସାର୍ଥକ ରଥ, ମହର୍ଷି କଲେଜ ଛାତ୍ରୀ ଅର୍ଚ୍ଚିତା ନାଏକ ପ୍ରମୁଖ ସାମିଲ ହୋଇଥିଲେ।



ଛାତ୍ରୀଛାତ୍ର ଓ ଏଆଇଡିଏସ୍‌ଓ କର୍ମକର୍ତ୍ତାଙ୍କ ପକ୍ଷରୁ ଲୋୟର ପିଏମ୍‌ଜିରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।



୬ ମାସ ପରିବର୍ତ୍ତେ ୧୨ ମାସର ନିଯୁକ୍ତି ପ୍ରଦାନ ସହ ବିଭିନ୍ନ ଦାବି ନେଇ ଅସ୍ଥାୟୀ ଲଞ୍ଚ ଡ୍ରାଇଭର ଓ ଖଲାସୀ ମହାସଂଘ ପକ୍ଷରୁ ଶନିବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି।

# 'ଛମାସ କାମ କରି ଆଉ ଛମାସ ବେକାର'

ଭୁବନେଶ୍ୱର, ୧୫।୯ (ଅନୁରାଧା ମହାରଣା)

**ଅସ୍ଥାୟୀ ଲଞ୍ଚ ଡ୍ରାଇଭର ଓ ଖଲାସୀଙ୍କ ଧାରଣା**

୬ ମାସ ପରିବର୍ତ୍ତେ ୧୨ ମାସର ନିଯୁକ୍ତି ପ୍ରଦାନ ଦାବିରେ ଅସ୍ଥାୟୀ ଲଞ୍ଚ ଡ୍ରାଇଭର ଓ ଖଲାସୀ ମହାସଂଘ ପକ୍ଷରୁ ଶନିବାର ଆନ୍ଦୋଳନ କରାଯାଇଛି। ବିପଦବେଳେ ଜୀବନକୁ ବାଜି ଲଗାଇ ଜନସାଧାରଣଙ୍କୁ ସେବା ଯୋଗାଉଥିଲେ ମଧ୍ୟ ୬ମାସ କାମ କରି ଆଉ ୬ମାସ ବେକାର ରହୁଥିବା କହିଛନ୍ତି। ଓଡ଼ିଶା ସରକାରଙ୍କ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ ଅଧୀନରେ ୧୯ ଜିଲାରେ କାର୍ଯ୍ୟରତ ୫୦୮ ଲଞ୍ଚ ଡ୍ରାଇଭର ଓ ଖଲାସୀ ବର୍ଷ ବର୍ଷ ଧରି ୬ ମାସିଆ ଠିକା କର୍ମଚାରୀ ଭାବେ ବନ୍ୟା ଓ ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ସମୟରେ କାମ କରୁଛନ୍ତି। ଜଣେ ଡ୍ରାଇଭର ୧୧, ୧୦୦ ଟଙ୍କା ଓ ଖଲାସୀ ୧୦, ୧୦୦ ଟଙ୍କା ଦରମା ପାଉଛନ୍ତି । ୬ ମାସ କାମ କରି ବର୍ଷକ ପରିବାର ଚଳାଇବା କଷ୍ଟକର ହୋଇପଡୁଛି। ଏବେ ମଧ୍ୟ ଏହି ବିଭାଗରେ ସ୍ଥାୟୀ କର୍ମଚାରୀ କାର୍ଯ୍ୟ କରୁଛନ୍ତି। ଯଦି ସେମାନଙ୍କ ପାଇଁ ବର୍ଷସାରା କାମ ଅଛି, ସରକାର ଚାହିଁଲେ ଅସ୍ଥାୟୀ କର୍ମଚାରୀଙ୍କୁ ମଧ୍ୟ ବର୍ଷସାରା କାମ ଦେଇପାରିବେ। ବିଭିନ୍ନ ବ୍ଲକ ଓ ତହସିଲରେ କାମ କରୁଥିବା ଲଞ୍ଚ ଡ୍ରାଇଭର ଓ ଖଲାସୀଙ୍କୁ ସେଠାରେ ଖାଲିଥିବା ପଦବୀରେ ଯୋଗ୍ୟତା ଅନୁସାରେ କାର୍ଯ୍ୟରେ ଲଗାଇପାରିବେ ଓ ବନ୍ୟା ସମୟରେ ବୋଟ ଚଳାଇବା ଭଳି ବିଭିନ୍ନ କାର୍ଯ୍ୟରେ ନିୟୋଜିତ କରିପାରିବେ ବୋଲି ସେମାନେ କହିଛନ୍ତି।

# କେନ୍ଦ୍ର ସରକାରଙ୍କ ଅବହେଳା ପ୍ରତିବାଦରେ ଇପିଏଫ ପେନସନଭୋଗୀଙ୍କ ଧାରଣା

ଭୁବନେଶ୍ୱର, ୧୫।୯ (ବନ୍ଦନା ସେଠୀ)

ଅଲ୍ ଓଡ଼ିଶା ଇପିଏଫ ପେନସନର୍ସ ଆସୋସିଏଶନର ଆହ୍ୱାନକ୍ରମେ ଶୁକ୍ରବାର ରାଜ୍ୟର ୩୦ଟି ଜିଲାରେ ଥିବା ଇପିଏଫ୍ ପେନ୍‌ସନଭୋଗୀ ଧାରଣା ଦେଇଥିଲେ। ଏହି କ୍ରମରେ ଆସୋସିଏଶନ୍‌ର ଖୋର୍ଦ୍ଧା ଜିଲା କମିଟି ପକ୍ଷରୁ ଭୁବନେଶ୍ୱରସ୍ଥିତ କର୍ମଚାରୀ ଭବିଷ୍ୟନିଧି ସଂଗଠନ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ସଭାପତି ପ୍ରଫୁଲ୍ଲ କୁମାର ଦାସ ଓ ସମ୍ପାଦକ ମାୟାଧର ମଲ୍ଲିକଙ୍କ ପରିଚାଳନାରେ ଶତାଧିକ ଇପିଏଫ୍ ପେନସନ୍‌ଭୋଗୀ ଏଥିରେ ଯୋଗଦେଇଥିଲେ। ଇପିଏଫ ପେନସନଭୋଗୀ ବରିଷ୍ଠ ନାଗରିକଙ୍କ ପ୍ରତି କେନ୍ଦ୍ର ସରକାର କ୍ରମାଗତ ଭାବେ ଅବହେଳା କରିଆସୁଛନ୍ତି। ସର୍ବନିମ୍ନ ପେନସନ ୯ହଜାର ଟଙ୍କାକୁ ବୃଦ୍ଧି ସହ ମହଙ୍ଗା ଭତ୍ତା ପ୍ରଦାନ, ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଆଧାରରେ ବର୍ଦ୍ଧିତ ପେନସନ ପ୍ରଦାନ, ସମସ୍ତ ଇପିଏଫ ପେନସନଭୋଗୀଙ୍କୁ ନିଃଶୁଳ୍କ ଚିକିତ୍ସା ସୁବିଧା ଯୋଗାଇଦେବା ଆଦି ଦାବିକୁ କେନ୍ଦ୍ର ସରକାର ପୂରଣ ନ କଲେ ଆଗାମୀ ଦିନରେ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ସର୍ବଭାରତୀୟ ଉପସଭାପତି ତଥା ରାଜ୍ୟ ସାଧାରଣ ସମ୍ପାଦକ ଭାଗ୍ୟଧର ବ୍ରହ୍ମା କହିଥିଲେ। କାର୍ଯ୍ୟକ୍ରମରେ ସଙ୍ଘର ରାଜ୍ୟ ସଭାପତି ଇଂ. ବିଜୟ କୁମାର ଜେନା, ଉପଦେଷ୍ଟା ନଟବର ଆଚାର୍ଯ୍ୟ, ମୁକ୍ତିକାନ୍ତ ମହାପାତ୍ର, ରାଜ୍ୟ ନିଗମ କର୍ମଚାରୀ ମହାସଙ୍ଘ ଅଧ୍ୟକ୍ଷ ସତ୍ୟ ରଞ୍ଜନ ପଟ୍ଟନାୟକ, ମହାସଚିବ ସରୋଜକାନ୍ତ ମଲ୍ଲିକ, ସଚ୍ଚିଦାନନ୍ଦ ସାମନ୍ତରାୟ ପ୍ରମୁଖ ଯୋଗଦେଇଥିଲେ।



ଭୁବନେଶ୍ୱରସ୍ଥିତ ଇପିଏଫ୍ କାର୍ଯ୍ୟାଳୟ ସମ୍ମୁଖ ଧାରଣାସ୍ଥଳରେ ବିକ୍ଷୋଭ।

# ଅଣ-ସଂଗଠିତ ଶ୍ରମିକ ସାମାଜିକ ସୁରକ୍ଷା ବୋର୍ଡରେ ପଞ୍ଜୀକୃତ ହେବା ଜରୁରୀ

ଭୁବନେଶ୍ୱର, ୧୫।୯ (ବନ୍ଦନା ସେଠୀ)

ରାଜ୍ୟର ଅଣ-ସଂଗଠିତ କ୍ଷେତ୍ରରେ ୫୦ବର୍ଗର ଶ୍ରମିକଙ୍କୁ ସାମାଜିକ ସୁରକ୍ଷାରେ ଯୋଡିବା ଲକ୍ଷ୍ୟରେ ଶ୍ରମିକ ସଚେତନତା କାର୍ଯ୍ୟକ୍ରମ ରେଡକ୍ରସ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଶ୍ରମ ବିଭାଗ ଖୋର୍ଦ୍ଧା, ଆକ୍ସନଏଡ୍ ଆସୋସିଏଶନ ଓ ସିସିଡବ୍ଲ୍ୟୁଡି ପକ୍ଷରୁ ଏହି କାର୍ଯ୍ୟକ୍ରମରେ ଓଡିଶା କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡର ଅଧ୍ୟକ୍ଷା ଶ୍ରୀମୟୀ ଶ୍ୱେତା ସ୍ନିଗ୍ଧା ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅଣ-ସଂଗଠିତ ଶ୍ରମିକମାନେ ସଚେତନ ହେବା ସହ ପଞ୍ଜୀକରଣ କରିବା ଜରୁରୀ। ଏହାଦ୍ୱାରା ସେମାନଙ୍କ ତଥ୍ୟ ସରକାରଙ୍କ ପାଖରେ ରହିବା ସହ ସେମାନେ ବିଭିନ୍ନ ଜନକଲ୍ୟାଣ ଯୋଜନାର ସୁଫଳ ପାଇପାରିବେ ବୋଲି ଶ୍ରୀମୟୀ କହିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଶ୍ରମ ଆୟୁକ୍ତ ନୀଳାମ୍ବର ମିଶାଲ ଯୋଗଦେଇ ରାଜ୍ୟ ସରକାରଙ୍କ ତରଫରୁ ଶ୍ରମିକ ସଶକ୍ତୀକରଣ ନିମନ୍ତେ ଉପଲବ୍ଧ ସେବା ଉପରେ ଗୁରୁତ୍ୱାରୋପ କରିଥିଲେ। ସିସିଡବ୍ଲ୍ୟୁଡି ସମ୍ପାଦକ ସଦାଶିବ ସ୍ୱାଇଁ, ଆକ୍ସନଏଡ ଆସୋସିଏଶନ୍‌ର ସହଯୋଗୀ ନିର୍ଦ୍ଦେଶକ ଦେବବ୍ରତ ପାତ୍ର, ମନିଟରିଂ ଓ ଇଭାଲୋସନ ମ୍ୟାନେଜର ବି.ଏନ.ଦୁର୍ଗା, ଶିକ୍ଷାଧିକାରୀ ବସନ୍ତ ପାତ୍ର ପ୍ରମୁଖ ଯୋଗଦେଇଥିଲେ। ୫୦ଟି ବର୍ଗରୁ ୨୮ଜଣ ଶ୍ରମିକଙ୍କୁ ପଞ୍ଜୀକରଣ ପତ୍ର ପ୍ରଦାନ କରାଯାଇଥିଲା। ସହକାରୀ ଶ୍ରମ ଅଧିକାରୀ ସୌମ୍ୟା ରଞ୍ଜିତା ଦଳାଇ, ଶ୍ରମ ଅଧିକାରୀ ପ୍ରଭାକର ବିଶ୍ୱାଳ, ରଶ୍ମିତା କୁମାରୀ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ପ୍ରଭାଗୀୟ ଶ୍ରମ ଆୟୁକ୍ତ ପ୍ରଣବ କୁମାର ପାତ୍ର କାର୍ଯ୍ୟକ୍ରମ ସଞ୍ଚାଳନ କରିଥିବାବେଳେ ସହକାରୀ ଶ୍ରମ ଅଧିକାରୀ ପିପାସା ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ସର୍ବନିମ୍ନ ମଜୁରି ବୃଦ୍ଧି ଦାବି

ଭୁବନେଶ୍ୱର, ୧୫।୯ (ବନ୍ଦନା ସେଠୀ)

ଦେଶରେ ଦରଦାମ ବୃଦ୍ଧି ପାଉଥିଲାବେଳେ ପ୍ରାୟ ଦୁଇ ଦଶନ୍ଧି ଧରି ରାଜ୍ୟ ସରକାର ଶ୍ରମିକମାନଙ୍କ ସର୍ବନିମ୍ନ ମଜୁରି ବୃଦ୍ଧି କରିନାହାନ୍ତି। ଏହାଦ୍ୱାରା ଶ୍ରମିକଙ୍କ ଜୀବନ ଜୀବିକା ବହୁ ମାତ୍ରାରେ ପ୍ରଭାବିତ ହେଉଥିବାବେଳେ ସରକାର ସବୁ ଜାଣି ମଧ୍ୟ ଅଜଣା ସାଜିଛନ୍ତି ବୋଲି କେନ୍ଦ୍ରୀୟ ଶ୍ରମିକ ସଂଗଠନଗୁଡ଼ିକ ପକ୍ଷରୁ ଅଭିଯୋଗ କରାଯାଇଛି। ଶୁକ୍ରବାର ଆଇଏନ୍‌ଟିୟୁସି କାର୍ଯ୍ୟାଳୟରେ ଏଚ୍‌ଏମଏସ୍‌ର ସଭାପତି କୃଷ୍ଣ ଚନ୍ଦ୍ର ପାତ୍ରଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଶ୍ରମିକମାନଙ୍କର ସର୍ବନିମ୍ନ ମଜୁରି ବୃଦ୍ଧି ନ କରି ପ୍ରତି ୬ ମାସରେ ଥରେ କେବଳ ଭିଡିଏକୁ ୫ କିମ୍ବା ୭ଟଙ୍କା ବୃଦ୍ଧି କରି ସର୍ବନିମ୍ନ ମଜୁରି ବଢିଥିବା ଦର୍ଶାଉଛନ୍ତି, ଯାହାକି ସମ୍ପୂର୍ଣ୍ଣ ଭୁଲ୍। ସର୍ବନିମ୍ନ ମଜୁରୀ ପ୍ରତି ୫ବର୍ଷରେ ଥରେ ବଢିବା କଥା କିନ୍ତୁ ସରକାରଙ୍କୁ ସ୍ମାରକପତ୍ର ଦିଆଯାଇଥିଲେ ବି ଏହା ଉପରେ ନୀରବ ରହୁଛନ୍ତି। ଏପରିକି ସର୍ବନିମ୍ନ ମଜୁରି ବୋର୍ଡ ମିଟିଂ ମଧ୍ୟ ଡକାଯାଉ ନ ଥିବା ଅତ୍ୟନ୍ତ ପରିତାପର ବିଷୟ। ଆସନ୍ତା ଅକ୍ଟୋବରରେ ସରକାର ସର୍ବନିମ୍ନ ମଜୁରି ବୃଦ୍ଧି ନ କଲେ ବା ଶ୍ରମିକ ସଂଗଠନମାନଙ୍କ ସହ ଆଲୋଚନା ନ କଲେ ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି ମତପ୍ରକାଶ ପାଇଛି। ବୈଠକରେ ଆଇଏନ୍‌ଟିୟୁସି ନେତ୍ରୀ ପ୍ରଣତି ମିଶ୍ର, ଏଚ୍‌ଏମ୍‌ଏସ୍‌ର ଲକ୍ଷ୍ମୀପ୍ରିୟା ମହାନ୍ତି, ଏଆଇଟିୟୁସିର ବିଜୟ ଜେନା, ସିଆଇଟିୟୁର ସତ୍ୟବାଦୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ଲାଟ୍‌ଫର୍ମରେ ରେଳ କୁଲିଙ୍କ ବିକ୍ଷୋଭ




ଭୁବନେଶ୍ୱର, ୧୫।୯ (ଅନୁରାଧା ମହାରଣା)

ବିଭିନ୍ନ ଦାବି ନେଇ ଏଆଇଟିୟୁସି ସହ ଅନୁବନ୍ଧିତ ଇଷ୍ଟକୋଷ୍ଟ ରେଲ୍‌ୱେ ପୋର୍ଟର୍ସ ୟୁନିୟନ ପକ୍ଷରୁ ଶୁକ୍ରବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଭୁବନେଶ୍ୱର ରେଳ ଷ୍ଟେଶନର ସମସ୍ତ କୁଲି ଷ୍ଟେଶନ ସମ୍ମୁଖ କୁଲି ମନ୍ଦିର ନିକଟରୁ ଶୋଭାଯାତ୍ରାରେ ବାହାରି ପ୍ଲାଟ୍‌ଫର୍ମ ପରିକ୍ରମା କରି ଷ୍ଟେଶନ ମ୍ୟାନେଜରଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପୋର୍ଟର୍ସ ୟୁନିୟନର କାର୍ଯ୍ୟକାରୀ ସଭାପତି ସୁର ଜେନା ଓ ଏଆଇଟିୟୁସିର ରାଜ୍ୟ ସାଧାରଣ ସମ୍ପାଦକ ବିଜୟ ଜେନା ଉଦ୍‌ବୋଧନ ଦେଇ ଇଂରେଜ ଅମଳରୁ ରେଲ୍‌ୱେ ପ୍ରତିଷ୍ଠା ଦିନଠାରୁ କୁଲିମାନେ ରେଳ ସେବାର ଅନ୍ୟତମ ପ୍ରତୀକ ଭାବେ ବିବେଚିତ ହୋଇଆସୁଥିଲେ ସୁଦ୍ଧା ଚରମ ଅବହେଳାର ଶିକାର ହେଉଛନ୍ତି ବୋଲି ମତ ପ୍ରକାଶ କରିଥିଲେ। ଏହାପରେ ଏହି ଦୁଇ ନେତାଙ୍କ ନେତୃତ୍ୱରେ ଏକ ପ୍ରତିନିଧିଦଳ ଡିଭିଜନାଲ ମ୍ୟାନେଜରଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଭୁବନେଶ୍ୱର ରେଳଷ୍ଟେଶନର ଷ୍ଟେଶନ ମ୍ୟାନେଜରଙ୍କୁ ପ୍ରଦାନ କରିଥିଲେ। ରେଲ୍‌ୱେ କୁଲିଙ୍କ ପାଇଁ ପୂର୍ବଭଳି ଭୁବନେଶ୍ୱର ରେଳ ଷ୍ଟେଶନରେ ସ୍ଥାୟୀ ବିଶ୍ରାମ ଗୃହ, ସେମାନଙ୍କୁ ପାର୍ଶଲ କାମ ଓ ବର୍ଷକରେ ହଳେ ବ୍ୟାଜ୍ ପୋଷାକ ଯୋଗାଇଦେବା ଏବଂ କ୍ରମଶଃ ଗ୍ୟାଙ୍ଗମ୍ୟାନକୁ ପଦୋନ୍ନତିର ବ୍ୟବସ୍ଥା ସହିତ ପ୍ରତ୍ୟେକ କୁଲିଙ୍କୁ ପ୍ରତୀକାତ୍ମକ ମାସିକ ଦରମା ଓ ଇପିଏଫ ସୁବିଧା, ସ୍ୱାସ୍ଥ୍ୟବୀମା ଓ ସେମାନଙ୍କ ପରିବାର ବର୍ଗଙ୍କୁ ରେଲ୍‌ୱେ ଡାକ୍ତରଖାନାରେ ଚିକିତ୍ସା ସୁବିଧା ଲାଗି ଦାବି କରାଯାଇଛି। ବିକେଏମ୍‌ୟୁର ସହ ସମ୍ପାଦକ ଶଙ୍କର ବାରିକ, ପୋର୍ଟର୍ସ ୟୁନିୟନର ସାଧାରଣ ସମ୍ପାଦକ ଶିବ ବେହେରା, ଗନ୍ଧର୍ବ ବେହେରା, ସୁବାସ ପାତ୍ର, ପଞ୍ଚାନନ ସାହୁ, ବଳରାମ ଜାଲି, ଗଉରା ଜାଲି ପ୍ରମୁଖ ଏହି ଆନ୍ଦୋଳନର ନେତୃତ୍ୱ ନେଇଥିଲେ।

# ନନ୍ଦନକାନନରେ ୨ ନୀଳଗାଈ ମୃତ

ବାରଙ୍ଗ, ୧୫।୯ (ଲିଙ୍ଗରାଜ ରାଉତ)

ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ଏକ ନୀଳଗାଈ ଶାବକ ଓ ଅନ୍ୟ ଏକ ନୀଳଗାଈର ଶୁକ୍ରବାର ମୃତ୍ୟୁ ଘଟିଛି। ୬୫ ନମ୍ବର ଏନ୍‌କ୍ଲୋଜରରେ ଥିବା ଏକ ନୀଳଗାଈ ଗୁରୁବାର ଗୋଟିଏ ଶାବକ ଜନ୍ମ ଦେଇଥିଲା। ତେବେ ଅତ୍ୟଧିକ ଥଣ୍ଡା ଯୋଗୁ ଶାବକଟିର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଅନ୍ୟ ଏକ ବୟସ୍କା ନୀଳଗାଈ କିଛିଦିନ ହେବ ଅସୁସ୍ଥ ଥିଲା। ନନ୍ଦନକାନନ ବନ୍ୟପ୍ରାଣୀ ଚିକିତ୍ସକମାନେ ଚିକିତ୍ସା କରୁଥିବାବେଳେ ଶୁକ୍ରବାର ତା'ର ମୃତ୍ୟୁ ହୋଇଛି। ବ୍ୟବଚ୍ଛେଦ ପରେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ। ସୂଚନାଥାଉ କି, କିଛିଦିନ ହେବ ଲଗାଣ ବର୍ଷାରେ ନନ୍ଦନକାନନ କାଞ୍ଜିଆହ୍ରଦରେ ବର୍ଷାଜଳ ଅଧିକ ହୋଇ ପ୍ରାଣୀଉଦ୍ୟାନ ବୋଟ୍‌ଘାଟ ଉପରକୁ ଉଠି ଶିଶୁ ରେଳଗାଡ଼ି ରାସ୍ତା ଓ କାଞ୍ଜିଆହ୍ରଦ ପାର୍ଶ୍ୱରାସ୍ତା ସହିତ ନୀଳଗାଈ, ହରିଣ, ଜଳହସ୍ତୀ ଆଦି ଜନ୍ତୁଙ୍କ ଏନ୍‌କ୍ଲୋଜରରେ ପାଣି ପଶିଥିଲା। ଫଳରେ ଜନ୍ତୁମାନେ ପାଣିରେ ଚଳପ୍ରଚଳ କରିବା ସହ ବିଚରଣ କରିଥା'ନ୍ତି। ଏହି ପାଣି ଯୋଗୁ ଜନ୍ତୁମାନଙ୍କୁ ଥଣ୍ଡା ହେବା ସହ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଥିବା ଜନ୍ତୁ ବିଭାଗର ଜଣେ ବରିଷ୍ଠ କର୍ମଚାରୀ କହିଛନ୍ତି।



ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ମହାସଂଘ ପକ୍ଷରୁ ରାଜ୍ୟବ୍ୟାପୀ କାର୍ଯ୍ୟବନ୍ଦ ଆନ୍ଦୋଳନ ଚାଲିଥିବାବେଳେ ଶୁକ୍ରବାର ଭୁବନେଶ୍ୱର ୟୁନିଟ୍-୮ସ୍ଥିତ ବ୍ଲକ୍ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି। ସେମାନଙ୍କୁ ସମର୍ଥନ କରି କଂଗ୍ରେସ ପ୍ରଚାର କମିଟି ଅଧ୍ୟକ୍ଷ ବିଜୟ କୁମାର ପଟ୍ଟନାୟକ ଧାରଣା ବସିଛନ୍ତି। (ଫଟୋ- ବିକାଶ ନାୟକ)



ଇଞ୍ଜିନିୟର୍ସ ଡେ'ରେ ଶୁକ୍ରବାର ବେକାରି ଡିଗ୍ରୀ ସିଭିଲ୍ ଇଞ୍ଜିନିୟର୍ସମାନେ ଚାକିରି ଦାବିରେ ଭୁବନେଶ୍ୱରସ୍ଥିତ ସେଚ ସଦନ ସମ୍ମୁଖରେ ଜୋତା ସଫା କରିବା ସହ ପରିବା ବିକି ଅଭିନବ ପ୍ରତିବାଦ କରୁଛନ୍ତି। (ଫଟୋ- ବିକାଶ ନାୟକ)

## ସଂକ୍ଷେପରେ

### ଗୋମାଂସ ଚାଲାଣ ଅଭିଯୋଗରେ ଜଣେ ଗିରଫ

ବାଲୁଗାଁ,୧୫।୯(ସଂଗ୍ରାମ ପାଇକରାୟ)

ସ୍ଥାନୀୟ ବଜରଙ୍ଗ ଦଳ ଶୁକ୍ରବାର ଜଣେ ଗୋମାଂସ ଚାଲାଣକାରୀଙ୍କୁ ଧରି ବାଲୁଗାଁ ପୋଲିସ ଜିମା ଦେବା ପରେ ତାଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତ ହେଲେ ଜଟଣୀ ବେଣାପଞ୍ଜରୀ ଗ୍ରାମର ମହମ୍ମଦ ରାଜୁ। ତାଙ୍କ ନିକଟରୁ ବ୍ୟାଗ୍‌ଭର୍ତ୍ତି ୩ କେଜିର ମାଂସ ଜବତ କରାଯାଇଛି। ଏନେଇ ଥାନାରେ ଏକ ମାମଲା (ନଂ.୨୪୩/୨୩)ରୁଜୁ ହୋଇଛି। ପ୍ରକାଶ ଯେ, ଶୁକ୍ରବାର ମଧ୍ୟାହ୍ନରେ ରାଜୁ ବାଇକ୍‌ରେ ଏକ ବ୍ୟାଗ୍ ଧରି ବାଲୁଗାଁ ଅଞ୍ଚଳରେ ବୁଲୁଥିବା ବେଳେ ସେ ଗୋମାଂସ ଚାଲାଣରେ ସମ୍ପୃକ୍ତ ଥିବା ସୂଚନା ପାଇ ବଜରଙ୍ଗ ଦଳର କର୍ମୀମାନେ ପିଛା କରିଥିଲେ। ତାଙ୍କୁ ଅଟକାଇବା ସହ ବ୍ୟାଗ୍‌ରେ ମାଂସ ଥିବା ଦେଖିବାକୁ ପାଇଥିଲେ। ତେବେ ରାଜଙ୍କଠାରୁ ସନ୍ତୋଷଜନକ ଉତ୍ତର ନ ମିଳିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ଖବରପାଇ ବାଲୁଗାଁ ଥାନା ଆଇଆଇସି ଜୟପ୍ରକାଶ ପରିଡ଼ା ସଦଳବଳ ପହଞ୍ଚି ରାଜୁଙ୍କୁ ଥାନାକୁ ଆଣି ପଚରାଉଚରା କରିଥିଲେ। ଏଥିସହ ଜବତ ମାଂସକୁ ପରୀକ୍ଷା ପାଇଁ ସ୍ଥାନୀୟ ପ୍ରାଣୀ ଚିକିତ୍ସାଳୟକୁ ପଠାଯାଇଛି। ସେଠାରୁ ଲାବରେଟୋରିକୁ ମଧ୍ୟ ପଠାଯିବ । ତାହା ଗୋମାଂସ କି ନୁହେଁ ରିପୋର୍ଟ ଆସିବା ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆଇଆଇସି ପରିଡ଼ା ସୂଚନା ଦେଇଛନ୍ତି ।

### ୨୨ରେ ସାମୂହିକ ଭସାଣି
#### ଗଣେଶ ପୂଜା ପାଇଁ ପ୍ରସ୍ତୁତି ବୈଠକ

ବୋଲଗଡ଼,୧୫।୯(ଦେବବ୍ରତ ହୋତା)

ବୋଲଗଡ଼ ସଦର ମହକୁମାରେ ଆଞ୍ଚଳିକ ବଣିକ ମହାସଂଘ ପକ୍ଷରୁ ପ୍ରତ୍ୟେକ ବର୍ଷ ଭଳି ଚଳିତବର୍ଷ ଗଣେଶ ପୂଜା ପାଳନ ନେଇ ଏକ ପ୍ରସ୍ତୁତି ବୈଠକ ଗୁରୁବାର ରାତିରେ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବସ୍‌ଷ୍ଟାଣ୍ଡସ୍ଥିତ ମହାସଂଘର ନିଜସ୍ୱ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏହି ବୈଠକରେ ମହାସଂଘ ସଭାପତି ପାଣ୍ଡବ ସାହୁ ଅଧ୍ୟକ୍ଷତା କରିଥିଲେ। ଏଥିରେ ମହାସଂଘର ସମସ୍ତ କାର୍ଯ୍ୟକର୍ତ୍ତାଙ୍କ ସମେତ ୭ଟି ବଣିକ ସଂଘର ସଭାପତି, ସମ୍ପାଦକ ଓ ୩ଜଣ ଲେଖାଏ ସଦସ୍ୟ ଅଂଶଗ୍ରହଣ କରି ଆଲୋଚନାରେ ଭାଗନେଇଥିଲେ। ମୁଖ୍ୟତଃ ଶାନ୍ତିଶୃଙ୍ଖଳା ରକ୍ଷା, ସାଂସ୍କୃତିକ କାର୍ଯ୍ୟକ୍ରମ, ଭସାଣି ଅବସରରେ ଅତିଥି ଚୟନ ଓ ନିମନ୍ତ୍ରଣ ବଣ୍ଟନ ନେଇ ଆଲୋଚନା ହୋଇଥିଲା। ସାମୂହିକ ଭସାଣି ୨୨ ତାରିଖରେ କରାଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଉକ୍ତ ଦିନ ସମସ୍ତ ଗଣେଶମେଢ଼ ଏକ ସମୟରେ ବାହାରି ବଜାର ଅଞ୍ଚଳ ପରିକ୍ରମା ପରେ ନିକଟ ଦୁଧିଆ ନାଳରେ ବିସର୍ଜନ କରାଯିବ। ବୈଠକରେ ଗଣେଶ ବଜାର, ଗାନ୍ଧୀ ବଜାର, ମେଡିକାଲ ଛକ, ଥାନା ଛକ, ଗୋପବନ୍ଧୁ ଛକ, ବ୍ଲକ ଛକ ଓ ବସ୍‌ଷ୍ଟାଣ୍ଡ ବଜାର ଆଦି ବଣିକ ସଂଘର କର୍ମକର୍ତ୍ତା ଅଂଶଗ୍ରହଣ କରିଥିଲେ। ମହାସଂଘର ସମ୍ପାଦକ ଅରୂପ କୁମାର ପରିଡ଼ା ଧନ୍ୟବାଦ ଦେଇଥିଲେ।

# ସଚେତନତା ସତ୍ତ୍ୱେ ମନରୁ ଭୟ ଯାଉନି

ଖୋର୍ଦ୍ଧା,୧୫।୯(ପ୍ରଭାତ ପାଣିଗ୍ରାହୀ)

## ଦଧିମାଛଗାଡ଼ିଆରେ ଗୁଣିଗାରେଡ଼ି ଘଟଣା
- ସ୍କୁଲ ଆସି ପିଲାଙ୍କ ଉପସ୍ଥାନ ଯାଞ୍ଚ କଲେ ଡିଇଓ
- ଗୁଣିଗାରେଡ଼ିକୁ ଅସ୍ୱୀକାର, ଗାଁ ଜଗିଛି ପୋଲିସ


ଛାତ୍ରୀଛାତ୍ରଙ୍କ ଉପସ୍ଥାନ ଯାଞ୍ଚ କରାଯାଉଛି।

ଖୋର୍ଦ୍ଧା ବ୍ଲକର ଦାରୁକ୍ଷେତ୍ର ଭାବେ ପରିଚିତ ଦଧିମାଛଗାଡ଼ିଆରେ ଗୁଣିଗାରେଡ଼ିକୁ ନେଇ ଗତ କିଛିଦିନ ହେଲା ଗ୍ରାମରେ ଆତଙ୍କ ଖେଳିଯାଇଛି। ଲୋକେ ଭୟଭୀତ ଅବସ୍ଥାରେ ରହିଥିବା ଦେଖିବାକୁ ମିଳିଛି। ଅନ୍ୟପଟେ ଗଣମାଧ୍ୟମରେ ଖବର ପ୍ରଚାରିତ ହେବା ପରେ ପ୍ରଶାସନ ପକ୍ଷରୁ ଗ୍ରାମରେ ଲୋକଙ୍କୁ ସଚେତନ କରାଯାଇଛି। କୌଣସି ଅଘଟଣକୁ ଏଡାଇବା ପାଇଁ ଗ୍ରାମରେ ସଦର ପୋଲିସ ପଇଁତରା ମାରୁଛି। ତଥାପି ଲୋକଙ୍କ ମଧ୍ୟରେ ଏକ ପ୍ରକାର ଛନକା ପଶିଛି। କେହି ପିଲାଙ୍କୁ ଗୁଣିଗାରେଡି କରିଛି, କାହା ଘରେ ଝିଅଙ୍କ ଦେହରେ ଭୂତ ସବାର ହୋଇଥିବାବେଳେ ଆଉ କାହାର ପୁଅ ରାସ୍ତାରେ ଗଡୁଛି। ଗତ କିଛିଦିନ ହେଲା ଗ୍ରାମରେ ଏକ ଅସ୍ୱାଭାବିକ ପରିସ୍ଥିତି ଲାଗି ରହିଛି। ସନ୍ଧ୍ୟା ହେଲେ ଗାଁରେ ତାଟି କବାଟ ପଡିଯାଉଛି। ପରିସ୍ଥିତି ଏପରି ହେଲାଣି ଯେ, ଅଭିଭାବକମାନେ ପିଲାଙ୍କୁ ସ୍କୁଲ ଛାଡିବାକୁ ନାରାଜ। ପିଲାମାନେ ସ୍କୁଲ ଯାଉ ନ ଥିବା ଖବର ପ୍ରକାଶ ପରେ ଜିଲା ଶିକ୍ଷା ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଶୁକ୍ରବାର ଜିଲା ଶିକ୍ଷାଧିକାରୀ ବିଶ୍ୱନାଥ ତରାଇ, ଗୋଷ୍ଠୀ ଶିକ୍ଷାଧିକାରୀ ସନ୍ଧ୍ୟାରାଣୀ ରାଉତ ଦଧିମାଛଗାଡିଆ ହାଇସ୍କୁଲରେ ପହଞ୍ଚି ପିଲାଙ୍କ ଉପସ୍ଥାନ ଅନୁଧ୍ୟାନ କରିଥିଲେ। ପିଲା କାହିଁକି ଆସୁନାହାନ୍ତି ବୋଲି ପଚାରିଥିଲେ। ଗୁଣିଗାରେଡିକୁ କେନ୍ଦ୍ର କରି ପିଲା ସ୍କୁଲ ଆସୁ ନ ଥିବା ପ୍ରଶ୍ନରେ ସ୍କୁଲ କର୍ତ୍ତୃପକ୍ଷ କେହି ମୁହଁ ଖୋଲୁନାହାନ୍ତି। ଏନେଇ ଡିଇଓ ତରାଇ କହିଲେ ଯେ, ହାଇସ୍କୁଲ ପରିଦର୍ଶନ କରିଛି। କୌଣସି ଗୁଣିଗାରେଡ଼ି ସମସ୍ୟା ନାହିଁ। ୫୦ ପ୍ରତିଶତ ଉପସ୍ଥାନ ରହିଥିଲା। ଶହେ ପ୍ରତିଶତ ଉପସ୍ଥାନ ଲାଗି ତାଗିଦ୍ କରାଯାଇଛି।

ଅନ୍ୟପକ୍ଷରେ ଗୁଣିଗାରେଡ଼ିକୁ ନେଇ ଗ୍ରାମରେ ଏକପ୍ରକାର ଭୟର ବାତାବରଣ ରହିଥିବାବେଳେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଫଳରେ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। କେତେଜଣ ଗ୍ରାମବାସୀଙ୍କ କହିବାନୁଯାୟୀ, ପୂର୍ବରୁ ଗ୍ରାମର ଜଣେ ଦୁଇଜଣ ଯୁବତୀଙ୍କ ଦେହରେ ଭୂତ ସବାର ହୋଇ ଅମାବାସ୍ୟା ଓ ସଂକ୍ରାନ୍ତିରେ ମୁଣ୍ଡ ନେବ ବୋଲି କହୁଥିବାବେଳେ ଏବେ ଅମାବାସ୍ୟାରେ ବିପଦ ଟଳିଛି। ଆଗକୁ ସଂକ୍ରାନ୍ତିରେ କୌଣସି ଅଘଟଣ ଘଟିବା ପୂର୍ବରୁ ଗ୍ରାମବାସୀ ଗ୍ରାମ ଠାକୁରାଣୀଙ୍କ ନିକଟରେ ପୂଜାର୍ଚ୍ଚନା ପାଇଁ ଯୋଜନା କରିଥିବା ଜଣାପଡ଼ିଛି। ଏଭଳି ଖବର ପ୍ରଚାରିତ ହେବା ପରେ ଗ୍ରାମରେ ଲୋକଙ୍କୁ ସଚେତନ କରାଯାଇଛି ବୋଲି ତହସିଲଦାର ବିଭାସ ପାଣିଗ୍ରାହୀ କହିଛନ୍ତି। ସେହିପରି ସଦର ଥାନା ଆଇଆଇସି କାହ୍ନୁଚରଣ ସ୍ୱାଇଁ କହିଛନ୍ତି, କୌଣସି ଅପ୍ରୀତିକର ପରିସ୍ଥିତିକୁ ଏଡାଇବା ପାଇଁ ଗ୍ରାମବାସୀଙ୍କୁ ସଚେତନ କରାଯାଉଥିବା ବେଳେ ପୋଲିସ ପଇଁତରା ମାରୁଛି।

# ‘ଲକ୍ଷ୍ୟସ୍ଥଳ ସ୍ଥିର କରି ଆଗକୁ ବଢ଼’

## ଖୋର୍ଦ୍ଧା ଆଇନ ମହାବିଦ୍ୟାଳୟରେ ସ୍ୱାଗତ କାର୍ଯ୍ୟକ୍ରମ



ସ୍ୱାଗତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ଖୋର୍ଦ୍ଧା,୧୫।୯ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଆଇନ ମହାବିଦ୍ୟାଳୟ ପକ୍ଷରୁ ନୂତନ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କାର୍ଯ୍ୟକ୍ରମ ସଭାଗୃହରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଡ. ଗିରିଶ ରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ସୋଆ ବିଶ୍ୱବିଦ୍ୟାଳୟ ଆଇନ ବିଭାଗ ପ୍ରଫେସର ପ୍ରବୀର କୁମାର ପଟ୍ଟନାୟକ, ସମ୍ମାନିତ ଅତିଥିଭାବେ ଜିଲା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ କିଶୋର ଚନ୍ଦ୍ର ମୁଣ୍ଡ, ଅନୁଷ୍ଠାନର ସମ୍ପାଦକ ସୁଧୀର କୁମାର ମାନସିଂ, ସଭାପତି ପ୍ରତାପ ଚନ୍ଦ୍ର ସାମନ୍ତରାୟ, ନିର୍ଦ୍ଦେଶକ ବ୍ରିଗେଡିୟର ଅଭିମନ୍ୟୁ ରାଉତ ପ୍ରମୁଖ ଯୋଗଦେଇଥିଲେ। କଲେଜ ଅଧ୍ୟକ୍ଷ ସାହୁ ଅତିଥି ପରିଚୟ ସହ ସ୍ୱାଗତ ଭାଷଣରେ ଅନୁଷ୍ଠାନର ଗୌରବମୟ ଇତିହାସ ସମ୍ପର୍କରେ ଆଲୋକପାତ କରିଥିଲେ। ଲକ୍ଷ୍ୟସ୍ଥଳ ସ୍ଥିର କରି ଆଗକୁ ବଢିବାକୁ ପ୍ରେରଣା ଦେଇଥିଲେ। ସମ୍ପାଦକ ମାନସିଂ ପିଲାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ସେହିପରି ଅତିରିକ୍ତ ଏସ୍‌ପି କହିଥିଲେ, ଆଇନ ପାଠକୁ ଠିକ୍ ଭାବେ ବୁଝିଲେ, ଲୋକଙ୍କୁ ନ୍ୟାୟ ଦେଇପାରିବ। ତେଣୁ ନିଷ୍ଠା ଓ ଏକାଗ୍ରତାର ସହିତ ପାଠ ପଢିବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟଅତିଥି ପଟ୍ଟନାୟକ ଆଇନ ଶିକ୍ଷା ଓ ଏହାର ବିକାଶ ଉପରେ ଗୁରୁତ୍ୱ ଦେଇଥିଲେ। ଆଇନ ଛାତ୍ରୀଛାତ୍ରମାନେ କିଭଳି ସମାଜ ସେବାରେ ନିଜକୁ ସାମିଲ କରିପାରିବେ, ତାହା ବୁଝାଇଥିଲେ। ଏହି କାର୍ଯ୍ୟକ୍ରମରେ ୨ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗଦେଇଥିଲେ। ଅଧ୍ୟାପିକା ଅର୍ଚ୍ଚିତା ମହାରଣା, ଅନ୍ନପୂର୍ଣ୍ଣା ଦେବୀ, ଅଧ୍ୟାପକ ଶୁଭଜିତ ବେହେରା, ସନ୍ଦୀପ ମାନସିଂଙ୍କ ସମେତ ସମସ୍ତ ଅଧ୍ୟାପିକା ଅଧ୍ୟାପକ ଉପସ୍ଥିତ ଥିଲେ।

# ମଦ ଜବତ, ଜଣେ ଗିରଫ

ବାଲୁଗାଁ,୧୫।୯(ସଂଗ୍ରାମ ପାଇକରାୟ)

ଖୋର୍ଦ୍ଧା ମୋବାଇଲ ଅବକାରୀ କର୍ମଚାରୀ ଓ ବାଲୁଗାଁ ଅବକାରୀ ବିଭାଗ ମିଳିତଭାବେ ଗମ୍ଭାରୀମୁଣ୍ଡା ଗ୍ରାମ ଛକରେ ଚଢ଼ାଉ କରି ବେଆଇନ ଭାବେ କାରବାର ହେଉଥିବା ୫୬ ଲିଟର ବିଦେଶୀ ମଦ ଜବତ କରିବା ସହ ଜଣେ ବ୍ୟବସାୟୀଙ୍କୁ ଗିରଫ କରିଛନ୍ତି। ସେ ହେଲେ ନାରୁଣୀ ଥାନା ଗମ୍ଭାରୀମୁଣ୍ଡା ଗ୍ରାମର ଶରତ ବରାଳ। ତେବେ ଅନ୍ୟ ଜଣେ ଅଭିଯୁକ୍ତ ଫେରାର ହୋଇଯାଇଥିଲେ ବୋଲି ବାଲୁଗାଁ ଭାରପ୍ରାପ୍ତ ଅବକାରୀ ଅଧିକାରୀ ରୋହିତ୍ କୁମାର ଦଣ୍ଡସେନା କହିଛନ୍ତି। ପ୍ରକାଶ ଯେ, ଗଞ୍ଜାମ ଜିଲାରୁ ବେଆଇନ ଭାବେ ଦେଶୀ ଓ ବିଦେଶୀ ମଦ ଆଣି ଏଠାରେ ବିକ୍ରି କରାଯାଉଛି। ବିଭାଗ ପକ୍ଷରୁ ଏନେଇ ଯାଞ୍ଚ କଡ଼ାକଡ଼ି କରାଗଲେ ନକଲି ତଥା ବେଆଇନ ମଦ କାରବାର ବନ୍ଦ ହୋଇପାରିବ ବୋଲି ସାଧାରଣରେ ମତପ୍ରକାଶ ପାଇଛି।


ବୋଲଗଡ଼: ସ୍ୱଚ୍ଛତା ପକ୍ଷ ପାଳନ ଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ର ଏବଂ ଅନ୍ୟମାନେ।

# ‘ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣେ ପ୍ରତିଯୋଗିତା’

ବୋଲଗଡ଼,୧୫।୯(ଦେବବ୍ରତ ହୋତା)

ବୋଲଗଡ଼ ଶିକ୍ଷା ବ୍ଲକ ଅଧୀନ ସଂପୁରସ୍ଥିତ ଚତୁର୍ଭୁଜ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଗତ ୧ରୁ ୧୫ ତାରିଖ ଯାଏ ସ୍ୱଚ୍ଛତା ପକ୍ଷ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାର୍ଥୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ବିଭାଗ ପ୍ରବନ୍ଧରେ ଶିକ୍ଷୟିତ୍ରୀ ଶୈବାଳିକା ମଲ୍ଲିକ ଓ ସୌଦାମିନୀ ସୁବୁଦ୍ଧି, ଚିତ୍ରାଙ୍କନ ଓ ପ୍ରକଳ୍ପ ନିର୍ମାଣ ପ୍ରତିଯୋଗିତାରେ ସ୍ୱର୍ଣ୍ଣଲତା ପ୍ରଧାନ ଓ ପ୍ରମୋଦ କୁମାର ସାହୁ, କବିତା ରଚନାରେ ବିଚିତ୍ର କୁମାର ଘଡ଼େଇ ଓ ସ୍ରୋତାଲିନୀ ସାହୁ, କନିଷ୍ଠ ବିଭାଗ ଚିତ୍ରାଙ୍କନରେ ସ୍ମିତାସିନ୍ଧୁ ମହାପାତ୍ର ଓ ବିଶ୍ୱଜିତ୍ ସରୋଜ କୁମାର, ପ୍ରକଳ୍ପ ନିର୍ମାଣରେ ଶ୍ରଦ୍ଧାଞ୍ଜଳି ବେହେରା ଓ ସୌଦାମିନୀ ପରିଡ଼ା ଏବଂ ଉପକନିଷ୍ଠ ବିଭାଗ ଚିତ୍ରାଙ୍କନରେ ବିଭୁପ୍ରସାଦ ମହାପାତ୍ର ଓ ସମ୍ବିତ୍ କେଦାର କର ମୂଲ୍ୟାଙ୍କନ କରିଥିଲେ। ସ୍ୱଚ୍ଛତା ପକ୍ଷ ପାଳନର ଶେଷଦିବସ ତଥା ଶୁକ୍ରବାର ଅପରାହ୍ନରେ ପ୍ରଧାନ ଶିକ୍ଷକ ସ୍ୱାଇଁଙ୍କ ପୌରୋହିତ୍ୟରେ ଶୈବାଳିକା ମଲ୍ଲିକ ଓ ସ୍ୱର୍ଣ୍ଣଲତା ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ ପୁରସ୍କାର ବିତରଣ ସଭାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବରିଷ୍ଠ ବିଭାଗ ପ୍ରବନ୍ଧରେ ଗୀତାଞ୍ଜଳି ସାହୁ, ଚିତ୍ରାଙ୍କନରେ ଲିଜା ଚୌଧୁରୀ, କବିତା ରଚନା ଓ ସ୍ଲୋଗାନ୍‌ରେ ଓମ୍‌ପ୍ରକାଶ ନାୟକ, କନିଷ୍ଠ ବିଭାଗ ଚିତ୍ରାଙ୍କନରେ ଜ୍ୟୋତ୍ସ୍ନାରାଣୀ ମହାରଣା, ପ୍ରକଳ୍ପ ନିର୍ମାଣରେ ମଧୁସ୍ମିତା ପ୍ରିୟଦର୍ଶିନୀ ସାହୁ, ସ୍ଲୋଗାନ୍ ପ୍ରସ୍ତୁତିରେ ରାକେଶ କୁମାର ସାହୁ, ଉପକନିଷ୍ଠ ଚିତ୍ରାଙ୍କନରେ ସ୍ନେହାଶ୍ରୀ ପ୍ରିୟଦର୍ଶିନୀ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଶ୍ରଦ୍ଧାଞ୍ଜଳି ବେହେରା ଓ ସ୍ନେହଲତା ପାଇକରାୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ ସ୍ମିତାସିନ୍ଧୁ ମହାପାତ୍ର ଧନ୍ୟବାଦ ଦେଇଥିଲେ।

### ୨୪ ଲକ୍ଷର ବ୍ରାଉନ୍‌ସୁଗାର ଜବତ

ନିମାପଡା,୧୫।୯(ବିଚିତ୍ରାନନ୍ଦ ସାହୁ)

କଟକ ଅବକାରୀ ଫ୍ଲାଇଙ୍ଗ ସ୍କ୍ୱାଡ୍ (୧) ଶୁକ୍ରବାର ପୁରୀ ଜିଲା ନିମାପଡା ଥାନା ନିକଟ ଡେଲଟା ଛକ, ଗୋଲେଇ ଛକରେ ଚଢ଼ାଉ କରି ୨ଜଣ ବ୍ରାଉନ୍‌ସୁଗାର ବେପାରୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତଦ୍ୱୟ ହେଲେ ନିମାପଡ଼ା ଏନ୍‌ଏସି ଅନ୍ତର୍ଗତ ଭୁବନପୁର ଗ୍ରାମର ରାକେଶ ଦଳେଇ ଓ ଦିପିରେଣ୍ଟା ଗ୍ରାମର ଚିତ୍ରସେନ ପରିଡା। ରାକେଶଙ୍କ ଠାରୁ ୧୫୭ ଗ୍ରାମ ବ୍ରାଉନ୍‌ସୁଗାର ଓ ୨ହଜାର ଟଙ୍କା ଜବତ ହୋଇଛି। ସେହିପରି ଚିତ୍ରସେନଙ୍କ ଠାରୁ ୮୨ଗ୍ରାମ ବ୍ରାଉନ୍‌ସୁଗାର ଓ ବାଇକ୍ ଜବତ ହୋଇଛି। ତେବେ ଉଭୟଙ୍କ ଠାରୁ ଜବତ ହୋଇଥିବା ବ୍ରାଉନ୍‌ସୁଗାରର ଆନୁମାନିକ ମୂଲ୍ୟ ୨୪ ଲକ୍ଷ ଟଙ୍କା ହେବ।

# ରୋଗୀ କଲ୍ୟାଣ ସମିତି ବୈଠକ

ଜଟଣୀ,୧୫।୯(ରବୀନ୍ଦ୍ର ନାଥ ମହାକୁଡ଼)

## ବିଭିନ୍ନ କାର୍ଯ୍ୟର ତଦାରଖ କଲେ ବିଧାୟକ

ଜଟଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ଶୁକ୍ରବାର ରୋଗୀ କଲ୍ୟାଣ ସମିତିର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଧାୟକ ସୁରେଶ କୁମାର ରାଉତରାୟ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଡା. ଜିତେନ୍ଦ୍ର କୁମାର ପଣ୍ଡା, ବ୍ଲକ ଅଧ୍ୟକ୍ଷା ଜୟନ୍ତୀ ଛୋଟରାୟ, ରୋଗୀ କଲ୍ୟାଣ ସମିତି ସଭ୍ୟ କଳିଙ୍ଗ କୁମାର ସାହୁ, ଲୁସେନ ରାୟ ଓ ସମସ୍ତ ଡାକ୍ତର ଉପସ୍ଥିତ ଥିଲେ। ବିପିଏମ୍ କଲ୍ୟାଣୀ ସାହୁ ବାର୍ଷିକ ଆୟବ୍ୟୟର ବିବରଣୀ ପ୍ରଦାନ କରିଥିଲେ। ବିଭିନ୍ନ ବିଭାଗର କିପରି ଉନ୍ନତୀକରଣ କରାଯାଇପାରିବ ସେନେଇ ଆଲୋଚନା ହୋଇଥିଲା। ଏଥିସହିତ ଓପିଡିର ଉନ୍ନତୀକରଣ, ଷ୍ଟାଫ୍‌ନର୍ସ ରୁମ୍ ପାଇଁ ଏସି, ଟିଭି, ରୋଗୀଙ୍କ ଔଷଧ ଲାଗି ସ୍ୱତନ୍ତ୍ର ଫ୍ରିଜ୍, ଆଲମିରା, ଦନ୍ତ ବିଭାଗର ଉନ୍ନତୀକରଣ, ମଶାଦାଉରୁ ରକ୍ଷା ପାଇବା ପାଇଁ ମଶାରି ଓ ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟର ସମୀକ୍ଷା କରାଯାଇ ଆୟବ୍ୟୟର ଅଟକଳ ସ୍ଥିର କରାଯାଇଛି। ୟୁରିନ୍ ଟେଷ୍ଟ ମେଶିନ ପାଇଁ ବିଧାୟକ ୧ଲକ୍ଷ ଟଙ୍କା ନିଜ ପାଣ୍ଠିରୁ ଦେବା ପାଇଁ କହିଥିଲେ। ୫-ଟି ଦ୍ୱାରା ହେଉଥିବା ବିଭିନ୍ନ କାର୍ଯ୍ୟର ବିଧାୟକ ଅନୁଧ୍ୟାନ କରିଥିଲେ। ଶୀଘ୍ର କାର୍ଯ୍ୟ ଶେଷ କରିବା ପାଇଁ ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ଓ ଠିକାଦାରଙ୍କ ସହ ଆଲୋଚନା କରିଥିଲେ।




# ମତ୍ସ୍ୟଜୀବୀଙ୍କ ପାଇଁ ସଚେତନତା କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ ଏବଂ ଅନ୍ୟମାନେ।

କୃଷ୍ଣପ୍ରସାଦ,୧୫।୯(କୈଳାସ ଚନ୍ଦ୍ର ପଟ୍ଟନାୟକ)

ଚିଲିକା ଉପରେ ନିର୍ଭର କରି ଜୀବିକା ନିର୍ବାହ କରୁଥିବା ମତ୍ସ୍ୟଜୀବୀଙ୍କୁ ସ୍ୱାବଲମ୍ବୀ କରିବା ଓ ଆର୍ଥିକ ସହାୟତା ଯୋଗାଇଦେବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ଯୋଜନା କରିଛନ୍ତି। ଏହି ଯୋଜନାଗୁଡ଼ିକ କିପରି ମତ୍ସ୍ୟଜୀବୀଙ୍କ ପାଖରେ ପହଞ୍ଚିପାରିବ ଏବଂ ସେମାନେ କିପରି ଏହାର ଉଚିତ୍ ସଫଳତା ନେଇପାରିବେ ସେ ସମ୍ପର୍କରେ ମତ୍ସ୍ୟ ବିଭାଗ ପକ୍ଷରୁ ଏକ ଜନସଚେତନତା କାର୍ଯ୍ୟକ୍ରମ ଶୁକ୍ରବାର କୃଷ୍ଣପ୍ରସାଦ ବ୍ଲକର ହରିପୁର ପୂର୍ତ୍ତ ବିଭାଗ ଡାକବଙ୍ଗଳା ପରିସରରେ ଅନୁଷ୍ଠିତ ହୋଇଯାଇଛି। ସହକାରୀ ମତ୍ସ୍ୟ ଅଧିକାରୀ ବିଜୟାନନ୍ଦ ସେଠ୍‌ଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ବଡ଼ଅଁଳ ସରପଞ୍ଚ ବୀଣାପାଣି ପ୍ରଧାନ, ଅତିଥିଭାବେ ରସକୁଦୀ ପ୍ରାଥମିକ ମତ୍ସ୍ୟଜୀବୀ ସମବାୟ ସଭାପତି ସନ୍ନ୍ୟାସୀ ବେହେରା, ଅତିରିକ୍ତ ମତ୍ସ୍ୟ ଅଧିକାରୀ(ବାଲୁଗାଁ) ଅଶୋକ ଇନ୍ଦୁଆର, ବରିଷ୍ଠ ମତ୍ସ୍ୟ ପରାମର୍ଶଦାତା ରଜନୀକାନ୍ତ ମଲିକ ଯୋଗଦେଇ ମତ୍ସ୍ୟଜୀବୀଙ୍କ ପାଇଁ ଉଦ୍ଦିଷ୍ଟ ଥିବା ସରକାରଙ୍କ ବିଭିନ୍ନ ଯୋଜନା ଓ ସହାୟତା ସମ୍ପର୍କରେ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଚିଲିକା ଉପକୂଳବର୍ତ୍ତୀ ରସକୁଦୀ ଗ୍ରାମର ସମସ୍ତ ମତ୍ସ୍ୟଜୀବୀ ଓ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟା ଉପସ୍ଥିତ ଥିଲେ।

# ଏକାଦଶୀରେ ଗଣେଶଙ୍କ ପଇତା, ଲଡୁ ବଦଳା ହୁଏ

ଜଟଣୀ,୧୫।୯(ରବୀନ୍ଦ୍ର ନାଥ ମହାକୁଡ଼)

## ମେଡିକାଲ ଛକ ବ୍ୟବସାୟୀ ସଂଘ ପୂଜା କମିଟି
- ଶୋଭା ପାଇବ ୪୫ ଫୁଟ ଉଚ୍ଚର ଏଲ୍‌ଇଡି ଲାଇଟ୍ ଗେଟ୍
- ୧୦ ଲକ୍ଷ ଟଙ୍କା ଖର୍ଚ୍ଚ ହେବା ନେଇ ଆକଳନ କରାଯାଇଛି


ଶୋଭା ପାଇବାକୁ ଥିବା ଏଲଇଡି ଲାଇଟ୍ ଗେଟ୍‌ର ନକଲ।

ଆଉ ଦିନ କେଇଟା ପରେ ଗଣେଶପୂଜା। ଏଥିପାଇଁ ଚଳଚଞ୍ଚଳ ହୋଇଉଠିଛି ଜଟଣୀ ସହର। ବିଭିନ୍ନ ବ୍ୟବସାୟୀ ସଂଘ, ସାହିବସ୍ତି ଓ କ୍ଲବ ପକ୍ଷରୁ ଧୁମ୍‌ଧାମ୍‌ରେ ଗଣେଶପୂଜା ପାଳନ ପାଇଁ ଆରମ୍ଭ ହୋଇଥିବା ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ସମସ୍ତେ ନିଜ ନିଜ ତୋରଣକୁ ଅନ୍ୟଠୁ ଭିନ୍ନ ଓ ଆକର୍ଷଣୀୟ ଢଙ୍ଗରେ ପ୍ରସ୍ତୁତ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ମେଡିକାଲ ଛକ ବ୍ୟବସାୟୀ ସଂଘ ପୂଜା କମିଟିର ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଗତ ୧୯ ବର୍ଷ ହେବ ଏଠାରେ ଗଣେଶପୂଜା ଧୁମ୍‌ଧାମରେ ପାଳନ ହେଉଥିବା ବେଳେ ଚଳିତବର୍ଷ ୧୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହେବା ନେଇ କମିଟି ପକ୍ଷରୁ ଆକଳନ କରାଯାଇଛି। ଦର୍ଶକଙ୍କୁ ଆକୃଷ୍ଟ କରିବା ପାଇଁ ୪୫ ଫୁଟ ଉଚ୍ଚର ଦୁଇଟି ଡିଜିଟାଲ ଏଲଇଡି ଗେଟ୍ ସହିତ କାଗଜ ଏବଂ ବାଉଁଶ ପାତିଆରେ ନିର୍ମିତ ସୁନେଲି ରଙ୍ଗର ମେଢ଼ ସ୍ଥାନ ପାଇବ ବୋଲି ଆୟୋଜକ କମିଟିର ସଦସ୍ୟ କୁନି ରଥ କହିଛନ୍ତି। ୧୦ ଫୁଟ ଉଚ୍ଚର ଗଣେଶଙ୍କ ସହିତ ମା’ଲକ୍ଷ୍ମୀ ଓ ସରସ୍ୱତୀ ପୂଜା ପାଇବେ। ପ୍ରତିଦିନ ଠାକୁରଙ୍କ ନିକଟରେ ବିଭିନ୍ନ ପ୍ରକାର ଫଳ, ପିଠା, ମିଠା ଭୋଗ ଲାଗି ହେଉଥିବା ବେଳେ ଏକାଦଶୀରେ ଖିରି ଭୋଗ ଠାକୁରଙ୍କ ନିକଟରେ ଲାଗି ହୋଇଥାଏ। ୩ ହଜାର ଶ୍ରଦ୍ଧାଳୁଙ୍କୁ ପୂଜା କମିଟି ପକ୍ଷରୁ ଅନ୍ନପ୍ରସାଦ ବଣ୍ଟନ କରାଯାଇଥାଏ। ଏକାଦଶୀ ତିଥିରେ ସମସ୍ତ ନୀତିକାନ୍ତି ସହିତ ଠାକୁରଙ୍କ ପଇତା ଏବଂ ଲଡୁ ବଦଳାଯାଇଥାଏ ବୋଲି ସଭାପତି ଶରତ ସାମନ୍ତରାୟ କହିଛନ୍ତି। ସେହିପରି ଦର୍ଶକଙ୍କୁ ଆକୃଷ୍ଟ କରିବା ପାଇଁ ପ୍ରତିଦିନ ସନ୍ଧ୍ୟାରେ ଓଡ଼ିଶାର ପ୍ରତିଷ୍ଠିତ କଳାକାରଙ୍କୁ ନେଇ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସମ୍ପାଦକ ଚିତ୍ତରଞ୍ଜନ ପାତ୍ର କହିଛନ୍ତି। ଶାନ୍ତିଶୃଙ୍ଖଳା ଏବଂ ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ କମିଶନରେଟ ପୋଲିସ ନିୟୋଜିତ ହେବ। ଗୋବିନ୍ଦ ପାହାଡ଼ସିଂ, ବିରଞ୍ଚି ନାରାୟଣ ସାହୁ, ଅଶୋକ ମିଶ୍ର, ବାବୁଲି ଗୁପ୍ତା, ରମେଶ ଚନ୍ଦ୍ର ସାହୁଙ୍କ ସମେତ ୧୦୦ ଜଣ ବ୍ୟବସାୟୀଙ୍କ ଆର୍ଥିକ ସହାୟତା ଓ ସ୍ଥାନୀୟ ଶ୍ରଦ୍ଧାଳୁଙ୍କ ସହଯୋଗରେ ପୂଜା କରାଯାଉଛି ବୋଲି କମିଟି ସଦସ୍ୟ କହିଛନ୍ତି।

## ଏମାନେ ଯାହା କୁହନ୍ତି...


“ ଏକାଦଶୀ ତିଥିରେ ଠାକୁରଙ୍କ ପଇତା ଓ ଲଡୁ ବଦଳାଯିବା ସହିତ ଖିରି ଭୋଗ ଲାଗି ପ୍ରଥା ରହିଛି। ପ୍ରତିବର୍ଷ କିଛି ନୂଆ କରିବା ପାଇଁ ଚେଷ୍ଟା କରିଥାଉ। ଏଥର କଟକ ଲାଇଟ୍ କାରିଗରଙ୍କ ଦ୍ୱାରା ସୁଉଚ୍ଚ ଦୁଇଟି ଡିଜିଟାଲ ଗେଟ୍ ଏବଂ ସୁନେଲି ମେଢ଼ ଦର୍ଶକଙ୍କୁ ଆକୃଷ୍ଟ କରିବ।
**- ଶରତ ସାମନ୍ତରାୟ, ସଭାପତି, ମେଡିକାଲ ଛକ ବ୍ୟବସାୟୀ ସଂଘ**


“ ଏଥର ଗଣେଶ ପୂଜାରେ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହେବା ନେଇ ଆକଳନ କରାଯାଇଛି। ଦର୍ଶକଙ୍କୁ ପୂଜା ସମୟରେ ଆଧ୍ୟାତ୍ମିକ ପରିବେଶରେ ବାନ୍ଧି ରଖିବା ପାଇଁ ଭଜନ କୀର୍ତ୍ତନ ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହେବ। ଏକାଦଶୀ ତିଥିରେ ୩ ହଜାର ଶ୍ରଦ୍ଧାଳୁଙ୍କୁ ଅନ୍ନପ୍ରସାଦ ବିତରଣ ବ୍ୟବସ୍ଥା କରାଯାଇଛି। ଶାନ୍ତିଶୃଙ୍ଖଳା ବଜାୟ ରଖିବା ସହ ଆନନ୍ଦରେ ପୂଜା କରିବା ଲାଗି ସମସ୍ତଙ୍କୁ ଅନୁରୋଧ କରୁଛି।
**- ଚିତ୍ତରଞ୍ଜନ ପାତ୍ର, ସମ୍ପାଦକ, ମେଡିକାଲ ଛକ ବ୍ୟବସାୟୀ ସଂଘ**

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୫।୯।୨୦୨୩

| | |
|---|---|
| ୨,୮୧,୮୬୧ଟଙ୍କା | |
| ସୁନା | ମିଳିନାହିଁ |
| ରୁପା | ୭.୯୦୦ ଗ୍ରାମ୍ |

# ଗ୍ରାମ୍ୟ ରାସ୍ତା ନିର୍ମାଣ ଦାବିରେ ରାସ୍ତାରୋକୋ

**କୋଣାର୍କ,୧୫।୯(ଜ୍ୟୋତିରାଜ ମହାନ୍ତି):** ବନାଖଣ୍ଡି ପଞ୍ଚାୟତ ଯନ୍ତନା ବାଲିସାହି ଗ୍ରାମକୁ ତୁରନ୍ତ ରାସ୍ତା ନିର୍ମାଣ ଦାବିରେ ଶୁକ୍ରବାର ସରପଞ୍ଚ ପ୍ରଜ୍ଞା ପାରମିତା ନାୟକଙ୍କ ନେତୃତ୍ୱରେ ଶତାଧିକ ଗ୍ରାମବାସୀ କୋଣାର୍କ-ଭୁବନେଶ୍ୱର ମୁଖ୍ୟ ରାସ୍ତା ବନାଖଣ୍ଡି ଛକରେ ରାସ୍ତାରୋକୋ କରିଥିଲେ। ଆନ୍ଦୋଳନକୁ ସମର୍ଥନ ଜଣାଇ କଂଗ୍ରେସ ରାଜ୍ୟ ସାଧାରଣ ସମ୍ପାଦକ ବିଶ୍ୱଭୂଷଣ ଦାସ ଓ ଗୋପ ବ୍ଲକ ଉପାଧ୍ୟକ୍ଷ ବନରଞ୍ଜନ ପଟ୍ଟନାୟକ ମଧ୍ୟ ଏଥିରେ ସାମିଲ ହୋଇଥିଲେ। ଫଳରେ ଉଭୟ ପଟୁ ଆସୁଥିବା ଯାନବାହନ ଅଟକି ରହିଥିଲା। ଖବରପାଇ କୋଣାର୍କ ଓ ରାମଚଣ୍ଡୀ ପୋଲିସ ସହିତ ଗୋପ ଅତିରିକ୍ତ ତହସିଲଦାର ସୌମେନ୍ଦ୍ର ତେଜ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ସୁଫଳ ମିଳି ନ ଥିଲା। ପୋଲିସ ଗ୍ରାମବାସୀଙ୍କ ଦାବିକୁ ମାନି ଡୋଜର ଓ ଟ୍ରାକ୍ଟର ନେଇ ରାସ୍ତା କାର୍ଯ୍ୟ ଆରମ୍ଭ କରିବା ମାତ୍ରେ ଅନ୍ୟଗୋଷ୍ଠୀ କାର୍ଯ୍ୟକୁ ବିରୋଧ କରି ଅଟକାଇଥିଲେ। ଫଳରେ ପୋଲିସ ଘଟଣାସ୍ଥଳରୁ ଫେରି ଆସିଥିଲା। ପରିସ୍ଥିତି ଅଣାୟତ୍ତ ହେବାରୁ ଗୋପ ବ୍ଲକ ଅତିରିକ୍ତ ବିଡିଓ ଦୀପକ କୁମାର ଜେନା ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଇବା ସହ ମନ୍ତ୍ରୀ ତୁଷାରକାନ୍ତି ବେହେରା ପ୍ରତିଶ୍ରୁତି ଦେଇଛନ୍ତି ଆସନ୍ତା ରବିବାର କୋଣାର୍କ ଯାତ୍ରୀନିବାସରେ ଉଭୟ ପକ୍ଷଙ୍କୁ ନେଇ ଏକ ବୈଠକ କରାଯାଇ ସମସ୍ୟାର ସମାଧାନ କରାଯିବ ବୋଲି କହିବା ପରେ ଏବଂ ସରପଞ୍ଚ ମନ୍ତ୍ରୀଙ୍କ ସହିତ ଫୋନରେ ଆଲୋଚନା କରିବାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ସୂଚନାଥାଉ କି, କୋଣାର୍କ ଥାନା ଅଧୀନ ବନାଖଣ୍ଡି ପଞ୍ଚାୟତର ଯନ୍ତନା ବାଲିସାହି ଗ୍ରାମକୁ ରାସ୍ତା ନିର୍ମାଣ ନିମନ୍ତେ ପ୍ରଶାସନିକ କାର୍ଯ୍ୟାଦେଶ ମିଳିଥିଲେ ମଧ୍ୟ ଦୁଇ ଗୋଷ୍ଠୀ ମଧ୍ୟରେ ଛକାପଞ୍ଝାକୁ ନେଇ ଏହି ରାସ୍ତା ନିର୍ମାଣରେ ବିଳମ୍ବ ହୋଇଛି। ବନାଖଣ୍ଡି ପଞ୍ଚାୟତର ଯନ୍ତନା ବାଲିସାହି ଗ୍ରାମରେ ୧୫ରୁ ଊର୍ଦ୍ଧ୍ୱ ପରିବାର ବସବାସ କରୁଥିବା ବେଳେ ଏପର୍ଯ୍ୟନ୍ତ ପ୍ରଶାସନ ପକ୍ଷରୁ ଯାତାୟାତ ନିମନ୍ତେ ରାସ୍ତା ନିର୍ମାଣ ହୋଇପାରୁ ନ ଥିବାରୁ ବହୁ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି ଏହି ପରିବାର ।



ଓଡ଼ିଶା ମଧ୍ୟାହ୍ନ ଭୋଜନ ପାଟିକା ସଂଘ ପୁରୀ ଶାଖା ପକ୍ଷରୁ ୧୦ ଦଫା ଦାବି ନେଇ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।

# ୨୪ ଲକ୍ଷ ଟଙ୍କାର ବ୍ରାଉନ୍‌ସୁଗାର ଜବତ, ୨ ଗିରଫ


ଗିରଫ ଅଭିଯୁକ୍ତ ।

**ନିମାପଡ଼ା,୧୫।୯(ବିଚିତ୍ରାନନ୍ଦ ସାହୁ):** କଟକ ଅବକାରୀ ଫ୍ଲାଇଙ୍ଗ ସ୍କ୍ୱାଡ୍ (୧) ଶୁକ୍ରବାର ପୁରୀ ଜିଲା ନିମାପଡା ଥାନା ନିକଟ ଡେଲଟା ଛକ, ଗୋଲେଇ ଛକରେ ଚଢ଼ାଉ କରି ୨ଜଣ ବ୍ରାଉନ୍‌ସୁଗାର ବେପାରୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତଦ୍ୱୟ ହେଲେ ନିମାପଡ଼ା ଏନ୍‌ଏସି ଅନ୍ତର୍ଗତ ଭୁବନପୁର ଗ୍ରାମର ରାକେଶ କୁମାର ଦଲେଇ (୩୮) ଓ ଦିପିରେଣ୍ଟା ଗ୍ରାମର ଚିତ୍ରସେନ ପରିଡା(୪୦)। ଜାମିନ ନାମଞ୍ଜୁର ପରେ ଏମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ରାକେଶଙ୍କଠାରୁ ୧୫୭ ଗ୍ରାମ ବ୍ରାଉନ୍‌ସୁଗାର ଓ ୨ହଜାର ଟଙ୍କା ଜବତ ହୋଇଛି। ସେହିପରି ଚିତ୍ରସେନଙ୍କ ଠାରୁ ୮୨ଗ୍ରାମ ବ୍ରାଉନ୍‌ସୁଗାର ଓ ବାଇକ୍ (ଓଡ଼ି ୧୩କ୍ୟୁ ୭୯୯୫)ଜବତ ହୋଇଛି। ତେବେ ଉଭୟଙ୍କଠାରୁ ଜବତ ହୋଇଥିବା ବ୍ରାଉନ୍‌ସୁଗାରର ଆନୁମାନିକ ମୂଲ୍ୟ ୨୪ ଲକ୍ଷ ଟଙ୍କା ହେବ। ଏନେଇ ପୃଥକଭାବେ ଦୁଇଟି ମାମଲା (ନଂ. ୩୨୭/୨୩-୨୪, ୩୨୮/୨୩-୨୪) ରୁଜୁ ହୋଇଛି। କଟକ ଅବକାରୀ ଫ୍ଲାଇଙ୍ଗ ସ୍କ୍ୱାଡ(୧)ର ଇନ୍‌ସ୍ପେକ୍ଟର ଉମାକାନ୍ତ ସ୍ୱାଇଁ, ଏସ୍‌ଆଇ ନୀଳାଦ୍ରି ବିହାରୀ ମିଶ୍ର, ଏଏସ୍‌ଆଇ ନଟବର ମଲ୍ଲିକ, ଏସ୍.କେ ସାବିରଉଲ୍ଲା ପ୍ରମୁଖ ଏହି ଚଢ଼ାଉରେ ସାମିଲ ଥିଲେ।

# ୧୦ ଦଫା ଦାବିରେ ପାଚିକା ସଂଘର ଆନ୍ଦୋଳନ

**ପୁରୀ, ୧୫।୯(ଅଜିତ୍ ମହାନ୍ତି):** ସିଆଇଟିୟୁ ଅଧୀନ ଓଡ଼ିଶା ମଧ୍ୟାହ୍ନ ଭୋଜନ ପାଚିକା ସଂଘ ପୁରୀ ଶାଖା ପକ୍ଷରୁ ୧୦ ଦଫା ଦାବି ନେଇ ଶୁକ୍ରବାର ଏକ ପ୍ରତିବାଦ ଶୋଭାଯାତ୍ରା କରାଯିବା ସହ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସଂଘ ପକ୍ଷରୁ ଏକ ଦାବିପତ୍ର ଦିଆଯାଇଛି। ୨୦୦୯ରୁ ୨୦୧୨ ମସିହା ପର୍ଯ୍ୟନ୍ତ ୨୪ ମାସର ଏରିଅର ଟଙ୍କା ପାଚିକାମାନଙ୍କୁ ପ୍ରଦାନ କରାଯାଉ। ଅଧିକ ସଂଖ୍ୟକ ଛାତ୍ରୀଛାତ୍ର ଥିବା ବିଦ୍ୟାଳୟରେ ଅଧିକ ସଂଖ୍ୟକ ପାଚିକା ଯୋଗାଇ ଦିଆଯାଉ। ସର୍ବନିମ୍ନ ଦରମା ଲାଗୁ କରାଯାଉ। ଅବସର ସମୟ ସୀମା ୬୨ ବର୍ଷ କରାଯାଉ । ବୀମା ଓ ପେନସନ୍ ଲାଗୁ କରାଯାଉ । ବର୍ଷକୁ ୨ ଖଣ୍ଡ ଶାଢ଼ୀ (ୟୁନିଫର୍ମ) ପାଇଁ ୫୦୦ ଟଙ୍କା ପରିବର୍ତ୍ତେ ୧,୦୦୦ ଟଙ୍କା ଦିଆଯାଉ। ହାଇସ୍କୁଲର ୮ମ ଶ୍ରେଣୀରୁ ବାଦ ପଡ଼ିଥିବା ପାଚିକାମାନଙ୍କୁ ପାଖାପାଖି ସ୍କୁଲ ମାନଙ୍କରେ ଆବଶ୍ୟକ ହେଉଥିବା ସ୍କୁଲରେ ନିଯୁକ୍ତି ,ବଂ ଭୋଜନ ବ୍ୟବସ୍ଥାରେ ଘରୋଇକରଣକୁ ବନ୍ଦ କରାଯାଉ ବୋଲି ସଂଘ ଦାବି କରିଛି। ସଂଘର ସଭାପତି ପୀତବାସ ବେହେରାଙ୍କ ନେତୃତ୍ୱରେ ଆନ୍ଦୋଳନ ଅନୁଷ୍ଠିତ ହୋଇଥିଲା।

## ସଂକ୍ଷେପରେ

### ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

**ପୁରୀ, ୧୫।୯(ଅଜିତ ମହାନ୍ତି):** ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ବଳଗଣ୍ଡି ବିଦ୍ୟାଳୟରେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ପରିବହନ ପ୍ରାଧିକରଣ ଦ୍ୱାରା ପ୍ରସ୍ତୁତ ହୋଇଥିବା ସଚେତନତା ବାର୍ତ୍ତାମୂଳକ ଭିଡିଓ ସ୍ମାର୍ଟ କ୍ଲାସ୍ ରୁମ୍‌ରେ ବିଦ୍ୟାର୍ଥୀମାନଙ୍କୁ ପ୍ରଦର୍ଶିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଆଞ୍ଚଳିକ ପରିବହନ ଅଧିକାରୀ ରବିନ୍ ପଟ୍ଟନାୟକ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ସଡ଼କ ସୁରକ୍ଷା ସମ୍ପର୍କିତ ବିଭିନ୍ନ ଆଇନ୍‌କାନୁନ୍ ସମ୍ବନ୍ଧରେ ବୁଝାଇବା ସହ ସୁରକ୍ଷିତ ଭାବେ ଯାତ୍ରା କରିପାରିବାକୁ ପରାମର୍ଶ ଦେଇଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ସଡ଼କ ସୁରକ୍ଷା ସମ୍ବନ୍ଧିତ ଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ପରିଚାଳନାରେ ଆସୋସିଏଶନ୍ ଅଫ୍ ରୁଇଟର ଆକ୍ଟିଭିଷ୍ଟସ୍‌ର ସଦସ୍ୟମାନେ ସହଯୋଗ କରିଥିଲେ।

### ମତ୍ସ୍ୟଜୀବୀଙ୍କ ପାଇଁ ସଚେତନତା କାର୍ଯ୍ୟକ୍ରମ

**କୃଷ୍ଣପ୍ରସାଦ,୧୫।୯(କୈଳାସ ଚନ୍ଦ୍ର ପଟ୍ଟନାୟକ):** ଚିଲିକା ଉପରେ ନିର୍ଭର କରି ଜୀବିକା ନିର୍ବାହ କରୁଥିବା ମତ୍ସ୍ୟଜୀବୀଙ୍କୁ ସ୍ୱାବଲମ୍ବୀ କରିବା ଓ ଆର୍ଥିକ ସହାୟତା ଯୋଗାଇଦେବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ଯୋଜନା କରିଛନ୍ତି। ଏହି ଯୋଜନାଗୁଡ଼ିକ କିପରି ମତ୍ସ୍ୟଜୀବୀଙ୍କ ପାଖରେ ପହଞ୍ଚିପାରିବ ଏବଂ ସେମାନେ କିପରି ଏହାର ଉଚିତ୍ ସଫଳତା ନେଇପାରିବେ ସେ ସମ୍ପର୍କରେ ମତ୍ସ୍ୟ ବିଭାଗ ପକ୍ଷରୁ ଏକ ଜନସଚେତନତା କାର୍ଯ୍ୟକ୍ରମ ଶୁକ୍ରବାର କୃଷ୍ଣପ୍ରସାଦ ବ୍ଲକର ହରିପୁର ପୂର୍ତ୍ତ ବିଭାଗ ଡାକବଙ୍ଗଳା ପରିସରରେ ଅନୁଷ୍ଠିତ ହୋଇଯାଇଛି। ସହକାରୀ ମତ୍ସ୍ୟ ଅଧିକାରୀ ବିଜୟାନନ୍ଦ ସେଠ୍‌ଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ବଡ଼ଅଁଳ ସରପଞ୍ଚ ବୀଣାପାଣି ପ୍ରଧାନ, ଅତିଥିଭାବେ ରସକୁଦୀ ପ୍ରାଥମିକ ମତ୍ସ୍ୟଜୀବୀ ସମବାୟ ସଭାପତି ସନ୍ନ୍ୟାସୀ ବେହେରା, ଅତିରିକ୍ତ ମତ୍ସ୍ୟ ଅଧିକାରୀ(ବାଲୁଗାଁ) ଅଶୋକ ଇନ୍ଦୁଆର, ବରିଷ୍ଠ ମତ୍ସ୍ୟ ପରାମର୍ଶଦାତା ରଜନୀକାନ୍ତ ମଲ୍ଲିକ ଯୋଗଦେଇ ମତ୍ସ୍ୟଜୀବୀଙ୍କ ପାଇଁ ଉଦ୍ଦିଷ୍ଟ ଥିବା ସରକାରଙ୍କ ବିଭିନ୍ନ ଯୋଜନା ଓ ସହାୟତା ସମ୍ପର୍କରେ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଚିଲିକା ଉପକୂଳବର୍ତ୍ତୀ ରସକୁଦୀ ଗ୍ରାମର ସମସ୍ତ ମତ୍ସ୍ୟଜୀବୀ ଓ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟା ଉପସ୍ଥିତ ଥିଲେ।

# ପରିକ୍ରମା କାର୍ଯ୍ୟ ସମୀକ୍ଷା କଲେ ଜିଲାପାଳ

**ବାହ୍ୟ ପ୍ରକଳ୍ପ ରାସ୍ତା କାର୍ଯ୍ୟ ଶେଷ ପର୍ଯ୍ୟାୟରେ**

**ପୁରୀ, ୧୫।୯(ଅଜିତ୍ ମହାନ୍ତି):** ଶ୍ରୀମନ୍ଦିର ଚାରିପାଖରେ ନିର୍ମାଣ ଚାଲିଥିବା ପରିକ୍ରମା ପ୍ରକଳ୍ପ କାର୍ଯ୍ୟର ସ୍ଥିତି ନେଇ ଜିଲାପାଳ ସମର୍ଥ ବର୍ମା ସମୀକ୍ଷା କରିବା ସହ ଓବିସିସିର ଅଧିକାରୀମାନଙ୍କ ସହିତ ଆଲୋଚନା କରିଛନ୍ତି। ଶୁକ୍ରବାର ଜିଲାପାଳ ବର୍ମା ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ବୁଲି ଦେଖିଥିଲେ। କାର୍ଯ୍ୟ ସମ୍ପର୍କରେ ସୂଚନା ଦେଇ ଜିଲାପାଳ କହିଛନ୍ତି, ପରିକ୍ରମା କାର୍ଯ୍ୟ ନେଇ ଓବିସିସି, ଜିଲା ପ୍ରଶାସନ ଏବଂ ଶ୍ରୀମନ୍ଦିର ପ୍ରଶାସନର ଅଧିକାରୀମାନଙ୍କ ସହ ଆଲୋଚନା କରାଯିବା ସହ କାର୍ଯ୍ୟର ସମୀକ୍ଷା କରାଯାଇଛି। କାର୍ଯ୍ୟ ସୁରୁଖୁରରେ ଜାରି ରହିଛି। ପରିକ୍ରମା ପ୍ରକଳ୍ପର ବାହ୍ୟ ପ୍ରକଳ୍ପ ରାସ୍ତା ପ୍ରାୟ କାର୍ଯ୍ୟ ଶେଷ ହୋଇଛି। ୭୦ରୁ ୮୦ ପ୍ରତିଶତ କାର୍ଯ୍ୟ ଶେଷ ହୋଇସାରିଛି। ଫ୍ଲେବର ବ୍ଲକ୍ କାର୍ଯ୍ୟ କରାଯାଉଛି। ଲ୍ୟାଣ୍ଡ ସ୍କିପିଙ୍ଗ କାର୍ଯ୍ୟ ଗୋଟିଏ ପଟେ ସରିଥିବା ବେଳେ ଅନ୍ୟ ଏକ ପଟେ କାର୍ଯ୍ୟ ଜାରି ରହିଛି, ଯାହାକୁ ୧ ମାସ ମଧ୍ୟରେ ଶେଷ କରାଯିବ। ସେହିପରି ଭିତର ପରିକ୍ରମା ମାର୍ଗ ଦ୍ରୁତ ଗତିରେ ଜାରି ରହିଛି। ଖୁବ୍‌ଶୀଘ୍ର କାର୍ଯ୍ୟ ଶେଷ ହେବ। ତେବେ ବର୍ଷା ପାଇଁ ସେତେଟା ସମସ୍ୟା ଦେଖାଯାଉ ନ ଥିବା ବେଳେ କିଛିଟା ସମସ୍ୟା ଦେଖାଯାଉଛି। ସମସ୍ତ କାର୍ଯ୍ୟ ଶୀଘ୍ର ଶେଷ ହେବ। ପ୍ରକଳ୍ପର ଅନେକ ଅଂଶ ଜନସାଧାରଣଙ୍କ ବ୍ୟବହାର ପାଇଁ ଖୋଲାଯାଇଛି। ଲୋକେ ତାହାକୁ ବ୍ୟବହାର କରୁଛନ୍ତି ବୋଲି ଜିଲାପାଳ ପ୍ରକାଶ କରିଛନ୍ତି।

# ନୂତନ ବିଡିଓଙ୍କ ଯୋଗଦାନ

**କଣାସ, ୧୫।୯(ବିଭୂତି ଭୂଷଣ ତ୍ରିପାଠୀ):** କଣାସ ବିଡିଓ ପବିତ୍ର ବେହେରାଙ୍କର ଅନ୍ୟତ୍ର ବଦଳି ହୋଇଯିବାରୁ ଶୁକ୍ରବାର ନାରାୟଣ ସାହୁ ନୂତନ ବିଡିଓ ଭାବେ କଣାସ ବ୍ଲକରେ ଯୋଗଦାନ କରିଛନ୍ତି। ସାହୁ ପୂର୍ବରୁ ଘଟଗାଁ ବିଡିଓ ଭାବେ କାର୍ଯ୍ୟ କରୁଥିଲେ। ସେ ସରକାରଙ୍କ ବିଭିନ୍ନ ଯୋଜନାକୁ ସଫଳତାର ସହ କାର୍ଯ୍ୟକାରୀ କରିବା ଦିଗରେ ପ୍ରାଧାନ୍ୟ ଦେବେ ବୋଲି ସାହୁ କହିଛନ୍ତି। ଆଗାମୀ ୨୦୨୪ରେ ସାଧାରଣ ନିର୍ବାଚନ ହେଉଥିବାରୁ ଶାନ୍ତିଶୃଙ୍ଖଳା ସହିତ ନିର୍ବାଚନ ପରିଚାଳନା ଉପରେ ଗୁରୁତ୍ୱ ଦିଆଯିବ ବୋଲି ସେ କହିଛନ୍ତି।

# ମୃତ ଯୁବତୀଙ୍କ ଫଟୋ ଜାରି କଲା ପୋଲିସ

**ଦୟାନଦୀରୁ ଅଖାରୁ ମୃତଦେହ ମିଳିବା ଘଟଣା**

**କଣାସ, ୧୫।୯(ବିଭୂତି ଭୂଷଣ ତ୍ରିପାଠୀ):** ଗଡିଶାଗୋଦା ଥାନା ନିକଟବର୍ତ୍ତୀ ନୂଆଗାଁ ନିକଟ ଦୟାନଦୀରୁ ଗତ ୧୩ ତାରିଖରେ ଅଖା ମଧ୍ୟରେ ହାତ, ଗୋଡ ବନ୍ଧାଯାଇଥିବା ଜଣେ ଯୁବତୀଙ୍କ ମୃତଦେହ ମିଳିଥିଲା। ଘଟଣାର ୪ଦିନ ପରେ ବି ଯୁବତୀଙ୍କ ପରିଚୟ ମିଳିପାରିନାହିଁ। ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି। ଗଡ଼ିଶାଗୋଦା ଥାନା ଆଇଆଇସି ସଞ୍ଜୟ କୁମାର ନାୟକ ଉକ୍ତ ଯୁବତୀଙ୍କ ଫଟୋ ଜାରି କରି କହିଛନ୍ତି, ଯଦି କେହି ଉକ୍ତ ଯୁବତୀଙ୍କୁ ଜାଣିଥାନ୍ତି ତେବେ ଫୋନ୍ ନଂ-୮୨୪୯୫୬୨୫୧୬ରେ ଜଣାଇବା ପାଇଁ ନାୟକ ଅନୁରୋଧ କରିଛନ୍ତି।

# ୧୭ରେ ପି.ଏମ୍. ବିଶ୍ୱକର୍ମା ଯୋଜନାର ଶୁଭାରମ୍ଭ

**ପୁରୀ, ୧୫।୯(ଅଜିତ ମହାନ୍ତି):** ପ୍ରଧାନମନ୍ତ୍ରୀ (ପିଏମ୍) ବିଶ୍ୱକର୍ମା ଯୋଜନା ନେଇ ଶୁକ୍ରବାର ପୁରୀ ଜିଲା ଭାଜପା ତରଫରୁ ୟୁଥ ହଷ୍ଟେଲ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି ସୂଚନା ଦେଇଛନ୍ତି। ମହାନ୍ତି କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାରତର ପାରମ୍ପରିକ କାରିଗର, ହସ୍ତଶିଳ୍ପୀ ଓ କୌଳିକ ବୃତ୍ତିଧାରୀଙ୍କ ନିମନ୍ତେ ପି.ଏମ୍ ବିଶ୍ୱକର୍ମା ଯୋଜନାକୁ ମଞ୍ଜୁର କରିଛନ୍ତି। ପ୍ରାୟ ୧୩ ହଜାର କୋଟି ଟଙ୍କା ବ୍ୟୟ ବରାଦର ଏହି ସେଣ୍ଟ୍ରାଲ ସେକ୍ଟର ସ୍କିମ ଆସନ୍ତା ୧୭ ତାରିଖରେ ଶୁଭାରମ୍ଭ ହେବ। ଏହା ୫ବର୍ଷ ପାଇଁ ଲାଗୁ ହେବ। ଏଥିରେ ପ୍ରଥମ ପର୍ଯ୍ୟାୟରେ ଦେଶର ୧୮ଟି ପାରମ୍ପରିକ ବୃତ୍ତିକୁ ଅନ୍ତର୍ଭୁକ୍ତ କରାଯାଇଛି। ସେଗୁଡ଼ିକ ହେଲା ବଢ଼େଇ, ଡଙ୍ଗା ନିର୍ମାତା, ଅସ୍ତ୍ର ନିର୍ମାତା, କମାର, ହାତୁଡ଼ି ଓ ଉପକରଣ ନିର୍ମାତା, ତାଲା କାରିଗର, ବଣିଆ, କୁମ୍ଭାର, ମୂର୍ତ୍ତି କାରିଗର, ପଥର କଟାଳି, ମୋଚି, ଜୋତା କାରିଗର, ରାଜମିସ୍ତ୍ରି, ଝୁଡ଼ି/ମସିଣା/ଝାଡୁ/କପା ବୁଣାକାର, ଖେଳନା ଓ କଣ୍ଢେଇ କାରିଗର (ପାରମ୍ପରିକ), ଭଣ୍ଡାରୀ, ମାଳି, ଧୋବା, ଦରଜି ଓ ମାଛଜାଲ ନିର୍ମାତା ଅନ୍ତର୍ଭୁକ୍ତ ହୋଇଛନ୍ତି। ଓଡ଼ିଶାରେ ପଛୁଆ ବର୍ଗର ବହୁ ମହିଳା ଯେଉଁମାନେ ନିଜେ ଓ ନିଜ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ଏହି କାମ ଗୁଡ଼ିକୁ କରୁଛନ୍ତି, ସେମାନେ ଏହି ଯୋଜନାରୁ ଲାଭାନ୍ୱିତ ହୋଇପାରିବେ। ଏହି ଯୋଜନାରେ ଅନ୍ତର୍ଭୁକ୍ତ କାରିଗରଙ୍କୁ ପି.ଏମ୍ ବିଶ୍ୱକର୍ମା ସାର୍ଟିଫିକେଟ ଏବଂ ଆଇଡି କାର୍ଡ ମିଳିବ। ଏଥିସହ ୫ପ୍ରତିଶତ ରିହାତିମୂଳକ ସୁଧହାରରେ ପ୍ରଥମ ପର୍ଯ୍ୟାୟରେ ଲକ୍ଷେ ଟଙ୍କା ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ଦୁଇଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯିବ। ସେହିପରି ସ୍କିଲ ଅପ୍-ଗ୍ରେଡେସନ୍, ଟୁଲ୍-କିଟ୍ ଇନସେଣ୍ଟିଭ, ମାର୍କେଟିଂ ସପୋର୍ଟ ଓ ଡିଜିଟାଲ କାରବାର ପାଇଁ ଇନ୍‌ସେଣ୍ଟିଭ ସୁବିଧା ଦିଆଯିବ ବୋଲି ମହାନ୍ତି କହିଛନ୍ତି। ପୁରୀ ଟାଉନ ହଲରେ ଏହାର ଶୁଭାରମ୍ଭ କରାଯିବ। କେନ୍ଦ୍ର ମହିଳା ଓ ଶିଶୁ କଲ୍ୟାଣ ତଥା ଆୟୁଷ ମନ୍ତ୍ରୀ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିବେ। ଖବରଦାତା ସମ୍ମିଳନୀରେ ଜିଲା ଭାଜପା ସଭାପତି ଆଶ୍ରିତ ପଟ୍ଟନାୟକ, ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ଜିଲା ସାଧାରଣ ସମ୍ପାଦକ ଉମାକାନ୍ତ ନାୟକ, ଜିଲା ଯୁବମୋର୍ଚ୍ଚା ସଭାପତି ଜୟନ୍ତ କୁମାର ଦାଶ, ଶରଧାବାଲି ମଣ୍ଡଳ ସଭାପତି ସଞ୍ଜୀବ ମୁଖାର୍ଜୀ ପ୍ରମୁଖ ଉପସ୍ଥିତ ଥିଲେ।

# ପୁରୀ ଫଟୋ ଫ୍ରିଲାନ୍ସର କ୍ଲବ୍‌ର ଷଷ୍ଠ ବାର୍ଷିକ ଉତ୍ସବ



**ପୁରୀ, ୧୫।୯(ଅଜିତ ମହାନ୍ତି):** ପୁରୀ ଫଟୋ ଫ୍ରିଲାନ୍ସର କ୍ଲବ୍‌ର ଷଷ୍ଠ ବାର୍ଷିକ ଉତ୍ସବ ସହିତ ଏକ ପ୍ରଶିକ୍ଷଣ ଶିବିର ବୁଧବାର ସ୍ଥାନୀୟ ସଂସ୍କୃତି ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ଦେବେନ୍ଦ୍ର କୁମାର ନନ୍ଦ, ମନୋରଞ୍ଜନ ରାଉତରାୟ, ଶ୍ରୀକାନ୍ତ କୁମାର ପ୍ରଧାନ, ଦେବାଶିଷ ମାଝୀ, ଦେବାଂଶୁ ପଟ୍ଟନାୟକ ଓ ପଲ୍ଲବ ପଲ୍ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ଏପରି ପ୍ରଶିକ୍ଷଣ ଶିବିର ଆଗାମୀ ପିଢ଼ିକୁ ଫଟୋ ଉତ୍ତୋଳନରେ ବେଶ୍ ସହାୟକ ହେବ ବୋଲି କହିଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ଶ୍ରୀମଦ୍ ଖାଡେଙ୍ଗା, ଜୟରାମ ସାହୁ, ଦୀପକ କୁମାର ବେହେରା, ସୁନିଲ ମିଶ୍ରଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। କାର୍ଯ୍ୟକ୍ରମକୁ ଅନୁଷ୍ଠାନର କର୍ମକର୍ତ୍ତାମାନେ ପରିଚାଳନା କରିଥିଲେ।

# ପ୍ରତ୍ୟେକ ମହିଳା ଜଣେ ଜଣେ ଉଦ୍ୟୋଗୀ ହୁଅନ୍ତୁ: ବିଧାୟକ

**ମିଶନ ଶକ୍ତି ଭବନ ଗୃହ ଉଦ୍‌ଘାଟିତ**

**ଗୋପ,୧୫।୯(ଭାରତୀ ଭୂଷଣ ଉପାଧ୍ୟାୟ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୦୧ ମସିହାରୁ ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ଉଦ୍ଦେଶ୍ୟରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରିଥିବା ବେଳେ ଏବେ କିପରି ପ୍ରତ୍ୟେକ ମହିଳା ଜଣେ ଜଣେ ଉଦ୍ୟୋଗୀ ହୋଇପାରିବେ ସେଥିପ୍ରତି ଗୁରୁତ୍ୱ ଦେଉଛନ୍ତି ବୋଲି ଶୁକ୍ରବାର ଗୋପ ବ୍ଲକ ପରିସରରେ ଆୟୋଜିତ ମିଶନ ଶକ୍ତି ଭବନ ଗୃହ ଉଦ୍‌ଘାଟନ ଅବସରରେ ବିଧାୟକ ସମୀର ରଞ୍ଜନ ଦାଶ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ତୁଷାରକାନ୍ତି ବେହେରା, ବିଡିଓ ଦୀପ୍ତିରାଣୀ ଦାସ, ମହିଳା ମହାସଂଘ ସଭାନେତ୍ରୀ ମୀନାକ୍ଷୀ ପୃଷ୍ଟି, ସିଡିପିଓ ମୀନାକ୍ଷୀ ସାହୁ, ବ୍ଲକ ଜୀବିକା ମିଶନ ଅଧିକାରୀ ଦୀପାଳି ଛାଟୋଇ, ଟିକିନା ବେହେରା ପ୍ରମୁଖ ଯୋଗଦେଇଥିଲେ। ସଭାନେତ୍ରୀ ପୃଷ୍ଟିଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ବେହେରା ଯୋଗଦେଇ ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ରାଜ୍ୟ ସରକାରଙ୍କ ମୂଳ ଲକ୍ଷ୍ୟ ବୋଲି କହିଥିଲେ। ଏହି ଅବସରରେ ମନ୍ତ୍ରୀ ଓ ବିଧାୟକ ବ୍ଲକ ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ୭ ଜଣ ଦିବ୍ୟାଙ୍ଗଙ୍କୁ ହ୍ୱିଲ ଚେୟାର ବଣ୍ଟନ କରିବା ସହିତ ମହିଳା ମହାସଂଘ ପକ୍ଷରୁ ନୂତନଭାବେ ନିଯୁକ୍ତି ପାଇଥିବା ସମସ୍ତ ସିଆର୍‌ପିମାନଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିଥିଲେ। ବିଡିଓ ଦାସଙ୍କ ବଦଳି ହୋଇଥିବାରୁ ଗୋପ ବ୍ଲକ ମହିଳା ମହାସଂଘ ସହିତ ଅନ୍ୟାନ୍ୟ ସଙ୍ଗଠନ ପକ୍ଷରୁ ପୁଷ୍ପଗୁଚ୍ଛ ଦିଆଯାଇଥିବା ବେଳେ ଦୁଇ ନେତା ମଧ୍ୟ ବିଡିଓଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଗୋପ ବ୍ଲକରେ ମିଶନ ଶକ୍ତି ଭବନ ଗୃହ ନିର୍ମାଣ ହୋଇଥିବାରୁ ମହିଳା ମହାସଂଘ ପକ୍ଷରୁ ଅତିଥିଙ୍କ ସହିତ ମୁଖ୍ୟମନ୍ତ୍ରୀଙ୍କୁ ମହାସଂଘ ସଭାନେତ୍ରୀ ପୃଷ୍ଟି ଧନ୍ୟବାଦ ଜଣାଇଥିଲେ। ଗୋପ ବ୍ଲକ ଜୀବିକା ମିଶନର ବିଏଲ୍‌ସି ରୁବିଲତା ଓଝା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


କାର୍ଯ୍ୟକ୍ରମରେ ବିଧାୟକ ସମୀର ରଞ୍ଜନ ଦାଶ ଏବଂ ଅନ୍ୟମାନେ ।

# ଛାତ୍ର ସଂସଦ ନିର୍ବାଚନ ଦାବିରେ ଛାତ୍ର କଂଗ୍ରେସର ବିକ୍ଷୋଭ

**ପୁରୀ,୧୫।୯(ଅଜିତ ମହାନ୍ତି):** ରାଜ୍ୟରେ ଛାତ୍ର ସଂସଦ ନିର୍ବାଚନ ବନ୍ଦ କରିବା ଅଗଣତାନ୍ତ୍ରିକ ବୋଲି ପୁରୀ ଜିଲା ଛାତ୍ର କଂଗ୍ରେସ କହିଛି। ତୁରନ୍ତ ଛାତ୍ର ସଂସଦ ନିର୍ବାଚନ କରାଯିବା ଦାବିରେ ଜିଲା ଛାତ୍ର କଂଗ୍ରେସ ପକ୍ଷରୁ ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଛାତ୍ର କଂଗ୍ରେସ ପକ୍ଷରୁ ଅଭିଯୋଗ ହୋଇଛି ଯେ, ରାଜ୍ୟରେ ଦୀର୍ଘ ୫ବର୍ଷ ହେବ ସରକାର ଛାତ୍ର ସଂସଦ ନିର୍ବାଚନ କରୁନାହାନ୍ତି। ଛାତ୍ର ସଂସଦ ନିର୍ବାଚନ ଦ୍ୱାରା ନୂତନ ନେତୃତ୍ୱ ସୃଷ୍ଟି ହୋଇଥାଏ। ସେହିପରି ଛାତ୍ରୀଛାତ୍ରମାନେ ସାଧାରଣ ନିର୍ବାଚନରେ ଭୋଟ ଦେବା ପୂର୍ବରୁ ସାଧାରଣତଃ ନିଜ କଲେଜ ନିର୍ବାଚନରେ ସକ୍ରିୟ ଅଂଶଗ୍ରହଣ କରିଥାନ୍ତି। ଅନେକ କିଛି ଶିକ୍ଷା ମଧ୍ୟ କରିଥାନ୍ତି। କିନ୍ତୁ ଗଣତନ୍ତ୍ରର କଣ୍ଠରୋଧ କରି ଦୀର୍ଘ ୫ ବର୍ଷ ହେବ ଛାତ୍ର ସଂସଦ ନିର୍ବାଚନ ବନ୍ଦ କରାଯାଉଛି, ଯାହା ଗ୍ରହଣୀୟ ନୁହେଁ। ତୁରନ୍ତ ଛାତ୍ର ସଂସଦ ନିର୍ବାଚନ ନ ହେଲେ ଆଗାମୀ ଦିନରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ପାଇଁ ରାଜ୍ୟ ସରକାର ଦାୟୀ ରହିବେ ବୋଲି ଛାତ୍ର କଂଗ୍ରେସ କର୍ମକର୍ତ୍ତା କହିଛନ୍ତି। ଛାତ୍ର କଂଗ୍ରେସ ଜିଲ୍ଲା ସଭାପତି ଆଶୁତୋଷ ମିଶ୍ରଙ୍କ ନେତୃତ୍ୱରେ ଜିଲ୍ଲା କାର୍ଯ୍ୟକାରୀ ସଭାପତି ରିସାନ ଦାଶ, ପୁରୀ ସଦର ନିର୍ବାଚନ ମଣ୍ଡଳୀ ଛାତ୍ର କଂଗ୍ରେସ ସଭାପତି ସୂର୍ଯ୍ୟକାନ୍ତ ପଣ୍ଡା ପ୍ରମୁଖ ଜିଲାପାଳଙ୍କୁ ଦାବିପତ୍ର ଦେଇଥିଲେ।



ଜିଲା ଛାତ୍ର କଂଗ୍ରେସ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।

## ସଂକ୍ଷେପରେ

### ବିରୂପା ନଦୀ ଗୁଣ୍ଡୁପୁର ମାଳିତୁଠ ପଠାରେ କୁମ୍ଭୀର

ମାହାଙ୍ଗା, ୧୫।୯ (ଯଯାତି ସିଂହ)

ମାହାଙ୍ଗା ବ୍ଲକ ଅନ୍ତର୍ଗତ ମୂଳବସନ୍ତ ପଞ୍ଚାୟତସ୍ଥିତ ଗୁଣ୍ଡୁପୁର ଗ୍ରାମର ବିରୂପା ନଦୀର ମାଳିତୁଠ ପଠାରେ ଏକ କୁମ୍ଭୀର ଦେଖିବାକୁ ମିଳିଛି। ଗୁଣ୍ଡୁପୁର ଗାଁର ଜଣେ ଯୁବକ ଗାଧୋଉଥିବା ସମୟରେ ପଠା ଉପରେ ଶୋଇଥିବା ଏକ କୁମ୍ଭୀର ତାଙ୍କ ନିକଟକୁ ଆସୁଥିବା ଜାଣିପାରି ସେ ନଦୀରୁ ଉପରକୁ ଉଠି ଆସିଥିଲେ। ସେ ଲୋକମାନଙ୍କୁ ଡ଼ାକିବାରୁ କୁମ୍ଭୀରଟି ନଦୀ ମଧ୍ୟକୁ ଚାଲି ଯାଇଥିଲା। ପୂର୍ବରୁ ମଧ୍ୟ ଏହି ନଦୀର ହଂସଦିଆ, ଧର୍ମଦାସପୁରଠାରେ କୁମ୍ଭୀରଟିକୁ ଦେଖିବାକୁ ମିଳିଥିଲା। ତେଣୁ ତୁରନ୍ତ ବନ ବିଭାଗ ପକ୍ଷରୁ କୁମ୍ଭୀରଟି ଧରିବା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି। ଏ ସମ୍ପର୍କରେ ଚଣ୍ଡିଖୋଲ ବନ ବିଭାଗ ଭାରପ୍ରାପ୍ତ ଅଧିକାରୀ ଅଶ୍ୱନୀ ସାହୁଙ୍କୁ ଯୋଗାଯୋଗ କରିବାରୁ କୁମ୍ଭୀର ଧରିବା ନିମନ୍ତେ ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ଜଣାଇଅଛୁ। ଏଥିସହ ନଦୀରେ ଦେଖାଯାଉଥିବା ଅଞ୍ଚଳ ଉପରେ ନଜର ରଖିବା ସହ ଜନସାଧାରଣ ସତର୍କ ରହିବା ସହ ନଦୀକୁ ନ ଯିବାକୁ ନିବେଦନ କରିଛନ୍ତି।

### ଇଞ୍ଜିନିୟର୍ସ ଦିବସ ପାଳିତ

କଟକ, ୧୫।୯ (ସୁପ୍ରିୟା ପ୍ରିୟଦର୍ଶିନୀ)

ଡ୍ରିମ୍ସ ଶିକ୍ଷାନୁଷ୍ଠାନ ସମୂହ ପକ୍ଷରୁ ଇଞ୍ଜିନିୟର୍ସ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଡ୍ରିମ୍ସ ଶିକ୍ଷାନୁଷ୍ଠାନ ସମୂହର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର କହିଥିଲେ, ଦେଶକୁ ବିକାଶର ପ୍ରତିଟି ସୋପାନରେ ଯନ୍ତ୍ରୀମାନଙ୍କର ପଦ ଚିହ୍ନ ସୁସ୍ପଷ୍ଟ। କଠିନ ପରିଶ୍ରମ କରି ଆଗାମୀ ଦିନରେ ଦକ୍ଷ ଯନ୍ତ୍ରୀ ଭାବରେ ନିଜକୁ ଗଢିତୋଳିବାକୁ ଛାତ୍ରୀଛାତ୍ରଙ୍କୁ ଦିଗ୍‌ଦର୍ଶନ ଦେଇଥିଲେ। ବିଟେକ୍ ଉଇଙ୍ଗ ପକ୍ଷରୁ ରାଣୀଦେବୀ ଅଡିଟୋରିୟମ୍‌ରେ ଆୟୋଜିତ ଉତ୍ସବରେ ଭାରପ୍ରାପ୍ତ ଅଧ୍ୟକ୍ଷ ଡ. ଆଲୋକ ରଞ୍ଜନ ବିଶ୍ୱାଳ ପୌରୋହିତ୍ୟ କରିଥିଲେ। ପ୍ରାଧ୍ୟାପିକା ଜୟଶ୍ରୀ ଭୂୟାଁ ଧନ୍ୟବାଦ ଦେଇଥିଲେ। ପଲିଟେକ୍‌ନିକ ଉଇଙ୍ଗ ପକ୍ଷରୁ ଆୟୋଜିତ ଉତ୍ସବରେ ଅଧ୍ୟକ୍ଷା ଇଂ. ତପସ୍ୱିନୀ ସାହୁ ସଭାପତିତ୍ୱ କରିଥିଲେ। ନିର୍ଦ୍ଦେଶକ ଇଂ. ପ୍ରଦୀପ୍ତ ରଞ୍ଜନ ମହାନ୍ତି, ଡ. ଆଲୋକ ରଞ୍ଜନ ବିଶ୍ୱାଳ, ଅଧ୍ୟାପକ ସତ୍ୟରଞ୍ଜନ ବେହେରା, ଅନନ୍ତ ସାହୁ, କୁଞ୍ଜବିହାରୀ ସାହୁ, ସୌମେନ୍ଦୁ ଦାସ, ଲଡୁକିଶୋର ସାହୁ ଯୋଗଦେଇଥିଲେ। ଏହି ଅବସରରେ ପ୍ରାଧ୍ୟାପକ ଡ. ଆଲୋକ ରଞ୍ଜନ ବିଶ୍ୱାଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟାପକ ଦେବବ୍ରତ ପତି କାର୍ଯ୍ୟକ୍ରମ ଉପସ୍ଥାପନା ଓ ଅଧ୍ୟାପକ ଅଙ୍ଗଦ କୁମାର ଲେଙ୍କା ଧନ୍ୟବାଦ ଦେଇଥିଲେ।

### ଦୁର୍ଗାଦେବୀ ବିଏନ୍‌ଟି ବିଦ୍ୟାଳୟରେ ସ୍ୱଚ୍ଛତା ପକ୍ଷ

ମାଣିଆବନ୍ଧ, ୧୫।୯ (ଅଖିଳ କୁମାର ସାହୁ)

ବଡ଼ମ୍ବା ଶିକ୍ଷା ମଣ୍ଡଳ ଅନ୍ତର୍ଗତ ବାଙ୍ଗରସିଂହାସ୍ଥିତ ଦୁର୍ଗାଦେବୀ ବିଏନ୍‌ଟି ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଚଳିତ ମାସ ୧ ତାରିଖରୁ ଆରମ୍ଭ ହୋଇଥିବା ସ୍ୱଚ୍ଛତା ପକ୍ଷ ଶୁକ୍ରବାର ଶେଷ ହୋଇଛି। ପ୍ରଧାନ ଶିକ୍ଷକ ସରୋଜ କୁମାର ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଓ ଛାତ୍ରୀଛାତ୍ର ପରିବେଶ ସ୍ୱଚ୍ଛ ରଖିବା ପାଇଁ ଶପଥପାଠ କରିଥିଲେ। ସ୍ୱଚ୍ଛତା ପକ୍ଷ ସଚେତନତା କାର୍ଯ୍ୟକ୍ରମ ଯଥା ପରିବେଶ ପରିଷ୍କାର ପରିଚ୍ଛନ୍ନତା, ଶୌଚାଳୟ ସଫା, ଶ୍ରେଣୀଗୃହ ପରିଷ୍କାର ଓ ଚାରାରୋପଣ ଉପରେ ପ୍ରଧାନ ଶିକ୍ଷକ ଆଲୋକପାତ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରବନ୍ଧ, କୁଇଜ୍, କବିତା, ସ୍ଲୋଗାନ ଲେଖା ଓ ଚିତ୍ରାଙ୍କନ ପ୍ରତିଯୋଗିତା ଆଦି ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ମନ୍ଦାକିନୀ ସାହୁ, ସବିତା ସାମଲ, ଶ୍ରଦ୍ଧାଞ୍ଜଳି ନାୟକ, ନମିତା ପରିଡ଼ା, ଶିକ୍ଷକ ସୋମନାଥ ସାହୁ, ସଞ୍ଜୟ ସେଠୀ, ବିନୟ ଭୂଷଣ ବେହେରା, ନିରାକାର ସାହୁ ଓ ବିଦ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

### ୧୬୫ ରକ୍ତ ୟୁନିଟ୍ ସଂଗ୍ରହ

ନରସିଂହପୁର, ୧୫।୯ (ନିରଞ୍ଜନ ଦେବକୁମାର)

ନରସିଂହପୁର ଯୁବ ସଙ୍ଗଠନ ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ନରସିଂହପୁର ସଦର ମହକୁମାସ୍ଥିତ ପର୍ଯ୍ୟଟନ ବ୍ୟାଖ୍ୟାନ କେନ୍ଦ୍ରଠାରେ ଆୟୋଜିତ ଶିବିରରେ ୧୬୫ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। କଟକ ସେଣ୍ଟ୍ରାଲ ରେଡ୍‌କ୍ରସ ଟିମ୍ ରକ୍ତ ସଂଗ୍ରହ କରିଥିବା ବେଳେ ଯୁବ ସଙ୍ଗଠନର ସଭାପତି ଶେଖ୍ ସାବିବ୍ ଓ ସମ୍ପାଦକ ଦିବ୍ୟଲୋଚନ ମହାନ୍ତିଙ୍କ ସମେତ ସମସ୍ତ ସଭ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଅଘୋଷିତ ବିଦ୍ୟୁତ୍ କାଟ ପ୍ରତିବାଦରେ ରାସ୍ତାରୋକୋ

ବାଙ୍କୀ, ୧୫।୯ (ଜ୍ଞାନେନ୍ଦ୍ର ମୋହନ ମିଶ୍ର)


ଉତ୍ତ୍ୟକ୍ତ ଲୋକେ କଟକ– ବାଙ୍କୀ ରାସ୍ତାରେ ଟାୟାର ଜାଳି ରାସ୍ତାରୋକୋ କରିଛନ୍ତି।

ବାଙ୍କୀ ଡମପଡ଼ା ବ୍ଲକ ଅନ୍ତର୍ଗତ କୁଶୁପଙ୍ଗି ପଞ୍ଚାୟତ ଘାସିପୁଟ ଗାଁର ପାନୀୟ ଜଳ ଯୋଗାଣ ପ୍ରକଳ୍ପକୁ ବିଦ୍ୟୁତ୍ ସଂଯୋଗ କାଟିଦେବା ଫଳରେ ଶୁକ୍ରବାର ସ୍ଥାନୀୟ ଲୋକମାନେ ଘାସିପୁଟସ୍ଥ ବିଦ୍ୟୁତ୍ ଅଫିସ୍ ଆଗରେ ହୋହାଲ୍ଲା କରି କାର୍ଯ୍ୟାଳୟକୁ ବନ୍ଦ କରି ଦେଇଥିଲେ। ପରେ ଉତ୍ତ୍ୟକ୍ତ ଲୋକେ ରଣଶଙ୍ଖଠାରେ କଟକ– ବାଙ୍କୀ ମୁଖ୍ୟରାସ୍ତାରେ ଟାୟାର ଜାଳି ଅବରୋଧ କରିଥିଲେ।

ବିନା ସୂଚନାରେ ୩ ଦିନ ହେଲା ଘାସିପୁଟ ଗାଁର ୨ଟି ଯାକ ପାନୀୟ ଜଳଯୋଗାଣ ପ୍ରକଳ୍ପକୁ କିଛି ନ ଜଣାଇ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ କରି ଦେଇଥିଲେ। ଫଳରେ ସ୍ଥାନୀୟ ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ପିଇବା ପାଇଁ ପାଣି ନ ପାଇ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେବା ସହ ଗୋରୁମାନେ ମଧ୍ୟ ପାଣି ପାଇପାରୁ ନ ଥିଲେ। ଶୁକ୍ରବାର ସ୍ଥାନୀୟ ଲୋକ ବିଦ୍ୟୁତ୍ ଅଫିସ୍ ଆଗରେ ପହଞ୍ଚି କନିଷ୍ଠଯନ୍ତ୍ରୀ ଏବଂ କର୍ମଚାରୀମାନଙ୍କୁ ଫୋନ୍ କରିଥିଲେ ମଧ୍ୟ କେହି ଆସି ନ ଥିଲେ। ବିଦ୍ୟୁତ୍ ଲାଇନ୍ ଘାସିପୁଟରେ କଟିଯାଇଥିବା ବେଳେ କରବର ଗ୍ରାମକୁ ବିନା ସୂଚନାରେ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରି ଦେଇଥିଲେ। ଫଳରେ କରବର ବାସିନ୍ଦାମାନେ ପାନୀୟ ଜଳ ପାଇବାରୁ ବଞ୍ଚିତ ହୋଇଥିଲେ। ସେଥିରେ ଉତ୍ତ୍ୟକ୍ତ ହୋଇ ସ୍ଥାନୀୟ ଜନସାଧାରଣ ରଣଶଙ୍ଖଠାରେ କଟକ– ବାଙ୍କୀ ମୁଖ୍ୟରାସ୍ତାକୁ ଟାୟାର ଜାଳି ବନ୍ଦ କରିଦେଇଥିଲେ। ଫଳରେ ଯାନବାହନ ଯାତାୟାତ ବନ୍ଦ ହୋଇଯାଇଥିଲା। ଖବରପାଇ ବାଙ୍କୀ ଥାନା ସବ୍‌ଇନ୍ସପେକ୍ଟର ସମ୍ବିତ କୁମାର ସ୍ୱାଇଁ ଏବଂ ବିଦ୍ୟୁତ୍ ବିଭାଗର ସହକାରୀ ଯନ୍ତ୍ରୀ ସୌମ୍ୟରଞ୍ଜନ ମହାପାତ୍ର ଘଟଣାସ୍ଥଳରେ ପହଞ୍ଚି ଲୋକମାନଙ୍କୁ ବୁଝାଶୁଝା କରିବା ପରେ ରାସ୍ତାରୋକୋ ହଟି ଥିଲା। ପରେ କରବର ଗ୍ରାମକୁ ବିଦ୍ୟୁତ୍ ସଂଯୋଗ କରାଯିବା ସହ ଘାସିପୁଟ ପାନୀୟ ଜଳ ପ୍ରକଳ୍ପକୁ ବିଦ୍ୟୁତ୍ ଲାଇନ୍ ସଂଯୋଗ କରାଯାଇଥିଲା। ସ୍ଥାନୀୟ କୁଶୁପଙ୍ଗି ସରପଞ୍ଚ ନରେଶ କୁମାର ବେଉରା ବାକିଆ ଥିବା ବିଦ୍ୟୁତ୍ ବିଲ୍ ୨ରୁ ୩ ଦିନ ମଧ୍ୟରେ ଭରଣା କରିବାର ପ୍ରତିଶ୍ରୁତି ଦେବା ପରେ ପାନୀୟ ଜଳ ପ୍ରକଳ୍ପକୁ ବିଦ୍ୟୁତ୍ ସଂଯୋଗ ହୋଇଥିଲା।

# ୧୦୩୯ ଜଣଙ୍କୁ ଭତ୍ତା ବଣ୍ଟନ

ନେମାଳ, ୧୫।୯ (କିରଣ ଶଙ୍କର ନାୟକ)

କଟକ ସଦର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନରେ ଥିବା ୧୪ଟି ପଞ୍ଚାୟତର ୧୦୩୯ ଜଣ ବୃଦ୍ଧାବୃଦ୍ଧ, ଭିନ୍ନକ୍ଷମମାନଙ୍କୁ କଟକ ସଦର ବିଧାୟକ ଚନ୍ଦ୍ରସାରଥି ବେହେରା ନୂତନ ମଧୁବାବୁ ପେନସନ ଯୋଜନାରେ ଭତ୍ତା ବଣ୍ଟନ କରିଛନ୍ତି। ପୂର୍ବରୁ ରଘୁନାଥପୁର ବ୍ଲକ ଅଧୀନରେ ଥିବା ଉତ୍ତରକୂଳ, ମହମ୍ମଦପୁର, ମଣିଜଙ୍ଗା, ବାବୁଜଙ୍ଗ ପଞ୍ଚାୟତର ଜନସାଧାରଣ ଭତ୍ତା ପାଇବାକୁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏ ସମ୍ପର୍କରେ ବିଧାୟକ ବେହେରା ଅବଗତ ହେବା ପରେ ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନକୁ ଏହି ପଞ୍ଚାୟତଗୁଡ଼ିକୁ ଆଣି ଭତ୍ତା ବଣ୍ଟନ କରିବାର ବ୍ୟବସ୍ଥା କରିଥିଲେ। ଏହି ଅବସରରେ ଶୁକ୍ରବାର ବାବୁଜଙ୍ଗ ପଞ୍ଚାୟତ ନିଆଁପୁଟିଆ ମହାପୁରୁଷଙ୍କ ପୀଠରେ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଧାୟକ ବେହେରା ଯୋଗଦେଇ ହିତାଧିକାରୀମାନଙ୍କୁ ଭତ୍ତା ଅର୍ଥ ପ୍ରଦାନ କରିଥିଲେ। ବିଜେଡି ନେତା ମନୋଜ ମହାନ୍ତିଙ୍କ ସଭାପତିତ୍ୱରେ କଟକ ସଦର ବ୍ଲକ ଉପାଧ୍ୟକ୍ଷ କାଳନ୍ଦୀ ପରିଡା, ନିଶ୍ଚିନ୍ତକୋଇଲି ବ୍ଲକ ବିଡିଓ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ, ନିଶ୍ଚିନ୍ତକୋଇଲି ବ୍ଲକ କାର୍ଯ୍ୟକାରୀ ବିଜେଡି ସଭାପତି ପ୍ରମୋଦ କୁମାର ନାୟକ, ସଦର ବିଜେଡି ସଭାପତି ପ୍ରମୋଦ ମହାପାତ୍ର, ଜିଲାପରିଷଦ ସଭ୍ୟ ବିଳାସ ଭୋଇ, ସଭ୍ୟା ଶୁଭଶ୍ରୀ ମହାନ୍ତି, ପୂର୍ବତନ ବ୍ଲକ ଅଧ୍ୟକ୍ଷ ନରେନ୍ଦ୍ର ବାରିକ, ସରପଞ୍ଚ ସ୍ୱାଧୀନ ଭୂୟାଁ, ଶାରଦା ପ୍ରସାଦ ମହାନ୍ତି, ସରପଞ୍ଚଙ୍କ ପ୍ରତିନିଧି ସରୋଜ ବେହେରା, ଦୁର୍ଗାପ୍ରସାଦ ଦାସ, ମୀନକେତନ ସ୍ୱାଇଁ, କିରଣ ଶଙ୍କର ନାୟକ, ଅରୁଣ କୁମାର ବୋଷ, ଇଜାଜ୍ ଖାନ, ଛାତ୍ରନେତା ସଂଗ୍ରାମ ସାହାଣୀ, ସମସେର ଖାନ୍, ସୁଶୀଲ ରଞ୍ଜନ ବେଉରା, ସୁନୀଲ ମଲ୍ଲିକଙ୍କ ସମେତ ୧୪ଟି ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟାସଭ୍ୟ, ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାଙ୍କ ସମେତ ବହୁ ଦଳୀୟ କର୍ମୀ ଓ ଜନସାଧାରଣ ଯୋଗଦେଇଥିଲେ।



ସଭାରେ ବିଧାୟକ ଚନ୍ଦ୍ରସାରଥି ବେହେରା ଓ ଅନ୍ୟମାନେ।

# ମା' ଭଟ୍ଟାରିକାଙ୍କ ମନ୍ଦିର ପାହାଚ, ଭଜନ ମଣ୍ଡପରେ ପାଣି


ମହାନଦୀର ଦ୍ୱିତୀୟ ବନ୍ୟାଜଳ ଭଜନ ମଣ୍ଡପରେ ପଶିଛି।

## ମହାନଦୀରେ ଦ୍ୱିତୀୟ ବନ୍ୟା

ବଡ଼ମ୍ବା, ୧୫।୯ (ମାୟାଧର ମଲ୍ଲିକ)

ମହାନଦୀରେ ଦ୍ୱିତୀୟ ବନ୍ୟା ଶୁକ୍ରବାର ଦେଖାଯାଇଛି। ମହାନଦୀରେ ଦ୍ୱିତୀୟ ବନ୍ୟାଜଳ ବେଳକୁ ବେଳ ବୃଦ୍ଧି ପାଉଥିବା ଜଣାଯାଇଛି। ଖବର ଲେଖା ହେବା ବେଳକୁ ମହାନଦୀର ବନ୍ୟାଜଳ ବଡ଼ମ୍ବାର ଅଧିଷ୍ଠାତ୍ରୀ ଦେବୀ ମା' ଭଟ୍ଟାରିକାଙ୍କ ମନ୍ଦିର ସମ୍ମୁଖ ପାହାଚ ଓ ଭଜନ ମଣ୍ଡପକୁ ଛୁଇଁଥିବା ଦେଖାଯାଇଛି। ବର୍ତ୍ତମାନ ସୁଦ୍ଧା ଯେଭଳି ଭାବେ ବନ୍ୟାଜଳ ବୃଦ୍ଧି ପାଉଛି ତେବେ ରାତି ୧୧ ଘଟିକା ସୁଦ୍ଧା ମନ୍ଦିର ମଧ୍ୟରେ ବନ୍ୟା ଜଳ ପ୍ରବେଶ କରି ଯିବା ସମ୍ଭାବନା ରହିଛି। ତେବେ ଏଥିପାଇଁ ବଡ଼ମ୍ବା ଦେବୋତ୍ତର ବିଭାଗ କର୍ମଚାରୀ ଓ ମନ୍ଦିର ପୂଜକମାନେ ସତର୍କ ରହିଛନ୍ତି। ବନ୍ୟା ଜଳ ସମ୍ପର୍କରେ ମନ୍ଦିରର ମୁଖ୍ୟ ପୂଜକ ଶିରିଶ କୁମାର ରଣାଙ୍କୁ ପଚାରିବାରେ ପୂଜକ ଓ ଦେବୋତ୍ତର ବିଭାଗ ଏଥିପାଇଁ ସଜାଗ ରହିଛନ୍ତି। ଯଦି ବନ୍ୟା ଜଳ ମନ୍ଦିର ମଧ୍ୟରେ ପ୍ରବେଶ କରେ ତେବେ ମା' ଙ୍କର ପ୍ରତିମାଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରାଯିବ ବୋଲି ମୁଖ୍ୟ ପୂଜକ ରଣା ଓ ଦେବୋତ୍ତର କର୍ମଚାରୀ ବିପିନି ବିହାରୀ ପୂର୍ବରାଙ୍କଠାରୁ ପ୍ରକାଶ ପାଇଛି। ଅନ୍ୟପକ୍ଷରେ ମହାନଦୀର ଉକ୍ତ ବନ୍ୟା ଜଳ ପାଇଁ ନଦୀକୂଳବାସୀ ଯେତିକି ଚିନ୍ତିତ ନୁହନ୍ତି କୁମ୍ଭୀର ଆସିଥିବା ଆଶଙ୍କା ପାଇଁ ଚିନ୍ତିତ ଓ ଭୟଭୀତ ହୋଇ ପଡ଼ିଥିବା ସର୍ବତ୍ର ଆଲୋଚନା ହେଉଛି। ବର୍ତ୍ତମାନ ସୁଦ୍ଧା ରାଜ୍ୟର ବିଭିନ୍ନ ନଦୀରେ କୁମ୍ଭୀର ଆତଙ୍କ ଦେଖାଯାଇଥିବା ବେଳେ ଏହାର ସୁରକ୍ଷା ତଥା ସତର୍କତା ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ସଚେତନତା ବ୍ୟବସ୍ଥା କରାଯିବା ପାଇଁ ସାଧାରଣରେ ଦାବି ହେଉଛି।



ବିଭିନ୍ନ ଦାବି ନେଇ ଅଲ୍ ଓଡ଼ିଶା ଇପିଏଫ୍ ପେନସନର୍ସ ଆସୋସିଏଶନ କଟକ ଜିଲା କମିଟି ପକ୍ଷରୁ ଶୁକ୍ରବାର ପୁରୀଘାଟସ୍ଥିତ ଗାନ୍ଧୀ ସ୍ମୃତି ପୀଠଠାରେ ଧାରଣା।

## ସମାଜରେ ସଂସ୍କାର ଆଣିବାରେ ନାଟକ ବଳିଷ୍ଠ ମାଧ୍ୟମ

### ବଡ଼ମ୍ବା ବ୍ଲକସ୍ତରୀୟ ବିଜ୍ଞାନ ଡ୍ରାମା ପ୍ରତିଯୋଗିତା

ବଡ଼ମ୍ବା, ୧୫।୯ (ମାୟାଧର ମଲ୍ଲିକ)

ନାଟକ ହିଁ ସମାଜରେ ଘଟୁଥିବା ସମସ୍ତ ଘଟଣା ପ୍ରବାହକୁ ଲୋକଲୋଚନକୁ ଆଣି ସଂସ୍କାରିତ ଆଣିବାରେ ବଳିଷ୍ଠ ମାଧ୍ୟମ। ହାଇସ୍କୁଲସ୍ତରୀୟ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଡ୍ରାମା ଜରିଆରେ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଆଧାରରେ ବଡ଼ମ୍ବା ବ୍ଲକ ଶିକ୍ଷା ଅଧିକାରୀ ପ୍ରକାଶ ଚନ୍ଦ୍ର ମଉଗଜସିଂହଙ୍କ ତତ୍ତ୍ୱାବଧାନରେ ବ୍ଲକସ୍ତରୀୟ ବିଜ୍ଞାନ ଡ୍ରାମା ପ୍ରତିଯୋଗିତା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାରେ ଗଙ୍ଗାଧର ହାଇସ୍କୁଲ, ଦାଶରଥିପୁର, ବୁଦ୍ଧିସାହୁ ହାଇସ୍କୁଲ, ଶଂଖାମେରୀ ଓ ରଗଡିପଡ଼ା ନୋଡାଲ ହାଇସ୍କୁଲ ଛାତ୍ରୀଛାତ୍ର ଅଂଶଗ୍ରହଣ କରି ଅଭିନୟ ପ୍ରଦର୍ଶନ କରିଥିଲେ। ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ସାଂସ୍କୃତିକ ମଣ୍ଡପରେ ୩ଟି ଯାକ ବିଦ୍ୟାଳୟର ଗାଇଡ୍ ଶିକ୍ଷକଙ୍କ ମାର୍ଗଦର୍ଶନରେ ଛାତ୍ର -ଅଭିନେତାମାନେ ମିଲେଟ୍ ମିଶନ, ଖାଦ୍ୟ ନିରାପତ୍ତା ଏବଂ ସାମାଜିକ କୁସଂସ୍କାର ଥିମ ଉପରେ ଅଭିନୟ ପ୍ରଦର୍ଶନ କରିଥିଲେ। ଏବିଇଓ ବିବେକାନନ୍ଦ ସାହୁ ପ୍ରତିଯୋଗିତାର ନିୟମାବଳୀ ସମ୍ପର୍କରେ ସୂଚନା ଦେଇଥିଲେ। ବିଚାରକ ଭାବେ ଅଭିନୟରେ ରୁଚି ରଖୁଥିବା ଶିକ୍ଷକ ଅଶୋକ କୁମାର ଧଳ ଓ ଲକ୍ଷ୍ମୀକାନ୍ତ ସାହୁ ମୂଲ୍ୟାୟନ କରି ରଗଡିପଡ଼ା ହାଇସ୍କୁଲ ଦଳକୁ ଶ୍ରେଷ୍ଠ ଦଳ ଭାବେ ଘୋଷଣା କରିଥିଲେ। ଏହି ଡ୍ରାମା ଦଳ ଜିଲା ସ୍ତରରେ ହେବାକୁ ଥିବା ପ୍ରତିଯୋଗିତାରେ ରେଭେନ୍ସା କଲିଜିଏଟ ସ୍କୁଲର ସମ୍ମିଳନୀ କକ୍ଷରେ ବ୍ଲକ୍ ପକ୍ଷରୁ ପ୍ରତିନିଧିତ୍ୱ କରିବେ ବୋଲି ଅନ୍ୟତମ ଏବିଇଓ ନିର୍ମଳା ବେହେରା ଘୋଷଣା କରିଥିଲେ। ୩ଟି ଯାକ ବିଦ୍ୟାଳୟର ଗାଇଡ୍ ଶିକ୍ଷକ ମାଧବ ନାଏକ, ପୁନମ୍ ଭୂୟାଁ ଓ ଅଜିତ କୁମାର ସେଠୀଙ୍କୁ ବିଇଓ ମଉଗଜସିଂହ ଧନ୍ୟବାଦ ଜଣାଇଥିଲେ।

# ପୂଜା ପୂର୍ବରୁ ରାସ୍ତା ମରାମତି କରାଯିବ

## ଚୌଦ୍ୱାର ରୂପଯାତ୍ରା ପ୍ରସ୍ତୁତି ବୈଠକ



ବୈଠକରେ ପୂଜା କମିଟିର ସଦସ୍ୟମାନେ।

ମଙ୍ଗୁଳି-ଜଗତପୁର, ୧୫।୯ (ମାନସ ସାମଲ)

ଆସନ୍ତା ଅକ୍ଟୋବର ୩୧ରେ ଚୌଦ୍ୱାରର ପ୍ରସିଦ୍ଧ ରୂପଯାତ୍ରା ଅନୁଷ୍ଠିତ ହେବ। ଏହାକୁ ସୁରୁଖୁରୁରେ ସମ୍ପନ୍ନ କରିବା ପାଇଁ ଚୌଦ୍ୱାର ଦଶହରା ପୂଜା କମିଟି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଶୁକ୍ରବାର ସ୍ଥାନୀୟ ଯାତ୍ରା କମିଟି ଗୃହରେ ଅନୁଷ୍ଠିତ ହୋଇଯାଇଛି। ପୂଜା କମିଟି ସଭାପତି ସୁବୋଧ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ଚୌଦ୍ୱାର ବିଦ୍ୟୁତ୍ ବିଭାଗର ଏସ୍‌ଡିଓ ସମୀର କୁମାର ପଡ଼ିଆରୀ, ମ୍ୟୁନିସିପାଲିଟିର ନିର୍ବାହୀ ଅଧିକାରୀ ସଞ୍ଜୀବ ମହାପାତ୍ର, କଟକ ଜୋନ୍-୧ ଏସିପି ଅରୁଣ କୁମାର ସ୍ୱାଇଁ, ଚୌଦ୍ୱାର ଥାନା ଅତିରିକ୍ତ ଆଇଆଇସି ସସ୍ମିତା ଖିଲାର, ଏମ୍‌ପିଙ୍କ ପ୍ରତିନିଧି ପ୍ରେମଚାନ୍ଦ ନାୟକ ପ୍ରମୁଖ ଯୋଗଦେଇଥିଲେ। ଏସ୍‌ଡିଓ ପଡିଆରୀ କହିଥିଲେ, ଯାତ୍ରାପଡିଆକୁ ମେଢଗୁଡିକ ଯିବାବାଟରେ ତାର ଝୁଲିବା କିମ୍ବା ଦୁର୍ବଳ ବିଦ୍ୟୁତ୍ ଖୁଣ୍ଟ ଥିବା ସମ୍ପର୍କରେ ଜଣାଇଲେ ମରାମତି କରାଯିବ। ସେହିପରି ଏସିପି ସ୍ୱାଇଁ କହିଥିଲେ, ପାର୍ବଣ ସମୟରେ ଅପରାଧୀଙ୍କ ଉପରେ ପୋଲିସ ନଜର ରଖିବ। ପୂଜା ଓ ଭସାଣି ସମୟରେ ନିଶାଦ୍ରବ୍ୟଠାରୁ ଦୂରେଇ ରହିବା ଏବଂ ଶାନ୍ତିଶୃଙ୍ଖଳା ରକ୍ଷା କରିବା ଉପରେ ମେଢ ମାଲିକ ଗୁରୁତ୍ୱ ଦେବାକୁ ସେ କହିଥିଲେ। ଏମ୍‌ପିଙ୍କ ପ୍ରତିନିଧି ନାୟକ କହିଥିଲେ, ଚୌଦ୍ୱାର ପୌରପାଳିକା ଫଣ୍ଡରେ ୮୫ ଲକ୍ଷ ଟଙ୍କା ମହଜୁଦ ଅଛି। ପୌରପାଳିକା ପକ୍ଷରୁ ସମସ୍ତ ସହଯୋଗ କରାଯିବ କହିଥିଲେ। ଉପସ୍ଥିତ ଥିବା ଏକାଧିକ ମେଢ଼ ମାଲିକ କହିଥିଲେ, ପୌରପାଳିକା ଫଣ୍ଡରେ ଯଦି ଏତେ ଟଙ୍କା ରହିଛି ତେବେ ଚୌଦ୍ୱାର ଯାତ୍ରା ପଡିଆରୁ ବିରୂପା ନଦୀକୂଳ ପର୍ଯ୍ୟନ୍ତ ରାସ୍ତାରେ ଥିବା ଖାଲଖମା କାହିଁକି ମରାମତି କରାଯାଉନାହିଁ କି ଅଚଳ ଷ୍ଟ୍ରିଟ୍ ଲାଇଟ୍ ମରାମତି କରାଯାଉନାହିଁ। ଏହାକୁ ନେଇ ପ୍ରାୟ ୨୦ ମିନିଟ୍ ଧରି କଥା କଟାକଟି ହୋଇଥିଲା। ପରେ ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ ଆସନ୍ତା ୧ ମାସ ମଧ୍ୟରେ ଏହି ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ବୈଠକରେ କମିଟି ସମ୍ପାଦକ ନାରାୟଣ ସ୍ୱାଇଁ, କାର୍ଯ୍ୟକାରୀ ସଭାପତି ପ୍ରଦୀପ ନାୟକ, ରାମଚନ୍ଦ୍ର ମହାରଣା, ରବି ନାରାୟଣ ସାହୁ, କୋଷାଧ୍ୟକ୍ଷ, ବୈକୁଣ୍ଠ ନାଥ ପୃଷ୍ଟି, ସୂର୍ଯ୍ୟ ନାରାୟଣ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଛବୀନ୍ଦ୍ର ନାୟକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବାବେଳେ ସୁଜିତ ଜେନା ଧନ୍ୟବାଦ ଦେଇଥିଲେ।

## ବାସନ୍ତୀ ଜୟଦୁର୍ଗା ବିଦ୍ୟାଳୟରେ ହିନ୍ଦୀ ଦିବସ



ମାହାଙ୍ଗା, ୧୫।୯ (ଯଯାତି ସିଂହ)

ମାହାଙ୍ଗା ବ୍ଲକ କେଳିଅଠା ପଞ୍ଚାୟତସ୍ଥିତ ବାସନ୍ତୀ ଜୟଦୁର୍ଗା ବିଦ୍ୟାଳୟରେ ହିନ୍ଦୀ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରବିନାରାୟଣ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ଦେବେନ୍ଦ୍ର ବଳ ଯୋଗଦେଇ ହିନ୍ଦୀ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ କହିଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ହିନ୍ଦୀ ଶିକ୍ଷକ ଧନେଶ୍ୱର ପ୍ରଧାନ ଯୋଗ ଦେଇଥିଲେ। ସିଆର୍‌ସିସି ଅଦ୍ୱୈତ୍ୟ ବଲ୍ଲଭ ରାଉତ, ହିନ୍ଦୀ ଶିକ୍ଷକ ବିଜୟ କୁମାର ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ପ୍ରଧାନଶିକ୍ଷକ ସାହୁଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟର ହିନ୍ଦୀ ଶିକ୍ଷୟିତ୍ରୀ ଟ୍ୱିଙ୍କିଲ ସେନ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଶିକ୍ଷୟିତ୍ରୀ ସ୍ମୃତିଲିପ୍ସା ସାହୁ ଧନ୍ୟବାଦ ଦେଇଥିଲେ। ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପ୍ରତିଯୋଗିତାରେ ଭାଗ ନେଇଥିବା କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଅଜୟ କୁମାର ସେନାପତି, ମାନସ କୁମାର ମଲିକ, ଦେବେନ୍ଦ୍ର ବଳ, ପ୍ରମୋଦ କୁମାର ବାରିକ ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

# ରାସ୍ତା ଭିତ୍ତିପ୍ରସ୍ତର ସ୍ଥାପନବେଳେ ଧସ୍ତାଧସ୍ତି

## ସଭାମଞ୍ଚରୁ ଚାଲିଗଲେ ମନ୍ତ୍ରୀ

ଖୁଣ୍ଟୁଣୀ, ୧୫।୯ (ସଚ୍ଚିଦାନନ୍ଦ ପଣ୍ଡା)

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅନ୍ତର୍ଗତ କଖଡି ପଞ୍ଚାୟତ କଲେଜ ସମ୍ମୁଖରେ ଶୁକ୍ରବାର ମଧ୍ୟାହ୍ନରେ କଖଡି- କପୁରିସିଂ ରାସ୍ତା ସମ୍ପ୍ରସାରଣ ପାଇଁ ଶିଳାନ୍ୟାସ କରାଯାଇଛି। ମୁଖ୍ୟ ଅତିଥି କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏହାର ଶିଳାନ୍ୟାସ କରିଥିଲେ। ୬କିମି ୯୫୦ ମିଟର ଲମ୍ବା ଓ ୭ ମିଟର ଓସାର ବିଶିଷ୍ଟ ଏହି ରାସ୍ତା ପାଇଁ ୭ କୋଟି ୬ ଲକ୍ଷ ୮୦ ହଜାର ଟଙ୍କା ବ୍ୟୟବରାଦ ହୋଇଛି। ଏହି କାର୍ଯ୍ୟକୁ ୯ ମାସ ମଧ୍ୟରେ ଶେଷ କରିବାକୁ ମନ୍ତ୍ରୀ ସ୍ୱାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏଥିରେ ଚାରବାଟିଆ ଡିଭିଜନ ଅଧିକ୍ଷଣ ଯନ୍ତ୍ରୀ ଅଜିତ କୁମାର ରାୟ, ଦିନେଶ ସାହୁ, ଆଠଗଡ଼ ବ୍ଲକ ଅଧ୍ୟକ୍ଷା ମିନତୀ ଆଚାର୍ଯ୍ୟ, ଉପାଧ୍ୟକ୍ଷ ସୁବାସ ମଲ୍ଲିକ, ଜିଲାପରିଷଦ ସଭ୍ୟା ମିନତୀ ଗାଗରାଇ, ବଳଭଦ୍ର ବାଘ, ସରପଞ୍ଚ କଳ୍ପନା ଛତାର, ଜ୍ୟୋତିର୍ମୟୀ ସାହୁ, ବିନ୍ଦୁବାସିନୀ ଦାସ ଯୋଗଦେଇଥିଲେ। ଏହି ଅବସରରେ ସେଠାରେ ଆୟୋଜିତ ସଭାରେ ଜଣେ ଯୁବକ ଚାକିରି ବିଷୟରେ ମନ୍ତ୍ରୀଙ୍କୁ ପ୍ରଶ୍ନ ପଚାରିବାରୁ ପୋଲିସ ତାଙ୍କୁ ଉଠାଇ ନେଇଥିଲା। ବିଜେବି କଲେଜ ଛାତ୍ରୀ ରୁଚିକା ମହାନ୍ତି ମୃତ୍ୟୁ ଘଟଣାକୁ ନେଇ ତାଙ୍କ ମାଆ ବିଦ୍ୟୁତ୍‌ଲତା ମହାନ୍ତି ସଭାମଞ୍ଚକୁ ଆସି ମନ୍ତ୍ରୀଙ୍କୁ ପ୍ରଶ୍ନ ପଚାରିବା ସହ ମୋତେ ୧୬ ଲକ୍ଷ ଟଙ୍କା ଦେଇଥିବା କହୁଛନ୍ତି। ଏହାର କ'ଣ ସତ୍ୟତା ଥିବା ସର୍ବସାଧାରଣରେ ଜଣାନ୍ତୁ। ଏହାର ଉତ୍ତର ନ ଦେଲେ ମନ୍ତ୍ରୀ ସ୍ୱାଇଁ ମଞ୍ଚରୁ ଚାଲିଯାଇଥିଲେ। ଏହି ଘଟଣାକୁ ନେଇ ରୁଚିକା ମହାନ୍ତି ଓ ବିଧାୟକଙ୍କ ଗୋଷ୍ଠୀର ଯୁବକଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା।



ଉତ୍ସବରେ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ଅନ୍ୟମାନେ।

# ଖସିଲା ବିଦେଶୀ ମୁଦ୍ରାଭଣ୍ଡାର ପରିମାଣ

ଭୁବନେଶ୍ୱର,୧୫।୯ (ଅଭୟ ଦାଶ)



ଗତ କିଛି ସପ୍ତାହ ହେଲା ଭାରତରେ ବୈଦେଶିକ ମୁଦ୍ରାଭଣ୍ଡାରର ପରିମାଣ ହ୍ରାସ ଘଟିଥିବା ଦେଖିବାକୁ ମିଳିଛି। ଏପରିକି ୨୦୨୩ ସେପ୍ଟେମ୍ବର ୮ ଶେଷ ସପ୍ତାହରେ ବୈଦେଶିକ ମୁଦ୍ରାଭଣ୍ଡାର ୫ (୪.୯ ବିଲିୟନ) ବିଲିୟନ ଡଲାର ହ୍ରାସ ଘଟି ପ୍ରାୟ ୫୯୪ (୫୯୩.୯୦ ବିଲିୟନ) ବିଲିୟନ ଡଲାରରେ ପହଞ୍ଚିଛି। ବିଶେଷକରି ଏହା ୨୦୨୩ ସେପ୍ଟେମ୍ବର ୧ ଶେଷ ସପ୍ତାହରେ ବୈଦେଶିକ ମୁଦ୍ରା ଭଣ୍ଡାର ୫୯୮.୮୯୭ ବିଲିୟନ ଡଲାରରେ ରହିଥିଲା। ଅପରପକ୍ଷରେ ଭାରତୀୟ ରିର୍ଜଭ ବ୍ୟାଙ୍କ (ଆର୍‌ବିଆଇ)ର ଫୋରେକ୍ସ ରିଜର୍ଭ ଡେଟାରୁ ଉପରୋକ୍ତ ସୂଚନା ମିଳିଛି। ଫୋରେକ୍ସ ରିଜର୍ଭର ସୂଚନା ଅନୁଯାୟୀ ବିଦେଶୀ ମୁଦ୍ରା ନୁହେଁ, ଏହି ସମୟ ମଧ୍ୟରେ ବିଦେଶୀ ମୁଦ୍ରା ସମ୍ପତ୍ତି (ଫରେନ କରେନ୍ସି ଆସେଟ୍ସ) ମଧ୍ୟ ୪.୨୬୫ ବିଲିୟନ ଡଲାରକୁ ହ୍ରାସ ପାଇଛି। ସେହିଭଳି ୫୫୪ ମିଲିୟନ ଡଲାର ହ୍ରାସ ସହ ସୁନା ଭଣ୍ଡାର ୪୪.୩୮୪ ବିଲିୟନ ଡଲାର ରହିଥିବା ବେଳେ ଆଇଏମ୍‌ଏଫର ଭଣ୍ଡାରରେ ମଧ୍ୟ ୩୯ ମିଲିୟନ ଡଲାର ହ୍ରାସ ପାଇଛି। ତେବେ ବୈଦେଶିକ ମୁଦ୍ରାଭଣ୍ଡାର ପୁଣି ୬୦୦ ବିଲିୟନ ଡଲାର ସ୍ତରରୁ ଖସି ଆସିଛି। ୨୦୨୧ ଅକ୍ଟୋବରରେ ବୈଦେଶିକ ମୁଦ୍ରା ସଂରକ୍ଷଣ ୬୪୫ ବିଲିୟନ ଡଲାର ସ୍ତରରେ ପହଞ୍ଚିଥିଲା ହେଲେ ପରବର୍ତ୍ତୀ ସମୟରେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳର ମୂଲ୍ୟ ବୃଦ୍ଧି ଏବଂ ନିବେଶକଙ୍କ ସମ୍ପତ୍ତି ବିକ୍ରୟ ହେତୁ ବୈଦେଶିକ ମୁଦ୍ରା ସଂରକ୍ଷଣ ୫୨୬ ବିଲିୟନ ଡଲାର ସ୍ତରକୁ ଖସି ଆସିଥିଲା। ସେହିପରି ମୁଦ୍ରା ବଜାରରେ ଶୁକ୍ରବାର ଡଲାର ତୁଳନାରେ ଟଙ୍କାର ମୂଲ୍ୟ ହ୍ରାସ ହୋଇଛି। ଗୋଟିଏ ଡଲାର ତୁଳନାରେ ଭାରତୀୟ ମୁଦ୍ରା ମୂଲ୍ୟ ୮୩.୧୮ ଟଙ୍କା ହୋଇଛି। ଗତ କିଛିଦିନ ହେବ ଟଙ୍କା ତୁଳନାରେ କ୍ରମାଗତ ଭାବେ ଡଲାର ମଜଭୁତ ହେଉଥିଲା ବେଳେ ବିଦେଶୀ ପୁଞ୍ଜି ନିବେଶକାରୀଙ୍କର ଶେୟାର ବିକ୍ରି ଏବଂ ଡଲାରର କ୍ରମାଗତ ମଜଭୁତ ହେତୁ ଟଙ୍କା ଦୁର୍ବଳ ହୋଇଛି ବୋଲି କୁହାଯାଉଛି। ଏହି ସମୟ ମଧ୍ୟରେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ମୂଲ୍ୟ ବୃଦ୍ଧି ପାଇବାରେ ଲାଗିଛି। ବ୍ୟାରେଲ ପିଛା ୯୪ ଡଲାର ଅତିକ୍ରମ କରିଛି। ଏପରି ପରିସ୍ଥିତିରେ ଡଲାରର ଚାହିଦା ବୃଦ୍ଧି ହେତୁ ବୈଦେଶିକ ମୁଦ୍ରାଭଣ୍ଡାର ଆହୁରି ହ୍ରାସ ହୋଇପାରେ ବୋଲି ଆଶଙ୍କା କରାଯାଉଛି।

## ଶେୟାର ବଜାର କାରବାରରେ ଉତ୍ସାହ

ଭୁବନେଶ୍ୱର,୧୫।୯

ଗତ କିଛି ସପ୍ତାହ ହେଲା ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ଶେଷ କାର୍ଯ୍ୟ ଦିବସ (ଷ୍ଟକ୍‌ବଜାର)ର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିଛନ୍ତି। ଫଳରେ ଶେୟାର ବଜାରର ନିବେଶକଙ୍କ ମନରେ ଉତ୍ସାହ ପରିଲକ୍ଷିତ ହୋଇଛି। ଶୁକ୍ରବାର ଷ୍ଟକ ମାର୍କେଟର କାରବାର ଶେଷ ସୁଦ୍ଧା ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୩୧୯.୬୩ ପଏଣ୍ଟ ବଢି ୬୭,୮୩୮.୬୩ ଅଙ୍କରେ କାରବାର ବନ୍ଦ କରିଥିଲା ବେଳେ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୮୯.୨୫ ପଏଣ୍ଟ ବୃଦ୍ଧି ଘଟି ୨୦,୧୯୨.୩୫ଅଙ୍କରେ କାରବାର ବନ୍ଦ ହୋଇଥିଲା।

## ଏନ୍‌ଏମ୍‌ଡିସିକୁ ଏଚ୍‌ଆର୍ ପ୍ରାକ୍ଟିସ ଆୱାର୍ଡ



ଭୁବନେଶ୍ୱର,୧୫।୯

ନ୍ୟାଶନାଲ ମିନେରାଲ ଡେଭଲପମେଣ୍ଟ କର୍ପୋରେଶନ (ଏନ୍‌ଏମ୍‌ଡିସି)କୁ ନିକଟରେ ଆଉ ଏକ ଜାତୀୟ ସ୍ତରର ସମ୍ମାନ (ଆୱାର୍ଡ) ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ବାଙ୍ଗାଲୁରୁଠାରେ ଆୟୋଜିତ ୨୨ତମ ଏସିଆ ପାସିଫିକ ଏଚ୍‌ଆର୍‌ଏମ୍ କଂଗ୍ରେସ ସମ୍ମିଳନୀ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏନ୍‌ଏମ୍‌ଡିସିକୁ 'ବେଷ୍ଟ ଅର୍ଗାନାଇଜେଶନ ଉଇଥ୍ ଇନୋଭେଶନ ଏଚ୍‌ଆର୍ ପ୍ରାକ୍ଟିସ' ସମ୍ମାନରେ ସମ୍ମାନିତ କରାଯାଇଛି। ଏହି ପରିପ୍ରେକ୍ଷୀରେ ଏନ୍‌ଏମ୍‌ଡିସିର ଜିଏମ୍ (ଏଚ୍‌ଆର୍) ଭି. ଶ୍ରୀନିବାସ ଉକ୍ତ ସମ୍ମାନ ଅତିଥିଙ୍କଠାରୁ ଗ୍ରହଣ କରିଥିଲେ। ଏ ସମ୍ପର୍କରେ ଏନ୍‌ଏମ୍‌ଡିସିର ସିଏମ୍‌ଡି( ଅତିରିକ୍ତ ଦାୟିତ୍ୱ) ଅମିତାଭ ମୁଖାର୍ଜୀ କହିଛନ୍ତି, ଦେଶର ସର୍ବବୃହତ୍ ଲୁହା ପଥର ଉତ୍ପାଦକ ଭାବେ ପରିଚିତ ଏନ୍‌ଏମ୍‌ଡିସିରେ ଏକ ପ୍ରଭାବଶାଳୀ ଏଚ୍‌ଆର୍ ଟିମ୍ କାର୍ଯ୍ୟ କରୁଛନ୍ତି। ଏହି ସଫଳତା ଏନ୍‌ଏମ୍‌ଡିସିର ଏଚ୍‌ଆର୍ ଟିମ୍‌କୁ ଦିଆଯାଇଛି। ଆଗାମୀ ଦିନରେ ଏହି ଧାରା ଜାରି ରହିବ ବୋଲି ସେ ମତପ୍ରକାଶ କରିଛନ୍ତି।

## ୟୁଏଆଇଏଲ୍‌ର ପ୍ରୋଜେକ୍ଟ 'କୁଶଳୀ'

ଭୁବନେଶ୍ୱର,୧୫।୯

ଆଦିତ୍ୟ ବିର୍ଲା ଗ୍ରୁପ୍‌ର ସହଯୋଗୀ ସଂସ୍ଥା ଉତ୍କଳ ଆଲୁମିନା ଇଣ୍ଟରନ୍ୟାଶନାଲ ଲିମିଟେଡ୍ (ୟୁଏଆଇଏଲ୍)ର ପ୍ରୋଜେକ୍ଟ 'କୁଶଳୀ'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ମେସର୍ସ ଗଣେଶ ଡ୍ରାଇଭିଂ ଟ୍ରେନିଂ ସ୍କୁଲ ସହଯୋଗରେ ଉକ୍ତ ପ୍ରକଳ୍ପ ଆରମ୍ଭ ହୋଇଛି। ବିଶେଷକରି ଗ୍ରାମାଞ୍ଚଳରେ ଯୁବବର୍ଗଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ହେଉଛି ଏହାର ମୂଳ ଲକ୍ଷ୍ୟ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଉଲ୍ଲେଖଯୋଗ୍ୟ, ୨୦୨୨ ଏପ୍ରିଲ ୧୩ରେ ରାୟଗଡ଼ା ଜିଲାର କାଶୀପୁର ବ୍ଲକ ଅନ୍ତର୍ଗତ ନୂଆପଡ଼ା ଗ୍ରାମ ଏବଂ କଳାହାଣ୍ଡି ଜିଲାର ଥୁଆମୂଳ ରାମପୁର ବ୍ଲକ ଅନ୍ତର୍ଗତ ଗୋପୀନାଥପୁର ଗ୍ରାମରେ ଆରମ୍ଭ ହୋଇଥିବା ଉକ୍ତ ପ୍ରକଳ୍ପ ବେଶ୍ ପ୍ରଭାବଶାଳୀ ହୋଇପାରିଛି। ଏପରିକି ଏ ପର୍ଯ୍ୟନ୍ତ ୧୫୦ ଯୁବକ ଏହାଦ୍ୱାରା ଉପକୃତ ହୋଇଛନ୍ତି ଏବଂ ସେମାନଙ୍କ ମଧ୍ୟରୁ ଅଧିକାଂଶ ସମ୍ପ୍ରତି ଡ୍ରାଇଭର ଭାବେ ନିଯୁକ୍ତି ପାଇଛନ୍ତି।

ଏ ସମ୍ପର୍କରେ ଉତ୍କଳ ଆଲୁମିନାର ୟୁନିଟ୍ ହେଡ୍ ଆଣ୍ଡ ପ୍ରେସିଡେଣ୍ଟ ମଜହର ବେଗ୍ କହିଛନ୍ତି, ଏହା ଜରିଆରେ ଆମେ କେବଳ ଅତ୍ୟାବଶ୍ୟକ ଡ୍ରାଇଭିଂ କୁଶଳତା ଯୋଗାଇ ଦେଉନାହୁଁ, ଅଂଶଗ୍ରହଣକାରୀଙ୍କ ମଧ୍ୟରେ ଆତ୍ମନିର୍ଭରଶୀଳତା ଏବଂ ଆତ୍ମବିଶ୍ୱାସ ଭାବ ଅନ୍ତର୍ନିବିଷ୍ଟ କରିପାରିଛୁ। ସେମାନଙ୍କର ସଫଳତା ଉକ୍ତ କାର୍ଯ୍ୟକ୍ରମର ପ୍ରଭାବ ଏବଂ ଦୀର୍ଘସ୍ଥାୟୀ ନିଯୁକ୍ତି ସୁଯୋଗ ସୃଷ୍ଟି କ୍ଷେତ୍ରରେ ଏହାର ସାମର୍ଥ୍ୟର ନିଦର୍ଶନ ହୋଇଛି।

## ପିଏନ୍‌ବିକୁ ରାଜଭାଷା କୀର୍ତ୍ତି ପୁରସ୍କାର

ଭୁବନେଶ୍ୱର,୧୫।୯




ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି)କୁ ନିକଟରେ ରାଜଭାଷା କୀର୍ତ୍ତି ପୁରସ୍କାର-୨୦୨୨-୨୩ ମିଳିଛି। ଉଲ୍ଲେଖଯୋଗ୍ୟ, ଚଳିତ ବର୍ଷର ହିନ୍ଦୀ ଦିବସ ଉପଲକ୍ଷେ ଆୟୋଜିତ ୩ୟ ସର୍ବଭାରତୀୟ କାର୍ଯ୍ୟାଳୟ (ଅଫିସିଆଲ) ଭାଷା ସମ୍ମିଳନୀ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସମ୍ମିଳନୀ ଅବସରରେ ରାଜଭାଷା କୀର୍ତ୍ତି ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ପିଏନ୍‌ବି ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ପ୍ରଥମ ବିଜେତା ଭାବେ ଉକ୍ତ ପୁରସ୍କାର ଲାଭ କରିଥିଲାବେଳେ ରାଜଭାଷା କୀର୍ତ୍ତି ପୁରସ୍କାରର ୨ୟ ବିଜେତା ପିଏନ୍‌ବି ପ୍ରତିଭା ମାଗାଜିନ ପାଇଁ ହୋଇଥିଲା। ଏହି ଅବସରରେ ପିଏନ୍‌ବିର ଏମ୍‌ଡି ତଥା ସିଇଓ ଅତୁଲ କୁମାର ଗୋଏଲ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ (ସ୍ୱରାଷ୍ଟ୍ର ) ଅଜୟ କୁମାର ମିଶ୍ରାଙ୍କଠାରୁ ଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜଭାଷାର ଉପାଧ୍ୟକ୍ଷ (ଡିସି) ରହିବଂଶ ନାରାୟଣ ସିଂହ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## କ୍ରମ୍ପଟନର ନୂତନ ଉତ୍ପାଦ

ଭୁବନେଶ୍ୱର,୧୫।୯

କ୍ରମ୍ପଟନ ଗ୍ରୀଭ୍‌ସ କନ୍‌ଜ୍ୟୁମର ଇଲେକ୍ଟ୍ରିକାଲ୍ସ ଲିମିଟେଡ୍‌ର ନୂତନ ଉତ୍ପାଦକୁ ନିକଟରେ ସର୍ବଭାରତୀୟ ଉନ୍ମୋଚନ କରାଯାଇଛି। ବିଶେଷକରି କମ୍ପାନୀର ଗ୍ରାଇଣ୍ଡିଂରେ ଆଶ୍ୱସ୍ତ ଦେଉଥିବା ପାୱାର ଟ୍ରେନ୍ ମଟରଚାଳିତ ଡୁରୋ ଇଲାଇଟ ପ୍ଲସ୍, ଡୁରୋ ରୟାଲ, ବୋଲ୍‌ଟମିକ୍ସ ପ୍ରୋ , ବୋଲ୍‌ଟମିକ୍ସ କୁଲକୁ ବଜାର ପ୍ରବେଶ କରାଯାଇଛି। ଏପରିକି ଆଧୁନିକ ଭାରତୀୟ ରୋଷେଇକୁ ପୁନଃ ପରିଭାଷିତ କରିବା ପାଇଁ ପ୍ରସ୍ତୁତ ଏହି ଅତ୍ୟାଧୁନିକ ଗ୍ରାଇଣ୍ଡରର ଆକାର ଏବଂ କାର୍ଯ୍ୟରେ ବିଶେଷତ୍ୱ ରହିଛି। ସେହିଭଳି ଡୁରୋ ରୟାଲ ଏବଂ ବୋଲ୍‌ଟମିକ୍ସ ପରିସର ମୂଳରେ ଏକ ଚିନ୍ତାପୂର୍ବକ ଇଞ୍ଜିନିୟରିଂ କାର୍ଯ୍ୟ କରାଯାଇଥିବା ବେଳେ ଆଧୁନିକ ଭାବେ ଡିଜାଇନ ହୋଇଛି। ଏ ସମ୍ପର୍କରେ କ୍ରମ୍ପଟନ ଗ୍ରୀଭ୍‌ସ କନ୍‌ଜ୍ୟୁମର ଇଲେକ୍ଟ୍ରିକାଲ୍ସ ଲିମିଟେଡ୍‌ର ପିଏଲ୍ ହେଡ୍ (ଛୋଟ ଘରୋଇ ଉପକରଣ) କେତନ ଚୌଧରୀ କହିଥିଲେ, ଘର ରନ୍ଧାର କଳାରେ ବିପ୍ଳବ ଆଣି କ୍ରମ୍ପଟନ ନିରନ୍ତର ଭାବେ ଏହାର ଟେକ୍ନୋଲୋଜିକାଲ ବିଶେଷଜ୍ଞତା ଦ୍ୱାରା ଆଧୁନିକ ରୋଷେଇକୁ ନିର୍ମାଣ କରିଛି।



ଭାରତୀୟ ଜୀବନ ବୀମା ନିଗମ (ଏଲ୍‌ଆଇସି)ର ଲାଭାଂଶ ରାଶିକୁ ନିକଟରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନଙ୍କୁ ଏଲ୍‌ଆଇସି ଅଧ୍ୟକ୍ଷ ସିଦ୍ଧାର୍ଥ ମହାନ୍ତି ପ୍ରଦାନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଏଲ୍‌ଆଇସିର ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି। ଉଲ୍ଲେଖଯୋଗ୍ୟ, ୨୦୨୨-୨୩ ଆର୍ଥିକ ବର୍ଷର ଲାଭାଂଶ ୧୮୩୧.୦୯ କୋଟି ଟଙ୍କାର ଏକ ଚେକ୍ କେନ୍ଦ୍ର ସରକାରଙ୍କ ଉଦ୍ଦେଶ୍ୟରେ ଅର୍ଥମନ୍ତ୍ରୀ ସୀତାରାମନଙ୍କୁ ଏଲ୍‌ଆଇସି ପକ୍ଷରୁ ଦିଆଯାଇଛି।

## ଷ୍ଟେନ୍‌ଲେସ୍ ଷ୍ଟିଲ୍ ଶିଳ୍ପ ବୃଦ୍ଧିକୁ ଗୁରୁତ୍ୱ

ଭୁବନେଶ୍ୱର,୧୫।୯



ମୁମ୍ବାଇଠାରେ ଆୟୋଜିତ ଗ୍ଲୋବାଲ ଷ୍ଟେନ୍‌ଲେସ୍-ଷ୍ଟିଲ୍ ଏକ୍ସପୋ-୨୦୨୩ (ଜିଏସ୍‌ଏସ୍‌ଇ୨୦୨୩)ର ଉଦ୍‌ଘାଟନ ଅବସରରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଓଡ଼ିଶା ସରକାରଙ୍କ ଶିଳ୍ପ ବିଭାଗର ପ୍ରମୁଖ ଶାସନ ସଚିବ ହେମନ୍ତ ଶର୍ମା ଏକ ମହତ୍ତ୍ୱପୂର୍ଣ୍ଣ ଘୋଷଣା କରିଛନ୍ତି। ବିଶେଷକରି ରାଜ୍ୟ ମଧ୍ୟରେ ଷ୍ଟେନ୍‌ଲେସ୍ ଷ୍ଟିଲ୍ ଶିଳ୍ପ ବୃଦ୍ଧିକୁ ଗୁରୁତ୍ୱ ପ୍ରଦାନ ସହ ଓଡ଼ିଶା ସରକାର ଏକ ସ୍ୱତନ୍ତ୍ର ସବ୍‌ସିଡି ଯୋଜନା ମଧ୍ୟ ପ୍ରଣୟନ କରିଛନ୍ତି ବୋଲି ଶର୍ମା କହଛନ୍ତି। ଉଲ୍ଲେଖଯୋଗ୍ୟ, ଜିଏସ୍‌ଏସ୍‌ଇ-୨୦୨୩ ଉଦ୍‌ଘାଟନୀ ଉତ୍ସବରେ ହେମନ୍ତ ଶର୍ମାଙ୍କ ସମେତ ଜିନ୍ଦଲ ଷ୍ଟେନ୍‌ଲେସ୍ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ, ଜିଏସ୍‌ଏସ୍‌ଇ ପରିଚାଳନା କମିଟିର ସଦସ୍ୟ ତଥା ଇସ୍ପାତ ମନ୍ତ୍ରଣାଳୟର ପୂର୍ବତନ ସଚିବ ଡ. ଅରୁଣା ଶର୍ମା ଏବଂ ଭିରଗୋ କମ୍ୟୁନିକେଶନ ଏବଂ ଏକ୍ସିଜିବିସନର ନିର୍ଦ୍ଦେଶିକା ଅନୀଥା ରଘୁନାଥ ପ୍ରମୁଖଙ୍କ ଦ୍ୱାରା ପ୍ରଦର୍ଶନୀ ଉଦ୍‌ଘାଟିତ ହୋଇଥିଲା। ଏ ସମ୍ପର୍କରେ ଜିନ୍ଦଲ ଷ୍ଟେନ୍‌ଲେସ୍‌ର ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ କହିଛନ୍ତି, ଷ୍ଟେନ୍‌ଲେସ୍ ଷ୍ଟିଲ୍ ସର୍ବତ୍ର ଅଛି ବୋଲି କହିବା ଅତ୍ୟୁକ୍ତି ହେବ ନାହିଁ ଏବଂ ଜି ୨୦ ପରି ଏକ ବଡ଼ କାର୍ଯ୍ୟକ୍ରମ ପାଇଁ ଷ୍ଟେନ୍‌ଲେସ୍ ଷ୍ଟିଲ୍‌ର ବ୍ୟବହାର ରାସ୍ତାର ଶୋଭା ବଢ଼ାଇଛି। ସେହିଭଳି ହେମନ୍ତ ଶର୍ମା କହିଛନ୍ତି, ଷ୍ଟେନ୍‌ଲେସ୍ ଷ୍ଟିଲ୍ ଏବଂ ଖଣିଜ କ୍ଷେତ୍ର ପାଇଁ ଓଡ଼ିଶା ଉଲ୍ଲେଖନୀୟ ଅବଦାନ ଦେଉଛି। ଭାରତରେ ଲୁହାପଥର ଏବଂ ବକ୍ସାଇଟ୍‌ର ଏକ ବୃହତମ ଉତ୍ପାଦକ ହେବା ପ୍ରକୃତରେ ଏକ ଉଲ୍ଲେଖନୀୟ ସଫଳତା ।

ଉକ୍ତ କାର୍ଯ୍ୟକ୍ରମରେ ଇସ୍ପାତ ମେଣ୍ଟ ଦ୍ୱାରା 'ଭାରତର ଅମୃତ କାଳ' ଶୀର୍ଷକ ଷ୍ଟେନ୍‌ଲେସ୍ ଷ୍ଟିଲ୍ ବିଷୟ ଉପରେ ଏକ ସ୍ୱତନ୍ତ୍ର ରିପୋର୍ଟ ଉନ୍ମୋଚିତ ହୋଇଛି।


**OFFICE OF THE DIVISIONAL FOREST OFFICER, ATHMALLIK FOREST DIVISION**
**AT/PO: ATHMALLIK, DIST- ANGUL - 759125**
E-mail: dfoathmallikt@gmail.com, Tel: 9437004236
Tender Notice No.5524/1F/ 2023 Date:15.09.2023
Tender Notice No.5525/1F/ 2023 Date: 15.09.2023

**Revised Short Tender Notice for Construction of Forest Guard Quarters at Bipradihi and Dhandatopa under Dhandatopa Range, Athmallik Forest Division.**

**No.MM-160:** Sealed Tender is hereby invited by the undersigned on behalf of the Governor, of Odisha, for the following works from the eligible contractor as detail below.
**1. Name of the work: Construction of Forest Guard Quarter at Bipradihi/ Dhandatopa under Dhandatopa Range, Athmallik Forest Division.**

| Sl No. | Name of Work | Tender Notice No. | Estimated Cost | Plinth Area |
|---|---|---|---|---|
| 1 | Construction of Forest Guard Quarter at Bipradihi | 5524/1F/2023 Dt.15.09.2023 | 16.29 | 626 Sq. Ft. |
| 2 | Construction of Forest Guard Quarter at Dhandatopa | 5525/1F/2023 Dt.15.09.2023 | 16.29 | 626 Sq. Ft. |

2. **Place of Work:** Athmallik Forest Division, 3. **Period of Completion**: 90 Days. 4. Commencement of download RFP document on website: **www.odishaforest.in** Dt. 16.09.2023 Time: 11.00A.M. 5. **Last Date of bid submission (by messenger/courier/post)**: Dt.30.09.2023 up to 01.00 P.M., Office of the Divisional Forest Officer, Athmallik Division, PO/PS-Athmallik, Pin-759125, Dist .Angul. 6. **Date of General & Technical and Financial Bid opening**: Dt.30.09.2023 Time:04.00 P.M. Office of the Divisional Forest Officer, Athmallik Division, PO/PS- Athmallik, Pin759125, Dist.- Angul. 7. **RFP document Cost (Non-refundable):** Rs.1,000/- By DD issued by Nationalized Bank in favour of the Divisional Forest Officer, Athmallik Division, Payable at Athmallik for each work. 8. **Address for Bid submission-** Office of DFO, Athmallik Division, PO/PS-Athmallik, Pin-759125, Dist.- Angul. 9. **EMD (Refundable):** Rs. 20,000/- By DD issued by Nationalized Bank in favour of the Divisional forest Officer, Athmallik Division, Payable at Athmallik for each work. 10. **Bid validity period:** 4 Months from the last date of submission of Bid. 11. Latest Tender document and addendum/corrigendum, if any, will be published at the website www.odishaforest.in. 12. **Disclaimer:** Notwithstanding anything else contained to the contrary in this tender document, DFO Athmallik reserves the right to cancel/ withdraw/ modify fully or partially the "Invitation of Bids" or to reject one or more of the bids without assigning any reason and shall bear no liability whatsoever consequent upon such a decision.

**OIPR-08125/11/0003/2324** **Sd./- Divisional Forest Officer, Athmallik Division**



**OFFICE OF THE PANCHAYAT SAMITI POTTANGI, DISTRICT: KORAPUT (ODISHA)**
**No. 2628/2023** **Date: 14.09.2023**
**TENDER CALL NOTICE**
No. i-378: Sealed tenders are invited from the registered contractors for execution of 02 (Two) Nos. of works under Panchayat Samiti, Pottangi, District: Koraput (Odisha). The detailed information of which are available in Koraput District website **http://www.koraput.nic.in** & in DRDA website **http://www.drdakoraput.org**.
The tender documents will be available in the website and can be downloaded from Dt.15.09.2023 to Dt.26.09.2023. Last date of receipt of tender papers is 26.09.2023 (upto 5.00 P.M.) only through Speed Post/ Registered Post.
**Sd./- Block Development Officer, Pottangi**
**OIPR-19019/11/0006/2324**



**ODISHA STATE ROAD TRANSPORT CORPORATION, BHUBANESWAR**
**No. 3250/OSRTC/TOE-190/2023** **Dt. 15.09.2023**
**WALK-IN-INTERVIEW**
No. CAD-2105: Odisha State Road Transport Corporation (OSRTC) is looking for professionals with experience in Company Secretary for engagement on short term contract basis. The engagement is purely temporary and contract basis for a period of one year subject to further extension of maximum period of three years of engagement based on performance and requirement by OSRTC.
The details of required qualification, experience, terms and conditions of engagement and application procedure are available in the OSRTC official website i.e. **osrtccorp@gmail.com**
**The last date of application is 25.09.2023.**
Application window shall be opened from 16.09.2023 to 25.09.2023.
Intending eligible candidates are advised to send their updated resumes on **osrtccorp@gmail.com**.
The eligible candidates shall be shortlisted and called for a personal interview for selection.
By Order of the Chairman-cum-Managing Director
**Sd./- General Manager (A), OSRTC**
**OIPR-38002/11/0005/2324**



**Government of Odisha**
**Higher Education Department**
**Timeline for waiting list admission round for B.Ed./ M.Ed. Courses under SAMS for the Academic Session 2023-24**
**No.N-72:** Timeline for waiting list admission round for admission into B.Ed./ M.Ed. courses for the Academic year 2023-24 under SAMS is given below. Any change in the timeline will be published on the website https://te.samsodisha.gov.in/.

| Sl# | Activities | Timeline |
|---|---|---|
| 1 | Publication of waiting list applicants in HEI's e-Space (Thirty (30) times the actual vacancy as on 11-09-2023) | 15th-Sep-2023 **(05:00 PM)** |
| 2 | Reporting of waitlisted applicants for submission of CAF along with relevant documents for participating in the waiting list admission round | 18-Sep-2023 **(10:00 AM)** & 21 -Sep-2023 **(05:00 PM)** |
| 3 | Publication of merit list among the reported waitlisted applicants at their Notice Board & inform them via Call/SMS by the HEIs | 23-Sep-2023 **(02:00 PM)** |
| 4 | Reporting of waitlisted applicants to take admission in the one selected HEI, where the admission fees will be deposited directly at the HEIs | 25-Sep-2023 to 27-Sep-2023 **(10.00 AM to 05.00PM)** |
| 5 | Admission Updation of the selected waitlisted student's data by the HEIs in their e-Space | **28-Sep-2023 (Till 09.00 PM)** |

**Important Notice**
- Please go through the detailed guidelines for waiting list admission round for the remaining vacant seats into B.Ed./ M.Ed. Courses available in the SAMS T.E. portal.
- The applicants are also instructed to visit the Notice board of the respective Institutions where they have reported, to know their selection status.

**Sd./- Deputy Director**
**OIPR-11001/11/0034/2324** **PTC Section**


See Career Appointment on every Wednesday & Saturday


**OFFICE OF THE DEAN & PRINCIPAL**
**MAHARAJA KRISHNA CHANDRA GAJAPATI MEDICAL COLLEGE, BRAHMAPUR, 760004, GANJAM, ORISSA**
**Tel: 0680-2292746//email:mkcgmc.bam@gmail.com/**
**Website: www.mkcgmch.org**
**No.9185/Welfare/2023/** **Dt.14.09.23**
**WALK IN INTERVIEW**
**No.E-418:** Applications are invited for eligible candidates for engagement of **JUNIOR RESIDENT** at MKCG Medical College, Berhampur. Interested candidates fulfilling the eligibility criteria can apply for the above post through the link provided in the website within the stipulated date & time i.e by **23.9.2023 5 PM.** The details are available in the website www.mkcgmch.org. The walk in interview will be held on **25.09.2023 at 11.30 AM.**
**Sd./- Dean & Principal,**
**OIPR-10013/11/0016/2324** **M.K.C.G. Medical College, Berhampur**



**OFFICE OF THE DEAN & PRINCIPAL**
**SAHEED RENDO MAJHI MEDICAL COLLEGE & HOSPITAL, BHAWANIPATNA, KALAHANDI**
**At; Bhangabari, P.O.: Uditnarayanpur, Bhawanipatna, Dist.: Kalahandi, PIN - 766002,**
**Email: bptmedicalcollege@gmail.com**
**Advertisement No. 1649** **Date: 14.09.2023**
**Expression of Interest for Supply of Stationary Items/Computer Peripherals/Printing Materials**
No. E-419: Sealed Expression of Interests are invited from suppliers/agencies/traders/ persons for supply of **Stationary Items/Computer Peripherals/Printing Materials** to Dean & Principal SRM MCH, Bhawanipatna, Kalahandi for a period of one year on annual rate contract basis. Details regardding supply as per need and term & conditions may be downloaded from the website **https://srmmch.odisha.gov.in/** and **www.kalahandi.nic.in**. The tender should reach the undersigned on or before 25.09.2023 by 05.00 P.M. through Speed Post/Regd. Post/Courier Services only superscribing with "EXPRESSION OF INTEREST FOR SUPPLY OF PRINTING MATERIAL, UNDER IEC/BCC ACTIVITIES". Bid will be opened at 4.00 P.M. on 26.09.2023. The undersigned reserves the right to reject any or all the bids without assigning any reason thereof.
**Sd./- Dean & Principal**
**OIPR-10229/11/0005/2324** **SRM MCH Bhawanipatna, Kalahandi**



idco Your power to grow ISO 9001 & 14001 Corporation | ODISHA NEW OPPORTUNITIES
**No.CAD-2086:**
**OFFICE OF THE DIVISIONAL HEAD, BCD-1, IDCO, IDCO TOWER, BHUBANESWAR**
**Bid Identification No. BCD-1/Estt.-24/2023**
**QCN.No.2446, Dt.12.09.2023**
**QUOTATION CALL NOTICE THROUGH e-Procurement**
1. **Name of the Work:** Supply & Installation of different Godrej make Lab Furniture & Fixtures (Test Bench & Storage Cupboard) for WSC at Mancheswar I.E., Bhubaneswar.
2. Period of Completion: 01 (One) Calendar Month.
3. Availability of tender online for bidding:
I. Start Date: 18.00 Hours of dt.22.09.2023
II. End Date: 15.00 Hours of dt.06.10.2023
III. Opening Date: 16.00 Hours of dt.06.10.2023
Quotation details can be seen from the e-procurement portal. www.tendersorissa.gov.in. Corrigendum or Addendum if any will not be published in newspapers and can be seen in e-procurement portal as well as in IDCO website.
**Sd./- Divisional Head,**
**OIPR-14003/11/0216/2324** **BCD-I, IDCO, Bhubaneswar**



**ODISHA STAFF SELECTION COMMISSION**
**Unit - II, Bhubaneswar - 751012**
**No.: OSSC-EXAM-RECRT-0014-2023-3717/OSSC** **Date: 15.09.2023**
**Corrigendum to Advertisement No. 3438/OSSC Dated: 23.08.2023**
**Subject: Corrigendum to the advertisement for recruitment to the Post of Pharmacist under different Departments/HoDs - 2023.**
No. T-85: Pursuant to the Commission's Advertisement No. 3438/ OSSC dated 23.08.2023, Notice No. 3481/OSSC dated 29.08.2023, the following revision/Corrigendum is made in the below-mentioned Clauses of the Advertisement for information of all concerned relating to the advertisement published for recruitment to the post of Pharmacist under different Departments/HoDs - 2023.
1. Clause - 3(b) (1) - Minimum Educational Qualification (Pharmacist under Directorate of Prisons and Correctional Services, Odisha) of the Advertisement the following clause is inserted:
"Candidates with a Bachelor in Pharmacy (B-Pharm) for the post of Pharmacist are eligible to apply for the post of Pharmacist under Directorate of Prisons and Correctional Services, Odisha".
2. All other terms and conditions of the advertisement remain unaltered.

OSSC-EXAM-RECRT-0014-2023/01/2023
**By Order of the Commission**
**Sd./- Secretary**
**OIPR-09005/11/0068/2324**

ଧରିତ୍ରୀ DHARITRI

www.orissakhabar.com/ www.dharitri.com | ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶନିବାର, ସେପ୍ଟେମ୍ବର ୧୬/୨୦୨୩ | Bhubaneswar, | Saturday, September 16/ 2023



ବାରବାଟୀ ଷ୍ଟାଡିୟମରେ ଶୁକ୍ରବାର ଭୈରବ ଚନ୍ଦ୍ର ମହାନ୍ତି ମେମୋରିଆଲ ଟି୨୦ କ୍ରିକେଟ ଟୁର୍ନାମେଣ୍ଟର ଉଦ୍‌ଘାଟନୀ ଉତ୍ସବରେ ଓଡ଼ିଶା ଖେଳାଳିଙ୍କ ସହ ଅତିଥିମାନେ।

# ଗିଲ୍‌ଙ୍କ ଶତକ ସତ୍ତ୍ୱେ ଭାରତ ପରାସ୍ତ

**କଲମ୍ବୋ, ୧୫।୯**

ଶୁବମନ ଗିଲଙ୍କ ଲଢୁଆ ଶତକ ସତ୍ତ୍ୱେ ଭାରତ ଚଳିତ ଏସିଆ କପ୍ କ୍ରିକେଟ ଟୁର୍ନାମେଣ୍ଟର ଶୁକ୍ରବାର ଅନୁଷ୍ଠିତ ଅନ୍ତିମ ସୁପର-୪ ମ୍ୟାଚରେ ବାଂଲାଦେଶଠାରୁ ୬ ରନରେ ହାରି ଯାଇଛି। ବାଂଲାଦେଶ ୫୦ ଓଭରରେ ୮ ଉଇକେଟ ହରାଇ ୨୬୫ ରନ କରିଥିଲା। ଜବାବରେ ଭାରତ ୪୯.୫ ଓଭରରେ ୨୫୯ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା। ତେବେ ଏହି ପରାଜୟ ଭାରତର ଫାଇନାଲ ଖେଳିବାରେ ପ୍ରତିବନ୍ଧକ ସାଜିନାହିଁ। ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଫାଇନାଲ ରବିବାର ଅନୁଷ୍ଠିତ ହେବ।

ବାଂଲାଦେଶ ଶାକିବ ଅଲ୍ ହାସନଙ୍କ ୮୦ (୬ ଚୌକା, ୩ ଛକା) ଏବଂ ତୌହିଦ ହ୍ରିଦୟଙ୍କ ୫୪ ରନ ବଳରେ ସମ୍ମାନ ଜନକ ସ୍କୋର କରିଥିଲା। ଜାଡେଜା ଦିନିକିଆରେ ୨୦୦ ଉଇକେଟ ପୂରଣ କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ବାଂଲାଦେଶ ୫୦ ଓଭରରେ ୨୬୫/୮ (ଶାକିବ ଅଲ୍ ହାସନ-୮୦, ତୌହିଦ ହ୍ରିଦୟ-୫୪, ନସୁମ ଅହମଦ-୪୪, ଶାର୍ଦ୍ଦୂଳ ଠାକୁର-୩/୬୫, ମହମ୍ମଦ ଶାମି-୨/୩୨, ପ୍ରସିଦ୍ଧ କ୍ରିଷ୍ଣା-୧/୪୩, ଅକ୍ଷର ପଟେଲ-୧/୪୭, ରବୀନ୍ଦ୍ର ଜାଡେଜା-୧/୫୩)। ଭାରତ ୪୯.୫ ଓଭରରେ ୨୫୯/ଅଲ୍‌ଆଉଟ (ଶୁବମନ ଗିଲ୍-୧୨୧, ଅକ୍ଷର ପଟେଲ-୪୨, ମୁସ୍ତାଫିଜୁର ରହମନ-୩/୫୦, ତନଜିମ ହାସନ ସକିବ-୨/୩୨, ମେହେଦି ହାସନ-୨/୫୦, ଶାକିବ ଅଲ୍ ହାସନ-୧/୪୩, ମେହେଦି ହାସନ ମିରାଜ-୧/୨୯)।



ଶତକ ହାସଲ ପରେ ଶୁବମନ ଗିଲ୍।

# ଉତ୍ତର ପ୍ରଦେଶ ଚାମ୍ପିୟନ

**ଭୁବନେଶ୍ୱର, ୧୫।୯**
**(ବିଜୟ ରଣା)**

ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ, ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ଏବଂ ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍)ର ମିଳିତ ଆନୁକୂଲ୍ୟରେ ଚାଲିଥିବା ଜାତୀୟ ଜୁନିୟର ବାଳକ ଫୁଟ୍‌ବଲ ଚାମ୍ପିୟନଶିପ୍ ବି.ସି. ରୟ ଟ୍ରଫି ୨୦୨୩ର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୧୬ଟି ରାଜ୍ୟ ଦଳ ଭାଗ ନେଇଥିଲେ। ସ୍ଥାନୀୟ କ୍ୟାପିଟାଲ ଫୁଟ୍‌ବଲ ଆରେନାଠାରେ ଶୁକ୍ରବାର ଅନୁଷ୍ଠିତ ଫାଇନାଲ ମ୍ୟାଚରେ ପଶ୍ଚିମବଙ୍ଗକୁ ୨-୧ ଗୋଲ୍‌ରେ ପରାସ୍ତ କରି ଉତ୍ତର ପ୍ରଦେଶ ଚାମ୍ପିୟନ ହୋଇଛି। ବିଜୟୀ ଦଳ ପକ୍ଷରୁ ନିରଞ୍ଜନ ଜଙ୍ଗ ଶାହି (୩୧ତମ ମିନିଟ) ଓ କୁଲଦୀପ ସିଂ (୮୦ତମ) ଗୋଟିଏ ଲେଖାଏଁ ଗୋଲ୍ ଦେଇଥିବା ବେଳେ ପଶ୍ଚିମବଙ୍ଗ ପକ୍ଷରୁ ତନବୀର ଦେ ଏକମାତ୍ର ଗୋଲ୍ ୭୦ତମ ମିନିଟ୍‌ରେ ସ୍କୋର କରିଥିଲେ। ଏହି ଉପଲକ୍ଷେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସ ମୁଖ୍ୟଅତିଥି ଏବଂ ବିଭାଗୀୟ ଯୁଗ୍ମ ସଚିବ ବିଜୟାନନ୍ଦ ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଫାଓର କର୍ମକର୍ତ୍ତାଗଣ ଯଥା ଉପସଭାପତି ବିଜୟ ଦାସ ଓ ଦିଲୀପ କୁମାର ସାହୁ, ଯୁଗ୍ମ ସମ୍ପାଦକ ଅଭିଜିତ ପାଲ୍ ଓ ଶହିଦ ଜବାର, ବୈଷୟିକ ନିର୍ଦ୍ଦେଶକ ସୁରଜିତ ଘୋଷ ଏବଂ ସଦସ୍ୟବୃନ୍ଦ ଉପସ୍ଥିତ ଥିଲେ।



ବି.ସି. ରୟ ଟ୍ରଫି ଚାମ୍ପିୟନ ଉତ୍ତର ପ୍ରଦେଶ ଦଳର ଖେଳାଳିମାନେ ଅତିଥିଙ୍କ ଗହଣରେ।

# ଆଶିଷ ସ୍ମାରକୀ ୧୦ ରେଡ୍ ସ୍ନୁକର

**ଭୁବନେଶ୍ୱର, ୧୫।୯**
**(ତପନ ସ୍ୱାଇଁ)**

ଆଶିଷ ପଣ୍ଡା ସ୍ମାରକୀ ଅଲ୍ ଓଡ଼ିଶା ସ୍ନୁକର ଚାମ୍ପିୟନଶିପ୍‌ର ପ୍ରି-କ୍ୱାର୍ଟର ଫାଇନାଲ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହାର ଏକ ମ୍ୟାଚରେ ପ୍ରଭାବୀ ପ୍ରଦର୍ଶନ କରି ଶାରଦା ବେହେରା ତାରକା ଖେଳାଳି ଜୀତେନ ଷଡ଼ଙ୍ଗୀଙ୍କୁ ୩-୦ରେ ହରାଇ ଦେଇଛନ୍ତି। ଅନ୍ୟ ମ୍ୟାଚ ଗୁଡ଼ିକ ମଧ୍ୟରେ ରାକେଶ ରୋଶନ ପ୍ରଧାନ ୩-୦ରେ ଅମିୟ ନାୟକ, ଅନୁଜ ପଣ୍ଡା ୩-୧ରେ ସୁଦୀପ ଦାଶ, ସିଦ୍ଧାର୍ଥ ସେନ୍ ୩-୦ରେ ରଣଜୀତ ପତି, ନିଶାନ୍ତ ବିଶ୍ୱାଳ ୩-୦ରେ ଆକ୍ରମ ଖାଁ ଓ ଆକାଶ ମହାପାତ୍ର ୩-୧ରେ କୁନାଲ ଅଗ୍ରୱାଲଙ୍କୁ ପରାସ୍ତ କରିଛନ୍ତି।

# ହିମାଚଳକୁ ହରାଇଲା ହାଇଦ୍ରାବାଦ

**କଟକ, ୧୫।୯**
**(ସୁପ୍ରିୟା ପ୍ରିୟଦର୍ଶିନୀ)**

ବାରବାଟୀ ଷ୍ଟାଡିୟମରେ ଶୁକ୍ରବାର ଆରମ୍ଭ ହୋଇଛି ଭୈରବ ଚନ୍ଦ୍ର ମହାନ୍ତି ମେମୋରିଆଲ ଟି୨୦ କ୍ରିକେଟ ଟୁର୍ନାମେଣ୍ଟ। ସନ୍ଧ୍ୟାରେ ଷ୍ଟାଡିୟମ ପରିସରରେ ଉଦ୍‌ଘାଟନୀ ଉତ୍ସବ ଆୟୋଜନ କରାଯାଇଥିଲା। ସ୍ୱର୍ଗତ ଭୈରବ ଚନ୍ଦ୍ର ମହାନ୍ତିଙ୍କ ପୁତ୍ର ଡ. ଖାରବେଳ ମହାନ୍ତି ଓ ବରିଷ୍ଠ କ୍ରୀଡ଼ା ସଙ୍ଗଠକ ଆଶୀର୍ବାଦ ବେହେରା ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇଥିଲେ। ଓଡ଼ିଶା କ୍ରିକେଟ ଆସୋସିଏଶନ ସଭାପତି ପ୍ରଣବ ପ୍ରକାଶ ଦାସ, ଉପସଭାପତି ପଙ୍କଜ ଲୋଚନ ମହାନ୍ତି, ସମ୍ପାଦକ ସଞ୍ଜୟ ବେହେରା, ଯୁଗ୍ମ ସମ୍ପାଦକ ପ୍ରଭାତ ଭୋଳ, କୋଷାଧ୍ୟକ୍ଷ ବିକାଶ ପ୍ରଧାନ, ଆପେକ୍ସ କାଉନସିଲ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନ ଅନ୍ୟତମ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ସ୍ୱର୍ଗତ ମହାନ୍ତିଙ୍କ ଫଟୋରେ ମାଲ୍ୟାର୍ପଣ କରାଯିବା ସହ ସ୍ମୃତିଚାରଣ କରାଯାଇଥିଲା।

ଟୁର୍ନାମେଣ୍ଟର ପ୍ରଥମ ମ୍ୟାଚ୍‌ରେ ହାଇଦ୍ରାବାଦ ୭ ଉଇକେଟରେ ହିମାଚଳ ପ୍ରଦେଶକୁ ପରାସ୍ତ କରିଛି। ହାଇଦ୍ରାବାଦ ଅଧିନାୟକ ତନ୍ମୟ ଅଗ୍ରୱାଲ ଟସ୍ ଜିତି ହିମାଚଳକୁ ବ୍ୟାଟିଂ ଆମନ୍ତ୍ରଣ କରିଥିଲେ। ମୟଙ୍କ ଡଗରଙ୍କ ନେତୃତ୍ୱାଧୀନ ହିମାଚଳପ୍ରଦେଶ ସମସ୍ତ ଉଇକେଟ ହରାଇ ୧୨୪ରନ କରିଥିଲା। ଇନେଶ ମହାଜନ ସର୍ବାଧିକ ୪୫ରନ କରିଥିଲେ। ହାଇଦ୍ରାବାଦ ପକ୍ଷରୁ ଟି. ରବି ତେଜା ୪ଟି, ରକ୍ଷଣ ରେଡ୍ଡୀ ୩ଟି, ଜି. ଅନିକେତ ରେଡ୍ଡୀ ୨ଟି ଏବଂ ତନୟ ତ୍ୟାଗରାଜନ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।

**ବିସି ମହାନ୍ତି ସ୍ମାରକୀ ଟି୨୦ ଟୁର୍ନାମେଣ୍ଟ ଉଦ୍‌ଘାଟିତ**

ରୋହିତ ରାୟୁଡୁ ୮୦ ରନର ଦ୍ରୁତ ଇନିଂସ୍ ଖେଳି ହାଇଦ୍ରାବାଦକୁ ପ୍ରଥମ ବିଜୟ ପ୍ରଦାନ କରିଥିଲେ। ୪୬ଟି ବଲରୁ ୬ଟି ଚୌକା ଏବଂ ୫ଟି ଛକା ସହାୟତାରେ ସେ ଏହି ମ୍ୟାଚ ବିଜୟୀ ଅର୍ଦ୍ଧଶତକୀୟ ଇନିଂସ୍ ଖେଳିଥିଲେ। ୧୫.୨ ଓଭରରେ ୩ ଉଇକେଟ ହରାଇ ହାଇଦ୍ରାବାଦ୍ ମ୍ୟାଚ୍ ଜିତିଥିଲା। ପ୍ରକାଶଥାଉକି, ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ପକ୍ଷରୁ ଆୟୋଜିତ ଏହି ଟର୍ନାମେଣ୍ଟର ପ୍ରାୟୋଜକ ହେଉଛି ଏମ୍‌ଜିଏମ୍ ମିନେରାଲ୍ସ ଲିମିଟେଡ୍। ମୋଟ୍ ୮ଟି ଦଳକୁ ନେଇ ଏହି ଟୁର୍ନାମେଣ୍ଟ ଖେଳାଯାଉଛି।

# ଆନ୍ତଃ ସ୍କୁଲ ଫୁଟ୍‌ବଲ: କିସ୍ ଚାମ୍ପିୟନ



ଅତିଥିଙ୍କଠାରୁ ଟ୍ରଫି ଗ୍ରହଣ ଅବସରରେ ଚାମ୍ପିୟନ କିସ୍ ଦଳର ଖେଳାଳି।

**ଭୁବନେଶ୍ୱର, ୧୫।୯**
**(ତପନ ସ୍ୱାଇଁ)**

ୟୁନିଟ-୬ ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ଆୟୋଜିତ ଜୟନ୍ତ ମହାପାତ୍ର ସ୍ମାରକୀ ଆନ୍ତଃ ସ୍କୁଲ ଫୁଟବଲ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଛି। ଏହାର ଫାଇନାଲରେ କିସ୍ ସ୍କୁଲ ୧-୦ ଗୋଲରେ ୟୁନିଟ-୩ କ୍ୟାପିଟାଲ ହାଇସ୍କୁଲକୁ ହରାଇ ଚାମ୍ପିୟନ ହୋଇଛି। ମ୍ୟାଚଟି ତୀବ୍ର ସଂଘର୍ଷପୂର୍ଣ୍ଣ ହୋଇଥିଲା। ତେବେ ମ୍ୟାଚର ୧୩ଶ ମିନିଟରେ କିସ୍‌ର ଅଭିଷେକ ଓରାମ ସ୍କୋର କରିଥିବା ଗୋଲଟି ଶେଷରେ ନିର୍ଣ୍ଣାୟକ ହୋଇଥିଲା। ପ୍ରଭାବୀ ପ୍ରଦର୍ଶନ ପାଇଁ କିସ୍‌ର ଗୋବିନ୍ଦ୍ର ହେମ୍ବ୍ରମ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପାଇଥିଲେ। ଏହା ବ୍ୟତୀତ ଶ୍ରେଷ୍ଠ ଗୋଲକିପର, ଡିଫେଣ୍ଡର, ମିଡ୍ ଫିଲ୍ଡର ଓ ଫରୱାର୍ଡ ଭାବେ ସତ୍ୟମ ସିଂ, କହ୍ନର ଟୁଡୁ, ଅଭିଷେକ ଓରାମ ଏବଂ ଅମର ସମଦ ପୁରସ୍କୃତ ହୋଇଥିଲେ। ପ୍ରତିଯୋଗିତାରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ପରତୁଆଲ ଟେଟେ ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ ପୁରସ୍କାର ପାଇଥିଲେ। ଉଦ୍‌ଯାପନୀ ଉତ୍ସବରେ ବିଧାୟକ ଅନନ୍ତ ନାରାୟଣ ଜେନା, ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ ସଭାପତି ତଥା ବିଧାୟକ ସୁରେଶ କୁମାର ରାଉତରାୟ, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା, ୟୁନିଟ-୬ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରୁପାଲି ସେନାପତି, କର୍ପୋରେଟର ପୁଷ୍ପା ରାଉତ, ୟୁନିଟ-୬ ଆଲୁମନିର ଚେୟାରମ୍ୟାନ ସୂର୍ଯ୍ୟ ନାରାୟଣ ଦାସ ଓ ସାମାଜିକ କର୍ମୀ ମଧୁସୂଦନ ରେଡ୍ଡୀ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଆୟୋଜକ ଆସୋସିଏଶନ ଉପଦେଷ୍ଟା ତଥା ବିଧାୟକ ପଦ୍ମନାଭ ବେହେରା, ସଭାପତି ତପନ କୁମାର ମହାନ୍ତି ଓ ସମ୍ପାଦକ ଦିଲୀପ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଅଲିମ୍ପିକ ଓ ଆଥ୍‌ଲେଟିକ ସଂଘର କାଉନସିଲ ବୈଠକ

**କଟକ, ୧୫।୯**
**(ସୁପ୍ରିୟା ପ୍ରିୟଦର୍ଶିନୀ)**

ବାରବାଟୀ ଷ୍ଟାଡିୟମ ଗେଷ୍ଟ ହାଉସ୍‌ରେ ଓଡ଼ିଶା ଅଲିମ୍ପିକ ସଂଘର କାଉନସିଲ ବୈଠକ ସଭାପତି ଜଗମୋହନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୨୦୨୨-୨୩ ବର୍ଷର ଆୟବ୍ୟୟ ରିପୋର୍ଟ ଉପସ୍ଥାପନ କରାଯାଇଥିଲା। ଗତ ବର୍ଷର ଆୟବ୍ୟୟ ୨ କୋଟି ୮୨ ଲକ୍ଷ ୮୩ହଜାର ୧୭୩ ଟଙ୍କା ସର୍ବସମ୍ମତି କ୍ରମେ ଗୃହୀତ ହୋଇଥିଲା। ୨୦୨୩-୨୪ ବର୍ଷର ବଜେଟ ହେଉଛି ୪ କୋଟି ୮୩ଲକ୍ଷ ୯୯ହଜାର ୫୨୮ ଟଙ୍କା। ଉକ୍ତ ରିପୋର୍ଟ ଅନୁମୋଦନ ଲାଭ କରିଥିବା ବେଳେ ସଂଘର ଆସନ୍ତା ସାଧାରଣ ପରିଷଦ ବୈଠକରେ ଏ ନେଇ ଆଲୋଚନା କରାଯିବ। ଅକ୍ଟୋବର ୧୫ରେ ସଂଘର ସାଧାରଣ ପରିଷଦ ବୈଠକ ହେବ। କାଉନସିଲ ବୈଠକରେ ସାଧାରଣ ସମ୍ପାଦକ ଅଭିଜିତ ପାଲ, ଉପସଭାପତି ନଳିନୀ କୁମାର ଦାସ, ଅନୁପ କୁମାର ପାତ୍ର, ଯୁଗ୍ମ ସମ୍ପାଦକ ଅଶୋକ କୁମାର ସାହୁ, ପ୍ରଭାତ କୁମାର ଭୋଳ, କୋଷାଧ୍ୟକ୍ଷ ଅଧୀପ ଦାସଙ୍କ ସମେତ କାଉନସିଲ ସଦସ୍ୟ ଉପସ୍ଥିତ ଥିଲେ। ସେହିପରି ଜନାର୍ଦ୍ଦନ ଦାସଙ୍କ ଅଧ୍ୟକ୍ଷତାରେ ଓଡ଼ିଶା ଆଥ୍‌ଲେଟିକ ସଂଘର କାଉନସିଲ ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ସମ୍ପାଦକ ଆଶୀର୍ବାଦ ବେହେରା, ଉପସଭାପତି ତାପସ କୁମାର ରାୟ, ଯୁଗ୍ମ ସମ୍ପାଦକ ଅଶୋକ କୁମାର ସାହୁ, ରବି ନାୟକ, କୋଷାଧ୍ୟକ୍ଷ ରବି ଶଙ୍କର ପ୍ରତିହାରୀ ପ୍ରମୁଖ ଯୋଗ ଦେଇଥିଲେ।

# ସର୍ବଭାରତୀୟ ଟେନିସ: ସାନ୍‌ଭି ଚାମ୍ପିୟନ



ପୁରସ୍କାର ସହ ସାନ୍‌ଭି ମହାନ୍ତି।

**ଭୁବନେଶ୍ୱର, ୧୫।୯**
**(ତପନ ସ୍ୱାଇଁ)**

ଖୋର୍ଦ୍ଧା ବରୁଣେଇସ୍ଥିତ କେଟି ଗ୍ଲୋବାଲ ସ୍କୁଲ ପରିସରରେ ଅନୁଷ୍ଠିତ ଏଆଇଟିଏ ୧୪ ବର୍ଷରୁ କମ୍ ଚ୍ୟାଲେଞ୍ଜ ସିରିଜ ଟେନିସ ଟୁର୍ନାମେଣ୍ଟରେ ଓଡ଼ିଶାର ସାନ୍‌ଭି ମହାନ୍ତି ଚାମ୍ପିୟନ ହୋଇଛନ୍ତି। ଫାଇନାଲରେ ସାନ୍‌ଭି ନିଜ ରାଜ୍ୟର ମରିଶା ରାଉତଙ୍କୁ ୬-୪, ୬-୩ ସେଟ୍‌ରେ ପରାସ୍ତ କରିଛନ୍ତି। ସର୍ବଭାରତୀୟ ସ୍ତରରେ ସାନ୍‌ଭିଙ୍କର ଏହା ପ୍ରଥମ ଟାଇଟଲ। କଳିଙ୍ଗ ଷ୍ଟାଡିୟମସ୍ଥିତ ଓଡ଼ିଶା ଟେନିସ ଏକାଡେମୀରେ ସେ ପ୍ରତିଷ୍ଠିତ କୋଚ୍ ସନ୍ତୋଷ କୁମାର ମଲିକଙ୍କଠାରୁ ଟ୍ରେନିଂ ନେଉଛନ୍ତି। ସାନ୍‌ଭି ସମ୍ପ୍ରତି ସାଇ ଇଣ୍ଟରନ୍ୟାଶନାଲ ସ୍କୁଲରେ ଷ୍ଟାଣ୍ଡାର୍ଡ-୭ରେ ଅଧ୍ୟୟନ କରୁଛନ୍ତି। ନିଜର ଏହି ସଫଳତାର ଶ୍ରେୟ ସେ ମା' ସ୍ମୃତି ଓ ବାପା ସଂଗ୍ରାମ ମହାନ୍ତିଙ୍କୁ ଦେଇଛନ୍ତି। ପ୍ରତିଯୋଗିତାର ବାଳକ ବିଭାଗ ଫାଇନାଲ ଶନିବାର ଅନୁଷ୍ଠିତ ହେବ।




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ